ଜାନୁଆରୀ ୨୦୨୪



**ISSN NO – 2582-208X**

[ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ଇ-ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ )

# ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର



ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids: vedantimagazine@gmail.com**

**editor.vedantimagazine@gmail.com**

ISSN NO.
2582-208X

# ସମ୍ପାଦକୀୟ



ଅରବିନ୍ଦ ମିଶ୍ର

ପ୍ରିୟ ପାଠକବନ୍ଧୁ,

ଇଂରାଜୀ ନବ ବର୍ଷର ଶୁଭକାମନା ସହିତ ଆଉ ଏକ ନୂଆ ଦିନକୁ ସ୍ୱାଗତ । ନୂଆ ଆଶା, ନୂଆ ସପନ, ନୂଆ ଲକ୍ଷ୍ୟ ସହିତ ନୂଆ ବର୍ଷର ପ୍ରଥମ ଦିନକୁ ଖୁସି ଆଉ ଉତ୍ସାହର ସହିତ ନୂଆ ଉର୍ଜାରେ ଭରପୁର ନୂତନ ବର୍ଷ ଆମକୁ ଆଗକୁ ବଢିବାକୁ ପ୍ରେରଣା ଦିଏ । ପୁରୁଣା ବର୍ଷରେ ଆମେ ଯାହା ଶିଖିଲୁ, ସଫଳ କିମ୍ବା ଅସଫଳରୁ ଅନୁଭୂତି ନେଇ ବିତିଯାଇଥିବା ସମୟକୁ ନେଇ ଦୁଃଖ ପ୍ରକାଶ ନକରି ଆଶୁଥିବା ସମୟକୁ ସ୍ୱାଗତ କରି ଜୀବନକୁ ସଫଳ ବନେଇବା ଉଚିତ । ଅଧିକାଂଶ ଲୋକଙ୍କ ପାଇଁ ୧ ଜାନୁୟାରୀ ନୂଆ ବର୍ଷ ଆଣିଥାଏ । କିନ୍ତୁ ଏହି ଦିନ ରେ କିଛି ବି ନୂଆ ନଥାଏ । ପ୍ରକୃତି, ପାଣିପାଗ ନା ଆଖପାଖର କିଛି ନୂଆ କଥା । ଯଦି ପ୍ରକୃତରେ ନୂଆ ବର୍ଷକୁ ସାର୍ଥକ କରାଯାଏ, ତେବେ ନିଶ୍ଚିତ ରୂପରେ ନୂଆ ଆରମ୍ଭ ସ୍ୱାଗତଯୋଗ୍ୟ ଅଟେ । ପୁରୁଣା ବର୍ଷ ତୁଳନାରେ କିଛି ନୂଆ ଯୋଡି ଜୀବନକୁ ପୁରୁଣା ବର୍ଷ ଅପେକ୍ଷା ସାର୍ଥକ ବନେଇବା ଉଚିତ । ଅନ୍ୟଥା, ଆଜି ଯାହା ନୂଆ ନୂଆ ଲାଗୁଛି, କାଲି ତାହା ପୁରୁଣା ବର୍ଷ ଭଳି ପୁରୁଣା ପଡି ରହିବ । ଆମ ଜୀବନରେ ଆମେ ଏମିତି ହିଁ ଆଗକୁ ବଢୁ ।

ISSN NO.
2582-208X

ମନୁଷ୍ୟ ମାତ୍ରେ ହିଁ ଅବଗୁଣରେ ଭରିଥାଏ । ଏହା କହିବା ଭୁଲ ହେବ ଯେ ଆମ ଭିତରେ କୌଣସି ଅବଗୁଣ ନାହିଁ । ସଂସାରରେ ଯେତେପ୍ରକାର ଉତ୍ସବ ଏବଂ ପର୍ବ ପାଳନ ହୁଏ, ତାର ମୂଳ ଉଦ୍ଦେଶ୍ୟ ହେଉଛି ଆମର ଜଡତାକୁ ଭାଙ୍ଗି ଆମକୁ ଗତିଶୀଳ ବନିବାକୁ ପ୍ରେରଣା ଦିଏ । ଏହି ସମୟ ଆମର ନୀରସତାକୁ ଭାଙ୍ଗି ଆମ ଜୀବନରେ ଏକ ନୂଆ ରଙ୍ଗ ଭରିଦିଏ । କାରଣ, ଆମର ଆନ୍ତରିକ ଉର୍ଜ୍ଜା ପୁରା ଜୋରରେ କାମରେ ଲାଗିଯାଏ । କିନ୍ତୁ ଦୁର୍ଭାଗ୍ୟ ଆଜିର ଦିନରେ ଏହା ଅନ୍ଧବିଶ୍ୱାସର ଶିକାର ହୋଇଆସୁଛି । ଧ୍ୱନି ପ୍ରଦୂଷଣ ସହିତ ଖାଇବା, ପିଇବା, ପିନ୍ଧିବାରେ ସିମିତ ରହି ଯଦି ଏହି ପ୍ରକାର ମଉଜମସ୍ତିରେ ଆମକୁ ନୂଆ ଉର୍ଜା ନମିଳେ, ତେବେ ଆମର ନୂତନ ବର୍ଷ ବ୍ୟର୍ଥ ସହିତ ସମୟ ଆଉ ଅର୍ଥର ହାନୀ ମଧ୍ୟ ଅଟେ । ଏହି ନୂଆ ବର୍ଷରେ ଜଡ ମାନସିକତାକୁ ଛାଡି ନୂଆ ମାନସିକତାକୁ ଆପଣେଇବା ଉଚିତ । ଆମକୁ ଭୁଲିବା ଉଚିତ ନୁହେଁ ଯେ ଜୀବନରେ ଜ୍ଞାନର ଏତେ ମୂଲ୍ୟ ନାହିଁ ଯେତେ କି ବ୍ୟକ୍ତିର ବ୍ୟକ୍ତିତ୍ୱରେ । ଜ୍ଞାନକୁ କେବଳ ଏକ ନିଶ୍ଚିତ ସମୟରେ ବି ଅର୍ଜିତ କରାଯାଇପାରେ । କିନ୍ତୁ ବ୍ୟକ୍ତିତ୍ୱକୁ ନୁହେଁ । ଏହା ଜୀବନର ପ୍ରତ୍ୟେକ ସ୍ତରରେ ବିକଶିତ ହେଲାଭଳି ଗୁଣ ଅଟେ । ଇତିହାସରୁ ଜଣାପଡେ ଯେଉଁ ବ୍ୟକ୍ତି ନିଜ ଜୀବନରେ ସଫଳତା ପାଇଛନ୍ତି, ସେମାନେ ଜ୍ଞାନ ବଳରେ ନୁହେଁ, କିନ୍ତୁ ବ୍ୟକ୍ତିତ୍ୱ ବଳରେ । ଏହି ନୂଆ ବର୍ଷରେ ଚିନ୍ତାଧାରାକୁ ବଦଳାଇ ସାମ୍ବିଧାନିକ ନାଗରିକ ବନିବା ପାଇଁ ଚେଷ୍ଟା କରିବା ଉଚିତ ।

ଜୟ ଉତ୍କଳ, ଜୟ ଓଡିଆ ।

ଅରବିନ୍ଦ ମିଶ୍ର

ISSN NO.
2582-208X

# ଭିତର ପୃଷ୍ଠାରେ....


| | | |
|---|---|---|
| ଡି.ଏଫ.ଓ କ୍ୟାମ୍ପବେଲ ବେ (ଧାରାବାହିକ) | ଅଶୋକ ବିଶ୍ୱାଳ | ୧୩ |
| ନୂଆ ବରଷ (୨୦୨୪) | ଡ. ପ୍ରସନ୍ନ କୁମାର ବଳ | ୨୫ |
| ମୋ' ବୋଉ ଆଜିବି ମୋତେ ଡାକେ | ଶଶଧର ମହାପାତ୍ର | ୨୭ |
| ସୁନାକଳସୀ | ଡକ୍ଟର ବିଜ୍ଞାନୀ ଦାସ | ୩୩ |
| ଥରେ ଆସି ଦେଖନ୍ତନି | ପୁଷ୍ପାଞ୍ଜଳି ପଣ୍ଡା | ୪୪ |
| ଆସ ଆସ ବିହଙ୍ଗମ | ନୀଳମଣି ଚାନ୍ଦ | ୪୬ |
| ଆମ ସଂସ୍କୃତି ମହାନ ଅତି | ଡ଼କ୍ଟର ସୀମାଞ୍ଚଳ ପ୍ରଧାନ | ୪୮ |
| ଶାକମ୍ବରୀ | ବିନୟ ମହାପାତ୍ର | ୫୦ |
| ଶୀତ ସକାଳ | ଡଃ ମାଙ୍ଗଳିକା ମହାପାତ୍ର | ୫୬ |
| ବୋଝ | ଡ. ନୀଳମାଧବ କର | ୫୯ |
| ଆତ୍ମାର ସ୍ୱର | ସବିତା ତ୍ରିପାଠୀ | ୬୧ |
| ତୃଷ୍ଣା ନିବାରକ | ଡ. ଶକୁନ୍ତଳା (ନାୟକ) ଗୁପ୍ତା | ୬୩ |
| କୁମ୍ଭାର ସମ୍ପ୍ରଦାୟର ପର୍ବ : କୁରାଳ ପଞ୍ଚମୀ | ଭାରତୀ ମୁଦୁଲି | ୬୬ |
| ମଧୁରତା ଶୀତ ଋତୁ ର | ଅଳକା ମହାନ୍ତି | ୭୧ |
| କି ଲୋଡ଼ା | ସସ୍ମିତା ନାୟକ | ୭୩ |
| ଜୀବନ ପେଂକାଳୀ | ଇଂ. ସୁଶାନ୍ତ କିଶୋର ବଳ | ୭୪ |
| ଏକାକ୍ଷର ଓଁକାର ର ରହସ୍ୟ | ଡ. ମନୋଜ କୁମାର ମହାପାତ୍ର | ୭୭ |
| ଲୋ ଦୀପାଳି | ଅଜିତ କୁମାର ରାଉତ | ୯୨ |

ISSN NO.
2582-208X


| | | |
|---|---|---|
| ହେ ଇଶ୍ୱର, ତୁମେ ଦୟାଳୁ! | ଶାନ୍ତିଲତା ମିଶ୍ର | ୯୪ |
| ମୁଁ ସେହି ନାରୀ ଟିଏ | ସୁଶ୍ରୀ ଶୁଭସ୍ମିତା ମହାନ୍ତି | ୯୬ |
| ବୋଉର ଅବର୍ତ୍ତମାନରେ | ଜୟଶ୍ରୀ ପଟ୍ଟନାୟକ | ୯୭ |
| ଆସିଛି ନୂଆ ବରଷ | ଡକ୍ଟର ମନୋରଞ୍ଜନ ବିଷୋୟୀ | ୯୯ |
| ଲଳିତ ନିବନ୍ଧ-ଭୟ | ବଦ୍ରୀ ମହାନ୍ତି | ୧୦୦ |
| ଦିବ୍ୟ ଅଳଙ୍କାର ଅଟଇ ହସ କରିପାରେ ସିଏ ସଭିଙ୍କୁ ବଶ | ସିନ୍ଧୁ ନନ୍ଦିନୀ | ୧୦୪ |
| ଛାତି | ସୁଧୀର ମେହେର | ୧୦୬ |
| ସତେ କି ମୁଁ ଅଭିଶପ୍ତ ଲଳନା(ସ୍ତ୍ରୀ) | ନିରୂପମା ପଟେଲ | ୧୦୭ |
| ଶୀତ ଓ ଧିରୁଆ ଜାନି | କୁଞ୍ଜ ବିହାରୀ ସାହୁ | ୧୦୯ |
| ବଦଳିଛି ମୋ ଗାଁ ପାଗ | ମାନସ ରଞ୍ଜନ ନାୟକ | ୧୧୬ |
| ସାଗର | ଡ଼ଃ ପ୍ରଦୀପ କୁମାର ପଣ୍ଡା | ୧୧୮ |
| କାର୍ତ୍ତିକ ପୁର୍ଣିମା | ଡ. ସଦା ବିହାରୀ ସାହୁ | ୧୧୯ |
| ବୁଢୀ ମାଆ | ପ୍ରଜ୍ଞା ପାରମିତା ଦାଶ (ମିଶ୍ର) | ୧୨୦ |
| କଥାଶିଳ୍ପୀ ବିଷ୍ଣୁ ସାହୁଙ୍କ ଗଳ୍ପର କଥାସ୍ୱର | ଡ଼କ୍ଟର ସ୍ୱାଧୀନ ଚନ୍ଦ୍ର ପଧାନ | ୧୨୧ |
| ଶ୍ରୀକୃଷ୍ଣଙ୍କ ବଂଶୀ | ବାସନ୍ତୀ ଲତା ଜେନା | ୧୩୯ |
| କଳାଚାନ୍ଦ | ସତ୍ୟନାରାୟଣ ପ୍ରସାଦ ନାୟକ | ୧୪୧ |
| ଆସ ଗଢ଼ିବା ଆମ ରାଇଜ | ଛବି ରାଣୀ ପତି | ୧୪୨ |
| ପ୍ରାରମ୍ଭ ଯାହା ଭୁଲି ହୋଇନାହିଁ | ଅଳକା ରାୟ | ୧୪୪ |
| ଉଠ୍ ପୁଟୁର୍ (ଧାରାବାହିକ) | ଆରତୀ ସାହୁ (ଆଶା) | ୧୪୬ |
| ଅପେକ୍ଷାରେ | କୁଞ୍ଜବିହାରୀ ରାଉତ | ୧୫୩ |

ISSN NO.
2582-208X


| | | |
|---|---|---|
| କେଜାଣି କେବେ ଏ ଜୀବନ ଯିବ | ଶିଶିର କୁମାର ପଣ୍ଡା | ୧୫୫ |
| ଶ୍ରୀକ୍ଷେତ୍ର ପରିକ୍ରମା | ଡ. ଅଭିମନ୍ୟୁ କାନୁନଗୋ | ୧୫୬ |
| କୃଷ୍ଣ | ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର | ୧୫୯ |
| ଏ କଳିକାଳ ଯୁଗ | ଝିଲିମିଲି ସାହୁ | ୧୬୨ |
| ସ୍ୱପ୍ନ ଆସେ | ନଳିନୀ ଦାଶ | ୧୬୩ |
| ସମ୍ପର୍କ | ଅଧର ବିଶ୍ୱାଳ | ୧୬୫ |
| ଜେଜେ | ଆଶୁତୋଷ ଦେବୀପ୍ରସାଦ ରାଉତ | ୧୭୦ |
| ଦାରୁଣ ବାସ୍ତବତା | ଦେବସ୍ମିତା ମହାନ୍ତି | ୧୭୩ |
| କାଗଜ ଡଙ୍ଗା ଓ ରବୀନ୍ଦ୍ର ନାଥ ଟାଗୋର | ଅଭିମନ୍ୟୁ ବେହେରା | ୧୭୫ |
| ସାଗର ତୀରେ | ଡଃ ପ୍ରିୟମ୍ବଦା ସାମଲ | ୧୭୭ |
| ନୀରବ ଓଠର ଭାଷା | ସ୍ୱର୍ଣ୍ଣମୟୀ ଷଡ଼ଙ୍ଗୀ | ୧୭୯ |
| ସାନ୍ତାଳ ଜନଜାତି ଙ୍କର ଗଣପର୍ବ : ସହରାଏ | ଅପରାଜିତା ମହାରଣା | ୧୮୩ |
| ନିସ୍ତବ୍ଧ ବାଟୋଇ | ଆଶୁତୋଷ ମେହେର | ୧୮୮ |
| ସମୟ !! | ରଜନୀ ନାୟକ | ୧୮୯ |
| କୁହୁଡ଼ିର ଘର | ମନ୍ଦାକିନୀ ପାଢ଼ୀ | ୧୯୧ |
| ନିରବତା ସ୍ୱରର ନାମ ଯନ୍ତ୍ରଣା | ବିରଞ୍ଚି ନାରାୟଣ ମିଶ୍ର | ୧୯୩ |
| ନୂଆ ବରଷ ରେ ନୂଆ ଭାବନା | ପୂର୍ଣ୍ଣିମା ଗୋଚ୍ଛାୟତ | ୧୯୫ |
| ଦୋଷ କାହାର..? | ଭାସ୍କର ଚନ୍ଦ୍ର ଖଣ୍ଡା | ୧୯୭ |
| ଘର | ଡକ୍ଟର ଉତ୍ପଳା ଦାଶ ଷଡ଼ଙ୍ଗୀ | ୧୯୯ |

ISSN NO.
2582-208X


| | | |
|---|---|---|
| ଖୋଜୁଛି | ଡ. ଜ୍ଞାନେଶ୍ୱର ମିଶ୍ର | ୨୦୧ |
| ସମ୍ଭବ | କୀର୍ତ୍ତି ଦେବୀ | ୨୦୩ |
| ପ୍ରବାସୀ ପୁରୁଷ | ନନ୍ଦିତା ବଢାଇ | ୨୦୫ |
| ପ୍ରାଚୀନ ଓଡ଼ିଆ ଗୀତି କବିତାରେ ଚଉତିଶାର ପ୍ରୟୋଗବିଧି | ସ୍ୱାତୀ ସୁଚରିତା ପ୍ରିୟଦର୍ଶିନୀ | ୨୦୭ |
| ଦାୟିତ୍ୱର ବୋଝେ, ନୁହଁଇ ସହଜ | ଜୟ କୁମାର ମିଶ୍ର | ୨୧୫ |
| ଆତ୍ମସମୀକ୍ଷା ??!! | ମଧୁମିତା ମିଶ୍ର | ୨୧୭ |
| ସଭିଏଁ ତାର ପରାଣ ମିତ | ରଘୁନାଥ ତ୍ରିପାଠୀ | ୨୧୯ |
| ସଂପର୍କ | ଝରଣା ବାରିକ | ୨୨୧ |
| ତୋ ସପନ | ମନୋରମା ମହାନ୍ତି | ୨୨୪ |
| ପିତୃବାତ୍ସଲ୍ୟର ପଦାବଳୀ | ଶେଷଦେବ ପଣ୍ଡା | ୨୨୬ |
| ମୋ ମା | ପ୍ରଜ୍ଞା ପ୍ରିୟଦର୍ଶିନୀ ପରିଡ଼ା | ୨୨୮ |
| ପ୍ରତିଶ୍ରୁତି | ଅକ୍ଷୟ ମହାନ୍ତି (ନିର୍ମାଲ୍ୟ) | ୨୩୦ |
| ଭିକ୍ଷାଂ ଦେହି | ବିଶ୍ୱନାଥ କର | ୨୩୨ |
| "ମୋନା ଲିସା" ପେଣ୍ଟିଂ ବିଶ୍ୱରେ କାହିଁକି ସ୍ୱତନ୍ତ୍ର ! | ଅସିତ ମହାନ୍ତି | ୨୩୪ |
| ଭଗବାନ ତୁମେ କେଉଁଠି?? | ବର୍ଷାରାଣୀ ମହାମଲ୍ଲିକ | ୨୩୮ |
| ସମୟ ବଡ଼ ବଳବାନ | ସ୍ୱାଗତିକା ସାହୁ | ୨୪୦ |
| ମୁଁ ଭିଜୁଛି ଅଶ୍ରୁ ନିରେ | ସୁରାତ୍ରୀ ପ୍ରଧାନ | ୨୪୨ |
| ନାଟକ–ଭଲ ମଣିଷ ଖୋଜିବା ଆସ | ସୁଧାଂଶୁ ଶେଖର ଦ୍ୱିବେଦୀ | ୨୪୩ |
| ଚିଲିକାର ତୀରେ ଥରେ | ରାଜକିଶୋର ସ୍ୱାଇଁ | ୨୪୭ |
| ମୋ ଅନ୍ତର୍ଭାବନା | ବାଙ୍କାବିହାରୀ ମହାକୁର | ୨୪୯ |

ISSN NO.
2582-208X


| | | |
|---|---|---|
| ମାଟିର ଗନ୍ଧ | ପ୍ରତିଭା ଦାସ | ୨୫୦ |
| ଗୋଟିଏ ସନ୍ଧ୍ୟା: ଜରଓ୍ବାଙ୍କ ଗହଣରେ(ଧାରାବାହିକ) | ପ୍ରିୟବ୍ରତ ପାତ୍ର | ୨୫୨ |
| ଜୀବନର ଛବି | କୀର୍ତ୍ତନ ସାହୁ | ୨୫୬ |
| ମାଟି ବୈକୁଣ୍ଠ | ବେଣୁଧର ସୂତାର | ୨୫୮ |
| ଆମ ପରିବାର | ଦଣ୍ଡାସି ପ୍ରଧାନ | ୨୬୦ |
| ନବ ବର୍ଷର ଅଭିନନ୍ଦନ | ସ୍ମୃତି ରେଖା ନାୟକ | ୨୬୧ |
| ମହିଳା ଅଧିକାର କ୍ଷେତ୍ରରେ ବେଗମ ରକୟାଙ୍କ ଯୋଗଦାନ | ଅସିତ ମହାନ୍ତି | ୨୬୨ |
| ଆସ ହେ ନୂଆ ବରଷ | ନରେନ୍ଦ୍ର ପ୍ରସାଦ ବେହେରା | ୨୬୫ |
| ପ୍ରଜାପତି | ଅଲେଖ ମେହେର | ୨୬୬ |
| ବୁଝ ସାହିତ୍ୟ ର ମୂଲ | ବିକାଶ କୁମାର ହୋତା | ୨୬୮ |
| ଅନ୍ଧ ବିଶ୍ୱାସ ର ଭେଲ୍ୟୁ | କାର୍ତ୍ତୀକେଶ୍ୱର ନାୟକ | ୨୭୦ |
| ସମସ୍ୟା | ମୋନାଲିସା ପାଣିଗ୍ରାହୀ | ୨୭୨ |
| ଅଭିମାନ | ରଶ୍ମିତା ନାୟକ | ୨୭୫ |
| ଶରତ ଋତୁ | ସସ୍ମିତା ପାତ୍ର | ୨୭୬ |
| ଛନ୍ଦ କବିତା- ବିରହିଣୀ | ସତ୍ୟନାରାୟଣ ମିଶ୍ର | ୨୭୮ |
| ତମ କବିତା-ମୋ କବିତା | ଡ଼ ମାନସ ବେହେରା | ୨୭୯ |
| ପ୍ରକୃତିର ଗର୍ଭରେ ବୌଦ୍ଧ | ଦେବାର୍ଚ୍ଚନ ମେହେର | ୨୮୧ |
| ବିଦାୟ | ସୁହଂସ ଭୋଇ | ୨୮୪ |
| ଅନନ୍ୟା ଅନୁପମା | ନିରଞ୍ଜନ ସାହୁ | ୨୮୬ |
| ପ୍ରବଚନ | ଅମୃତନାରାୟଣ ଶତପଥୀ | ୨୮୮ |

ISSN NO.
2582-208X

ବେଦାନ୍ତୀ


| | | |
|---|---|---|
| ବାପା ମୁଁ ତୁମ ପରୀ | ଅମରନାଥ ବାରିକ | ୨୯୦ |
| ଅପ୍ରିୟ ସତ୍ୟ | ଖଗେଶ୍ୱର ବାଗ | ୨୯୨ |
| ଅବାନ୍ତର | ତ୍ରିପତି ପ୍ରଧାନ | ୨୯୬ |
| ମୋ ଜଗନ୍ନାଥ କେତେ ସୁନ୍ଦର | ବିଜୟ କୁମାର ସାହୁ | ୨୯୭ |
| ପ୍ରବେଶିଲା ଋତୁ ରାଜ | ପ୍ରଶାନ୍ତ କୁମାର ନାଥ | ୨୯୯ |
| ଗାଆଁ ମୋ ବଦଳି ଯାଇଛି | ହରେରାମ ପଣ୍ଡା | ୩୦୧ |
| ମଧୁ ମାଳତୀ | ଡାଃ. ଅନିତା ପଣ୍ଡା | ୩୦୩ |
| କହିଦିଅ ପ୍ରିୟା | ଜୟନ୍ତ କୁମାର ମଲ୍ଲିକ୍ | ୩୦୮ |
| ପଞ୍ଜକ | ତ୍ରିପତି ପ୍ରଧାନ | ୩୦୯ |
| ପ୍ରିୟା | ଅଜୟ କୁମାର ରାଉତ | ୩୧୧ |
| ତୁଳସୀ ମାହାତ୍ମ୍ୟ | ଜୟନ୍ତୀ ଦେବୀ | ୩୧୩ |
| ପ୍ରଥମ ପ୍ରେମ | ପ୍ରିୟଦର୍ଶିନୀ ପତି | ୩୧୫ |
| ଶୀତ | ସନ୍ତୋଷ କୁମାର ବେହେରା | ୩୧୬ |
| ଏ ମଣିଷ | ସସ୍ମିତା ଭୋଇ | ୩୧୮ |
| ସକାଳର ସୂର୍ଯ୍ୟ | ଶୁଭଶ୍ରୀ ଶୁଭସ୍ମିତା | ୩୨୦ |
| କୁଶବିଡ଼ା କଷ୍ଟି | ଅବିନାଶ ସାହୁ | ୩୨୨ |
| ଝିଅଟିଏ | ଅବନିକା ନାଏକ | ୩୨୬ |
| ଆତ୍ମା | ବିନୟାନନ୍ଦ ବସ୍ତ୍ରସ୍ୟ | ୩୨୮ |
| କିଛି ସ୍ମୃତି !! | ଅଭିଳାଷ ବାରିକ୍ | ୩୩୦ |
| ଏଇତ ଜୀବନ | ଜନ୍ମଜୟ ନାୟକ | ୩୩୨ |
| ଚାଣକ୍ୟ ନୀତି | ଅଳକା ବାରିକ୍ | ୩୩୪ |

ISSN NO.
2582-208X


| | | |
|---|---|---|
| ତୁମାଶିଷ | ପ୍ରକାଶ ଚନ୍ଦ୍ର ପଣ୍ଡା | ୩୩୬ |
| ବଉଳ ମାଳିଆ | ଡ. ଅର୍ଜୁନ ଚରଣ ବାରିକ୍ | ୩୩୭ |
| ଲୋକହସା ଆଉ ହେବିନାହିଁ ବୋଲି | ତାରାପ୍ରସାଦ ଜେନା | ୩୩୯ |
| ତୁଳସୀ ପୁଜନ ବିଧି | ଦେବଯାନୀ ବାରିକ୍ | ୩୪୧ |
| ଆମ ଗାଁ | କୁମରଲାଲ ରଣା | ୩୪୨ |
| ନୂଆ ବରଷ-୨୦୨୪ | କାଳିପ୍ରସାଦ ମହାପାତ୍ର | ୩୪୫ |
| ବିଦୁର ନୀତି | ସୁହାସିନୀ ବାରିକ୍ | ୩୪୭ |
| ଅହଂକାର | ରାମ ଚନ୍ଦ୍ର ପ୍ରଧାନ | ୩୪୯ |
| ଗେହ୍ଲେଇ ରାଣି | ଚିତରଂଜନ ବେହେରା | ୩୫୦ |
| ଦୁର୍ଲଭ ମାନବ ଜନ୍ମ | ଅଲେଖ ମେହେର | ୩୫୧ |
| ପ୍ରଥମାଷ୍ଟମୀ | ଲକ୍ଷ୍ମୀପ୍ରିୟା ବିଶ୍ୱାଳ | ୩୫୩ |
| ବସନ୍ତର ଆଗମନେ | ଅନନ୍ତ କୁମାର | ୩୫୭ |
| ତୁମ କଥା | ସିଦ୍ଧେଶ୍ୱର ତ୍ରିପାଠୀ | ୩୫୯ |
| କିଛି ଫୁଲଠାରୁ ଶିଖ | ଦୀନବନ୍ଧୁ ବେଜ | ୩୬୦ |
| ବଳିବାମନ ବେଶ | ଅଧ୍ୟାପିକା ରୋଜାଲିନ୍ ବାରିକ୍ | ୩୬୧ |
| ଶ୍ରୀ ସୂର୍ଯ୍ୟ ସ୍ତୋତ୍ରମ୍ | ଅଧ୍ୟାପକ ଅବିନାଶ ବାରିକ୍ | ୩୬୪ |
| ମସିହା | ଦୁଷ୍ମନ୍ତ ବେହେରା | ୩୬୬ |
| ତୁମେ ଗଲା ପରେ | ଶିବରାମ ସାହୁ | ୩୬୮ |
| ବିପଦେ ସାହା ଜଗନ୍ନାଥ | ଦାସ କମଳ କୁମାର | ୩୭୦ |
| ସବୁ ତୁମରି ଇଛା | ଝରଣା ରାଉତ | ୩୭୩ |
| ଝରଣା | ଯଯାତି କେଶରୀ ମହାକୁଡ଼ | ୩୭୪ |

ISSN NO.
2582-208X


| | | |
|---|---|---|
| ଗେହ୍ଲା ଝିଅ | ଯଜ୍ଞଦତ୍ତ ସାମନ୍ତରାୟ | ୩୭୫ |
| ଅନ୍ଧବିଶ୍ୱାସ | କୁମର ମହାକୁଡ଼ | ୩୭୬ |
| ଗଉରା ଗାଇଲା ଗୀତ | ପ୍ରଶାନ୍ତ କୁମାର ଦାଶ | ୩୭୮ |
| ସ୍ୱପ୍ନ | ଦୀପକ ନାୟକ | ୩୮୦ |
| ପ୍ରେମ | ସୂର୍ଯ୍ୟ ନାରାୟଣ ସାହୁ | ୩୮୧ |
| ପ୍ରେମ | ରାଧାରାଣୀ ରାଉଳ | ୩୮୪ |
| ମୋ ବାପା ମୋ ହୀରୋ | ହିମାଂଶୁ ଶେଖର କୁମ୍ଭାର | ୩୮୫ |
| ମନେ ରହିବ ଏ ପ୍ରେମ କାହାଣୀ | ଦିନେଶ ରଂଜନ ନାୟକ | ୩୮୬ |
| ମୋ ମାଆ | ଧୀମାନ ଜୟଦେବ ମାଝୀ | ୩୯୬ |
| ପୁରୁଷତ ଈଶ୍ୱର ନୁହଁଇ | ରମାକାନ୍ତ ସେଠ୍ | ୩୯୮ |
| ରମ୍ଭା ଏକାଦଶୀ | ସମ୍ପଦା ଦେବୀ | ୪୦୦ |
| ନେତ୍ର ସ୍ୱୟମ୍ବର | ରିତେଶ ସାହୁ | ୪୦୩ |
| ମହାଳୟା ଅମାବାସ୍ୟା | ମାଳତୀ ଦେବୀ | ୪୦୫ |
| ଜଳ | ରୋହନ ନାଏକ | ୪୦୭ |
| ଜୀବନ ବଦଳେ ଟିକି ସାହାଯ୍ୟରେ | ସୀତାକାନ୍ତ ତୁମୁନିଆଁ | ୪୦୯ |
| ଭାଗବତ କଥା | ନରେନ୍ଦ୍ର ପ୍ରସାଦ ବେହେରା | ୪୧୩ |


## ସ୍ୱାସ୍ଥ୍ୟ ବିଭାଗ


| | | |
|---|---|---|
| ଅଧିକ ନୁହଁ କମ ଲୁଣ ଖାଉଥିଲେ ବି ସାବଧାନ ! | ଡ. ଅଭିମନ୍ୟୁ କାନୁନଗୋ | ୪୧୫ |


## ଆମ ହାଣ୍ଡିଶାଳ


| | | |
|---|---|---|
| ପାଳଙ୍ଗ ପକୋଡି | ସମ୍ପଦା ଦେବୀ | ୪୧୯ |

ISSN NO.
2582-208X

## ଆଞ୍ଚଳିକ


| | | |
|---|---|---|
| ତୋ ଭାଷା ତୋ ହକ୍ ରେ | ଗଜାନନ ମିଶ୍ର | ୪୨୧ |
| ମୁଇଁ କହୁଛେ ଶଗଡ଼ ଚକା | ବିଜୟ କୁମାର ମଲ୍ଲିକ | ୪୨୨ |
| ମାଁ'କର୍ ଆଁଖି ପାଏନ୍ | ସୁନୀଲ କୁମାର ଅଗସ୍ତି | ୪୨୪ |


## ଶିଶୁ ବିଭାଗ


| | | |
|---|---|---|
| ଶର୍କରାର ବୃକ୍ଷ | ଡ଼ଃ ରଞ୍ଜିତ କୁମାର ସାହୁ | ୪୩୦ |
| ନୂଆ ଇଂରାଜୀ ବରଷ | ଦୀନବନ୍ଧୁ ପୋଇ | ୪୩୪ |
| ଟିକି ଝରଣା | ଅମରନାଥ ବାରିକ | ୪୩୬ |
| ଜହ୍ନ ଆମର ମାମୁଁ | କାର୍ତ୍ତୀକେଶ୍ୱର ନାୟକ | ୪୩୮ |
| ଏଣ୍ଡୁରି | ପ୍ରଭାତ ନଳିନୀ ସାହୁ | ୪୪୦ |
| ମୋ ବିଦ୍ୟାଳୟ | ବିକାଶ କୁମାର ହୋତା | ୪୪୨ |
| ଚିତ୍ର | ଆଦବିକା ପଟ୍ଟନାୟକ | ୪୪୪ |
| ବିଦେଶ ଖବର | ବେଦାନ୍ତୀ ପରିବାର | ୪୪୫ |
| ସମୀକ୍ଷା /ମତାମତ | ଦେବଯାନୀ ସ୍ୱାଇଁ | ୪୪୮ |
| ଜାନୁୟାରୀ ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୪୫୨ |
| ଚିତ୍ର କଥା କହେ | ବେଦାନ୍ତୀ ପରିବାର | ୪୫୩ |

ISSN NO.
2582-208X

# ଡି.ଏଫ୍.ଓ
# କ୍ୟାମ୍ପବେଲ ବେ



ଅଶୋକ ବିଶ୍ୱାଳ

## ୧୯-ପାଣ୍ଡାନାସ ବନର ପର୍ଣ୍ଣ କୁଟୀର

ପାଣି ଭିତରେ କିଛି ଦୂରରେ ବୀଣା ଆକାରର ଏକ ବିରାଟ ପଥର ଖଣ୍ଡ ଥିଲା । ବୀଣାର ଦୁଇ ମୁଣ୍ଡ ଟିକିଏ ଉଚ୍ଚ ହୋଇଥାଏ ଆଉ ମଝିରେ ଫାଙ୍କ ଥାଏ । ସେଇମିତି ଏ ପଥରର ଦୁଇମୁଣ୍ଡ ତଳ ଚଟାଣରେ ଲାଗିଥିଲା, ଦୁଇମୁଣ୍ଡ ପ୍ରାୟ ଗୋଲାକାର । ପ୍ରକୃତି ସତରେ ଏକ ବିଶାଳ ପଥରର ବୀଣା ତିଆରି କରି ନିଜେ ଅତି ମଧୁର ତାଳରେ ବଜାଉଛି । ଶୋଭନା ପ୍ରକୃତିର ବିଶାଳତାରେ, ବିସ୍ମୟକାରୀ ସୃଷ୍ଟିରେ ନିଜକୁ ହଜାଇ ଦେଉଥିଲେ, ନିଜକୁ ଏକ ଅବର୍ଣ୍ଣନୀୟ ବିଶାଳତା ଭିତରେ ଦ୍ରବୀଭୂତ ହୋଇଯାଉଥିବାର ମନେକରୁଥିଲେ । ଅନେକ ପଛରେ ଡାହାଣ ଆଡକୁ ଆଉ ଏକ ପଥର କ୍ରମଶଃ ବଡ ହୋଇ ପାହାଡ ହୋଇଯାଇଥିଲା। ପଥରର ବୀଣା ଆକାରକୁ ତାଙ୍କ ଆଖି ଫେରିଆସିଲା ଆଉ ସେ ନିଜ ଭିତରେ ସଙ୍ଗୀତର ନୂଆ ରାଗ ଖୋଜିବାରେ ଲାଗିଗଲେ । ମେଘ ମହ୍ଲାର ତ ବର୍ଷାର ତାନରୁ ଆରମ୍ଭ ହୋଇଛି । ସମୁଦ୍ରରୁ ଭାଙ୍ଗି ପଡୁଥିବା ଲହଡିରୁ କେଉଁ ରାଗ ତିଆରି ହୋଇଛି ? କିଛି ମନେ ପଡିଲାନି । ସେ ଭାବିଲେ ମନେ ନ ପଡୁଛି ନିପଡୁ । ସେ ଅସୀମଙ୍କ ସହ ମିଶି ଏକ ନୂଆ ରାଗ ତିଆରି କରିବେ । ସେ ରାଗ ପୃଥିବୀ ପାଇଁ ଏକ ନୂଆ ଆବିଷ୍କାର ହେବ, ନୂଆ ଉପହାର ହେବ । ସେ ମେଘମହ୍ଲାର ଆଉ ଦୀପକ ରାଗକୁ ନେଇ କିଛି ରାଗ ତିଆରି କରିପାରିବେ କି ? ଦୀପକ ରାଗରେ କାଳେ ଦୀପ ଜଳଉଠୁଥିଲା । ଏଠି ମନରେ ନୂଆ ଉତ୍ସାହ ଜାଗି ଉଠୁଛି ଆଉ ଆକାଶରୁ ସେମାନଙ୍କ ଉପରେ ଝରି ପଡୁଛି ଲହଡିରୁ ଉତ୍ପନ୍ନ ଜଳର ଛିଟିକାମାନ । ରାଗ ଭୈରବୀ । ସମୁଦ୍ରର ଭାଙ୍ଗି ପଡୁଥିବା ଢେଉକୁ ଭୈରବୀ ରାଗ ସହ ମିଶାଇ ଦେଲେ

ISSN NO.
2582-208X

କେମିତି ହୁଅନ୍ତା । ରାଗ ଭୈରବ ତ ସକାଳର ସର୍ବୋତ୍ତମ ରାଗ । ଆଉ ଯାହା ମନ ଭିତରକୁ ସକାଳ ନେଇଆସେ ସେଇତ ମହାସମୁଦ୍ରର ସୀମାହୀନ ନୀଳ ଜଳରାଶି । କିଛି ନୂଆ ରାଗ ସେମାନେ ଆବିଷ୍କାର କରିବେ,ଏକ ଯୁଗଳବନ୍ଦୀ ତିଆରି କରିବେ ଯାହା ଯୁଗଯୁଗକୁ ରହିଯିବ ।

ଏଣେ ଆକାଶ ଧିରେ ଲାଲ ପଡିଆସୁଥିଲା ଆଉ ଉପରେ କିଛି ପକ୍ଷୀ ଉଡୁଥିଲେ । ସେମାନେ ଉଚ୍ଚ ପାହାଡ ଉପରକୁ ଉଡିଯାଇ ତଳକୁ ଓହ୍ଲାଇ ଆସୁଥିଲେ ତା'ପରେ ତଳ ପଥର ଖଣ୍ଡମାନଙ୍କ ଉପରେ ଏକ ଗୁଡିର ଗୁଡିର କତରିଙ୍ଗ କଲାପରି ଶୀଘ୍ର ଗତି ଆଉ ଦିଗ ପରିବର୍ତ୍ତନ କରି ଉଡୁଥିଲେ । ତଳେ ଜୋରରେ ଢେଉମାନ କଚାଡି ହୋଇପଡୁଥିଲା । ପାଣିର ମୁକୁଟମାନ ପଥର ଚାରିପଟେ ସମୁଦ୍ର ଭିତରେ ତିଆରି ହେଉଥିଲା । ସେ ପକ୍ଷୀମାନେ ତା' ଭିତର ଦେଇ ଉଡିଯାଉଥିଲେ । ଗୋଟାଏ ପରେ ଗୋଟାଏ ହୋଇ କ୍ରମାଗତ ଭାବେ ଲହଡି ମାଡିଆସୁଥିଲା, ଏବେ ଅବଶ୍ୟ କିଛି ଦୂରରେ । ଆକାଶରେ ବଉଦମାନ ଅନେକ ରୂପ ଧରି ସମୁଦ୍ର ପାଣି ଭିତରୁ ମୁଣ୍ଡ ଟେକଥିଲେ ଆଉ ଧିରେ ସୂର୍ଯ୍ୟ ତଳକୁ ଓହ୍ଲାଇ ଆସିବାର ଅପେକ୍ଷା କରିଥିଲେ । ସେମାନେ ସୂର୍ଯ୍ୟ ସହ ପାଣି ଭିତରେ ରାତିରେ ବିଶ୍ରାମ କରିବେ । ପାଣି ଭିତରେ କିଛି କିଛି ଜାଗାରେ ଛୋଟ ବଡ ଅନେକ ପଥର ଖଣ୍ଡ ଥିଲା । ତା'କୁ ପାଣି ଘେରିଯାଇ, ନିଜ ନରମ ଆଲିଙ୍ଗନ ଭିତରକୁ ନେଇ ପୁଣି ଛାଡି ଦେଉଥିଲା ।

ଶୋଭନା ନିଜ ଆଖିକୁ ଟିକେ ତଳୁଆ କରିଦେଲେ । ଏବେ ଧିରେ ସମୁଦ୍ରରେ ବିଶାଳ ଢେଉମାନ ତିଆରି ହେଲାଣି ଆଉ ଲହଡିମାନ ତୁହାକୁ ତୁହା, ନଅଟକ ମାଡି ଆସୁଛି । ଲହଡିର ଉପରେ ଧଳାଫେଣ ମଲ୍ଲୀ ଫୁଲର ହାର ଭଳି ଝୁଲୁଛି । ଏକ ବିରାଟ ପଥର ଖଣ୍ଡ ପାଣି ଭିତରେ ଥିଲା । ସେ ପଥର ଦେହରେ ଧଳା ଲହଡିମାନ ଜୋରରେ ବାଡେଇ ହୋଇ ପଡୁଥିଲା । ଉପରେ ଏକ ଧଳା ବଗ ନିଜର ଲମ୍ବା ବେକ ଟେକ ସ୍ଥିର ହୋଇ ପାଣିକୁ ଅନାଇଥିଲା । ତା' ପଛପଟେ ଆକାଶ ଲାଲ ହୋଇଆସିଥିଲା । କିଛି ସୁନେଲି ବଉଦ ମୁଣ୍ଡ ଟେକଥିଲେ । ବଗ ଏକ କଳା ମୂର୍ତ୍ତୀ ପରି ଲାଗୁଥିଲା ଏକ ସୁନେଲି ଲାଲ ପ୍ରଚ୍ଛଦପଟରେ । ସେ ପକ୍ଷୀଟି ଉପରେ ଆଉ କେତେ ପକ୍ଷୀ ଉଡିଯାଉଥିଲେ । ସେ କିନ୍ତୁ ନଉଡି ସେମିତି ନିଜ ଲମ୍ବା ବେକ ଟେକ ତଳେ ଭାଙ୍ଗି ପଡୁଥିବା ପାଣିକୁ ଅନାଇଥିଲା । ତା' ବସିବା ଜାଗାରୁ ପାଣି ଦୂର । ସେଇଠୁ ସେ ଶିକାର କରିପାରିନଥାନ୍ତା । କିନ୍ତୁ ପକ୍ଷୀଟି ମଧ ଅତି ଆନନ୍ଦରେ

ISSN NO.
2582-208X

ପ୍ରକୃତିର ଶୋଭାକୁ ଉପଭୋଗ କରୁଥିଲା । ଶୋଭନା ପକ୍ଷୀଟିକୁ ଦେଖି ଭାବୁଥିଲେ ଆମେ ସମସ୍ତେ ପ୍ରକୃତିର ଏକ ଏକ ଅଂଶ । ଆଉ ଆମେ କାହା ମାନସପଟରେ ଏକ ଏକ ନକ୍ଷତ୍ରଙ୍କ ଚନ୍ଦ୍ର ହୋଇ ଚିରଦିନ ଶୋଭା ପାଉଛେ । ସେ ଚନ୍ଦ୍ର କେବେବି ନଡ଼ନ୍ତୁ ।

କିଛି ସମୟପରେ ଅସୀମ ତଳକୁ ଓହ୍ଲାଇ ଆସିଲେ ଆଉ ସେ ଏବଂ ଶୋଭନା ସାଙ୍ଗ ହୋଇ ଚାଲିବାକୁ ଲାଗିଲେ ।

ହାତ ଧରି ତୁମ ଧିରେ ମୁଁ ଚାଲୁଛି
ବଣୁଆ ରାସ୍ତାରେ ନଜକୁ ଭୁଲି ତ ଯାଇଛି
ଛାଇ ପଡିଛି ମୋର ମନ୍ଦାଏ ପାଣିର ଉପରେ
ଚହଲି ଯାଉଛି, ଆକାଶକୁ ତୋଳଆଣୁଅଛି
ଆହା, କ ସୁନ୍ଦର ଫୁଲ ଫୁଟିଛି ସମୁଦ୍ର ବେଳାରେ
ଆଖି ମୋର ଧରି ଲାଖିଯାଉଅଛି ।

ଶୋଭନା ସେମାନଙ୍କ ବସୁଥିବା କୁଟୀରକୁ ଅନାଇଲେ । ସୂର୍ଯ୍ୟର ଶେଷ କିରଣର ଲାଲିମା କୁଟୀରର ପତ୍ର ଉପରେ ଥିଲା । ସାମାନ୍ୟ ନିଆଁର ଧାସ ଯେମିତି କୁଟୀର ଉପରେ । ଏକ ଲାଲ କମଳା ରଙ୍ଗର ଅସ୍ପଷ୍ଟ ମୁକୁଟ । ନିଆଁ ଲଗିଲେ ସେ କୁଟୀର କ'ଣ ପୋଡିଯିବ? ଶୋଭନା ଚମକ ପଡିଲେ ।

"ମୋଟେ ଜଳବନ । ସମୁଦ୍ରକୂଳରେ ଠିଆ ହୋଇଛି ଆମର ଏ ପତ୍ରର କୁଟୀର । ନିଆଁ କେମିତି ସେ ଯାଏଁ ପହଞ୍ଚିପାରିବ? ତଳେ ଯେ ପଥର । ଭୂମିରୁ ନିଆଁ ସେ ଯାଏଁ କେବେ ନପହଞ୍ଚିବ, ଲହଡିର ଛିଟିକାମାନ ଫୋପାଡି ପଡିବ, ନିଆଁ ଝୁଲଟିଏ ପତ୍ର କୁଟୀରକୁ ଛୁଇଁ ନ ପାରିବ । ନିଆଁର ଝୁଲକୁ, ପାଣିର ଛିଟିକାମାନ ଆକାଶରୁ ଯେ ଧରିବେ, ପତଙ୍ଗକୁ ପବନରେ ହାଓ୍ୱାବିଲ ଧରିଲା ପରାୟେ ।"-ଶୋଭନା ମନକୁ ମନ ଏକ କବିତା ଆବୃତ୍ତି କରୁଥିଲେ ।

"ହାତ ମୋ ଧରିଛ, ସାଥେ ଯେ ଚାଲୁଛ ପାଦକୁ ମିଳାଇ । କେମିତି ଜଳବ କୁହ ଏ ଦୃଶ୍ୟ ବନର ଅଗ୍ନିରେ? ପାଦଚିହ୍ନ ତୁମ ଛାପି ଯେ ହୋଇଛି ଏଇ ତ ମାଟିରେ । କେମିତି ହଜିବ କୁହ ଝଡ଼ ପାଉଁଶରେ? ନିଆଁ ଆସିପାରିବନ ଆମ ପର୍ଣ୍ଣ କୁଟୀର ପର୍ଯ୍ୟନ୍ତ, ଯେତେବେଳେ

ISSN NO.
2582-208X

ଏଡେ ମହାସାଗର ଅଛି ଆମର ପଛରେ ।”- ଅସୀମ ନିଜକୁ ନିଜେ ଗୀତର ସ୍ୱର ଦେଉଥିଲେ ।

## ପାଣ୍ଡାନାସ ବଣରେ ନିଆଁ

କିନ୍ତୁ ପ୍ରକୃତ ବନାଗ୍ନିର ଖବର ଦିନେ ପହଞ୍ଚିଲା । ସେଦିନ କ୍ୟାମ୍ପକୁ ଅସୀମ ଆସିଛନ୍ତି, ନିଆଁ ଲାଗିବା ଖବର ଅତି ଜୋରରେ ଧଇଁସଇଁ ହୋଇ ଦୌଡି ଦୌଡି ପହଞ୍ଚିଗଲା । ଜଙ୍ଗଲରେ ନିଆଁ ଲାଗିବା ଏକ ବହୁତ ବଡ ଖବର । ଥରେ ନିଆଁ ବ୍ୟାପିଗଲେ ଆଉ ଆଗକୁ ସମ୍ଭାଳି ହେବନାହିଁ । ଏକେତ ଜଙ୍ଗଲରେ ପହଞ୍ଚିବାକୁ ସହଜରେ ରାସ୍ତା ମିଳିବନି, ତିଖ ପାହାଡ, ଅଭେଦ୍ୟ ଅରଣ୍ୟ, ଦ୍ୱିତୀୟରେ ଗ୍ରେଟ ନିକୋବର ଭଳି ଦ୍ୱୀପରେ ଆଉ ସାଧନ କାହିଁ? ଜଙ୍ଗଲ ନିଆଁ ଲିଭାଇବା ପାଇଁ ତୁରନ୍ତ ଆକ୍ସନର ଆବଶ୍ୟକତା ଅଛି । ସେଇଠି ଦରକାର ଅଛି ଉପସ୍ଥିତ ବୁଦ୍ଧି ଆଉ ଯାହାକିଛି ନିଜ ପାଖରେ ଅଛି ତା'ର ସଦୁପଯୋଗ । ନିଆଁ ଲାଗିବା ଯାଗାଟା ମଧ୍ୟ ସମୁଦ୍ରକୂଳ ପାଖାପାଖି ଆଉ ୩୫ କମି ସମୁଦ୍ରକୂଳରେ ତିଆରି କୁଟୀରରୁ ଏଇ କେତେ ଶହ ଗଜ ଦୂର ।

ଅସୀମ ମନେ ମନେ ଶୋଭନାଙ୍କ ସହ ବିତାଇଥିବା କଥାମାନ ଭାବିଲେ । ସେ ପର୍ଣ କୁଟୀର ନିଆଁରେ ଏକ ମୁହୂର୍ତ୍ତରେ ଦଗ୍ଧ ହୋଇଯିବ । ତାଙ୍କ ଛାତି ଭିତରଟା ଧାଉଁ କରି ହୋଇଗଲା ।

“ଗ୍ଭଲିଛ ଯେ ମୋ ସାଥେ ପାଦକୁ ମିଳାଇ, କେମିତି ଜଳିବ କୁହ ଆମ ପତ୍ରର କୁଟୀର । ଧୋଉଅଛି ଆମ ପାଦକୁ ଯେବେ ମହାସାଗରର ଜଳ, କେମିତି ହଜିବ କୁହ ଆମ ପାଦଛାପ ?” -ସେ ପୁଣି ପୁରୁଣା ଗୀତମାନଙ୍କୁ ମନେ ପକାଇ ଗାଇହେଲେ । ତାଙ୍କର ଭିତରେ ହାଓ୍ୱାବିଲର ସ୍ଫୂର୍ତ୍ତୀ ଆସିଗଲା । ହାଓ୍ୱାବିଲ ମୋଟେ ଯେ ଥକେନା, ସେମିତି ପବନରେ ଉଡୁଥାଏ ।

ତାପରେ ପାଣ୍ଡାନାସ ବଣ ଭିତରେ ଅନେକ ଅନେକ ପାଦଚିହ୍ନ ଦେଖାଗଲା । ସେମାନେ ପ୍ରାୟ ଦୌଡାଦୌଡି ଗଲେ । ସେପଟେ ମଧ୍ୟ ସମୁଦ୍ରକୂଳଟା ପଥୁରିଆ । କୋରାଲ ଖଣ୍ଡମାନ ଗ୍ଭରିଆଡେ ପଡିଛି । କିଛି ଗଛ ମୂଳରେ ମନ୍ଦାଏ ମନ୍ଦାଏ ବାଲି ଅଛି । କୂଳରେ ଗଛମାନ ଗାଢ ସବୁଜ ଲାଗୁଛି । ସେ ଭିତରେ ପଛଆଡକୁ କିଛି ଯାଗାରେ ଧଳାଧୂଆଁ ଜୋରରେ

ISSN NO.
2582-208X

ବାହାରୁଛି । ଜାଗାଟା ଅନ୍ୟ ସ୍ଥାନ ଅପେକ୍ଷା ଉଜ୍ଜ୍ୱଳ ଲାଗୁଛି । କିଛି ଅଂଶରେ ନିଆଁ ଉପର ଡାଳକୁ ଧରିଲାଣି । ଗୁରିଆଡ ଜଙ୍ଗଲ ଆଉ ପାଣ୍ଡାନାସ ବଣ ହେତୁ ନିଆଁ ଜୋରରେ ମାଡିଯିବ । ଅଗକୁ ନିଆଁ ଧରିଲାଣି ଅର୍ଥ ଆଗକୁ ପୋଡି ବିପଦଜନକ ହେବ । ସମ୍ଭାଳ ହେବକ ନାହିଁ କହିହେବନ । ଏବେ ସାଙ୍ଗେ ସାଙ୍ଗେ କିଛି କରିବା ଦରକାର ।

ନିଆଁ ଦେଖିଲାବେଳକୁ ପ୍ରାୟ ପ୍ରଳୟ ଆକାର ଧାରଣ କଲାଣି । ପାଣ୍ଡାନାସ ଜଙ୍ଗଲ ଭିତରେ ନିଆଁ ଧରି ଜଙ୍ଗଲ ଭିତରକୁ ସୁଡଙ୍ଗମାନ କରିଦେଇଛି । ଏ ଅବସ୍ଥାରେ ଜଙ୍ଗଲ ଭିତରକୁ ଯିବା ସହଜ ନୁହେଁ । ଚଉଡା ଫାଙ୍କରେ ତଳ ନିଆଁ ହୁତୁହୁତୁ ହୋଇ ଜଳୁଥିଲା । ପାଣ୍ଡାନାସ ବଣଟା ସମୁଦ୍ର ଆଡକୁ, ପିଚୁ ରାସ୍ତାର ବାମ ପଟେ ଆଉ ଆଗକୁ ରାସ୍ତା ଚଢିଯାଇଛି ପାହାଡକୁ । ସେପଟୁ ତଳକୁ ଓହ୍ଲାଇ କିଛି କରିବା ପ୍ରାୟ ଅସମ୍ଭବ । ଏପଟୁ ଯାହା କିଛି କରିହେବ । ପାଣ୍ଡାନାସ ଗଛ ବା କେଓଡା ପ୍ରାୟ କଦଳୀ ଗଛ ଭଳି ପୋଲା, ଲମ୍ବା ସରୁଆ କଣ୍ଟାକଣ୍ଟା ପତ୍ର । ହଠାତ୍ କେଓଡା ବଣରେ ପଶିଲେ ଦେହହାତ ଚିରି ହୋଇଯିବା କଥା । ଶୁଖି ତଳେ ପଡିଥିବା ଲମ୍ବା ସରୁପତ୍ରମାନ ହାଉ କରି ଜଳି ଉଠିବ । ତେଣୁ ନିଆଁ ପାଖକୁ ଯାଇ ପାଣି ପକାଇ ନିଆଁକୁ ଲିଭାଇବାର କିଛି ସମ୍ଭାବନା ନାହିଁ । ନିଆଁ ଲିଭାଇବାର ସମ୍ଭାବନା ହେଉଛି ଆଗକୁ ଯେମିତି ନିଆଁ ନବଢିବ ତାହା ସୁନିଶ୍ଚିତ କରିବା । ଆଖ ପାଖ ଅଞ୍ଚଳରୁ ଶୁଖିଲା ପତ୍ରମାନ ଉଠାଇ ଦୂରକୁ ନେଇଯିବା କମ୍ବା କଣ୍ଟ୍ରୋଲଡ ବର୍ଣିଙ୍ଗ ସହ ତଳକୁ ପରିଷ୍କାର ରଖିବା । ତାହାହେଲେ ନିଆଁ ତଳ ପତ୍ରକୁ ଧରି ଆଗକୁ ମାଡି ପାରିବ ନାହିଁ । ଗ୍ରାଉଣ୍ଡ ଫାୟାର କଣ୍ଟ୍ରୋଲ ପରେ ଲକ୍ଷ୍ୟ ହେଉଛି କ୍ରାଉନ ଫାୟାରକୁ ସମ୍ଭାଳିବା । କ୍ରାଉନ ଅର୍ଥ ଅଗ ପତ୍ରର ଛତା । ଆଉ ଡାଳରୁ ଅନ୍ୟ ଭଲଗଛ ବା ପତ୍ର ବା ଡାଳକୁ ନିଆଁ ନମାଡୁ। ଭଲ ଗଛମାନଙ୍କର ଟିକେ ଟିକେ ଶୁଖିଲା ପତ୍ର ଡାଳକୁ ସାଙ୍ଗେ ସାଙ୍ଗେ ଚିଂଛି ସଫା କରିଦେବା ଦରକାର ଆଉ ଗଛ ଗଛ ମଧ୍ୟରେ ଏକ ଦୂରତା ରଖିବା ଦରକାର ।

ଅସୀମ ସାଙ୍ଗେ ସାଙ୍ଗେ ଅନ୍ୟମାନଙ୍କୁ ନେଇ ଦୌଡିବାକୁ ଲାଗିଲେ । ଯେମିତି ହେଲେ ଏ ଜଙ୍ଗଲ ରକ୍ଷା କରିବାକୁ ପଡିବ । ହାତରେ ଭାବିବାକୁ ସମୟ ନାହିଁ । ଏ ସମୟରେ କିଛି ତାଙ୍କ ମୁଣ୍ଡ ଭିତରକୁ ପଶୁନଥିଲା । ଏକ ଭୟଙ୍କର ଚିତ୍ର ତାଙ୍କ ଆଖି ଆଗରେ ନାଚଗଲା । ନିଆଁ ପଡପଡ କରି କେଓଡା ଗଛର ପତ୍ରମାନଙ୍କୁ ଜାଳି ଦେଉଛି, ସେଠି ଆଉ ଗଛ ପତ୍ରର ରୂପ ଠଉରାଇ ହେଉନ । କେବଳ ଗୋଟାଏ ରଙ୍ଗ, ହଳଦିଆ, ଲାଲ-କମଳା ଆଉ କଳା ରଙ୍ଗ, ଉପରକୁ ଶିଖା ଲହଲହ କରୁଛି । ସାପ ଭଳି ଗୋଟାଏ ସ୍ଥାନରୁ ଆଉ ଏକ ସ୍ଥାନକୁ

ISSN NO.
2582-208X

ଲମ୍ଫ ଲଗାଇବାକୁ ପ୍ରସ୍ତୁତ । ସିଧା ଗଛ, ଛୋଟ ଡାଳମାନ ଜଳ ମୁଣ୍ଡ ନୁଆଁଇଦେଇ ତଳକୁ ଝଡି ପଡୁଛି । ପରେ ବଡ ଗଣ୍ଡିଟା ଧିରେ ଜଳ ଯାଇଉଛି । ବଡ ଗଣ୍ଡିରେ ରଡ ନିଆଁ ଜଙ୍ଗଲରେ ନିଆଁ ଲିଭିଗଲା ପରେ ମଧ୍ଯ ଭିତରେ ରହିଥାଏ । ନିଆଁ ଲାଗିଲେ ମନକୁ ମନ ପବନ ବୋହିବା ଆରମ୍ଭ କରେ । ଏକ ତତଲା ପବନ ପାଖ ଦେଇ ଜୋରରେ ବୋହିଯାଏ। ସେଥିରେ ଜଣେ ମଣିଷ ଶିଝି କଇନ୍ଥା ହୋଇଯିବା କଥା । ଜାଗାଏ ଜାଗାଏ ନିଆଁ ଯେମିତି ଏକ ଏକ ଛୋଟ ପାହାଡ ଗଢିଥିଲା । ତଳୁ ନିଆଁ ଧିରେ ସଣସଣ ଶବ୍ଦ କରି ଗଛକୁ ଜଳାଇ ଚାଲିଛି । ମଝିରେ ମଝିରେ କଛି ଠୋ ଠୋ କରି ଫୁଟୁଛି । ନିଆଁ ପାଖକୁ ଜମା ପଶି ହେଉନଥିଲା ।

ଅସୀମଙ୍କ ଲୋକମାନେ ଉଦୟରାଜଙ୍କ ନେତୃତ୍ୱରେ ନିଆଁ ଲିଭାଇବାକୁ ଲାଗିଯାଇଥିଲେ । ସେତେବେଳକୁ ଜଙ୍ଗଲ ତଳେ ଚାରିଆଡେ ନିଆଁ ଲାଗିଯାଇଥାଏ । ଅସୀମଙ୍କ ଲୋକମାନଙ୍କ ପାଖରେ ନିଆଁ ଦଉରୁ ରକ୍ଷା ପାଇବା ପାଇଁ କଛି ପୋଷାକ ପତ୍ର ବା ସାରଂଜମ ନଥିଲା । ନିଆଁ ଭିତରକୁ ହଠାତ୍ ଧସେଇ ପଶିଲେ କପଡାରେ ନିଆଁ ଲାଗି ଜଳଯିବା କଥା । ସେମାନେ ଜଲଦି ଜଲଦି ଶୁଖଲା ପତ୍ର ସବୁକୁ ଦୂରକୁ ଫୋପାଡି ଦେଲେ ଆଉ ପୋଡି ନଥିବା ଗଛମାନଙ୍କୁ ଊଂଛି ପକାଇଲେ । କଛି ଲୋକ ତଳେ ବନ୍ୟା ଭଳ ମାଡି ଆସୁଥିବା ତଳ ନିଆଁକୁ କଂଚା ଡାଳରେ ବାଡେଇବାକୁ ଲାଗିଲେ । ସେମାନଙ୍କ କଳା କଳା ହାତ କଂଚା ଡାଳସବୁରେ ବୃତ୍ତକରାଇ ଗ୍ରାଉଣ୍ଡ ଫାୟାରକୁ ବାଡାଉଥିଲା । ଫଳରେ ତଳ ନିଆଁ ଖଣ୍ଡ ଖଣ୍ଡ ହୋଇ ଛୋଟ ହୋଇଯାଉଥିଲା ଆଉ କ୍ରମାଗତ ବାଡେଇବା ଦ୍ୱାରା ଲିଭିଯାଉଥିଲା । ଅଧିକାଂଶ ଲୋକ ସେମାନଙ୍କ ଉପର ପିନ୍ଧା କପଡାକୁ ଫୋପାଡି ଦେଇଥିଲେ । ଦେହରେ ପ୍ରାୟ ହାଫ ପ୍ୟାଣ୍ଟ ଆଉ ଗୋଡରେ ଚପଲ । ହାତରେ ଖଣ୍ଡେ ଖଣ୍ଡେ କଂଚା ଡାଳ ବା ବାଡି। ଏତିକ ମାତ୍ର ସାରସଂରଜାମ । ଏମିତି ବାଡେଇବା ଦ୍ୱାରା ତଳ ଗ୍ରାଉଣ୍ଡ ଫାୟାର ଆଗକୁ ବଢିପାରେ ନାହିଁ । ଲୋକଙ୍କୁ ନିଆଁ ଲିଭାଇବା ସହଜ ହୋଇଯାଏ । ବଡ ଗଛରୁ ନିଆଁ ଲିଭାଇବା ଅସମ୍ଭବ ।

ତଳେ ଗଛ ସବୁ ପାଉଁଶ ହୋଇ ଝଡି ପଡିଥାନ୍ତି । ଗଛ ମୂଳରେ ପାଣ୍ଡାନାସ ବଣରେ ଆଶ୍ରୟ ନେଇଥିବା ଅନେକ କଙ୍କଡା ମରିପଡିଥାନ୍ତି । ସେମାନେ ନିଜର ଛୋଟ ଛୋଟ ଗୋଡରେ ପଳାଇବାକୁ ଚେଷ୍ଟ କରି ଜଳଯାଇଛନ୍ତି । ଭିନ୍ନ ଭିନ୍ନ ଆକାରର ପ୍ରାୟ ସବୁ କଙ୍କଡା ବା ଗେଣ୍ଡା ନିଜ ଗାତରୁ ବାହାରି ଆସି ନିଜର ଲମ୍ବା ସରୁଆ ବଙ୍କା ଗୋଡରେ

ISSN NO.
2582-208X

ମାଟିକୁ ଧରିଥିଲେ । ମୋଟା ଗୋଡମାନ ଶରୀର ଭିତରକୁ ପଶିଯାଇଥିଲା ସେମାନଙ୍କ ଗୋଡ ତଳେ ପାଉଁଶ ଝରିପଡିଥିଲା । ଧଳା ଧୂଆଁ ଜଙ୍ଗଲରେ ଜୋରରେ ଉଠୁଥିଲା ।

ସେ ମନେ ମନେ ଶୋଭନା ଆଉ ତାଙ୍କର ପୁରୁଣା ଗୀତ ମନେ ପକାଇଲେ । "ନିଆଁ ଛୁଇଁବନି କେବେ ଆମ ପଥର କୁଟୀର । ନିଆଁର ଝୁଲକୁ, ପାଣିର ଛିଟିକାମାନ ଧରିନେବେ ଆକାଶରୁ, ପତଙ୍ଗକୁ ପବନରେ ହାଓ୍ୱାବିଲ ଧରିଲା ପର୍ଯ୍ୟେ ।" ଏହା ତାଙ୍କ ମନ ଭିତରେ ଏକ ଶକ୍ତିର ପ୍ରବାହ ସୃଷ୍ଟି କରୁଥିଲା ।

ଏପଟେ ନୂଆ ଜାଗାରେ ନିଆଁ ମାଡୁଥିଲା । ପୁରୁଣା ଜାଗାରେ ଆଉ କିଛି କରିହେବ ନାହିଁ । ଯେଉଁ ଗଛ ଅପେକ୍ଷାକୃତ ଶୁଖିଲା ଥିବ ତାହା ଜଳିଯିବ । ନିଆଁ ଭିତରକୁ ପଶିହେଉନାହିଁ ଆଉ କିଛି ଗଛର ଉପର କ୍ରାଉନରେ ନିଆଁ ଧରଲାଣି । ଗୋଟାଏ ଗୋଟାଏ ବେଶ କଂଗ୍ଣ ଥିବା ଗଛ ଜଳବା ଆରମ୍ଭ କରିଥିଲା । ସେମାନେ ଜଳୁଥିବା ଜାଗାରେ ଆଉ କିଛି କରିପାରିବେ ନାହିଁ । ଏହିସବୁ ଜଳୁଥିବା ଜାଗାରେ ସମୟକ୍ରମେ ଗଛ ଉଠିବ । ବର୍ଷାରେ ପାଉଁଶ ପାଣିକୁ ବୋହିଯିବ, କିଛି ସାରରେ ପରିଣତ ହୋଇ ମାଟିକୁ ଉର୍ବର କରିବ । ଧିରେ ଟାଣ ହୋଇଯାଇଥିବା ମାଟି ଅନେକ ବର୍ଷପରେ ନିଜ ପୁରୁଣା ରୂପ ଫେରିପାଇବ ଆଉ କଙ୍କଡାମାନେ ନୂଆ ଭାବରେ ନୂତନ ପାଣ୍ଡାନାସ ବଣରେ ବାସ କରିବାକୁ ଆସିବେ । ସେମାନେ ମାଟିରେ ନିଜ ରହିବା ପାଇଁ ଗାତ ଖୋଳି ଟାଣ ମାଟିକୁ ଧିରେ ନରମ କରିଦେବେ। ପାଣ୍ଡାନାସ ଜଙ୍ଗଲ ସମୟର ସହ ନିଜର ପୂର୍ଣରୂପ ପାଇବ ।

ଅରଣ୍ୟରେ ଅଗ୍ନିର ବିଶାଳ ରୂପ ଅବର୍ଣନୀୟ ତଥା ରୁଦ୍ର ଲାଗେ । ଅସଂଖ୍ୟ ଶିଖା, ଗଣି ହେଉନଥିବା ଦୀପ ସମୂହରେ ବଳତା ଲଗାଇ ସନ୍ଧ୍ୟାର ନିଆଁ କିଏ ଅନ୍ଧାରର ଚଉଗ୍ ଆଗରେ ଲଗାଇ ଦେଇଛି । ଆଗକୁ ଶିଖାର ଶେଷଭାଗ କମଳାରୁ କଳାବର୍ଣ ଧାରଣ କରୁଛି। ତଳ ଆଡକୁ ଏହା ବେଶ ହଳଦିଆ କମଳା ଆଉ ଅତି ଉଜ୍ଜ୍ୱଳ ଲାଗୁଛି । ସବୁ ସଳତା ଏକା ସାଙ୍ଗରେ ଜଳି ଉଠୁଛି । ଜଳବା ସହ ଏକ ସଣସଣ ଶବ୍ଦ ଜଙ୍ଗଲରେ ପହଁରି ଯାଉଛି । ମଣିଷର ଦେବାଳୟରେ, ଘରେ ଆଳତି ସମୟରେ କ୍ରମାଗତ ଘଣ୍ଟି ବାଜିଲା ଭଳି ଜଙ୍ଗଲରେ ଏହି ସଣସଣ ଶବ୍ଦ ଶୁଣାଯାଉଛି । ନିଆଁକୁ ଏଇଥି ପାଇଁ ବୋଧେ ଅଗ୍ନିଦେବ କୁହାଯାଏ । ଅଗ୍ନିଦେବଙ୍କର ଆଗମନ ସହ ତାଙ୍କର ତୁଷ୍ଟି ପାଇଁ ଏମିତି ପଡପଡ ଆଉ ସଣସଣ ସଙ୍ଗୀତ ତାଙ୍କ ଦରବାରରେ ଗ୍ଭଲିଥାଏ । ଶିଖାର ରଙ୍ଗ ଆଉ ଆକାର ସେମିତି

ISSN NO.
2582-208X

ବଦଳ ଗୁଲିଛି । କେଓଡା ଗଛର ଲମ୍ବା ଚେରମାନ ଧିରେ ଜଳୁଛି । ସେଥିରେ ପାଣି ଥିବାରୁ ଜଳବା କମ ହେଉଛି କନ୍ତୁ ଉପର ଆଡକୁ ଛତା କରି ରହିଥିବା ପତ୍ରମାନ ପଡପଡ କରି ଜଳ ଗୁଲିଛି । ଦୂରକୁ କଞ୍ଚା ଗଛମାନ ଏ ନଆଁର ଧାସରେ ଯେମିତି ଶାଙ୍କୁଡି ଯାଉଛି ।

ନଆଁ ଲିଭାଳ ଦଳ ଦୌଡି ଦୌଡି କାମ କରିବାକୁ ଲାଗିଯାଇଥିଲେ । ସେମାନେ ତଳେ ପଡିଥିବା ଶୁଖିଲା ପତ୍ରକୁ ବାଡିରେ ଆଡେଇ ଗୁଲୁଥିଲେ । ଶୁଖିଲା ପତ୍ର ଦେଇ ନଆଁ ନୂଆ ଜାଗାକୁ ଆଉ ନମାଡୁ । ଜଙ୍ଗଲରେ ପତ୍ର ପଡିରହେ । ସଢେ ପଚେ । ସେହି ସଢାପଗୁ ପତ୍ର ଆଉ କେଉଁ ପ୍ରାଣୀର ଖାଦ୍ୟ ବା ବା ଆଶ୍ରୟ ସ୍ଥଳରେ ପରିଣତ ହୁଏ । ଜଙ୍ଗଲ ତଳ ସଢା, ପଗୁ ଆଉ ଶୁଖିଲା ପତ୍ରରେ ଭର୍ତ୍ତି ରହିବ । ସେଗୁଡିକୁ ବାହାର କରିଦେବା ଜଙ୍ଗଲର ଇକୋ ସିଷ୍ଟମରେ ହସ୍ତକ୍ଷେପ କରିବା ହେବ, ଯାହା ବୈଜ୍ଞାନିକ ଦୃଷ୍ଟିକୋଣରୁ ଅଗ୍ରହଣୀୟ । ଯାହାହେଉ ସେମାନେ ପରିଶ୍ରମ କରି ନୂଆ ଜାଗାକୁ ନଆଁ ନମାଡିବରେ ସକ୍ଷମ ହେଲେ । କେଓଡା ଜଙ୍ଗଲରେ କେବଳ କେଓଡା ଗଛ ନଥାଏ । କଛି ଅନ୍ୟ ବୃକ୍ଷମଧ ଥାଏ । ଶୁଖିଯାଇଥିବା ଗଛମାନଙ୍କରେ ବେଶ ଉପରେ ନଆଁଥିଲା । ପ୍ରାୟ ୨୦ ଫୁଟ ଉଚ୍ଚ ପର୍ଯ୍ୟନ୍ତ ଗଣ୍ଡିରେ ତଥାପି ରଡ ନଆଁ ଥିଲା । ଯଦି ଗଛଟା ଜଳ ଭାଙ୍ଗି ପଡିଲା ତେବେ ସାଙ୍ଗେ ସାଙ୍ଗେ ନଆଁ ପଡିଥିବା ଜାଗାକୁ ବାଡେଇ ଲିଭାଇ ଦେବାକୁ ପଡିବ । ଫଳରେ ନୂଆ ଜାଗାକୁ ନଆଁ ମାଡିବନ ।

ଏକ ଛୋଟ ଅଞ୍ଚଳରେ ଏବେ ସବୁଆଡେ ଧୂଆଁ ଥିଲା ଏହି ଧଳା ଧୂଆଁ ଲୋକଙ୍କୁ ଅଣନଃଶ୍ୱାସୀ କରିଦେଉଥିଲା । ଶୁଖିଲା ଗଛଟାରେ କଛି ଜୀବନ ତଥାପି ଥିଲା । କେଉଁଠି କେଉଁଠି ଛୋଟ ଛୋଟ ଡାଳ ଏଠିସେଠି ବାହାରି ଆସିଥିଲା । ସେସବୁ ଧିରେ ଜଳଯାଉଥିଲା। ଏମିତି ସଢା ଶୁଖା ଗଛମାନ ସହସ୍ର ପ୍ରାଣୀଙ୍କର ଆଶ୍ରୟସ୍ଥଳୀ । ଗେଣ୍ଡା, କଙ୍କଡା, କୀଟ, ପତଙ୍ଗ ଏମିତି ସଢା ପଗୁ ଗଛରୁ ନଜ ଜୀବନ ପାଇଁ ପୋଷକତତ୍ୱ ସଂଗ୍ରହ କରିନଅନ୍ତୁ । ଏକ ଡାଳର ଝାଉଁଳଯିବା ସହ କେତେ ଛୋଟ ପ୍ରାଣୀଙ୍କ ଜୀବନ ନଆଁରେ ପାଉଁଶ ହୋଇଯାଇଅଛି ।

ଏମାନଙ୍କ ପ୍ରଚେଷ୍ଟାରୁ ଏବେ ନଆଁ ତିନଗୁରିଟା ଗଛ ଭିତରେ ସୀମିତ ହୋଇଯାଇଥିଲା । ଆଉ କଛି ବିପଦର ଆଶଙ୍କା ନାହିଁ । କନ୍ତୁ ବିପଦ ସଂମ୍ପୂର୍ଣ୍ଣ ଟଳ ଯାଇଛି ବୋଲି କହିହେବବନ । ପବନ ନଆଁର ଝୁଲମାନଙ୍କୁ ଦୂରକୁ ବୋହିନେଉଥିଲା । ଏକ କେଓଡା

ISSN NO.
2582-208X

ଗଛର ଉପର କେନାରେ କଛି ଶୁଖିଲା ଡାଳ ପତ୍ର ଥିଲା, ତଳେ ନିଆଁ ଆଉ ନାହିଁ, କ ଗଛରେ ନିଆଁ ଲାଗିନ । ହଠାତ୍ ପ୍ରାୟ ୧୫-୨୦ ଫୁଟ ଉପରେ ଶୁଖିଲା ପତ୍ରମାନ ଜଳିବାକୁ ଲାଗିଲା । ସେ ଜଳିବାଟା ଅଳ୍ପ କେତେ ମିନିଟର । ପ୍ରାୟ ୭-୮ ଫୁଟ ଉପରେ ଛତା ପରିଥିବା କଂଗ୍ରୁ ପତ୍ର ଆଉ ଜଳିଲାନ । ନିଆଁ ଲିଭାଉଥିବା ଲୋକମାନେ ସାବଧାନ ରହିଲେ। କଛି ସମୟ ପରେ ଉପରୁ ନିଆଁ ଚକ୍ରବାଣର ଝୁଲ ଫିଙ୍ଗି ଏକ ଡାଳ ତଳକୁ ଖସି ପଡିଲା । ଜଙ୍ଗଲରେ ଉପରେ ଯଦି ନିଆଁ ଲାଗିଗଲା, ଏମିତି ନିଆଁ ଖଣ୍ଡମାନ ଛାତ ଉପରୁ ତଳକୁ ଖସି ପଡିଲା ଭଳ ଖସି ପଡୁଥିବ । ଅତି ବିପଦଜନକ ପରିସ୍ଥିତି । କଏ ଯେମିତି ନିଆଁ ହୁଳାମାନ ଉପରୁ ପିଙ୍ଗୁଛି । କଛି ଧଳା, କଳା ଧୂଆଁ । କଛି ସମୟପରେ ନିଆଁ ଲିଭିଗଲା ।

ଏମାନେ ପ୍ରାୟ ଦୁଇଘଣ୍ଟା ପରେ ସେହି ଅଂଚଳରେ ବୁଲିଲେ । କଛି ଅଂଶରେ ଜଙ୍ଗଲ ତଳ ସଫା ହୋଇଯାଇଛି । ଗ୍ବରିଆଡେ ପାଉଁଶ । କଛି ଦୂରରେ କେଓଡା ଗଛମାନ ମୁଖ୍ୟତଃ ଅକ୍ଷତ ଅଛି । କଛି କଛି ଅନ୍ୟ ଗଛର ଶୁଖିଲା ଗଣ୍ଡିମାନର ଭିତରେ ରଡ ନିଆଁ ଅଛି । ଜଙ୍ଗଲର ସେମିତି ବେଶି କ୍ଷୟକ୍ଷତି ହୋଇନ । ଦୁଇ ଘଣ୍ଟାର ପରିଶ୍ରମ ଏ ଜଙ୍ଗଲକୁ ଧ୍ବଂସ ହେବାରୁ ବଞ୍ଚେଇ ଦେଇଛି । ଖୋଲା ପତ୍ରଦେଇ କେବଳ ଅଧିକ ଆଲୋକ ଆକାଶରୁ ଝରିଆସୁଛି । ଜଙ୍ଗଲ ତଳ ଆଗର ବର୍ଷା ପାଇଁ ପ୍ରତୀକ୍ଷା କରି ରହିବ । ଏ ଧୂଆଁ କଛି ସମୟପରେ ଆଉ ଉଠିବନ । ଅସୀମଙ୍କ ଲୋକମାନେ ସାବଧାନତାର ସହ ଆଉ କଛି ଘଣ୍ଟା ଅପେକ୍ଷା କରି ରହିବେ । ଧୂଆଁ ଉଠିବା ବନ୍ଦ ହେଲେ ସେମାନେ ଏ ଜାଗା ଛାଡିବେ । ଅଭେଦ୍ୟ କେଓଡା ଜଙ୍ଗଲ କଛି ମାତ୍ରାରେ କେବଳ ପ୍ରବେଶଯୋଗ୍ୟ ହୋଇଯାଇଛି ।

ଖୋଲା ଅଂଶକୁ ଦେଖି ଅସୀମଙ୍କ ମନରେ ଦୁଃଖ ହେଉଥିଲା । ସେ ପାଉଁଶ ଉପରେ ଗ୍ବଲିବାକୁ ଲାଗିଲେ । ଉଦୟରାଜ ଆଉ ସେ ମିଶି ରଡ ନିଆଁଥିବା ଶୁଖିଲା ଗଛମାନଙ୍କୁ ଚିହ୍ନଟ କରୁଥିଲେ । ଏହି ସବୁ ଗଛକୁ ଜଗାଯିବ ଆଉ ସେଥିରୁ ନିଆଁ ଝୁଲ ଯେମିତି ଆଗକୁ ନଛିଟିକ ପଡେ ତା'ର ଲକ୍ଷ୍ୟ କରାଯିବ । ମରିପଡିଥିବା ଅସଂଖ୍ୟ ଗେଣ୍ଡା, ସାମୁକା ଜାତୀୟ ପ୍ରାଣୀଙ୍କ ପାଇଁ ତାଙ୍କର ମନ ଦୁଃଖ ହେଉଥିଲା । ବହୁତ ଗେଣ୍ଡା ଶାମୁକା ପାଉଁଶ ଭିତରେ ମରି ପୋତି ହୋଇଯାଇଥିଲେ । ସେମାନଙ୍କ ଖୋଳପା ଯାହା ଟିକଏ କଳା ପଡିଆସିଥିଲା । ଗଛର ଚେର, ଗଛ ପଥର ଫାଙ୍କରେ କେତେ କେତେ ଯେ ଏମିତିଆ ପ୍ରାଣୀ ଆଶ୍ରୟ ନେଇଥିଲେ ।

ISSN NO.
2582-208X

ଅସୀମ ଏକ ପାଖର କଞ୍ଚା କେଓଡା ଗଛକୁ ଅନାଇଲେ । ନଆଁ ଧାସରେ ପତ୍ର ସବୁ ଧାରରେ ମୋଡି ହୋଇଯାଇଛି, ଟିକେ ଟିକେ କଳା ପଡିଆସିଛି । କନ୍ତୁ ଜଳନାହିଁ । ଆକାଶରେ ଯେମିତି ଲମ୍ବା ଲମ୍ବା ଗାର ଟାଣି ଆକାଶକୁ ପ୍ରାୟ ଲୁଚ୍ଇ ଦେଇଛି । ସେ ଭିତରେ ଗୋଲ ଆକରର ଏକ ବଡ ପାଣ୍ଡାନାସ ଫଳ ଝୁଲୁଛି । ସେ ଫଳଟି କେତେଦିନ ପରେ ପାଚ ତଳେ ଖସି ପଡିବ ଆଉ ଅସଂଖ୍ୟ ପ୍ରାଣୀ ତା'କୁ ଖାଇ ଗ୍ଲିବେ ଆଉ ଏକ ନୂଆ ପିଢ଼ିର ପ୍ରାଣୀ ଆସିବେ କେଓଡା ଜଙ୍ଗଲକୁ । ଆଗକୁ ପତ୍ର ସବୁ ଗାଢ ସବୁଜ ହୋଇଯିବ । ଗଛମାନ ଉପରେ ଛତା ବନାଇ ଠିଆ ହୋଇରହିଛି । ଆକାଶରୁ ଯେତେ ଆଲୋକ ଛାଣି ହୋଇପାରେ ପ୍ରତିଟି ଗଛ ସେତେ ବେଶି ଆଲୋକ ପାଇଁ ନଜ ନଜ ଭିତରେ ପ୍ରତିଦ୍ୱନ୍ଦିତା କରିଚାଲୁଛନ୍ତି ।

ଅସୀମ ନିଜର ସାଥୀ ଲୋକମାନଙ୍କୁ ଧନ୍ୟବାଦ ଦେଲେ । ସେମାନେ ପ୍ରାୟ କଳା ପଡିଯାଇଥିଲେ ଓ ସେମାନଙ୍କ ଖୋଲା ଦେହ, ମୁହଁରେ ଝାଳ ଭରିଯାଇଥିଲା । ଦେହସାରା କଳା ଧଳା ପାଉଁଶ ବୋଳିହୋଇଥିଲା । ଏହି ଲୋକମାନଙ୍କ ଦେହରେ ସେମିତି କିଛି ପ୍ରୋଫେସନାଲ ଚକଚକିଆ ପୋଷାକ ନଥିଲା ବା ସେମାନେ କିଛି ବିରାଟ ବ୍ୟକ୍ତିତ୍ୱଧାରୀ ଲାଗୁନଥିଲେ । କିନ୍ତୁ ସେମାନେ ଏକ ମହାନ କାମ କରିଛନ୍ତି ବୋଲି ଅସୀମ ଭାବୁଥିଲେ । ଏହି ସାଧାରଣ ସାଥୀମାନେ ନିଜର ଆପ୍ରାଣ ଚେଷ୍ଟାକରି ଜଙ୍ଗଲର ଦାବାଗ୍ନିକୁ କରାୟତ କରିଛନ୍ତି । ଏକ ବିଜୟୀ ସୈନିକ କ୍ଳାନ୍ତ ହୋଇ ଫେରି ଆସିଛି, ମନରେ ଶାନ୍ତି, ସାମାନ୍ୟ ଗ୍ଲାନି ନାହିଁ । ଧୂଆଁରେ ରୁନ୍ଧି ହୋଇଯାଇଥିବା ନାକମାନ ପୁଣି ଭଲଭାବରେ ନିଃଶ୍ୱାସ ନେଉଛି । ସେମାନେ ଜଙ୍ଗଲ ସୀମାନ୍ତର ମହାନ ସୈନିକ । ସେହି ସୀମାନ୍ତର ସୈନିକମାନେ ସବୁଦିନେ ସବୁଜିମା ପାଇଁ ଯୁଦ୍ଧ କରୁଛନ୍ତି ।

ଅସୀମଙ୍କ ଆଉ ଏବେ ଦୌଡିବାର ନଥିଲ୍ । ସେ ପାଉଁଶ ଏପରେ ଧିରେ ପାଦ ପକାଇଲେ । ନରମ ପାଉଁଶ । ତାଙ୍କ ଗୋଡର ଚହ୍ନ ସ୍ୱଷ୍ଟ ପଡିଗଲ୍ । ବାଲିଠାରୁ ଗଭୀର ଛାପ । ଦୁଇପାଖକୁ ନରମ ପାଉଁଶ ଖେଳାଇ ହୋଇଯାଇଛି । ତା'ପରେ ସେ ଗୋଟିଗୋଟି କରି ପାଦ ପକାଇଲେ । ପ୍ରତିଟି ପାଦଛାପ ସ୍ୱଷ୍ଟ ଉଠିଆସିଲ୍ । କଛି ପାଉଁଶ ତାଙ୍କ ଗୋଡରେ ଲ୍ଗିଯାଉଥିଲ୍ । ଏକ ହଳ ପାଦଛାପ । ସେ ଶୋଭନାଙ୍କ କଥା ମନେ ପକାଇଲେ । ଶୋଭନା ଥିଲେ ଦୁହେଁ ସାଥିରେ ଗୋଟିଏ ଗୋଟିଏ ହୋଇ ପାଦ

ISSN NO.
2582-208X

ପକାଇଥାନ୍ତେ ଆଉ ପ୍ରତି ପାଦ ଚହ୍ନ ଭିତରେ ଦୂରତା ମାପିଥାନ୍ତେ । ତା'ପରେ ସେମାନେ ସାଙ୍ଗ ହୋଇ ଆକାଶକୁ ଆନାଇଥାନ୍ତେ ।

ସେ ଜଳଯାଇଥିବା ପାଣ୍ଡାନାସ ବଣ ବାହାରକୁ ବାହାରିଆସି ସମୁଦ୍ର କଡ କୁଟୀର ଆଡକୁ ବଣ ଭିତରେ ଗ୍ଲିବାକୁ ଲ୍ଗିଲେ । ସେ ଭଲକରି ଜାଣିଥିଲେ ନଆଁ ସେ ପର୍ଯ୍ୟନ୍ତ ପହଞ୍ଚିନ। ଅନେକ ଅନେକ ହାତ ଦୂରରେ ନଆଁକୁ ଆୟତ୍ତ କରିଦିଆଯାଇଛି । କନ୍ତୁ ତାଙ୍କୁ ସେହି କୁଟୀର ପାଖକୁ ଯିବାକୁ ବହୁତ ଇଚ୍ଛା ହେଉଥିଲ୍ । ନଜ ଆଖିରେ ଆଉଥରେ ସେହି ହଟକୁ ଦେଖିବେ । ତାଙ୍କ ଗୋଡ ପାଉଁଶ ଭଗ୍ ଜଙ୍ଗଲରୁ ତାଙ୍କୁ ଧିରେ ଗ୍ଲବିଦିଆ କଣ୍ଟେଇ ଗ୍ଲି ଆଗକୁ ଗଲ୍ ଭଳ ଆଗକୁ ଟାଣି ନେଉଥିଲ୍ । ତେଣିକ ଜଙ୍ଗଲର ତଳ ଆଗଭଳଆ ଅଳଆ ପନ୍ ଭଗ୍ ହୋଇଆସିଲ୍ । ସେ ଭିତରେ ଏକ ଆଦ୍ରତା ବାରି ହେଉଥିଲ୍ । ଅନେକ ଅନେକ ଗେଣ୍ଡା କଙ୍କଡା ଦେଖାଦେଲେ । ହର୍ମିଟ କ୍ରାବମାନେ ସେମିତି ନଜ କାମରେ ବ୍ୟସ୍ତ ଥିଲେ । ବନାଗ୍ନିର ଗରମ ପବନ ଏଯାଏଁ ପହଞ୍ଚିନ ।

ଏବେ ତାଙ୍କ ଗୋଡ ଜଙ୍ଗଲ ଧାରକୁ ଆସିଯାଇଥିଲ୍ । ଆଗରେ ସମୁଦ୍ର ଦେଖାଯାଉଛି । ନୀଳ ସମୁଦ୍ର ଉପରେ ସେମିତି ଆଗ ଭଳ ଅସଂଖ୍ୟ ଢେଉ ଅଛି । ଆକାଶରେ କଛି କଛି ପକ୍ଷୀ ତଥାପି ଉଡୁଛନ୍ତୁ । ଶୋଭନା ସେଦିନ ଠିଆହୋଇଥିବା ପଥର ଉପରେ ବଗଟିଏ ଆଗଭଳ ଚୁପହୋଇ ବସି ପାଣିକୁ ଅନାଇ ରହିଛି । କଛି ସମୁଦ୍ରକୂଳଆ ପକ୍ଷୀ ଜୋର ଜୋରରେ କୂଳରେ ଗ୍ଲୁଛନ୍ତୁ । କୂଳର ବାଲିରେ କଙ୍କଡାମାନେ ଏକ ଏକ ଛୋଟ ଚନ୍ଦକର ଭଳ ଗାରଟାଣି ଗ୍ଲିଛନ୍ତୁ । କୂଳରେ ଲହଡି ଶବ୍ଦ କରି ଭାଙ୍ଗି ପଡୁଛି । ଆଉ ସେଥିରେ ତିଆରି ହୋଇଯାଉଛି ଅସଂଖ୍ୟ ଫୁଲର ହାର । ପାଣି ଭିତରେ ବୀଣା ଭଳ ଲ୍ଗୁଥିବା ପଥର ଗ୍ଲରିପାଖେ ଅସଂଖ୍ୟ ଲହଡି ହେଉଥିଲ୍, ଯେମିତି ଅସୀମଙ୍କ ହୃଦୟର ଗତି ସହ ଲହଡିମାନ ମାଡିଆସୁଛି ।

ଅସୀମ ସେମାନଙ୍କ ସ୍ପର୍ଶକୁ ଧରିରଖିଥିବା ପର୍ଣ କୁଟୀର ଆଡକୁ ଅନାଇଲେ । କୁଟୀରର କଛି ହୋଇନ । ଆଲୋକରେ ଉଦ୍‌ଭାସିତ ହୋଇଉଠିଛି ସେମାନଙ୍କର ପ୍ରେମର ଅମଳୀନ ସନ୍ତକ । ପଛରେ ଅଛି ଚର ହରିତ ପାଣ୍ଡାନାସ ବଣ ଆଉ ଆଗଭଳ ବଡ ବଡ ଶୃଙ୍ଗକରି ଭାଙ୍ଗି ପଡୁଛି ଲହଡି । ତାଙ୍କ ଅନାଇବା ଭିତରେ ଏକ ଅତି ବିଶାଳ ଲହଡି ପ୍ରବଳ ଶବ୍ଦ କରି ମାଡି ଆସିଲ୍ ଆଉ ପଥରରେ ଜୋରରେ କଗୃଡି ହୋଇ ପଡିଲ୍ । ସେ ଲହଡିରୁ

ISSN NO.
2582-208X

ଉତ୍ପନ୍ନ ହେଲା କୋଟି କୋଟି ସଂଖ୍ୟାରେ ଜଳକଣା ଆଉ ଏକ ଓଜନଆ ବାଦଲ ଆକାଶକୁ ଯେମିତି ଘୋଡାଇ ପକାଇଲା । ସେମାନଙ୍କ କୁଟୀର ଯେମିତ ସେ ଜଳକଣା ଭିତରେ କ୍ଷଣେ ହଜିଗଲା । "ନଆଁ ଛୁଇଁବନ କେବେ ଆମ ପନ୍ଦର କୁଟୀର । ନଆଁର ଝୁଲକୁ, ପାଣିର ଛିଟିକାମାନ ଧରିନେବେ ଆକାଶରୁ, ପତଙ୍ଗକୁ ପବନରେ ହାଓ୍ବାବିଲ ଧରିଲା ପର୍ଯ୍ୟେ ।" ସେ ନଜକୁ ନଜେ ଗାଇହେଲେ । ପାଣ୍ଡାନାସ ବଣକୁ ବଞ୍ଚାଇ ସେ ନଜର ସ୍ମୃତିକୁ ଚରଦିନ ପାଇଁ ଅମଳୀନ କରିରଖିଦେଇଛନ୍ତି । ତାଙ୍କର, ଶୋଭନାଙ୍କର ପ୍ରିୟ କୁଟୀର ଏକଦମ ସଫା, ଉଜ୍ଜ୍ବଳ ଦେଖାଯାଉଥିଲା ।

-୦-୦-

କ୍ରମଶଃ.....

ସେକ୍ଟର-୩, ସଲ୍ଟଲେକ, କଲିକତା

ISSN NO.
2582-208X

# ନୂଆ ବରଷ
# (୨୦୨୪)



ଡ. ପ୍ରସନ୍ନ କୁମାର ବଳ

ନୂଆ ଜିନିଷର ମାହାତ୍ମ୍ୟ ଅଲଗା, ନୂଆ ନୂଆ ସତେ ଲାଗେ,
ନୂଆ ସକାଳର ଅନୁଭୂତି ପୁଣି ଅବର୍ଣ୍ଣନୀୟ ତ ସତେ ।୧ ।
ନୂଆ ଦିନ, ନୂଆ ମାସ ଅବା ସେହି ନୂଆ ବର୍ଷ ଚବିଶ,
କରଇତ କେତେ ଆଶାର ସଂଚାର, ମନରେ ଦିଏ ହରଷ ।୨ ।
ନୂଆ ବରଷର ସକାଳର ସୂର୍ଯ୍ୟ ସମ୍ଭାବନାର ସେ ଉତ୍ସ,
ପ୍ରଭୁଙ୍କ ଦର୍ଶନ ଲଭଇ ସକଳେ ହୃଦୟ ହୁଏ ସରସ ।୩ ।
ନୂଆ ବରଷରେ ନୂଆ ଯେ ସଂକଳ୍ପ କିଏ କେତେ ଅବା କରେ,
ସମୟ କହିବ କିଏ ସେ ରଖିଛି, କେତେ ତାକୁ କାଳ ବଳେ ।୪ ।
ବରଷକ ମଧ୍ୟେ କେତେ କଣ ପୁଣି ଘଟିଯାଏ ଧରା ଧାମେ,
ସବୁ ପୁଣି ସେହି ପ୍ରଭୁଙ୍କର ଇଚ୍ଛା କି କରି ପାରିବା ଆମେ ।୫ ।
ଭାଇ ଭାଇ ମଧ୍ୟେ, ରାଜ୍ୟ ରାଜ୍ୟ ମଧ୍ୟେ, ଅବା ଯେ ଦେଶ ମଧ୍ୟରେ,
ମନ ମତାନ୍ତର ଉଗ୍ର ରୂପ ନିଏ ଶେଷ ହୁଏ ବିଧ୍ୱଂସରେ ।୬ ।
ରୁଷିଆ-ୟୁକ୍ରେନ, ଇସ୍ରାଇଲ-ହମାସ ଏହାର ଉଦାହରଣ,
ଲକ୍ଷ ଲକ୍ଷ ପ୍ରାଣ ଚାଲି ତ ଯାଉଛି ଦୁଃଖ ଲାଗେ ଅକାରଣ ।୭ ।
ନୂଆ ବରଷରେ ନୂଆ ଆଶା ନେଇ କରିବା ତ କିଛି କାର୍ଯ୍ୟ,
ସବୁରି ହିତରେ, ସଂସାର ସୁଖରେ ବଢାଇବା ଆମ ଧର୍ଯ୍ୟ ।୮ ।
ନୂଆ ବରଷରେ ନୂଆ ସରକାର ଗଢିବେ ରାଜ୍ୟେ, ଦେଶରେ,

ISSN NO.
2582-208X

ଜନ ସେବା ତାଙ୍କ ମାଧ୍ୟମ ହିଁ ହେଉ ରାଜନୀତି ବଦଳରେ ।୯ ।
ନୂଆ ବରଷର ନୂଆ ସେ ସକାଳ ଆଣୁ ନୂଆ ଫୁର୍ତ୍ତି ମନେ,
ସମାଜ ମଙ୍ଗରେ ଦିନ କଟିଗଲେ ମନେ ତ ରଖିବେ ଜନେ ।୧୦ ।
ଆହେ ନାରାୟଣ, ପତିତପାବନ, ଜଗତର ପ୍ରଭୁ ତୁମେ,
ତୁମରି ଆଶିଷ ବିଛୁଡି ଦିଅ ହେ ଜଗତର କଲ୍ୟାଣରେ ।୧୧ ।

ଶ୍ରୀ ସତ୍ୟସାଇ ଏନକ୍ଲେଭ,
ଖଣ୍ଡଗିରୀ, ଭୁବନେଶ୍ୱର

ISSN NO.
2582-208X

# ମୋ' ବୋଉ ଆଜିବି ମୋତେ ଡାକେ



ଶଶଧର ମହାପାତ୍ର

ଦିନେ ପାହାନ୍ତି ସ୍ୱପ୍ନରେ ଆସି
ଉଠେଇଦେଇ କହିଲୁ
ଆସୁନୁ, ଆସିଯା' ଶୀଘ୍ର
ଆକାଶରେ ମେଘ ଢାଙ୍କି ଆସିଲାଣି
କୂଳରେ ପରା ଡଙ୍ଗା ଲାଗିଲାଣି
ଏବେ ଘାଟରୁ ଛାଡ଼ିଦେବ ଯେ
ମୁଣ୍ଡରେ ହାତମାରି ଅନେଇ ବସିଥିବୁ
ନିଜ ମୁଣ୍ଡରେ ଦୋଷ ଲଦୁଥିବୁ
ଚାହୁଁଚାହୁଁ ବେଳ ଗଡ଼ିଯିବ
ସଂଜ ନଇଁ ନଇଁ ଆସିଯିବ
ମୁଁ ପରା ଅନେଇ ବସିଛି ଆରପାରିରେ
ତୋ' ଅପେକ୍ଷାରେ, ତୁ ଆସିବୁ ବୋଲି
ସତରେ ବୋଉ ! ତୁ ଠିକ୍ କହିଦେଇଯାଉ
ମୋ' ମନ ଭାବୁଥାଏ ଯାହା
ମନ ଖୋଜୁଥାଏ ଯାହା
ତୋତେ ଖୋଜିଲାବେଳକୁ
ନା ସେତେବେଳେ ତୁ ଥାଉ ଘାଟରେ
ନା ତୁ ଥାଉ ଘଟରେ ।

ISSN NO.
2582-208X

ନିଦରୁ ଉଠି ଆଖି ମଳିମଳି ବସିଲି ଖଟ ଦାଢ଼ରେ
ଆଖି ସେମିତି ବୁଜି ଅଣ୍ଡାଳିଲି
ହାତ ବୁଲେଇଲି ଚାରିଆଡ଼େ
ଭାବୁଥିଲି ଏଥର ଛୁଇଁଦେବିକି ତୋତେ
ଆଖି ଖୋଲିଦେଲି
କାହିଁ କେହି କୁଆଡ଼େ ତ ନାଇଁ !
ଏ ସ୍ୱପ୍ନ ନା ସତ !
କାହିଁକି ତୁ ହଠାତ୍ ଏମିତି ଆସୁ ?
ଏମିତି ଅବେଳାରେ କାହିଁକି ଆସୁ ଯେ ?
ଖୋଜିଲାବେଳକୁ ତୁ ନଥାଉ
ତୋ ଜାଗାକୁ ଚାଲିଯାଇଥାଉ
ଯେଉଁଠୁ ଆସିଥାଉ
ତୁ ତ ଜାଣୁ କେତେ ମନଦୁଃଖ ହୁଏ ମୋ'ର
ନିଦ ପାକଳ ନହେଇଥିଲେ
ତୋତେ ଗାଳିକରିବାକୁ ଇଚ୍ଛା ହୁଏ
ଯେମିତି ଇଚ୍ଛା ହେଉଥିଲା
ସ୍କୁଲରେ ପାଠ ପଢୁଥିଲାବେଳେ
ଅନ୍ତର ଭିତରେ ସେବେ ଜଳୁଥାଏ ମୁଁ ।
ସକାଳୁ ଉଠି ଚରଚର କରି ଘର ଓହଳାଉ
'ଉଠ୍ ଉଠ୍' କହି ପାଟି ଚିଲାଉଥାଉ
ଡେରିରେ ଉଠିଲେ କାଳେ
ଘରୁ ଲକ୍ଷ୍ମୀ ଛାଡ଼ିଯିବେ
ଲକ୍ଷ୍ମୀଙ୍କର ଆଉ କାମଧନ୍ଦା ଯେମିତି ନାହିଁ
ଆଚ୍ଛା କହ ତ
ତୁ ଏକା ସେମିତି ନା ସବୁ ମା'ମାନେ ସେମିତି ?
ବିଛଣାରୁ ଉଠୁଉଠୁ ତୁମର ଢଙ୍ଗ ବାହାରେ
ସବୁ ମା'ମାନଙ୍କର
ତୁମମାନଙ୍କୁ ରାତିସାରା ନିଦ ହୁଏନାହିଁ ନା କ'ଣ ?

ISSN NO.
2582-208X

ଆଜିକାଲି ସକାଳେ ବିଛଣା ଛାଡ଼ିଲେ କି
ରାତିରେ ବିଛଣାକୁ ଗଲେ ତୋତେ ହିଁ
ମନେପକାଏ ଲୋ ବୋଉ !
ଏ ଏକ ଅଭ୍ୟାସରେ ପଡ଼ିଗଲାଣି
ନହେଲେ ସେଦିନ ଆଦୌ ଭଲ ଲାଗେନି
ତୁ ଥିଲୁ ଅଭୟଦାୟିନୀ, ଚିର ନମସ୍ୟା ମା'ଟିଏ
ତୋ ଚେହେରା ଯେତେ ଲୁଚିବାକୁ ଚେଷ୍ଟା କଲେବି
ମନ ଖୋଜେ ଆପେଆପେ
ସେହି ଅଦୃଶ୍ୟ ନାରୀଶକ୍ତିକୁ, ମା'ଟିକୁ
କେମିତି ଭୁଲିବି କହ ?
ତୁ ପରା ଜନ୍ମଠୁଁ ଏତେବଡ଼ ହେବାଯାଏ
ତୋ' ଭଲପାଇବାର ଉଚ୍ଛୁଳା ନଈ ସୁଅରେ
କେତେ ଭସେଇଛୁ ବୁଡ଼େଇଛୁ ଉଠେଇଛୁ
ବିଛଣାରେ ଶୋଇ ଆସ୍ତେଆସ୍ତେ ଖୋଲେ
ତୁ ପକାଇଥିବା ସଂପର୍କର ଗଣ୍ଠି
ଦୀର୍ଘ ନିଃଶ୍ୱାସଟିଏ ମାରେ
ଆଉ ତୁ ଥାଉ ସେ ନିଃଶ୍ୱାସରେ
ତୋ କୋରଡ଼ ଭିତରେ ପଶିଯାଇଥିବା ସେଇ
ଦିଇଟି ଆଖି ଶୁଖିଲା ମୁହଁ ଝାପ୍‌ସା ଝାପ୍‌ସା ଦିଶୁଥିବା
ମଳିନ ଚେହେରା ଥରେ ମନଶ୍ଚକ୍ଷୁରେ ଦେଖିଦେଲେ
ଭଲରେ ଦିନଟା କଟିଯାଏ ଲୋ ବୋଉ
ଭୁଲିହେଇଯାଏ ସବୁ
ଜମାଟ ବାନ୍ଧିଥିବା ସଂସାର ଯାକର ଦୁଃଖ
ଯେମିତି ମିଳିଯାଏ ସ୍ୱର୍ଗର ପାରିଜାତ
ମନରେ ଦେହରେ ଶକ୍ତି ବଢ଼ି ହେଇଯାଏ ଚାରିଗୁଣ
ଯେମିତି ତୋ'ର ସେହି ରୋଗୀଣା ଦେହରେ
ଥାଏ ଅସରନ୍ତି ଶକ୍ତି
ଯେମିତି ଏକ ଐଶ୍ୱରିକ ଶକ୍ତି

ISSN NO.
2582-208X

ନଦେଖିଲେ ବିଶ୍ୱାସ ହୁଏନା
ସକାଳୁ ରାତିଯାଏ ଖଟିଖଟି
ତୋ ଦେହରେ ଏତେ ବଳ ଥାଏ
ସେସବୁ ଆସେ କେଉଁଠୁ ଲୋ ବୋଉ ?
ତୁ କ'ଣ ଏକ ପରପେଚୁଆଲ ମେସିନ୍ ?
ମୁଁ ଜାଣେ ତୁ ଆଜି ଅଶରୀରି
ତୁ ଏକ ଶୂନ୍ୟଦେହୀ
ଶୂନ୍ୟରେ ମହାଶୂନ୍ୟରେ ତୋ ବାସ
ଶୂନ୍ୟରୁ ମୋ ମନ ଭିତରକୁ ଆସୁ
ସ୍ୱପ୍ନରେ ହେଉ କି ଜାଗ୍ରତରେ ହେଉ
ନିମନ୍ତ୍ରଣରେ ହେଉ କି ବିନା ନିମନ୍ତ୍ରଣରେ ହେଉ
ତୁ ଆସିଯାଉ
ନାନୋ ସେକେଣ୍ଡରେ ଆସିଯାଉ
ଏମିତି ଆସୁଥା ଯାଉଥା
ଏମିତି ଭଲ ପାଉଥା
ବେଳାରେ କି ଅବେଳାରେ
ଏମିତି ନିଦ ଭାଙ୍ଗୁଥା ।
ଏବେ ତ୍ରିବାର ସତ୍ୟ କରିଛି
ଆଉ ତୋତେ ଗାଳି ନକରିବାକୁ, ନ ଚିଡ଼ିବାକୁ
କିଛି ଚିନ୍ତାନାଇଁ
ମୁଁ ପରା ଏବେ ବଢ଼ିଗଲିଣି, ବୁଢ଼ା ହେଲିଣି
କେବେଠୁଁ ବାପାଟିଏ ହେଇଗଲିଣି
ଯାହା ଦିନେ ତୁ କଳ୍ପନା କରିପାରି ନଥିଲୁ
ଅମଣିଷଟେ ହେଇଯିବି ବୋଲି କହୁଥିଲୁ
ତୁ ଭାବୁଥିଲୁ ମୁଁ ସେମିତି ଅବୁଝା ବୁଦ୍ଧିଶୁଦ୍ଧି ନଥିବା
ବାଳକଟିଏ ହେଇ ରହିଯାଇଥାନ୍ତି
ବୟସର ଚାପରେ ଆଜି ନିରବି ଗଲାଣି ସ୍ୱର
ବୟସ ପୋଛି ନେଇଛି

ISSN NO.
2582-208X

ସବୁ ରାଗ ହିଂସା ମାନ ଅଭିମାନ
ପିଲାଦିନର ଉଷୁମ ରକ୍ତ ଏବେ ଥଣ୍ଡା ପଡ଼ିଗଲାଣି
ଯାହା କାଲି ଥିଲା ଆଜି ତାହା ନାହିଁ
ସମୟ ବଦଳିଗଲାଣି
ତୁ କ'ଣ ସେତେବେଳେ ଭାବୁଥିଲୁ କେଜାଣି ?
ମୁଁ ଶୋଇଥିଲେ ଅନ୍ୟମାନେ ଆଗକୁ ଚାଲିଯିବେ
ବହୁତ ଆଗକୁ
ଆଉ ମୁଁ ପଛେଇଯିବି
ମୁଁ ଉଠି ଦୌଡ଼ିବାକୁ ଆରମ୍ଭ କଲେ
କାଳେ ଗୋଡ଼ ଖସିଯିବ, ମୁଁ ପଡ଼ିଯିବି
ତେଣୁ ତୁ ବଂଚିଥିଲାବେଳେ
ଆମକୁ ପ୍ରସ୍ତୁତ କରୁଥିଲୁ
ଆମେ ଠିକ୍ ସମୟରେ ଉଠୁଁ
ଚାଲିବା ଆରମ୍ଭ କରିବା ପୂର୍ବରୁ
ଭଲଭାବେ ନିଃଶ୍ୱାସ ଦି'ଟା ମାରୁ
ତା'ପରେ ଚାଲୁ ।
ଆଜି ଆମ ପିଲାଙ୍କର ସକାଳ ହୁଏ
ଦିନ ଗୋଟାଏ କି ଦି'ଟାରେ ବୋଉ
ଆମର ଦେହସୁହା ହେଇଗଲାଣି ଦେଖିଦେଖି
ଆମେ ନୀରବଦ୍ରଷ୍ଟା
ବଦଳି ଗଲାଣି ଏବେ ଜୀବନର ମୋଡ଼
ବୟସ ମାଡ଼ରେ ମୁଁ ଏବେ ଏକ ଥୁଣ୍ଟା ଗଛ ଭଳି ବୋଉ
ଶାରୀରିକ ଓ ମାନସିକ ଯନ୍ତ୍ରଣାରେ ହୁଏ ଛଟପଟ
କିଏ ଜାଣେ କେବେ ଦିନେ ଅବେଳରେ ଭୁଷୁଡ଼ି ପଡ଼ିବ ?
ସେ ଦିନକୁ ଅପେକ୍ଷା
ତୁ ବି ଗଲୁ, ମୁଁ ବି ଦିନେ ଯିବି
ପୁଣି ସଂସାର ଚାଲିବ ତା' ବାଟରେ
ନିଶ୍ଚେ ତା' ବାଟରେ ବୋଉ ।

ISSN NO.
2582-208X

(‘ମଦରସ୍ ଡେ’ ଉପଲକ୍ଷେ ଏ ଲେଖା । ବୋଉ ଆଜିକୁ ୩୫ ବର୍ଷ ହେଲା ସ୍ୱର୍ଗପୁରେ । ସ୍କୁଲରେ ପାଠ ପଢୁଥିଲାବେଳେ ସକାଳୁ ବିଛଣାରୁ ଉଠିବା ଡେରି ହେଲେ ପ୍ରଚୁର ଗାଳି ବର୍ଷଣ କରେ । ସେତେବେଳେ ମୁଁ ମନେମନେ ଭୀଷଣ ବିଗୁଡୁଥିଲି । ବେଳେବେଳେ ମୁଁ ଓଲଟା ତାକୁ ଗାଳି କରୁଥିଲି । ଈଶ୍ୱରଙ୍କ ଉପରେ ରାଗୁଥିଲି, ଏମିତି ମା’ଟିଏ ବାଛିକି ଦେଲ କାହିଁକି ? ଆଜି ବି ସେ ମୋ ସ୍ୱପ୍ନରେ ଆସି ଡାକେ, ଉଠେଇବାକୁ ଚେଷ୍ଟା କରେ । ସେଦିନ ଓ ଆଜି ଭିତରେ ଏତିକି ପାର୍ଥକ୍ୟ ଯେ ଆଜି ମୁଁ ତାକୁ ଗାଳି କରିପାରୁନି । ସମୟ ବଦଳି ଯାଇଛି, ତା’ ସହିତ ମୁଁ ବି ବଦଳି ଯାଇଛି ।)

ହିଡେନ୍ ଭାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍,
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ସୁନାକଳସୀ



ଡକ୍ଟର ବିଜ୍ଞାନୀ ଦାସ

ନ୍ୟୁୟର୍କ ସହରର ସେଣ୍ଟ୍ରାଲ୍ ପାର୍କରେସିଏ ଏକାଏକା ବୁଲୁଥିଲା । ଦିନ ଥାଏ ଶନିବାର, ୨୦୨୨ ମସିହାର ସେପ୍ଟେମ୍ବର ୩ ତାରିଖ । ଅପରାହ୍ନ ସମୟଟା ବଡ ମନୋମୁଗ୍ଧକର ହୋଇଥାଏ । ସେଣ୍ଟ୍ରାଲ୍ ପାର୍କରେ ସେଦିନ ଅନେକ ଲୋକଙ୍କ ସମାଗମ । କିଏ ଜଣେ ତାକୁ ଡାକିଲାଭଳି ମନେହେଲା । ସୋନା ଚାରିଆଡେ ଚାହିଁଲା । ହେଲେ ସେମିତି କାହାକୁ ଦେଖିଲାନି, ଯିଏ ତାକୁ ଡାକିଥିବ । ଆଗପଟେ ଦୁଇଜଣ ଝିଅ ଗପଶପ କରିଯାଉଥିଲେ । ଜଣେ ଅନ୍ୟ ଜଣକୁ କହୁଥିଲା, "ସୋନା, ତୁ କି ଧ୍ୟାନରେ ଥିଲୁଯେ, ମୁଁ ତତେ ଏତେ ଡାକିଲା ପରେବି ତୁ ଶୁଣିପାରିନଥିଲୁ ।' ଏବେ ସୋନା ବୁଝିଲା, ସିଏ ଆଉ ଜଣେ ସୋନା, ଏଠି ତାକୁ କେହି ଡାକୁନଥିଲେ । ଆଉ ଡାକିଲେବି ତାକୁ ଆମାଣ୍ଡା ବୋଲି ଡାକିବେ । ସୋନା ବୋଲି କାହିଁକି ଡାକିବେ ?

ସୋନାର ମନେ ଅଛି, ସିଏ ଦିନେ ଅନାଥ ଥିଲା । ଅନାଥ ଅର୍ଥ ଯେ ତାର ପିତାମାତା କେହି ନଥିଲେ, ସେମିତି ନୁହେଁ । ତେବେ, ତାର ପିତା କିଏ ସିଏ ଜାଣେନି । ହୋଶ ହେବାଠାରୁ ସିଏ କେବଳ ମା'କୁ ହିଁ ଜାଣିଥିଲା । ମା' ଜଣେ ଭିକାରୁଣୀ ଥିଲା । ପୁରୀ ବଡଦାଣ୍ଡର ଭିକମାଗିବା ଥିଲା ତା' ମାର ପ୍ରତିଦିନର ଚାକିରି । ସିଏ ସୋନାକୁ ବି ନେଇ ନିଜ ପାଖରେ ବସାଉଥିଲା । ସୋନାକୁ ଦୟା କରି କେବେକେବେ ଗ୍ରାହକମାନେ ଅଧିକ କିଛି ଦାନ କରିପକାଉଥିଲେ । ସୋନାର ପିଲା ମନ ବେଳେବେଳେ ଅବାଧ୍ୟ ହୁଏ ।

ISSN NO.
2582-208X

ଗୋଟିଏ ସ୍ଥାନରେ ଅଧିକ ସମୟ ବସି ରହିବାକୁ ମନ କହେନି । ସିଏ ବେଳେବେଳେ ଇଆଡେ ସିଆଡେ ଚାଲିଯାଏ । ତେବେ ଶେଷକୁ ମା' ପାଖକୁ ଫେରିଆସେ । ରାତି କଟେଇବାକୁ ସିଏ ମା' ସହିତ ମଠକୁ ଫେରେ । ମଠରେ କେତେ ଦୟାଳୁ ବାବା ଓ ମାତା ମାନେ ଥାନ୍ତି । ତାଙ୍କ ଭିତରେ ଜଣେ ଥାନ୍ତି ଲଳିତା ମାତା, ଯିଏ ସୋନାର ମା'କୁ ଦୟା ଦେଖାନ୍ତି । ସେମାନେ କୋଉଠି ଗୋଟିଏ ପିଣ୍ଡା କଣରେ ସୋନାର ମା' ଓ ସୋନାକୁ ଶୋଇବାକୁ ଦିଅନ୍ତି । ଏମିତି ଦିନ କଟିଯାଏ ।

ଶେଷକୁ ଗୋଟିଏ ଦୁର୍ଭାଗ୍ୟର ଦିନ ଆସିଲା । ଦୁର୍ଭାଗ୍ୟ କି ସୌଭାଗ୍ୟ କହିହେବନି । ଦୁର୍ଭାଗ୍ୟ ଏଥିପାଇଁ କି ସିଏ ତା' ମା' ଠାରୁ ଅଲଗା ହୋଇଗଲା । ସୌଭାଗ୍ୟ ଏଥିପାଇଁ କି ତାକୁ ଏକ ଅନାଥାଶ୍ରମକୁ ନିଆଗଲା । ସେଦିନ ସିଏ ମା'କୁ ଛାଡି ସମୁଦ୍ର କୂଳରେ ବୁଲୁବୁଲୁ ଫେରିବାକୁ ବାଟ ଭୁଲିଗଲା । ରାତି ହେବାରୁ ଛନକା ପଶିଲା । ପେଟରେ ପ୍ରବଳ ଭୋକ । ସିଏ ବିକଳରେ କାନ୍ଦିଲା । ତା' କାନ୍ଦ ଶୁଣି ହଠାତ୍ ଅନେକ ଲୋକ ରୁଣ୍ଡ ହୋଇଗଲେ । ସେମାନଙ୍କ ମଧ୍ୟରେ ଗୋଟିଏ ସରକାରୀ ସଂସ୍ଥାର ମାଲିକାଣୀ ଥିଲେ । ସିଏ ସରକାରଙ୍କ ଶିଶୁବିଭାଗକୁ ଡକେଇ ସୋନାକୁ ସେମାନଙ୍କ ଜିମା ଦେଲେ । ତା' ପରଦିନ ଠାରୁ ସୋନା ଭୁବନେଶ୍ୱର ଚାଲିଆସିଲା ଓ ଏକ ଅନଥାଶ୍ରମରେ ରହିଲା । ସେତେବେଳକୁ ସୋନାର ବୟସ ୬ ବର୍ଷ । ସୋନାର ମା' ତାକୁ ଖୋଜିଥିଲା କି ନା ସିଏ ଜାଣିନି । ସମସ୍ତଙ୍କୁ ସିଏ ବଡଦାଣ୍ଡର ଠିକଣା କହିଲା, ହେଲେ କେହି ତାକୁ ଯେମିତି ବୁଝିପାରିଲେନି । ତେବେ ସେଇ ଅନାଥାଶ୍ରମରେ ସୋନାର ଶିକ୍ଷା ଆରମ୍ଭହେଲା । ସିଏ ସ୍କୁଲ୍‌କୁ ଗଲା, ପରିଷ୍କାର ପୋଷାକ ପିନ୍ଧିଲା, ପାଠ ପଢିଲା ଓ ତାକୁ ଦିନକୁ ତିନି ଓଳି ଭଲ ଖାଦ୍ୟ ମିଳିଲା । ସୋନାର ଖୁସି କହିଲେ ନସରେ । ମା' ଯଦି ସୋନା ପାଖରେ ଆସି ରହିଥାନ୍ତା, ତେବେ କେତେ ଭଲ ହୁଅନ୍ତା । ହେଲେ ମା'ର ଠିକଣା ସିଏ ତ ଜାଣିନି । କେବଳ ଜାଣିଛି ଲଳିତା ମଠ; ରାତି ହେଲେ ମା' ସେଠି ଶୋଇବାକୁ ଯାଏ । ହେଲେ ଅନ୍ୟମାନେ କେହି ତାକୁ ବୁଝିପାରନ୍ତିନି ।

ତେବେ ଦୁଇ ବର୍ଷ ପରେ ଆଉ ଗୋଟିଏ ବିଶେଷ ସୌଭାଗ୍ୟର ଦିନ ପହଞ୍ଚିଲା । ସେଦିନ ସୋନା ମୁଣ୍ଡରେ ହାତୀ ସୁନା କଳସ ଢାଳିଲା ଓ ସୋନାକୁ ରାଜକନ୍ୟାର ମୁକୁଟ ପିନ୍ଧେଇ

ISSN NO.
2582-208X

ଦିଆଗଲା । ଆମେରିକାରୁ ଜଣେ ଦଂପତି ସୋନାକୁ ନିଜ ଝିଅ ରୂପେ ପୋଷ୍ୟ କରିବେ ବୋଲି ଅନାଥାଶ୍ରମକୁ ଜଣେଇଲେ । ତାପରେ ଛଅମାସ ଭିତରେ ସୋନା ଆମେରିକା ଆସିଲା । ସେଠି ମିଷ୍ଟର ମାଇକେଲ୍ଉ ଇଲ୍ସନ୍ ଓ ତାଙ୍କର ଓଡିଆ ବଂଶୋଦ୍ଭବ ପତ୍ନୀ ରାଣୀ ମହାପାତ୍ରଙ୍କର ଝିଅର ପରିଚୟ ତାକୁ ମିଳିଲା । ସେମାନଙ୍କର ରଡ୍ନି ବୋଲି ଜଣେ ପୁତ୍ର ଥାଏ । ତେବେ ଅନ୍ୟ କେହି ପିଲା ନଥାନ୍ତି । ସେମାନେ କଣ ପାଇଁ ଯେସୋନାକୁ ନିଜ ଝିଅ କରିବାକୁ ବାଛିଲେ, ସେକଥା ସୋନା ଜାଣେନି, ହେଲେସିଏ ଅନେକ ଖୁସି । ତା' ବାଲ୍ୟକାଳରୁ ସିଏ ଯେଉଁ ଦାରିଦ୍ର୍ୟ, ଘୃଣା, ଲାଞ୍ଛନା ଆଦି ସହିଛି, ସେ ତୁଳନାରେ ସିଏ ଏ ଯେଉଁ ନବ ଜନ୍ମ ପାଇଛି, ସେଥିପାଇଁ ଭଗବାନଙ୍କୁ ସିଏ ବହୁତ ଧନ୍ୟବାଦ ଦିଏ । ସୋନାର ନାମ ବଦଳିଗଲା, ପରିଚୟ ବଦଳିଗଲା । ତାର ନାମ ରଖାଗଲା ଆମାଣ୍ଡା । ତାର ପରିଚୟ ହେଲା, ଆମାଣ୍ଡା ଉଇଲ୍ସନ୍, ମିଷ୍ଟର ମାଇକେଲ୍ ଉଇଲ୍ସନ୍ ଓ ରାଣୀ ମହାପାତ୍ରଙ୍କର କନ୍ୟା ।

ସୋନା ଯେଉଁ ସହରରେ ରହେ, ସେଠି ପାଖାଆଖରେ ଅନେକ ଓଡିଆ ରହନ୍ତି । ଓଡିଆ ମାନଙ୍କର ପର୍ବପର୍ବାଣୀ ପାଳନ କରନ୍ତି । ହେଲେ ତାର ବାବା, ମା' କେହି ସେସବୁ ଓଡିଆ ଉତ୍ସବକୁ ଯାଆନ୍ତିନି । ସିଏସବୁ କିଛି ବବି ମାଉସୀଠାରୁ ଯାହାଶୁଣେ । ଓଡିଶାରୁ ଆସିବାର ତିନି ମାସ ପରେ ରଥଯାତ୍ରା ପଡିଲା । ଆମାଣ୍ଡା ମାଙ୍କୁ ପଚାରିଥିଲା, "ମା, ଆମେ ରଥଯାତ୍ରା ଦେଖି ଯିବା ?' ମାକହିଲେ, "ନା, ଆମେ ଭେକେସନ୍ କରିବାକୁ କାନାଡା ଯିବା ।' ସେବର୍ଷ ସେମାନେ ସମସ୍ତେ କାନାଡା ଗଲେ । ଆଈ ସେତେବେଳକୁ ବଞ୍ଚିଥିଲେ । ସିଏବବି ମାଉସୀଙ୍କ ସହିତ ରଥଯାତ୍ରା ଦେଖି ଯାଇଥିଲେ । ଆମାଣ୍ଡା କାନାଡାରୁ ଫେରିବା ପରେ ଆଈ ପଚାରିଲେ, "ଏଠି ରଥଯାତ୍ରା ବହୁତ ଭଲହେଲା । ଭଲ ଖାଇବାପିଇବା ସହିତ, ଭଜନ ପ୍ରୋଗ୍ରାମ୍ ବି ଥିଲା । ଆଉ ତମେମାନେ ସେଠି କଣ ଦେଖିଲ ?'

"ଆମେମାନେ ସେଠି ବହୁତ ମଜା କଲୁ ଆଈ । ଡଙ୍ଗାରେ ବୁଲିଲୁ, ପାହାଡ ଚଢ଼ିଲୁ । ମୁଁ ମୋ ଜୀବନରେ ପ୍ରଥମ ଥର ପାଇଁ ଏତେ ବରଫ ଦେଖିଲି । ହେଲେ ମୋର ରଥଯାତ୍ରାକୁ ଯିବାକୁ ମନ ଥିଲା ।'

ISSN NO.
2582-208X

ଆଈ କାନ୍ଧ ଥାପୁଡେଇ କହିଲେ, "ଆସନ୍ତାବର୍ଷ ତୁ ରଥଯାତ୍ରା ଦେଖିବାକୁଯିବୁ । ତୋ ମା' ଛୋଟ ଥିବାବେଳେ, ଏଠି ଓଡିଆ ଲୋକ କମ୍ ଥିଲେ । ରଥଯାତ୍ରାର ପ୍ରଶ୍ନ ତ ନଥିଲା । ସେଥିପାଇଁ ସିଏ ଏସବୁ କିଛି ଜାଣିନି । ହେଲେ ଏବେ ଓଡିଆ ଲୋକ ସବୁ ସହରରେ ଭର୍ତ୍ତି। ତେଣୁ ସବୁ କିଛି ପର୍ବ ପାଳୁଛନ୍ତି । ତୋ ମା ତ ସେସବୁକୁ ଯିବନି । ହେଲେ ତୁ ବବି ମାଉସୀ କି ମୋ ସାଥୀରେ ଯିବୁ ।'

ସୋନା ବହୁତ ଖୁସିହେଲା । ସେଇ ଆଈ ହିଁ ତାକୁ ପ୍ରଥମେ ସୁନାକଳସୀ କଥା ମନେପକେଇ ଦେଇଥିଲେ । ସିଏ ଏଠାକୁ ଆସିବାର ପରେପରେ ବବିମାଉସୀ, ତାଙ୍କ ଘରକୁ ସମସ୍ତଙ୍କୁ ଡାକିଥିଲେ । ସେଇଠି ପ୍ରଥମେ ସୋନା ଅର୍ଥାତ୍ ଆମାଣ୍ଡାକୁ ଭେଟିଥିଲେ ସମସ୍ତେ । ତାକୁ ଦେଖି ପ୍ରଥମେ ସମସ୍ତେ ଆଶ୍ଚର୍ଯ୍ୟ ହେଲେ । ସେଇଟା ଥିଲା ତା' ଦେହର ରଙ୍ଗକୁ ନେଇ । ତା ଦେହର ରଙ୍ଗ କଳା ଥିଲା, ସେଥିପାଇଁ ଅନେକ ପରିବାର ତାକୁ ପୋଷ୍ୟଭାବେ ଗ୍ରହଣ କରିବାକୁ ପସନ୍ଦ କରିନଥିଲେ । କିନ୍ତୁ ଏଇ ବାବା, ମା, ତା' ଦେହର ରଙ୍ଗ ବିଷୟରେ ନ ଭାବି ତାକୁ ହଠାତ୍ ପୋଷ୍ୟକରିବା ପାଇଁ ସ୍ଥିର କରିନେଲେ । ସେଇ ମନସ୍ତତ୍ୱ ଏପର୍ଯ୍ୟନ୍ତ ସିଏବୁଝିପାରିନି । ତେବେ ଆଈ ତାକୁ ପ୍ରଥମେ ପସନ୍ଦ କରୁନଥିଲେ । ସିଏ ବବି ମାଉସୀଙ୍କୁ କହୁଥିବାର ଶୁଣିଥିଲା ସୋନା, "ରାଣୀର ତ ଯାହା ପସନ୍ଦ ହେବ, ସିଏ କରିବ । ଯଦି ପୋଷ୍ୟ କରିଆଣିଲୁ, ତେବେ ସୁନ୍ଦର ଝିଅଟିଏ ହେଲେ ପୋଷ୍ୟ କରିଥାନ୍ତୁ । ଶେଷକୁ ନେଇ ସୁନାକଳସୀ ଏଇ କାଳୀ ଝିଅଟି ମୁଣ୍ଡରେ ଢାଳିଦେଲା ।' ବବି ମାଉସୀ ବୁଝେଇଲେ, "ବଡ ମା, ସେକଥା ପାଇଁ ତମେ ଚିନ୍ତାକରନି । ରାଣୀ ଗୋଟିଏ ପୁଣ୍ୟ କର୍ମକରିଛି, ସେ ନେଇ ଖୁସିହୁଅ । ଭଗବାନ ତାକୁ ଆଶୀର୍ବାଦ କରନ୍ତୁ ଓ ଏ ଝିଅଟିକୁ ବି ।'

ଆଈ ତାପରେ ଧୀରେଧୀରେ ସୋନାକୁ ଗ୍ରହଣ କରିବାକୁ ଚେଷ୍ଟା କଲେ । ସେଇ ଆଈଙ୍କ କଥା ଭାବି ବେଳେବେଳେ ସୋନା ବ୍ୟସ୍ତ ହୁଏ । ମା' ଙ୍କୁ ପଚାରେ, ମା, ଆଈ କଣପାଇଁ ଏକା ରହୁଛନ୍ତି ? ଆମ ସହିତ କାହିଁକି ରହୁ ନାହାନ୍ତି ? ସିଏ ଏତେ ବୟସ୍କା ହେଲେଣି ।

ISSN NO.
2582-208X

ତାଙ୍କ ହାତରେ ଗୋଡରେ ବଳ ନାହିଁ । ତାଙ୍କୁ ଏକା ରହିବାର ଦେଖିଲେ ମତେ କାନ୍ଦ ମାଡୁଛି ।'

ମା' ବୁଝେଇଥିଲେ । "ଏ ଦେଶରେ ସେମିତି ସମସ୍ତେ ରୁହନ୍ତି; ସ୍ୱାଧୀନ ଭାବେ ରହିବାକୁ ସମସ୍ତଙ୍କର ଇଚ୍ଛା । ତାକୁ ବାଧ୍ୟକଲେ ବି ସିଏ ଆମମାନଙ୍କ ସହିତ ରହିବାକୁ ଚାହିଁବନି । ହେଲେ ଆମେ ତାକୁ ପ୍ରତି ସପ୍ତାହରେ ଦେଖି ଆସିବା ।'

ସେମାନେ ସମସ୍ତେ ସେଇ ନିୟମ ପାଳନ କରୁଥିଲେ । ଆଇଙ୍କୁ ପ୍ରତି ସପ୍ତାହରେ ଥରେ ଦେଖିବାକୁ ଯାଉଥିଲେ । ହେଲେ ସୋନା ଆଇଙ୍କୁ ଯେବେ ଭେଟିବାକୁ ଯାଏ, ତାଙ୍କୁ ଛାଡି ଆସିବାକୁ ଇଚ୍ଛାକରେନି । ତା' ଆଖିରେ ଲୁହ ଆସିଯାଏ । ଏତେ ବାର୍ଦ୍ଧକ୍ୟ ବୟସରେ ଦେହମୁଣ୍ଡର ଯତ୍ନ କିଏ ନେଉଥିବ ? ଘର କାମଦାମ କିଏ କରୁଥିବ ? ଭଲ ରୋଷେଇ କରି କିଏ ଖୁଆଉଥିବ ?

ସେଇଭଳି ଥିଲା ଆଇଙ୍କର ଜୀବନ । ଥରେ ସିଏ ଗାଧୋଉଗାଧୋଉ ପଡିଗଲେ । ତାଙ୍କ ଗୋଡ ଜଖମ ହୋଇଗଲା । ସିଏ କିଛିଦିନ ନର୍ସିଂହୋମ୍ ରେ ରହିଲେ । ଭଲ ହୋଇ ଘରକୁ ଫେରିବା ପରେ କିଛିଦିନ ସେମାନଙ୍କ ପାଖରେ ରହିଥିଲେ । ସେତେବେଳେ ଆଇଙ୍କ ସହିତ ସୋନାର ବନ୍ଧୁତା ହୋଇଗଲା । ସ୍କୁଲ୍‌ରୁ ଘରକୁ ଫେରିଲେ, ଆଇଙ୍କ ସହିତ ସିଏ କିଛି ସମୟ ପାଇଁ ବସିଯାଏ । ଆଇ ଗପନ୍ତି ତାଙ୍କ ସମୟର ଓଡିଶାର କଥା; ଅନେକ ସବୁ ଅସୁବିଧାର କଥା, ବନ୍ୟା, ବାତ୍ୟା, ଝଡ, ଦୁର୍ଭିକ୍ଷ, ହଇଜା ଓ ବସନ୍ତ ରୋଗ ବ୍ୟାପିଥିବାର କଥା । ସୋନାକୁ କହନ୍ତି, "ହେଲେ ଏବେ ସବୁ କୁଆଡେ ବଦଳିଗଲାଣି । ମୁଁ ତ ୧୦ ବର୍ଷ ହେଲାଣି ଆଉ କୁଆଡେ ଯିବାଆସିବା କରିପାରୁନି । ଯାହା ସମସ୍ତଙ୍କଠାରୁ ଶୁଣୁଛି, କେତେସବୁ ପରିବର୍ତ୍ତନ ଘଟିଗଲାଣି ।'

ସୋନାବି ମନ ଖୋଲିଦିଏ । କହେ, "ଆଇ, ସତରେ ମୁଁ ବଡ ଭାଗ୍ୟବତୀ । ମୋ ମା' ଜଗନ୍ନାଥ ମନ୍ଦିର ସାମନାରେ ଭିକ ମାଗୁଥିଲା । ମୁଁ ତା' ପାଖରେ ହିଁ ବସୁଥିଲି ।

ISSN NO.
2582-208X

କେତେବେଳେ ଖାଇବାକୁମିଳେ ତ କେତେବେଳେ ଭୋକ ଉପାସରେ ରହିବାକୁ ପଡେ । ହେଲେ ମୁଁ କାଳିଆ ସାଆନ୍ତଙ୍କୁ ସବୁବେଳେ ଡାକେ । ସେଇଥିପାଇଁ ବୋଧହୁଏ ହାତୀ ମୋ ମୁଣ୍ଡରେ ସୁନାକଳସୀ ଢାଳିଲା । ବାବା, ମା' ମୋତେ ପୋଷ୍ୟକଲେ । ମୁଁ ଏ ନୂଆ ଦେଶ ଦେଖିଲି । କେତେକେତେ ସବୁ ନୂଆ ଅନୁଭବ ପାଇଲି । ହେଲେ ମୋ ସାଙ୍ଗମାନେ ହୁଏତ ସମାନ ଜୀବନ ବଞ୍ଚୁଥିବେ । ମୁଁ ବଡହେଲେ ସେମାନଙ୍କ ପାଇଁ କାମ କରିବି ।'

ଆଇ ପଚାରନ୍ତି, "ତୋ ବାପାକୁ କେବେ ତୁ ଦେଖିଛୁ ନା ନାହିଁ ?'

ସୋନା ଆଖିରେ ଲୁହ ଆସେ, "ନା ଆଇ, ମୋ ବାପା କିଏ ମୁଁଦେଖିନି କି ଜାଣିନି । ତେବେ ବାବା ହିଁ ମୋ ବାପା । ସିଏ ମୋର ଯେମିତି ଯତ୍ନ ନିଅନ୍ତି, ନିଜ ବାପାମାନେ ସେମିତି ଯତ୍ନ ନେଉଥିବେ କି ନା ଜାଣିନି ।'

ଆଇ କୁହନ୍ତି, "ହଁ, ସେ ପିଲାଟି ବହୁତ ଭଲ । ଆମେରିକାନ୍ ହେଲେ କଣ ହେଲା, ତା ହୃଦୟ ବହୁତ ବଡ । ତୋ ଅଜାଙ୍କର ସିଏ ଅନେକ ଯତ୍ନ ନେଇଛି । ଭଗବାନ ତାକୁ ଆଶୀର୍ବାଦ କରନ୍ତୁ ।'

ଆଇ ଟିକେ ଭଲ ହୋଇଆସିବା ପରେ ନିଜ ଆପାର୍ଟମେଣ୍ଟକୁ ଫେରିଗଲେ । ପୁଣି ସେମାନଙ୍କର ସପ୍ତାହରେ ଥରେ ଯିବାଆସିବାଚାଲିଲା । ଆଇ ମଝିରେ ମଝିରେ ଫୋନ୍‌କରି ଭଲ ଅଛନ୍ତି ବୋଲି ଜଣାନ୍ତି ।

ସେଇଟା ଥିଲା ୨୦୧୦ ମସିହାର ଅକ୍ଟୋବର ମାସ । ନୂଆନୂଆ ଥଣ୍ଡା ପଡିଥାଏ । ପ୍ରତି ବୁଧବାର ଦିନ ଆଇ ଫୋନ୍ କରନ୍ତି । ସେଥର ଅକ୍ଟୋବର ୧୩ ତାରିଖ ବୁଧବାର ଦିନ ଆଇ କାହିଁକି ଫୋନ୍‌କ ଲେନି । ଗୁରୁବାର ଦିନ ମା' ଫୋନ୍‌କଲେ । ସିଏ ଧରିଲେନି କି କିଛି ଜବାବ ଦେଲେନି । ସେତେବେଳେ ବାବା ତାଙ୍କ ବୃତ୍ତି ପାଇଁ ଅନ୍ୟ ରାଜ୍ୟକୁ ଯାଇଥିଲେ। ତେଣୁ ଦୁଇଜଣ ପିଲାଙ୍କୁ ନେଇ ମା' ଆଉ ଆଇଙ୍କ ପାଖକୁ ଯାଇ ବୁଝିବାକୁ

ISSN NO.
2582-208X

ସାହସ କଲେନି । ଶନିବାର ଦିନ ବାବା ଫେରିଆସିଲେ । ସେଦିନ ବି ଆଇଙ୍କ ଫୋନ୍ ଲାଗିଲାନି । ସମସ୍ତେ ଅପରାହ୍ନରେ ଆଇଙ୍କ ପାଖକୁ ଯିବାକୁ ସ୍ଥିରକଲେ । ଆଇଙ୍କ ଆପାର୍ଟମେଣ୍ଟରେ କଲିଙ୍ଗ୍ ବେଲ୍ ବଜେଇଲେ ବି କେହି କବାଟ ଖୋଲିଲେନି । ତେଣୁ ମା'ଙ୍କ ପାଖରେ ଯେଉଁ ଡୁପ୍ଲିକେଟ୍ ଚାବି ଥିଲା, ସେଇଆକୁ ବ୍ୟବହାରକରି ସେମାନେ କବାଟଖୋଲିଲେ । ଆଇ କୁଆଡେ ଗଲେ ? ସମସ୍ତେ ତାଙ୍କୁ ଡାକୁଥାନ୍ତି; ହେଲେ ସିଏ ଜବାବ ଦେଉନଥାନ୍ତି । ଶେଷରେ ଦେଖିବାବେଳକୁ ସିଏ ତାଙ୍କ ଶୋଇବାଘରେ ତଳେ ମୁହଁମାଡି ପଡିଛନ୍ତି । ତାଙ୍କ ଦେହରେ ପ୍ରାଣ ନଥିବା ଭଳି ମନେ ହେଉଥିଲା । ବାବା ୯୧୧ ଡାକିଲେ । ଏମରଜେନ୍ସୀ ମେଡିକାଲ୍ ଟିମ୍ ଆସି ପରୀକ୍ଷାକରି ଦେଖିଲେ । ଆଇଙ୍କର ଜୀବନ ନଥିଲା । ଘଟଣା ଏମିତି ଘଟିଯିବବୋଲି ସୋନା ଭାବିପାରିନଥିଲା ।

ଆଇଙ୍କର ସଂସ୍କାର ସେମିତି ଅଳ୍ପରେ କରି ଦିଆଗଲା । କେବଳ ୧୦-୧୨ ଓଡିଆ ପରିବାର ଶେଷ ସଂସ୍କାରରେ ଯୋଗ ଦେଇଥିଲେ । ବାବା, ମା'ଙ୍କର ଓଡିଆ ସଂପ୍ରଦାୟ ସହିତ ଏତେଟା ମିଳାମିଶା ନଥିଲା । ଯଦିଓ ଅଜା ବଞ୍ଚିଥିବା ସମୟରେ ଓଡିଆ ମାନଙ୍କ ସହିତ ମିଳାମିଶା କରୁଥିଲେ ଓ ଓଡିଶାର ବିଶ୍ୱବିଦ୍ୟାଳୟ ମାନଙ୍କରେ ଅନେକ ମେଧାବୃତ୍ତି ଫଣ୍ଡ ଖୋଲିଥିଲେ । କିନ୍ତୁ ତାଙ୍କ ଦେହାନ୍ତ ପରେ, ସବୁ କିଛି ବଦଳିଗଲା ।

ଆଇଙ୍କ ଦେହାନ୍ତ ପରେସୋନା କିଛିଦିନ ଉଦାସ ରହିଲା । ସେଇ ଆଇ ତା' ପାଇଁ ଥିଲେ ଓଡିଶା ସଂସ୍କୃତି ଓ ଓଡିଆ ଭାଷାସହିତ ସଂପର୍କ ରଖିବାର ସୂତ୍ରଧାର । ତାଙ୍କ ଯିବାପରେ ସୋନା ଆଉ କାହା ସହିତ ଓଡିଆ ଭାଷାରେ କଥାବାର୍ତ୍ତା କରିବାର ସୁଯୋଗ ପାଉନଥିଲା । ବବି ମାଉସୀ କେବେକେବେ ମାସକରେ ଥରେ ଦେଖାହୁଅନ୍ତି । ସେତେବେଳେ ସିଏ ବାବାଙ୍କୁ ସମ୍ମାନ କରି ଇଂରାଜୀରେ କଥା ହୁଅନ୍ତି, ନହେଲେ କାଳେ ବାବା ବୁଝିନପାରି ନିଜକୁ ଅପମାନିତ ମନେକରିବେ ।

ଏ ଭିତରେ ୧୩ ବର୍ଷ କେମିତି ବିତିଗଲା ଜଣାପଡିଲାନି । ଏବେ ସୋନା ବୋଲି ଝିଅଟିର ଜୀବନ ଝାପ୍ସା ହୋଇଆସିଲାଣି । ଏବେ ସିଏ ଆମାଣ୍ଡା । ଆମାଣ୍ଡା ଏବେ ପ୍ରାପ୍ତବୟସ୍କା ।

ISSN NO.
2582-208X

ହାଇସ୍କୁଲ୍ ଓ କଲେଜ ସାରି ସିଏ ମେଡିକାଲ୍ କଲେଜର ଛାତ୍ରୀ ହେଲା । ଏବେ ରେସିଡେନ୍ସୀ ସାରିଚାକିରି ଖୋଜୁଛି । କଲେଜ ସମୟରୁ ତାର ଗୋଟିଏ ପୁଅ ସହିତ ନୀରବ ପ୍ରେମ ରହିଆସିଥିଲା । ଏବେ ସେ ପ୍ରେମ ପ୍ରକାଶିତ ହୋଇଆସୁଛି । ତାର ପୁରୁଷବନ୍ଧୁଙ୍କ ନାମହେଲା ରବି ଠାକୁର । ରବିଙ୍କର ବାବା ଓ ମା' ଅରବିନ୍ଦ ଓ ରୂପା ଠାକୁର । କେବଳ ସେଇ ବଂଶ ପରଂପରାକୁ ଡରି ଆମାଣ୍ଡା ରବିକୁ ନିଜର ପ୍ରକୃତ ପରିଚୟ କେବେ ଦେଇନଥିଲା । ରବିର ପରିବାର ବୁଝିଥିଲେ ଯେ ଆମାଣ୍ଡା ଜଣେ ମିଶ୍ର ଜାତିର ବାଳିକା, ହେଲେ ସିଏ ଯେ ତାର ପିତାମାତାଙ୍କର ଜନ୍ମିତ ସନ୍ତାନ ନୁହେଁ, ପାଳିତ ସନ୍ତାନ ସେକଥା ଜଣେଇବାକୁ ଆମାଣ୍ଡାକୁ ଡର ଲାଗୁଥିଲା ।

ଆଜି ରବି ତାକୁ ସେଣ୍ଟ୍ରାଲ୍ ପାର୍କରେ ଭେଟିବେ । ସେଥିପାଇଁ ସିଏ ନର୍ଭସ୍ ଅଛି । ଖାଲି କନକନ ଛନଛନ ହେଉଛି । ରବି କଣ ତାକୁ ପ୍ରପୋଜ୍ କରିଦେବେ ନା' କଣ ? ଏବେ ତ ରେସିଡେନ୍ସୀ ସରିଲାଣି, ଆଉ ଡେରି କାହିଁକି ? ହେଲେ ରବିଙ୍କର ପରିବାର କଣ ତାକୁ ଗ୍ରହଣ କରିବେ । ଯଦିଓ ତାର ରୂପ ରଙ୍ଗରେ କିଛିଟା ପରିବର୍ତ୍ତନ ଆସିଛି, ତଥାପି ତ ସିଏ ଜଣେ କାଳି ଝିଅ । ତାପରେ ଜାତିଗୋତ୍ର ବିହୀନ ଜଣେ ପୋଷ୍ୟା କନ୍ୟା । ରବିଙ୍କର ପରିବାର ବଙ୍ଗାଳୀ ବ୍ରାହ୍ମଣ । ଯଦିଓ ଏ ଦେଶରେ ଜାତିଗୋତ୍ର ଏତେ କେହି ଦେଖନ୍ତିନି, ତେବେ ମଧ୍ୟ ତାକୁ ବୋହୂଭାବେ ଗ୍ରହଣ କରିବାରେ ଯେଉଁସବୁ ପ୍ରତିବନ୍ଧକ ରହିଛି, ସେସବୁକୁତ ଅଗ୍ରାହ୍ୟ କରିହେବନି । ଆମାଣ୍ଡା ତୁଳନାରେର ବି ଅନେକ ସୁନ୍ଦର । ଡେଙ୍ଗା, ଗୋରା ଓ ସୌମ୍ୟକାନ୍ତ । ତାଙ୍କୁ ଥରେ ଦେଖିଦେଲେ ମଣିଷର ଆଖି ଲାଖିଯିବ । ସିଏ ଯେ ଆମାଣ୍ଡାକୁ କାହିଁକି ଭଲ ପାଇଲେ, ଆମାଣ୍ଡା ଜାଣିନି । ହେଲେ କଲେଜ ସମୟରୁ ସେମାନେ ମିଶି ଅନେକ ପ୍ରୋଜେକ୍ଟ ଏକା ସାଙ୍ଗରେ କରିଛନ୍ତି । ଏକତ୍ର ରାତିରାତି ପ୍ରୋଜେକ୍ଟ ପାଇଁ ବିତାଇଛନ୍ତି । ସେଇଥିରୁ ସିଏ ଆମାଣ୍ଡାର ଦରଦୀ ହୃଦୟର ପରିଚୟ ପାଇଛନ୍ତି ଓ ତା ହୃଦୟ ପାଇଁ ହିଁ ନିଜ ହୃଦୟକୁ ବାଜିଲଗେଇ ଦେଇଛନ୍ତି ।

ଘଣ୍ଟାରେ ଚାରିଟା ବାଜିଲା । ରବି କଣ ଭୁଲିଗଲେ ନା କଣ ? ଏତେବେଳକୁ ତ ତାଙ୍କର ପହଞ୍ଚିଯିବା କଥା । ଆମାଣ୍ଡାବି ତାଙ୍କୁ ନିଜର ଲୋକେସନ୍ ପଠେଇଥିଲା । ହୁଏତ ଟ୍ରେନ୍

ISSN NO.
2582-208X

ରେ ଗହଳି ଅଛି । କି କିଛି ଗୋଟିଏ ଘଟିଛି । ଏ ନ୍ୟୁୟର୍କ ସହରରେ ସବୁବେଳେ କିଛିନା କିଛି ଘଟୁଥାଏ । ବିଶେଷତଃ କୋଭିଡ୍ ହେବା ପରଠାରୁ, ଜାତିଆଣ ହିଂସାଠାରୁ ଆରମ୍ଭ କରି ଧାର୍ମିକ ଓ ରାଜନୈତିକ ହିଂସାକାଣ୍ଡ ଏଠି ପ୍ରତି ମୁହୂର୍ତ୍ତରେ ଘଟୁଛି । ହୁଏତ ସେମିତି କିଛି ହେଲା; ସେଥିପାଇଁ ଟ୍ରେନ୍ ବିଳମ୍ବ ହେଲା ।

ରବି ଆସି ଆମାଣ୍ଡାର ଆଖିକୁ ବୁଜି ଧରିଲେ । ଆମାଣ୍ଡା ହଡବଡେଇ ଗଲା । ହୁଏତ କିଏ ଚୋର, ଦୁର୍ବୃତ୍ତ ଚୋରି କରିବା ଯୋଜନାରେ ଅଛି କି କଣ । ଏମିତି ଭାବି ସିଏ ସେ ଚୋରର ହାତ ଖୋଲିବାକୁ ଉଦ୍ୟତ ହେବାକ୍ଷଣି ରବିଙ୍କୁ ଦେଖି ଆଶ୍ୱସ୍ତ ହେଲା । ରବିଙ୍କୁ ତାଗିଦ୍ କରିକହିଲା, "ଏମିତି କଣ କିଏ କରନ୍ତି ? ମୁଁ ଡରିଗଲି । କିଏ ଚୋରବୋଲି ଭାବିନେଲି ।'

"ଭାବିଲ ତ ଠିକ୍‌ଭା ବିଛ । ମୁଁ ତ ତମ ମନ ଚୋରିକରି ନେଇଛି ନା । ସେଇ ଦୃଷ୍ଟିରୁ ଚୋର ବି ହେଲି ।'

"ଆଚ୍ଛା କୁହ, କଣ ସର୍‌ପ୍ରାଇଜ୍ ଦେବବୋଲି କହୁଥିଲ ମୋତେ ?' - ଆମାଣ୍ଡା ପଚାରିଲା ।

"ସର୍‌ପ୍ରାଇଜ୍ ମାନେ, ବହୁତ ଭଲ ସର୍‌ପ୍ରାଇଜ୍ । ଆମ ହସ୍‌ପିଟାଲ୍ ତରଫରୁ ଆମେ କିଛି ଡାକ୍ତର ଡିସେମ୍ବର ମାସରେ ଓଡିଶା ଯାଉଛୁ । ବିଶେଷକରି ପୁରୀ । ସେଠି ସଂକ୍ରାମକ ରୋଗ ବିଷୟରେ ଗୋଟିଏ କନ୍‌ଫରେନ୍ସ ହେବାର ଅଛି । ମୁଁ ଭାବୁଛି, ତମେ ଆସିଲେ ଭଲହୁଅନ୍ତା ।'

ଆମାଣ୍ଡାର ହୃଦୟରେ ଆଲୋଡନ ଖେଳିଗଲା । "ପୁରୀ, ସତରେ ?'

"ହଁ, ପୁରୀ । ହେଲେ ତମେ ଏମିତି ପୁଲକିତ ହେଲ, ଯେମିତି ଲାଗିଲା, ପୁରୀ ଶବ୍ଦ ସହିତ ତମର ଭାବନା ଜଡିତ ଅଛି ?'

ISSN NO.
2582-208X

ଉତ୍ତରରେ ଆମାଣ୍ଡା ଜଣେଇଲା, "ମୁଁ ନିଶ୍ଚୟ ଯିବି । ହେଲେ କୁହ ତ ତମେ କାହିଁକି ଯିବାକୁ ସ୍ଥିର କଲ ?'

"ସେଇଟା ମୋର ସିକ୍ରେଟ୍ । ହେଲେ ତମେ ଜାଣିଲେ କ୍ଷତି ନାହିଁ । ପୁରୀ ମୋର ଜନ୍ମସ୍ଥାନ। ମୋ ବାବା, ମା' ମତେ ପୁରୀର ଏକ ଅନାଥାଶ୍ରମରୁ ପୋଷ୍ୟକରି ପିଲାବେଳେ ଆଣିଥିଲେ ।"

"କଣ ? ତମେ ଅରବିନ୍ଦ ଅଙ୍କଲ୍‌ଙ୍କର ନିଜ ସନ୍ତାନ ନୁହଁ ?' - ଆମାଣ୍ଡା ଆଶ୍ଚର୍ଯ୍ୟ ହୋଇ ପଚାରିଲା ।

"ହଁ, ସେଇଟା ସତ । ସମସ୍ତେ କୁହନ୍ତି ମୁଁ ବାବାଙ୍କ ଭଳି ଦିଶେ । ମୋ ଆଖି ମା'ଙ୍କ ଭଳି । ଦେଖିବାକୁଗଲେ ସମସ୍ତ ଭାରତୀୟ ଅଳ୍ପ ବହୁତ ଏକା ଭଳି ଦିଶନ୍ତି । ତେଣୁ ସହଜରେ କିଏ ଏ ସଂପର୍କ ମୂଳର କାହାଣୀ ବିଷୟରେ ଭାବନ୍ତିନି ।' – ରବି ଉତ୍ତର ଦେଲେ ।

"ଆଶ୍ଚର୍ଯ୍ୟ । ଏମିତି କେମିତି ହେବ ?' - ଆମାଣ୍ଡା ତଥାପି ଚକିତ ଥାଏ । ଇଏ ଯାହାସିଏ ଶୁଣୁଛି, ସେକଥା ବିଶ୍ୱାସ କରିବ ନା ନାହିଁ, କିଛି ଭାବିପାରୁନଥାଏ ।

"ଏଥିରେ ଆଶ୍ଚର୍ଯ୍ୟ ହେବାର କଣ ଅଛି ? ଏ ଦେଶର ପିଲାମାନେ ଅଧିକାଂଶ ଏମିତି । ପୋଷ୍ୟସନ୍ତାନ । ମୁଁ ଅନ୍ୟ ଦେଶରୁ ପୋଷ୍ୟହୋଇ ଆସିଛି । ଅନେକ ଏ ଦେଶର ହୋଇବି ପୋଷ୍ୟ ସନ୍ତାନ ଭାବେ ରହିଛନ୍ତି । କେବଳ ସେଇଟା ପାର୍ଥକ୍ୟ ।'

ରବଙ୍କର ଏ ସ୍ୱୀକାରୋକ୍ତି ପରେ ଆମାଣ୍ଡା କଣ କହିବ, ବୁଝିପାରିଲାନି । ରବିଙ୍କ ହାତକୁ ଜୋର୍ କରି ଭିଡି ଧରିଲା । ଜଗନ୍ନାଥ ଆଜି ପୁଣି ଥରେ ତା' ମୁଣ୍ଡରେ ରବି ତରଫରୁ ସୁନାକଳଶୀ ଢାଳିବାର ଯୋଜନା କରିଛନ୍ତି । ନହେଲେ ସେମାନଙ୍କ ଜୀବନରେ ଏତେ

ISSN NO.
2582-208X

ସାମଞ୍ଜସ୍ୟ କେମିତି ରହିଥାନ୍ତା ? ଆଉ ସେମାନେ କାହିଁକିକଲେଜରେ ପରସ୍ପକୁ ଭେଟିଥାନ୍ତେ, ଏକା କଲେଜରେ ମେଡିକାଲ୍ ପଢୁଥାନ୍ତେ ଓ ଶେଷରେ ପରସ୍ପର ପ୍ରତି ଆକୃଷ୍ଟ ହୋଇଥାନ୍ତେ ?

ରବି ପଚାରିଲେ, "ତମେ ସୁସ୍ଥ ଅଛ ତ ଆମାଣ୍ଡା ? ଏମିତି ଥରୁଛଯେ ?'

"ମୁଁ ସୁସ୍ଥ ଅଛି । ହେଲେ ମୁଁ ଏବେ ତମକୁ ଯାହାକ ହିବି, ତମେ ଶୁଣି ସୁସ୍ଥ ରହିବ ନା ଥରିବ ମୁଁ ଜାଣିନି । କିନ୍ତୁ ମୋର ତମକୁ କହିଦେବା ଉଚିତ୍ ।'

"କୁହ ତେବେ । ଏତେ ଗୌରଚନ୍ଦ୍ରିକା କାହିଁକି ?'

ଆମାଣ୍ଡା ତାପରେ ରବିଙ୍କ ସାମନାରେ ନିଜର ଜୀବନ କାହାଣୀ ବଖାଣିଗଲା । କାହାଣୀର ଶେଷ ଆଡକୁ ଉଭୟଙ୍କ ଆଖିରେ ଆଖିଏ ଲେଖାଏଁ ଲୁହ ।

"ଈଶ୍ୱର ଯାହା କରନ୍ତି, ପ୍ରାଣୀର ମଙ୍ଗଳ ପାଇଁ ।' - ଉଭୟଙ୍କ ମୁହଁରୁ ଏକା ସାଙ୍ଗରେ ଏହି ସ୍ୱୀକାରୋକ୍ତି ବାହାରିଥିଲା । ପାଖ ଗଛରୁ ଝିଟିପିଟି ଟିଏ ଶବ୍ଦ କଲା । ସତେ ଯେମିତି "ସତ ସତ' ବୋଲି କହିଲା ।

ରଦରଫୋର୍ଡ ୱେ, ଡେଟନ୍, ମେରୀଲାଣ୍ଡ୍,
ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ଥରେ ଆସି ଦେଖନ୍ତନି



ପୁଷ୍ପାଞ୍ଜଳି ପଣ୍ଡା

ସୂର୍ଯ୍ୟ ଚନ୍ଦ୍ର ତାରା
ନଦୀ ନାଳ ଗଛ ବୃଛ
କିଞ୍ଚିତ ବଦଳି ଥିଲେବି
ସେମିତି ସବୁଥିବେ
ମୁଁ ନଥିବି...!
ତୁମ ଆଖପାଖରେ ।
ଥରୁଟେ ଚାହଁନ୍ତନି...!
ତମେ କଣ କିଛି  ବ ଦେଖି କି ପାରୁନ,
ଶୁନ୍ ଶାନ୍ ଘର ବାହାର
ଜାଣିଛ, କେହି କିଛି ଦେଖି ବେନି ...!
ମାଟି, ପାଣି, ପବନ, ସାହି, ପଡିଶା,
ନିଜଲୋକ, ପରଲୋକ
କାହାକୁ ଫରକ ପଡିବନି
ଥରୁଟିଏ ଦୃଷ୍ଟି ପକାଇ ଦିଅନ୍ତି ନି...!!

ଖୁବ୍ କଷ୍ଟ ଦାୟକ ଏ ବେଦନା,
ଅସହଣୀ ସମୟର ଏ ଯନ୍ତ୍ରଣା
ଏକଲା ପଣର ଏକକଥା
ଏକ ପରାଜୟ ଏକ ଆହତ ଯୋଦ୍ଧାର

ISSN NO.
2582-208X

ଆଲୋକ ଆସିବା ଡେରିହୁଏ
ଅନ୍ଧାର ତ ଏ ଯାଏ ଛାଡ଼ିବି...!!

ସୂର୍ଯୋଦୟ କି ସୂର୍ଯାସ୍ତ
ଧୂଧୂ ଖରାବେଳେ, କି ସନ୍ଧ୍ୟା ବେଳ
ଅବା କିଟିମିଟି ଅନ୍ଧାର ରାତି
ଘୁମନ୍ତ ଆଖିରେ ସ୍ୱପ୍ନ ଭର୍ତ୍ତି
ନିରୋଳା ପ୍ରେମର ନିଘଞ୍ଚ ଛାତି
ସବୁ ସେମିତି ମନ ଉଖାରୁଛି
କାହାକୁ ପାଶୋରି ଯାଏନି....!

ସୁଖ ଭୋଗୀ ମଣିଷ ମନ ଟେ
ଏମିତି ଗୋଟଉଥିବି,
ଛୋଟ ଛୋଟ ସୁଖ,
ତମେ ଆସ କି ନ ଆସ
ମୁଁ ଥାଏ କି ନଥାଏ
ଆୟୁଷ ଥାଉ ବା ନଥାଉ
ସମର୍ପଣ ରେ ସବୁ ମୁକ୍ତି
ସତ୍ୟ ସିଦ୍ଧାନ୍ତ ଯାଣି
ତୁମକୁ ପ୍ରେମ କରିବା ର
ଅନୁରାଗ ର
ପ୍ରିତିପର୍ଣ୍ଣା ଭାବ
ମୋର କେବେ ଛାଡିବିନି ।
ତୁମେ ଥରେ ଆସି ଦେଖନ୍ତ ନି ..!!!

କେନ୍ଦ୍ରାପଡା

ISSN NO.
2582-208X

# ଆସ ଆସ ବିହଙ୍ଗମ



ନୀଳମଣି ଗୁନ୍ଧ

ଧୀରେ ଧୀରେ ଆସି  ଶୀତ ହେଲାଣି ପ୍ରବେଶ
ଆସ ଆସ ବିହଙ୍ଗମ  ଏ ଶୈଳ ନିବାସ ।

ସୁଦୂର ସାଇବେରିଆ ତୁମ ବାସସ୍ଥାନ
ପ୍ରବଳ ଶୀତରେ ତୁମେ ଦିଶ ଭାରି ମ୍ଳାନ ।

ଅନୁଭବ କଲ ତହିଁ ରହିବା ବିପଦ
ଚିଲିକା ଶୈଳନିବାସ ହେବ ସୁଖପ୍ରଦ ।

ସାଥି ହୋଇ ବ୍ୟୋମପଥେ କରିଲ ଗମନ
ଆସି ନଳବଣଟିରେ କଲ ପଦାର୍ପଣ ।

ଶୀତ ଋତୁଟିରେ ଆହା ଲଭିବ ଆନନ୍ଦ
ରହିବନି  ମନ ମଧ୍ୟେ ତିଳେ ବି ପ୍ରମାଦ ।

ପର୍ଯ୍ୟଟକ ହେବେ ତୃପ୍ତ ଦେଖି ବିହଙ୍ଗମ
କହିବେ ଚିଲିକା ଏବେ ଅତି ମନୋରମ ।

ISSN NO.
2582-208X

ଶୀତ ବିଦାୟର ସାଥେ ସିଏ ଫେରିଯିବେ
ଚିଲିକାର ଚିତ୍ରପଟ ବଦଳେଇ ଦେବେ ।

ଲାଗିବରେ ଏ ରହଣି ନୁହେଁ ଭୁଲିବାର
ଭାଷାରେ ବର୍ଣ୍ଣନା କଲେ ନୁହେଁ ସରିବାର ।

ବିହଙ୍ଗମ ରଖେନାହିଁ ସୀମାର ଫରକ
ତାଙ୍କ ଆଗମନେ ଏଇ କଥାକୁ ପରଖ ।


ବିଶ୍ୱମୈତ୍ରୀ ଭାବନାରେ ଉଦ୍ ବୁଦ୍ଧ ଯେ ସିଏ
ସାଇବେରିଆ ପକ୍ଷୀଟି ଏ ଶିଖେଇ ଦିଏ ।

ଆସ ଆସ ବିହଙ୍ଗମ କରନାହିଁ ଡେରି
ଦେଖି ଥରେ କର୍ମଭୂମିକୁ ଆସିବି ଫେରି ।

୨୭, ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର, ମୋ:୯୫୮୩୨୦୨୩୫୭

ISSN NO.
2582-208X

# ଆମ ସଂସ୍କୃତି ମହାନ ଅତି



ଡ଼କ୍ଟର ସୀମାଞ୍ଚଳ ପ୍ରଧାନ

ମାର୍ଗଶିର ମାସ ଆଦ୍ୟ ଗରୁବାରେ
କରଇ ଯେ ଲକ୍ଷ୍ମୀ ପୂଜା
ଧନ ସମ୍ପତ୍ତିରେ ଘର ପୂରି ଉଠେ
ପଡେନାହିଁ ଆଉ ଖୋଜା l

ସହନଶୀଳତା ନାରୀ ଠୁଁ ଶିଖିଲେ
ହୋଇବା ଆମେ ମହାନ
ଆଜିର କାମକୁ ଆଜି ହିଁ କରିଲେ
ମିଳିବ ନିଶ୍ଚେ ସମ୍ମାନ l

ଲକ୍ଷ୍ମୀଙ୍କୁ ପୂଜଇ  ଯେଉଁ ଘର ନାରୀ
ପିନ୍ଧି ଶୁକଳ ବସନ
ତାହାରି ମନରେ କାଳିମା ନଥାଏ
ନଥାଏ ଟିକିଏ ଖୁଣ l

ବୁଧବାର ରାତି ମଣ୍ଡଳ କାଟିଣ
ନାରୀଏ  ଦିଅନ୍ତି ଝୋଟି
ତା'ଙ୍କ ବିଶ୍ବାlସରେ ଝୋଟିର ଉପରେ

ISSN NO.
2582-208X

ଲକ୍ଷ୍ମୀ ଯାଇଥାନ୍ତି ଲୋଟି ।
କଦଳୀ ମଞ୍ଜାକୁ ତରକାରିକରି
ଭୋଜନ କରନ୍ତି ଲୋକେ
ଗୁରୁବାର ଦିନ ତାହାକୁ ଖାଇଲେ
ରହିବେନି କେହି ଶୋକେ ।


ଚାଲ ଆଜି ଆମେ ନିଷ୍ଠାରେ ଭକ୍ତିରେ
ବୋଲିବା ଲକ୍ଷ୍ମୀ ପୁରାଣ
ପାଖେ ବସିଥିବା ନିରେଖ ଜନଙ୍କୁ
ବୁଝାଇବା ତା'ର ଗୁଣ ।

ଚାରି ପାଳି ଯାକ ଲକ୍ଷ୍ମୀଙ୍କୁ ପୂଜିଲେ
ମିଳିବ ସବୁ ସୁକୃତି
ଲକ୍ଷ୍ମୀ ପୁରାଣକୁ ବୁଝାଇ କହିଲେ
ହୋଇବା ଆମେ ମୁକତି ।

ନଗମ ନଗର-୩ୟ ଗଳି
ଆଙ୍କୁଲି, ବ୍ରହ୍ମପୁର -୧୦
ମୋ: ୬୩୭୨୯୯୪୫୪୫

ISSN NO.
2582-208X

# ଶାକମ୍ବରୀ



ବିନୟ ମହାପାତ୍ର

ପଉଷ ମାସର କୁହୁଡିଆ ଶୀତ ସକାଳରେ ଗରମ ଗରମ ରେଜେଇ ଭିତରେ ଆଖିବୁଜି ଶୋଇରହି ଅନ୍ଧାର ହୋଇଛି, ଅନ୍ଧାର ହୋଇଛି କହିହେଲେ, ସକାଳ କେବେ ବି ଆସିବନି। ସକାଳ ସୂର୍ଯ୍ୟର ସୁନେଲି କିରଣ ଆଉ ଉଷୁମ ପରଶ ପାଇବା ହେଉ ଅବା ଦିବାସୂର୍ଯ୍ୟର ପ୍ରଚଣ୍ଡ ଆଲୋକ, ସବୁକିଛି ଆଖି ଖୋଲିଲା ପରେ ହିଁ ଦୃଷ୍ଟିକୁ ଆସିବ । କେତେ ଦିନ ଏମିତି ଆଖିବୁଜି ବୁଜି ଶୋଇବାର ବାହାନା କରିବ, ଆଉ ଚୁପ୍ ଚାପ ସବୁ ସହୁଥିବ । ଏତିକି କହି ସଦାନନ୍ଦ ଟିକେ ଚୁପ୍ ରହି ନାତୁଣୀ ମୁହଁକୁ ଚାହିଲେ । ଶାକମ୍ବରୀ ସେମିତି କାଠଟାପରି ଠିଆହୋଇ ଜେଜେଙ୍କ ଭାଷଣ ଶୁଣୁଥାଏ । ତା ମୁହଁରେ ଡରଟା ଏବେବି ସ୍ପଷ୍ଟ ଦିଶୁଥାଏ । ତାର ଏଇ ଡର, ଜେଜେଙ୍କ ଭାଷଣ ଶୁଣି ନୁହେଁ ବରଂ ଆଜି କଲେଜରୁ ଫେରିବା ବେଳେ ରାସ୍ତାରେ ଯାହାସବୁ ଘଟିଲା, ସେଇକଥା ମନେ ପକାଇ ଏବେବି ତା ଦେହ ଶିତେଇ ପଡୁଛି। ସଦାନନ୍ଦ ଶାକମ୍ବରୀର ଏ ଅବସ୍ଥା ଦେଖି ଟିକେ ନରମି ଗଲେ, ସ୍ୱରକୁ ଟିକିଏ କୋମଳକରି କହିଲେ ଆରେ, ସେଇଠି ସେମିତି କାହିଁକି ଠିଆ ହେଇଛୁ ? ଆ ମୋ ପାଖରେ ବସ, ଶାକମ୍ବରୀ ଆସି ସୋଫା ଉପରେ ଜେଜେଙ୍କ ପାଖରେ ବସିଗଲା । ସଦାନନ୍ଦ ତାକୁ ପାଖକୁ ଆଉଜାଇ ନେଇ ତାର ମୁଣ୍ଡ ସାଉଳେଇ ଦେଉ ଦେଉ କହିଲେ ।

: ତୁ ଜାଣିଚୁ, ତୋ ନାଆ ଶାକମ୍ବରୀ କିଏ ଦେଲା ? ତୋ ଜେଜେମା ତୋର ଏଇ ନାଆଁଟା ରଖିଛି । ତୁ ଯେତେବେଳେ ଜନ୍ମହେଲୁ ତୋତେ ଦେଖି ତୋ ଜେଜେମା କେତେ ଖୁସି ହୋଇଥିଲା । କହିଲା ମୋ ଘରକୁ ଲକ୍ଷ୍ମୀ ଆସିଲେ, ତୋ ମୁହଁକୁ ଦେଖି କହିଲା, ଦେଖ କି

ISSN NO.
2582-208X

ତେଜ ଅଛି ଝିଅଟାର ମୁହଁରେ, ସତେ ମାଆ ଦୂର୍ଗାଙ୍କର ତେଜ ! ୟା'ର ନାଆ ଦୂର୍ଗା ରଖିବା, ହେଲେ କଣ ଭାବିଲା କେଜାଣି, ଟିକିଏ ଭାବି କହିଲା, ନାହିଁ ଦୂର୍ଗା ପୁରୁଣାକାଳିଆ ଲାଗୁଚି, ତା ନାଆ ଶାକମ୍ବରୀ ରଖିବା । ଜାଣିଛୁ ଶାକମ୍ବରୀ କାହା ନାଆଁ ? ଶାକମ୍ବରୀ ମୁଣ୍ଡ ହଲେଇ ହଁ କହିଲା, ସେଇଟା ପରା ମାଆ ଦୁର୍ଗାଙ୍କର ଆଉ ଗୋଟିଏ ନାଆଁ । ସଦାନନ୍ଦ ଟିକେ ମୁରୁକି ହସିଲେ, ଆଉ ଶାକମ୍ବରୀ ବି ଟିକିଏ ହସିଦେଲା । ତା ମୁହଁ ଉପରୁ ଡରର ବାଦଲ ଧୀରେ ଧୀରେ ଯେପରି ପତଳା ହୋଇଆସୁଥିଲା । ଜେଜେଙ୍କ ପାଖରେ ବସିଲେ ଏମିତି ହୁଏ । ସତରେ ଜେଜେଙ୍କ ପାଖରେ ଯେପରି ଅଭୟଛତ୍ର ଅଛି । ସେଇ ଛତ୍ର ଛାୟାତଳେ ନା ଖରାକୁ ଡର ନା ବର୍ଷାକୁ । ଜେଜେ ପରା ବାପାଙ୍କର ବି ବାପା !

ଶାକମ୍ବରୀ, ଚୁଲବୁଲି ସାଧାରଣ ଝିଅଟିଏ । ମାଆ ବାପାଙ୍କର ଗେହ୍ଲାଝିଅ, ଜେଜେ ଆଉ ଜେଜେ ମାଆଙ୍କର ସତେ ଆଖିର ଡୋଳା । ଶାକମ୍ବରୀକୁ ଯେତେବେଳେ ଦେଢବର୍ଷ ହୋଇଥିଲା ସେତେବେଳେ ତାର ମାଆ ସୁଧରାଣୀଙ୍କର ଗର୍ଭାଶୟରେ ଇନଫେକ୍ସନ ହୋଇଯାଇଥିଲା । ଯାହା ଫଳରେ ଅପରେଶନ କରି ତାଙ୍କ ଗର୍ଭାଶୟକୁ ବାହାର କରି ଦିଆଗଲା । ଡାକ୍ତର କହିଲେ ସେ ଆଉ ମାଆ ହୋଇ ପାରିବେନି । ଏକଥା ଶୁଣି ସୁଧାରାଣୀ ବହୁତ କାନ୍ଦିଥିଲେ, ପୁଅଟିଏ ପାଇଁ କେତେ ଦେବୀ ଦେବତାଙ୍କୁ ପୁଜାକରି ଥିଲେ, ହେଲେ ତାଙ୍କ ଡାକ କେହି ଶୁଣିଲେନି । ସେ ସମୟରେ ଜେଜେ ବୋହୂକୁ ବହୁତ ବୁଝାଇଥିଲେ । କହିଲେ ମାଆରେ ତୁ ଆଜିଯୁଗରେ ବି ପୁଅ ଆଉ ଝିଅ କଥା ଭାବୁଛୁ ?

ଆରେ ପୁଅ କଣ ବେଶି ପାରିବାର ? ତୁ ଦେଖୁନୁ ଆଜି ଝିଅମାନେ ଯାଇ କେଉଁଠି ପହଞ୍ଚିଲେଣି ? ଶାକମ୍ବରୀ ପରି ଝିଅ ଆମର ଅଛି, ଦେଖିବୁ ସେ ପୁଅମାନଙ୍କ ଅପେକ୍ଷା ଆହୁରି ଆଗକୁ ଯିବ । କୋଉ ପୁଅ ବି ତା ସରି ହୋଇପାରିବ ନାହିଁ । ଜେଜେମା ସୁଧାରାଣୀଙ୍କ ମୁଣ୍ଡ ଆଉସୁ ଆଉସୁ କହିଲେ ତୁ ମୋର ସୁନାନାକି ବୋହୂ, ବୋହୂ ନୁହଁତ ମୋର ଜନ୍ମକଲା ଝିଅଠାରୁ ବଳିକି । ଆଜିକାଲି ପୁଅମାନେ ବାପାମାଆଙ୍କର ଖବର ନେଉନାହାନ୍ତି, ଦେଖୁନୁ ସେ ପଟ୍ଟନାୟକ ବାବୁଙ୍କର କଣ ଅବସ୍ଥା ! ଦୁଇ ଦୁଇଟା ପୁଅ ଜନ୍ମ କରିଥିଲେ, ସେମାନଙ୍କୁ ପାଠ ପଢେଇ ଇଞ୍ଜିନିୟର କରେଇଲେ ଦିଜଣଜାକ ସରକାରୀ ଚାକିରୀକରି ଭଲ ଭଲ ପୋଷ୍ଟରେ ଅଛନ୍ତି । କିନ୍ତୁ ବାପାମାଆଙ୍କର ସେବାଯତ୍ନ ତ ଦୂରରକଥା ଦିନେ କାଳେ ଆସି ବାପା ମାଆଙ୍କୁ ଦେଖି ଯିବାକୁ ବି ଆସୁନାହାନ୍ତି । କଣନା ସମୟ ମିଳୁନି । ବୁଢାବାପା ମାଆ ଗାଆଁରେ ଅନାଥ ପରି ପଡିରହିଛନ୍ତି । ଝିଅଟିଏ ଜନ୍ମ

ISSN NO.
2582-208X

କରିଥିଲେ ବୋଲି ସେ ମାସରେ ଥରେ ଦିଥର ଆସି ବାପା ମାଆଙ୍କ ଖବର ନେଉଛି । କେବେ କେବେ ପାଖରେ ନେଇ ରଖି ସେବା ସୁଶୃଷା କରୁଛି । ସବୁ ପୁଅବୋହୂ କଣ ତୁମପରି ହୋଇଛନ୍ତି ? ପୁଅଙ୍କ ଅପେକ୍ଷା ଝିଅ ଲକ୍ଷେ ଗୁଣରେ ଭଲ ।

ଶାକମ୍ବରୀକୁ ପିଲାଟି ଦିନରୁ ପରଘର ପାଇଁ ନୁହେଁ, ବରଂ ସମାଜ ପାଇଁ ଯୋଗ୍ୟ ନାଗରିକଟିଏ ହେବାପାଇଁ ଶିଖା ଯାଉଥିଲା । ଏକ ନିର୍ଭୀକ ସ୍ୱାବଲମ୍ବୀ ଏବଂ ସ୍ୱାଭିମାନୀ ନାଗରିକ ହେବ ସିଏ । ଭଲ ଝିଅଟିଏ ହେବ, ଆଦର୍ଶ ଛାତ୍ରୀ, ଯୋଗ୍ୟ ଅଧିକାରୀ ହେବ ସମାଜ ପାଇଁ । ଭଲ ପତ୍ନୀଟିଏ ହେବ, ସୁଗୃହିଣୀ, ଆଦର୍ଶ ବୋହୂ ହେବ । ଝିଅ ବୋଲି କେବେ ବି ତା ମନରେ ଏ ଭାବନା ନଆସୁ କି ସେ ପୁଅ ମାନଙ୍କଠାରୁ କୌଣସି ଗୁଣରେ କମ୍, ସେଥିପାଇଁ ତାର ମନୋବଳକୁ ବଢାଇବାରେ ସମସ୍ତେ ସହଯୋଗ କରୁଥିଲେ । ପାଠ ପଢାରେ, ଖେଳକୁଦରେ ସବୁପ୍ରକାର କାମରେ ଆଗଭର ହୋଇ ଶ୍ରେଷ୍ଠତା ପାଇଁ ସେ ନିଜେବି ପୁରା ଚେଷ୍ଟା କରୁଥିଲା ।

ପିଲାଟି ଦିନରୁ ଜେଜେ ନାତୁଣୀଙ୍କର କେମିଷ୍ଟ୍ରୀ ଖୁବ୍ ଜମେ । ସଦାନନ୍ଦ ବାବୁ ଆଉ ଶାକମ୍ବରୀ ଦି'ଜଣଙ୍କ ରାଶି କୁଆଡେ ଗୋଟିଏ ରାଶି, ମେଷ ରାଶି । ସଦାନନ୍ଦ କହନ୍ତି 'ମେଣ୍ଢା ମୁଣ୍ଡ ଭାରି ଟାଣ' ଆଉ ଶାକମ୍ବରୀ ବାକିଟା ପୁରଣ କରି କହିଦିଏ, 'ତା ମୁଣ୍ଡକୁ ସାବଧାନ' ଦିହେ ପୁଣି ସାଙ୍ଗ ହୋଇ ହୋ ହୋ ହୋଇ ବଡ ପାଟିରେ ହସି ଘର ଫଟେଇ ଦିଅନ୍ତି । ଜେଜେମା ପାଟିଟାଏ କରି କହନ୍ତି, ବୁଢାଟିଏ ହେଲଣି ଆସି, ନାତୁଣିକୁ ଏଇଆ ଶିଖାଅ, ଅଣ୍ଡିରା ଚଣ୍ଡିଟାଏ ହେବ ଯେ ଦେଖିବ ! ଜେଜେ ହସି ହସି କହନ୍ତି ତା ନାଆଁ ଶାକମ୍ବରୀ ରଖିଛଟି । ପୁଣି ଡରୁଛ କାହିଁକି ? ମୋ ନାତୁଣି ଦୂର୍ଗା, ରାଣୀ ଦୂର୍ଗାବତୀ ହେବ, ବିରାଙ୍ଗନା । ଡରି ଡରି ଜୀଇଁବନି, ବରଂ ଡରେଇବ ସିଏ, ଯିଏ ଅନ୍ୟାୟ କରିବ । ସେଇ ହିସାବରେ ସଦାନନ୍ଦ ନାତୁଣୀକୁ ପ୍ରତି ପଦକ୍ଷେପରେ ନିର୍ଭୀକ ହେବାକୁ ଶିଖେଇ ଆସିଛନ୍ତି । କହନ୍ତି ଡର ତ ସମସ୍ତଙ୍କୁ ଲାଗେ, କୁକୁର ଭୁକିଲେ ସାମ୍ନାରେ ଠିଆ ହୋଇଥିବା ଲୋକଟାବି ଡରେ, କିନ୍ତୁ କୁକୁର ଭୁକେ କାହିଁକି ? କାରଣ କୁକୁରକୁ ବି ଡର ଲାଗେ, ହେଲେ ସେ ନିଜ ଡରକୁ ଲୁଚାଇ ସବୁବେଳେ ମଣିଷକୁ ଡରାଇବାକୁ ଚେଷ୍ଟାକରେ । ଉଭୟଙ୍କୁ ଡରଲାଗେ କିନ୍ତୁ ଉଭୟ ନିଜ ଡରକୁ ଲୁଚାଇ ଅନ୍ୟକୁ ଡରାଇବାକୁ ଚେଷ୍ଟାକରନ୍ତି । ଶେଷରେ ଯିଏ ନିଜ ଡରକୁ ଜିତିବାରେ ସଫଳ ହେଲା, ସିଏ ଜିତିଲା । ତେଣୁ ନିଜ ଡର ଉପରେ ବିଜୟଲାଭ କରି ପାରୁଥିବା ବ୍ୟକ୍ତି ହିଁ ସାହସୀ ମଣିଷ ହୋଇପାରେ ।

ISSN NO.
2582-208X

ହେଲେ, ଆଜି ଶାକମ୍ବରୀ ଡରିଗଲା ଦିଇଟା ଲଫଙ୍ଗା ପିଲାଙ୍କର କମେଣ୍ଟ ଶୁଣି । ସେ ପିଲା ଦିଟା ଶାକମ୍ବରୀ ପଛେ ପଛେ ସାଇକେଲରେ ଗୁଡାଏ ବାଟ ଯାଏ କମେଣ୍ଟ କରି କରି ତାକୁ ଗୋଡେଇଲେ ଆଉ ସେ ପ୍ରାଣ ବଞ୍ଚାଇ ଡରି ଡରି ଘରକୁ ଆସି ଜେଜେଙ୍କୁ ସବୁ କହିଲା । ଶାକମ୍ବରୀ ଡରିବା ଝିଅ ନୁହେଁ, କିନ୍ତୁ ଲଢେଇ ଝଗଡାକୁ ସବୁବେଳେ ଆଭଏଡ କରିବାକୁ ଚେଷ୍ଟାକରେ । ସେ ଚାହିଁଥିଲେ ପିଲାଦୁଇଟାକୁ ସେଇଠି ଭଲକରି ପାନେ ଦେଇପାରିଥାଆନ୍ତା। କିନ୍ତୁ ଚୁପଚାପ୍ ଚାଲିଆସିଲା ।

ସଦାନନ୍ଦ ବାବୁ ଶାକମ୍ବରୀ ମୁହଁକୁ ଚାହିଁଲେ । ପଚାରିଲେ, ଆଜିତ ତୁ ଆସିଗଲୁ, କାଲି ପୁଣି କଲେଜ ଯିବୁ । ସେ ପିଲା ଦିଟା ପୁଣି ଆସିବେ, ପୁଣି କମେଣ୍ଟ କରିବେ, ସେତେବେଳେ ତୁ କଣ କରିବୁ ?

: ଶାକମ୍ବରୀ ଡରି ଡରି କହିଲା ସେ ପିଲା ଦିଟା ପୁରା ବଦମାସ ପରି ଦେଖା ଯାଉଥିଲେ, ସେଇଥି ପାଇଁ ମୁଁ ଲଢେଇ କରିବାକୁ ଚାହୁଁ ନଥିଲି ।

ସଦାନନ୍ଦ କହିଲେ, ଲଢିବାକୁ କିଏ କହୁଛି ? ଲଢେଇ ତ ସବୁ ଜିନିଷର ଶେଷପନ୍ଥା ନୁହେଁ! ତୁ କଣ ଜାଣିନୁ, ମହାତ୍ମା ଗାନ୍ଧୀ ବିନା ଲଢେଇରେ ଏତେବଡ ଦେଶଟାକୁ ସ୍ୱାଧୀନ କରିଦେଇଥିଲେ । ବାର୍ତ୍ତା ହେଉଛି ଉତ୍ତମ ପନ୍ଥା । ଜାଣିଛୁ, ଭାରତ ପାକିସ୍ଥାନ ପରସ୍ପରର ସବୁଠାରୁ ବଡ ଶତ୍ରୁ, ଦୁଇ ଦେଶ ନିଜ ନିଜର ସେନାକୁ ସୀମାର ଦୁଇପାଖରେ ସବୁବେଳେ ସଜାଗ କରି ରଖିଛନ୍ତି, ଯୁଦ୍ଧ କରିବାକୁ । କିନ୍ତୁ ଯୁଦ୍ଧ ହେଉନି, ଜାଣିଛୁ କଣ ପାଇଁ ? ଶାକମ୍ବରୀ ପ୍ରଶ୍ନିଳ ଆଖିରେ ଜେଜେଙ୍କ ମୁହଁକୁ ଚାହିଁରହିଥାଏ । ଜେଜେ ଥରେ ଶାକମ୍ବରୀ ମୁହଁକୁ ଚାହିଁ ପୁଣି କହିବା ଆରମ୍ଭ କଲେ, କହିଲେ, 'ବାର୍ତ୍ତା', ବାର୍ତ୍ତା ହେଉଛି ଶ୍ରେଷ୍ଠ ପନ୍ଥା । ଦୁଇ ଦେଶ ମଧ୍ୟରେ ସବୁବେଳେ ଦ୍ୱିପକ୍ଷୀୟ ବାର୍ତ୍ତା ବିନିମୟ ଚାଲିଛି । ଯେଉଁଦିନ ଏହି ବାର୍ତ୍ତା ବିନିମୟ ବନ୍ଦ ହୋଇଯିବ, ଜାଣ ସେହି କ୍ଷଣରେ ସୀମାନ୍ତରେ ଘମାଶାନ ଲଢେଇ ଆରମ୍ଭ ହୋଇଯିବ । ତୁ ସାହସୀ ଝିଅଟେ, କରାଟେରେ ବ୍ଲାକବେଲ୍ଟ ଚମ୍ପିୟନ, କିନ୍ତୁ ତାର ଅର୍ଥ ନୁହେଁ ସବୁବେଳେ ନିଜର ଶକ୍ତି ପ୍ରଦର୍ଶନ କରିବୁ କିମ୍ବା ଅନ୍ୟକୁ ଡରେଇବୁ । ଶକ୍ତି ଅନ୍ୟର ରକ୍ଷାପାଇଁ ବ୍ୟବହାର କରିବା ବୀରତ୍ୱର ସବୁଠାରୁ ବଡ ଗୁଣ ଏବଂ ନିଜ ଆତ୍ମରକ୍ଷା ପାଇଁ ତ ଶକ୍ତି ନିଶ୍ଚୟ ପ୍ରଦର୍ଶନ କରିବ । କଛି ଲୋକ କଥାରେ କଥାରେ ବୁଝି ଯାଆନ୍ତି,

ISSN NO.
2582-208X

ଆଉ କିଛି 'ଲାତ୍ କା ଭୂତ' ଥାଆନ୍ତି । ତାଙ୍କୁ କଥାରେ ନୁହେଁ ବରଂ ହାତରେ ବୁଝାଇବାକୁ ପଡେ । ତୁ ତ ଦୁଇଟିଜାକ ବିଦ୍ୟାରେ ନିପୁଣ, ଡରିବାର କିଛି ନାହିଁ, ବୁଝିଲୁନା ? ଶାକମ୍ବରୀ ଟିକେ ହସିଦେଲା । ସଦାନନ୍ଦ ତା ପିଠି ଥାପୁଡେଇ ସ୍ନେହରେ କୋଳେଇ ନେଲେ ।

ପରଦିନ ସକାଳେ, ସବୁଦିନ ପରି କଲେଜ ଯିବା ପାଇ ବାହାରି ପଡିଲା ଶାକମ୍ବରୀ । ସଦାନନ୍ଦ ସକାଳୁ ତାକୁ ଅବଜର୍ଭ କରୁଥାଆନ୍ତି । ତା ମୁହଁରେ ଏକ କନଫିଡେନ୍ସର ତେଜ ଝଲକୁଥାଏ । କାଲିର ଡର ତା ମନରେ ତା ବ୍ୟବହାରରେ କେଉଁଠି ବି ନଜର ଆସୁନଥିଲା। ହେଲେ ସଦାନନ୍ଦଙ୍କ ମନରେ ଅଳ୍ପ ଟିକେ ଡର ଥାଏ । ଯେତେ ହେଲେ, ଝିଅଟାଏ ତ । ଯଦି କିଛି ଓଲଟା ପାଲଟା ହୁଏ, ଆଉ ସେ ହାଣ୍ଡଲ କରି ନପାରେ ? ହୁଏତ ସଦାନନ୍ଦଙ୍କର ଏପରି ଡର, ନାତୁଣୀପ୍ରତି ନିଜର ଅତ୍ୟଧିକ ସ୍ନେହ ବା ପ୍ରୋଟେକ୍ଟିଭ ମନୋବୃତ୍ତି ଯୋଗୁ ହେଉ କିମ୍ବା ଆମ ସମାଜର ସେହି ପୁରୁଣା ମନୋବୃତ୍ତି, ଝିଅଙ୍କୁ ଦୁର୍ବଳ ଭାବିବା ଏବଂ ତାଙ୍କର ଶକ୍ତିକୁ କମ୍ କରି ଅଙ୍କିବାର ମନୋଭାବ ଯୋଗୁ ହେଉ, ମଣିଷ ମନରେ ଏ ପ୍ରକାର ଡର ବହୁତ ସ୍ୱାଭାବିକ୍ । ଯେତେ ହେଲେ ସଦାନନ୍ଦ ତ ଏଇ ସମାଜର ସାଧାରଣ ମଣିଷଟିଏ ! ସଦାନନ୍ଦ ସ୍ଥିରକଲେ ସେ ଆଜି ଶାକମ୍ବରୀର ଅଜାଣତରେ ତା ପଛେପଛେ ତାଠାରୁ ଟିକେ ଦୂରତାରଖି ତାକୁ ଫଲୋ କରିବେ । ସେ ଠିକ୍ ଠାକ୍ ନିରାପଦରେ କଲେଜରେ ପହଞ୍ଚିଗଲା ପରେ ଘରକୁ ଫେରିବେ । ଏବଂ କଲେଜ ଛୁଟି ସମୟରେ ମଧ୍ୟ ସେୟା କରିବେ । କିଛିଦିନ ଏପରି କରିବାକୁ ସେ ମନେ ମନେ ସ୍ଥିର କରିନେଇଥିଲେ । ଯେତେହେଲେ ଶାକମ୍ବରୀ ତାଙ୍କର ହୃଦୟଠାରୁ ବି ଅଧିକ ନିଜର ଥିଲା।

ଶାକମ୍ବରୀ ଆଗେ ଆଗେ ତାର ସାଇକେଲରେ ଚାଲୁଥାଏ, ଆଉ ସଦାନନ୍ଦ କିଛି ଦୂରତାରଖି ତା ପଛେ ପଛେ ସାଇକେଲରେ ଚାଲୁଥାନ୍ତି । କିଛିବାଟ ଗଲାପରେ କଲୋନୀର ଶେଷରେ ଗୋଟାଏ ଛକ ପଡେ, ଡାହାଣ ପଟକୁ ଗଲେ କଲେଜ ଏବଂ ବାଆଁପଟ ରାସ୍ତାଟା ବଜାର ଆଡକୁ ସିଧା ଗଲେ କଚେରୀ ଛକ ଆସେ । କଲେଜପଟକୁ ରାସ୍ତାଟା ଟିକେ ନିଛାଟିଆ, ବେଶି ଭିଡଭାଡ ହୁଏନା ସେ ରାସ୍ତାରେ । ଶାକମ୍ବରୀ କଲେଜ ରାସ୍ତାର କିଛି ଦୂର ଯିବାପରେ ସେ ପିଲା ଦୁଇଟି ଯେପରି ତାକୁ କେଉଁଠି ଅପେକ୍ଷା କରିଥିଲେ । ସେମାନେ ବାହାରି ତା ପଛେ ପଛେ ତାକୁ ଫଲୋ କରିବା ଆରମ୍ଭ କରିଦେଲେ ଏବଂ ମଝିରେ ମଝିରେ ବିଭିନ୍ନ କମେଣ୍ଟ ବି କରୁଥାଆନ୍ତି । କିଛିବାଟ ଯାଇ ଶାକମ୍ବରୀ ସାଇକେଲରୁ ଓହ୍ଲାଇ ପଡିଲା ।

ISSN NO.
2582-208X

ଏବଂ ପିଲା ଦୁଇଟି ଯାଇ ତା ପାଖରେ ପହଞ୍ଚି ଗଲେ । ଶାକମ୍ବରୀ ତାଙ୍କୁ କହିଲା, ଭାଇ, ମୁଁ ଯଦି ତୁମର ଭଉଣୀ ହୋଇଥାନ୍ତି ତେବେ ବି କଣ ତୁମେ ମୋ ସହିତ ଏପରି ବ୍ୟବହାର କରି ଥାଆନ୍ତ ? ତୁମର କଣ କେହି ଭଉଣୀ ନାହାନ୍ତି । ତାର ଏଇକଥା ଶୁଣି ସେ ପିଲା ଦୁଇଜଣଙ୍କ ଭିତରୁ ଜଣେ କହିଲା, ସରି ସିଷ୍ଟର ଭୁଲ ହୋଇଗଲା ଏବଂ ଆର ପିଲାଟି ଆଡକୁ ଚାହିଁ କହିଲା, ଆରେ ଚାଲ, ତାକୁ ଯିବାକୁ ଦେ । କିନ୍ତୁ ଅନ୍ୟ ପିଲାଟି ଟିକେ ଅଲଗା ପ୍ରକାରର ଥିଲା । ସେ ଶାକମ୍ବରୀ ଚାହିଁ କହିଲା, ହେ ମିସ୍, ସବୁ ସୁନ୍ଦରୀ ଝିଅଙ୍କୁ ଆମେ ଯଦି ସିଷ୍ଟର କହିବୁ ତେବେ ରୋମାନ୍ସ କାହା ସାଙ୍ଗେ କରିବୁ ?

ଶାକମ୍ବରୀ ସେ ପିଲାଟିକୁ ଟିକେ ଭଲ କରି ଦେଖିଲା, ପୁଣି କହିଲା, ସରି, ଏଇଟା ମୋର ଭୁଲ, ସବୁ ପୁଅଙ୍କୁ ରାମ ଭାବି ପୂଜା କଲେ ରାବଣ ମାନେ ପୁଣି କୁଆଡେ ଯିବେ ? ତାଙ୍କୁ ପୁଣି ଦଣ୍ଡ କିଏ ଦେବ ? ପିଲାଟି ସାଙ୍ଗେ ସାଙ୍ଗେ ବଡପାଟିରେ ହସିଦେଇ କହିଲା, ରାବଣ କହିଲଣି ଯେତେବେଳେ, ତାହା ହେଲେ ଏବେ ସୀତା ହରଣଟା ବି ହୋଇଯାଉ, କହି ସେ ଶାକମ୍ବରୀର ହାତକୁ ଧରି ପକାଇଲା । ବିଚରା ସେଇଠି ସିଏ ତା ଜୀବନର ମସ୍ତବଡ ଭୁଲଟାଏ କରିଦେଲା । ସେ ହୁଏତ ଠିକଭାବେ ବୁଝିପାରି ନଥିଲା ଶାକମ୍ବରୀକୁ । ଶାକମ୍ବରୀ ନିଜକୁ ସମ୍ଭାଳିନେଇ ହଠାତ୍ ତାର ଆଣ୍ଠୁ ଉଠାଇ ସିଧା ମାରିଲା ଆଣ୍ଠୁଆଟାଏ ସେ ପିଲାର କୋଳସନ୍ଧାକୁ । ହଠାତ୍ ଯେପରି ହଜାର ଭୋଲ୍ଟର କରେଣ୍ଟ ଲାଗିଗଲା ପିଲାଟା ଦେହରେ । ସେ ନିଜର ଅଣ୍ଡକୋଷକୁ ଜାବୁଡିଧରି ସେଇଠି ନଇଁ ପଡିଲା । ଏଇ ସମୟରେ ଶାକମ୍ବରୀ ଯୋରଲଗାଇ ମାରିଲା ତାର କହୁଣୀକୁ ତା ପିଠି ଉପରେ । ବିଚରା ଟୋକାଟା ଏପରି ଶକ୍ତ ପ୍ରହାର ଆଶା କରିନଥିଲା, ସମ୍ଭାଳି ପାରିଲା ନାହିଁ ଏହି ଅତର୍କିତ ଆକ୍ରମଣ, ଯନ୍ତ୍ରଣାରେ ଗଡିଗଲା ସେଇ ରାସ୍ତାଟା ଉପରେ । କିଛି ଲୋକ ବି ସେତେବେଳକୁ ଜମା ହୋଇ ଯାଇଥିଲେ ସେ ଜାଗାରେ । କିଏ ଜଣେ ପୋଲିସକୁ ବି ଫୋନ କରିଦେଲା । ସଦାନନ୍ଦ ଭିଡ ଭିତରେ ଠିଆ ହୋଇ ସବୁ ଦେଖୁଥାନ୍ତି । କିଛି ସମୟ ଭିତରେ ପୋଲିସ ଗାଡି ଆସି ପହଞ୍ଚିଗଲା ଏବଂ ଶାକମ୍ବରୀର ସାହାସିକତା ପାଇଁ ତାର ପ୍ରଶଂସା କରିବା ସହିତ ପିଲାଟିକୁ ଇଭଟିଜିଂ ମାମଲାରେ ସାଙ୍ଗରେ ଥାନାକୁ ନେଇଗଲେ ।

ସେତେବେଳକୁ ଜେଜେ ଶାକମ୍ବରୀ ସାମ୍ନାରେ ପ୍ରକଟ ହୋଇଗଲେ, ତା ପିଠିରେ ହାତ ପକାଇ ତାକୁ କହିଲେ, ତୁ ଆଜି ମୋତେ ବଡ ନିରାଶ କଲୁ । ଶାକମ୍ବରୀ କିନ୍ତୁ ବୁଝି ପାରୁନଥାଏ ଜେଜେ କଣ କହିବାକୁ ଚାହୁଁଛନ୍ତି । ଜେଜେ ହସି ହସି କହିଲେ ଆଜି ଆଉ

ISSN NO.
2582-208X

କିଛି ଅଧିକ କରାଟେ ଦେଖିବାକୁ ଇଚ୍ଛା ଥିଲା, ହେଲେ...., ଶାକମ୍ବରୀ ଟିକେ ହସିଦେଲା, ହସି ହସି କହିଲା, ଜେଜେ ତମେବି, ତୁମେ ସେ ପିଲାଟିକୁ ଦେଖିଲନା, ବିଚରା ଏଇ ଦେଶୀ ମେଡିସିନରେ ସେ ଚିତ୍ ହୋଇଗଲା, କରାଟେ ତା ପାଇଁ ଓଭରଡୋଜ ହୋଇ ଯାଇଥାଆନ୍ତା । ଦିହେ ଏକା ସାଙ୍ଗରେ ହସି ଉଠିଲେ ।

***#***

ପଟିଆ, ଭୁବନେଶ୍ୱର

ISSN NO.
2582-208X

# ଶୀତ ସକାଳ



ଡଃ ମାଙ୍ଗଳିକା ମହାପାତ୍ର

ଅଳସୀ ଖରାର ଉଷୁମ ସ୍ୱର୍ଶରେ
ଭିଜୁଥାଏ ଯେବେ ମୁଁ ତୁମ ସ୍ମୃତିରେ
ଫୁଲେଇ ଦୁଇ ପାଉଁଜିର ଘୁଙ୍ଗୁର
ରୁଣୁ ଝୁଣୁ ଶବ୍ଦ କରେ ପାଦରେ...

ଦିଅଁଙ୍କ ପାଇଁ ବଗିଚାରେ
ଫୁଲ ତୋଳୁ ତୋଳୁ ସେ
ହଜିଯାଏ ସେ ତ
ତୁମରି ଭାବନାରେ...

ସ୍ୱପ୍ନ ସବୁ ସରିଯାଏ
ହେଲେ ରାତି ସରେନି
ଭାବନାର ସାଗରରେ
ସପନ ଥଳକୂଳ ପାଏନି

ISSN NO.
2582-208X

ରାତି ଆଉ ରାତି ପରି ଦିଶେନି
ଛାତିଏ ଅନ୍ଧାରରେ ମନ ମିଶେନି
ଖୋଲା ଆକାଶର ଖିଆଲି ମେଘକୁ
ଛୁଇଁବାକୁ ମନ ଉଡ଼ିଯାଏ ଆକାଶକୁ...

ତୁମେ ମୋର ହୃଦୟର ପ୍ରତିଟି କୋଠରୀରେ...
ତୁମକୁ ରଖିଛି ଲୁଚେଇ ଏଇ ମନ ମନ୍ଦିରରେ...
ଜାଣେ ଗୋ ଜାଣେ ତୁମେ ଖୋଜ ପ୍ରତି ପ୍ରହରରେ...
ଛୁଇଁଲେ ରୋମାଞ୍ଚ ଭରିଦିଅ ଶାନ୍ତ ଶରୀରରେ...

ରେଭେନସା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ବୋଝ



ଡ. ନୀଳମାଧବ କର

ତାଙ୍କପାଇଁ ମୁଁ ଏକ, ଅଦରକାରୀ ଦୁଃଖର ବୋଝ
ମୋ ଉପସ୍ଥିତି, ହସ ଲିଭେଇଦିଏ
ମୁହଁରୁ, ମନରୁ ତାଙ୍କର
ନିଜ କାମ ପଛରେ ଦୌଡ଼ୁ ଦୌଡ଼ୁ
ତାଙ୍କ ଥକିଯାଇଥିବା ଶୁଖିଲା ମୁହଁର
ଓଠକଣର ହସ, ସୂଚେଇ ଦିଏ – ସମ୍ଭବତଃ
'ତୋ ପାଇଁ ଦୟା ଦେଖେଇବା ଛଡ଼ା
ଦୁଃଖ କରିବା ଛଡ଼ା, ଆଉ କଣ କରିହେବ'

.

ଜିଇଁ ଥାଉ ଥାଉ, ନିମିଷକେ ଅନ୍ୟର
ଦୟାର ପାତ୍ର ହେଇଯିବା, କେତେ ଅସହ୍ୟ
ସମ୍ମାନ ତ ହଜିଯାଏ ଆପେ ଆପେ
ପୁଣି ନିଜ ଇତିହାସକୁ ଭୁଲିଯାଇ
ମଣିଷ କେତେ କାକୁସ୍ଥ ହେଇଯାଏ
ମୁହଁ ଉଠେଇ ଚାହିଁ ନଥିବା ମଣିଷଙ୍କ ଆଗେ

.

ISSN NO.
2582-208X

ନିରବ ବ୍ୟାକୁଳତା, କେମିତି କୋଳାହଳମୟ ହେଇ
ପହଞ୍ଚିଯାଏ ସମସ୍ତଙ୍କ ପାଖେ, ବିଶ୍ୱାସ ହୁଏନା
.
ଜାବୋଡ଼ି ଧରିବାକୁ ଇଚ୍ଛା ହୁଏ, ପାଖର ମଣିଷକୁ
ସେ କିନ୍ତୁ ହାତ ହଲାଏ ବିଦାୟର
.
ପ୍ରିୟ ଜନର ଆଖିର ଲୁହ, ରୁନ୍ଧିଦିଏ ଜୀବନର ସ୍ରୋତ
ତା ନିଃସ୍ୱତା, ତା ଅସହାୟତା, ଆକୁଳତା
କହେ, କେଉଁ ହୃଦୟ କୋଣରେ, ମୁଁ ବଞ୍ଚିଛି ଏବେବି, ଓ
ଦୁଃଖ ଦେଉଛି, ମତେ ଭଲ ପାଉଥିବା ମଣିଷମାନଙ୍କୁ

***

ଓଲଭରହାମ୍ପଟନ, ୟୁକେ

ISSN NO.
2582-208X

# ଆତ୍ମାର ସ୍ୱର



ସବିତା ତ୍ରିପାଠୀ

ସାତ ସୂରେ ବନ୍ଧା ଏ ଜୀବନ
ତଥାପି ଏକାକୀ ଲାଗେ ମନ
ସକାଳ ପହିଲି କିରଣେ
ଜୀବନ ମହକି ଉଠେ ସମୀରଣେ
ତଥାପି ଶୂନ୍ୟତା ଭରିଦିଏ,
ଝାପସା ଝାପସା ପ୍ରୀତିର ଚିହ୍ନେ......

ଚିତ୍କାର ହୋଇ ଉଠୁଛି ଯେବେ
ଆଉ ମାରନା, ମୁଁ ମରି ସାରିଛି
ଆଉ ଜଳାଅନା, ମୁଁ ନିଜେ ଜଳିଯାଇଛି,
କେଉଁଠି ଭୁଲ ରହିଲା ମୋର
ଆଖିରେ ନାହିଁ ଲୁହ ଧାର,
ଚିତ୍କାରିତ ମୋ ଅନ୍ତରାତ୍ମା ସ୍ୱର.....

ଅବ୍ୟକ୍ତ ଆତ୍ମାର ଅନ୍ତଃ ସ୍ୱର
ହୃଦୟେ ଭରି କଣ୍ଟା ଚାଦର
ଶୁଆଇ ଦେଉଛି ମନ ଉପବନେ
ସାଇତିଥିବା ଅନେକ ଆଶା ଅସୁମାରୀ,

ISSN NO.
2582-208X

ନିଇତି ନୂତନ କିରଣେ ଉଁକାରୀ ଉଠିଛି
ପ୍ରତିବିମ୍ବ  ତାଜମହଲ ସ୍ୱପ୍ନର.....

ପ୍ରେମର ଦର୍ପଣେ
ରଙ୍ଗ ମାଖି ମହଣେ ମହଣେ
ବୟସର ଅପରାହ୍ନେ ହଜେଇଦେଇଛି
ହୃଦୟର ଚାବି,
ନା ଅଛି ପ୍ରତିଶୃତି ର ଭୟ
        ନା ଅଛି ପ୍ରତାରଣା ର
ସତେଯେମିତି ଜୀବନ ଲାଗେ ଊଣା ଊଣା.....

ନବୀ ମୁମ୍ବାଇ

ISSN NO.
2582-208X

# ତୃଷ୍ଣା ନିବାରକ



ଡ. ଶକୁନ୍ତଳା (ନାୟକ) ଗୁପ୍ତା

ଯେବେ ସେ ଦିବ୍ୟସୁଗନ୍ଧର ଆବେଗରେ
ବାସ୍ନାୟିତ ହୋଇ ଉଠେ ଶୁଷ୍କମନ ମୋର
ସେହି ଏକମାତ୍ର ଦିବସରେ
ମୁଁ ନିଜକୁ ସଚଳ ଜୀବନ୍ତ ଅନୁଭବ କରେ ।
ନଚେତ୍, ଅନ୍ଧାର-ଆଲୁଅର ଆବର୍ତ୍ତନ ଖେଳରେ
କେତେ ଯେ ଯୁଗ ନିଶ୍ଚିହ୍ନ ହୁଏ,
କେ ହିସାବ ରଖେ ?
ଏ ଯେମିତି ଶବ ପାଲଟି ଥିବା
ରକ୍ତଚନ୍ଦନର ଡାଳରତ୍ନ ଖଣ୍ଡିକ;
ହୁଏତ ପଥର ପେଡ଼ିରେ ଘୋରି ହେଇ ପାଇଯାଏ
ମୁକ୍ତିମାର୍ଗ !

ଏ ଜୀବନେ
ବିଷାଦ ତା' ଶାଖା ବିସ୍ତାର କରେ
ଅପରାହ୍ଣର ଲମ୍ବ ଛାଇ ପରି,
କଳୁଷିତ ଅନ୍ତରାତ୍ମା ଭାରାକ୍ରାନ୍ତ କରେ,
ଅବରୋଧକୁ ନ ମାନି ଲୋତକର ପାରଦ-ଧାର
ଆବଦ୍ଧ ଚିବୁକରେ ଗଡ଼େ,

ISSN NO.
2582-208X

ଏ ସବୁ ତ, ନିଛକ ଚିତ୍ରଣ ସାୟାହ୍ନର;
ଆକାଶ ସଙ୍ଗେ ଗଳ୍ପ କରୁ କରୁ
ଯେବେ ନିଜ ଚକ୍ଷୁ ମାପି ପାରେନା ଉଚ୍ଚତା
ନିଜ ଉଡ଼ାଣର,
ଏକ ନିସଂଗ, ପକ୍ଷରହିତ ଛଞ୍ଚାଣର କ୍ଷରିତଚଞ୍ଚୁ
ତା' ଯୌବନର ପରିଭାଷା ଖୋଜିବା ଭଳି!

ମୋର ଅହେତୁକ ଦୁଷ୍ଚିନ୍ତା ଯେ,
ଲଘିଂ ଯିବା ପାଇଁ ଅକ୍ଷାଂଶ-ଦ୍ରାଘିମା, ଭାଗ୍ୟର ଭୂଗୋଳ

ତୁମ ବ୍ୟତୀତ କିଏ ଦେବ ମୋ ହାତରେ
ଦିଗ ନିର୍ଣ୍ଣୟ ନିମନ୍ତେ ଏକ କମ୍ପାସ ଯନ୍ତ୍ର?
ଆଉ ଡେଣାରେ ଖଞ୍ଜିବ ଅସରନ୍ତି ଇନ୍ଧନ?
ସୁଦୂର ଛାୟାପଥ ଯାଏଁ ଉଡ଼ିବାକୁ ଉନ୍ମୁକ୍ତ ପ୍ରାଣ?
ଝାଉଁଳି ପଡ଼ିଥିବା ହୃଦୟ ମୋର
ପୁନଃ କି ପିନ୍ଧି ପାରିବ ଅଗ୍ନି ପରି ତେଜମୟ,
ତାରକାମୟ ଉନ୍ମାଦନାର ଭାଷା?

ଯଦି ଅସମ୍ଭବ ହୁଏ ସବୁକିଛି,
ସବୁ ଶୁଣାଣି ମୋ ବିପକ୍ଷରେ ହୁଏ,
ମୁଁ ଏକା ଚାଲୁଥାଏ
ଅନିର୍ଦ୍ଦିଷ୍ଟ, ଛାୟାହୀନ କଣ୍ଟକିତ ଉତପ୍ତ ମରୁପଥେ,
ଏବଂ ସୂର୍ଯ୍ୟ ଶୀତଳ କିରଣ ନ ଦିଅନ୍ତି, ଶୈତ୍ୟ ନ ଥାଏ ଚନ୍ଦ୍ରକିରଣରେ,
ତେବେ ହେ କାରୁଣିକ ପ୍ରେମିକ ମୋର,
ଦୟାର ବିଭୂତିପାଦ ନିକ୍ଷେପ କର ନାହିଁ ମୋ ଦୁଆରକୁ,

ISSN NO.
2582-208X

ମୋତେ ଏତିକି କଥା ଦିଅ:
କେବଳ ତୁମ ତୃଷ୍ଣା ନିବାରକ ଉପସ୍ଥିତି
ମୋ ହୃଦୟରେ ପ୍ରେମର ଅମରତ୍ୱକୁ ନିର୍ଦ୍ଧରିତ କରୁ,
ଏ ଜନ୍ମରେ, ପ୍ରଜନ୍ମରେ
ଏକ ଗଭୀର ପ୍ରେମନିଦ୍ରାର କୋଳରେ
ମୋତେ ସ୍ୱପ୍ନାୟିତ କରୁ ବାରମ୍ବାର !

**

ଅଧ୍ୟାପିକା, ଡାମିଟସ୍, ରାଉରକେଲା

ISSN NO.
2582-208X

# କୁମ୍ଭାର ସମ୍ପ୍ରଦାୟର ପର୍ବ : କୁରାଳ ପଞ୍ଚମୀ



ଭାରତୀ ମୁଦୁଲି

ଓଡ଼ିଶାରେ ବାରମାସରେ ତେରପର୍ବ ପାଳନ କରାଯାଏ । ସେଥିମଧ୍ୟରୁ କେତେକ ପୂଜା ବିଭିନ୍ନ ସମ୍ପ୍ରଦାୟର ଲୋକମାନଙ୍କ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ । ତହିଁରୁ କୁରାଳ ପଞ୍ଚମୀ ଅନ୍ୟତମ ।

କୁମ୍ଭାର ସମ୍ପ୍ରଦାୟର ମୁଖ୍ୟପର୍ବ ହେଉଛି କୁରାଳ ପଞ୍ଚମୀ । ଏକ ହିନ୍ଦୁପର୍ବ ଭାବେ କୁରାଳ ପଞ୍ଚମୀ ଜଣାଶୁଣା। ମାର୍ଗଶିର ମାସ ପଞ୍ଚମୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ କୁମ୍ଭାରମାନେ ଲକ୍ଷ୍ମୀ ନାରାୟଣଙ୍କୁ ପୂଜା କରିଥାଆନ୍ତି । ତେବେ ପରମ୍ପରା ଅନୁଯାୟୀ ବର୍ଷକୁ ଥରେ ଏହି ପୂଜା କରିଥାନ୍ତି କୁମ୍ଭକାର ପରିବାର । କେଉଁଠି ୫ ଦିନ ପୂଜା କରାଯାଇଥାଏ ତ ଆଉ କେଉଁଠି ୭ ଦିନ ଧରି ପୂଜା କରାଯାଇଥାଏ । ଏହି ସମୟରେ ସମସ୍ତ ମାଟି ଗଢା କାମ ବନ୍ଦ ରହିବା ସହ ପୂଜାର୍ଚ୍ଚନା କରାଯାଇଥାଏ । ପରମ୍ପରା ଆଧାରରେ ଏହି ପାଞ୍ଚଦିନ ହାଣ୍ଡିକୁଡୁଆ ଯୋଗାଣ ସଂପୂର୍ଣ୍ଣ ବନ୍ଦ ରହିଥାଏ । ଏପରିକି ଏହି ସମୟରେ କଞ୍ଚା ହାଣ୍ଡି କିମ୍ବା ଗଢା ମାଟିକୁ ସ୍ପର୍ଶ କରିବା କୁମ୍ଭକାର ମାନଙ୍କର ନିଷେଧ ବୋଲି କୁହାଯାଏ । କୁମ୍ଭକାରମାନେ ଏହିପର୍ବ ପାଳନ ଅବସରରେ ହାଣ୍ଡି, କୁଡୁଆ ଆଦି ଗଢିବା କାର୍ଯ୍ୟ ବନ୍ଦ ରଖି ସେମାନଙ୍କ ଇଷ୍ଟଦେବଙ୍କଆରାଧନା କରିଥାନ୍ତି ।

କୁହାଯାଇଛି-'କୁମ୍ଭଂ କରୋତି ଇତିଃ କୁମ୍ଭକାରଃ' । ଅର୍ଥାତ ମୃତ୍ତିକା ଦ୍ୱାରା ବିଭିନ୍ନ ଉପକରଣ, ଦ୍ରବ୍ୟ ବା ସାମଗ୍ରୀ ନିର୍ମାଣ କରୁଥିବା ବ୍ୟକ୍ତି, ଜାତି ବା ସମ୍ପ୍ରଦାୟ କୁମ୍ଭକାର । ପଞ୍ଚସଖା ଯୁଗର ସନ୍ଥ ତଥା ମହାପୁରୁଷ ଶ୍ରୀଅଚ୍ୟୁତାନନ୍ଦ ଦାସଙ୍କ ପାଟକ ଗୀତାରେ ଛତିଶ

ISSN NO.
2582-208X

ପାଟକ ବା ସମ୍ପ୍ରଦାୟର ଉତ୍ପତ୍ତି ସମ୍ବନ୍ଧରେ ସୂଚନା ମିଳେ। କୁମ୍ଭକାରମାନଙ୍କର ଉତ୍ପତ୍ତି ସମ୍ପର୍କରେ କୁରାଳ ପୁରାଣରେ ଲିପିବଦ୍ଧ ରହିଛି । ମାଟିର କାରିଗର କୁମ୍ଭାର । ସେମାନେ ହେଉଛନ୍ତି ପ୍ରକୃତରେ ମାଟିର ମଣିଷ । ମାଟିରେ ବିଭିନ୍ନ ଆକୃତିର ସରଞ୍ଜାମ ପ୍ରସ୍ତୁତ କରନ୍ତି। ମାଟିକୁ ବିଭିନ୍ନ ରୂପ ଦେଇଥାନ୍ତି । ଏହି ପର୍ବରେ ରୁଦ୍ରପାଳ ଓ ରତ୍ନେଶ୍ୱରୀଙ୍କୁ ଇଷ୍ଟଦେବତା ରୂପେ ପୂଜାର୍ଚ୍ଚନା କରାଯାଏ । ଏହି ପାଞ୍ଚଦିନ କୁମ୍ଭାରମାନେ ମାଟି ଗଢା କାମ ବନ୍ଦ କରିଥାନ୍ତି ଏବଂ ଘରେ ସଜ ବସାଇବା ସହ ନିଜ କୁରାଳ ଚକ ଓ ମାଟିରେ ପ୍ରସ୍ତୁତ ବିଭିନ୍ନ ସରଞ୍ଜାମକୁ ପୂଜା କରନ୍ତି । ଲିଖିତ ଅଛି ଯେ କୁରାଳ ପୁରାଣ ଅନୁସାରେ ସୃଷ୍ଟିର ଆରମ୍ଭ ସମୟରେ ମାନବମାନଙ୍କ ନିମନ୍ତେ ଭଗବାନ ବିଷ୍ଣୁ କୁମ୍ଭକାରଙ୍କୁ ସୃଷ୍ଟି କରିଥିଲେ ।

ଭକ୍ତକବି ଦୀନକୃଷ୍ଣଦାସଙ୍କ ବିରଚିତ ଏହି କୁରାଳ ପୁରାଣ ଅନୁଯାୟୀ ରୁଦ୍ରପାଳ କୁରାଳମାନଙ୍କର ଆଦ୍ୟପୁରୁଷ । ତାଙ୍କୁ କୁରାଳ ଋଷି ବୋଲି ମଧ୍ୟ କୁହାଯାଇଥାଏ । ସେ ଭଗବାନଙ୍କର ମାନସ ପୁତ୍ର । ସୃଷ୍ଟି ସର୍ଜନା ପରେ ସମସ୍ତ ଜୀବ ଜଗତର ପୁଷ୍ଟି ନିମନ୍ତେ ଶସ୍ୟ ସୃଷ୍ଟି ହେଲା । ଶୁଖିଲା ଶସ୍ୟ ଖାଇ ପ୍ରାଣୀ କିପରି ବଞ୍ଚି ପାରିବେ, ଏହି ଚିନ୍ତାରେ ସୃଷ୍ଟି କର୍ତ୍ତା ବ୍ରହ୍ମା ଯାଇ ବିଷ୍ଣୁଙ୍କୁ କହିଲେ । ଏଥିରେ ବିଷ୍ଣୁ ବ୍ରହ୍ମାଙ୍କ ଅଯୋଗ୍ୟତା ଉପରେ କ୍ଷୁବ୍ଧହୋଇ ତାଙ୍କୁ ଧିକ୍କାର କଲେ। ବିଷ୍ଣୁ କ୍ରୋଧିତ ହେବାରୁ ତାଙ୍କର କପାଳରୁ ସ୍ୱେଦବିନ୍ଦୁ ନିର୍ଗତ ହେଲା। ସ୍ୱେଦବାରି ଭୂମିରେ ପତିତ ହେବାରୁ ସେଥିରୁ ରୁଦ୍ରପାଳଙ୍କ ଉତ୍ପତ୍ତି ହେଲା । ତାଙ୍କୁ ବିଷ୍ଣୁ ହାଣ୍ଡି ଗଢ଼ିବା ପାଇଁ ନିର୍ଦ୍ଦେଶ ଦେଇ କହିଲେ-

ମମ ଆଜ୍ଞା ପ୍ରମାଣେଷୁ ଜଳଦଂ ଶସ୍ୟ ବର୍ଣ୍ଣନେ
ଅଗ୍ନିପାଳ କତ୍ୟେ ହାଣ୍ଡି,
ମମ ଆଜ୍ଞା ସୁର ପାଳୟେତ୍

ରୁଦ୍ରପାଳଙ୍କ ସଂସାର ବୃଦ୍ଧି ପାଇଁ ବେଦପତି ବ୍ରହ୍ମା ତାଙ୍କୁ ରତ୍ନେଶ୍ୱରୀ ନାମକ ପତ୍ନୀ ପ୍ରଦାନ କଲେ। କାଳକ୍ରମେ ତାଙ୍କ ଔରସରୁ ଚାରିପୁତ୍ର ଜନ୍ମଗ୍ରହଣ କଲେ। ସେମାନେ ହେଲେ କ୍ଷମପାଳ, ଜୟପାଳ, ବିଜୟ ଓ ଚଣ୍ଡପାଳ। କ୍ଷମପାଳ ଓଡ଼ିଶାରେ, ଚଣ୍ଡ ପାଳ ବଙ୍ଗଳାରେ ଓ ବିଜୟପାଳ ବେଶ୍ୟା ଘରେ ରହିଲେ । ସେଥିପାଇଁ ବେଶ୍ୟାର ନୟନ ଛଟାକୁ ଓ କାକ ଦୃଷ୍ଟିକୁ କୁରାଳ ଚକ୍ର ସହ ତୁଳନା କରାଯାଇଥାଏ। ରୁଦ୍ରପାଳ, କ୍ଷମପାଳ, ଚଣ୍ଡପାଳ ଓ

ISSN NO.
2582-208X

ବିଜୟ ଯଥାକ୍ରମେ ବିଷ୍ଣୁ,ବ୍ରହ୍ମା, ଶିବ ଓ ଇନ୍ଦ୍ରଙ୍କର କୁରାଳ ହେବା ସହିତ ସାରା ବିଶ୍ୱରେ ସେମାନଙ୍କ ସଂସାର ବୃଦ୍ଧି ହେଲା । ରୁଦ୍ରପାଳଙ୍କୁ ବିଷ୍ଣୁ, ଦେବୀ ଭାଣ୍ଡ ଗଠନପାଇଁ ସୁରସେନଚକ୍ର ପ୍ରଦାନ କଲେ ।

ମାର୍ଗଶୀର କୃଷ୍ଣ ପଞ୍ଚମୀ ତିଥିରେ ଆଦି କୁରାଳ ପୁରୁଷମାନେ କୁରାଳ ଚକ୍ର ପ୍ରାପ୍ତ ହୋଇ ଥିବାରୁ ଏହି ଦିନଟିକୁ କୁମ୍ଭାର ସମ୍ପ୍ରଦାୟ କୁରାଳ ପଞ୍ଚମୀ ଭାବେ ପାଳନ କରି ଥାଏ । କୁରାଳ ପଞ୍ଚମୀରେ କୁମ୍ଭାର ସମ୍ପ୍ରଦାୟ ତାଙ୍କର ଆଦିପୁରୁଷ ରୁଦ୍ରପାଳ ଓ ଆଦି ମାତା ରତ୍ନେଶ୍ୱରୀଙ୍କୁ ପୂଜା କରିବା ସହ ଚକ୍ର ଏବଂ ଲକ୍ଷ୍ମୀନାରାୟଣଙ୍କ ଉପାସନା କରନ୍ତି । ତେବେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କୁମ୍ଭକାର ସେବା ଏକ ବହୁ ପ୍ରାଚୀନ ସେବା । କୁମ୍ଭାରମାନେ ମହାପ୍ରସାଦ ପାଇଁ ଶ୍ରୀମନ୍ଦିରକୁ କୁଡୁଆ ଯୋଗାଇ ଥାନ୍ତି । ତେବେ ଶ୍ରୀମନ୍ଦିରରେ ଚତୁର୍ଦ୍ଧା ମୁରତୀଙ୍କୁ କେବଳ ମାଟି ହାଣ୍ଡିରେ ପ୍ରସ୍ତୁତ ଅବଢା କୁଡୁଆରେ ମହାପ୍ରସାଦ ରନ୍ଧାଯାଇ ଅର୍ପଣ କରାଯାଏ । ତେଣୁ କୁମ୍ଭକାର ସମ୍ପ୍ରଦାୟଙ୍କ ଗୁରୁତ୍ୱ ରହିଛି । ବହୁ ପ୍ରାଚୀନ କାଳରୁ ଶ୍ରୀକ୍ଷେତ୍ରରେ ସେଥିପାଇଁ କୁମ୍ଭାର ପଡ଼ା ବୋଲି କୁମ୍ଭକାରମାନଙ୍କର ବାସସ୍ଥାନ ସୃଷ୍ଟି ହୋଇଛି । ଏହି କୁମ୍ଭାରପଡ଼ାର ସ୍ଥାପନାକୁ ନେଇ ସୁନ୍ଦର ନୀଳି କୁମ୍ଭାରୁଣୀ ଉପାଖ୍ୟାନଟିଏ ରହିଛି । କୁରାଳପଞ୍ଚମୀ ପୂଜାରେ ମହାପ୍ରଭୁ ଗୋଟିଏ ଦିନ ପାଇଁ କୁମ୍ଭକାର ଘରକୁ ଆସନ୍ତି ବୋଲି ଜନଶ୍ରୁତି ରହିଛି । କୁରାଳ ପଞ୍ଚମୀରେ କୁମ୍ଭକାର ସପତ୍ନୀକ ଉପବାସ କରି ଚକ୍ରକୁ ବନ୍ଦାପନା କରିବା ପରେ ପ୍ରସାଦ ସେବା କରନ୍ତି। ପୂଜା ପ୍ରାସାଦକୁ ନିଜର ପରିବାର ବାହାରେ କାହାରିକୁ ଦିଆଯାଏ ନାହିଁ। କୁରାଳ ପୁରାଣକୁ କାହାକୁ ହସ୍ତାନ୍ତର ନକରିବା ପାଇଁ ନିର୍ଦ୍ଦେଶ ରହିଛି ।

କିମ୍ବଦନ୍ତୀ ଅନୁଯାୟୀ ପାଣ୍ଡବମାନେ ଯେତେବେଳେ ବନବାସ ଗମନ କରିଥିଲେ, ସେତେବେଳେ ସେମାନେ ଜଉଘରେ ରହିଥିଲେ । ସେଇ ଜଉଘରେ ଜଉଘରକୁ କୌରବ ମାନେ ନିଆଁ ଲଗାଇ ଜାଳି ଦେବାକୁ ଉଦ୍ୟମ କରିଥିଲେ । କିନ୍ତୁ ବିଦୁରଙ୍କୁ ଏକ ସୁଡଙ୍ଗ ସମ୍ପରକରେ ଜଣାଥିଲା ଏବଂ ସେ ଶ୍ରୀକୃଷ୍ଣଙ୍କୁ ସେ ବିଷୟରେ ଜଣାଇଥିଲେ । ସେହି ସୁଡଙ୍ଗ ସମ୍ପରକରେ ପାଣ୍ଡବ ମାନଙ୍କୁ ସୂଚନା ଦିଆ ଯିବାରୁ ସେ ମାନେ ସେହି ସୁଡଙ୍ଗ ମଧ୍ୟ ଦେଇ କୁମ୍ଭାର ଶାଳରେ ପହଞ୍ଚିଥଲେ ଓ ଆଶ୍ରୟ ନେଇଥିଲେ । ଏହି ସୁଡଙ୍ଗ ଦ୍ରୁପଦ ରାଜ୍ୟରେ

ISSN NO.
2582-208X

ଅବସ୍ଥିତ ଥିଲା । କୁହାଯାଏ ଯେ ଅର୍ଜୁନ ଦ୍ରୌପଦୀଙ୍କୁ ପଞ୍ଚମୀ ଦିନ ବିବାହ କରି କୁମ୍ଭାରଶାଳ ଆସି ତା ପରେ ହସ୍ତିନା ଫେରି ଥିଲେ।

ପୌରାଣିକ କଥା ଅନୁଯାୟୀ ବ୍ରହ୍ମା ଯେତେବେଳେ ସୃଷ୍ଟି ସର୍ଜନା କରିଥିଲେ ସେତେବେଳେ ୫୬ କୋଟି ଜୀବଜନ୍ତୁଙ୍କ ପାଇଁ ୫୨ କୋଟି ଭଣ୍ଡାର ଖାଦ୍ୟ ପ୍ରଦାନ କରିଥିଲେ । ସୃଷ୍ଟି ଆରମ୍ଭ ହେବାପରେ ମାନବମାନଙ୍କ ଦ୍ୱାରା ଖାଦ୍ୟ ପ୍ରସ୍ତୁତି ପାଇଁ ଭଗବାନ ବିଷ୍ଣୁ କୁମ୍ଭକାରମାନଙ୍କୁ ସୃଷ୍ଟି କରିଥିଲେ ବୋଲି ପ୍ରବାଦ ରହିଛି। କୁରାଳ ପୁରାଣରେ ବର୍ଣ୍ଣିତ ଅଛି ଯେ- ଯେତେବେଳେ ଲୋକେ କଞ୍ଚା ଖାଦ୍ୟ ଖାଉଥିଲେ ଲୋକମାନେ ରୋଗ ବ୍ୟାଧିରେ ପଡ଼ି ମୃତ୍ୟୁ ବରଣ କରୁଥିଲେ। ତେଣୁ ସୃଷ୍ଟି କର୍ତ୍ତା ଏହାକୁ ଦେଖି ନାରଦ ମୁନିଙ୍କୁ ନାରାୟଣଙ୍କ ନିକଟକୁ ପଠାଇଲେ ଏହି ବାବଦରେ ଅବଗତ କରାଇବା ପାଇଁ । ନାରଦ ସମସ୍ତ କଥା ନାରାୟଣଙ୍କୁ ଜଣାଇଥିଲେ । ଠିକ ଏହି ସମୟରେ ନାରାୟଣ ନିଜ ଶରୀରରୁ ବାହାରୁଥିବା ଝାଳକୁ ଧରିତ୍ରୀ ଉପରେ ପକାଇ ଦେବାରୁ ସେଠାରେ କୁରାଳ ଜନ୍ମ ନେଇଥିଲେ । ଏହା ପରେ କୁରାଳ ନାରାୟଣଙ୍କୁ କହିଲେ ମୋର କାମ କ'ଣ କୁହନ୍ତୁ ପ୍ରଭୁ ! ନାରାୟଣ କହିଲେ ତମେ ସମସ୍ତ ଲୋକମାନଙ୍କ ପାଇଁ ଏକପାତ୍ର ତିଆରି କର, ଯେଉଁଥିରେ ସେମାନେ ରୋଷେଇ କରି ଖାଦ୍ୟ ଖାଇପାରିବେ। ତେବେ ପାତ୍ର ତିଆରି କେମିତି କରିବେ ସେକଥା ନାରାୟଣଙ୍କୁ ପ୍ରଶ୍ନ କରିଥିଲେ କୁରାଳ । ଏହା ପରେ ନାରାୟଣ ନିଜେ ତାଙ୍କୁ ପାତ୍ର ତିଆରି ପାଇଁ ଆବଶ୍ୟକ ସାମଗ୍ରୀ ଦେଇଥିଲେ । ତା'ପରେ କୁମ୍ଭକାର ମାଟିପାତ୍ର ତିଆରି କରିଥିଲେ। ତେବେ ସେହିଦିନଠାରୁ କୁମ୍ଭକାର ସମ୍ପ୍ରଦାୟର ଲୋକେ ଲକ୍ଷ୍ମୀ ନାରାୟଣଙ୍କୁ ଉପାସନା କରିଥାନ୍ତି ।

ଭକ୍ତକବି ଦୀନକୃଷ୍ଣ ଦାସଙ୍କ ରଚିତ 'କୁରାଳ ପୁରାଣ'ରେ ରୁଦ୍ରପାଳଙ୍କ ଓ ରତ୍ନେଶ୍ୱରୀଙ୍କ ସଂପର୍କରେ ଉଲ୍ଲେଖ ରହିଛି- ରୁଦ୍ରପାଳ ବିଷ୍ଣୁଙ୍କ ଠାରୁ ସୁରସେନ ନାମରେ ଗୋଟେ ଚକ୍ର ଘେନି ମର୍ତ୍ତ୍ୟକୁ ଆସିଲେ । ଲୋକମାନେ ଧାନକୁ ଛଡାଇ ଖାଉଥିବାରୁ ଅଜୀର୍ଣ୍ଣ ରୋଗ ଭୋଗ କରୁଥିଲେ । ତେଣୁ ରୁଦ୍ରପାଳ ରନ୍ଧନ ଲାଗି ହାଣ୍ଡି ନିର୍ମାଣ କରିବା ଆଗରୁ ସହଜରେ କିପରି ଧାନରୁ ଚାଉଳ ହେବ ତାହା ଚିନ୍ତା କଲେ । ସେ ବିଷ୍ଣୁଙ୍କ ଆଦେଶରେ ମେରୁଗିରି ଶିଖରକୁ ଗଲେ ଓ ସେଠାରୁ ସୁରସେନ ଚକ୍ର ସାହାଯ୍ୟରେ ଗୋଟିଏ ବୃକ୍ଷକୁ ଛେଦନ କଲେ। ତାହା ଢିଙ୍କି ହେଲା । ନାରଦ ମର୍ତ୍ତ୍ୟ ଓ ସ୍ୱର୍ଗ ମଧ୍ୟରେ ସଂଯୋଗ ରକ୍ଷାକାରୀ ଋଷି । ସେ ଏହି

ISSN NO.
2582-208X

ଢିଙ୍କିକୁ ବାହନ ରୂପେ ପାଇଲେ ଏବଂ ରୁଦ୍ରପାଳଙ୍କୁ ସେଥିରେ ବସାଇ ମର୍ତ୍ତ୍ୟକୁ ଆସିଲେ । ଲୋକମାନେ ସେଇ ଢିଙ୍କି ସାହାଯ୍ୟରେ ଧନରୁ ଚାଉଳ ବାହାର କଲେ । ବିଷ୍ଣୁ ପୃଥିବୀକୁ ବରାହ ଅବତାରରେ ଦନ୍ତରେ ଧାରଣ କରି ଉଦ୍ଧାର କରିଥିଲେ । ତେଣୁ ପୃଥିବୀରେ ମୃତ୍ତିକା ବରାହଙ୍କର ଦନ୍ତ ସ୍ପର୍ଶରେ ପବିତ୍ର ହୋଇ ଯାଇଛି । ରୁଦ୍ରପାଳ ସେହି ପବିତ୍ର ମୃତ୍ତିକାକୁ ସୁରସେନ ଚକ୍ରରେ ସ୍ଥାପନ ମାଟିପାତ୍ର ଗଢିଲେ । ତେଣୁ ସେ ଇଷ୍ଟ ରୂପେ ପୂଜା ପାଆନ୍ତି ।

ଏହି ପର୍ବରେ ପୁରୁଷ ଓ ମହିଳା ନୂତନ ବସ୍ତ୍ର ପରିଧାନ କରି ବ୍ରାହ୍ମଣଙ୍କ ଦ୍ୱାରା ଲକ୍ଷ୍ମୀ ଓ ନାରାୟଣଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରି ପୂଜା କରିଥାନ୍ତି । ଏତଦବ୍ୟତୀତ ଚକ ଓ ଉଆରେ ଚିତା ପକେଇ ତାହାକୁ ପୂଜା କରିଥାନ୍ତି। ମାଟି ବା କାଦୁଅରୁ ବିଭିନ୍ନ ସାମଗ୍ରୀ ଗଢ଼ିବା ପାଇଁ କୁମ୍ଭକାରମାନଙ୍କ ଦ୍ୱାରା ବ୍ୟବହାର ହେଉଥିବା ଏହା ଏକ ଘୂର୍ଣ୍ଣାୟମାନ ଦେଶୀୟ ଯନ୍ତ୍ର । ଏହାକୁ ପର୍ବରେ ପୂଜା କରିଥାନ୍ତି । କୁରାଳ ପୁରାଣ ପାଠ କରାଯାଇଥାଏ ଏହି ଦିନ।ମହାସମାରୋହରେ କୁମ୍ଭାର ମାନେ କୁରାଳ ପଞ୍ଚମୀ ପାଳନ କରିଥାନ୍ତି ।

ଗବେଷିକା
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ମଧୁରତା ଶୀତ ଋତୁ ର



ଅଳକା ମହାନ୍ତ

ଶିରି ଶିରି ହୋଇ ବାଆ ବୋହୁଅଛି
ବିନ୍ଦୁ ବିନ୍ଦୁ ପଡେ ଶିଶିର,
ମନ୍ଦ ମନ୍ଦ ବହେ ଶୀତୁଆ ପବନ
ଧାନ କିଆରୀରେ କାକର।

ସୁନେଲି ଚାଦର ବିଛାଇ ଦେଇଛି
ସୋରିଷ କ୍ଷେତରେ ଧରଣୀ,
ବାଡି ବଗିଚା ରେ ନାନା ପୁଷ୍ପ ସାଥେ
କୁସୁମିତ ଗେଣ୍ଡୁ ରାଣୀ।

ରବି ର କିରଣ ଭାରି ଉସୁଆସ,
ଅଗି ଜଳେ ଠାବେ ଠାବେ,
ଗପ ଆସର ରେ ସେ ସ୍ଥାନ ଗରମ
ଆଉ ମନ ନ ଲାଗଇ ଘରେ।

ବିରି ଛୁଇଁ, ମୁଗ ଛୁଇଁ ର ଆନନ୍ଦ
ହିଡ ପରେ ଦିଶୁଥାଏ,
ବରକୋଳି ଗଛ ତଳେ ଆବିର୍ଭାବ
ହୁଅନ୍ତି ସବୁ ପିଲାଏ।

ISSN NO.
2582-208X

ଘରେ ଘରେ ପିଠା ପଣାର ମହକ
ଦେବା ଦେବୀ ଆରାଧନା,
କୃଷକ ଭାଇ ର ଆନନ୍ଦ ଦେଖିଲେ
ମନ ହୁଏ ଆନମନା।

ଖାଇବାର ସୁଖ, ଶୋଇବାର ସୁଖ
ଦେଇଥାଏ ଶୀତ ଋତୁ,
ଦେଖି ନାନା ସ୍ୱପ୍ନ ନୂଆ ବର୍ଷ ପାଇଁ
ତାକୁ ସ୍ୱାଗତ କରନ୍ତୁ

ନଭି ମୁମ୍ବାଇ, ମହାରାଷ୍ଟ୍ର
ମୋ: ୭୩୦୩୨୬୪୩୭୭

ISSN NO.
2582-208X

# କି ଲୋଡ଼ା



ସସ୍ମିତା ନାୟକ

ଜୀବନ ଟା ଆଜି କଳଙ୍କିତ ଲାଗେ
ଅମାବାସ୍ୟା ରାତି ସ୍ଥିର
ପୁନେଇଁ ର ଜହ୍ନ ଦେଖିବା ପାଇଁ
ମନ ହୁଏ କାଇଁ ଅସ୍ଥିର।।
ଚାରିଦିଗେ ସବୁ ହାହାକାର ଶୁଭେ
ଅନ୍ଧାରୀ ଘର ତ ସାଥୀ
କି ଜନମ ଟେ ଦେଇଚି ଦଇବ
କର୍ମଫଳ ଏକା ସାକ୍ଷୀ।।
ଜଣାତରେ କେବେ ଦୋଷ କରିନାହିଁ
ଦୋଷୀ ହୁଏ ପ୍ରତି ବେଳେ
ଯୋଉ ଡାଳ ଧରେ ସେ ଡାଳ ଛିଡଇ
ଘୃଣା ଭୋଗେ ସବୁବେଳେ।।
ଶାନ୍ତି ସୁଖ ଯଦି ଜିବନେ ଅଲୋଡ଼ା
ଶରୀରର ବା କି କାମ
ଧର୍ମ କର୍ମ ଯଦି ଲୋଭ ରେ ଚାଲିବ
କେମିତି ମିଳିବ ପୁଣ୍ୟ ର ଧାମ।।

କାକଟପୁର, ନଇଁଗୁଆଁ, ପୁରୀ

ISSN NO.
2582-208X

# ଜୀବନ ପେଂକାଳୀ



ଇଂ· ସୁଶାନ୍ତ କଶୋର ବଳ

ଦାଣ୍ଡ ଦୁଆରେ କଦଳୀ ଗଛ.
କାନ୍ଥବାଡେ ଲେନ୍ଥାକଇଁ ସଜ.
ଦାଣ୍ଡ, ଦୁଆର, ଘର, ଅଗଣା;
ଯୁଆଡେ ଚାହିଁବ ସେଆଡେ ଅନା,
ଲିପା, ପୋଛା ହୋଇ ସଫା ସୁତୁରା,
ମନଭରିଯାଏ ଦେଖିଲେ ବାରେ,
ଲୋକ ହାଉଯାଉ କୁଣିଆ ମଇତ୍ର
ପହଂଚି ଯାଇଥାନ୍ତି ନେଇ ବାକୁସପତ୍ର.
ନାନା ପରକାର ରଂଗରେ ସଜା,
ଡାଲି, ଚାଉଳ, ପନିପରିବାର ଅମ୍ବାର,
ସାଥେ ଆମ୍ବ, ସପୁରୀ, କଦଳୀ, ଅଂଗୁର
ବାସନ,କୁସନ, ଖଟ, ଆଲଣା;
ସାଥେ ଦେହପାଇଁ ଭୂଷଣ ଗହଣା.
ଧାଇଂଧାଇଂ ଧଇଂସଇଂ ହୋଇ
ବାହୁଡି ରହିଥାନ୍ତି କନିଆ ପିତା;
କରିବାକୁ ସବୁ ଯୋଗାଡ ଯାତ୍ରା.
ବାହାଘର ପାଇଁ ବାହ୍ମଣ ଆସି,
ମନ୍ତ୍ରପଢି ଦିଏ ସ୍ୱାହା ପରଷି.

ISSN NO.
2582-208X

କନ୍ୟାଯାଏ କାଂଦି ପିତାମାତାଂକୁ ଧରି
ବେଗେ ବିଦାହୁଏ ଉଚ୍ଛୁରୁ ନକରି.

କାଳି ବାଜୁଥିଲେ ସଭିଏଂ ଖୁସି
ଉନ୍ମାଦଭରା, ଚମ୍ପକମୟ ବେଳା.
ନୀରବହୋଇଲେ ଶବ୍ଦିତ ପେଂକାଳୀ;
ଖାଲିହୋଇଯାଏ ଯେତେ ହସରଥାଳି.
ଜୀବନେ ଯୌବନ ଯେଯାଏ ଥାଏ.
ରଂଗ ବୈଭବର ମାଦଳ ବାଜୁଥାଏ.
ନିଜ ସୌଂଦର୍ଯ୍ୟ, ନିଜ ଦୌଲତେ
ଜଗଜନେ ନିଜୁ ସ୍ୱୟଂଭୂ ମଣୁଥାଏ.

ଅର୍ଥରୌପ୍ୟର ଯୋଶ, ଚୁରାଏ ହୋସ୍.
ଇଶ୍ୱର ଲୁଚିଥାନ୍ତି ଯାଇ ପଛ ବାରିଆଡେ.
ଅକାଳେ ସକାଳେ ମନେ ଆସନ୍ତି.
ପ୍ରସାଦ ଖାଇ ମାଥେ ହସ୍ତେ ବୁଲାନ୍ତି.
ତାଂକ ଅପସରଣେ ପୁଣିବାଜେ ପେଂକାଳୀ.
ମଉଜ, ମଜଲିସ୍, ସାରାରାତ୍ରୀ ନାଚ଼ତମସା;
ସେ ଉଦଣ୍ଡତା ଦେଖି ଉଡଇ ହଂସା.
ଯୌବନତ ଏକ ହୀରା ପଥର,
ଫିକା ପଡିଯାଏ କଲେ ହତାଦର.
ଜଗିରଖି ମାଜି ଭଲେ ପାଲିସି କଲେ,
ଦୀରିଘ ଦିନପାଇଂ ମୋତିଫୁଲ ପରି ସେ ଝଳୁଥାଏ;
ଅପଘନେ ଉଜ୍ଜ୍ୱଳିମା ଚମକୁଥାଏ.
ହେଲେ,
ଶକତି, ସାମର୍ଥ୍ୟ, ଯୁବତ୍ୱର କରି ଅପଚୟ
କରି ପ୍ରଦର୍ଶନ ଆମ ଅଂଗ ସୌଷ୍ଠବର,

ISSN NO.
2582-208X

ଆମ ଉଦ୍ଧତ ଯୌବନର; କରିଥାଉ
ଖୋଦନ ନିଜ ମୃତ୍ୟୁ ଗହ୍ୱରର;
ସମୟ ଆଗୁ ଆମେ ଝୁଂକିଯାଉ;
ବୟସଥାଇଂ କରିବି,ଆମେ ନୀର୍ବଳଲାଗୁ
ମଝି ଦରିଆରେ ରାହାଟି ହରାଉ;
ମଥାପିଟିକରି ଯେତେ ଡାକିଲେବି,
କର୍ଣପାତ ଟି ନକରନ୍ତି କେହି,
ଚିଲ୍ଲାଇ, ଚିତ୍କାରୀ ପ୍ରାଣଟି ଯାଇ.
କିମ୍ଭିରୀକାଂଦଣାରେ କିଛିକି ଫଳମିଳଇ ?
ବଜାଇ ରହିଥାନା ଜୀବନେ ଲମ୍ବାଫେଂକାଳୀ
ତମହସ୍ତେ ବଂଧା ତା' ଜୀବନନାଡି !
ଯେତେ ଲମ୍ବିତ ତା' କଂଠଧ୍ୱନୀ,
ଜୀବନ ରହିଥିବ ସେତେ ବର୍ଣାଳୀ.

କଟକ

ISSN NO.
2582-208X

# ଏକାକ୍ଷର ଓଁକାର ର ରହସ୍ୟ



ଡ. ମନୋଜ କୁମାର ମହାପାତ୍ର

ମଣିଷ କେବଳ ଶରୀର ମନ ଓ ଭାବନାର ସମଷ୍ଟି ନୁହେଁ। ମଣିଷର ଅନ୍ତଃସ୍ଥଳରେ ଅବସ୍ଥିତ 'ଚେତନା' ତା'ର ସମଗ୍ର ସତ୍ତାର କେନ୍ଦ୍ର। ଚେତନାର ରୂପ ନାହିଁ। ତାହା ଅରୂପ। ତା'ର ଆକାର ନାହିଁ। ତାହା ନିରାକାର। ତା'ର କୌଣସି ରଙ୍ଗ ନାହିଁ। ତାହା ନିରଞ୍ଜନ। ପୁଣି ବ୍ୟକ୍ତି ଭିତରେ ଅବସ୍ଥିତ ଚେତନା ପରମ ଚୈତନ୍ୟର ଅଂଶ ମାତ୍ର। ମଣିଷର କେନ୍ଦ୍ରରେ ଚେତନା। ପରିଧିରେ ତିନି ଆୟାମ- ଶରୀର, ମନ ଓ ଭାବନା। ଏ ଶରୀର କ୍ଷୟଶୀଳ, ମରଣଧର୍ମା। ମାତ୍ର ଚେତନାର କ୍ଷୟ ନାହିଁ। ସେ ଅଜର, ଅମର। ମନ ପରିବର୍ତ୍ତନଶୀଳ, ଦ୍ୱନ୍ଦାତ୍ମକ। ଭାବନା ମଧ୍ୟ କ୍ଷଣଭଙ୍ଗୁର। ଘଡିକେ ହସ, ଘଡିକେ କାନ୍ଦ। କିନ୍ତୁ ଚେତନା ସ୍ଥିର ଅବିଚଳ।

ଆମେ ସାଧାରଣ ମଣିଷମାନେ ଶରୀର, ମନ କିମ୍ବା ଭାବନାର ସ୍ତରରେ ବଞ୍ଚିଥାଉ। ଶରୀର ମଧ୍ୟରେ ଥିବା ପଞ୍ଚ ଇନ୍ଦ୍ରିୟ ଦ୍ୱାରା ଏ ଜଗତକୁ ଭୋଗୁଥାଉ। ଆହାର, ବିହାର, ନିଦ୍ରା ଭଳି ଏହାର ସମସ୍ତ ଆବଶ୍ୟକତାକୁ ପୂରଣ କରିବାକୁ ସମଗ୍ର ଜୀବନ ଚେଷ୍ଟା କରିଥାଉ। ଶରୀର ଏକ ପରିବର୍ତ୍ତନ ଓ ପରିବର୍ଦ୍ଧନଶୀଳ ପ୍ରକ୍ରିୟା। ଏହାର ନିର୍ମାଣକାଳରୁ ବିଲୟ କାଳ ପର୍ଯ୍ୟନ୍ତ ଏହା ପ୍ରତି ମୁହୂର୍ତ୍ତରେ କ୍ଷୟ ହେଉଥାଏ ଓ ନୂତନ ଭାବରେ ନିର୍ମିତ ହେଉଥାଏ। ଏଣୁ ଏହାର ଆବଶ୍ୟକତା ସାରା ଜୀବନ ଲାଗି ରହିଥାଏ। ଯାହାର ନିର୍ମାଣ ଅଛି ତାର ଅବକ୍ଷୟ ବି ଅନିବାର୍ଯ୍ୟ ଭାବରେ ରହିବ। ମାତ୍ର ଏ ଶରୀରକୁ ସୁରକ୍ଷିତ କରି ରଖିବାକୁ ସର୍ବଦା ଆମେ ଚେଷ୍ଟାରତ। ପରିବେଶ ଓ ପରିସ୍ଥିତି ଅନୁଯାୟୀ ଏ ଶରୀରକୁ ସୁସ୍ଥ, ସୁନ୍ଦର ଓ ନୀରୋଗ

ISSN NO.
2582-208X

କରି ରଖିବା ପାଇଁ ଆମର ଯେତେ ସବୁ ଆୟୋଜନ। ଏଥିପାଇଁ ପୃଥିବୀର ଅନ୍ୟାନ୍ୟ ଜୀବମାନଙ୍କ ଅପେକ୍ଷା ଆମେ ମଣିଷମାନେ କମ ସଂଘର୍ଷ କରୁନା।

ପୃଥିବୀର ଅନ୍ୟାନ୍ୟ ଜୀବମାନଙ୍କର ମନ ନଥାଏ। ସେମାନେ ପ୍ରବୃତ୍ତି ଦ୍ୱାରା ପରିଚାଳିତ ହୋଇ ବଞ୍ଚିଥାନ୍ତି। କିନ୍ତୁ ସଚରାଚର ଏ ପୃଥିବୀରେ କେବଳ ମଣିଷର ମନ ଅଛି। ମନ ଥାଏ ବୋଲି ତ ତା'ର ନାମ ମନୁଷ୍ୟ। ଆମେ ପିଲାଟି ଦିନରୁ ମନରେ ଥିବା ଇଚ୍ଛା ଓ ଆବଶ୍ୟକତାକୁ ହାସଲ କରିବାକୁ ଅନବରତ ଚେଷ୍ଟା କରୁଥାଉ। ବାଞ୍ଛିତ ବସ୍ତୁଟି ମିଳିଗଲା ପରେ ବି ମନ ତୃପ୍ତ ହୁଏ ନାହିଁ। ଆହୁରି ଉତ୍କୃଷ୍ଟ, ଆହୁରି ଭଲ, ଆହୁରି ସୁନ୍ଦର ପାଇଁ ମନ ଆମର ହାଇଁ ପାଇଁ ହୁଏ। ମନ କେବେ ବି ତୃପ୍ତ ହୁଏ ନାହିଁ। ମନ ସବୁ ବେଳେ ଅଧିକର କାମନା କରେ। ପ୍ରତି ମୁହୂର୍ତ୍ତରେ ମନରେ ଉଙ୍କି ମାରୁଥିବା ଇଛାକୁ ପୂରଣ କରିବା ପାଇଁ ମଧ୍ୟ ଆମେ ମଣିଷମାନେ କମ ସଂଘର୍ଷ କରୁନା। ମନରେ ଥିବା ଇଚ୍ଛା ଆମ ଜୀବନରେ ଆସୁଥିବା ଅନେକ ଉପଦ୍ରବର ମୂଳ କାରଣ। ଆମ ଜୀବନର ଅଧିକାଂଶ ଭାଗ ଆମର ଭାବନା ଦ୍ୱାରା ନିୟନ୍ତ୍ରିତ ଓ ପରିଚାଳିତ। ଆମର ହୃଦୟ ହେଉଛି ଭାବର କେନ୍ଦ୍ର। ଆମ ଭିତରେ ଥିବା ସମ୍ବେଦନା, ଆମର ମନ ଓ ହୃଦୟକୁ ପ୍ରଭାବିତ କରେ। ଏ ଜଗତ ପ୍ରତି ଆମର ଦୃଷ୍ଟିକୋଣ, ଆମର ସମସ୍ତ ସମ୍ବନ୍ଧ, କଳ୍ପନା କରିବାର କ୍ଷମତା ଓ ସଂସାରକୁ କଳନା କରିବାର ଶକ୍ତି ସବୁ କିଛି ଏଇ ଭାବରୁ ଜାତ। ଆମ ଜୀବନରେ ଭାବନାର ଅନେକ ମହତ୍ୱ ରହିଛି। ଆମ ଜୀବନର ପରିଧିରେ ରହିଥିବା ଏଇ ତିନି ମହତ୍ୱପୂର୍ଣ୍ଣ ଆୟାମ ଶରୀର, ମନ ଓ ଭାବନା ଯୋଗୁଁ ଆମେ ଅନେକ ଦୁଃଖ ପାଇଥାଉ ଆଉ ଏ ଦୁଃଖରୁ ମୁକ୍ତି ପାଇବାପାଇଁ ସାରା ଜୀବନ ସଂଘର୍ଷ କରୁଥାଉ। ପରିଧି ଚଳମାନ, ପରିବର୍ତ୍ତନଶୀଳ। କେନ୍ଦ୍ର କିନ୍ତୁ ସ୍ଥିର ଅବିଚଳ। ଶରୀର କାଲି ନଥିଲା, ଆଜି ଅଛି, ପୁଣି କାଲି ରହିବ ନାହିଁ। ଯାହା କ୍ଷୟଶୀଳ, ତାହା ଆପଣାର ନୁହେଁ, ଆତ୍ମୀୟ ନୁହେଁ। ଯାହା କେଭେ ବି ନିଶ୍ଚିହ୍ନ ହେବ ନାହିଁ, ତାହା ଆପଣାର; ତାହା ହିଁ ଆତ୍ମା। ଆତ୍ମା ବା ଚେତନା ଏକ ଓ ଅଭିନ୍ନ। ଏହି ଚେତନା କିମ୍ବା ଆତ୍ମା, ପରମଚୈତନ୍ୟ କିମ୍ବା ପରମାତ୍ମାର ଅଂଶ ଅଟେ। ବୃହତ୍ ରେ ଯେଉଁ ତତ୍ତ୍ୱ ଅବସ୍ଥିତ, କ୍ଷୁଦ୍ରରେ ମଧ୍ୟ ସେଇ ତତ୍ତ୍ୱ ବିଦ୍ୟମାନ। ବିନ୍ଦୁ ମଧ୍ୟରେ ସିନ୍ଧୁର ଅବସ୍ଥାନ। ବିନ୍ଦୁ, ସିନ୍ଧୁ ଠାରୁ ଭିନ୍ନ ନୁହେଁ। ଉପନିଷଦର ଋଷି କହନ୍ତି, ମଣିଷର ଚେତନା; ମହାଚୈତନ୍ୟର ଅଂଶ ବିଶେଷ। ମହାଚୈତନ୍ୟ ବା ପରମଚୈତନ୍ୟ ହେଉଛି ଆକାଶ ଭଳି।

ISSN NO.
2582-208X

ତା'ର ଆଦି ନାହିଁ କି ଅନ୍ତ ନାହିଁ। ଏହା ଅନାଦି, ଅନନ୍ତ। ତାହାକୁ ବ୍ୟକ୍ତ କରାଯାଇପରିବ ନାହିଁ। ତାହା ଅବ୍ୟକ୍ତ। ତା'ର ମହତ୍ତ୍ୱ ବର୍ଣ୍ଣନା କରିହେବ ନାହିଁ।

ତାର ମହିମା ଗାନ କରିବାକୁ ଯାଇ ମଣିଷ ନୀରବ ହୋଇଯାଏ। ଯେତେ ବଖାଣିଲେ ବି ବୁଝାଇ ହୁଏ ନାହିଁ। ତା'ର ଗୁଣ ନାହିଁ। ସେ ନିର୍ଗୁଣ। ମଣିଷର ସମସ୍ତ ଶକ୍ତି ଓ ସାମର୍ଥ୍ୟର ବହୁ ଊର୍ଦ୍ଧ୍ୱରେ ସେ ବିରାଟ, ବିଶାଳ, ସୀମାହୀନ, ଅସୀମ। ଏହି ଚେତନା-ଆକାଶ, ଶୂନ୍ୟ; ମହାଶୂନ୍ୟ। ଏହି ମହାଶୁନ୍ୟରେ ରହିଛି ଲକ୍ଷ୍ୟ ଲକ୍ଷ୍ୟ ସୌରମଣ୍ଡଳ, ତାରା ଗ୍ରହ ଖଚିତ ଅଗଣିତ ବିଶ୍ୱବ୍ରହ୍ମାଣ୍ଡ। ଏହି ମହାଶୂନ୍ୟରୁ ସୃଷ୍ଟ ଏ ବିଶାଳ ବିଶ୍ୱବ୍ରହ୍ମାଣ୍ଡ। ତନ୍ମଧ୍ୟରୁ ଜାତ ସୂର୍ଯ୍ୟ, ଚନ୍ଦ୍ର, ତାରା, ଗ୍ରହ, ନକ୍ଷତ୍ରପୁଞ୍ଜ ଓ ଆମରି ଏଇ ପୃଥିବୀ। ଲକ୍ଷ ଲକ୍ଷ ବର୍ଷର ବିବର୍ତ୍ତନର ପରିଣାମ ସ୍ୱରୂପ ଆଜି ଏଇ ପୃଥିବୀରେ ବିଦ୍ୟମାନ ମଣିଷ ରୂପୀ ଜୀବ। ମଣିଷର ପିଣ୍ଡ। ବ୍ରହ୍ମାଣ୍ଡରୁ ପିଣ୍ଡ। ପିଣ୍ଡରୁ ବ୍ରହ୍ମାଣ୍ଡ। ସିନ୍ଧୁରୁ ସୃଷ୍ଟ ବିନ୍ଦୁ। ବିନ୍ଦୁ ମଧ୍ୟରେ ସିନ୍ଧୁ। ପରନ୍ତୁ ଏହା ସବୁ ଅନୁଭବର ବିଷୟ। ଏହାର ବୈଜ୍ଞାନିକତାକୁ ଜାଣିଥିବା କୌଣସି ଜ୍ଞାନୀ କିମ୍ବା ସଦଗୁରୁଙ୍କ ପ୍ରତ୍ୟେକ୍ଷ ମାର୍ଗଦର୍ଶନରେ ନିରନ୍ତର ପ୍ରୟୋଗ ଅଥବା ଅଭ୍ୟାସ କରି ନିଜସ୍ୱ ଅଭିଜ୍ଞତା ହାସଲ କରିଥିବା ବ୍ୟକ୍ତି ହିଁ କେବଳ, ଏ କଥାକୁ ବୁଝି ପାରିବ। ଆଧ୍ୟାତ୍ମର ଗୂଢ଼ ରହସ୍ୟକୁ ଆପଣା ଭିତରେ ଆତ୍ମସାତ କରି ପାରିବ। ଏଣୁ ଆଧ୍ୟାତ୍ମିକ ସାଧନାରେ ଜୀବନ୍ତ ସଦଗୁରୁଙ୍କ ମହତ୍ୱ ଅତି ଗୁରୁତ୍ତ୍ୱପୂର୍ଣ୍ଣ ଓ ନିତାନ୍ତ ଆବଶ୍ୟକ। କେବଳ ଶାସ୍ତ୍ର ଅଧ୍ୟୟନ କରି ଆଧ୍ୟାତ୍ମର ଏଇ ଗୂଢ଼ ରହସ୍ୟକୁ କେହି କେବେ ବୁଝିପାରିବ ନାହିଁ।

ଏ ସଂସାର ଦ୍ୱନ୍ଦ୍ୱାତ୍ମକ। ସୁଖ-ଦୁଃଖ, ଲୁହ-ଲହୁ, ଦିନ-ରାତି, ପାପ-ପୁଣ୍ୟ, ଭଲ-ମନ୍ଦ, ସୃଷ୍ଟି ଓ ବିଲୟ; ଏ ଭଳି ସବୁ କଥାରେ ସବୁ ବିଷୟରେ ଦୁଇର ଉପସ୍ଥିତି ଦେଖିବାକୁ ମିଳେ। ଶାସ୍ତ୍ରରେ ଏହାକୁ ଦ୍ୱୈତ ବୋଲି କୁହାଯାଇଛି। ଗୋଟିକର ଉପସ୍ଥିତିରେ ଅନ୍ୟଟିର ଅସ୍ତିତ୍ୱ ଅନିବାର୍ଯ୍ୟ ରୂପେ ଅପ୍ରକଟ ଅବସ୍ଥାରେ ରହିଥାଏ। ଦିନ ପରେ ରାତି ଆସେ ଓ ସୁଖ ପରେ ଦୁଃଖ ଆସିଥାଏ। ଦୁଃଖର ବିପରୀତରେ ସୁଖ ମହତ୍ତ୍ୱର ମନେ ହୋଇଥାଏ। ଯଦି ଦୁଃଖ ନ ଥାନ୍ତା; ସୁଖକୁ କିଏ ବା କାହିଁକି ଲୋଡ଼ନ୍ତା? ସାଧାରଣ ସଂସାରୀ ମଣିଷଟିଏ, ଏ ଜଗତରେ ସୁଖ-ଦୁଃଖ ଲୁହ-ଲହୁ ଭରା ଜୀବନ ଜୀଇଁବାକୁ ଏକ ପ୍ରକାର ବାଧ୍ୟ ହୁଏ। ନିଜ ଶରୀର ମନ ଓ ଭାବନାର ଉପଯୋଗ କରି ସଂସାରର ସମସ୍ତ ଲୌକିକ ଆବଶ୍ୟକତାକୁ ପରିପୂରଣ କରି, ଜନ୍ମରୁ ମୃତ୍ୟୁ ଯାଏଁ ସାରା ଜୀବନ, ମଣିଷ ଦୁଃଖରୁ

ISSN NO.
2582-208X

ମୁକ୍ତି ପାଇବା ପାଇଁ ସଂଘର୍ଷ କରୁଥାଏ ସିନା, କିନ୍ତୁ ଏ ମାୟା ଜାଲରୁ ମୁକୁଳିବା ତା' ପାଇଁ ସହଜ ହୋଇନଥାଏ। ସୁଖ ଓ ଦୁଃଖ ଉଭୟେ ଉତ୍ତେଜନା। ସୁଖ ଏକ ସକରାତ୍ମକ ଉତ୍ତେଜନା। ଦୁଃଖ ଏକ ନକରାତ୍ମକ ଉତ୍ତେଜନା। ଉଭୟେ କିନ୍ତୁ ଉତ୍ତେଜନା ଅଟନ୍ତି। ଉତ୍ତେଜନା କେବେ ବି ଶାନ୍ତି ଆଣିଦେଇ ପାରେ ନାହିଁ। ଏକ ନିରୁତ୍ତେଜିତ ଅବସ୍ଥାରେ ପହଞ୍ଚିଲେ ଯାଇ, ଏକ ଦ୍ୱନ୍ଦ୍ୱ ରହିତ ଅବସ୍ଥାରେ ଉପନୀତ ହେଲେ ହିଁ; ମଣିଷ ଶାନ୍ତ ହୋଇପାରେ। ଏହି ଶାନ୍ତ ଅବସ୍ଥାକୁ ଆନନ୍ଦ ବୋଲି କୁହାଯାଏ।

ଶରୀର, ମନ ଓ ଭାବନାର ସ୍ତରରୁ ଉର୍ଦ୍ଧ୍ୱକୁ ଉଠି ଚେତନାର ସ୍ତରରେ ପହଞ୍ଚି ପାରିଲେ ଓ ସେଇ ଚେତନାର ସ୍ତରରେ ସ୍ଥିତ ହୋଇ ରହିପାରିଲେ ହିଁ ଏଇ ଆନନ୍ଦ ଉପଲବ୍ଧ ହୋଇଥାଏ। କହିବା ବାହୁଲ୍ୟ, ମଣିଷ ତା'ର ପରିଧିରୁ କେନ୍ଦ୍ର ଆଡ଼କୁ ଯାତ୍ରା କରି କେନ୍ଦ୍ରରେ ଅବସ୍ଥାପିତ ହୋଇ ପାରିଲେ, ସୁଖ ଦୁଃଖର ପ୍ରପଞ୍ଚରୁ ମୁକୁଳି ପାରିବ। ଅଦ୍ୱୈତର ଅନୁଭବ ହେବ। ମଣିଷ ମୁକ୍ତ ହେବ। ଦୀର୍ଘ ବର୍ଷର ଅନୁଭବ ଓ ଅନୁସନ୍ଧାନରୁ ଆମ ମୁନି ଋଷିମାନେ ପରିଧିରୁ କେନ୍ଦ୍ରକୁ ଯାତ୍ରା କରିବାର ବ୍ୟବସ୍ଥିତ ବିଜ୍ଞାନ, ଖୋଜି ପାଇଛନ୍ତି। ମାନବାତ୍ମାର କଲ୍ୟାଣ ପାଇଁ କରୁଣାକ୍ରମେ ମନୁଷ୍ୟ ଜାତି ଆଗରେ ସେଇ ବିଜ୍ଞାନକୁ ବାଣ୍ଟି ଦେଇଛନ୍ତି। ତାକୁ ଆମେ ଆଧ୍ୟାତ୍ମ ବୋଲି କହିଥାଉ। ଆଧ୍ୟାତ୍ମ ବିଜ୍ଞାନ ଅଟେ। ପଦାର୍ଥର ପ୍ରକୃତିକୁ ଜାଣିବା କେବଳ ବିଜ୍ଞାନ ନୁହେଁ, ଚେତନାର ପ୍ରକୃତିକୁ ମଧ୍ୟ ଜାଣିବା ଓ ଚେତନାର ଉତ୍ତରଣ ପ୍ରକ୍ରିୟାରେ ଚରମ ଉତ୍କର୍ଷରେ ପହଞ୍ଚିବାର ବିଧି ଅନୁସନ୍ଧାନ କରିବା ମଧ୍ୟ ବିଜ୍ଞାନ ଅଟେ। ପଦାର୍ଥ ଓ ଚେତନା ଭିନ୍ନ ନୁହନ୍ତି। ପଦାର୍ଥର ସୂକ୍ଷ୍ମାତିସୂକ୍ଷ୍ମ ତତ୍ୱକୁ ଅନ୍ୱେଷଣ କରି ଆଜିର ବୈଜ୍ଞାନିକ ଜାଣି ପାରିଛି ଯେ, ପଦାର୍ଥ ଆଉ କିଛି ନୁହେଁ; ଏହା କେବଳ ଉର୍ଜ୍ଜାର ସମଷ୍ଟି ମାତ୍ର। ଆଉ ଏହି ଉର୍ଜ୍ଜା ଜଡ଼ ନୁହେଁ, ଚେତନଶୀଳ। ଏ ଚେତନା, ଉର୍ଜ୍ଜା (ଏନର୍ଜି) ବ୍ୟତୀତ ଅନ୍ୟ କିଛି ନୁହେଁ। ଏ ଉର୍ଜ୍ଜା ବ୍ରହ୍ମାଣ୍ଡୀୟ ଉର୍ଜ୍ଜା ଠାରୁ ଭିନ୍ନ ନୁହେଁ। ଏଇ ବ୍ରହ୍ମାଣ୍ଡୀୟ ଉର୍ଜ୍ଜା ଦଶ ଦିଗରେ ମହାଶୂନ୍ୟରେ ବ୍ୟାପ୍ତ ହୋଇ ରହିଛି। ମହାଶୂନ୍ୟ ବସ୍ତୁତଃ ଶୂନ୍ୟ ନୁହେଁ। ଏହା ଉର୍ଜ୍ଜାରେ ପରିପୂର୍ଣ୍ଣ। ଏହା ଏତେ ପୂର୍ଣ୍ଣ ଯେ ଏଥିରୁ, ଅର୍ଥାତ୍ ପୂର୍ଣ୍ଣରୁ ଯଦି ପୂର୍ଣ୍ଣକୁ କାଢ଼ି ନିଆ ଯାଏ; ତେବେ ପୂର୍ଣ୍ଣ ହିଁ ରହିଥାଏ। ଏଣୁ ବୈଦିକ ଋଷି ଉଦାତ୍ତ କଣ୍ଠରେ ଗାଇଛି:

ISSN NO.
2582-208X

ଓଁ ପୂର୍ଣ୍ଣମଦଃ ପୂର୍ଣ୍ଣଂ ଇଦଂ ପୂର୍ଣ୍ଣାତ୍, ପୂର୍ଣ୍ଣମୁଦଚ୍ୟତେ
ପୂର୍ଣ୍ଣସ୍ୟ ପୂର୍ଣ୍ଣମାଦାୟ ପୂର୍ଣ୍ଣଂ ଏବ ଅବଶିଷ୍ୟତେ।।

ମହାଶୂନ୍ୟରୁ ମହାଶୂନ୍ୟ ବାହାର କରି ନେଇଗଲେ ମଧ୍ୟ ଅବଶିଷ୍ଟ ମହାଶୂନ୍ୟ ହିଁ ରହିବ। ଏଣୁ ଶୁନ୍ୟ ହିଁ ପୂର୍ଣ୍ଣ। ଏ ଅନ୍ତରୀକ୍ଷ ମହାଶୁନ୍ୟ ଉର୍ଜ୍ଜାରେ ପରିପୂର୍ଣ୍ଣ। ଏହି ଉର୍ଜ୍ଜା ଘନିଭୂତ ହୋଇ ରୂପାନ୍ତରୀତ ହୁଏ। ଏଇଥିରୁ ବ୍ରହ୍ମାଣ୍ଡର ଉତ୍ପତ୍ତି। ତନ୍ମଧ୍ୟରୁ ପୃଥ୍ୱୀରୂପୀ ଗ୍ରହରେ ଜୀବଜଗତର ସୃଷ୍ଟି। ସୃଷ୍ଟିର ନିରବିଚ୍ଛିନ୍ନ ପ୍ରକ୍ରିୟାରେ ମନୁଷ୍ୟର ଜନ୍ମ। ନିଜର ଉତ୍ପତ୍ତିର ରହସ୍ୟ ଓ ସୃଷ୍ଟିର କିଞ୍ଚିତ ରହସ୍ୟକୁ ଭେଦ କରିପାରିବାର କ୍ଷମତା ଥିବାହେତୁ ମନୁଷ୍ୟ ଅନ୍ୟ ଜୀବମାନଙ୍କ ମଧ୍ୟରେ ଶ୍ରେଷ୍ଠ ବୋଲି ମନେକରେ। ଜଡ଼ ଓ ଚେତନର ରହସ୍ୟ ଉଦ୍ ଘାଟନ କରିବାରେ ସେ ସକ୍ଷମ। ଉର୍ଜ୍ଜାର ଭିନ୍ନ ଭିନ୍ନ ରୁପକୁ ଚିହ୍ନଟ କରିପାରିବାରେ ସେ ସିଦ୍ଧହସ୍ତ। ଆଜି ମଣିଷ ଜାଣି ପାରିଛି, ଧ୍ୱନି ଉର୍ଜ୍ଜାକୁ ବିଦ୍ୟୁତ୍ ଉର୍ଜ୍ଜାରେ ଓ ବିଦ୍ୟୁତ୍ ଉର୍ଜ୍ଜାକୁ ଧ୍ୱନି ଉର୍ଜ୍ଜାରେ ରୂପାନ୍ତରୀତ କରାଯାଇ ପାରିବ। ଆଜିର ବୈଜ୍ଞାନିକ ପଦାର୍ଥକୁ ଭାଙ୍ଗି ଯେଉଁଠି ପହଞ୍ଚି ପାରିଛି, ପଦାର୍ଥ ଅନ୍ତର୍ଗତ ଯେଉଁ ତତ୍ୱର ସନ୍ଧାନ କରିପାରିଛି; ହଜାର ହଜାର ବର୍ଷତଳେ ଆମରି ବୈଦିକ ଋଷି ମୁନିମାନେ ନିଜ ଭିତରେ ଯାତ୍ରା କରି, ଧ୍ୟାନ ଓ ସମାଧିର ଗଭିରତମ ପ୍ରଦେଶରେ ପହଞ୍ଚି, ସେଇ ସମାନ ତତ୍ୱକୁ ଜାଣି ପାରିଥିଲେ। ସେଇ ରହସ୍ୟକୁ ଭେଦ କରି ସେମାନେ ସେତେବେଳେ କହିଥିଲେ ଯେ, ଧ୍ୱନି ଉର୍ଜ୍ଜାରୁ ଏ ବିଶ୍ୱ ବ୍ରହ୍ମାଣ୍ଡ ସୃଷ୍ଟି। ସେଇ ଧ୍ୱନି ଉର୍ଜ୍ଜାକୁ ସେମାନେ ଓଁକାର ନାମ ଦେଇଥିଲେ। ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ରହସ୍ୟଦର୍ଶୀ ବା ଚେତନା ବିଜ୍ଞାନୀମାନେ ତାହାକୁ ଓଁ, ଶବଦ, ଅନାହତ ନାଦ, ରାମ, ନାମ, ଅକ୍ଷର, ଅଣାକ୍ଷର, ଓଁକାର ଇତ୍ୟାଦି ନାମରେ ସମ୍ବୋଧନ କରି ଆସିଛନ୍ତି। ଆଧ୍ୟାତ୍ମର ଗୂଢ଼ ସାଧନାରେ, ଅନ୍ତର୍ଯାତ୍ରାର ଚରମ ସ୍ଥିତିରେ ବୈଦିକ ମୁନି ଋଷିମାନେ ଜାଣିପାରିଥିଲେ ଯେ, ଏଇ ଜଗତ ସୃଷ୍ଟିର ମୂଳ ହେଉଛି ସେଇ ଅଣଅକ୍ଷର ଓଁକାର। ମହାଶୁନ୍ୟରେ ବ୍ୟାପ୍ତ ଏଇ ବ୍ରହ୍ମାଣ୍ଡୀୟ ଉର୍ଜ୍ଜା ସୂକ୍ଷ୍ମ ଧ୍ୱନି ରୂପରେ ଅବସ୍ଥିତ। ଏହି ଧ୍ୱନି ବା ନାଦ ଅନାହତ ଅଟେ। ଅର୍ଥାତ୍ ଦୁଇ ବସ୍ତୁର ଆଘାତରୁ ସୃଷ୍ଟ ନୁହେଁ। ଜଗତର ସମସ୍ତ ଧ୍ୱନି ଦୁଇ ବସ୍ତୁର ଆଘାତରୁ ସୃଷ୍ଟ। କିନ୍ତୁ ମହାଶୁନ୍ୟରେ ଗୁଂଜାୟମାନ ଏହି ଓଁକାର ଧ୍ୱନି ଅନାହତ ନାଦ ଅଟେ। ଏହା ଅତି ସୂକ୍ଷ୍ମ। ଏହାକୁ ଶୁଣିବାକୁ ହେଲେ କର୍ଣ୍ଣର ଆବଶ୍ୟକତା ନାହିଁ।

ISSN NO.
2582-208X

ଗଭୀର ଧ୍ୟାନର ଆତ୍ୟନ୍ତିକ ଅବସ୍ଥାରେ ଏଇ ନାଦକୁ ନିଜ ଅନ୍ତର୍ଜଗତରେ ସାଧକ ଶୁଣିପାରେ। ଏହା କେବଳ ନାଦ ରୂପରେ ପ୍ରକଟିତ ନୁହେଁ। ସାଧକର ଅନ୍ତରାକାଶରେ ଏହା ଦିବ୍ୟଜ୍ୟୋତି ଭାବରେ ମଧ୍ୟ ପ୍ରକଟିତ ହୁଏ। ସାଧକ ତା'ର ଅଖଣ୍ଡ ଜ୍ୟୋତି ରୂପକୁ ନିଜ ଅନ୍ତରାକାଶରେ ଦେଖିପାରେ। ସେ ଜ୍ୟୋତିକୁ ଦେଖିବାକୁ ଚର୍ମ ଚକ୍ଷୁର ଆବଶ୍ୟକତା ନାହିଁ। ଏହାର ବିପରୀତରେ ଏଇ ଓଁକାର ଧ୍ୱନିକୁ ଶୁଣି ଶୁଣି ସାଧକ ଗଭୀର ଧ୍ୟାନରେ ଡୁବି ଯାଇ ପାରେ। ଧ୍ୟାନର ଚରମ ପରିଣତି ସମାଧି। ସମାଧିସ୍ଥ ବ୍ୟକ୍ତି ଜାଣେ ଯେ, ଏଇ ଚେତନା; ଯାହା ତା'ର ନିଜ ଶରୀର ମଧ୍ୟରେ ବିଦ୍ୟମାନ, ତାହା ପୁଣି ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡରେ ବ୍ୟାପ୍ତ। ସେଇଥିରୁ ସବୁର ଉତ୍ପତ୍ତି, ସେଇଥିରେ ସବୁକିଛିର ବିଲୟ। ଏଇ ଚେତନା ତା'ର ଉତ୍ତରଣ ପ୍ରକ୍ରିୟାରେ ବାରମ୍ବାର ଉନ୍ନତି ସାଧନ କରୁଥାଏ, ବାରମ୍ବାର ଦେହ ଧାରଣ କରୁଥାଏ। ପରମ ଅବସ୍ଥାରେ ଉପନୀତ ନହେବା ପର୍ଯ୍ୟନ୍ତ ଯାତ୍ରା ତା'ର ଅବାରିତ ରହିଥାଏ। ଏଇ ସତ୍ୟକୁ ଜାଣିବାକୁ ଚାହୁଁଥିବା ମଣିଷ ସଂସାରର ଅଳିକ ବସ୍ତୁରେ ମନନିଯୋଗ ନ କରି, ନିଜର ଚେତନାର ବା ଆତ୍ମାର ଉନ୍ନତି ନିମନ୍ତେ ଉତ୍ସୁକ ହୁଏ। ବିକାଶୋନ୍ମୁଖୀ ଆତ୍ମା ତା'ର କୌଣସି ଜ୍ଞାନୀ କିମ୍ବା ସଦଗୁରୁଙ୍କୁ ସନ୍ଧାନ କରେ, ଯିଏକି ଚେତନାର ଉତ୍ତରଣ ପାଇଁ ମାର୍ଗ ବତାଇ ପାରେ। ଜ୍ଞାନ ଦେଇ ପାରେ। ବିଧି ବତାଇ ପାରେ। ପ୍ରଚଣ୍ଡ ଜିଜ୍ଞାସାବୋଧ ତାକୁ ଜ୍ଞାନ ଅନ୍ୱେଷଣ ପାଇଁ ଅଧୀର କରିଥାଏ। ଏଇ ଜାଣିବା, ବିଶେଷ ଜ୍ଞାନ ହିଁ ତ ବିଜ୍ଞାନ। ଏଥିରେ ଆସ୍ଥା କିମ୍ବା ବିଶ୍ୱାସର ପ୍ରଶ୍ନ ନାହିଁ। ଏହା କେବଳ ପ୍ରୟୋଗର ପରିଣାମ ମାତ୍ର। ସମ୍ପୂର୍ଣ୍ଣ ବିଜ୍ଞାନ। ଏହାକୁ ଆମେ ଏ ଭଳି କହିପାରିବା, ଆତ୍ମାର କିମ୍ବା ଚେତନାର ବିଜ୍ଞାନ। ହଜାର ହଜାର ବର୍ଷଧରି ଏହି ବିଜ୍ଞାନକୁ ପ୍ରୟୋଗ କରି ଚେତନାର ଚରମ ଉତ୍ତରଣ ଅବସ୍ଥାରେ ଉପନୀତ ହୋଇ କେତେ ସାଧୁ ସନ୍ଥ ଯୋଗୀ ମୁନି ଋଷି ଆଦି ପରମଜ୍ଞାନର ଅଧିକାରୀ ହୋଇପାରିଛନ୍ତି। ଏଇ ବିଜ୍ଞାନକୁ ପୁରୁଷ ପୁରୁଷ ଧରି ଆମେ ଧାରଣ କରି ଆସୁଥିବାରୁ ଏହା ପରଂପରା କ୍ରମେ ଧର୍ମରେ ପରିଣତ ହୋଇଯାଇଛି। ସମୟ କ୍ରମେ ଧର୍ମର ସାର ତତ୍ୱକୁ, ଚେତନାର ଉତ୍ତରଣ ପ୍ରକ୍ରିୟାକୁ ବା ଆତ୍ମାର ବିଜ୍ଞାନକୁ ଜାଣିଥିବା ଅନେକ ଚେତନା ବିଜ୍ଞାନୀ, ସିଦ୍ଧ, ସନ୍ଥପୁରୁଷ; ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ମାର୍ଗରେ ଲୋକଙ୍କୁ ଏହି ବିଜ୍ଞାନ ହସ୍ତାନ୍ତର କରିଅଛନ୍ତି। ଲୋକଙ୍କୁ ସତ୍ୟ ପଥରେ ପରିଚାଳିତ ହୋଇ ପରମସତ୍ୟକୁ, ପରମ ଜ୍ଞାନକୁ ଉପଲବ୍ଧ ହେବାର ମାର୍ଗ ବତାଇ ଯାଇଛନ୍ତି। ମାତ୍ର ଏଥିରେ ବିଡ଼ମ୍ବନା ଏହି ଯେ, ପଦାର୍ଥର ବିଜ୍ଞାନର ଉଦ୍ଭାବକ ଯାହା କିଛି ଉଦ୍ଭାବନ କରନ୍ତି ତାହା ସମସ୍ତ ମଣିଷଙ୍କ ପାଇଁ ଉପଯୋଗୀ ହୋଇଥାଏ। ଏଡିସନ୍

ISSN NO.
2582-208X

ବିଦ୍ୟୁତ୍ ବଲବ ର ଆବିଷ୍କାର କରନ୍ତି ଓ ସମଗ୍ର ମାନବ ଜାତି ଏହାର ଉପଯୋଗ କରନ୍ତି। କୌଣସି ଏକଲା ବ୍ୟକ୍ତିକୁ ପୁଣି ଥରେ ବଲବ ଆବିଷ୍କାର କରିବାକୁ ପଡ଼େ ନାହିଁ। ମାତ୍ର ଚେତନାର ବିଜ୍ଞାନ କ୍ଷେତ୍ରରେ ତାହା ହୋଇପାରେ ନାହିଁ। ଏଇଠି ପ୍ରତ୍ୟେକ ମଣିଷକୁ ସ୍ୱୟଂ ପ୍ରୟୋଗ କରିବାକୁ ପଡ଼େ, ସାଧନାର ମାର୍ଗରେ ଅନେକ ଅଭ୍ୟାସ କରିବାକୁ ହୁଏ। ତେବେ ଯାଇଁ ଚେତନା ର ଶୀର୍ଷତମ ପ୍ରଦେଶରେ କେହି ପହଞ୍ଚି ପାରେ। ପରମ ଜ୍ଞାନକୁ ଉପଲବ୍ଧ ହୋଇପାରେ। ଏଇଠି ଜଣକର ଅନୁଭବ ଅନ୍ୟ କାହାର କାମରେ ଆସେନା। ନିଜେ ସାଧିଲେ ଯାଇ ସିଦ୍ଧି ହାସଲ ହୁଏ।

ଜୀବନ୍ତ ସଦଗୁରୁ ଅନ୍ତର୍ଯାତ୍ରା ପାଇଁ ବିଜ୍ଞାନ ଦିଅନ୍ତି। ନିଜର ଉପସ୍ଥିତିରେ ଶିଷ୍ୟ ବା ସାଧକର ସାଧନା ମାର୍ଗକୁ ପ୍ରତ୍ୟେକ୍ଷ ଭାବରେ ସଞ୍ଚାଳନ କରନ୍ତି। ବହୁବର୍ଷର ନିଜର ଅଭିଜ୍ଞତାକୁ ଶିଷ୍ୟମାନଙ୍କ ଆଗରେ ପରଷି ଦିଅନ୍ତି। ଜୀବନ୍ତଗୁରୁଙ୍କ ଊର୍ଦ୍ଧ୍ୱମଣ୍ଡଳରେ ଶିଷ୍ୟ ସାଧନାର କ୍ରମିକ ଉତ୍ତରଣରେ ବ୍ରତୀ ହୋଇପାରେ। ପ୍ରତି ପାହାଚରେ ଶିଷ୍ୟ ମନରେ ଉଠୁଥିବା ସନ୍ଦେହକୁ ସଦଗୁରୁ ହିଁ ଦୂର କରି ତା'ର ଜଟିଳ ଜିଜ୍ଞାସାକୁ, ତା' ମଧ୍ୟରେ ଥିବା ସମସ୍ତ ସମସ୍ୟାକୁ ସମାହିତ କରିପାରନ୍ତି। ଏଣୁ ଆଧ୍ୟାତ୍ମିକ ସାଧନାରେ ଶିଷ୍ୟ ବାରମ୍ବାର ସଦଗୁରୁଙ୍କର ସାହଚର୍ଯ୍ୟ ଲୋଡ଼େ। ଗୁରୁଙ୍କର ବଶମ୍ବଦ ହୋଇ ରହିବାକୁ ନିଜର ସୌଭାଗ୍ୟ ମଣେ। ଗୁରୁ ଆଧ୍ୟାତ୍ମର ଜଟିଳ ତତ୍ତ୍ୱ ସବୁକୁ ଅତ୍ୟନ୍ତ ସହଜ ଓ ସରଳ ଭାବରେ ଶିଷ୍ୟ ନିକଟରେ ପ୍ରସ୍ତୁତ କରନ୍ତି ଓ ଶିଷ୍ୟ ସାଧନାର ପରିଣତି କ୍ରମେ ସେଇସବୁ ତତ୍ତ୍ୱକୁ ନିଜ ଅଭିଜ୍ଞତା ମାଧ୍ୟମରେ ଆତ୍ମସ୍ଥ କରିପାରେ। କାଳକ୍ରମେ ଏଇ ଶ୍ରଦ୍ଧା ସେତେବେଳେ ଭକ୍ତିରେ ପରିଣତ ହୋଇଯାଏ, ଯେତେବେଳେ ଶିଷ୍ୟ ଲୌକିକ ଜଗତର ବାହାରେ, ନିଜ ଅନ୍ତଃସ୍ଥଳରେ ଏକ ଅଲୌକିକ ଜଗତର ସନ୍ଧାନ ପାଏ। ବିରାଟ ସୃଷ୍ଟିର ରହସ୍ୟକୁ ନିଜ ପିଣ୍ଡ ଭିତରେ ଅନୁଭବ କରେ। ବ୍ରହ୍ମାଣ୍ଡର ଉତ୍ପତ୍ତି ଓ ତାର ନିଜସ୍ୱ ପିଣ୍ଡର ଅବସ୍ଥିତି ସହିତ ଥିବା ଅଭିନ୍ନ ସମ୍ପର୍କକୁ ଠାବ କରିପାରେ। କ୍ଷୁଦ୍ର ଭିତରେ ବିରାଟର ଦର୍ଶନ କରେ। ବିନ୍ଦୁ ମଧ୍ୟରେ ସିନ୍ଧୁର ସନ୍ଧାନ କରି ପାରିଥିବା ହେତୁ ଶିଷ୍ୟର ଗୁରୁଙ୍କ ପ୍ରତି ଭକ୍ତି ବଢ଼େ। ସେତେବେଳେ ଗୁରୁଙ୍କ ପ୍ରତି ସେ ଗଦ୍ ଗଦ୍ ହୋଇଯାଏ। ମିଛ ମାୟାର ସଂସାର ଠାରୁ ଅନ୍ତର୍ଜଗତର ଅଲୌକିକ ଅନୁଭବ ସବୁ ତା'କୁ ଅଧିକ ମହତ୍ୱପୂର୍ଣ୍ଣ ଓ ମୂଲ୍ୟବାନ ମନେହୁଏ। ଧୀରେ ଧୀରେ ସାଧନାର ପରିଣତିକ୍ରମେ କାମ, କ୍ରୋଧ, ଲୋଭ, ମୋହ, ଇର୍ଷ୍ୟା ଓ ଦ୍ୱେଷ ଆଦିର କବଳରୁ ନିଜେ ମୁକୁଳି ଯାଇ ପାରିବ, ତା ଭିତରେ ଏଭଳି

ISSN NO.
2582-208X

ଅନୁଭବର ଝଲକ୍ ମିଳେ। ତାର ଆତ୍ମବିଶ୍ୱାସ ବୃଦ୍ଧି ହୁଏ। ଗୁରୁ ଆଜ୍ଞାକୁ ବେଦବାକ୍ୟ ଭଳି ମାନି ନିରନ୍ତର ସାଧନାରେ ଲାଗିପଡ଼େ। ଜୀବନବ୍ୟାପୀ ସାଧନାର ପଥରେ ଆସୁଥିବା ଅନେକ ସାଂସାରିକ ଝଡ଼ଝଞ୍ଜା ସତ୍ତ୍ୱେ, ଗୁରୁମନ୍ତ୍ରକୁ ହୃଦୟରେ ଅବସ୍ଥାପିତ କରି, ଗୁରୁ ନିର୍ଦ୍ଦେଶିତ ମାର୍ଗରେ ସତ୍ୟ ପଥରେ ଅଗ୍ରସର ହେଉଥାଏ। କାଳାନ୍ତରେ ଗୁରୁପଦକୁ ଆଶ୍ରା କରି ବା ତାଙ୍କରି ମାର୍ଗଦର୍ଶନକୁ ଅନୁସରଣ କରି ତା' ଚତୁର୍ପାର୍ଶ୍ୱରେ ଘେରିରହିଥିବା ମଣିଷମାନଙ୍କୁ ନିଜ ଅନୁଭବର ସତ୍ୟକୁ ବାଣ୍ଟିବାକୁ ଆଗ୍ରହୀ ହୁଏ। ପରମସତ୍ୟକୁ ଅନୁଭବ କରିଥିବା ବ୍ୟକ୍ତି କରୁଣାରେ ଆର୍ଦ୍ର ହୋଇଯାଏ। ଅନ୍ୟମାନେ ମଧ୍ୟ ପରମସତ୍ୟକୁ ଅନୁଭବ କରନ୍ତୁ, ଏ ଭଳି ମହତ୍ ଇଚ୍ଛା ଯୋଗୁଁ ସେ ପରମସତ୍ୟର ଗୀତ ଗାଏ। ପରମସତ୍ୟ ଲାଭପାଇଁ ଥିବା, ବିଧିର ଗୀତ ଗାଏ। ସେ ଗୀତରେ ଥାଏ ଆଧ୍ୟାତ୍ମିକ ରହସ୍ୟର କଥା, ଓଁକାର ର କଥା। ସେ ଗୀତରେ ଥାଏ ନିଜ ଅନୁଭବର କଥା। ସେ ଗୀତରେ ଥାଏ ଗୁରୁ ମହିମାର କଥା। ଊନବିଂଶ ଶତାବ୍ଦୀର ଶେଷ ପର୍ଯ୍ୟାୟରେ ଓଡ଼ିଶା ପ୍ରଦେଶରେ ଏ ଭଳି ଏକ କବିଙ୍କର ଉଦୟ ହୋଇଥିଲା। ନାମ ତାଙ୍କର ଭୀମ ଭୋଇ। ହଁ ସେଇ ଭୀମ ଭୋଇ, ଯିଏ ଉଦାତ୍ତ କଣ୍ଠରେ ଘୋଷଣା କରିଥିଲେ:

*ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ
ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ*

ଭୀମଭୋଇ ନିଶ୍ଚିତ ରୂପେ ସଦଗୁରୁଙ୍କ ସାନିଧ୍ୟରେ ସାଧନା କରିଛନ୍ତି, ଆଧ୍ୟାତ୍ମର ଗୂଢ଼ ରହସ୍ୟସବୁକୁ ଅନୁଭବ କରିଛନ୍ତି। ସେଇ ସବୁ ରହସ୍ୟକୁ ଆତ୍ମସ୍ଥ କରିବାପରେ ମନୁଷ୍ୟ ଜୀବନର ଅସଲ ଉଦ୍ଦେଶ୍ୟ, ବିଶ୍ୱବ୍ରହ୍ମାଣ୍ଡର ଉତ୍ପତ୍ତିର ରହସ୍ୟକୁ ବୁଝିଛନ୍ତି। ଆଉ ସେଇ ରହସ୍ୟ ସବୁକୁ ନିଜ କାବ୍ୟ କବିତା ମାଧ୍ୟ ଦ୍ୱାରା ପ୍ରକାଶିତ "ଭକ୍ତକବି ଭୀମ ଭୋଇ ଗ୍ରନ୍ଥାବଳୀ"ରେ ସ୍ଥାନିତ ତାଙ୍କ ରଚିତ ସମସ୍ତ ସାହିତ୍ୟରେ ଏ ସତ୍ୟ ଅଭିବ୍ୟକ୍ତି ଲାଭ କରିଛି। ଏହି ଗ୍ରନ୍ଥରେ ସ୍ଥାନିତ ତାଙ୍କର ଭଜନମାଳା ସଂଖ୍ୟା ୧୯୭ ଭଜନଟିକୁ ଏଠାରେ ବିଚାର କରିବା।

ଅନାଦି ଗୁରୁ ଅଣ ଅକ୍ଷରୁ ନାମ ହୋଇଲ ମହାମେରୁ
ଅଲେଖ ବୋଲିବା ଯେବଣ ଶବଦ ବ୍ରହ୍ମଜ୍ଞାନୀ କର୍ଣ୍ଣେ ଶୁଣି ଭେଦ

ISSN NO.
2582-208X

ଚାରି ଯୁଗେ କବି ଲେଖି ନ ପାରିଲେ ଅଲେଖ ବୋଲିଣ ନାମ ତହୁଁ ଦେଲେ
ପ୍ରକାଶ ହୋଇଲେ ନିଶବଦରୁ ।୧।

ଶୁନ୍ୟବୋଲିବାର ଯେବଣ ବିଭୁତି ଉର୍ଦ୍ଧ୍ୱକୁ ଚାହିଁଲେ କିଛି ନଦିଶନ୍ତି
ସର୍ବ ଭୂତେ ପୂରି ଅଛନ୍ତି ଆବୋରି ସୁଖେ କରୁଛନ୍ତି ଦିବା ଶର୍ବରୀ
ଏ ପିଣ୍ଡ ବ୍ରହ୍ମାଣ୍ଡ ଯେତେ ସୀମାରୁ ।୨।

ଅନନ୍ତ ପୁରୁଷ ବୋଲିବା ନିର୍ଣ୍ଣୟେ ଚାରିଯୁଗ ଆଦି ଅନ୍ତ ପାଇ ନୁହେଁ
ନୁହଇ କବି ତ ଅଦ୍ଭୁତ ରେ ଯୁକ୍ତ ଧର୍ମ ଅର୍ଥ କାମ ନୁହଇ ଶକତ
ଅଚଳ ଶକତି କେ ବର୍ଣ୍ଣିପାରୁ ।୩।

ସ୍ୱାମୀ ବୋଲିଣ ଯେବଣ ବିଭୂତି ଛପନା କୋଟୀର ଅଟନ୍ତି ସେ ପତି
ସେ ଜଗତ ନାଥ ସମସ୍ତଙ୍କ ହିତ ଭକତଙ୍କ ବନ୍ଧୁ ସେହି ଇଷ୍ଟମିତ୍ର
ଅବତାର ହୋଇ ଅଣରୂପରୁ ।୪।

ଗୁରୁ ବୋଲିବାର ଯେବଣ ଅରଥ ଜ୍ଞାନ ବୁଦ୍ଧି ହେତୁ ହେବାର ସମର୍ଥ
ଘେନି ସେବା ଭକ୍ତି ଦ୍ୟନ୍ତି ସଦଗତି ଅଭୟ ମଣ୍ଡଳେ ପ୍ରାପତ କରାନ୍ତି
ତାରଣ କରନ୍ତି ଭବ ସାଗରୁ ।୫।

କର୍ତ୍ତା ବୋଲିବାର ଯେଉଁ ରୀତିମତ ପିଣ୍ଡ ବ୍ରହ୍ମାଣ୍ଡରୁ କରିଛନ୍ତି ଜାତ
ଭଣେ ଭୀମ କନ୍ଧ ମନରେ ଆନନ୍ଦ ଭରସା ମୋର ସେ ଅଣରୂପା ଚାନ୍ଦ
ସର୍ଜନା କଳ୍ପନା ଶୂନ୍ୟ ମନ୍ଦିରୁ ।୬।

ଅକ୍ଷର ଶବ୍ଦର ଆକ୍ଷରିକ ଅର୍ଥ ହେଉଛି ଯା'ର କ୍ଷୟ ନାହିଁ। ପୁଣି ଆମେ ବର୍ଣ୍ଣମାଳାରେ ଥିବା ସ୍ୱରବର୍ଣ୍ଣ କିମ୍ବା ବ୍ୟଞ୍ଜନବର୍ଣ୍ଣ ଗୁଡ଼ିକୁ ଅକ୍ଷର ବୋଲି କହିଥାଉ। ଓଁ ସ୍ୱରବର୍ଣ୍ଣ କିମ୍ବା ବ୍ୟଂଜନ ବର୍ଣ୍ଣରେ ସ୍ଥାନିତ ଅକ୍ଷର ନୁହେଁ। ଓଁ ହେଉଛି ଅ, ଉ ଏବଂ ମ; ଏଇ ତିନୋଟି ଅକ୍ଷରର ସମାହାର। ସୃଷ୍ଟି ତତ୍ୱ, ସ୍ଥିତି ତତ୍ୱ ଏବଂ ବିଲୟ ତତ୍ୱ; ଏଇ ତ୍ରିବିଧ ପ୍ରକ୍ରିୟାର ସମାହାର।

ISSN NO.
2582-208X

ଏ ସଚରାଚର ଜଗତରେ ଯେତେସବୁ ବିଷୟ ବା ବସ୍ତୁ ଆମେ ଦେଖିବାକୁ ପାଉ ବା ଆମ ଦୃଶ୍ୟ ଅନ୍ତରାଳରେ ଥାଉ; ସେ ସବୁ ଏଇ ତିନିଟି ଅବସ୍ଥାରେ ହିଁ ରହିଅଛି। ବ୍ରହ୍ମାଣ୍ଡୀୟ ଉର୍ଜ୍ଜାରୁ ସବୁ କିଛିର ସୃଷ୍ଟି। ଯାହା ସୃଷ୍ଟି ହୁଏ, ତାହା ଏକ ନିର୍ଦ୍ଦିଷ୍ଟ ଅବଧି ପାଇଁ ସ୍ଥିତ ହୁଏ। ପୁଣି ନିଶ୍ଚିତ ଅବଧି ପରେ ତା'ର ବିଲୟ ହୋଇଥାଏ। ପ୍ରାଚୀନ ବୈଦିକ ମୁନି ଏଇ ଉର୍ଜ୍ଜାକୁ ଦେବତା ନାମରେ ନାମିତ କରିଛନ୍ତି। ଏହାକୁ ସନାତନ ପରମ୍ପରାରେ ବ୍ରହ୍ମା, ବିଷ୍ଣୁ ଓ ଶିବ ବୋଲି କୁହାଯାଏ। ଏହା ତ୍ରିବିଧ ଭଳି ଜଣା ପଡୁଥିଲେ ମଧ୍ୟ ବସ୍ତୁତଃ ଏକରୂପ ଅଟେ। ଏଣୁ ବର୍ଣ୍ଣମାଳାର ସ୍ୱର ବର୍ଣ୍ଣ, ବ୍ୟଂଜନ ବର୍ଣ୍ଣ ବା ସଂଯୁକ୍ତ ବର୍ଣ୍ଣ ଏ ସବୁର ସମାହାରରେ ନିର୍ମିତ ଓଁ। ଏହା ପୁଣି ଏକକ ଅକ୍ଷର ନୁହେଁ, ଏଣୁ ସନ୍ଥ ମାନେ ଏହାକୁ ଅଣ ଅକ୍ଷର ବୋଲି କୁହନ୍ତି। ଏହି ଓଁକାର, ଏକାକ୍ଷର ବା ଅଣଅକ୍ଷର ସେଇ ବ୍ରହ୍ମାଣ୍ଡୀୟ ଉର୍ଜ୍ଜା ବ୍ୟତୀତ ଅନ୍ୟ କିଛି ନୁହେଁ। ଅତୀତର ମୁନି ଋଷିଙ୍କର ଏହା ହେଉଛି ସେ କାଳର ଭାଷା। ଆଜିର ଭାଷାରେ ଆମେ ଏଟମ୍ ବୋଲି କହୁ। ଯାହା ନ୍ୟୁଟ୍ରନ୍, ପ୍ରୋଟନ୍ ଏବଂ ଇଲେକଟ୍ରନ୍ ର ସମଷ୍ଟି ଅଟେ। ଯାହା ସବୁ ସୃଷ୍ଟିର ମୂଳ ତତ୍ୱ। ସେଇ ବ୍ରହ୍ମାଣ୍ଡୀୟ ଉର୍ଜ୍ଜାର ଧ୍ୱନି ରୂପ ହେଉଛି ଓଁକାର ନାଦ। ଏହି ଓଁକାର ନାଦକୁ ଧ୍ୟାନସ୍ଥ ଅବସ୍ଥାରେ ସାଧକଟିଏ, ନିଜ ଅନ୍ତର୍ତମ ସ୍ଥିତିରେ, ନିଜ ଆଭ୍ୟନ୍ତରରେ ଶୁଣି ପାରେ, ଅନୁଭବ କରିପାରେ।

ଅନାଦି ଗୁରୁ ଅଣ ଅକ୍ଷରୁ ନାମ ବୋଲାଇଲ ମହାମେରୁ ।
ଅଲେଖ ବୋଲିବା ଯେବଣ ଶବଦ ବ୍ରହ୍ମଜ୍ଞାନୀ କର୍ଣ୍ଣେ ଶୁଣି ଭେଦ
ଚାରି ଯୁଗେ କବି ଲେଖି ନ ପାରିଲେ ଅଲେଖ ବୋଲିଣ ନାମ ତହୁଁ ଦେଲେ
ପ୍ରକାଶ ହୋଇଲେ ନିଶବଦରୁ ।୧।

ତାହାକୁ ମଧ୍ୟଯୁଗୀୟ ଭାରତୀୟ ସନ୍ଥ ଗୁରୁନାନକଦେବ ଏକ ଓଁକାର ସତନାମ ବୋଲି କହିଛନ୍ତି। ସେ ହିଁ କର୍ତ୍ତାପୁରୁଷ, ଅଯୋନି, ସ୍ୱୟଂଭୂ ଅଟେ। ତାଙ୍କର କେହି ଜନ୍ମଦାତା ନୁହଁନ୍ତି। ସିଏ ସ୍ୱୟଂ ଆବିର୍ଭାବ ହୋଇଛନ୍ତି। ତେଣୁ ସେ ଆରମ୍ଭ ବା ଆଦି, ଆଦିର ବି ବହୁ ଆଗରୁ ଅନାଦି ଅଟନ୍ତି। ସେହିଁ ପ୍ରଥମ ଗୁରୁ। ସେ ମହାନ। ସେ ବିରାଟ ମେରୁ ଭଳି, ଯାହାର କୌଣସି ସୀମା ନାହିଁ ସେ ଅସୀମ। ଓଁକାର ର ବିରାଟତ୍ୱକୁ କେବେ ବି ବ୍ୟକ୍ତ କରାଯାଇ ପାରିବ ନାହିଁ, କେବେ ବି ଲେଖା ଯାଇ ପାରିବ ନାହିଁ। ଏଣୁ ସେ ଅଲେଖ। ଅତ୍ୟନ୍ତ ବିଶାଳ ତାଙ୍କର ମହିମା। ସେଇ ଅଲେଖ ମହିମା ବର୍ଣ୍ଣନା କରିବା ଦୂରୁହ କେବଳ

ISSN NO.
2582-208X

ନୁହେଁ; ଅସମ୍ଭବ। ଓଁ ଏକ ପ୍ରତୀକ ମାତ୍ର। ଏହାର ବିରାଟତ୍ୱ, କେବଳ ସାଧକଟିଏ, ଯିଏ ଅନାହତ ନାଦ ଶୁଣିବାରେ ସକ୍ଷମ; କେବଳ ସେ ହିଁ ବୁଝି ପାରିବ। ଯିଏ ଏଇ ବ୍ରହ୍ମନାଦର ରହସ୍ୟକୁ ଜାଣିଥିବ; ସେ ବ୍ରହ୍ମଜ୍ଞାନୀ ତାହାକୁ କର୍ଣ୍ଣରେ ଶୁଣି ପାରିବ। ମାତ୍ର ତାହାକୁ କେବେ ବି ଲେଖାଯାଇ ପାରିବ ନାହିଁ। ସେଇ ବ୍ରହ୍ମଧ୍ୱନି ଏକାନ୍ତରେ, ନିଶବ୍ଦରେ ହିଁ ଶୁଣା ଯାଇଥାଏ। ସାଧକ ଧ୍ୟାନସ୍ଥ ଅବସ୍ଥାରେ ଆତ୍ମଲୀନ ଅବସ୍ଥାରେ ଏହାକୁ ଶୁଣିପାରେ।

ସଦଗୁରୁଙ୍କ କୃପାରୁ ସାଧକ ଭୀମ, ଏଇ ଶବ୍ଦବ୍ରହ୍ମକୁ ଜାଣିଛନ୍ତି ଓ ସତ୍ତତ୍ୱକୁ ଉପଲବ୍ଧ ହେବାପରେ କବି ଭୀମ, ତାଙ୍କ କବିତା ମାଧ୍ୟମରେ ସେଇ ଶବ୍ଦବ୍ରହ୍ମର ରହସ୍ୟକୁ ବ୍ୟକ୍ତ କରିବାକୁ ଚେଷ୍ଟା କରିବା ଛଳରେ; ମଣିଷକୁ ନିତାନ୍ତ ଏକାକୀତ୍ୱରେ ଧ୍ୟାନସ୍ଥ ହେବାକୁ ଆହ୍ୱାନ କରୁଛନ୍ତି। ଧ୍ୟାନ ହିଁ ଏକମାତ୍ର ଅବସ୍ଥା ଯେଉଁ ଅବସ୍ଥାରେ ବ୍ୟକ୍ତି ସେଇ ବିରାଟତ୍ୱକୁ ଅନୁଭବ କରିପାରେ। ଧ୍ୟାନ ଏକ କୃତ୍ୟ ନୁହେଁ। ସବୁ କୃତ୍ୟକୁ ପରିତ୍ୟାଗ କରି କେବଳ ବିଶ୍ରାନ୍ତି ଅବସ୍ଥାରେ, ଯେତେବେଳେ ଶରୀର ନିଶ୍ଚଳ, ମନ ନିର୍ବିଚାର ଓ ଭାବନା ସ୍ଥିର ହୋଇଯାଏ; ସେତେବେଳେ ଚେତନା ତାର ଶୁଦ୍ଧ ରୂପରେ ଅବସ୍ଥିତ ହୁଏ। ଏହି ଦଶାକୁ ଧ୍ୟାନ ବୋଲି କୁହାଯାଏ। ଧ୍ୟାନଦ୍ୱାରା ଚେତନାର ଊର୍ଦ୍ଧ୍ୱଗତି ହୁଏ। ଉତ୍ତରଣ ହୁଏ। ମନୁଷ୍ୟ ନିର୍ଦ୍ୱନ୍ଦ ଅବସ୍ଥାକୁ ଉପଲବ୍ଧ ହୋଇଥାଏ।

ଶୁନ୍ୟବୋଲିବାର ଯେବଣ ବିଭୁତି ଉର୍ଦ୍ଧ୍ୱକୁ ଚାହିଁଲେ କିଛି ନଦିଶନ୍ତି
ସର୍ବ ଭୂତେ ପୂରି ଅଛନ୍ତି ଆବୋରି ସୁଖେ କରୁଛନ୍ତି ଦିବା ଶର୍ବରୀ
ଏ ପିଣ୍ଡ ବ୍ରହ୍ମାଣ୍ଡ ଯେତେ ସୀମାରୁ ।୨।

ଚର୍ମ ଚକ୍ଷୁରେ ମହାକାଶକୁ ଦେଖିଲେ ଆମେ କେବଳ ଶୁନ୍ୟ ହିଁ ଦେଖିଥାଉ। କିନ୍ତୁ ଯୋଗୀ ମୁନି ସାଧକ ମାନେ ଜାଣନ୍ତି ଏ ଶୁନ୍ୟ ମହକାଶରେ ଅବସ୍ଥିତ ସେଇ ବ୍ରହ୍ମାଣ୍ଡୀୟ ଊର୍ଜ୍ଜାରୁ ସବୁ କିଛିର ସୃଷ୍ଟି। ସେଇ ପରମତତ୍ୱ ଊର୍ଜ୍ଜା ରୂପୀ ବ୍ରହ୍ମ ସକଳ ଜୀବ ଜଗତରେ ବ୍ୟାପ୍ତ। ସେ ହିଁ ସୁଖ ଓ ଦୁଃଖର ନିର୍ମାତା। ତାଙ୍କରି ଦ୍ୱାରା ସୃଷ୍ଟ ଗ୍ରହ ନକ୍ଷତ୍ର ପାଇଁ ଦିବା ରାତ୍ର ହେଉଛି। ଯାହା ଏ ବିଶାଳ ମହାଶୂନ୍ୟରେ ବ୍ୟାପ୍ତ; ତାହା ଆମର ଏ ଦେହରୂପୀ କ୍ଷୁଦ୍ର ପିଣ୍ଡରେ ମଧ୍ୟ ଅବସ୍ଥିତ। ପିଣ୍ଡରେ ବ୍ରହ୍ମାଣ୍ଡୀୟ ତତ୍ୱ ବିରାଜିତ। ଅସୀମ ବ୍ରହ୍ମାଣ୍ଡ, ପିଣ୍ଡରେ ସୀମିତ ହୋଇ ପ୍ରକଟ ଲାଭ କରିଛି।

ISSN NO.
2582-208X

ଅନନ୍ତ ପୁରୁଷ ବୋଲିବା ନିର୍ଣ୍ଣୟେ ଚାରିଯୁଗ ଆଦି ଅନ୍ତ ପାଇ ନୁହେଁ
ନୁହଇ କବି ତ ଅଦ୍ଭୁତ ରେ ଯୁକ୍ତ ଧର୍ମ ଅର୍ଥ କାମ ନୁହଇ ଶକତ
ଅଚଳ ଶକତି କେ ବର୍ଣ୍ଣିପାରୁ ।୩।

ସେଇ ବ୍ରହ୍ମାଣ୍ଡୀୟ ଉର୍ଜ୍ଜା ଯାହା ଦିବ୍ୟ ଧ୍ୱନି ଭାବରେ ମହାକାଶରେ ଗୁଂଜାୟମାନ, ଯୁଗ ଯୁଗ ବ୍ୟାପୀ ଯାହାର ମହତ୍ୱ ବର୍ଣ୍ଣନା କରିବା ଅସମ୍ଭବ; ସେଇ ମହାଶକ୍ତିର କୌଣସି ଅନ୍ତ ନାହିଁ। ତାହା ଅନନ୍ତ। ମାତ୍ର ଏହି ଅନନ୍ତ ମହାଶକ୍ତିକୁ ଅନୁଭବ କରିବାକୁ ହେଲେ ସେଥିରେ ଲୀନ ହେବାକୁ ପଡ଼େ। ମଣିଷ ଧ୍ୟାନସ୍ଥ ଅବସ୍ଥାରେ, ସମାଧିସ୍ଥ ଅବସ୍ଥାରେ ସେଥିରେ ଲୀନ ହେଲେଯାଇ, ସାକ୍ଷୀତ୍ୱକୁ ଉପଲବ୍ଧ ହୋଇପାରେ। ସାକ୍ଷୀତ୍ୱରେ ସିଦ୍ଧହେଲେ ମଣିଷ ଧର୍ମ ଅର୍ଥ, କାମ ଭଳି ଶକ୍ତିଶାଳୀ ମୋହରୁ ମୁକ୍ତ ହୋଇପାରେ। ଏଣୁ ଏତେ ମହତ୍ୱପୂର୍ଣ୍ଣ ଏଇ ଅଣାକ୍ଷର ର ମହିମା। ସେଇ ଅଚଳଶକ୍ତିର, ମହିମାର କିଏ ବର୍ଣ୍ଣନା କରି ପାରିବ ?

ସ୍ୱାମୀ ବୋଲିଣ ଯେବଣ ବିଭୂତି ଛପନା କୋଟୀର ଅଟନ୍ତି ସେ ପତି
ସେ ଜଗତ ନାଥ ସମସ୍ତଙ୍କ ହିତ ଭକତଙ୍କ ବନ୍ଧୁ ସେହି ଇଷ୍ଟମିତ୍ର
ଅବତାର ହୋଇ ଅଣରୂପରୁ ।୪।

ସେଇ ସୃଷ୍ଟିକର୍ତ୍ତା ବ୍ରହ୍ମାଣ୍ଡୀୟ ଉର୍ଜ୍ଜା ସମସ୍ତଙ୍କର ସ୍ୱାମୀ। ଆମେ ସମସ୍ତେ ତାଙ୍କର ସେବକ। ସେ ହିଁ ମାଲିକ। ସେ ବ୍ରହ୍ମାଣ୍ଡପତି। ସେ ହିଁ ଜଗତର ନାଥ। ସେ ହିଁ ଭକ୍ତଙ୍କର ବନ୍ଧୁ। ସେ ହିଁ ଇଷ୍ଟମିତ୍ର। ସେଇ ବ୍ରହ୍ମାଣ୍ଡୀୟ ଉର୍ଜ୍ଜା ଅଣରୂପ ଓଁକାରର ଅବତାର ଅଟେ। ଆଜି ବୈଜ୍ଞାନିକ ଯୁଗରେ ଆମେ ସମସ୍ତେ ଚଳମାନ ଦୂରଭାଷ ଯନ୍ତ୍ର (ମୋବାଇଲ୍ ଫୋନ୍) ବ୍ୟବହାର କରୁଛନ୍ତି। ଆମ ମୁଖ ନିସୃତ ଶବ୍ଦ ସେଇ ଯନ୍ତ୍ର ଦ୍ୱାରା ସଙ୍ଗେ ସଙ୍ଗେ ଇଲେକଟ୍ରୋମ୍ୟାଗନେଟିକ୍ ତରଙ୍ଗରେ ପରିଣତ ହୋଇ ଯାଉଛି। ଅର୍ଥାତ୍ ଶବ୍ଦଉର୍ଜ୍ଜା (ସାଉଣ୍ଡ୍ ଏନର୍ଜି) ବିଦ୍ୟୁତ୍ ଉର୍ଜ୍ଜାରେ(ଇଲେକଟ୍ରନ୍ ଏନର୍ଜି) ରେ ରୂପାନ୍ତରିତ ହୋଇଯାଉଛି। ତାକୁ ପୁଣି ଟ୍ରାନସ୍ମିଟର୍ ଜରିଆରେ ଜଗତର ଚତୁର୍ଦ୍ଦିଗରେ ବ୍ୟାପ୍ତ ଇଲେକଟ୍ରୋମ୍ୟାଗ୍ନେଟିକ୍ ୱେଭ୍ ରେ ଛାଡ଼ି ଦିଆ ହେଉଛି। ଲକ୍ଷ ଲକ୍ଷ କିଲୋମିଟର ଦୂରରେ ଥିବା ପରିଜନଟିଏ ସେଇ ଉର୍ଜ୍ଜାକୁ ନିଜ ଯନ୍ତ୍ର ସାହାଯ୍ୟରେ ପୁଣି ଧ୍ୱନି ଉର୍ଜ୍ଜାରେ ରୂପାନ୍ତରିତ କରି ଆମ ସନ୍ଦେଶକୁ ଶୁଣି ପାରୁଛି। ଏହି ସମାନ ଉର୍ଜ୍ଜା ବା ଶକ୍ତି ବାଦଲକୁ ଜଳରେ, ଜଳ କୁ ବାଷ୍ପରେ କିମ୍ବା ଜଳକୁ

ISSN NO.
2582-208X

ବରଫରେ ପରିଣତ କରିଦେଇ ପାରେ। ଏହି ବିଦ୍ୟୁତ୍ ଉର୍ଜ୍ଜା ଆମ ଘରେ ଚୂଲା ଜଳାଉଛି, ପଙ୍ଖା ବୁଲାଉଛି; ଅନେକ ବୈଜ୍ଞାନିକ ବସ୍ତୁର ଉଦ୍ଭାବନ ଏହି ଉର୍ଜ୍ଜାରୁ ହିଁ ହେଇଛି। ଉର୍ଜ୍ଜାର ରୂପାନ୍ତରଣ ହୋଇ ଜଡ଼ ଓ ଚେତନ, ସମସ୍ତ ଜୀବ ଜଗତ, ପ୍ରାଣୀ ଜଗତ, ଓ ଉଦ୍ଭିଦ ଜଗତ ତଥା ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟ; ଏକଥା ବହୁ ଆଗରୁ ଆମ ମୁନି ଋଷି, ସନ୍ଥମାନେ ଜାଣି ପାରିଥିଲେ।

ଗୁରୁ ବୋଲିବାର ଯେବଣ ଅରଥ ଜ୍ଞାନ ବୁଦ୍ଧି ହେତୁ ହେବାର ସମର୍ଥ
ଘେନି ସେବା ଭକ୍ତି ଦ୍ୟନ୍ତି ସଦଗତି ଅଭୟ ମଣ୍ଡଳେ ପ୍ରାପତ କରାନ୍ତି
ତାରଣ କରନ୍ତି ଭବ ସାଗରୁ ।୫ ।

ସାଧାରଣ ସାଂସାରିକ ଜୀବନରେ ଶିକ୍ଷକ ବା ମାର୍ଗଦର୍ଶକର ଅନିବାର୍ଯ୍ୟତାକୁ ଆମେ ସହଜରେ ସ୍ୱୀକାର କରିନେଇଥାଉ। ସଂସାର ଏକ ପାଠଶାଳା। ହେତୁ ହେବାର ବହୁ ପୂର୍ବରୁ ଆମେ ସଂସାରର ସମସ୍ତ କଥା ମାତାପିତା, ଶିକ୍ଷକଙ୍କ ଠାରୁ ଶିକ୍ଷା କରୁ। ଆଧ୍ୟାତ୍ମିକ ସାଧନାରେ ଗୁରୁର ଆବଶ୍ୟକତା ମଧ୍ୟ ଅନିବାର୍ଯ୍ୟ। ସାଧନାର ଗୂଢ଼ତମ ରହସ୍ୟ ବିନା ଗୁରୁରେ ମିଳିବା ଅସମ୍ଭବ। କୁହାଯାଏ, ପରମାତ୍ମାଙ୍କ କୃପା ହେଲେ ଜୀବନରେ ସଦଗୁରୁଙ୍କ ଆବିର୍ଭାବ ହୁଏ ଏବଂ ସଦଗୁରୁଙ୍କ କୃପା ହେଲେ ସେ ପରମାତ୍ମାଙ୍କ ଜ୍ଞାନ ଅର୍ଥାତ ପରମଜ୍ଞାନ ଦିଅନ୍ତି। ଏଣୁ ସମସ୍ତ ସନ୍ଥ, ଗୁରୁଙ୍କ ବନ୍ଦନା ଗାନ କରିଛନ୍ତି। କବୀର ତ, ଗୋବିନ୍ଦ ଅପେକ୍ଷା ଗୁରୁଙ୍କୁ ଅଧିକ ମହତ୍ୱ ପ୍ରଦାନ କରିଛନ୍ତି। ସେଇ ଗୁରୁଙ୍କ ଅନୁକମ୍ପାରୁ ସାଧନାର ବିଧି ମିଳେ। କେବଳ ସଦଗୁରୁ ହିଁ ପ୍ରତ୍ୟେକ୍ଷ ଭାବରେ ସାଧନାରେ ହେଉଥିବା ଭୁଲ୍ ଠିକ୍ ର ନିରୂପଣ କରି ଶିଷ୍ୟକୁ ମାର୍ଗଦର୍ଶନ ଦେଇପାରନ୍ତି; ନଚେତ୍ ସାଧନାର ଯାତ୍ରାପଥ ଅଧିକ ଦୁର୍ଗମ ହୋଇଯାଇପାରେ ବା ଶିଷ୍ୟଟିଏ ବାଟବଣା ହେବାର ସମ୍ଭାବନା ଥାଏ।

କର୍ତ୍ତା ବୋଲିବାର ଯେଉଁ ରୀତିମତ ପିଣ୍ଡ ବ୍ରହ୍ମାଣ୍ଡରୁ କରିଛନ୍ତି ଜାତ
ଭଣେ ଭୀମ କନ୍ଧ ମନରେ ଆନନ୍ଦ ଭରସା ମୋର ସେ ଅଣରୂପା ଚାନ୍ଦ
ସର୍ଜନା କଳ୍ପନା ଶୂନ୍ୟ ମନ୍ଦିରୁ ।୬ ।

ISSN NO.
2582-208X

ସଂସାରର ବିଷୟାସକ୍ତିରେ ନପଡ଼ି ସାଧନାର ମାର୍ଗରେ ଆତ୍ମରମଣ ଅବସ୍ଥାରେ ରହୁଥିବା ସାଧକ, ଯୋଗୀ ଏଇ ଆଧ୍ୟାତ୍ମିକ ରହସ୍ୟକୁ ଜାଣି ପାରନ୍ତି, ବୁଝି ପାରନ୍ତି। ସାକ୍ଷୀ ଓ ଦ୍ରଷ୍ଟା ଭାବରେ ଥାଇ, ଏ ସଂସାରର ନାନାଦି ପ୍ରପଞ୍ଚରୁ ନିର୍ଲିପ୍ତ ହୋଇ ରହିପାରନ୍ତି। ଏହାକୁ ଥରେ ଜାଣି ଦେଲା ପରେ ପ୍ରଜ୍ଞାବାନ ମଣିଷର, ଅଳିକ ବସ୍ତୁରେ ମୋହ ରହେନାହିଁ। ତ୍ରିବିଧ ତାପ ମଣିଷକୁ ଭାରାକ୍ରାନ୍ତ କରେନାହିଁ। ଚିନ୍ତାଗ୍ରସ୍ତ କରେ ନାହିଁ। ମଣିଷ ନିଶ୍ଚିନ୍ତ ହୁଏ। ବିରାଟତ୍ୱ ଆଗରେ ନିଜର କ୍ଷୁଦ୍ରତ୍ୱକୁ ଆକଳନ କରି ସନ୍ତୋଷ ଲାଭକରେ। ଅହଂକାରର ଆଟୋପରେ ଉପଦ୍ରବର ଶିକାର ନହୋଇ, ସମର୍ପଣ ଭାବରେ ବିନମ୍ର ରହିଥାଏ। ଏଇ ସମର୍ପଣ, ବିନମ୍ରତାରେ ଓ ବିନମ୍ରତା କାଳାନ୍ତରରେ ଶ୍ରଦ୍ଧାରେ ରୂପାନ୍ତରୀତ ହୁଏ। ଏ ବିଶାଳ ଜଗତରେ ନିଜ କ୍ଷୁଦ୍ରତା ସମ୍ବନ୍ଧରେ ସଦା ସର୍ବଦା ସଚେତନ ରହିବା ଫଳରେ, ସ୍ୱାଭାବିକ ଅବସ୍ଥାରେ ଜୀବନରେ ଆସୁଥିବା ଦ୍ୱନ୍ଦସବୁକୁ ସେ ସହଜରେ ଅତିକ୍ରମ କରିପାରିଥାଏ। ଏହାର ତାତ୍ପର୍ଯ୍ୟ ହେଲା ରୋଗ, ଶୋକ ଅଭାବ ଆଦି ତାକୁ କଷ୍ଟ ଦିଏ ସିନା; କିନ୍ତୁ ଦୁଃଖ ଦେଇ ପାରେନା। ଦୁଃଖ ଏକ ମନୋଦଶା। କଷ୍ଟକୁ ସ୍ୱୀକାର ନ କରିବାର ମନୋଦଶାକୁ ହିଁ ଦୁଃଖ କୁହାଯାଏ। ନିଜର ବୋଧ ଓ ଚେତନାର ଉଚ୍ଚତମ ସ୍ଥିତି ଯୋଗୁଁ ମଣିଷ କଷ୍ଟକୁ ସ୍ୱୀକାର କରିବାକୁ ଆତ୍ମଶକ୍ତି ପ୍ରାପ୍ତ ହୋଇପାରେ। ଆଉ ଏହା କେବଳ ସାଧନାରେ ହିଁ ସମ୍ଭବ ହୁଏ। ନିତାନ୍ତ ଏକାନ୍ତ ଅବସ୍ଥାରେ ସେଇ ପରମଧ୍ୱନି ଓଁକାରକୁ ଶୁଣିଶୁଣି ସାଧକଟିଏ ସମାଧିରେ ଲୀନ ହେବାର ଅଭ୍ୟାସ କଲେ ଯାଇ, ଚେତନାର ଉଚ୍ଚତମ ସ୍ଥିତିରେ ସେ ଅବସ୍ଥିତ ହୋଇପାରେ। ଶ୍ରୀମଦ୍ ଭାଗବତ ଗୀତାରେ ଶ୍ରୀକୃଷ୍ଣ ଏହାକୁ ସ୍ଥିତପ୍ରଜ୍ଞ ଅବସ୍ଥା ବୋଲି କହିଛନ୍ତି।

ସାଧରଣ ସଂସାରୀ ମଣିଷଟିଏ ବି ସଦଗୁରୁଙ୍କ ସାନିଧ୍ୟରେ ରହି ସାଧନାର ଗୂଢ଼ ରହସ୍ୟକୁ ଜାଣୁ। ସାଧନାରେ ରତ ହୋଇ, ଅଭ୍ୟାସ ପୂର୍ବକ ଏହି ରହସ୍ୟକୁ ଭେଦ କରିବାରେ ସକ୍ଷମ ହେଉ; ଏବଂ ଦିନେ ଏହି ରହସ୍ୟକୁ ଭେଦ କରି ନିର୍ଦ୍ୱନ୍ଦ ଅବସ୍ଥାକୁ ଉପଲବ୍ଧ ହୋଇଯାଉ। ନିର୍ଦ୍ୱନ୍ଦ ଅବସ୍ଥାରେ ହିଁ ଆନନ୍ଦପ୍ରାପ୍ତ କରୁ ଓ ନିଜ ଜୀବନକୁ ସାର୍ଥକ କରୁ। ଭୀମ ଭୋଇଙ୍କ ସମସ୍ତ ଭଜନାବଳୀର ଏହାହିଁ ମର୍ମବାଣୀ। ଏହାହିଁ ତାଙ୍କ ରଚିତ ସମସ୍ତ ସାହିତ୍ୟର ଏକମାତ୍ର ଉଦ୍ଦେଶ୍ୟ।

------------------

ISSN NO.
2582-208X

ସନ୍ଦର୍ଭ/ ସହାୟକ ଗ୍ରନ୍ଥ ସୂଚୀ :

ହିନ୍ଦୀ :

ଆଚାର୍ଯ୍ୟ, ବେଦମୂର୍ତ୍ତି ତପୋନିଷ୍ଠ ପଣ୍ଡିତ ଶ୍ରୀ ରାମଶର୍ମା: ୧୦୮ ଉପନିଷଦ, (ସରଲ୍ ହିନ୍ଦୀ ଭାବାର୍ଥ ସହିତ) ଯୁଗନିର୍ମାଣ ଯୋଜନା ବିସ୍ତାର ଟ୍ରଷ୍ଟ, ଗାୟତ୍ରୀ ତପୋଭୂମି, ମଥୁରା

ଆଚାର୍ଯ୍ୟ, ବେଦମୂର୍ତ୍ତି ତପୋନିଷ୍ଠ ପଣ୍ଡିତ ଶ୍ରୀ ରାମଶର୍ମା: ଶବ୍ଦ ବ୍ରହ୍ମ- ନାଦବ୍ରହ୍ମ, ଯୁଗନିର୍ମାଣ ଯୋଜନା ବିସ୍ତାର ଟ୍ରଷ୍ଟ, ଗାୟତ୍ରୀ ତପୋଭୂମି, ମଥୁରା

ସରସ୍ୱତୀ, ସ୍ୱାମୀ ନିରଞ୍ଜନାନନ୍ଦ: ଘେରଣ୍ଡ ସଂହିତା, ୟୋଗ୍ ପବ୍ଲିକେଶନ୍ ଟ୍ରଷ୍ଟ, ମୁଙ୍ଗେର, ବିହାର, ଭାରତ

ସରସ୍ୱତୀ, ସ୍ୱାମୀ ସତ୍ୟାନନ୍ଦ: ଆସନ, ପ୍ରାଣାୟାମ ମୁଦ୍ରା, ବନ୍ଧ:, ୟୋ ପବ୍ଲିକେଶନ ଟ୍ରଷ୍ଟ, ମୁଙ୍ଗେର, ବିହାର, ଭାରତ

ଓଶୋ: ଅନ୍ତର୍ଯ୍ୟାତ୍ରା: ଡାୟନାମିକ୍ ପବ୍ଲିକେଶନ,(ଇଣ୍ଡିୟା) ଲି:
ଓଶୋ ସିଦ୍ଧାର୍ଥ: ସଂପୂର୍ଣ୍ଣ ଆଧ୍ୟାତ୍ମ:, ଓଶୋଧାରା ପବ୍ଲିକେଶନ, ମୁରୁଥଲ୍, ହରିୟାଣା

ଓଡ଼ିଆ
ଭକ୍ତକବି ଭୀମ ଭୋଇ ଗ୍ରନ୍ଥାବଳୀ: ଧର୍ମ ଗ୍ରନ୍ଥ ଷ୍ଟୋର୍, ଅଲିଶା ବଜାର, କଟକ
ସାରଳା ସାହିତ୍ୟ ସଂସଦ, ସନ୍ଥ କବି ଭୀମ ଭୋଇ: ଓଡ଼ିଶା ବୁକ୍ ଷ୍ଟୋର୍, କଟକ
ଦାସ, ଚିତ୍ତରଞ୍ଜନ : ଦେଖୁ ଦେଖୁ କେବା ସହୁ: ଶିକ୍ଷା ସନ୍ଧାନ, ଭୁବନେଶ୍ୱର
ଦାସ, ଚିତ୍ତରଞ୍ଜନ : ସନ୍ଥ(ଭକ୍ତି) ସାହିତ୍ୟ: ଓଡିଶା ସାହିତ୍ୟ ଆକାଡେମୀ, ଭୁବନେଶ୍ୱର

ପ୍ରାଧ୍ୟାପକ, ଓଡ଼ିଆ ବିଭାଗ
କାଶୀସାହୁ କଲେଜ, ଷଢ଼େଇକଳା, ଝାଡ଼ଖଣ୍ଡ
shivanand.jsr@ gmail.com
ଦୂରଭାଷ-୮୩୪୦୫୫୬୮୮୭

ISSN NO.
2582-208X

# ଲୋ ଦୀପାଳି



ଅଜିତ କୁମାର ରାଉତ

ଦୀପାଳି
ରହିଛି ମହତ୍ତ୍ୱ କେତେ ତୋର
ନିର୍ମିତ କରିଛି
କୁମ୍ଭାର
ଯତ୍ନ ଓ ଭକ୍ତିରେ
ତୋତେ ଲୋ ଦୀପାଳି
ଘିଅ ସଳିତା ଥିବ ବୋଳିତା
ଆଲୋକିତ କରିବୁ
ଅଯୋଧ୍ୟାପୁର
ରାମଙ୍କ ଭକ୍ତି ପ୍ରୀତି ଶ୍ରଦ୍ଧାରେ
ଚାଲି ଆସୁ ଅଛି
ପରମ୍ପରା ତ୍ରେତୟା ଯୁଗରୁ
ସନାତନ ପର୍ବ ଏହା ହିନ୍ଦୁଙ୍କର
ସଂସ୍କୃତି ସଂସ୍କାର
ଦୀପା ଉତ୍ସବ
ସତ୍ୟ ପଥ ଦିଏ ଅନ୍ଧକାରୁ ଯେ ଆଲୁଅର
ପର୍ବ ଏ ଦୀପାବଳୀ

ISSN NO.
2582-208X

ଘର ଘର ତୁ ଦୀପାଳି ଆଲୁଅରେ କରୁ ଆଲୋକିତ
କୃଷ୍ଣ ରାମଙ୍କ ଏହୁ ଭାରତବର୍ଷରେ
ମହିମା ଅପାର
ଦୀପାଳି ଲୋ ତୋର
ପୂଜା ତୋର ବିନ ନାହିଁ ଦିଅଁ ଙ୍କ ପୂଜନ
ଦୀପ ଉତ୍ସବେ ତୋର ମନ ଯେ ଉଚ୍ଛନ୍ନ
ହୋଇ ପ୍ରଜ୍ଜ୍ୱଳିତ
ଆଲୋକିତ କରୁ
ଏ ମର୍ତ୍ତ୍ୟଧାମ
ଦୀପାଳି ତୁ ଲୋ
ତୋର ବିନୁ ନାହିଁ
ଭକ୍ତି ଓ ପୂଜନ
ଲୋ ଦୀପାଳି ହିନ୍ଦୁ ସଂସ୍କୃତି ସଂସ୍କାରେ
ଆଗୁଆ ତୁ ଲୋ
ମହତ୍ତ୍ୱ ଅତି ଯେ ତୋର .........

କଳାବାଡ଼ିଆ
ମୋ:- ୬୨୦୫୩୪୩୫୬୯
ସଭାପତି ଉତ୍କଳ ସମ୍ମିଳନୀ ଷଢ଼େଇକଳା ଖରସୁଆଁ ଜିଲ୍ଲାର
ରାଜନଗର ବ୍ଲକ ଶାଖା ଝାଡ଼ଖଣ୍ଡ ରାଜ୍ୟ

ISSN NO.
2582-208X

# ହେ ଈଶ୍ୱର, ତୁମେ ଦୟାଳୁ!



ଶାନ୍ତିଲତା ମିଶ୍ର

ଆସିଥିଲ ଏଇ ଧରା ଧାମକୁ ସ୍ୱ ଇଛାରେ ତ ଦିନେ ।
ପଥ ପ୍ରଦର୍ଶକ ହୋଇ ବିଶ୍ୱବାସୀଙ୍କର ଜୀବନେ ।।
ଚେତେଇଲ କହି, ସମସ୍ତେ ଅଟନ୍ତି ଜଗତେ ଈଶ୍ୱରଙ୍କ ସନ୍ତାନ ।
ଦୂରେଇ ଦେଲ ପରଷ୍ପର ପ୍ରତି ଈର୍ଷା ଘୃଣାର ସ୍ଥାନ ।।
ମଣିଷକୁ ଶିଖାଇଲ ବାନ୍ଧି ହୋଇ ରହିବାକୁ ଭାତୃ ପ୍ରେମେ ।
ଏଇ ଦୀକ୍ଷା ଦେଇଗଲ, ସମସ୍ତଙ୍କୁ ଶିଷ୍ୟ କରି ମହାମନ୍ତ୍ରେ ।।
ଅନ୍ଧାର ରାତିରେ ହୋଇଥିଲେ ବି ତୁମ ଆର୍ବିଭାବ । ।
ଆଲୋକିତ କରି ଦେଇଥିଲା ଧରା ଧାମକୁ ତୁମ ଜ୍ଞାନର ପ୍ରଭାବ ।।
କଳଙ୍କର ଅସଂଖ୍ୟ ମାଳା ପିନ୍ଧି ବି ତୁମେ ନିଷ୍କଳଙ୍କ
ପାପୀ ନାମେ ଆକ୍ଷାୟୀତ ହୋଇ ବି ତୁମେ ନିଷ୍ପାପ
ଚାହୁଁ ଚାହୁଁ ମିଶିଗଲା ଦେହ ତୁମ ଏଇ ଧରାରେ ।
କିନ୍ତୁ ଲିଭାଇ ପାରିନି ମଣିଷ ଏଯାଏ ତୁମ ସଂସ୍କାରେ ।।
ଯେ ପର୍ଯ୍ୟନ୍ତ ଥିବ ଚନ୍ଦ୍ର ସୂର୍ଯ୍ୟ ଆଉ ଆକାଶ ।
କେବେ ହୋଇ ନପାରେ ତୁମ ଶିକ୍ଷାର ନିଶେଷ ।।

ISSN NO.
2582-208X

ହେ ଯୀଶୁ ହେ ଇଶ୍ୱର, ତୁଳନା ନାହିଁ ତୁମ ତ୍ୟାଗର ।
ଭାଷା ନାହିଁ ବର୍ଣ୍ଣିବାକୁ ତୁମ ବିଚାର ଧାରାର
ଅପମାନର ସବୁ ହଳାହଳକୁ ପାନ କରି ବି ତୁମେ ଅମର ।
କୋଟି କୋଟି ଲୋକ ନିତି କରଇ ତୁମକୁ ପ୍ରଣାମ ।।
ଗଲଣି ଅନେକ ଦିନୁ ଏଇ ଧରା ଧାମକୁ ତେଜି ।
କିନ୍ତୁ ଏ ମଣିଷ ଆଜି ବି ମୁକ୍ତି ପାଇ ଯାଏ ତୁମ ନାମକୁ ଭଜି ।।

ରଚେଷ୍ଟର, ମିନେସୋଟା, ଆମେରିକା

ISSN NO.
2582-208X

# ମୁଁ ସେହି ନାରୀ ଟିଏ



ସୁଶ୍ରୀ ଶୁଭସ୍ମିତା ମହାନ୍ତ

ହଁ, ମୁଁ ସେହି ନାରୀ ଟିଏ

ଜିନ୍ସ ରୁ ଅଧିକ ଶାଢ଼ୀ ରେ
ସହଜ ମନେ କରେ,
ପାଦରେ ଅଳତା ନାଏ ମୁଁ
ଦାମିକା ଯୋତା ବଦଳରେ,
ପାଉଁଜି ର ରୁଣୁଝୁଣୁ ରେ
ନିଜ କୁ ଗୁଞ୍ଜରିତ କରେ ।

ହଁ, ମୁଁ ସେହି ନାରୀ ଟିଏ

ରାଗ ଓ ଅଭିମାନ ଠାରୁ
ଥାଏ ବହୁ ଦୂରେ,
ସମ୍ମାନ ଦେଇଣ ସଦା
କଥା ହୁଏ ଧିରେ,
ସ୍ନେହ ଓ ଶ୍ରଦ୍ଧା ପାଇଲେ
ହୃଦୟ କୁ ହାରେ ।

ହଁ, ମୁଁ ସେହି ନାରୀ ଟିଏ

ଅପମାନ ସହି ସବୁ
ପର କୁ ନିଜର କରେ,
ନିଜେ ଦୁଃଖେ ରହିପଛେ
ଅନ୍ୟ କୁ ଖୁସି କରେ,
ଉତ୍ତର କେବେ ଦିଏ ନାହିଁ
କଥା ଶୁଣି ହଜାରେ ।

ହଁ, ମୁଁ ସେହି ନାରୀ ଟିଏ
ହଁ, ମୁଁ ସେହି ନାରୀ ଟିଏ

ନବରଙ୍ଗପୁର

ISSN NO.
2582-208X

# ବୋଉର ଅବର୍ତ୍ତମାନରେ



ଜୟଶ୍ରୀ ପଟ୍ଟନାୟକ

କେବେ ତୋ ପଣତ ଢାଙ୍କି ଦେଉଥିଲା
ତୋ କୋଳ ଉଷୁମରେ ନିଦ ଆସୁଥିଲା
ଭଲ ଲାଗୁଥିଲା ଧୋ ରେ ବାୟା ଗୀତ ଶୁଣିବାକୁ
ରୋଗ ହେଲେ ହାତ ଆଉଁସା ଟିକେ ପାଇବାକୁ ।

ଆଜି କପାଳ ଫଟା ଆମର ଲୋ ବୋଉ
ତୋ ଶରୀରକୁ ଗାଧୋଇ ଦେବାକୁ ଅଣ୍ଟୁନାହିଁ ଲୁହ
ତୋ ଶରୀରକୁ ଢାଙ୍କି ଦେବାକୁ ପାଉନୁ ପଣତ
ବୋଉ ଡାକି ଉଠେଇବାକୁ ପାଉନାହୁଁ ଶବ୍ଦ ।

ଏଇ ଥିଲୁ ଜୀବନ୍ତ ଏଇ ହୋଇଗଲୁ ଛବିର ମଣିଷ
ଦିନେ ହସୁଥିବା ତୋ ଚେହେରା ଆଜି
ପାଲଟିଯାଇଛି ନିସ୍ତେଜ, ନିଶବ୍ଦ
ତୋ ଡାକରେ କମ୍ପୁନାହିଁ ଘରର ଚଟାଣ
ତୋ ଲୋଡ଼ିବାପଣର ଶବ୍ଦ ଯେତେ ନୀରବ ନିଥର
ମାଟି ପିଣ୍ଡୁଳାରୁ ପ୍ରତିମା ଗଢିଥିବା ତୋ ସେଇ ହାତ

ISSN NO.
2582-208X

ମମତା ବୋଳା ସ୍ନେହ, ପଣତର ଆଢୁଆଳ
ଏକା କରି ଛାଡିଗଲା ସନ୍ତାନମାନଙ୍କୁ ।

ଜନ୍ମ ଥିଲେ ମୃତ୍ୟୁ ସୁନିଶ୍ଚିତ ଏକଥା ଆଜି ହେଲା ସତ
ଯୁଆଡେ ଥା ଯୋଉଠି ବି ଥା ଶାନ୍ତିରେ ରହିଥା
ମଥାପରେ ଅଭୟର ହାତଟେ ରଖିଥା
ତୋ ଅମର ଆତ୍ମାର ହେଉ ସଦଗତି
ଜୀବନ ଗାଉଥାଉ ତୋ ସ୍ମୃତିର ଗୀତି ।

ଗଙ୍ଗନଗର, ଭୁବନେଶ୍ୱର,
ମୋ: 7978110474

ISSN NO.
2582-208X

# ଆସିଛି
# ନୂଆ ବରଷ



ଡକ୍ଟର ମନୋରଞ୍ଜନ ବିଷୋୟୀ

ଗତକାଲି କ'ଣ ଥିଲା ?

ଆଜି ତାହା ପ୍ରଶ୍ନବାଚୀ

ଅନେକ ପୃଷ୍ଠାର କଥା

ଲୁଚଥିବା ଇତିହାସ ପରି

ଆଜି ସବୁ ସ୍ୱପ୍ନିଳ ଅତୀତ ।

ଘଣ୍ଟା ଆଉ ମିନଟ୍ କୋଳେ

ଆଜି ହୁଏ କାଲି

ତାକୁ କୁହାଯାଏ ନୂଆ ବରଷ ।

ଦାମୋଦରପୁର, ଗଂଜାମ
ମୋ:୮୮୯୫୧୪୧୭୨୭

ISSN NO.
2582-208X



# ଲଳତ ନବନ୍ଧ-
# ଭୟ



ବଦ୍ରୀ ମହାନ୍ତ

ସୁରକ୍ଷିତ, ସୁଖପ୍ରଦ ଓ ଅମୃତମୟ ଜୀବନ ଜୀଇବାର ଅଧିକାର ପ୍ରତି ମଣିଷର ଅଛି ବୋଲି କୌଣସି ସଂଘର୍ଷ ବା ସଂଘାତ ବିଚଳିତ କରେନାହିଁ ମଣିଷକୁ । ନାନାଦି କର୍ମ କରଣୀ ସଂସାରର ବହୁ ଅଗମ୍ୟ ପଥ ଓ ଅନାଲୋଚିତ ଧାରା ଭିତର ଦେଇ ଅଗ୍ରସର ହେବାକୁ ଅନୁପ୍ରେରିତ କରେ । ସାମ୍ନାକରେ ଅପ୍ରୀତିକର ପରିସ୍ଥିତି । ସବଳ ଲଢ଼ିବାକୁ ଭଲପାଏ ଦୁର୍ବଳ ବ୍ୟକ୍ତି ସହ । ପ୍ରତିରୋଧ କରେ ଯାହା ତାକୁ ସଠିକ ମନେ ହୁଏନା । କାମନା କରୁଥାଏ ଭୟମୁକ୍ତ ଜୀବନ । ମାତ୍ର ଛାତିରେ ହାତରଖି କହି ହେବ ନାହିଁ 'ଭୟ' ତାକୁ ଆତଙ୍କିତ କରୁନାହିଁ ! କୌଣସି ନିରୋଳା ମୁହୂର୍ତ୍ତରେ ତା ଭିତରେ ପ୍ରବେଶ କରି ତାକୁ ଆତଙ୍କିତ କରୁନାହିଁ ! କାଳ ପାତ୍ର ଅବସ୍ଥାକୁ ଅଣଦେଖା କରି ସମ୍ଭାବ୍ୟ ପରିଣତିର ଚିତ୍ର ମନ ଆଇନାକୁ ଆଜି ବିବ୍ରତ କରୁଛି । ମୁକ୍ତିର ଉପାୟ ସନ୍ଧାନ ଓ ଦୂରତ୍ୱ ବଜାୟ ରଖିବାର ପ୍ରଚେଷ୍ଟା ଦ୍ୱାରା ବିତିଯାଉଛି ସମୟର ସିଂହଭାଗ । ତଥାପି ଚାରିପାଖରେ ଘୁରି ବୁଲୁଛି ଭୟର ଛାଇ ।

କୌଣସି ବିପଦ, ଦୁର୍ଭାବନା ଏବଂ ଦୁଃଖ ଜନିତ ଘଟଣାକୁ ସମ୍ମୁଖୀନ ହେଉଥିବା ବେଳେ ଯେଉଁ ଆବେଗପୂର୍ଣ୍ଣ ମୁହୂର୍ତ୍ତଟିଏ ସୃଷ୍ଟି ହୋଇ ମନୋବିକାର ଉତ୍ପନ୍ନ କରେ, ତାହା ହିଁ 'ଭୟ' । ଏହାର ଜନ୍ମ ନିମନ୍ତେ ସେପରି କିଛି ବଳିଷ୍ଠ କାରଣର ଆବଶ୍ୟକତା ନାହିଁ । ପରିସ୍ଥିତି ଓ ପରିବେଶ ଅନୁଯାୟୀ ମନ ଉପରେ ପ୍ରଭାବ ବିସ୍ତାର କରୁଥିଲେ ସୁଦ୍ଧା ଭାବନାର ଉଦ୍ରେକ ସ୍ଥିର କରେ ଏହା ଭୟ ବା କ୍ରୋଧ । ଯଦି କେହି ଭବିଷ୍ୟତ ବାଣୀ ଶୁଣାଇ କହେ-କାଲି ତୁମ ହାତ ପାଦ ଭାଙ୍ଗିଯିବ, ତେବେ ଏଠାରେ ସୃଷ୍ଟି ହେବ ଭୟ । ଆଉ ଯଦି କୁହାଯାଏ-ଅନ୍ୟଜଣେ ଆସନ୍ତା କାଲି ତୁମ ହାତ ପାଦ ଭାଙ୍ଗିଦେବ, ତେବେ ସୃଷ୍ଟି

ISSN NO.
2582-208X

ହେବ କ୍ରୋଧ । ତେଣୁ କ୍ରୋଧ ଓ ଭୟ ଉଭୟ ମନ ରାଜ୍ୟରେ ଯେଉଁ ବିକାର ଜନ୍ମ ଦିଅନ୍ତି,ତାହା ମଣିଷକୁ କ୍ଷତିଗ୍ରସ୍ତ କରେ । ପ୍ରଭାବିତ କରେ ସୃଜନ କ୍ରିୟା । କୌଣସି ସତର୍କତା ଓ ପ୍ରତିକାର ଚିନ୍ତନ ଏଥିରୁ ସହଜରେ ନିବୃତ୍ତ କରି ପାରନ୍ତି ନାହିଁ । ଭୟ ସ୍ୱଭାବଗତ ହୋଇ ଉଠିଲେ ଭୀରୁତା ଗୋଟାଏ ବଡ଼ ଦୋଷ ରୂପେ ବିବେଚିତ ହୁଏ, ଅନ୍ତତଃ ପକ୍ଷେ ପୁରୁଷ ମାନଙ୍କ ପାଇଁ । ଏହାକୁ ନିନ୍ଦଯୋଗ୍ୟ ରୂପେ ମନେକରେ ସମାଜ । ନିନ୍ଦା ଅପବାଦର ଭୟ ନାରୀ ଓ ପୁରୁଷ ଉଭୟଙ୍କୁ ବିଚଳିତ କରେ ।

ସଭ୍ୟତାର ବିକାଶ ଓ ସମୟର ଦ୍ରୁତ ପରିବର୍ତ୍ତନ ସହ ଜଣେ ବ୍ୟକ୍ତି ଅନ୍ୟଜଣକୁ ଭୟ କରୁନାହିଁ ଯେପରି ପୂର୍ବରୁ କରୁଥିଲା । ମାତ୍ର ଏହା ଅର୍ଦ୍ଧ ସତ୍ୟ । ଭୟର କାରଣ ଓ ସ୍ୱରୂପ ବଦଳିଛି, ମାତ୍ର ଏହା ଅଦୃଶ୍ୟ ହୋଇନାହିଁ । ବିଶ୍ୱାସ ଓ ଭରସା ହିଁ ତାର ହେତୁ । ଏହା ତୁଟି ଗଲେ ଉପୁଜୁଥିବା ସ୍ଥିତି ଜନ୍ମନିଏ ମାନସିକ ବିକାର । ହାତ ପାଆନ୍ତାରେ ସୁବିଧା ସୁଯୋଗ ସବୁ ଥିବା ସତ୍ୱେ ଆକ୍ରମଣ ପ୍ରତିଆକ୍ରମଣର ଆଶଙ୍କା ରୂପାନ୍ତରିତ ହୋଇଯାଏ ଭୟ ରୂପେ । କେବଳ ମଣିଷ ଓ ମଣିଷ ମଧ୍ୟରେ ନୁହେଁ, ଜାତି ଜାତି, ଦେଶ ଦେଶ ମଧ୍ୟରେ ଅର୍ଥ ପ୍ରତିପତ୍ତି ବୃଦ୍ଧି ନିମନ୍ତେ ସଂଘର୍ଷର ଭୟ ଏକ ଅନିବାର୍ଯ୍ୟ ସତ୍ୟ । ସମ୍ରାଜ୍ୟ ଜୟ, ଦୁର୍ବଳ ଉପରେ ସବଳର ଆକ୍ରମଣ ଓ ଅର୍ଥ ପିପାଶା ଚରିତାର୍ଥ କରିବା ପାଇଁ ରକ୍ତପାତ ସାଧାରଣରେ ଭୟ ସଂଚାର କରେ । ଏଥିରୁ ମୁକ୍ତି କାମନା କରୁଥିଲେ ସୁଦ୍ଧା ନିସ୍ତାର କାହିଁ ? ଏ ନିର୍ଦ୍ଧାରିତ ସତ୍ୟକୁ ଅସ୍ୱୀକାର କରିବା ମଧ୍ୟ ଅସମ୍ଭବ ।

ସୁଖ ଶାନ୍ତି ସମୃଦ୍ଧି ଓ ସନ୍ତୋଷଯୁକ୍ତ ଜୀବନ ସମସ୍ତଙ୍କର ଅଧିକାର । ଠିକ ସେପରି ସଭିଏଁ ଆଶା କରନ୍ତି ଭୟମୁକ୍ତ ଜୀବନ ଯାତ୍ରା । ମାନସିକ ସ୍ଥିରତା, ଦୃଢ଼ ମନୋବଳ ଏବଂ ଅନୁକୂଳ ପରିବେଶ ସୃଷ୍ଟି କରିବା ଦ୍ୱାରା ଏହା ସାଧନ କରାଯାଇ ପାରେ । ସୁରକ୍ଷା ଓ ପରୀକ୍ଷା ସହିତ ଆସନ୍ନ ବିପଦ ସୃଷ୍ଟି କରେ ଘୋର ମାନସିକ ବ୍ୟୁପୃତ୍ତି । ଏହା ବ୍ୟତୀତ ଏକ ନିର୍ଦ୍ଦିଷ୍ଟ ବୟସ ସୀମା, ପଚାଶ ଉପରାନ୍ତେ ଜନ୍ମ ଲାଭ କରୁଥିବା ମୃତ୍ୟୁଭୟ ସମସ୍ତ ଆଶଙ୍କାକୁ ଭୟରେ ପରିଣତ କରିଦିଏ । ଆଶଙ୍କା ହିଁ ଭୟର ଲଘୁ ସ୍ୱରୂପ । ଆଶଙ୍କାରେ ନଥାଏ ଆକୁଳତା । ଏହା କ୍ଷଣସ୍ଥାୟୀ ନୁହେଁ ଓ ସଂଚାର ଧୀମା । ଯଦି ଭୟକୁ ସ୍ୱଭାବଗତ ବୋଲି ଗ୍ରହଣ କରି ନିଆଯାଏ ତେବେ ଭୀରୁତା କଳଙ୍କିତ ଦୋଷ ରୂପେ ବିବେଚିତ ହେବ ।

ISSN NO.
2582-208X

ମଣିଷ ତର୍କ ଓ ବିବେକ ସମ୍ମତ ପ୍ରାଣୀ ହୋଇଥିବା ଯୋଗୁଁ ଭୟ ତାର ଏ ଗୁଣଟିକୁ ଅଚିରେ ପ୍ରଭାବହୀନ କରିଦିଏ । ଶକ୍ତି, ସାମର୍ଥ୍ୟ, ସୃଜନୀ ଓ କଳ୍ପନା କରିବା ଶକ୍ତିକୁ ହ୍ରାସ କରିବା ଦ୍ୱାରା କୌଣସି ଗୁରୁ ଦାୟିତ୍ୱ ବା ଆକର୍ଷଣୀୟ କାର୍ଯ୍ୟ କରିବାକୁ ଉତ୍ସାହିତ କରି ପାରେନା । ଆତ୍ମ ବିଶ୍ୱାସର ଅଭାବ ଯୋଗୁଁ ମଣିଷର ଆଶା ଆକାଂକ୍ଷା ଏବଂ ମହତ ଉଦ୍ଦେଶ୍ୟ ସମୂହ ଯଥାର୍ଥ ରୂପ ନେବା ସମ୍ଭବ ହୋଇ ପାରେନାହିଁ । ସମଗ୍ର ଜୀବନ ସାମ୍ନା କରେ ଦୟନୀୟ ସ୍ଥିତି । କେହି କହି ଗରିବୀକୁ ଭୟ କରୁଥିବା ବେଳେ କେହି କହି ଭୟ କରନ୍ତି ସମାଲୋଚନାକୁ, ନିଜ ଓ ପରିବାର ର ସ୍ୱାସ୍ଥ୍ୟକୁ । ଚୋର ଭୟ କରୁଛି ପୋଲିଶକୁ, ପୋଲିଶ ଚୋରକୁ, ପୁଅ ବାପାକୁ ତ ବାପା ପୁଅକୁ । ଏମିତି ଆମ ଚାରିପାଖରେ ଆତଯାତ ହେଉଥିବା ଚରିତ୍ରମାନେ କୌଣସି ନା କୌଣସି ସମୟରେ ପ୍ରତିପକ୍ଷକୁ ଡରୁଛନ୍ତି । ହରାଇବାର ଭୟ ଆଣୁଛି ସଂତାପ ଓ ଯନ୍ତ୍ରଣା । ସବୁକ୍ଷେତ୍ରରେ ଯେ ଭୟର ନକରାତ୍ମକ ଦିଗଟି ଚିତ୍ରିତ ହେଉଛି ଏହା ନୁହେଁ, ବହୁବିଧ ସକାରାତ୍ମକ ଦିଗଟିକୁ ମଧ୍ୟ ଅସ୍ୱୀକାର କରି ହେବନାହିଁ ।

ଅନ୍ଧାର ସହିତ ଆଲୋକ, ଜୀବଜନ୍ତୁ, ଅଗ୍ନି, ଜଳ, ବାୟୁ, ବନ୍ୟା ବାତ୍ୟା ମରୁଡି ପରି ପ୍ରାକୃତିକ ବିପର୍ଯ୍ୟୟ ଚିରକାଳ ମଣିଷ ପାଇଁ ଭୟର ସମ୍ଭାବନା ସୃଷ୍ଟିକରେ । ମାତ୍ର ସକାରାତ୍ମକ ଦୃଷ୍ଟିରୁ ବିଚାର କଲେ ଏହା ବିନା ଜୀବନୀ ଶକ୍ତି ଅସମ୍ଭବ । ମଣିଷ ଭଲପାଏ ମଣିଷକୁ, ଶ୍ରଦ୍ଧା କରେ, ତ୍ୟାଗ କରେ, ସହଭାଗିତା ଓ ସହଯୋଗିତାକୁ ପୁଞ୍ଜି କରି ସମୟ ସାରଣୀରେ ନିଜ ସ୍ୱାକ୍ଷର ରଖେ । ଜଣେ ଅନ୍ୟ ଜଣକୁ ଭୟ କରେ, ଯେତେବେଳେ ଆଶଙ୍କା ଦୃଢ଼ରୁ ଦୃଢ଼ତର ହୁଏ, କର୍ମ କରଣୀରେ ଅସହାୟତା ଦୁର୍ବଳତା ଭାବରେ ଉଭା ହୁଏ । ପ୍ରତିପକ୍ଷଠାରୁ ସମ୍ଭାବ୍ୟ ବିପଦ ଓ ମାନସିକ ଆକ୍ରମଣ ଜନ୍ମ ଦେଉଥିବା ସ୍ଥିତିକୁ ପ୍ରତିହତ ନ କରି ପାରିବାର ଭୟ ବିଚଳିତ କରେ ଅହରହ । ହରାଇବା ଓ ନଷ୍ଟ ହୋଇ ଯିବାର ଡରରୁ ମୁକ୍ତି ମିଳିବାର ସହଜ ଉପାୟ ଥିଲେ ସୁଦ୍ଧା ବ୍ୟକ୍ତିର ଆଚରଣ ଓ ଧୈର୍ଯ୍ୟହୀନତା ପ୍ରତିବନ୍ଧକ ରୂପେ ଛିଡା ହୁଏ । ଭୟ ସଂକ୍ରମିତ କରେ ଦୁର୍ନୀତି, ସୃଷ୍ଟିକରେ ଅସଂଗତି ଓ ହୀନମନ୍ୟତା ।

ଅନ୍ୟକୁ ଭୟଭୀତ କରିବା, କଷ୍ଟ ଦେବା ବ୍ୟକ୍ତି କୌଣସି ମୁହୂର୍ତ୍ତରେ ଆଶା କରେନାହିଁ ତାକୁ କେହି କଷ୍ଟ ପହଂଚାଉ ବା ତ୍ରସ୍ତ କରୁ । ଉଦ୍ୟମ ଦ୍ୱାରା ବିଫଳ ହେବା, ଗତିରୋଧ କରିବା ଏବଂ ନିଜର ପର୍ବତ ପ୍ରମାଣ ଆବଶ୍ୟକତା ଚରିତାର୍ଥ କରିବା ନିମନ୍ତେ ସହାରା ନିଆଯାଏ

ISSN NO.
2582-208X

ଭୟ ସଂଚାର । ଭୟମୁକ୍ତ ଜୀବନ ଆଶା କରୁଥିବା ସମୟରେ ଅନ୍ୟର ସୁଖ ଶାନ୍ତି ହରଣ ଦ୍ୱାରା ସତରେ କଣ କୌଣସି ମହତ କର୍ମ ସମ୍ପାଦିତ ହୁଏ? ତେଣୁ ବାଇ ମହାନ୍ତି କହନ୍ତି, "ନରମ ଗରମ, ବିପଦ ଆପଦ, ଅନ୍ଧାର ଆଲୁଅର ଲୁଚକାଳି ଖେଳ ଭିତରେ ମୃତ୍ୟୁ ଆସିବ, ହିଂସ୍ରତା ନିଜର ପରାକ୍ରମ ଦେଖାଇବ, ଅପ୍ରାପ୍ତି ରାଜତ୍ୱ ବିସ୍ତାର କରିବ ଓ ମୂହୂର୍ତ୍ତରୁ ମୂହୂର୍ତ୍ତ ବଦଳୁଥିବ ବିଧି ବ୍ୟବସ୍ଥା; ମାତ୍ର ସାମ୍ନା ନକରି ଧୈର୍ଯ୍ୟହୀନତାର ଅର୍ଗଳୀରେ ମଥା ରଖି ତୁମେ କଣ ସୁଖ ଶାନ୍ତିର ଝୁଲାରେ ଝୁଲି ପାରିବ ବୋଲି ମନେ କରୁଛ !"

ବି 10/154, କେନ୍ଦ୍ରୀୟ ବିହାର,
ପୋ:ଟମାଣ୍ଡୋ, ଭୁବନେଶ୍ୱର-751028
badrimohanty60@gmail.com

ISSN NO.
2582-208X

# ଦିବ୍ୟ ଅଳଙ୍କାର ଅଟଇ ହସ
# କରିପାରେ ସିଏ  ସଭିଙ୍କୁ ବଶ



ସିନ୍ଧୁ ନନ୍ଦିନୀ

ହସ ଅଟଇ  ଦୁଇଟି ଅକ୍ଷର
ଅର୍ଥ କିନ୍ତୁ ତାର ଅନେକ
ସବୁ ରୋଗର   ଅବ୍ୟର୍ଥ ଔଷଧ
ଶରୀରକୁ କରେ ସୁସ୍ଥ

ଚିନ୍ତାଗ୍ରସ୍ତ  ଆଜି  ସାରା ସମାଜ
ଭାରାକ୍ରାନ୍ତ ଦେହମନ
ସଭିଙ୍କର ଲକ୍ଷ୍ୟ  ରାତାରାତି ଏଠି
ହେବାକୁ ଧନବାନ

ଜୀବନଟା ଅଟେ   ଏକ ରଙ୍ଗମଞ୍ଚ
ଆମେ ସବୁ କଳାକାର
ଓଠରେ  ଆମ  ଟିକେ ହସ ଥିଲେ
ସୁନ୍ଦର ଦିଶିବ ମଞ୍ଚ

ଅମୃତ  ସମାନ  ମଣିଷ  ଜୀବନ
ସୁଖ ଦୁଃଖ ଦୁଇ ପାର୍ଶ୍ୱ
ନିଜେ ହସ   ଆଉ  ଅନ୍ୟକୁ ହସାଅ
ସମୃଦ୍ଧ ହେବ ଜୀବନ

ISSN NO.
2582-208X

ହସ ପାଇଁ ଗୋଟେ ଦିବସ ପାଳିକି
ବୁଝେଇ ଦେଉଛୁ ମନ
ସୁସ୍ଥ ଜୀବନ ବଞ୍ଚିବାକୁ ହେଲେ
ହସ ଭାରି ମୂଲ୍ୟବାନ

ପାଶ୍ଚାତ୍ୟ ଦେଶରେ ଗଢ଼ା ହେଲାଣି
ହସ ପାଇଁ ଘରମାନ
ଡାକ୍ତର ବି ଦିଅନ୍ତି ଆଜି ପରାମର୍ଶ
ହସିବାକୁ କର ପ୍ରୟାସ

ଯେତେ ଦୁଃଖ ଥାଉ ଅନ୍ତର ଭିତରେ
ଅନ୍ୟକୁ ହସାଉଥାଅ
ହସାଇଲେ କାହା ଧନ ସରିବନି
ମିଳିବ ଆର୍ଶୀବାଦ

ଭୁବନେଶ୍ୱର

ISSN NO.
2582-208X

# ଛାତି



ସୁଧୀର ମେହେର

କ'ଣ ବା ଆଉ
ଦେଇ ପାରିଥାନ୍ତି
ଗୁଡାଏ ମିଛ ପ୍ରତିଶ୍ରୁତି ଛଡା !!

ଏତେକାଳ
ନିଜର ବୋଲି ମୁଠେଇ ଧରିଥିଲି ଯାହା,
ମୁଠା ଖୋଲିଲା ବେଳକୁ ସବୁ ଫମ୍ପା.......

ଲହୁ ବୋଲି
ଚମର ଛାଉଣି ତଳେ
ସାଇତି ଥିଲି ଯା'.....
ସେ ବି ପଚ୍ ପଚ୍ ନାଲିପାଣି ।

ଲୁହ ବୋଲି
ସଭିଙ୍କ ଅଲକ୍ଷରେ ଲୁଚେଇ ରଖିଥିଲି ଯାହା
ସେ ବି ଗୋଟେ ଶୁଖା ନଈ ।।

ଜିଭ ତଳର
ଗୁମର କଥା ଗୁଡାକ ବି
ଚମ୍ପଟ ମାରି ସାରିଲେଣି କେବେଠୁ,

ନିଜର ବୋଲି
ଆଉ କ'ଣ ବା ଅଛି ଯେ
ଦେବି ?

ନେବ ଯଦି ନିଅ,
ଏବେ ବି ମୋର ବୋଲି କହିବାକୁ ଅଛି -
ମୋର ଏଇ ମୁକୁଳା ଛାତି ।।

ଚଟୈଗୁଡା, ଜୁନାଗଡ଼,
କଳାହାଣ୍ଡି, ପିନ୍-୭୬୬୦୧୪
ସଂପର୍କ-୯୫୮୩୫୮୮୮୭

ISSN NO.
2582-208X

# ସତେ କି ମୁଁ ଅଭିଶପ୍ତ ଲଳନା (ସ୍ତ୍ରୀ)



ନିରୂପମା ପଟେଲ

ନିଜକୁ ନିଜେ ମୁଁ ବାରମ୍ବାର ପଚାରେ
ସତେକି ମୁଁ ଅଭିଶପ୍ତ ଲଳନା
ପ୍ରତିଟି କ୍ଷେତ୍ରରେ ଯାହା ମୁଁ ଯେ କରେ
ଘେରି ରହିଥାଏ କେତେ ଅନୁତପ୍ତ ଭରା
କଳ୍ପନା.........।(2)

ଜନ୍ମ ଠୁଁ ମରଣ ଶେଷ ଯୁଇ ତକ
ସହିବାକୁ ପଡେ ଏଠି କଷଣ
ସୁଉଚ୍ଚରେ ମତେ ସ୍ଥାନ ଦେଲେ ସୁଦ୍ଧା
ନିଜକୁ ଭାବେ ମୁଁ ପାଷାଣ ଆଜି
ନିଜକୁ ଭାବେ ମୁଁ ପାଷାଣ ।

ଗୋଟେ ଘର ଛାଡ଼ି ଅନ୍ୟ ଘରେ ଆସି
ସମ୍ଭାଳିଲି ନିଜ ଦାୟିତ୍ୱେସ୍
ନିଜ ସୁଖ ଭୁଲି ତାଙ୍କ ସାଥେ ଢ଼ଳି
ନିଜକୁ ସଜେଇଲି ତାଙ୍କ ପତ୍ନୀତ୍ୱ
ନିଜକୁ ସଜେଇଲି ତାଙ୍କ ପତ୍ନୀତ୍ୱ ।

ISSN NO.
2582-208X

ଗାଢ଼ ନିଦ୍ରା ମୋର ଉଭେଇ ଯେ ଗଲା
ଜଣା ପଡ଼ିଲାନି ମତେ
ସଂସାର ଜଞ୍ଜାଳେ ସବୁ ଭୁଲିଗଲି
ନିଜ କୁ ପଚାରେ କେତେ
ମୁଁ ଆଜି ନିଜକୁ ପଚାରେ କେତେ ।

ସ୍ୱପ୍ନ ଥିଲା ସୁଖ ବି ଥିଲା, ଥିଲା ଏକ
ଉଡାନ୍ ଖୋର୍ ମିଜାଜ୍ ର ମନ
ଗେଲ ବସରର ଆସର ଭିତରେ
ନାଚି ଉଠୁଥିଲା ମୋରି ପ୍ରାଣ
ନାଚି ଉଠୁଥିଲା ମୋରି ପ୍ରାଣ ।

ମନ ଅଛି ପ୍ରାଣ ବି ଅଛି
ଆଜି ସ୍ୱପ୍ନ ଦେଖିବା ମତେ ମନା
ଜୀବନ ସାଥି ଯଦି ଧିକ୍କାରୁଛି ମତେ
ସତେ କି ମୁଁ ଅଭିଶପ୍ତ ଲଳନା
ସତେ କି ମୁଁ ଅଭିଶପ୍ତ ଲଳନା ।।

ମାଧିଆପାଲି, ବଲାଙ୍ଗୀର

ISSN NO.
2582-208X

# ଶୀତ ଓ ଧିରୁଆ ଜାନି



କୁଞ୍ଜ ବିହାରୀ ସାହୁ

କୋରାପୁଟ ସର୍କିଟ୍ ହାଉସଠୁ ଜୟପୁର ଯିବା ବାଟରେ ମୋ ସରକାରୀ କ୍ୱାଟରସ୍ । ପାଖରେ ସନ୍ତୋଷୀ ମା'ଙ୍କର ମନ୍ଦିର । ପ୍ରାୟ ପନ୍ଦରଟି ଷ୍ଟାଫ୍ କ୍ୱାଟର୍ସ ପାଖାପାଖି, ଭାଇଚାରା ସମ୍ପର୍କ ବାନ୍ଧିହୋଇ ରହିଛି । ଦୁଃଖ-ସୁଖରେ ଭାଗୀ ହୁଅନ୍ତି ସଭିଏଁ । ଖରା, ବର୍ଷା, ଶୀତ ଓ ବସନ୍ତ ସଭିଙ୍କ ମନ ହୃଦୟକୁ ଛୁଇଁପାରିଛି । ଆଦର୍ଶ କଲୋନୀଟିଏ ।

ମୋ କ୍ୱାଟର୍ସରେ ସୁନ୍ଦର ବାଲକୋନୀ, ସାମ୍ନାକୁ ଆଖି ପହଁରେଇବାର ମାଧ୍ୟମଟିଏ । ଅଗଣାରେ ଘାସ ଗାଲିଚା ଆଉ ରଙ୍ଗବେରଙ୍ଗର ଫୁଲର ସମ୍ଭାର । ପ୍ରଜାପତି ହେଉ କି କଙ୍କି ମନଖୁସିରେ ଉଡ଼ିବୁଲନ୍ତି । ବେଳେବେଳେ ନେଉଳଛୁଆଟି ମୁଣ୍ଡ ଟୁଙ୍ଗାରି ଫେରିଯାଏ ତା ବାଟରେ । ସେ ବୋଧହୁଏ କେତେବେଳେ ଦେଖିଦେଇଛି ଦାଣ୍ଡକୁ ଚାଲିଆସିଥିବା ଢମଣା ସାପକୁ ।

ଏମିତି ବି ବେଳେବେଳେ ସାଦତ ମିଆଁର କୁକୁଡ଼ା ଭାଡ଼ିରୁ କୁକୁଡ଼ା ଚିଆଁ ଖସିଆସି ନିରବତାରେ ବୁଲିବାର ଦେଖିଛି । ଛେଳିଛୁଆର ମେଁ....ମେଁ ଡାକ ଶୁଣିଛି । ଭଲ ଲାଗିଛି ମୋତେ ଏ ପରିବେଶ । ଶୀତ ସକାଳୁ ପଡୋଶୀମାନେ ଡାକ ପକାନ୍ତି - ସାର୍ ଉଠିଲେଣି, ଆସନ୍ତୁ ମର୍ଣ୍ଣିଂ ୱାକ୍ କରିବା । ଯେହେତୁ ସେମାନେ ବୟସ୍କ ମୋତେ ଆଦରପଣିଆରେ ବାନ୍ଧିପକାନ୍ତି । ରାସ୍ତାରେ ସୁଇଟର ପିନ୍ଧି ସ୍କୁଲକୁ ଯାଉଥିବା କୁନିକୁନି ଛୁଆମାନେ ମୋ ଶାଗୁଆ ଲନକୁ ଅନେଇ ରହିଥାନ୍ତି କ୍ଷଣିକ । ବୋଧହୁଏ ଇଚ୍ଛାହେଉଥାଏ ଘଡ଼ିଏ ବୁଲାବୁଲି କରିଥାନ୍ତେ କି ? ସେମାନଙ୍କୁ ଦେଖିଲେ ମୋ ପିଲାଦିନ ମନେପଡିଯାଉଥାଏ ।

ISSN NO.
2582-208X

ମନେପଡିଯାଉଥାଏ ହାଫ୍ ପ୍ୟାଣ୍ଟ ପିନ୍ଧି ସାଙ୍ଗମାନଙ୍କ ସହ ଗାଁ ସ୍କୁଲକୁ ଯିବା, କୟାଁ ଗଛକୁ ଟେକାମାରିବା ଆଉ ଧରାପଡ଼ିଗଲେ ଅମରିଚାଟରେ ମାଡ଼ଖାଇବା । ଭଲପଢୁଥିଲି ବୋଲି ମାଡ଼ଖାଇବାରେ କୋହଳ ହେଇଯାଉଥିଲା ।

ପାହାଡ଼ ସେପଟେ ଜାତିଜାତିକା ଗଛ, ଖରାବେଳେ ଛାଇଆଲୁଅର ଖେଳ ଖେଳନ୍ତି । ପାହାଡ଼ ପାଚେରୀରେ ନେସି ହୋଇଯାଉଥାଏ କୁହୁଡ଼ି ପଖଳା ସକାଳ । ମୁଚୁକୁନ୍ଦ ହସଟିଏ ଦେଖାଇ ଅଳସୀ ଫୁଲ ଅଳସ ଭାଙ୍ଗୁଥାଏ । ସୋରିଷ ଫୁଲର କ୍ଷେତଠୁ ଆହୁରି ସୁନ୍ଦର ଅଳସୀ ଫୁଲର ପସରା । ଫୁଲ ପସରାରେ ହଜିଯାଇ ପାଖୁଡ଼ାକୁ ଅଣ୍ଡାଳିବାକୁ ଇଚ୍ଛାହୁଏ ।

କବିତାଟିଏ ଲେଖିବସେ -

କିଏ ହେବ ମୋର ପ୍ରିୟା ଜାଣିନାହିଁ
ସମୟକୁ ଖୋଜୁଅଛି,
ତୁ ଗୋ ଅଳସୀ ତୋ ତନୁ ଅଙ୍ଗରେ
ସତେ ଅବା ବସିଅଛି ।
ହଳଦୀ ରଙ୍ଗର ତୋ ଗେହ୍ଲା ମୁହଁଟା
ମୋତେ ଭାରି ଭଲ ଲାଗେ,
ହଳଦୀ ରଙ୍ଗର ଶାଢ଼ିଟେ ପିନ୍ଧନ୍ତା
ପ୍ରିୟା ମୋର ଅନୁରାଗେ ।

ଏଇଟା ବୋଧହୁଏ ଶୀତ ଋତୁର ନଜର ଢାଳିଦେଇଛି କୋରାପୁଟ ମାଟି ଉପରେ ।

ଦିନେ ଅଫିସ ଷ୍ଟାଫଙ୍କ ବାୟୋଗ୍ରାଫି ପଚାରୁ ପଚାରୁ ବଡବାବୁଙ୍କ କଥା ଆଗରେ ଅଟକିଗଲି। ଦୁଇଜଣ କେନ୍ଦ୍ରାପଡା ଓ ପୁରୀର ଷ୍ଟାଫ୍ ହେଇଥିଲାବେଳେ ଅନ୍ୟ ପନ୍ଦର ଜଣ କୋରାପୁଟ ଜିଲ୍ଲାର ଅଧିବାସୀ । ଦୁଇଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ମଧ୍ୟରେ ଧିରୁଆ ଜାନି ଜଣେ ବିଧବା ମହିଳା ।

ISSN NO.
2582-208X


ବଡବାବୁ କହିଲେ - ଧିରୁଆ ଜାନୀର ସ୍ୱାମୀ ଚୌକିଦାର ଥିଲା । ରୋଡ ଆକ୍ସିଡେଣ୍ଟରେ ପରପାରିକୁ ଚାଲିଯିବାରୁ ସରକାରଙ୍କ ତରଫରୁ ତା ବିଧବା ସ୍ତ୍ରୀ ଚାକିରି ପାଇଛି । ଭଲ କାମ କରୁଛି । ଟିକିରାସାହି ଶିବମନ୍ଦିର ପାଖ ଝୁମ୍ପୁଡ଼ି ଘରେ ରହିଛି । ତାହାର ଦୁଇଟା ବାଳୁତ ପିଲା । ଧିରୁଆ ସକାଳବେଳା ମନ୍ଦିର ଆଖପାଖ ସଫାସୁତୁରା କରେ । ବେଳେ ବେଳେ ଫୁଲମାଳ ଗୁନ୍ଥି ଭକ୍ତମାନଙ୍କୁ ଦିଏ , କିଛି ଟଙ୍କା ପାଏ । ସରଳ ହୃଦୟର ମଣିଷଟେ , ଖୁବ୍ ବିଶ୍ୱାସୀ । କାମ ଠିକ୍ ଠାକ୍ କରୁଥିବାରୁ ବେଳେ ବେଳେ ଆମେ କିଛି ସାହାଯ୍ୟ ସହଯୋଗ କରୁ । ଯାହାର ସ୍ୱାମୀ ନାହିଁ, ହେତୁ ପାଇବା ଆଗରୁ ପିଲା ଦୁଇଟା ବାପଛେଉଣ୍ଡ ହେଇଛନ୍ତି ସେଥିପାଇଁ ସମସ୍ତଙ୍କ ମନରେ ଦରଦ ।

ଏମିତି ଅନେକଥର ବଡବାବୁଙ୍କଠୁ ଶୁଣିଛି ଧିରୁଆ ଜାନୀର ଦୁଃଖ କାହାଣୀ । କୋରାପୁଟରେ ଅଧିକାଂଶ ସମୟରେ ବର୍ଷା ଓ ଶୀତର ମାତ୍ରା ଅଧିକ ଅନୁଭୂତ ହୁଏ ବୋଲି ବିଦାୟୀ ଅଧିକାରୀ ଜଣାଇଥିଲେ । ସମସ୍ତ ଷ୍ଟାଫଙ୍କୁ ପ୍ରକୋଷ୍ଠକୁ ଡାକି ସେମାନଙ୍କର ସୁବିଧା ଅସୁବିଧା ଖବର ବୁଝିନେଲି । ସେତେବେଳେ ମୁହଁ ଶୁଖେଇବା ଦେଖି ଧିରୁଆ ଜାନିକୁ ପଚାରିଲି- କଅଣ ହେଇଛି କି ?

ନିରବିଗଲା କିଛି ସମୟ । ଶୀତରେ ଥରୁଥିଲା । ଜ୍ୱର ହେଇଛି ବୋଲି ପ୍ରତିଷ୍ଠାନ କିରାଣୀ କହିଦେଲେ । ସେ ଆଜି ଆସିନଥାନ୍ତା କେବଳ ମୋ ସହ ପରିଚୟ ହେଇନି ବୋଲି ଆସିଚି, ଜାଣିବାକୁ ପାଇଲି । ମୋତେ ଟିକେ ପାପ ଛୁଇଁଲା । ଅନୁମାନ କଲି ସରଳ, ତରଳ, ନୀରିହ ଜନଜାତିର ଲୋକମାନେ ।

ଅପରାହ୍ନରେ ଷ୍ଟାଫ୍ ମିଟିଂ କରି ମୋ ଯଥା ସାମର୍ଥ୍ୟ ଧିରୁଆ ଜାନୀର ଦୁଇଟି ସନ୍ତାନ ପାଇଁ ସାହାଯ୍ୟ କଲି । ପଚାରିଲି - ଆଛା, ମୋ ଘରେ ରୋଷେଇ କରିବୁ କି ?

ଗୁମସୁମ୍ ହୋଇଗଲା ସେ । ବଡବାବୁ କହିଲେ - ସାର୍ ସେ ଟିକେ ଭୟକରୁଛି, କାଳେ ରୋଷେଇରେ ଭୁଲ୍ ହେଇଯିବ । ନା, ମୋର ଯେ କୌଣସି ପ୍ରକାର ବ୍ୟଞ୍ଜନ ହେଲେ ଚଳିବ । ସେ ଜନଜାତିର ହେଲେ ବି ଆମ ପରି ମଣିଷଟେ । ମୋ ଘରେ ଖାଇବ ଆଉ ଦୁଇଟି ଛୁଆ ପାଇଁ ଖାଦ୍ୟ ନେଇଯିବ । ମୁଁ ସହରରୁ ଆସିଛି ସିନା ଗାଁ ପରିବେଶରେ

ISSN NO.
2582-208X

ବଢ଼ିଛି। ନଦୀ, ନାଳ, ବଣ, ଜଙ୍ଗଲ ପରିବେଶରେ ମୋ ପିଲାଦିନ ବିତିଛି । ବାପା ଫରେଷ୍ଟ ରେଞ୍ଜର ଥିଲାବେଳେ ଶିମିଳପାଳରେ ଅଧିକାଂଶ ସମୟ ବିତିଛି । ଧିରୁଆ ଜାନୀ ପରି ବହୁତ ଜନଜାତି ଲୋକଙ୍କ ସହ ମିଶିଛି । ଧିରୁଆ ପରି ଜଣେ ବିଧବା ମହିଳା ଆମ ଘରର ସବୁକାମ କରୁଥିଲା । ଆମ ଘରର ଜଣେ ସଦସ୍ୟା ହେଇଯାଇଥିଲା ।

ମିଟିଙ୍ଗ ଶେଷପରେ ଧିରୁଆକୁ ବୁଝେଇଦେଲେ ବଡବାବୁ। ଧିରୁଆ ରାଜିହେଇଗଲା ଖୁସିରେ। ଭାବୁଥିଲା ଏମିତି ଅଫିସରଙ୍କୁ ଘରୋଇ କାମରେ ସାହାଯ୍ୟ କଲେ ତା ଆର୍ଥିକ ପରିସ୍ଥିତି ସୁଧୁରିଯିବ । ପିଲା ଦୁଇଟା ପାଠପଢି ମଣିଷ ହେଇଯିବେ । ସେ ଦିନର ବକେୟା କାମସାରିଦେଇ ମୋ କ୍ୱାଟର୍ସକୁ ଫେରିଆସିଲି ଟି.ଭି.ନ୍ୟୁଜ୍ ଦେଖିବାକୁ ।

ବଡବାବୁ ରାତିରେ ଡିନର ଆଣି ମୋ ଘରେ ଦେଇ କହିଲେ - ସାର୍, ଯାହାହେଉ ଧିରୁଆ ରାଜି ହେଇଗଲା । ଏବେ ତ ଶୀତ ଅଧିକ ହେଉଛି, କୋରାପୁଟରେ ଶୀତ ଅଧିକ ହୁଏ । କବାଟ/ଝରକା ବନ୍ଦ କରି ଶୋଇଲାବେଳେ ଖଟରେ ମଶାରି ଟାଙ୍ଗିବେ ସାର୍ । ମ୍ୟାଲେରିଆ ଏରିଆ, ଆପଣ ନୂଆ ନୂଆ ଆସିଛନ୍ତି । ଫାଷ୍ଟ ପୋଷ୍ଟିଙ୍ଗ ହେତୁ ଟିକେ ଅଡୁଆ ଅଡୁଆ ଲାଗିବ । ବଡବାବୁଙ୍କ କଥାକୁ ଉପଦେଶ ରୂପେ ଗ୍ରହଣ କଲି ।

ମନକୁ ଦୃଢ କରି ଧିରୁଆ ମୋ ଘରକୁ ଆସି ରୋଷେଇକଲା । ବାସନ ମାଜିଲା ଓ ଘର ସଫା କଲା । ତା ପିଲା ଦୁଇଟାକୁ ଦେଖି ମୋ ମନ ତରଳିଗଲା । ମୁଁ ପିଲାବେଳୁ ଜାଣିଛି ଗରିବୀ ଓ ଗରିବର ଦୁଃଖ କଅଣ ? ସାଇକୋଲୋଜିରେ ଡକ୍ଟରେଟ୍ କଲାବେଳେ ସମାଜରେ ଅବହେଳିତ ଲୋକଙ୍କର ମାନସିକତାକୁ ଗ୍ରହଣ କରିଛି । ବିଶେଷତଃ ଜନଜାତିମାନଙ୍କର ଅସହାୟତାକୁ ପଢିଛି ଓ ଅନୁଭବିଛି ଜୀବନରେ । ମୋ ବାପାଙ୍କଠୁ ଶିଖିଛି ଦୁଃଖୀ, ଗରିବ ଓ ଅସହାୟର ସେବା ହିଁ ମାଧବ ସେବା । ପୁନଶ୍ଚ ଜଣେ ବିଧବାର ଅକୁହା ଦୁଃଖକୁ ହୃଦୟରେ ଗ୍ରହଣ କରିବା ହିଁ ମନୁଷ୍ୟର ଶ୍ରେଷ୍ଠ ଧର୍ମ ।

ଦିନେ ଧିରୁଆକୁ ପଚାରିଲି - ତୁ ଗୀତ ଗାଇପାରୁ ? ସେ ମୁଣ୍ଡ ଟୁଙ୍ଗାରିଲା । ଗୀତ ଗାଇଲା-

ISSN NO.
2582-208X

ଗଜୁରି କୁଆରୁମା ବାଟକୁଆରୁ
କଶାଜିକା, ଛିଡିଗଲି, ମାଣ୍ଡିଆ ସୁଆରୁ

ବୁଝି ନପାରି ଉତ୍ତର ଜାଣିବାକୁ ଚାହିଁଲି । ବୁଝେଇ କହିଦେଲା – ମୁଁ ଗ୍ରାମ ଦେବତାର ପୂଜାକରେ । ମୁଁ ଏଇ ଗୀତ ଗାଉଛି । ମୁଁ କେବେହେଲେ ଏହି ଗୀତ ଓ ନାଚକୁ ଭୁଲିପାରିବିନି ।

ଧିରୁଆର ଗୀତ ଗାଇବା ଶୈଳୀ ମୋ ମନକୁ ଛୁଇଁଲା । ଶୀତରେ ଥରିଥରି ରୋଷେଇ କଲାବେଳେ ମୁଁ ନିଜକୁ ଅସଜଡ଼ା ମନେକରୁଥିଲି । ଏତେ ଶୀତରେ ଧିରୁଆ ଥରିଥରି ମୋ ପାଇଁ ଖାଦ୍ୟ ପ୍ରିପେୟାର କରୁଛି, ସତରେ ପରୋପକାରୀ । ମୋତେ ନିଜର ଭାବି ମନଭରି ରୋଷେଇ କରୁଛି । ମୋତେ ଖାଇବାକୁ ଦେଇ ତା ଛୁଆ ଦୁଇଟାକୁ ଖୁଆଇଦିଏ । ମୋ ଘରେ ସୁସ୍ୱାଦୁ ଖାଦ୍ୟ ଖାଇ ଖାଇ ଧିରୁଆ ମୁଚୁକୁନ୍ଦ ହସଟିଏ ଓଠଫାଙ୍କରେ ମେଲିଦିଏ । ପଚାରିଦିଏ – ମୋ ରୋଷେଇ ଭଲାଲାଗୁଛି ସାର୍ । ମୁଁ ତ ଗରିବ ଆଦିବାସୀଟିଏ । ମୋତେ ଯେମିତି ରୋଷେଇ ଆସେ, ସେମିତି କରୁଛି ।

ନା ...ନା.ଧିରୁଆ ତୁ ଭଲ ରୋଷେଇ ଜାଣିଛୁ । ମୋ ହାତରେ ରୋଷେଇ ଫୋଷେଇ ହୁଏନି ବୋଲି ତ ତୋତେ ଡାକିଛି । ଏ ଶୀତଦିନରେ ତୁ ଥରିଥରି ମୋର ଖାଇବା କଥା ବୁଝିପାରୁଛୁ ବଡକଥା । ଆମ ଗାଁ ରେ ତୋ ଭଳି ବିଶ୍ୱାସୀ ଲୋକଟିଏ ମିଳିବା କଷ୍ଟ ।

ନାଇଁ ସାର୍ ମୋତେ କାହିଁକି ଏତେ ପରଶଂସା କରୁଛନ୍ତି । ଏ ହାଡଭଙ୍ଗା ଶୀତକୁ ମୋର ଡରନାହିଁ । ସକାଳୁ ଉଠି ଝରଣାପାଣିରେ ଗାଧେଇବା ଅଭ୍ୟାସ ଅଛି ସାର୍ । ଆମ ଗାଁର ଧାଙ୍ଗଡ଼ା ଧାଙ୍ଗିଡିମାନେ ଝରଣାକୁ ଗାଧେଇବାକୁ ଯାଆନ୍ତି । ମନଭରି ଗାଧାନ୍ତି, ଓଦା ଲୁଗାରେ ଘରକୁ ଫେରନ୍ତି । ହସ ଗମାତ ଚାଲେ । ଗାଧେଇଲାବେଳେ ବହୁତ ମଜା ହୁଏ ସାର୍ ।

ଏ କଞ୍ଚା ବୟସରେ ଝରଣାପାଣିରେ ଗାଧେଇବା, ଦେହରେ ଓଦା କପଡା ଗୁଡ଼େଇ ହେବା କଥାଗୁଡାକ ଦେହକୁ ଶିହରେଇ ଦେଉଥିଲା । ବେଳେ ବେଳେ ଧିରୁଆ ଖୋଲାଫାଙ୍କିଆ

ISSN NO.
2582-208X

ଦେହକୁ ଦେଖି ମନଟା କେମିତି କେମିତି ହୋଇଯାଉଥିଲା । ମୁଁ କିନ୍ତୁ ସମ୍ଭାଳି ନେଉଥିଲି। ଅଫିସର ହିସାବରେ ଲୁଜ୍ ହୋଇଗଲେ ମର୍ଯ୍ୟାଦା ହାନିହେବ ।

ଧିରୁଆ କହୁଥିଲା ସାର୍ ମୁଁ ରହିଲେ କିଛି ଅସୁବିଧା ଜେଉଛି କି । ସାର୍ ଆପଣ ବେଳେ ବେଳେ ଅନ୍ୟମନସ୍କ ହେଇଯାଉଛନ୍ତି । ନା, ସେମିତି କିଛି ନୁହଁ । ମୁଁ ଅଫିସର ହେଲି ବୋଲି ମୋର କ'ଣ ମନ ନାହିଁ । ବେଳେ ବେଳେ ଘର କଥା /ଗାଁ କଥା ମନେପଡିଯାଏ। ଶୀତ ରାତିରେ ଘର ଭିତରେ ଏକୁଟିଆ ରହିଲେ ଏମତି ଆନମନା ହେଇଯାଏ ।

ଯଦି କହିବେ ବେଳେ ବେଳେ ରାତିରେ ରହିଯିବି । ଛୁଆଦୁଇଟା ରହିଯିବେ । ଏ ଛୋଟଘରେ ହେଁସ ପାରି ଆମେ ମା ଛୁଆ ଶୋଇପଡିବୁ ।

ହଁ ନାହିଁର ଦୋଛକିରେ ନିରବିଗଲି ।

କିଛି ସମୟର ବ୍ୟବଧାନରେ କହିଲି - ତୋ ଇଛା । ସେତେବେଳକୁ ଛାତିର ସ୍ପନ୍ଦନ ବଢିଯାଉଥିଲା ।

ଧିରୁଆର ଇଛାକୁ ସାକାର କରିବାପାଇଁ ତା ରୁମକୁ ଆବଶ୍ୟକତାନୁଯାୟୀ ସଜାଡ଼ିଦେଲି । ବ୍ଲାଙ୍କେଟ ଓ ରୁମ ହିଟର ଦେଇ କହିଦେଲି - ଏ ଶୀତଦିନରେ ମନଖୁସିରେ ଛୁଆଙ୍କୁ ଧରି ରହିଯା । ସମୟଦେଖି ତୋ ନିଜ ଘରଆଡେ ଯାଇ ବୁଲିଆସିବୁ । ଧିରୁଆ ଆଶ୍ୱାସନାର ଦୀର୍ଘନିଶ୍ୱାସ ମାରିଲା । ରହିଲା ମୋ ଘରେ କିଛିଦିନ ।

ଶୀତଦିନରେ ଗରମ ପାଣିରେ ଗାଧେଇବା ସହ ଗରମ ଗରମ ଖାଇବା ମୋ ପାଇଁ ବେଶ୍ ରୁଚିକର ଥିଲା । ଧିରୁଆର ଛୁଆଙ୍କୁ ପାଠପଢାର ଖର୍ଚ୍ଚ ସହ ପର୍ବପର୍ବାଣିରେ ନୂଆ ପୋଷାକ କିଣିଦେଲି । ମୋତେ ଗୋଟାପଣେ ନିଜର କରିନେଲା ଧିରୁଆ । ତା ପୂରିଲା ପୂରିଲା ଦେହ ଓ ହରିଣୀ ଆଖିରେ ମୁଁ ବେଳେ ବେଳେ ଅନ୍ୟମନସ୍କ ହେଇଯାଉଥିଲି।

ISSN NO.
2582-208X

ବେଳ ଅବେଳରେ ବଡବାବୁ ଓ ଅଫିସର ଅନ୍ୟାନ୍ୟ କର୍ମୀମାନେ ସହଯୋଗ କରୁଥିଲେ । ପ୍ରଚୁର ପରିମାଣରେ ଖୁସି ପାଉଥିଲେ ସେମାନେ କାରଣ ବିଭିନ୍ନ ଦର୍ଶନୀୟ ସ୍ଥାନରେ ବଣଭୋଜିର ଆୟୋଜନ ହେଉଥିଲା । ଆଦିବାସୀ ସଂସ୍କୃତି, ଦର୍ଶନୀୟ ସ୍ଥାନର କିମ୍ବଦନ୍ତୀ ଉପରେ ଗବେଷଣା କରିବାର ଫାଇଦା ଉଠେଇଲି ।

ଧିରୁଆଠୁ ଆଦିବାସୀଙ୍କ ଜୀବନଚର୍ଯ୍ୟା ଓ ଗୀତଗୁଡିକ ଉପରେ ସୁନ୍ଦର ଧାରଣା ଆସିଲା । ସେଗୁଡିକୁ ପାଥେୟକରି ଆକାଶବାଣୀ ଜୟପୁର କେନ୍ଦ୍ରର ସାହିତ୍ୟ ବିଭାଗପାଇଁ ଲେଖା ପଠେଇଲି । ଲେଖା ପ୍ରସାରିତ ହୋଇ ସାହିତ୍ୟିକ ମହଲରେ ନାଁ କମେଇଲି । ଆକାଶବାଣୀ କେନ୍ଦ୍ରର କାର୍ଯ୍ୟକ୍ରମ ନିଷ୍ପାଦକ କହିଲେ ଆୟୁଷ୍ମାନ ବାବୁ, ଆପଣଙ୍କ ପ୍ରତି ଲେଖାରେ ଆଦିବାସୀମାନଙ୍କ ଜୀବନକାହାଣୀ ନିଖୁଣ ଭାବରେ ଛନ୍ଦିହେଇଛି । ସତରେ ଆପଣ ମର୍ଯ୍ୟାଦାବନ୍ତ ଲେଖକ ।

ଶୀତକୁ ପରଖି ନେଉ ନେଉ ଧିରୁଆ ଜାନୀଠୁ ଆଦିବାସୀଙ୍କ ସଂସ୍କୃତି ଉପରେ ଅବଗତ ହେଇଥିବାରୁ ଧିରୁଆକୁ କୃତଜ୍ଞତା ଜଣେଇଲି । ଦୁଇବର୍ଷର ରହଣୀରେ ଧିରୁଆର ସମସ୍ତ ପ୍ରକାର ସୁବିଧା କରେଇ ତା ଛୁଆର ପାଠପଢିବା ପାଇଁ ଆବଶ୍ୟକ ବ୍ୟବସ୍ଥା କରିଦେଲି ।

ସରକାରଙ୍କ ବଦଳି ଆଦେଶକୁ ସମ୍ମାନ ଜଣାଇଥିଲି । ଶ୍ରୀକ୍ଷେତ୍ରଧାମ ପୁରୀକୁ ଠାକୁରଙ୍କ ପ୍ରତି ମନୋନିବେଶ କଲି । କୋରାପୁଟ ମୋ ମାନସପଟରେ ଲାଖିରହିଗଲା । ଶୀତର ମାଦକତା ଓ ଧିରୁଆର ଆତ୍ମୀୟତା ମୋ ହୃଦୟର ଜମାଟ ବାନ୍ଧିଲା ସବୁଦିନପାଇଁ ।

ଏଲ୍.ଆଇ.ଜି ୧୫
ନୟାପଲ୍ଲୀ ବ୍ରିଟ୍ କଲୋନୀ, ଭୁବନେଶ୍ୱର
୭୦୦୮୧ ୪୨୦୪୦

ISSN NO.
2582-208X

# ବଦଳିଛି ମୋ ଗାଁ ପାଗ



ମାନସ ରଞ୍ଜନ ନାୟକ

ଏଇ ଦୁଇ ତିନି ଦଶନ୍ଧି ପୂର୍ବର ଗାଁ ମୋର, ଏବେ ଲାଗେ ଖୁବ୍ ବଦଳା ବଦଳା
ଅବୁଝା ବିକାଶ ନାଟକର ଚାଲିଛି ପ୍ରଚାର, ଯୋଜନା ସବୁ ମୂଳରୁ ହୁଗୁଳା
ଏ ସାଲ ବି ନିଅଣ୍ଟିଆ ବର୍ଷା ଦାଉ ସାଜିଛି, ସୁନା କିଆରିରୁ ଅମଳ ଦୁର୍ଯୋଗ
ଗାଁ ଛକରେ ବଢୁଛି ବିଦେଶୀ ବଜାର, ବିତର୍କର ବିଷୟ ରହେ ନିର୍ବାଚନ ପାଗ ।

ମୁହଁ ଅନ୍ଧାରରୁ ହଳ ଯୋଖୁଥିବା ଶଶିଆ କକା, ଏବେ କରେ ସୂର୍ଯ୍ୟ ନମସ୍କାର
ବାସି ପଖାଳ ଲୁଣି ଶୁକୁଆ ଚଳେନି ଏବେ, ବୋହୂ ରାନ୍ଧୁଛି ମଉରାଳି ବେସର
ଶୁଭୁନି ଆଜି ନେତ'ର ହମ୍ବାରଡି, ଗାଁଟା ଯାକ ବୋଲାନ୍ତି ଓମଫେଡର ଗରାଖ
ଗୁହାଳ ବିଲୁପ୍ତ, ହେଲେ ଛକ ବଏଲର ଝୁମ୍ପୁଡି ମେଣ୍ଟାଏ ନିତିଦିନ ଖୋରାକ ।

ପ୍ରଗତିର କେତନ ସାଜି ମଝିଦାଣ୍ଡରେ ଲମ୍ବିଛି ପ୍ରଧାନମନ୍ତ୍ରୀ ପକ୍କା ସଡକ
ପାଣି କାଦୁଅ ଧୂଳି ଧୂସର ଖେଳ ନାହିଁ, ଘର ଆଗେ କୁକୁର ଜଗିଛି ଫାଟକ
ଶୂନ୍ୟ ଲମ୍ବା ଦାଣ୍ଡପିଣ୍ଡା, ସାହି ପଡିଶା ଗପସପ ସତେକି କର୍ଫ୍ୟୁ ପ୍ରତିବନ୍ଧିତ
ଆତ୍ମୀୟତା ତ ଦୂର, ସ୍ୱାର୍ଥ ରହିତ ସୌଜନ୍ୟତା ଟିକକ ବି ନିରୁତା ପ୍ରତୀକ୍ଷିତ ।

ISSN NO.
2582-208X

ଆବେଗର ଫଗୁ ହୋଇ ଉଡୁଥିଲା ଦିନେ ଗାଁ ମୁରବୀଙ୍କ ମୁଣ୍ଡଛୁଆଁ ଆଶୀର୍ବାଦ
ପର ପିଢ଼ିର ବୟଜ୍ୟଷ୍ଠ ଏବେ ସତେକି ଓଜାଡନ୍ତି ଔପଚାରିକ ସାଧୁବାଦ
ବଡମା' ମୋର ନିର୍ଦ୍ୱନ୍ଦରେ ପଡିଶାଘରୁ ମାଗିଆଣୁଥିଲା ତେଲ ଲୁଣ କି ଜାଇ
ସ୍ୱାଭିମାନର ପାଚେରୀ ଉଠିଛି ଆଜି, ଆମନ୍ତ୍ରଣ ରଖନ୍ତିନି ନିଜ ସାହି ଭାଇ।

ଗାଁ ଅଷ୍ଟପ୍ରହରୀ, ଭୋଜି, ମଉଛୁକରେ ପଂଗତ ସାଜିଛି ବୁଢ଼ୀମା'ର ଗପ ପେଡି
ଅବହେଳିତ ଗ୍ରାମଦେବତୀ, ଘର ଭବ୍ୟ ମନ୍ଦିରରେ ଦେବା ଦେବୀ ଧାଡି କି ଧାଡି
ଏକତା ସହଭାଗିତାର ଗୁଞ୍ଜରଣରେ ଦିନେ ଶିହରୁଥିଲା ମୋ ଗାଁ ମଝିଦାଣ୍ଡ
ଘରଡିହ ଭାଙ୍ଗି ଆଜି ଭାଗ ଭାଗ, ଭାଇ ଭାଇ କଳହ ନିତି ସାଜୁଛି ଉଦଣ୍ଡ।

ଦୂରଦର୍ଶନରେ ଶୁଭେନ୍ଦୁଙ୍କ ପାଣିପାଗ ସୂଚନାକୁ କାନଡେରୁଥିଲେ ଗାଁ ଚାଷୀ
ଫି ନିର୍ବାଚନ ବୁଣେ ମାଗଣା ଯୋଜନାର ବିହନ, ଚାଷ କମ୍ ଏବେ କିଣା ବେଶୀ
ଆଜିବି ସେଦିନ ପରି କ୍ୟାଲେଣ୍ଡର୍ ଦେଖି ମୋ ଗାଁରେ ଆସୁଛି ବର୍ଷା ଝଡି
ବଦଳିନି ପାଣିପାଗ, ଖାଲି ଯାହା ବେଉଷଣର ମନବୃତ୍ତି ଯାଉଛି ବିଗିଡି।

ମଞ୍ଜୁରୀ ଗ୍ରେଡ୍, ଭଦ୍ରକ-୭୫୬୧୨୧
ଧ୍ୱନ- ୯୮୯୦୮୫୧୪୨୭

ISSN NO.
2582-208X

# ସାଗର



ଡ଼ଃ ପ୍ରଦୀପ କୁମାର ପଣ୍ଡା

ଲୁଣି ହେଲେ ହେଉ ସେ ମହାସାଗର
ଗରଭେ ରଖିଛି ସାଇତି ଭଣ୍ଡାର ।।
ସ୍ଥଳଠାରୁ ଜଳ ତିନି ଗୁଣେ ବଳ
ଉପକାର ତା'ର ଶୁଣ ହେ ସକଳ ।।
ଅଷ୍ଟଧାତୁ ଯେତେ ପୁରିଅଛି ଜଳେ
ସୁନା ରୁପା ଆଦି ଖୋଜିଲେ ଯେ ମିଳେ ।।
ଜୀବଜଗତ ହେଉ ଅବା ଉଦ୍ଭିଦ
ପୂରିଅଛି ଯେତେ କେ ପାଇବ ଭେଦ ।।
ସ୍ଥଳଠାରୁ ଛନ୍ତି ତିନିଗୁଣ ପ୍ରାଣୀ
ତ୍ରିଗୁଣ ଉଦ୍ଭିଦ ପୁରି ଅଛି ପୁଣି ।।
ସାଗର ମଧ୍ୟରେ ଅଛି ଦଳ ଯେତେ
ତାହାର ଗୁଣକୁ କହିବି କେତେ ।।
ବସନଭୂଷଣ ଔଷଧ ସେବନ
ଚକୋଲେଟ ଆଦି ମିଠା ଖାଦ୍ୟମାନ।।
କାଗଜାଦି ସଙ୍ଗେ ସୃଷ୍ଟି କରେ ସାର
ଔଷଧେ କରେ ଗଳଗଣ୍ଡ ଦୂର ।।
କର୍ଡ ମାଛ ଜାତ ଭିଟାମିନ ତେଲ
ଛୋଟ ଶିଶୁ ଦେହ କରଇ ସେ ଭଲ ।।
ସାଗର ଜଳରୁ ସେ ପଟାସ ସାର୍
କୃଷିକ୍ଷେତ୍ରେ ଦେଲେ ଅମଳ ଜବର ।।
ସାଗର ସାଧୁଛି ପ୍ରାଣୀଙ୍କର ହିତ
ନିର୍ମଳ ରଖିବା ତାକୁ ଆସ ମିତ ।।

ସମ୍ବଲପୁର

ISSN NO.
2582-208X

# କାର୍ତ୍ତିକ ପୁର୍ଣିମା



ଡ. ସଦା ବିହାରୀ ସାହୁ

କାର୍ତ୍ତିକ ପୁର୍ଣିମା ଆସିଛି ଆଜି
ଶଂଖ, ଘଂଟ, ଆରତୀ ରେ କମ୍ପୁଛି ମଂଦିର ସାଜି
ମାସ ମାନଙ୍କ ମଧ୍ୟରେ କାର୍ତ୍ତିକ ଶ୍ରେଷ୍ଠ
ଧର୍ମ ଉପାଜି ଓ ଭଲ  କର୍ମ କରି ଆମେ ହେବା ଉତକୃଷ୍ଟ
ସକାଳୁ ଉଠି, ପ୍ରାତ ସ୍ନାନ କରି ଡଂଗା ଭସାଇବା ନଦୀରେ ଯାଇ
ଆ କା ମା ବୈ...ପାନ ଗୁଆ ଖାଇ..ପାନ ଗୁଆ ତୋର ମାସିକ ଧରମ ମୋର
ଭସାଇ ଦେଉ ଡଂଗା ଏଇ ବାରତା ଦେଇ
ଆମ ପରବ, ଆମ ପର୍ବାଣୀ ଆମ ଜନମ ଭୂଇଁ
ଜୀବନ ଦେବା ମା ଓ ମାଟି ସେବା କରି
ଘଣ୍ଟ ଘଣ୍ଟାରେ ଆମିଷ ତ୍ୟାଗ କରି
ଖୁସି, ଆନଂଦ ରେ  ପାଳନ କରୁ ପୁଣ୍ୟ ମାସ ଭରି
ବ୍ୟବସାୟ ର ଦେଇ ବାରତା ବୋଇତ ବନ୍ଦାଣ କରି
ଜୀବନ ହେଉ ଧନ୍ୟ ଆମରି ଧର୍ମ, ସୁକର୍ମ ଓ ମାନବ ସେବା କରି

ଭାରତୀୟ ଲଘୁ ଉଦ୍ୟୋଗ ବିକାଶ ବ୍ୟାଙ୍କ
ମୁମ୍ବାଇ

ISSN NO.
2582-208X

# ବୁଢ଼ୀ ମାଆ

ପ୍ରଜ୍ଞା ପାରମିତା ଦାଶ (ମିଶ୍ର)

ମନେପଡେ ଆଜି ମୋର ପିଲାଦିନ
ଝୁରୁଛି ଆଜି ସେହି ସବୁ ସ୍ମୃତି ମନ
ସବୁ ସହି କେବେ ମନ ଊଣା ଯେ କରେନା
ଆଉ କେହି ନୁହେଁ ସେ ଅଟେ ମୋ ବୁଢ଼ୀ ମାଆ
ପୁନେଇ ପରବ ଯେ ନାନା ପିଠା ଗଢ଼ିଦିଏ
ପୁରି ଖିରି ସାଥେ ମିଠା କାକରା ଖୁଆଏ
ସହିକି ପାରିବ କେହି ତା ପରି ଯାତନା
ଆଉ କେହି ନୁହେଁ ସେ ଅଟେ ମୋ ବୁଢ଼ୀ ମାଆ
ତା କୋଳେ ଶୋଇ ଯେବେ ଲୋରି ଶୁଣୁଥାଏ
ଲକ୍ଷେ ଜହ୍ନ ମାମୁଁ ଆଣି ମୋ ହାତେ ସେ ଦିଏ
ସେନେହ ମମତାରେ ତିଳେ ନଥାଏ ଛଳନା
ଆଉ କେହି ନୁହେଁ ସେ ଅଟେ ମୋ ବୁଢ଼ୀ ମାଆ
ସବୁପରେ ଆଜି ସେ ଥକି ଶୋଇ ଯାଇଅଛି
ତାର ସେ ନିରୀହ ମୁହଁକୁ ଆଜି ମୁଁ ଝୁରୁଛି
ଦୁନିଆ ଭିତରେ ଏମନ ଖୋଜୁଥାଏ ଯାହା
ଆଉ କେହି ନୁହେଁ ସେ ଅଟେ ମୋ ବୁଢ଼ୀ ମାଆ

ବଡଚଣା, ନୂଆ ଶାସନ, ଯାଜପୁର

ISSN NO.
2582-208X

# କଥାଶିଳ୍ପୀ ବିଷ୍ଣୁ ସାହୁଙ୍କ ଗଳ୍ପର କଥାସ୍ୱର

ଡକ୍ଟର ସ୍ୱାଧୀନ ଚନ୍ଦ୍ର ପଧାନ

ସାଂପ୍ରତିକ ଓଡିଆ ଗଳ୍ପସାହିତ୍ୟରେ ଜଣେ ଆଗଧାଡିର ଗଳ୍ପସ୍ରଷ୍ଟା ହେଉଛନ୍ତି କଥାଶିଳ୍ପୀ ବିଷ୍ଣୁ ସାହୁ । ବିଶେଷତଃ ଜୀବନର ନାନାଦି ଘଟଣା ଦୁର୍ଘଟଣାକୁ ସାଉଁଟି ସେ ଗଳ୍ପଗୁଡିକର ଭାବବସ୍ତୁ ତିଆରିଛନ୍ତି । ତାଙ୍କର ଗଳ୍ପ ରଚନାରୀତି ସଂପୂର୍ଣ୍ଣ ଭାବେ ପୃଥକ। ସମସାମୟିକ ସମୟର ବାସ୍ତବ ସ୍ଥିତାବସ୍ଥା ସହ ବଦଳି ଯାଉଥିବା ସମୟର ଚିତ୍ର ସହ ପରମ୍ପରା ମୂଲ୍ୟବୋଧର ଅବକ୍ଷୟତା ତାଙ୍କୁ ସତେକି ମ୍ରିୟମାଣ କରିଦେଇଛି । ଜଣେ ସମାଜ ସୁଧାରକର କାର୍ଯ୍ୟ ଭଳି ସେ ଗଳ୍ପର ଅନ୍ତଃସ୍ୱରରେ ମାନବ ସଭ୍ୟତାକୁ ନୂତନ ଦିଗ ଦର୍ଶନ ଦେଇଛନ୍ତି । ସେ ସମାଜିକ ଜୀବନକୁ ସରସ ସୁନ୍ଦର ଓ ବୋଧଗମ୍ୟ କରିବା ସକାଶେ ସତେକି ମଙ୍ଗୁଆଳ ସାଜିଛନ୍ତି । ପୁନଶ୍ଚ ଆମ ସଂସ୍କୃତି ପରଂପରାକୁ ଉଜ୍ଜୀବିତ କରି ରଖିବାର ପ୍ରଚେଷ୍ଟା ତାଙ୍କ ଅନେକ ଗଳ୍ପରେ ପ୍ରତିଭାତ । ମନୁଷ୍ୟ ନିକଟରୁ ମାନବୀୟ ଆଚରଣ ଅବଲୁଣ୍ଠନ ଓ ପଶୁସୁଲଭ ଆଚରଣ ର ପ୍ରବେଶରେ ସେ ବ୍ୟଥିତ ହୋଇପଡିଛନ୍ତି । ସତେକି ତାଙ୍କ ଗଳ୍ପ ସମୂହ ଆମ ଭବିଷ୍ୟତ ଜୀବନର ମାନନିର୍ଦ୍ଧାରଣର ପନ୍ଥା ବାଛିନେଇଥାଏ ।କାହାଣୀ ଭାଗକୁ ବଳିଷ୍ଠ କରି ନିଜର ବକ୍ତବ୍ୟକୁ ପାଠକ ସମ୍ମୁଖରେ ଉପସ୍ଥାପନା କରିବାକୁ ସେ କଦାପି କାର୍ପଣ୍ୟ କରି ନାହାଁନ୍ତି । ଆମ ସମୟର ଜଣେ ସୁପ୍ରତିଷ୍ଠିତ କଥାକାର ଭାବେ ତାଙ୍କ ସିଦ୍ଧି ଓ ସାଧନା ଅବିସ୍ମରଣୀୟ ।

କଥାକାର ବିଷ୍ଣୁ ସାହୁ ଚଳନ୍ତି ସମୟର ଜଣେ ପ୍ରସିଦ୍ଧ ଗଳ୍ପକାର । ଜୀବନ ଜଗତ ସମ୍ବନ୍ଧୀୟ ନାନାଦି ଅଭିବ୍ୟକ୍ତି ଓ ଅଭିଗ୍ୟଂତା ତାଙ୍କ ଗଳ୍ପକୁ କରିଛି ଅଧିକ ଜୀବନ୍ତଧର୍ମୀ ଓ ବାସ୍ତବାଭିମୁଖୀ । ସେ ପ୍ରଥାସିଦ୍ଧ ରୀତିରେ କେବଳ ଗଳ୍ପର ଭାବବଳୟକୁ ତିଆରି ନାହାଁନ୍ତି, ବରଂ ଏକ ନୂତନ ରୀତିରେ ପାଠକକୁ ଗୋଟିଏ ପରେ ଗୋଟିଏ ଅମ୍ଳାନ କୃତି ଭେଟିଦେଇଛନ୍ତି । ଆମ ସମୟର ଜୀବନର ଜଳଛବି ତାଙ୍କ ଗଳ୍ପକଳାକୁ କରିଛି ଆହୁରି

ISSN NO.
2582-208X

ଚିତ୍ତାକର୍ଷକ ଓ ମନଲୋଭା । ଆତ୍ମକେନ୍ଦ୍ରିକତା ସହ ଗାଁ ମାଟିର ମହମହ ବାସ୍ନା ତାଙ୍କ ଗଳ୍ପକୁ କରିଛି ଅଧିକ ପ୍ରାଣବନ୍ତ । ଦୂରରେ ଛାଡି ଆସିଥିବା ତାଳବଣ ନଇ ନାଳ, ପୋଖରୀର ଗାଧୁଆ ତୁଠ ପୁନଶ୍ଚ ଉତ୍ସବ ମୁଖର ପଲ୍ଲୀ ଜୀବନର ସରଳତା, ଗ୍ରାମ୍ୟ ପରିବେଶରର ଝୋଟିଚିତା ତଥା ସଂସ୍କୃତି ପରଂପରା ପ୍ରତି ସେ ମୋହାଚ୍ଛନ୍ନ ହୋଇପଡିଛନ୍ତି। ସେ ବଦଳି ଯାଉଥିବା ସାମାଜିକ ଜୀବନର ସ୍ଥିତାବସ୍ଥାକୁ ଅତି ଚତ୍ମକାର ଢଙ୍ଗରେ ପ୍ରତିପାଦନ କରିବା ସହ ମନୁଷ୍ୟ ନିକଟରୁ ଅପସରିତ ମାନବୀୟ ମୂଲ୍ୟବୋଧକୁ ମଧ୍ୟ ଅତି ନିଖୁଣତାର ସହ ଆଙ୍କିଛନ୍ତି ।

କଥାସାହିତ୍ୟର ଏକ ପ୍ରମୁଖ ବିଭାଗ କ୍ଷୁଦ୍ରଗଳ୍ପକୁ ବିଭବଶାଳୀ କରିବାରେ ତାଙ୍କ ଭୂମିକା ବାସ୍ତବରେ ଅନସ୍ୱୀକାର୍ଯ୍ୟ। ଲେଖକ ପ୍ରାରମ୍ଭିକ ଜୀବନରେ ଗୀତିନାଟ୍ୟ ଠାରୁ ସାହିତ୍ୟିକ ଜୟଯାତ୍ରା ଆରମ୍ଭ କରିଥିଲେ ସୁଦ୍ଧା ପରବର୍ତ୍ତୀ ସମୟରେ ନାଟକ, କ୍ଷୁଦ୍ରଗଳ୍ପ ରଚନା କରି ପ୍ରତିଷ୍ଠିତ ହୋଇପାରିଛନ୍ତି । ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେରେ ଦେଖାଯାଉଥିବା ଦୁର୍ନିତି, ରାଜନୈତିକ ଭ୍ରଷ୍ଟାଚାର, ପ୍ରେମଚେତନା, ମାନବିକତାବୋଧ, ଜୀବନଧର୍ମିତା, ଗ୍ରାମୀଣ ଜୀବର ମହମହ ବାସ୍ନାର ଚିତ୍ର, କ୍ଷୟିଷ୍ଣୁ ମୂଲ୍ୟବୋଧ, ଆମ ସାମାଜିକ ଚଳଣୀ, ପରଂପରା ଓ ସଂସ୍କୃତିର ଚିତ୍ର ତାଙ୍କ ଗଳ୍ପ କଳାର ଉଭୟ ଆଙ୍ଗିକ ଓ ଆତ୍ମିକ ଦିଗକୁ ବେଶ ବିଭବ ଶାଳୀ କରିଛି । ସେ ସବୁବେଳେ ମନୁଷ୍ୟ ସାମାଜିକ ସହବସ୍ଥାନକୁ ସରସ ସୁନ୍ଦର ତଥା ଆଚରଣକୁ ପରିମାର୍ଜିତ କରିବା ସକାଶେ ଧ୍ୟାନ ଦେଇଥାନ୍ତି । ସେଥିପାଇଁ ସେ କହନ୍ତି - "ଏ ଅସୁସ୍ଥ ପୃଥିବୀ ସୁସ୍ଥ ହେଉ । ସୁନ୍ଦର ହେଉ । ମଧୁମୟ ହେଉ ମଣିଷ । ଅମୃତମୟ ହେଉ ତାର ଆଚରଣ" (ନିଜ କଥା-ଅସୁସ୍ଥ ପୃଥିବୀ) ଏ ମନ୍ତବ୍ୟର ସାରବତ୍ତା ତାଙ୍କ ପ୍ରତ୍ୟେକଟି କୃତିର ଅନ୍ତରାଳରେ ଲୁକ୍କାୟିତ।

ଗ୍ରାମୀଣ ଜୀବନର ସୌକୁମାର୍ଯ୍ୟ ତଥା ଛନ୍ଦ କପଟହୀନ ସରଳ ମଣିଷଙ୍କସହ ବିତାଇଥିବା ମୁହୂର୍ତ୍ତ, ଗାଁର ଯାନିଯାତ୍ରାକୁ ଝୁରି ହୋଇ ନିଜ ଶୈଶବକୁ ଖୋଜିବୁଲିଛନ୍ତି ସହରର କଂକ୍ରିଟ ରାସ୍ତା ମଝିରେ । ଫଳତଃ ତାଙ୍କୁ ନିରାଶାର ଗନ୍ଧ ହିଁ ସବୁଠାରେ ମିଳିଛି। ସେହି ଗାଁରର ଜୀବନଶୈଳୀ ଓ ଲେଖକ ଜୀବନର ଅଭ୍ୟୁଦୟ କଥାକୁ ନେଇ "ଗୋଟିଏ ଗାଁର ଚିତ୍ରପଟ ଓ ଜହ୍ନରାତିର ହୃଦୟ" ଗଳ୍ପ ସଂକଳନର ପରିକଳ୍ପନା କରାଯାଇଛି । ଆତ୍ମକଥନ ରୀତିରେ ଲିଖିତ ଆଲୋଚ୍ୟ ସଂକଳନ ଦ୍ୱୟରେ ରହିଛି ଲେଖକଙ୍କ ଅଙ୍ଗେ ନିଭା ଅନୁଭୂତି ସହ ତାଙ୍କ

ISSN NO.
2582-208X

ଲେଖକ ଜୀବନର ଉନ୍ମେଷ ପର୍ବ । ତାଙ୍କ ନିଜସ୍ୱ ଗ୍ରାମ ନବାପାଟଣା ଥିଲା ସଂସ୍କୃତି ଓ ପରଂପରାର ଗନ୍ତାଘର । ସେହି ପବିତ୍ର ଭୂମିରେ ଗ୍ରାମ୍ୟ କଳାକାରଙ୍କ ସମବେତ ମୃଦଙ୍ଗରତାଳରେ ସେ ଅବିଭୂତ ହୋଇଥିଲେ । ସେହି ଗ୍ରାମ୍ୟ ମଚଂରେ ପୁରସ୍କୃତ ହୋଇ ପରବର୍ତ୍ତୀ ସମୟରେ ବିଖ୍ୟାତ ଲେଖକ ରୂପରେ ପରିଣତ ହୋଇଥିଲେ ।

କଥାକାରଙ୍କ କଥାସ୍ୱରର ଭାବବଳୟ ନାନାଦି ଦିଗ ଓ ବିଷୟ ଭାବେ ପ୍ରସାରିତ। ଦୁଃଖ,ଦୁର୍ଦଶାର କଷଟି ପଥରରେ ଜୀବନ ବଂଚୁଥିବା ମଣିଷର ହସଲୁହ ଭରା କାହାଣୀର ମାର୍ମିକ ଆଲେଖ୍ୟ ହେଉଛି ତାଙ୍କ ଗଳ୍ପ ସମୂହ । ସଂପ୍ରତି ଲକ୍ଷ୍ୟ କରାଯାଉଛି ଯେ ମଣିଷ ନିଜ ପରିବାର ମଧ୍ୟରେ ସୀମାବଦ୍ଧ ରହି ଅନ୍ୟର ମଙ୍ଗଳ କଥାକୁ ସଂପୂର୍ଣ୍ଣ ଭାବେ ଭୁଲିଯାଉଛି । ତଥାପି ଆମ ସମାଜରେ ଏଭଳି କେତେକ ମାନବ ଅଛନ୍ତି, ଯେଉଁମାନେ କି ମାନବତାର ମନ୍ତ୍ରରେ ଦିକ୍ଷିତ । ସେହି ମାନବବାଦ ଦୃଷ୍ଟି ଭଙ୍ଗୀକୁ ଉପଜୀବ୍ୟ କରି ଗାଳ୍ପିକ କେତେ ଗୋଟି ଗଳ୍ପର ପରିକଳ୍ପନା କରିଛନ୍ତି । ଏହି କ୍ରମରେ ଗୋଟିଏ ନଡିଆ ଗଛର ମୃତ୍ୟୁ ଗଳ୍ପରେ ଚିନ୍ତା ଚମାର ଲେଖକଙ୍କ ଘରକୁ ଆସି ତାଙ୍କ ଝିଅମାନଙ୍କୁ ଅନାବିଳ ସ୍ନେହ ମମତାରେ ବାନ୍ଧି ଦେବା ତଥା ଛୁଆମାନଙ୍କ ଖୁସୀପାଇଁ ନଡିଆ ଗଛରୁ ଗୁଣ୍ଡୁଚିମୂଷା ଆଣିବା ବେଳେ ମୃତ୍ୟୁ ମୁଖରେ ପଡିବା ତାର ମାନବୀୟଗୁଣକୁ ପ୍ରଦର୍ଶିତ କରେ । ସେହିପରି "ଘାଟ" ଗଳ୍ପର ଉଦାର ମନର ଭାବନା ତଥା ଜାତିଆଣ ଭେଦାଭେଦ ଦୂରୀକରଣ ଚିନ୍ତାଧାରା ମଧ୍ୟ ତାର ମାନବୀୟ ଚିନ୍ତା ଚେତନାର ସୂଚନା ଦିଏ । ଏହି ଘାଟ ଗଳ୍ପର ଗଉରା ମାନବୀୟ ଗୁଣାବଳୀର ଏକ ଉତ୍ତମ ଦୃଷ୍ଟାନ୍ତ । ନିଜେ ଡଙ୍ଗା ଚାଳକ ହୋଇ ମଧ୍ୟ ତାର ଚିନ୍ତାଧାରା କେତେ ଉନ୍ନତ ଧରଣର । ହିନ୍ଦୁ, ମୁସଲମାନ ଠାରୁ ଆରମ୍ଭ କରି ପିଲା ବୁଢା ବୁଢୀ ରୋଗୀ, ନିରୋଗୀ, ସାଧୁ ଅସାଧୁ କେତେ ଲୋକ ତା ଡ଼ଙ୍ଗାରେ ଯାତାୟତ କରୁଛନ୍ତି । ସାଂପ୍ରଦାୟିକ ସଦ୍ଭାବନାର ସ୍ୱପ୍ନ ଦେଖୁଥିବା ଗଉରା କହିଥାଏ - "ଗୋଟିଏ ଘାଟପରି ହୋଇଯାଆନ୍ତା କି ଦି ଟା ଯାକ ଗାଁ ! ଗୋଟିଏ ହୋଇଯାଆନ୍ତା କି ମନ୍ଦିର ଆଉ ମସଜିଦ୍ ! ତା ହେଲେ ଝାମେଲା ଯାଆନ୍ତା ।" (ପୃଷ୍ଠା-- ୧୩୮)ଏ ସଂଳାପ ଜଣେ ସାଧାରଣ ମଣିଷର ହୋଇ ନ ପାରେ। ମାନବୀୟ ସୁଖ ଶାନ୍ତି ଓ ଭାଇଚାରା କାମନା କରୁଥିବା ଜଣେ ମହତ ମଣିଷର ଚିନ୍ତାଧାରା । ସେହିପରି "ପାପୀ" ଗଳ୍ପର ବାବାଜୀ ଓ ତାସ୍ତ୍ରୀ ଜହ୍ନର କାର୍ଯ୍ୟ କଳାପ, ଅନ୍ୟର ଦୁଃଖରେ ଦୁଃଖୀ ହେବା ପ୍ରସଙ୍ଗ ତାଙ୍କ ମାନବୀୟ ଗୁଣାବଳୀର ପରିଭାଷାକୁ ବ୍ୟକ୍ତ କରିଥାଏ । ଅନ୍ୟ ଏକ ଗଳ୍ପ "ଅସୁସ୍ଥ ପୃଥିବୀ" ର

ISSN NO.
2582-208X

ମନୁଆ ନାମକ ମାଙ୍କଡ଼ଟି ସେଦିନ ଜଣେ ଅସହାୟ ସ୍ତ୍ରୀ ଲୋକର ନାରୀତ୍ୱକୁ ରକ୍ଷା କରିବା ଓ ସମବେତ ମୂକ ପାଲଟିଥିବା ଜନତାଙ୍କୁ ଅଭୟ ବାଣୀ ଶୁଣାଇବା ମଧ୍ୟ ମାନବୀୟଗୁଣକୁ ଚିହ୍ନଟ କରେ । ସେହିପରି "ପ୍ରାର୍ଥନାର ପରିଭାଷା" ଗଳ୍ପର ବୁଢ଼ୀ ଚରିତ୍ରଟି ଡାକ୍ତରଙ୍କ ଜୀବନ ବଂଚାଇବା ପାଇଁ ଲୋକେ ଟଙ୍କା ପଠଉଥିବା ଜାଣି ନିଜର ରକ୍ତ ବିକି ଟଙ୍କା ପଠାଇବା ତାର ମହତପଣିଆର ଅଭ୍ରାନ୍ତ ନିର୍ଦ୍ଦେଶନକୁ ପରିପ୍ରକାଶିତ କରେ । ସେହିପରି "କାଳନନା" ଗଳ୍ପରେ କଳନନାଙ୍କ ଉତ୍ତମ ଗୁଣାବଳୀ ଓ "ଅପାଶବିକ" ଗଳ୍ପରେ ଗୁମାନ ସିଂ ବୁଲା କୁକୁରଙ୍କ ପ୍ରତି ଦରଦ, ସହାନୁଭୂତି ଦର୍ଶାଇଦିଏ ତାଙ୍କର ମାନବୀୟଗୁଣକୁ । ସେହିପରି "ଦୀପଟିଏ ଜାଳିବା ପାଇଁ" ଗଳ୍ପରେ ବ୍ରଜର ମାନବିକତାବୋଧ ତାରିଫ୍ ଯୋଗ୍ୟ ସ୍ୱାର୍ଥପରତା, ସଂକୀର୍ଣ୍ଣତା, କପଟତାର ଊର୍ଦ୍ଧ୍ୱରେ ତାର ନିଷ୍କପଟ ଓ ଅନାବିଳ ଉଦାରତା ଉନ୍ନତ ମାନବିକ ଦୃଷ୍ଟିଭଙ୍ଗୀର ପରିଚୟ ଦିଏ । ଏକାନ୍ନବର୍ତ୍ତୀ ପରିବାରର ତ୍ୟାଗ ଓ ସହିଷ୍ଣୁତାର ପ୍ରତୀକ ବ୍ରଜ । ଯେତେବେଳେ ନିଜର ହାର୍ଟଷ୍ଟ୍ରୋକ୍ ପାଇଁ ତାକୁ ଡାକ୍ତରଖାନା ନିଆଯାଇଛି, ସେ ନିଜର ମୃତ୍ୟୁ ସୁନିଶ୍ଚିତ ଜାଣି ନିଜ ସ୍ତ୍ରୀକୁ ପାଖକୁ ଡାକି କହିଛି-"ଆମ ହିମାଂଶୁ ଯେବେ ସେହି ଚାକିରୀ କରେ ତେବେ ସେ ଭାଇଙ୍କର ପରିବାରକୁ ଦେଖାଶୁଣା କରିବ, ସେ ଭରସା ମୋର ପାଉନାହିଁ । ତେଣୁ ମୋ ମତରେ ଅରୁଣ ଏ ଚାକିରୀ କରିବ ।" (ପୃଷ୍ଠା-୬୪) ନିଜ ପୁଅ ଥାଉ ଥାଉ ପୁତୁରାକୁ ନିଜ ଚାକିରୀ ଦେବା ପାଇଁ ସେ ମନସ୍ତ କରିଛି । ଏହା କମ ବଡ଼ କଥା ନୁହେଁ। ଏଭଳି ଚିନ୍ତାଧାରା କୌଣସି ନିଃସ୍ୱାର୍ଥପର ମଣିଷ ହିଁ କରିପାରେ । ଗାଳ୍ପିକ ବ୍ରଜ ଚରିତ୍ରରେ ଗଭୀର ମାନବବାଦୀ ଦୃଷ୍ଟିଭଙ୍ଗୀର ପରିଚୟ ଦେଇଛନ୍ତି । ସେହିପରି "ପୂର୍ଣ୍ଣକୁମ୍ଭ" ଗଳ୍ପରେ ଚକ୍ରଧରର ପରୋପକାରୀଗୁଣ ମାନବୀୟଗୁଣାବଳୀ ଦର୍ଶାଇଦିଏ । ମୋଟ ଉପରେ କଥାକାର ବିଷ୍ଣୁ ସାହୁଙ୍କ ଅନେକ ଗଳ୍ପରେ ଝଙ୍କୃତ। ସେ ମାନବ ସମାଜକୁ ଜୀବନର ମହାମନ୍ତ୍ର ଶିଖାଇ ମାନବତାବାଦର ଦୀପଶିଖା ଜଳାଇବା ପାଇଁ ଦେଇଛନ୍ତି ଆହ୍ୱାନ । କୌଣସି ବୈପରୀତ୍ୟ ପରିସ୍ଥିତିରେ ଭାଙ୍ଗି ନପଡି ଅଥବା ନିଜ କର୍ମ ପ୍ରତି ବିମୁଖତା ପ୍ରକାଶ ନକରି, ସମାଜିକ କଲ୍ୟାଣ ଓ ମଙ୍ଗଳମୟ କାର୍ଯ୍ୟ କରିବାକୁ ପ୍ରେରଣା ଦେଇଛନ୍ତି । ତେଣୁ ତାଙ୍କ ଗଳ୍ପର ଅନେକ ଚରିତ୍ର ସେବା, ତ୍ୟାଗ, ମମତା ଓ ଆଦର୍ଶପଣିଆକୁ ଜୀଶନର ବ୍ରତ ଭାବରେ ଗ୍ରହଣ କରିଛନ୍ତି । ତେଣୁ କୁହାଯାଇପାରେ କଥାଶିଳ୍ପୀ ବିଷ୍ଣୁ ସାହୁଙ୍କ ଗଳ୍ପଗୁଡିକ ମାନବବାଦର ମହନୀୟ ଅର୍ଘ୍ୟ ।

ISSN NO.
2582-208X

ଲେଖକ ବିଷ୍ଣୁ ସାହୁ ସାଂପ୍ରତିକ ଓଡିଆ ଗଳ୍ପଜଗତରେ ଗୋଟିଏ ଶ୍ରଦ୍ଧାଶୀଳ ନାମ। ଜୀବନ ପ୍ରତି ପ୍ରଚଣ୍ଡ ମୋହ ତାଙ୍କ କଳା ସୃଷ୍ଟିକୁ ଯେପରି ଉଚ୍ଚତର କରିଛି ,ସେହିପରି ଜୀବନର ମନ୍ତ୍ର ଉଚ୍ଚାରଣରେ ମଧ୍ୟ ତନ୍ମୟତା ପରିପ୍ରକାଶ କରିଛି । ଜୀବନର ଚିତ୍ର ପ୍ରଦାନ କରିବାରେ ସେ କଦାପି କାର୍ପଣ୍ୟ କରି ନାହାଁନ୍ତି ।ତାଙ୍କ "ବାୟା ଚଢେଇ" ଗଳ୍ପରେ ଗାଳ୍ପିକ ଗୋଟିଏ ଲେଡିଟାଇପିଷ୍ଟର ଜୀବନ ବଂଚି ଖୁବ୍ ବିରକ୍ତ ପ୍ରକାଶ କରୁଥିଲା । ତାର ମନୋଭାବକୁ ଗାଳ୍ପିକ ସୁନ୍ଦର ଜୀବନଦର୍ଶନ ମାଧ୍ୟମରେ ପରିପ୍ରକାଶ କରିଛନ୍ତି-"ଦୁଆର ମୁହଁରେ ପହଚିଂ ପାଦକୁ ଚାହିଁଲା, ଗୋଟାଏ ପରସ୍ତ ନାଲି ଧୂଳି ବସିଯାଇଛି ଗୋଇଠିରେ । ତାକୁ ଲାଗିଲା, ନଖରୁ କେଶଯାଏ ଗୋଟାଏ ଗେରୁଆ କ୍ଲାନ୍ତି ତା ଦେହକୁ ମାଡିବସିଛି । କଟକ ଭୁବନେଶ୍ୱର ଠାରୁ କାହିଁ କେତେ ଦୂର ଏ ଶିଳ୍ପାଚଂଳରେ ଜଣେ ଲେଡିଟାଇପିଷ୍ଟର ଜୀବନ, ବଡ଼ ବୋରିଂ ସତରେ । ଏଇଆ କଣ ଭାବିଥିଲା ସେ ? ଏ ଜୀବନ ତାକୁ ଦେଇଛି ବା କଣ ? ଜୀବନର ଅର୍ଥ କଣ --ଗଣ୍ଡେ ଖାଇବା, ଖଣ୍ଡେ ପିନ୍ଧିବା ଓ ମଲା ମଲା ସ୍ୱପ୍ନ ଗୁଡାକର ବୋଝ ବୋହି ବୋହି ଚାଲିବା ?"(ପୃଷ୍ଠା-୮୫ ) ଜୀବନକୁ ନିଜର ଇଚ୍ଛାମତେ ବଂଚିପାରୁ ନଥିବା ଜଣେ ଚାକିରୀଜୀବି ନାରୀ ଜୀବନର ବ୍ୟଥା ଏଠାରେ ପ୍ରକଟିତ । ସେହିପରି ଗୋଟିଏ ମାଙ୍କଡ଼ର କାହାଣୀ ଗଳ୍ପରେ ଅନ୍ତର୍ଯ୍ୟାମୀ ଗୋଟାଏ ଅଫିସ୍ ରେ ପିଅନ ଚାକିରୀ କରେ । ତା ଜୀବରନର ଅସହାୟ ଓ ଦୁଃଖକୁ ଚିତ୍ରଣ କରିଗାଳ୍ପିକ ବର୍ଣ୍ଣନା କରିଛନ୍ତି-"ତାକୁ ଲାଗେ ସେ ଯେମିତି ଗୋଟାଏ ମାଙ୍କଡ଼ ଓ ଜୀବନଟା ତା ଲାଗି ଗୋଟାଏ ପ୍ରକାଣ୍ଡ ତୈଳାକ୍ତ ଖମ୍ବ । ଯେତେ ଚେଷ୍ଟା କରି ଚଢିଲେ ବି ସେ ବାରମ୍ବାର ଖସି ପଡୁଛି ପରାଜୟ ଜନିତ ଗ୍ଲାନିରେ । ଖମ୍ବର ଶୀର୍ଷକୁ ଗୋଟିଏ ଖୋପାରେ ଚଢି ପାରିବାର ଅଦ୍ଭୁତଶକ୍ତି ତାର ନାହିଁ ।" (ପୃଷ୍ଠା--୧୦୨ ) ଏଠାରେ ଗଳ୍ପ ନାୟକର ସଂଘର୍ଷମୟ ଜୀବନର ଚିତ୍ର ଉଦ୍ଭାସିତ । ସେ ଯେତେ ଚେଷ୍ଟା କରି ଉପରକୁ ଉଠି ନପାରିବା ତାର ଅସହାୟତାକୁ ସୂଚେଇଦିଏ । ସେହିପରି ଦୁଃଖର ଚାରିକାନ୍ଥ ଗଳ୍ପରେ ମଣିଷର ଇଚ୍ଛାମତେ କୌଣସି କାର୍ଯ୍ୟ ହେଉ ନଥିବା ଓ ଅବୁଝା ଜୀବନର ପରିଭାଷାକୁ ଅଭୟସାର୍ ଙ୍କ ଚରିତ୍ରରେ ଚିତ୍ରଣ କରାଯାଇଛି । ସେଦିନ ସେ ଭାବୁଥିଲେ -"ଏମିତିତ ଜୀବନ । ବଡ଼ ଜଟିଳ, ବଡ଼ ଦୁର୍ବୋଧ୍ୟ। ଏକ ସରଳ ରେଖାରେ ଓ ସମତଳ ଭୂଇଁରେ ସେ ଗତି କରିବ କଣ ପାଇଁ ?" (ପୃଷ୍ଠା--୧୧ ) ସାଂପ୍ରତିକ କାଳରେ ବୟସ୍କ ମଣିଷର ଯେଉଁ ଅସହାୟତା ଓ ନିଃସଙ୍ଗତା ପରିଲକ୍ଷିତ ହୁଏ, ତାର ଏକ ଜ୍ୱଳନ୍ତ ଉଦାହରଣ ଅଭୟ ସାର୍ । ଦୁର୍ବିସହ ନନିଃସଙ୍ଗତାର ବୋଝ ଆଜିର ଜୀବନକୁ କିପରି ଅତିଷ୍ଠ କରିଛି, ତାହା ହୁଏତ ଲେଖକ

ISSN NO.
2582-208X

ଏଠାରେ ଚିତ୍ରଣ କରିଛନ୍ତି । ସେହିପରି ପ୍ରାର୍ଥନାର ପରିଭାଷା ଗଳ୍ପରେ ଡା ମିଶ୍ର କହନ୍ତି – "ଏ ଜୀବନ କେଡେ ଛୋଟ, ଅଥଚ ଯନ୍ତ୍ରଣା କିଭଳି ଅସୀମ ଓ ବିସ୍ତୃତ । ଜରା, ରୋଗ, ମୃତ୍ୟୁ ମଣିଷକୁ ଯେମିତି ଚାପି ଦେଉଛି କେଉଁ ଗହ୍ୱରକୁ, ବାମନର ତୃତୀୟ ପାଦପରି । ଅଥଚ କି ଆଶ୍ଚର୍ଯ୍ୟ ଦେଖ । ଦୁଃଖ ଯନ୍ତ୍ରଣା ଓ ହାହାକାରର କିଆରି ଭିତରୁ ବାରମ୍ବାର ମୁଣ୍ଡଟେକୁଛି ସ୍ପର୍ଦ୍ଧିତ ସବୁଜିମା । ଶୁଭ୍ର, ସତେଜ ଓ ସୂର୍ଯ୍ୟରଶ୍ମି ପରି ପରିସ୍କାର ହସଟୋପେ ଓଠରେ ଧରି ଜନ୍ମ ନେଉଛି ଶିଶୁ । ପ୍ରଚୁର ଆଶା ଓ ବିପୁଳ ସ୍ୱପ୍ନରେ ବୋଝେଇ ହୋଇଯାଉଛି ତାର ଆଖି ।" (ପୃଷ୍ଠା- ୫୨) ଏହି ସଂଳାପରେ ଲେଖକଙ୍କର ଜୀବନ ସଂପର୍କିତ ଦୃଷ୍ଟିଭଙ୍ଗୀ ଠଉରାଇ ହୁଏ । ଏହିପରି ଲେଖକଙ୍କ ଅନେକ ଗଳ୍ପରେ ଜୀବନ ଦର୍ଶନର ଚିତ୍ର ଲକ୍ଷ୍ୟ କରାଯାଏ । ମୋଟ ଉପରେ କହିବାକୁ ଗଲେ ଶ୍ରୀ ସାହୁଙ୍କ ଗଳ୍ପଗୁଡିକରେ ଗଭୀର ଜୀବନଦର୍ଶନର ଛବି ପ୍ରକଟିତ । ଜୀବନ କେଉଁଠି ଜଂଜାଳମୟ, ଅସହାୟ, ଦୁଃଖ, କାରୁଣ୍ୟ ଭରା ତ କେଉଁଠି ସେ ସୁନ୍ଦର, ସରଳ ଓ ନିଷ୍ପାପ। ସୂଚନାଯୋଗ୍ୟ ଯେ ଲେଖକଙ୍କର ଗଳ୍ପ ସୃଷ୍ଟିରେ ଜୀବନର ସଂଘର୍ଷଶୀଳତା ରହିଛି ସତ, ମାତ୍ର ତଥାପି ପରାଜୟର ଗ୍ଲାନିରେ ସେ ଜୀବନର ସରସତାକୁ ଲୁଣ୍ଠିତ କରି ନାହାଁନ୍ତି । ଦୁଃଖର କଷାଘାତରେ ମଧ୍ୟ ଜୀବନ ସୁସ୍ଥ ଓ ଆହ୍ଲାଦ କର ହେଉ, ମଣିଷ ଜୀବନରେ ସ୍ନେହ ଓ ଆନ୍ତରିକତା ର ମଧୁ ବିଚ୍ଛୁରିତ ହେଉ--ଏହା ହିଁ ମୋଟାମୋଟି ଭାବେ ଲେଖକଙ୍କ ଜୀବନଦର୍ଶନର ସାରାଂଶ ।

ପ୍ରେମଚେତନାର ଜଣେ ସମର୍ଥ ଚିତ୍ରକର ଭାବେ ଗାଳ୍ପିକ ଶ୍ରୀ ସାହୁ ଜଣାଶୁଣା । ସେ ନାୟକ ନାୟିକାଙ୍କ ମନୋବିଶ୍ଳେଷଣ ପୂର୍ବକ ସଫଳ ରୂପାୟନ କରିଛନ୍ତି । ତାଙ୍କ ଗଳ୍ପଗୁଡିକରେ ବର୍ଣ୍ଣିତ ନାୟକ ନାୟିକାଙ୍କ ପ୍ରେମକାହାଣୀ ପାଠକକୁ ଖୁବ୍ ଆକର୍ଷିତ କରେ । ତାଙ୍କ ପ୍ରେମଗଳ୍ପ ଗୁଡିକରେ ଦେହଭୋଗର ଅଭୀପ୍ସା ଅପେକ୍ଷା ତ୍ୟାଗତିତିକ୍ଷାର ଚିତ୍ର ବେଶ୍ ପ୍ରତିଭାତ । ପ୍ରେମ ସଂପର୍କରେ ନିଜର ଦୃଷ୍ଟିଭଙ୍ଗୀର ପରିଚୟ ଦେଇ ସେ ମନ୍ତବ୍ୟ ବାଢ଼ନ୍ତି "ପ୍ରେମର ଅର୍ଥ ମୁଁ ବୁଝେ ଘନିଷ୍ଠତା । ପ୍ରେମ ହିଁ ସାହିତ୍ୟ ସାଧନର ପ୍ରାଣ ଓ ପ୍ରେରଣା ।" (ସାକ୍ଷାତକାର, ୪ ଜୁଲାଇ, ୧୯୯୯, ପୃଷ୍ଠା--୦୪) ଏହି ମନ୍ତବ୍ୟର ସାରବତ୍ତା ଗାଳ୍ପିକଙ୍କ ଗଳ୍ପଶୈଳୀକୁ ସୂଚୀତ କରେ । ଏହି କ୍ରମରେ ଗାଳ୍ପିକଙ୍କ କେତୋଟି ଗଳ୍ପକୁ ଆଲୋଚନା କରାଯାଇପାରେ । ଗ୍ରୀନ୍ରୁମର ମିନିଅପା ଗଳ୍ପଟିରେ ମିନି ଅପାକୁ ବୁଲା ଭଲପାଇବା ପ୍ରସଙ୍ଗ ବର୍ଣ୍ଣିତ । ମିନିଅପା ଠାରୁ ବୁଲା ଗୋଟିଏ ଶ୍ରେଣୀ ତଳରେ ପଢୁଥିଲା । ସେଦିନ ତାଙ୍କ ଗାଁ

ISSN NO.
2582-208X

ଶ୍ରୀକୃଷ୍ଣ ରାସଲୀଳା ଡ୍ରାମା ପାଇଁ ମିନିଅପାକୁ ରାଧା ଓ ବୁଲାକୁ କୃଷ୍ଣପାର୍ଟ ଦିଆଯାଇଥିଲା । ସେହି ସମୟରେ ବୁଲା ମନିଅପା ଗାଲରେ ଚୁମାଟିଏ ଦେଇଥିଲା । ଏହାପରେ ସେମାନଙ୍କ ଦେଖାସାକ୍ଷାତ ହୋଇନଥିଲା । ମିନି ଅପାର ବାହାଘର ବେଳେ ତାର ଯୌତୁକ ଲୋଭୀସ୍ୱାମୀ ଅଧିକ ଯୌତୁକ ଦାବୀ କରିବାରୁ ନିଜ ବରକୁ ଉପେକ୍ଷା କରି ମନିଅପା ଦୃଢ଼କଣ୍ଠରେ କହିଉଠିଛି-"ତା ଭଳି ଝିଅ ୟାମା ଗାଡି, ଟଙ୍କା, ସୁନା ଇତ୍ୟାଦି ଯୌତୁକକୁ ବାହା ହୋଇପାରେନା । ଏମ୍, ଏ ପାସ୍ କଲା ଅଫିସର୍ ଜୟନ୍ତ ବାବୁଙ୍କ ଠାରୁ ଡାଲି ଚାଉଳ ଦୋକାନୀ ବୁଲା ତା ଆଖିରେ ବହୁତ ବଡ଼ ।" (ପୃଷ୍ଠା--୧୨୮ ) ଶେଷରେ ବୁଲାକୁ ହିଁ ବିବାହ କରିଛି । ବାସ୍ତବରେ ପ୍ରକୃତ ଭଲପାଇବା, ଧନ, ଦୌଲତ କିମ୍ବା ପାଠପଢ଼ା ଓ ଆଭିଜାତ୍ୟରେ ନଥାଏ । ବରଂ ଦୁଇ ମନର ମିଳନ ହିଁ ପ୍ରେମ ବୋଲି ଉକ୍ତ ଗଳ୍ପଟିରେ ଦର୍ଶାଯାଇଛି । ସେହିପରି "ବ୍ରିଟାନିଆ ବିସ୍କୁଟ" ଗଳ୍ପଟିରେ ମୀରା ଓ ସୁଗ୍ୟାଂନ ଦାଶର ପ୍ରେମକାହାଣୀ ବର୍ଣ୍ଣିତ । ମୀରା ବିବାହିତ ଅଥଚ ତାର ସନ୍ତାନ ସନ୍ତତି ନାହାଁନ୍ତି । ସେଦିନ ତାକୁ ଭଲପାଉଥିବା ସୁଗ୍ୟାଂନ ଦାଶ ବ୍ରିଟାନିଆ ବିସ୍କୁଟ ପ୍ୟାକେଟଟିଏ ଧରି ତା ଘରକୁ ଯାଇଛି । କଲୋନୀ ଲୋକଙ୍କୁ ଦେଖି ମୀରା ତାକୁ ଭାଇ ସମ୍ବୋଧନ କରିଛି । ଶେଷରେ ନିଜ ଦେହର କାମନା ବାସନାକୁ ଚରିତାର୍ଥ କରିବା ପାଇଁ ନିସନ୍ତନା ମୀରା, ନିଜ ପ୍ରେମିକ ଆଗରେ ନିଜକୁ ସମର୍ପି ଦେଇଛି । ଗଳ୍ପଟିରେ ପ୍ରେମିକା ମୀରାର ଦୈହିକ କାମନା କିପରି ସୁଗ୍ୟାଂନ ଦାଶଙ୍କ ମାଧ୍ୟମରେ ଚରିତାର୍ଥ ହୋଇଛି ତାହା ଉଲ୍ଲିଖିତ । ଅନ୍ୟ କେତେକ ଗଳ୍ପରେ ମଧ୍ୟ ଏହି ଭାବଧାରା ପରିଲକ୍ଷିତ । ପ୍ରେମିକା ଗଳ୍ପରେ ମଂଜୁ ଓ ସୀତାକାନ୍ତ ମହାନ୍ତିଙ୍କ ପ୍ରେମ, ସ୍ୱାତୀ ଥାଏ ଯେଉଁ ସହରରେ ଗଳ୍ପରେ ନାୟିକା ସ୍ୱାତୀ ଓ ସଂଜୟର ପ୍ରେମ କାହାଣୀ, ଲିଙ୍ଗରାଜ ପାଇଁ ଗଳ୍ପଟିଏରେ ତ୍ରିକୋଣୀୟ ପ୍ରେମ ଲିଙ୍ଗା, ଲକ୍ଷ୍ମୀକାନ୍ତ ଓ ମାମିର କଥା ଉଲ୍ଲିଖିତ, ମନିକା ମ୍ୟାଡ଼ମ୍ ଗଳ୍ପରେ ମନିକା ସୁପ୍ରିୟବାବୁଙ୍କ ପ୍ରତି ଆକର୍ଷିତ ହେବା, ମେଘ ରାତିର ଝିଅ ଗଳ୍ପରେ ତ୍ରିଭୁବନ ଓ ଗୀତାର ପ୍ରେମ ପ୍ରସଙ୍ଗ, ବାୟା ଚଢ଼େଇ ଗଳ୍ପରେ ସୁମନ୍ତ ଓ ସମର୍ପିତାର ପ୍ରେମର ଚିତ୍ର, ଅଧାବୁଣା ସ୍ୱେଟର ଗଳ୍ପର ନୀରୁ ଓ ପ୍ରଭାତର ପ୍ରେମ ଚନ୍ଦ୍ରମା ମଜୁମଦାର ଗଳ୍ପରେ ଦୀନନାଥ ଓ ଚନ୍ଦ୍ରମାର ପ୍ରେମପ୍ରଣୟ ପାଠକକୁ ଖୁବ୍ ଆକର୍ଷିତ କରିଥାଏ । ଉପରୋକ୍ତ ଗଳ୍ପ ସମୂହରେ କଥାକାର ଶ୍ରୀ ସାହୁ ପ୍ରେମର ପରିଭାଷାକୁ ଖୁବ୍ ମାର୍ମିକ ଢ଼ଙ୍ଗରେ ପ୍ରତିପାଦନ କରିବା ସହ ପ୍ରେମର ପ୍ରକୃତ ସ୍ୱରୂପ, ଈଶ୍ୱରୀୟ ଚିନ୍ତନ କଥାକୁ ସୂକ୍ଷ୍ମାତିସୂକ୍ଷ୍ମ ଭାବରେ ଉପସ୍ଥାପନ କରିଛନ୍ତି ।

ISSN NO.
2582-208X

କଥାକାର ଶ୍ରୀ ସାହୁଙ୍କ କେତେକ ଗଳ୍ପରେ ରାଜନୈତିକ ଚିତ୍ର ଖୁବ୍ ସଫଳ ଭାବେ ଚିତ୍ରିତ । ସାଂପ୍ରତିକ କାଳର ରାଜନୀତି କିପରି ଗୋଳିଆ ପାଣିର ପଙ୍କ ସଦୃଶ ହୋଇପଡିଛି ତଥା ସ୍ୱାର୍ଥାନ୍ଧ ରାଜନେତାଙ୍କ କାର୍ଯ୍ୟ କଳାପ ସାଧାରଣ ଜନତାଙ୍କ ଉପରେ ସିଧା ସଳଖ ପ୍ରଭାବ ପକାଉଛି ତାର ଚିତ୍ର ଗାଳ୍ପିକଙ୍କ କେତୋଟି ଗଳ୍ପରେ ଆସନ ମଣ୍ଡନ କରିଛି । ସତରେ ରାଜନୀତିର ପଶାପାଳିରେ ଗୋଟିଏ ସାଧାରଣ ମଣିଷ କିପରି ଦଳିଚକଟି ହୋଇ ଅନାୟାସରେ ସର୍ବସ୍ୱ ହରାଇଥାଏ ତାର ଚିତ୍ର ସମାଜରେ ଆଜି ବେଶ୍ ପ୍ରତିଭାତ । ଆଜିର ସମାଜରେ ଦିନକୁ ଦିନ ବଢୁଥିବା ଅନ୍ୟାୟ,ଅତ୍ୟାଚାର ଲୁଣ୍ଠନ, ଲୁଟ୍ ପାଟ୍, ଦଙ୍ଗା କ୍ଷେତ୍ରରେ ସଂପୃକ୍ତଥାନ୍ତି ତଥାକଥିତ ସହରର ବିଶିଷ୍ଟ ଆସନରେ ଅଧିଷ୍ଠିତ ଉଚ୍ଚପଦସ୍ଥ ନେତାଗଣ । ସେମାନଙ୍କ ସ୍ୱାର୍ଥ ସର୍ବସ୍ୱ ମନୋବୃତ୍ତି ଓ ସ୍ୱେଚ୍ଛାଚାରିତା ଆଜି ସାହିତ୍ୟର ମୁଖ୍ୟ କଥାବସ୍ତୁ ପାଲଟିଛି । ନିଜର ବ୍ୟକ୍ତିଗତ ଅଭୀପସାକୁ ଚରିତାର୍ଥ କରିବା ପାଇଁ ସେମାନେ ସାଧାରଣ ଜନତାକୁ ଭୂଆଁବୁଲେଇ ବିଭିନ୍ନ ପ୍ରକାର ଅର୍ଥ ଉପାର୍ଜନ କରୁଛନ୍ତି । ଫଳରେ ଦେଶର ଶାସନ ବ୍ୟବସ୍ଥା ଏକ ପ୍ରକାର ଦୁର୍ନୀତିଗ୍ରସ୍ତ ହୋଇପଡିଛି । ଏହି ଭାବଧାରାକୁ ଉପଜୀବ୍ୟ କରି ଗାଳ୍ପିକ ବିଷ୍ଣୁ ସାହୁଙ୍କ କେତେକ ଗଳ୍ପର ସୃଷ୍ଟି । ଲେଖକଙ୍କ "ଦାୟାଦ" ଗଳ୍ପରେ ରାଜନେତା, ମନ୍ତ୍ରୀମାନେ କିପରି ସେବା ନାମରେ ଲୋକଙ୍କୁ ଭୂଆଁ ବୁଲାଉଛନ୍ତି ତଥା ସେମାନେ ଲୋକଲୋଚନରେ କିପରି ଭଲ ବୋଲି ଦେଖେଇ ହେଉଛନ୍ତି ତାର ଚିତ୍ର ଅଙ୍କିତ । ପୁଣି ଗଳ୍ପରେ ସ୍ୱାଧୀନତାର ମୋହଭଙ୍ଗର ଚିତ୍ର ସାଙ୍ଗକୁ ସାଂପ୍ରତିକ ଶାସକଗଣଙ୍କ ସ୍ୱାର୍ଥପର ସୁବିଧାବାଦୀ ରୂପ ଗାଳ୍ପିକ ପ୍ରଦାନ କରିଛନ୍ତି । ଗଳ୍ପଟିରେ ସ୍ୱାଧୀନତା ସଂଗ୍ରାମୀ ମଙ୍ଗୁ ମହାପାତ୍ରଙ୍କ ପୁଅ ସ୍ୱାଧୀନ ଯିଏ ପୂର୍ତ୍ତ ବିଭାଗର ମନ୍ତ୍ରୀ ଅଥଚ ସେ ବିଭିନ୍ନ କୁକର୍ମ ଅତ୍ୟାଚାରରେ ଜଡିତ । ଫଳତଃ ପୁତ୍ରର ଏ ପ୍ରକାର କାର୍ଯ୍ୟରେ ବିତସ୍ପୃହ ସ୍ୱାଧୀନତା ସଂଗ୍ରାମୀ ମଙ୍ଗୁ ମହାପାତ୍ର ପ୍ରଚଣ୍ଡ କୋହ ଓ ଅଭିମାନରେ କହୁଥିଲେ—"ଏହା କଣ ଗୋଟାଏ ଦୀର୍ଘ ପ୍ରତୀକ୍ଷିତ ଆନ୍ଦୋଳନର ଅବଦାନ? ଟ୍ରୁଥ୍ ସହିତ ଗୋଟାଏ ଐତିହାସିକ ଏକ୍ସପେରିମେଣ୍ଟ କରିଥିବା କଙ୍କାଳସାର ଲଣ୍ଡାମୁଣ୍ଡିଆ ଫକୀର ବୁଢାଟା, ଜାତିର ସୁଯୋଗ୍ୟ ଦାୟାଦମାନଙ୍କ ନିକଟରେ ଗୋଟିଏ ବିଗ୍ ଜିରୋରେ ପରିଣତ ହୋଇଗଲା ! ହାଏରେ ଦେଶ!!" (ପୃଷ୍ଠା--୧୨୭) ସ୍ୱାଧୀନତା ପରେ ପରେ ଦେଶର ପ୍ରକୃତ ସ୍ଥିତାବସ୍ଥା ଏଥିରୁ ଜଣାପଡିଥାଏ । ମଙ୍ଗୁବାବୁ ଯେତେବେଳେ ଜାଣିବାକୁ ପାଇଛନ୍ତି ଲୋକଙ୍କ ମନ ଓ ମନ୍ତ୍ରୀମାନଙ୍କ ସାହଚର୍ଯ୍ୟ ଲୋଡିବା ପାଇଁ ସ୍ୱାଧୀନ ମିଛ ମୁଣ୍ଡ ଫାଟିବାର ଅଭିନୟ କରୁଛି, ସେଠାରୁ ଚାଲିଆସିଛନ୍ତି ବାପା ମଙ୍ଗୁବାବୁ । ଗଳ୍ପଟିରେ ସ୍ୱାଧୀନ ଚରିତ୍ରରେ ସାଂପ୍ରତିକ

ISSN NO.
2582-208X

କାଳର ରାଜନେତାଙ୍କ ସ୍ୱାର୍ଥପର ଓ ସୁବିଧାବାଦୀ ରୂପକୁ ଗାଳ୍ପିକ ଦେଖେଇଛନ୍ତି । ସେହିପରି ସୁବୁଦ୍ଧିବାବୁଙ୍କ ଚଷମା ଗଳ୍ପଟି ରାଜନୀତିକ ବ୍ୟଙ୍ଗ ଉପରେ ଆଧାରିତ ଏକ ମର୍ମସ୍ପର୍ଶୀ ଗଳ୍ପ । ଏଠାରେ ସୁବୁଦ୍ଧିବାବୁ ଯେଉଁ ଚଷମାଟି ପାଇଥିଲେ ସେଥିରେ ପର୍ଦା ପଛରେ ଥିବା ସବୁ ଜିନିଷ ଦେଖାଯାଉଥିଲା । ସେ ମୁଖ୍ୟମନ୍ତ୍ରୀ ମହୋଦୟଙ୍କୁ ଏହି ଚଷମା ଦେଇ ସେ ରାଜ୍ୟର ଦୁର୍ଭାଗ୍ୟକୁ ଦେଖନ୍ତୁ ବୋଲି କହିଲେ । ଅଥଚ ଚଷମାଟି ଥିଲା ଅତ୍ୟନ୍ତ ମାମୁଲି ଓ ସାଧାରଣ । ଏକଥା ମୁଖ୍ୟ ମନ୍ତ୍ରୀ ଜାଣିପାରିଲେ । ସେ ସୁବୁଦ୍ଧିବାବୁଙ୍କୁ ଗାଳିବର୍ଷଣ କରିବା ପାଇଁ ଯିବାବେଳେ ପରାମର୍ଶଦାତାର ଅନୁରୋଧରେ ଚୁପ୍ ହେଲେ । ଗଳ୍ପଟିରେ ରାଜନେତା ମାନଙ୍କୁ ଆତ୍ମସମୀକ୍ଷା କରିବାକୁ ସଚେତନ କରାଯାଇଛି । ସେହିପରି ସୂର୍ଯ୍ୟୋଦୟର ଶ୍ଳୋକ ଗଳ୍ପରେ ଆଜିର ରାଜନୀତିବେଳେ ମନ୍ଦିର ମଧ୍ୟରେ କିପରି ମଦ ବୋତଲ ବାହାରୁଛି ଓ ଲୋକଙ୍କ ମାନସିକତା କିପରି ଭୂଲୁଣ୍ଠିତ ହୋଇପଡୁଛି ତାର ଚିତ୍ର ଏଠାରେ ପ୍ରଦର୍ଶୀତ । ଗଣତାନ୍ତ୍ରୀକ ଭାରତରେ ନିର୍ବାଚନ ଆଜି ଏକ ପ୍ରହସନରେ ପରିଣତ ହୋଇଛି । ସବୁଠି ଲାଂଚ ମିଛ ମଦ ମାଂସର ଖେଳ । ନୋଟ ବଦଳରେ ଭୋଟ। ଏହି ନିର୍ବାଚନ କିପରି ସାମାଜିକ ପରିବେଶକୁ ପଙ୍କିଳ କରିଦେଇଛି ତାର ନଗ୍ନ ଚିତ୍ର ଏ ଗଳ୍ପରେ ପ୍ରତିଫଳିତ । ସେହିପରି ଗୋଟିଏ ଉଦଘାଟନ ଉତ୍ସବର ଧାରାବିବରଣୀ ଗଳ୍ପଟିରେ ସାଂପ୍ରତିକ ରାଜନୀତିରେ ସଂସ୍କାର ସହ ରାଜନେତାମାନେ ଆତ୍ମସମୀକ୍ଷା ପୂର୍ବକ ନିଜ କାର୍ଯ୍ୟାବଳୀରେ ସୁଧାର ଆଣିବା ଦରକାର ଏହି ବାର୍ତ୍ତାଟି ଏଥିରେ ଅଭିବ୍ୟଂଜିତ । ସାଧାରଣ ଜୀବନରୁ ଉଚ୍ଚ ମନ୍ତ୍ରୀପଦ ପାଇଥିବା ଚକ୍ରଧର ପଧାନ ସେଦିନ ସମବେତ ଜନତାଙ୍କ ସମ୍ମୁଖରେ କହୁଥିଲେ—"ଯେଉଁ ବସ୍ ଷ୍ଟାଣ୍ଡର ମାଟି ଏ ଚତୁରାର ଜିନ୍ଦେଗୀକୁ ଉଦଘାଟନ କରିଚି, ଯେଉଁମାଟି ଏ ଚତୁରାକୁ ଚର୍ତୁଭୁଜ ପ୍ରଧାନରେ ପରିଣତ କରିଛି, ତାକୁ ପୁଣି ଉଦଘାଟନ କରିବି ମୁଁ । ହାଓ ଷ୍ଟ୍ରେଜଂ !!! କହିପାରିବ କୋଉ ପୁଅ କେବେ ହେଲେ ତିଆରି କରିଚି ତା ମାଆର ଜାତକ ? କୁହ ଉତ୍ତର ଦିଅ ମୋ ପ୍ରଶ୍ନର । ଏ ନି ବଡି ??" (ପୃଷ୍ଠା-୫୨) ଗଳ୍ପଟିରେ ରାଜନେତା ଚତୁର୍ଭୁଜ ପ୍ରଧାନଙ୍କ ଉଚ୍ଚପାହ୍ୟା, ଉଚ୍ଚପଦବୀ କିପରି ତାଙ୍କୁ ଅଣନିଃଶ୍ୱାସୀ କରିଦେଇଛି, ତାର ଚିତ୍ର ଦର୍ଶାଯାଇଛି । ଏହା ରାଜନୈତିକ ସଂସ୍କାରର ବାର୍ତ୍ତା ଦିଏ । ଅନ୍ୟ ଏକ ଗଳ୍ପ ମଧ୍ୟ ମୁଖ୍ୟ ଅତିଥି ଏହି ଭାବଧାରା ସଂପନ୍ନ ଗଳ୍ପ। ଶିକ୍ଷାନୁଷ୍ଠାନ ଗୁଡିକରେ ରାଜନେତାଙ୍କ ପ୍ରବେଶ କିପରି ଶୈକ୍ଷିକ ବାତାବରଣକୁ କଳୁଷିତ କରିଦେଉଛି ଓ ଛାତ୍ରମାନଙ୍କୁ ବିପଥଗାମୀ କରୁଛି ତାହା ଉଲ୍ଲିଖିତ । ମୋଟାମୋଟି ଭାବେ କଥାକାର ଶ୍ରୀ ସାହୁଙ୍କ ଗଳ୍ପରେ ଏହି ରାଜନୈତିକ ଚିତ୍ର ଅତ୍ୟନ୍ତ ସୁନ୍ଦର ଢଙ୍ଗରେ

ISSN NO.
2582-208X

ପ୍ରତିପାଦିତ ହେବା ସହ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଶାସକଙ୍କର ଆଚରଣ ଗତ ସୁଦ୍ଧତା ପାଇଁ ଆହ୍ୱାନ ରହିଛି । ରାଜନୀତି କଳଙ୍କ ମୁକ୍ତ ହେଉ । ସମାଜ କଲ୍ୟାଣରେ ରାଜନେତାମାନେ ବ୍ରତୀ ହୁଅନ୍ତୁ --ଏହି ମହତ୍ ଲକ୍ଷ୍ୟ ଗଳ୍ପକାରଙ୍କ ସୃଷ୍ଟିରେ ନାନା ଭାବେ ଅଭିବ୍ୟଂଜିତ ହୋଇଛି ।

ନାରୀମନସ୍ତତ୍ତ୍ୱର ଜଣେ ସଫଳ ଚିତ୍ରକର ହେଉଛନ୍ତି କଥାଶିଳ୍ପୀ ବିଷ୍ଣୁ ସାହୁ । ପୁରୁଷ କେନ୍ଦ୍ରିକ ସମାଜରେ ନାରୀର ଅବସ୍ଥିତିକୁ ଅତ୍ୟନ୍ତ ସୁନ୍ଦର ଢଙ୍ଗରେ ସେ ପ୍ରତିପାଦନ କରିଛନ୍ତି । ଏହିକ୍ରମରେ ଜଳୁଥିବା ଗୋଟିଏ ଝିଅର ଡାଏରୀ ଗଳ୍ପକୁ ଆଲୋଚନା କରାଯାଇପାରେ । ଆଲୋଚ୍ୟ ଗଳ୍ପରେ ସାଂପ୍ରତିକ ସମାଜରେ ଅଭିସଂପାତଗ୍ରସ୍ତା ନାରୀ ଜୀବନର ଏକ କରୁଣ କାହାଣୀ। ଅକାଳରେ ଝରିପଡିଥିବା ଏକ ନିଷ୍ପାପ କଳିକା ଝୁନୁର ଅନ୍ତହୀନ କାରୁଣ୍ୟ ଏଠି ଲକ୍ଷ୍ୟ କରାଯାଏ । ଝୁନୁ ବିବାହ କରିଥିବା ପୁରୁଷଟି ଥିଲା ଡ୍ରଗ୍ସ ସେବନକାରୀ ତଥା ପୁରୁଷତ୍ୱହୀନ । ଅବଶ୍ୟ ସେ ସବୁବେଳେ ସ୍ତ୍ରୀକୁ ଖୁସି କରିବାକୁ ଚାହୁଁଥିଲା । ମାତ୍ର ସ୍ତ୍ରୀଟିଏ ଯାହା ପାଇଲେ ନିଜକୁ ଗୌରବାନ୍ୱିତ ମନେକରେ, ତାହା ପାଇ ନଥିଲା ଝୁନୁ । ତେଣୁ ଗୋଟିଏ ଡାଏରୀରେ ନିଜ ମା ଉଦ୍ଦେଶ୍ୟରେ ସବୁକଥା ଲେଖି ସେ ମୃତ୍ୟୁକୁ ପାଛୋଟି ନେଇଛି । ଏଥିପାଇଁ ସେ କାହାକୁ ଦାୟୀ କରିନାହିଁ । ସେହିପରି ଧରୀତ୍ରୀର ଲୁହ ଗଳ୍ପରେ ପାର୍ବତୀ ବିବାହିତ ହୋଇଥିବା ସତ୍ତ୍ୱେ ଘରମାଲିକ ପୁଅ ବାବି ସହ ପଳାୟନ କରିଛି । ପରେ ଅନୁତାପରେ ଜର୍ଜରିତ ହୋଇ ସେ ନିଜ ପୁଅ ପାଖକୁ ଫେରି ଆସିଛି । ମାତୃତ୍ୱ କିପରି ଗଙ୍ଗାଜଳ ସଦୃଶ ସୁଦ୍ଧପୁତ ପବିତ୍ର ତାହା ଏହି ଗଳ୍ପରେ ବର୍ଣ୍ଣିତ। ସେହିପରି ଗୁଡବାଏ ଇଣ୍ଡିଆ ଗଳ୍ପରେ ସର ମାଉସୀ ସେ ମାତୃ ହୃଦୟର ସ୍ନେହ ମମତା ଦେଇ ନିଜ ପୁଅକୁ ଡାକ୍ତର କଲା । ଅଥଚ ପୁଅ ବିଲାତରେ ରହିବା ପରେ ମା ପାଇଁ ସମୟ ଟିକେ ଦେଇ ପାରିଲା ନାହିଁ। ଫଳରେ ବୃଦ୍ଧ କାଳରେ ମା ଜୀବନ ବ୍ୟତିବ୍ୟସ୍ତ ହୋଇପଡିଛି। ବ୍ରିଟାନିଆ ବିସ୍କୁଟ ଗଳ୍ପରେ ମୀରାର ବୈବାହିକ ଜୀବନରେସ୍ୱାମୀ ସୁଖ ନପାଇବା ଓପିଲାପିଲି ନହେବା ଫଳରେ ସେ ପ୍ରେମିକ ପାଖରେ ନିଜକୁ ସର୍ମପି ଦେବା ଖୁବ୍ ସୁନ୍ଦର ଢଙ୍ଗରେ ପ୍ରତିପାଦିତ । ଉପରୋକ୍ତ ଆଲୋଚନାରୁ ସ୍ପଷ୍ଟ ଅନୁମିତ ହୁଏ ଯେ ଗାଳ୍ପିକ ଶ୍ରୀ ସାହୁ ନାରୀ ମନସ୍ତତ୍ତ୍ୱର ଜଣେ ସଫଳ ଚିତ୍ରକର ।

ISSN NO.
2582-208X

ପାରିବାରିକ ଜୀବନର ଚିତ୍ର ପ୍ରଦାନ କରିବାରେ ସେ ହେଉଛନ୍ତି ଅପୂର୍ବ ବିନ୍ଧାଣୀ । ଏହି କ୍ରମରେ ରଜ ଛୁଟିରେ ଗାଁ ଏକ ମନଛୁଆଁ ଗପ । ଏହା ପାରିବାରି ଜୀବନର କାହାଣୀକୁ ନେଇ ରଚିତ । ଏଥର ରଜଛୁଟିବେଳେ ପରିବାରର ସମସ୍ତେ ଏକାଠି ହୋଇଛନ୍ତି । ନନ୍ଦିତା ନିଜ ଛୋଟ ଶିଶୁ ଶ୍ୱଶୁରଙ୍କ ଠାରୁ ଗାଳି ଶୁଣିଲା ପରେ ଦୁଃଖିତ ହୋଇଥିଲେ ସୁଦ୍ଧା ଚୁପ୍ ରହିଚନ୍ତି । କାରଣ ପାରିବାରିକ ବୁଝାମଣାରେ ଘରର ହର୍ଷ ଉଲ୍ଲାସ ଭାଙ୍ଗି ନଯାଉ । ସେହିପରି ବାୟା ଚଢେଇ ଗଳ୍ପରେ ସୁମନ୍ତ ଓ ସମର୍ପିତାର ଦାମ୍ପତ୍ୟ କାହାଣୀ, ଧରିତ୍ରୀର ଲୁହ ଗଳ୍ପରେ ବରେନ୍ଦ୍ର ଓ ପାର୍ବତୀ ଙ୍କ ଦାମ୍ପତ୍ୟ କାହାଣୀ, ପରାଙ୍ଗ ପୁଷ୍ଟ ଗଳ୍ପରେ ସହଦେବ ଓ ପ୍ରୀତିର ପାରିବାରିକ କାହାଣୀକୁ ଲେଖକ ଅତ୍ୟନ୍ତ ସୁନ୍ଦର ଓ ମହନୀୟ ଢ଼ଙ୍ଗରେ ପ୍ରତିପାଦନ କରିଛନ୍ତି ।

ଶିଶୁମନସ୍ତତ୍ତ୍ୱର ଜଣେ ସଫଳ ଚିତ୍ରକର ହେଉଛନ୍ତି ଶ୍ରୀ ସାହୁ । କୋମଳମତି ଶିଶୁର ମାନସିକତାକୁ ଅତି ସୂକ୍ଷ୍ମାତିସୂକ୍ଷ୍ମ ଭାବେ ଅଭିବ୍ୟଂଜନା କରିବାରେ ସେ ଜଣେ ଧୂରୀଣ ଶିଳ୍ପୀ। ତାଙ୍କ ଗଳ୍ପର ଭାବବସ୍ତୁରେ ଶିଶୁର ମହନୀୟ କାର୍ଯ୍ୟ କଳାପ ଓ ଉତ୍ତମଗୁଣର ଉଦ୍ରେକ ତାଙ୍କ ସ୍ରଷ୍ଟାମାନସର ଅନ୍ୟତମ ବୈଶିଷ୍ଟ୍ୟକୁ ଚିହ୍ନଟ କରେ । ମୁନ୍ନା ପାଇଁପ୍ରାର୍ଥନା ଗଳ୍ପର ମୁନ୍ନା ନିଜର ପରିବାର ପ୍ରତିପୋଷଣ କରିବା ଓ ଜଣେ ଅସହାୟ ବୃଦ୍ଧାକୁ ଟ୍ରେନ୍ର ରେ ସିଟ୍ ଦେଇ ଦୁର୍ଘଟଣାରେ ମୃତ୍ୟୁବରଣକରିବା ତାର ମାନବିକତାକୁ ଦର୍ଶାଇଦିଏ । ସେହିପରି ଶେଷ ସଂନ୍ଧ୍ୟାର ସଂଗୀତ ଗଳ୍ପରେ ଚନ୍ଦନର ସଂଗୀତ ପ୍ରତି ତନ୍ମୟତା, ଗୁଡ୍ ଲି ଗଳ୍ପରେ ନିଜ ସାଙ୍ଗ ଲିନାକୁ ଏକ ବିପଦରୁ ଗୁଡ୍ ଲି ବଂଚାଇବା ମହନୀୟ କାର୍ଯ୍ୟକୁ ଇଙ୍ଗିତ କରେ ।

ଶିକ୍ଷକ ସମାଜର ବ୍ୟଥା,ବେଦନା ସମସ୍ୟାକୁ ଅତି ଜୀବନ୍ତ ଢ଼ଙ୍ଗରେ ପ୍ରତିପାଦନ କରିବାକୁ ଯାଇସେ ଅନେକ ଗଳ୍ପର ସୃଷ୍ଟି କରିଛନ୍ତି । ଅମୃତ ସନ୍ଧାନ ଗଳ୍ପର ମଧୁ ସାର୍, ଦୁଃଖର ଚାରିକାନ୍ଥର ଅଭୟ ସାର୍, ଶୂନ୍ୟସ୍ଥାନ ଗଳ୍ପର ଜଗନ୍ନାଥ ମିଶ୍ର ଚରିତ୍ର ଏଠାର ଦୃଷ୍ଟାନ୍ତ । ସେମାନେ ସମସ୍ୟା ଘେରରେ ବଂଚୁଥିବା ହାହାକାରମୟ ଜୀବନ ତଥା ନିଜ ପୁଅମାନଙ୍କ, ପରିବାର ଲୋକଙ୍କ ଉପେକ୍ଷାର ପାତ୍ର ହେବା ତାଙ୍କୁ ମ୍ରିୟମାଣ କରିଦେଇଛି । ପରି ମାନବେତର ଜୀବମାନଙ୍କ ଚରିତ୍ର ବତ୍ତାକୁ ଉଲ୍ଲେଖ କରିବାକୁ ଯାଇ ଅସୁସ୍ଥ ପୃଥିବୀ ଗଳ୍ପର ମନୁଆ ନାମକ ମାଙ୍କଡ଼, ଅପାଶବିକ ଗଳ୍ପର କୁକୁରମାନେ, ପଶୁ ମଣିଷ ସମ୍ବାଦ ଗଳ୍ପରେ ବିଲେଇ ଚରିତ୍ରର ଅବତାରଣା କରାଯାଇଛି । ଏମାନଙ୍କ ଠାରେ ଲେଖକ ମାନବୀୟ ସତ୍ତାର

ISSN NO.
2582-208X

ଉଦ୍ରେକ କରିଛନ୍ତି । ପୁନଶ୍ଚ ଲେଖକଙ୍କ ଗୋଟିଏ ଗାଁର ଚିତ୍ରପଟ ଓ ଜହ୍ନରାତିର ହୃଦୟ ଗଳ୍ପ ସଂକଳନ ଦ୍ୱୟର ମର୍ମବାଣୀ ବା ଅନ୍ତଃସ୍ୱର ହେଉଛି ଭିଟାମାଟି ପ୍ରତି ଅନୁରକ୍ତି ତଥା ଗଭୀର ମୋହ । ଗାଁର ପର୍ବପର୍ବାଣୀ ଠାରୁ ଆରମ୍ଭ କରି ମେଳା ମହୋତ୍ସବ, ସାଙ୍ଗସାଥୀଙ୍କ ମେଳରେ ବିତିଥିବା ବାଲ୍ୟ କୈଶୋର ଜୀବନର ମଧୁର ଅନୁଭୂତି ଓ ରୋମାଚଂ ହେଉଛି ଉକ୍ତ ସଂକଳନ ଦ୍ୱୟର ପ୍ରତିପାଦ୍ୟ ବିଷୟବସ୍ତୁ । ପୁନଶ୍ଚ ଲେଖକ ମାନଙ୍କ ଦୁଃଖ ଦୁର୍ଦ୍ଦଶା ତଥା ପାଣ୍ଡୁଲିପି ପ୍ରକାଶନରେ ଦେଖାଦେଉଥିବା ସମସ୍ୟାକୁ ଉପସ୍ଥାପନ କରି ଲେଖକ କେତୋଟି ଗଳ୍ପର ପରିକଳ୍ପନା କରିଛନ୍ତି ।ଏ କ୍ରମରେ ପଳାତକ, ଗୋଟିଏ ମିଥ୍ୟାବାଦୀର କାହାଣୀ, ଜଣେ ଗାଳ୍ପିକଙ୍କ ପାଇଁ ଗଳ୍ପ, ଚନ୍ଦ୍ରମା ମଜୁମଦାର, ଦଙ୍ଗାକାରୀ, ଛିନ୍ନପୃଷ୍ଠା ପ୍ରଭୃତି। ଏହିଗଳ୍ପ ସମୂହରେ କବି ଲେଖକଙ୍କୁ ଆତ୍ମସମ୍ମାନ ଓ ମର୍ଯ୍ୟାଦା ନମିଳିବା ତଥା ଅତି ଦୁଃଖଦ ଜୀବନ ବଂଚିବା ପ୍ରସଙ୍ଗ ଅତି ଜୀବନ୍ତ ଭାବେ ଅଙ୍କିତ । ପୁନଶ୍ଚ ଲେଖକଙ୍କ କେତେକ ଗଳ୍ପରେ ଯୌତୁକ ବିରୋଧୀ ଭାବନା ପରିଲକ୍ଷିତ । ଗ୍ରୀନ୍ରୁମର ମିନିଅପା ଓ ଦେବେନ୍ଦ୍ର ଫେରିନାହିଁ ଗଳ୍ପ ଦ୍ୱୟ ଏହି ଭାବ ସଂପନ୍ନ ଦୁଇଟି ମନଛୁଆଁ ଗଳ୍ପ । ପ୍ରଥମ ଗଳ୍ପରେ ମିନି ଅପା ଯୌତୁକ ଲୋଭୀ ବରକୁ ବିବାହ ନ କରିବାର ନିଷ୍ପତ୍ତି ନେଇଥିବା ବେଳେ ଦେବେନ୍ଦ୍ର ମଧ୍ୟ ବିବାହ ବେଳେ କୌଣସି ଯୌତୁକ ଦାବୀ କରିନାହିଁ ।ଏହା ଗାଳ୍ପିକଙ୍କ ସାମାଜିକ ସୃସ୍କାର ମନୋବୃତ୍ତିକୁ ଚିହ୍ନିତ କରେ ।

ଗାଳ୍ପିକଙ୍କ କେତେକ ଗଳ୍ପର ଭାବପ୍ରସ୍ତରେ ମୃତ୍ୟୁ ଚେତନା ପ୍ରକଟିତ ହୋଇଛି । ଯାହା ତାଙ୍କ ଶୈଳ୍ପିକ ଚାତୁରୀର ଅନ୍ୟତମ ଦିଗକୁ ଇଙ୍ଗିତ କରେ । ମୁନ୍ନା ପାଇଁ ପ୍ରାର୍ଥନା ଗଳ୍ପରେ ମୁନ୍ନାର ମୃତ୍ୟୁ ହେବା, ଗୋଟିଏ ନଡିଆ ଗଛର ମୃତ୍ୟୁ ଗଳ୍ପରେ ଚିନ୍ତା ଚମାରର ମୃତ୍ୟୁ ହେବା, ଜଳୁଥିବା ଗୋଟିଏ ଝିଅର ଡାଏରୀ ଗଳ୍ପରେ ନାୟିକା ଝୁନୁର ମୃତ୍ୟୁ, ଚନ୍ଦ୍ରମା ମଜୁମଦାର ଗଳ୍ପରେ ଚନ୍ଦ୍ରମାର ମୃତ୍ୟୁ ହେବା, ଦୀପଟିଏ ଜାଳିବା ପାଇଁ ଗଳ୍ପର ବ୍ରଜର ମୃତ୍ୟୁ ହେବା,ଘାଟ ଗଳ୍ପରେ ଅମିନା ନାମ୍ନୀ ଝିଅର ମୃତ୍ୟୁ ପ୍ରସଙ୍ଗ ଭଳି ନାନାଦି ଘଟଣା ପ୍ରଭୃତି ଦର୍ଶାଇଦିଏ ଗାଳ୍ପିକଙ୍କ ମୃତ୍ୟୁ ଚେତନା ପରି ସ୍ୱର ଓ ସ୍ୱାକ୍ଷରକୁ ।

ସାମାଜିକ ପ୍ରତିବଦ୍ଧତାର ସ୍ୱର ମଧ୍ୟ ତାଙ୍କ କେତେକ ଗଳ୍ପର କଥାକଳେବରକୁ ସୁସଜ୍ଜିତ କରିଛି । ସାମାଜିକ ପ୍ରତିବଦ୍ଧତା ହେଉଛି ସମାଜ ପ୍ରତି ଦାୟବଦ୍ଧତା । ସମାଜରେ ବିଭିନ୍ନ ସମସ୍ୟା ଓ ତାର ପ୍ରତିକାର ପାଇଁ ଲେଖକ କଣ ବାର୍ତ୍ତା ଦେଇଛି, ସୁସ୍ଥ ସମାଜ ବ୍ୟବସ୍ଥା

ISSN NO.
2582-208X

ପ୍ରତି କେତେ ଅଙ୍ଗୀକାରବଦ୍ଧ, ସେ ସମାଜ କଲ୍ୟାଣ ପାଇଁ ପାଠକକୁ କେତେ ପରିମାଣରେ ରେ ଅନୁପ୍ରାଣିତ କରିଛି, ତାହାକୁ ଆମେ ସାମାଜିକ ପ୍ରତିବଦ୍ଧତା କହିପାରିବା । ଏହି କ୍ରମରେ ଗାଳ୍ପିକଙ୍କ କେତେକ ଗଳ୍ପକୁ ଆଲୋଚନା କରାଯାଇପାରେ । କାର୍ତ୍ତିକ ପୂର୍ଣମୀର କାବ୍ୟ ଗଳ୍ପରେ ସଂପ୍ରତି ସମାଜରେ ଘଟୁଥିବା ଏକ ବାସ୍ତବ ସମସ୍ୟାର ଅବତାରଣା କରାଯାଇଛି । ଆଜିର ଯୁବଗୋଷ୍ଠୀ କିପରି ଆମ ପ୍ରାଚୀନ ପରମ୍ପରା ସଂସ୍କୃତିକୁ ଅବମାନନା କରୁଛନ୍ତି ତଥା ତାର ମୃତ୍ୟୁର ଏକ ବିଶେଷ ଭୂମିକା ଗ୍ରହଣ କରୁଛନ୍ତି ତାହା ବର୍ଣ୍ଣିତ । ସେଦିନ ଗାଁରେ ମିଂଟି ହେଲା ଓ ଯୁବଗୋଷ୍ଠୀ ଙ୍କ ମତାମତରେ ଏ ବର୍ଷ ରାସ ପୂର୍ଣ୍ଣମୀ ନୂଆ ଢ଼ଙ୍ଗରେ ପାଳିତ ହେବ, ପୁରୁଣା ମୃଦଙ୍ଗ ବାଜିବ ନାହିଁ ବରଂ କଟକର ମେଲୋଡି, ଜାକସେଟ୍, ୟାମା, ଚିୟର୍ସଗାର୍ଲ୍ସ ଆସିବ ବୋଲି ନିଷ୍ପତ୍ତି ନିଆଗଲା । ଏଥିରେ ମାୟାଧର ପରି ବୃଦ୍ଧବ୍ୟକ୍ତି ବ୍ୟାକୁଳ ହୋଇପଡିଛନ୍ତି । ଗ୍ରାମୀଣ ସଂସ୍କୃତି ପରଂପରାକୁ ବଂଚାଇ ରଖିବାକୁ ଚାହୁଁଥିବା ଜଣେ ବ୍ୟକ୍ତି କିପରି ଅସଭ୍ୟ ଯୁବଗୋଷ୍ଠୀଙ୍କ ସମ୍ମୁଖରେ ପରାଜିତ ହୋଇପଡେ, ତାହା ମାୟାଧରଙ୍କ ଚରିତ୍ରରେ ଉଲ୍ଲିଖିତ । ପୁନଶ୍ଚ ଗ୍ରାମୀଣ ସଂସ୍କୃତି କିପରି ମରିମରି ଯାଉଛି, ପରଂପରା ନାମରେ  ଆମେ କିପରି ଆଜି ଆଧୁନିକତାର ଚାକଚକ୍ୟକୁ ଗ୍ରହଣ କଳରିନେଉଛୁ ଏଭଳି ଏକ ସମସ୍ୟାର ଉପସ୍ଥାପନ କରି ଲେଖକ ଏହାର ସମାଧାନ ନହେଲେ ଆଗାମୀ ଦିନରେ ପରଂପରାପୁଷ୍ଟ ଗାଁର ରୂପ ସହରର ରୂପ ନେବ ବୋଲି ସେ ସତର୍କବାଣୀ ଶୁଣାଇଛନ୍ତି ।ସେହିପରି ଅସୁସ୍ଥ ପୃଥିବୀ ଗଳ୍ପରେ ଆମ ସମାଜରେ ଛକ ଗୁଡିକରେ ଅଣ ଛାତ୍ରମାନଙ୍କର ମେଳ ଜମି କିପରି ଅସହାୟ ନିରୀହ ଯୁବତୀ ବା ସ୍ତ୍ରୀ ଲୋକଟିଏ ଦେଖିଲେ ବିଭିନ୍ନ ଅସଭ୍ୟ ବ୍ୟବହାର କରାଯାଏ ତାହାର ଚିତ୍ର ଏଥିରେ ପ୍ରଦତ୍ତ । ଯାହା ସାମାଜିକ ସମସ୍ୟାକୁ ଇଙ୍ଗିତ କରେ । ସୂର୍ଯ୍ୟୋଦୟର ଶ୍ଳୋକ ଗଳ୍ପଟିରେ ସଂପ୍ରତି ଯୁବଗୋଷ୍ଠୀଙ୍କ ବେପରୁଆ ମନୋବୃତ୍ତିର ଚିତ୍ର ଚିତ୍ରିତ । ସେମାନେ କିପରି ଦେବା ଦେବୀଙ୍କୁ ଅସମ୍ମାନ କରୁଛନ୍ତି ତାର କାରଣ ହେଲା ସେମାନେ ମଦ ମାଂସରେ ମାତାଲ ହେଉଛନ୍ତି, ଏହା ସୂଚାଇଦିଏ ସାମାଜିକ ସମସ୍ୟାକୁ । ବାସ୍ତବରେ ଏ ଗଳ୍ପଗୁଡିକରେ ସାମାଜିକ କଲ୍ୟାଣର ବାର୍ତ୍ତାଦେଇ ସାମାଜିକ ପ୍ରତିବଦ୍ଧତାର ସ୍ୱରୂପକୁ ଉଦଘାଟନ କରିଛନ୍ତି । ଅନ୍ୟ ଏକ ଗଳ୍ପ - ପାପୀ ଗଳ୍ପରେ ଆଜିର ଯୁବଗୋଷ୍ଠୀ ଚାନ୍ଦା ଅସୁଲ କରିବା ଓ ଗରିବ ଲୋକଙ୍କ ଅସହାୟତାକୁ ନବୁଝିବା ଏକ ମୁଖ୍ୟ ସମସ୍ୟା ରୂପେ ଆଜିର ସମାଜରେ ଉଭା ହୋଇଛି । ଗ୍ରୀନରୁମରେ ମିନିଅପା ଗଳ୍ପରେ ଯୌତୁକ ସମସ୍ୟା ଭଳି ସମସ୍ୟା, ଦାୟାଦ ଗଳ୍ପରେ ରାଜନେତାଙ୍କ ସ୍ୱାର୍ଥପରତା ତଥା ଲୋକଙ୍କୁ ଭୁଆଁ ବୁଲାଇ ଭୋଟ୍ ହାସିଲ୍ କରିବା ପ୍ରଭୃତି

ISSN NO.
2582-208X

ଦର୍ଶାଇ ଦିଏ ଏକ ସମସ୍ୟାକୁ । ପାପ ପୃଥିବୀ ଗଳ୍ପରେ ପୋଲିସ୍ କର୍ମଚାରୀଙ୍କ ଦୋରାତ୍ମ୍ୟ ଓ ନାରୀ ନିର୍ଯ୍ୟାତନାକୁ ଇଙ୍ଗିତ କରେ ସାମାଜିକ ସମସ୍ୟାକୁ । ଘାତକ ଗଳ୍ପରେ ପାରିବାରିକ ସମସ୍ୟା କଥାକୁ ରଘୁ ଓ ସାବିତ୍ରୀ ମଧ୍ୟରେ କାଂଚନର ଆଗମନ ତାଙ୍କ ବୈବାହିକ ଜୀବନକୁ ଅତିଷ୍ଠ । ରେବତୀ ଗଳ୍ପରେ ଗାଳ୍ପି ନାରୀର ସଂହାରମୟୀ ରୂପ କଥା ଦର୍ଶାଇଛନ୍ତି । ନିଶାଖୋର, ମଦ୍ୟପ ବାପା ଯେତେବେଳେ ଯୌନକାମନା ପାଇଁ ରେବତୀକୁ ଆମନ୍ତ୍ରୀତ କରିଛି, ସେତେବେଳେ ରେବତୀ ଆକ୍ରମଣାତ୍ମକ ଢଙ୍ଗରେ ବାପାର ଛାତିରେ ଛୁରୀ ଭୁସି ଦେଇଛି । ଏହା ନାରୀର ପ୍ରତିବାଦିତା ଗୁଣକୁ ସୂଚାଇ ଦିଏ । ଉପରୋକ୍ତ ଗଳ୍ପ ସମୂହରେ ଗାଳ୍ପିକ ଶ୍ରୀସାହୁ ସାମାଜିକ ସୁସ୍ଥତା କାମନା କରି ପାଠକ ସମାଜକୁ ଅନେକ ବାର୍ତ୍ତା ଦେବା ସହ ସାମାଜିକ ପ୍ରତିବଦ୍ଧତାର ଚିତ୍ରକୁ ଅତି ସୁନ୍ଦର ଭାବେ ଉପସ୍ଥାପନା କରିଛନ୍ତି ।ବାସ୍ତବରେ ଗାଳ୍ପିକଙ୍କ ଏହି ସଦୁଦ୍ୟମ ପ୍ରଂଶସନୀୟ ।

ରସ ଚର୍ଯ୍ୟା ଦୃଷ୍ଟିରୁ ବିଚାର କଲେ ଜଣାପଡିଥାଏ ଯେ ଗାଳ୍ପିକଙ୍କ ଅନେକ ଗଳ୍ପ ରସର ପ୍ରାଚୁର୍ଯ୍ୟରେ ପରିପୂର୍ଣ୍ଣ । ଶୃଙ୍ଗାର, ବୀଭତ୍ସ, କରୁଣ, ଶାନ୍ତ, ଭୟାନକ, ହାସ୍ୟ, ରୌଦ୍ର ପ୍ରଭୃତି ରସର ପ୍ରୟୋଗ କରି ଲେଖକ ଏକ ମହତ୍ତର ଶୈଳୀ ଆଡ଼କୁ ସୂଚିତ କରଛନ୍ତି । ଲେଖକଙ୍କ ଚମ୍ପାବଣ ସଂକଳନସ୍ଥ ପୁଅ, କାହାଣୀ କାଠଚମ୍ପା ଗଳ୍ପସଂକଳନର ପ୍ରାର୍ଥନାର ପରିଭାଷା ଏବଂ ପ୍ରହେଳିକା ଗଳ୍ପରେ ମଧ୍ୟ ବାତ୍ସଲ୍ୟ ରସର ପରିପ୍ରକାଶ କରାଯାଇଛି । ସୁତରାଂ ଗାଳ୍ପିକ ବିଷ୍ଣୁ ବାବୁଙ୍କ କଥା ସୃଷ୍ଟିରେ ରସଚର୍ଯ୍ୟାର ମହତ୍ୱ ପାଠକ ସହଜରେ ଉପଲବ୍ଧି କରିପାରେ ।

ବାସ୍ତବବାଦ ସହ ସାଂପ୍ରତିକ ସମୟର ସ୍ୱର ମଧ୍ୟ ତାଙ୍କ କେତେକ ଗଳ୍ପକୁ ଆଚ୍ଛାଦିତ କରିଛି । ସେ ଚଳନ୍ତି ସମୟର ଚର୍ଚ୍ଚିତ ଘଟଣା, ମୁଖ୍ୟ ଭାବେ ଆମ ଜନଜୀବନକୁ ପ୍ରଭାବିତ କଲା ଭଳି ସ୍ୱର ମଧ୍ୟ ତାଙ୍କ ଗଳ୍ପରେ ସ୍ଥାନିତ କରିଛନ୍ତି । ଭବିଷ୍ୟତବାଣୀ ଗଳ୍ପରେ ଆମର ଚିନ୍ତାଧାରା ଓ ମାନସିକତାର କିପରି ମହାପୁରୁଷମାନଙ୍କୁ ଜାଣିବାର ଉତ୍ସୁକତା ନାହିଁ, ସମ୍ମାନ ପ୍ରଦର୍ଶନ ପାଇଁ ସମୟ ନାହିଁ ତାର ଚିତ୍ର ଲକ୍ଷ୍ୟକରାଯାଏ । ମଧୁବାବୁଙ୍କ ଜନ୍ମ ଜୟନ୍ତୀରେ ଉଲଗ୍ନ ନୃତ୍ୟ ପରିବେଷଣ ତଥା ନୃତ୍ୟାଙ୍ଗନା ଉଷସୀ ର ବିଚିତ୍ର ପ୍ରଶ୍ନ ମଧୁବାବୁଙ୍କୁ ନେଇ ଦର୍ଶାଇଦିଏ, ଆମର ପରିବର୍ତ୍ତିତ ଜୀବନଶୈଳୀକୁ । ଏହା ଚଳନ୍ତି ସମୟର ଏକ ଚର୍ଚ୍ଚିତ

ISSN NO.
2582-208X

ଘଟଣାକୁ ଇଙ୍ଗିତ କରେ । ସେହିପରି ଗୋଟିଏ ବ୍ୟାଘ୍ରାକାନ୍ତ ମହିଳାଙ୍କ ସଂପର୍କରେ ଗଳ୍ପରେ ଅତିଭୌତିକ ଶୈଳୀର ପ୍ରୟୋଗ ସହ କାହାଣୀରେ ଉପକାହାଣୀର ସଂଯୋଜନା କରିଛନ୍ତି ।

ସ୍ଥିତିବାଦୀ ଚିନ୍ତାଚେତନା ମଧ୍ୟ ତାଙ୍କ କେତୋଟି ଗଳ୍ପର ଭାବପ୍ରସ୍ତକୁ ଆଚ୍ଛନ୍ନ କରିଛି। ଗଳ୍ପରେ ପ୍ରଚୁର ପରିମାଣରେ ସମ୍ବେଦନଶୀଳତା ସାଙ୍ଗକୁ ଆମ ସାମାଜିକ ଜୀବନର ସୁଖ ସ୍ୱାଚ୍ଛନ୍ଦ୍ୟକୁ ଅତି ମର୍ମସ୍ପର୍ଶୀ ଭାବେ ଗଳ୍ପର କଳେବରେ ଅଙ୍କନ କରିଛନ୍ତି ଶ୍ରୀ ସାହୁ । କେବଳ କଥାବସ୍ତୁର ଚମତ୍କାରିତାରେ ନୁହେଁ, ବରଂ ଚରିତ୍ର ଚିତ୍ରଣ ଗତ କଳାକୁଶଳତା ମଧ୍ୟ ତାଙ୍କ ପାରଦର୍ଶୀ ଲେଖନୀ ମହନୀୟତା ପ୍ରକାଶ କରିଛି । ଗାଳ୍ପିକଙ୍କ ଶିଳ୍ପୀମନର ଯାଦୁଗରୀ ସ୍ପର୍ଶରେ ଚରିତ୍ରଗୁଡିକ ଅତ୍ୟନ୍ତ ଜୀବନ୍ତ ହୋଇ ଉଠିଛନ୍ତି । ସତରେ ପୁରୁଷ ହୁଅନ୍ତୁ ଅବା ନାରୀ ଅବା ଶିଶୁ କି ମାନବେତର ପ୍ରାଣୀ ସମସ୍ତେ ଗୋଟିଏ ଗୋଟିଏ ଅନନ୍ୟ ସୃଷ୍ଟି । ସାଧାରଣ ଜନଜୀବନ ଠାରୁ ଆରମ୍ଭ କରି ସଂଭ୍ରାନ୍ତ ମଣିଷର ଜୀବନ ଚର୍ଯ୍ୟାକୁ ଅତି ଜୀବନ୍ତ ଓ ମର୍ମସ୍ପର୍ଶୀ ଢ଼ଙ୍ଗରେ ଉପସ୍ଥାପନ କରିବା ତାଙ୍କ ଲେଖକୀୟତାର ସର୍ବଶ୍ରେଷ୍ଠ ଗୁଣ। ସେ ଗଳ୍ପର କଥନ ଭାଗକୁ ଏପରି ଢ଼ଙ୍ଗରେ ଅଗ୍ରଗତି କରାଇଥାନ୍ତି ଯେ ପାଠକଟିଏ ଆତ୍ମବିଭୋର ହୋଇ ତନ୍ନ ତନ୍ନ କରି ଆରମ୍ଭରୁ ଯବନିକା ପର୍ଯ୍ୟନ୍ତ ଆମୂଳଚୂଳ ଏକ ମନରେ ଅଧ୍ୟୟନ କରିବାକୁ ବାଧ୍ୟ ହୋଇପଡିଥାଏ । ପାଠକକୁ ଗଳ୍ପ ମଧ୍ୟରେ ବାନ୍ଧିରଖିବାର କଳା ତାଙ୍କୁବେଶ୍ ଜଣା । ସେ ଫେସନ୍ ଧର୍ମୀ କି ଷ୍ଟାଇଲିଷ୍ଟିକ୍ ଗାଳ୍ପିକ ନୁହଁନ୍ତି ବରଂ ଆମସମାଜର ଦୈନନ୍ଦିନ ଘଟଣା ଉପଘଟଣାକୁ ସୁନ୍ଦର ସାଜସଜ୍ଜା ଦେଇ ବାସ୍ତବ ରୂପରେଖକୁ ଉପସ୍ଥାପନ କରିପାରୁଥିବା ଜଣେ ଆବେଗବାନ ନିଷ୍ଠାପର ଶିଳ୍ପୀ ହେଉଛନ୍ତି କଥାକାର ଶ୍ରୀ ବିଷ୍ଣୁ ସାହୁ । ସମକାଳୀନ ଗଳ୍ପଧାରାରେ ଯାହାଙ୍କ ଖ୍ୟାତି ବେଶ୍ ସୁଦୃଢ଼ ଓ ପରିପକ୍ୱ । ସେ ଅନ୍ୟ ଗାଳ୍ପିକଙ୍କ ତୁଳନାରେ ନିଜକୁ ବେଶ୍ ସ୍ୱତନ୍ତ୍ର ଭାବେ ତିଆରିଛନ୍ତି । କାରଣ କାବ୍ୟିକତା, ନାଟକୀୟତା, ଦ୍ୱନ୍ଦ୍ୱ, ଉତ୍କଣ୍ଠାର ଭରପୂର୍ ସମାଗମ ତାଙ୍କ ଗଳ୍ପକଳାକୁ କରିଛି ଆହୁରି ରୁଚିବନ୍ତ ଓ ସୌନ୍ଦର୍ଯ୍ୟବନ୍ତ। ତାଙ୍କ ଗଳ୍ପର ବୈଶିଷ୍ଟ୍ୟ ନିରୂପଣ କରି ବିଶିଷ୍ଟ ସମାଲୋଚକ ବାଉରୀବନ୍ଧୁ କର କହନ୍ତି---"ବିଷ୍ଣୁ ସାହୁଙ୍କ ଗଳ୍ପର ପରିସର ଭାବବସ୍ତୁ ଦୃଷ୍ଟିରୁ ଯେପରି ବ୍ୟାପକ, ଅନ୍ତର୍ମୁଖୀନତା ଓ ମନୋବିଶ୍ଳେଷଣ ନୈପୁଣ୍ୟରେ ତାଙ୍କ ଗଳ୍ପର ବୈଚିତ୍ର୍ୟ ସେହିପରି ଅନନ୍ୟ । ନିଗୂଢ଼ ଆସ୍ତିକ ଭାବନା ସହିତ ଆମର ମାଟି, ପାଣି, ପବନର ସ୍ୱର ତାହାଙ୍କ ଗଳ୍ପରେ ଅନୁରଣିତ । ସାଂପ୍ରତିକ ମଣିଷ ଜୀବନର ସମସ୍ତ ସଂଶୟ ଓ ପ୍ରତିବନ୍ଧକକୁ ଅତିକ୍ରମ କରି ଜାଗତିକ ଜୀବନର ସତ୍ୟ ଉନ୍ମୋଚନରେ ତାଙ୍କ ଗଳ୍ପ

ISSN NO.
2582-208X

ସତତ ଚେଷ୍ଟିତ ।" (ବର୍ତ୍ତିକା, ପଚଂଦଶ ବର୍ଷ, ଚତୁର୍ଥ ସଂଖ୍ୟା, ଦଶହରା ବିଶେଷାଙ୍କ, ୨୦୧୧, ପୃଷ୍ଠା--୮୯୧) ଏହି ମନ୍ତବ୍ୟର ସାରବତ୍ତା ବିଷ୍ଣୁବାବୁଙ୍କ ଗଳ୍ପର ସ୍ୱତନ୍ତ୍ରତାକୁ ଚିହ୍ନଟ କରିବା ସହ ତାଙ୍କ ଲିଖନଶୈଳୀର ପରାକାଷ୍ଠାକୁ ଦର୍ଶାଇଦିଏ । ତେଣୁ ମୋଟା ମୋଟି ଭାବରେ କହିବାକୁ ଗଲେ କଥାଶିଳ୍ପୀ ବିଷ୍ଣୁ ସାହୁ ଚଳନ୍ତି ସମୟର ଜଣେ ଆଗଧାଡିର ଗଳ୍ପକାର, ଯାହାଙ୍କ କୃତିରାଜିରେ ନିମଜ୍ଜିତ ହୋଇ ରହିଛି ଆମସାମାଜିକ ଜୀବନର ହସଲୁହ ଭରା ଆବେଗତା ଓ ଲହୁଲୁହର ବାସ୍ତବ ପ୍ରତିଛବି । ଗ୍ରାମୀଣ ଜୀବନର ସଫଳ ଚିତ୍ରକର ଭାବେ ସେ ବେଶ୍ ପରିଚିତ । ସାଧାରଣ ବିଷୟବସ୍ତୁ ମଧ୍ୟରେ ଆସାଧାରଣ ମଂଜି ବୁଣି ଦେଇ ସେ ଅତ୍ୟନ୍ତ ମର୍ମସ୍ପର୍ଶୀ ଭାବବସ୍ତୁର ପରିକଳ୍ପନା କରନ୍ତି । ଅତୀତ ପଣକୁ ଝୁରିହେବା ସହ ତାଙ୍କ ଗଳ୍ପର ଆବେଗମୟତା ପାଠକୁ ବେଶ୍ ବାନ୍ଧି ରଖିଥାଏ । ଗାଁର ବିଲୁପ୍ତ ପର୍ବପର୍ବାଣୀ ବିଷୟରେ ହେଉ ଅବା, ସାଂସ୍କୃତିକ ବିଭବ ବିଷୟ ହେଉ, ଗାଁର ରୂପବିଭବ ହେଉ ଅବା ଗ୍ରାମ୍ୟ ଜନତାର କଥା, ମୃଦଙ୍ଗ, ଝାଂଜ ଓ କରତାଳିରେ ସମବେତ ଜନତାଙ୍କ କଥା ଅବା ରଙ୍ଗ ବେରଙ୍ଗ ପୋଷାକ ପିନ୍ଧି, ମୁହଁରେ ରଙ୍ଗ ବୋଳି ସାଧାରଣ ଜନତାଙ୍କ ଆଗରେ ନାଚି ହର୍ଷ ଉଲ୍ଲାସ ପ୍ରଦର୍ଶନ କରୁଥିବା ମଣିଷର କଥା ଅତ୍ୟନ୍ତ ଜୀବନ୍ତ ଢ଼ଙ୍ଗରେ ସେ ଚିତ୍ରଣ କରିଛନ୍ତି । ପୁନଶ୍ଚ ସାମାଜିକ ମଣିଷ ଠାରୁ ମାନବେତର ଜୀବଗୁଡିକୁ ଅଧିକ ମାନବିକ ଗୁଣାବଳୀ ସଂପନ୍ନ କରି ସେ ଚିତ୍ରଣ କରିଛନ୍ତି । ପୁରୁଷ ହୁଅନ୍ତୁ ବା ନାରୀ ସମସ୍ତଙ୍କୁ ସେ ସଠିକ୍ ରୂପେ ମନନୟନ କରି ତାର ବିଶ୍ଲେଷଣ କରିବାରେ ସେ ଏକ ଯାଦୁଗରୀ ବିନ୍ଧାଣୀ ସାଜିଛନ୍ତି । ଜଣେ ସଚ୍ଚୋଟ ପଲ୍ଲୀ ପ୍ରେମୀର ମାନସିକତା ନେଇ ଗାଁର ଗ୍ରାମତ୍ୱ ଫେରାଇ ଆଣିବା ପାଇଁ ସତେକି ସେ ହୋଇଛନ୍ତି ବଦ୍ଧପରିକର ।

ଏହା ବ୍ୟତୀତ ଲେଖକଙ୍କ ଭାଷାପ୍ରୟୋଗ ରୀତି ମଧ୍ୟ ଦର୍ଶାଇଦିଏ ତାଙ୍କ ଗଳ୍ପକଳାର ଅନ୍ୟତମ ବିଶେଷତ୍ୱକୁ । ନିମ୍ନରେ ତାର କେତୋଟି ଦୃଷ୍ଟାନ୍ତ ଆଲୋଚନା କରାଗଲା-----

ଚିତ୍ରକଳ୍ପର ପ୍ରୟୋଗ—"କାନ୍ଥରେ ଫଡ୍ ଫଡ୍ ଉଡୁଥାଏ ଦୁଇଟି କ୍ୟାଲେଣ୍ଡର, ତଳେ ପଡି ଛଟପଟ ହେଉଥିବା ଡେଣା ଭଙ୍ଗା ଦୁଇଟି ଚଢେଇ ପରି ।" (ଦେହାଗ୍ନି, ପୃଷ୍ଠା--୯) "କାନ୍ଥଘଣ୍ଟାର ଟିକ୍ ଟକ୍ ଶବ୍ଦ ଏଭଳି ପ୍ରାଂଜଳ ଭାବରେ ଶୁଭୁଥିଲା ଯେ, ତାହା ଲାଗୁଥିଲା କୌଣସି ବିଧ୍ୱଂସୀ ଟାଇମ୍ ବମ୍ ର ଅନ୍ତିମ ଚେତାବନୀ ପରି ।" (ଅପାର୍ଥିବ, ଦେହାଗ୍ନି, ପୃଷ୍ଠା--୧୪୯) ପ୍ରତୀକ –"ଏ ଜୀବନ କେଡେ ଛୋଟ, ଅଥଚ ଯନ୍ତ୍ରଣା କିଭଳି ଅସୀମ ଓ ବିସ୍ତୃତ । ଜରା ରୋଗ, ମୃତ୍ୟୁ ମଣିଷକୁ ଯେମିତି ଚାପିଦଉଚି କେଉଁ ଗହ୍ୱରକୁ, ବାମନର

ISSN NO.
2582-208X

ତୃତୀୟ ପାଦ ପରି ।" (ପ୍ରାର୍ଥନାର ପରିଭାଷା, ପୃଷ୍ଠା--୫୨ ) ଏଠାରେ ବାମନର ପାଦ ଏକ ଚତ୍ମକାର ପ୍ରତୀକଟିଏ ।

ମିଥ୍ ର ପ୍ରୟୋଗ—"ତାଙ୍କୁ ଲାଗୁଛି ତାଙ୍କ ପାଦ ତଳେ ମୁଠାଏ ମାଟି ନାହିଁ କି ମୁଣ୍ଡ ଉପରେ ଚେନାଏ ଆକାଶ ନାହିଁ । ସେ ଏକା, ନିଃସଙ୍ଗ, ନିଃସହାୟ । କାହା ସହିତ ତାଙ୍କର କିଛି ସଂପର୍କ ନାହିଁ ।xxx ତାଙ୍କୁ ଲାଗୁଥିଲା,ସେ ଯେମିତି ଦ୍ରୋପଦୀ । କୁରୁସଭାରେ କୌଣସି ଦୁର୍ବୃତ୍ତ ତାଙ୍କ ବସ୍ତ୍ରହରଣ କରି ନେଉଛି ।" (ରଜଛୁଟିରେ ଗାଁ, ଚମ୍ପାବଣ, ପୃଷ୍ଠା--୫୬ )

ଲୋକୋକ୍ତିର ବ୍ୟବହାର--"ଯେସାକୁ ତେସା, ହାରାମ ଜାଦାକୁ ଟାଙ୍ଗିଆପସା ।" (ବାର୍ଷିକ ପରୀକ୍ଷା ଓ ବଟିଆନ୍ନା, ଜହ୍ନରାତିର ହୃଦୟ, ପୃଷ୍ଠା--୧୧୪) "ଲଙ୍କାରେ ହରିଶବ୍ଦ" (ବିସମବାହୁ ତ୍ରିଭୁଜ, ଦେହାଗ୍ନି, ପୃଷ୍ଠା--୧୨୬ ) "ମାଙ୍କଡ଼ ଗଳାରେ ମୁକୁତା ହାର" (ମୁଠାଏ ଚେନାଚୁର୍ ର ମହକ, ଗୋଟିଏ ଗାଁର ଚିତ୍ରପଟ,ପୃଷ୍ଠା--୧୬୦)

ଲୋକଗୀତ ଶୈଳୀର କବିତା—"ଆମକୁନା ପରି କିଏ ହବ,
ଉଡିଯାଉଥିବା ସୁବର୍ଣ୍ଣ ଚଢେଇ ,
ଧରିଆଣି କିଏ ଦବ!(ଦୁଃଖର ଚାରିକାନ୍ଥ,ପୃଷ୍ଠା--୦୯)

ନାଟକୀୟତାର ପ୍ରୟୋଗ---

ସୁଡ଼ଙ୍ଗ ଗଳ୍ପରେ ପ୍ରଶାନ୍ତକୁ ନିଜ ସ୍ତ୍ରୀ ସରିତା ମାମୁଁ ମାଈଙ୍କ ବିଷୟରେ କହି ଉଠିଛି--

"କଣ ଅପରେସନ୍ ହେଲା ?

--ନା

--ନା,ମାନେ ?

--ଏକୋଇଶ ଦିନ ପରେ ହେବ ।

--କାହିଁକି ?

--ମାଈଙ୍କର ୟୁସୋନୋଫେଲିଆ ବଢିଯାଇଛି । ଡାକ୍ତରମନା କରିଦେଲ ।

---ସେମାନେ କଣ ରହିବେ ସଇଠି ?

---ଆଉ ଉପାୟ କଣ ?

ISSN NO.
2582-208X

---ସେ ଉପାୟ ମୋତେ ଜଣା ଅଛି । ତମ ଆଉ ଡାକ୍ତରଖାନା ଯାଇପାରିବ ନାଇଁ। ସେମାନେ ସେମାନଙ୍କ କଥା ବୁଝନ୍ତୁ" (ସୁଡ଼ଙ୍ଗ, ଶେଷସନ୍ଧ୍ୟାର ସଂଗୀତ, ପୃଷ୍ଠା--୪୫)

ଏହି ନାଟକୀୟ ସଂଳାପ ପାଠକ ମନରେ ବେଶ୍ ଆକର୍ଷଣୀୟ ହେବା ସହ ଉତ୍କଣ୍ଠିତ ପରିବେଶକୁ ସୂଚିତ କରେ । ବସ୍ତୁତଃ ଏହି ଆଲୋଚନାରୁ ସ୍ପଷ୍ଟ ଅନୁମେୟ ହୁଏ ଯେ ଗାଳ୍ପିକ ବିଷ୍ଣୁ ସାହୁ ସମକାଳୀନ ଓଡିଆ ଗଳ୍ପ ଜଗତରେ ଏକ ପରିଚିତ ତଥା ଲୋକପ୍ରିୟ ନାମ।ଯାହାଙ୍କ ଗଳ୍ପର ସୀମା ସରହଦ ଅନେକ ପରିମାଣରେ ପରିବ୍ୟାପ୍ତ । ସାମାଜିକ ଜୀବନ ଚର୍ଯ୍ୟା ଠାରୁ ଆରମ୍ଭ କରି ଅସହାୟ ନିରୀହ ମଣିଷର ଜୀବନରଚିତ୍ର ପ୍ରଦାନ କରିବାରେ ସେ ବେଶ୍ ସିଦ୍ଧହସ୍ତ । ସାମାଜିକ କଲ୍ୟାଣର ବାର୍ତ୍ତା ତାଙ୍କ ଅନେକ ଗଳ୍ପରେ ପ୍ରତିଭାତ । ସରଳ, ସାବଲୀଳ ଭାଷାର ପ୍ରୟୋଗ ସାଙ୍ଗକୁ ମିଥ୍, ଚିତ୍ରକଳ୍ପ ଓ ପ୍ରତୀକର ଅଭିବ୍ୟଂଜନା ତାଙ୍କ ଶିଳ୍ପ ଚାତୁରୀର ଅନ୍ୟତମ ଦିଗକୁ ଚିହ୍ନଟ କରେ । ତାଙ୍କ ଗଳ୍ପର ବର୍ଣ୍ଣନା ପାଟବତା ଯେପରି ସୁନ୍ଦର, ସେହିପରି କାହାଣୀ ଗୁମ୍ଫନରୀତି ମଧ୍ୟ ଅନନ୍ୟ। ତେଣୁ ପରିଶେଷରେ ଏତିକି କୁହାଯାଇପାରେ ଯେ ସାଂପ୍ରତିକ କାଳର ଜଣେ ବହୁଚର୍ଚ୍ଚିତ ତଥା ଲୋକପ୍ରିୟ ଗଳ୍ପକାର ଭାବେ ଗାଳ୍ପିକ ବିଷ୍ଣୁ ସାହୁଙ୍କ ଖ୍ୟାତି ସୁବିଦିତ ଏଥିରେ ତିଳେମାତ୍ର, ସନ୍ଦେହ ନାହିଁ ।

---------

ବିଭାଗୀୟ ମୁଖ୍ୟ, ଓଡିଆ ଭାଷା ଓ ସାହିତ୍ୟ ବିଭାଗ
ଜମଲା ଡିଗ୍ରୀ ମହାବିଦ୍ୟାଳୟ, ଜମଲା
ପଦ୍ମପୁର, ବରଗଡ଼---୭୬୮୦୪୯
ମୋ---୯୬୬୮୨୪୩୪୦୫

ISSN NO.
2582-208X

# ଶ୍ରୀକୃଷ୍ଣଙ୍କ ବଂଶୀ



ବାସନ୍ତୀ ଲତା ଜେନା

ବାଉଁଶ ନାଳୀରେ ତିଆରି ହୁଅଇ
ନାମ ଗୋଟିଏ ବାଦ୍ୟର
ଦୁଇଟି ପ୍ରକାର ବଂଶୀଟି ଯେ ଥାଏ
ରାଧା କୃଷ୍ଣ ବଂଶୀ ସ୍ୱର ।୧।
ଗୋଟିଏ ମୁଣ୍ଡର ରନ୍ଧ୍ରରେ ଫୁଙ୍କିଲେ
କୁହାଯାଏ ରାଧା ବଂଶୀ
ଅନ୍ୟ ବଂଶୀଟିର ପାର୍ଶ୍ୱସ୍ଥ ଛିଦ୍ରରେ
ଫୁଙ୍କି ଦେଲେ କୃଷ୍ଣ ବଂଶୀ ।୨।
ପୌରାଣିକ ମତେ କୃଷ୍ଣ ବଂଶୀ ସ୍ୱନ
ବଶୀକରଣ ମୋହନ
ସ୍ତମ୍ଭନ ଉଚ୍ଚାଟନ ଚାରି ଅବସ୍ଥା
ଶ୍ରେଣୀ ବିଭାଗ ବର୍ଣ୍ଣନ ।୩।
କୃଷ୍ଣଙ୍କ ମୋହନ ବଂଶୀ ସ୍ୱନ ଶୁଣି
ରାଧା ହୁଅନ୍ତି ଅସ୍ଥିର
ବ୍ରଜ ବାଳୀ ଗଣ ପ୍ରେମ ରସେ ବୁଡି
ରାସ ଲୀଳାରେ ଅଧୀର ।୪।
ଶାଶ୍ୱତ ପ୍ରେମ ଯେ ତାଙ୍କର ତ ଥିଲା


ISSN NO.
2582-208X

ପବିତ୍ର ଯେ ଗଙ୍ଗା ଜଳ
ଗୋପ ଗୋପୀ ସଙ୍ଗେ କୃଷ୍ଣ ଭାବ ଲୀଳା
କାନନ ଯମୁନା କୂଳ ।୫।
ଏକ ପବ ଗଢ଼ା ବାଉଁଶର ବଂଶୀ
ବ୍ରହ୍ମ ଦେବଙ୍କର ଦାନ
କୃଷ୍ଣ ଅବତାରେ କାହ୍ନାକୁ ମିଳିଲା
ଶିଖାଇଲେ ଗୋବର୍ଦ୍ଧନ ।୬।
ଏହି ବଂଶୀଟିକୁ ମୁରଲୀ କହନ୍ତି
ବାଜିଲେ ମଦନ ଜ୍ୱାଳା
ତିନୋଟି ଭୁବନ ବଶିଭୂତ ହୁଏ
ଶ୍ରୀକୃଷ୍ଣଙ୍କ ଏହା ଲୀଳା ।୭।
ଗାଇ ଚରାଅନ୍ତି ମୁରଲୀ ବଜାନ୍ତି
ଗୋପ ବାଳକ ସାଙ୍ଗର
ବାଉଁଶ ତିଆରି ବଂଶୀକୁ କହନ୍ତି
ଆନନ୍ଦିନୀ ମିଠା ସ୍ୱର ।୮।
ମଣିମୟ ବଂଶୀ ସମୋହିନୀ ହୁଏ
ଆକର୍ଷଣୀ ମଧୁ ଝରା
ତ୍ରିଭୁଙ୍ଗ ଠାଣିରେ ବଂଶୀ ବାଜାଅନ୍ତି
ହସି ଉଠେ ବସୁନ୍ଧରା ।୯।
ଆନନ୍ଦିନୀ ବଂଶୀ କଳାକାହ୍ନୁଙ୍କର
ସବୁ ଦିନ ବାଜୁ ଥାଉ
ବଂଶୀ ସ୍ୱର ଶୁଣି ଦୁଃଖ ଦୂର ହେଉ
ଜଗତ ଉଦ୍ଧାର ହେଉ ।୧୦।

ଗାନ୍ଧୀନଗର, ନବରଙ୍ଗପୁର

ISSN NO.
2582-208X

# କଳାଚାନ୍ଦ



ସତ୍ୟନାରାୟଣ ପ୍ରସାଦ ନାୟକ

ଶିରରେ ତୁଳସୀ ମହ ମହ ବାସେ
ଦୟଣା ଚୂଳରେ ହସେ
କାଳଆ କରୁଣା ପାଇବା ନିମନ୍ତେ
କଳାଚାନ୍ଦ ପାଖେ ରକ୍ଷେ ।
କମନୀୟ କାନ୍ତି ଦିଶେ ଅନୁପମ
ସଂସାର ଜାଲ ବିଷମ
ମାୟା ବନ୍ଧନରୁ ମୁକ୍ତ କରିଦିଅ
ନେଉଛି ତୁମ ଶରଣ ।
ଜଗତ ହିତରେ ତୁମରି ମହିମା
ନ ଥାଏ ତାହାର ସୀମା
ଜଣାଣ ଭିତରେ ଶବ୍ଦର ଯାଦୁରେ
କିଏ କରିବ କଳ୍ପନା !
ଗଗନ ବିସ୍ତାରୀ ଲୀଳା ଅସୁମାରୀ
ଜାଣି ହୁଏ ନାହିଁ ଜମା
ଗୂଢ଼ ତତ୍ୱସବୁ ରହସ୍ୟ ଭିତରେ
ନାହିଁ ତା'ର ପରିସୀମା ।

ନମସ୍ୟ ହେ ପ୍ରଭୁ ଚର ଉପାସ୍ୟ
ତୁମେ ତ ନାଥ ମହୀରେ
ନତ ଜାନୁ ହୋଇ ପ୍ରଣତି ଜଣାଏ
ବସିଛ ନୀଳ କନ୍ଦରେ ।
ଥକଗଲେ ତୁମେ ଭରିଦିଅ ଶକ୍ତି
ଭବର ଠାକୁର ହରି
ନୀଳଚକ୍ରେ ନେତ ଉଡେ ଫର ଫର
ବରଷି କରୁଣା ବାରି ।

ରଥ ରୋଡ, ଭୁବନେଶ୍ୱର
Mob.-9437764014

ISSN NO.
2582-208X

# ଆସ ଗଢ଼ିବା ଆମ ରାଇଜ



ଛବି ରାଣୀ ପତି

ଆମ ସମ୍ବିଧାନେ ଗଢ଼ିବା ଆମର
କୁଟା କାଠିର ସଂସାର
ପ୍ରଭୁ ଙ୍କ ଚରଣେ ମଥା ନତେ ହେବା
ପ୍ରିୟ ଭଜନ ସବୁର ।

କର୍ତ୍ତବ୍ୟ ନିପୁଣ ଓ କର୍ମ ପ୍ରବଣ
ହେବ ମୂଳ ମନ୍ତ୍ର ଆମ
ଜୀବନର ତରୀ ଆନନ୍ଦରେ ଭରି
ବରସୁଥିବ କୁସୁମ ।

ଆଦର୍ଶ ଆମର ଆମେ ନିଜେ ହେବା
ନିମାରିବା ବାହାସ୍ଫୋଟ
ଅକ୍ଷରେ ସ୍ୱାକ୍ଷର ଖାଲିଯେ ନହୋଇ
ଧରିବା ବେବକ ଗୃଟ ।

ବିଶ୍ୱର ଭୂଗୋଳ ଯାହା ତ ହେଲାଣି
ଅନୁସରି ଇତିହାସ
ଭବିଷ୍ୟତର ସେ ଶୂନ୍ୟ କାନଭାସରେ
ଦିଶେ ତୁଚ୍ଛ ପରିବେଶ ।

ଅନ୍ୟାୟ ଅନୀତି ବିରୁଦ୍ଧେ ବିପ୍ଳବ
କରୁଥିବା ଜେଗା ଦେଖି
ନ୍ୟାର୍ଯ୍ୟ ଅଧିକାର କାହାରି କାହାକୁ
ଦେବାନି ଜମା ପରଖି ।

ଶାସକ ଶାସିତ ଶୋଷଣ ରୁ ମୁକ୍ତ
ହେବ ଧରାକଳେବର
ନିଜ ନିର୍ମାଣ ରେ ହୋଇ ସ୍ୱାବଲମ୍ବୀ
ପୋଷିବେ ଶୁଦ୍ଧ ବିଗ୍ରର ।

ISSN NO.
2582-208X

କାମନା ବାସନା ରହିଛି ରହିବ
ଶୃଙ୍ଖଳାର ପ୍ରବିଧାନେ
ଆସୁରିକତା କୁ ଦୂରକୁ ଫିଙ୍ଗିବା
ଇଶ୍ୱରଙ୍କୁ ରଖି ଧ୍ୟାନେ ।

ଇର୍ଷା ହିଂସା ପରି ସଡ ରିପୁ ଆମ
ଥିବ ଅସ୍ଥି ମଜ୍ଜା ସଲ୍ୟେ
ସମାଜ ସଂସ୍କାର ସୁଧାର ସାଧନେ
ବ୍ରତୀ ହେବା ସାଧୁ ତୁଲ୍ୟେ ।

ଆବଶ୍ୟକ ସ୍ଥଳେ ହସି ହସାଇବା
ବାଣ୍ଟି ସ୍ନେହ ଶ୍ରଦ୍ଧା ଭକ୍ତ
ଶବାଧାରେ ଯଦି ଛୁଟିବେ ଶ୍ରଦ୍ଧାଳୁ
ପାଇବ ଦିବ୍ୟାତ୍ମା ମୁକ୍ତ ।

ସମ୍ପାଦିକା - ରାମକୃଷ୍ଣ ସାହିତ୍ୟ ସଂସଦ
ମଧ୍ୟ ଶାସନ, ବିରିଡ଼ି, ଜଗତସିଂହପୁର
ଫୋନ୍ -୯୩୩୭୯୬୦୦୬୦

ISSN NO.
2582-208X

# ପ୍ରାରମ୍ଭ ଯାହା ଭୁଲି ହୋଇନାହିଁ



ଅଳକା ରାୟ

ଧାରେ ଲୁହ
ଗାଁରେ ହସ
ଏଇତ ଜୀବନର ଅନନ୍ୟ ସତ୍ୟ
ପ୍ରାରମ୍ଭ ଯାହା ଭୁଲି ହୋଇନାହିଁ
ତାର ଶେଷ ସମୟ ଉପନିତ.......

ସାଙ୍ଗଙ୍କ ମେଳି
ଖୋ ଖୋ କବାଡି ଖେଳି
ଛାଡି ଆସିଲେ ବାଲ୍ୟକାଳ କୁ
ଏରୁଣ୍ଡି ବନ୍ଧ ରୁ ଗୋଡ଼ କାଢ଼ି
ମୁଠାରୁ ବାଲି ଖସିଲା ପରି
ଖସି ଖସି ସମୟ ଯାଉଛି ଚାଲି
ପ୍ରାରମ୍ଭ ଯାହା ଭୁଲି ହୋଇନାହିଁ
ତାର ଶେଷ ସମୟ ଆସିଗଲାଣି.......

ଇଟା ବାଲି ର ଘର ଟିଏ ତୋଳି
ତାଜମହଲ ସୁଖ ଅନୁଭବି ଲେ
ସେନେହ ପ୍ରେମ ର ମୁହୁର୍ତ୍ତ ମାନଙ୍କୁ

ISSN NO.
2582-208X

ସ୍ମୃତି ଫରୁଆରେ ସାଇତିଲେ
ସହି ଯାଇ ଯାହା କହି ନ ପାରିଲେ
କହିବାର ସମୟ ବିତି ଗଲାଣି
ପ୍ରାରମ୍ଭ ଯାହା ଭୁଲି ହୋଇନାହିଁ
ତାର ଶେଷ ସମୟ ଆସିଗଲାଣି ।

ସଂଘର୍ଷମୟ ଏ ଜୀବନ ରେ
ସଂଘର୍ଷ ର ଅବକାଶ କାହିଁ!
ସଂଘର୍ଷ ରେ ସୃଷ୍ଟି ଜୀବନ ଦୀପ ଟି
ସଂଘର୍ଷ ରେ ଉଜ୍ଜ୍ୱଳ ଦିଶିଲାଣି ।

ଭୁବନେଶ୍ୱର
୭୯୭୮୩୩୨୦୬୧

ISSN NO.
2582-208X

# ଉଠ୍ ପୁଟୁର୍



ଆରତୀ ସାହୁ (ଆଶା)

( ଭାଗ - ୨୯ )

ଏକାଦଶ ବୋର୍ଡ ପରୀକ୍ଷା ସେଣ୍ଟର ପଡ଼ି ଥାଏ ଆମ ସ୍କୁଲଠାରୁ ଅନେକ ଦୂରରେ ଏ ଛୋଟକାଟିଆ ଗ୍ରାମ କମ୍ ସହରରେ । ସବଡିଭିଜନ୍ ହେଡ କ୍ୱାର୍ଟର୍ । ଲାଗ ଲାଗ ପରୀକ୍ଷା। ସବୁଦିନ ଯାଇ ପରୀକ୍ଷା ଦେବା କଷ୍ଟକର ବ୍ୟାପାର । ତେଣୁ ସବୁ ପରୀକ୍ଷାର୍ଥୀ ମାନଙ୍କୁ ସେଠାକୁ ଯାଇ ରହିବାକୁ ପଡ଼ିଲା । ଯାହାର ଘର ସେହି ଆଖ ପାଖରେ ସେମାନଙ୍କ ପାଇଁ ତ କିଛି ଅସୁବିଧା ନଥିଲା । କିନ୍ତୁ ଆମେମାନେ, ଯଥା ମୁଁ, ସୂର୍ଯ୍ୟ, ଅରବିନ୍ଦ ଓ ମମତା ପାଇଁ ବଡ଼ ସମସ୍ୟା ହେଇ ଗଲା ।

ପରୀକ୍ଷା ପ୍ରବନ୍ଧକ କମିଟି ଏହି ସମସ୍ୟା ବିଷୟରେ କାହିଁକି ମୁଣ୍ଡ ଖେଳାଉ ନଥିଲା ଏହା ମୋତେ ବିସ୍ମୟକର ଲାଗେ ବର୍ତ୍ତମାନ ମଧ୍ୟ। ସେତେବେଳେ ତ ଆଉ ହୋଟେଲ୍, କି ପିଜି ନଥିଲା । ଦରିଦ୍ର ପରିବାରର ପିଲାମାନଙ୍କର କଥା ପଛକୁ ଥାଉ, ଥିଲା ବାଲା ଘର ଛୁଆ ମାନଙ୍କୁ ମଧ୍ୟ ଏହାର ସାମାନ୍ୟ ସମାଧାନଟିଏ ମିଳି ପାରୁ ନଥିଲା। ସେଣ୍ଟର ପାଖାପାଖି ଗ୍ରାମବାସୀ ମାନଙ୍କୁ ଯାଇ ତାଙ୍କ ହାତଗୋଡ଼ ଧରି ଅନୁନୟ ବିନୟ କରିବାକୁ ପଡୁଥିଲା। ଯଦି ଚିହ୍ନା ପରିଚୟର ସୂତ୍ର କିଛି ମିଳିଯାଏ ତ ଭଲ କଥା ନହେଲେ କନେକ୍ସନ୍ ବାହାର କରିବାକୁ ପଡୁଥିଲା।

ISSN NO.
2582-208X

ସେତେବେଳେ ଆମ ଆଡେ ପ୍ରାୟ ପ୍ରତି ଘରେ ଫଇଲାଟ୍ ଦାଣ୍ଡ ପିଣ୍ଡାଟିଏ ଅବଶ୍ୟ ରହୁଥିଲା। ଦାଣ୍ଡ ପିଣ୍ଡା ସଂଲଗ୍ନ ଏକ ବା ଏକାଧିକ କୋଠରୀ ରହୁଥିଲା। ଗୋଟିଏ କୋଠରୀ ଦାଣ୍ଡଘର ହିସାବରେ ଭିତର ଘର ସହିତ ସଂପୃକ୍ତ ରହୁଥିଲା ଓ ବାକି ଗୋଟିଏ ବା ଦୁଇଟି କୋଠରୀ ଭିତର ଘର ସହିତ ଅସଂଯୁକ୍ତ ହେଇ ରହୁଥିଲା । ବୋଧହୁଏ ବାହାରିଆ ବିଜାତୀୟ ଅତିଥି ମାନଙ୍କ ପାଇଁ ଏମିତି ବ୍ୟବସ୍ଥା ରହୁଥିଲା। ପ୍ରତି ଘରେ ଦୁଇଟି ଲେଖାଏଁ ପ୍ରବେଶ ଦ୍ୱାର ନିହାତି ରହୁଥିଲା, ଗୋଟିଏ ଦାଣ୍ଡ ପିଣ୍ଡା ଦେଇ ଓ ଆଉ ଗୋଟିଏ ସରୁଆ ଗଳି ବାଟ । ସେହି ଦାଣ୍ଡଘରେ ରହୁଥିବା ବିଜାତୀୟ ଅତିଥି ଗଳି ବାଟରୁ ଯାଇ ଖିଆ ପିଆ କରୁଥିଲେ । ନିତ୍ୟକର୍ମ ତ ସେଇ ବାହାରୁ ବାହାରୁ ଯାଇ ତୁଲେଇ ଆସୁଥିଲେ ନଈ, ବନ୍ଧ କିମ୍ବା ନାଳରେ । ପରୀକ୍ଷାର୍ଥୀ ମାନେ ଆସି ରହିଲେ ବି ସେଇ ଦାଣ୍ଡ କୋଠରୀ ମାନଙ୍କୁ ହିଁ ଦିଆ ଯାଉଥିଲା, ପଲା (ମାଗଣା)ହେଉ ବା ଭଡ଼ାରେ ହେଉ।

ଆଉ ଏମତିରେ ବି ଗଳି ବାଟଟା ହିଁ ବହୁଳ ଭାବରେ ବ୍ୟବହାର କରା ଯାଉଥିଲା । ଗଳିବାଟ ଥିବା ଦ୍ୱାରା ସୁବିଧା ଏଇଆ ହେଉଥିଲା ଯେ, ମେହେନ୍ତର, ମେହେନ୍ତରାଣୀ, ଧୋବା, ଭଣ୍ଡାରୀ ଇତ୍ୟାଦି ଅଛୁଆଁ ଲୋକ ମାନେ ସେହି ବାଟରୁ ପ୍ରବେଶ କରୁଥିଲେ । ଗାଇ ଗୋରୁ ମାନଙ୍କୁ ବଗାଳ ସେଇ ବାଟରେ ଅଡେଇ ନେଉଥିଲା । ବର ବିଦା, ବର ବନ୍ଦାଣ, ଝିଅ ବିଦା, ବୋହୂ ବନ୍ଦାପନା ସବୁ ସେହି ଗଳି ବାଟରୁ ହେଉଥିଲା । ଦାଣ୍ଡ କୋଠରୀ ଦରଜା ପ୍ରାୟ ଶିଙ୍କଳି, ହିଡ଼କା ଦିଆ ହେଇ ରହୁଥିଲା। କୌଣସି ନାମଜାଦା ଉଚ୍ଚ ପଦସ୍ଥ ଅତିଥି ଅଭ୍ୟାଗତଙ୍କ ସକାଶେ ଉଦ୍ଦିଷ୍ଟ ରହୁଥିଲା ଦାଣ୍ଡ ଦରଜା।

କେହି ଦେହକୁ ନ ନେବାକୁ ଏକାନ୍ତ ଅନୁରୋଧ ମୋର । ଆମ ସମୟର ଚଳଣି ସମ୍ବନ୍ଧରେ ଯେତେବେଳେ କଥା ଚାଲିଛି ଜାତି ପ୍ରଥାଟା ଛାଡ଼ିଯିବି କିଆଁ? ସେତେବେଳେ ଆମ ସମାଜରେ ଛୁଆଁ, ଅଛୁଆଁ ପ୍ରଥାର ଚଳଣୀ ଅତ୍ୟଧିକ ଭାବରେ ବ୍ୟାପ୍ତ ଥିଲା । ମାଆ ବର୍ଷକେ ଥରେ କାଚରାଣୀ ଝିଇ (ପିଇସୀ)ଙ୍କ ଠାରୁ କାଚ ପିନ୍ଧୁଥିଲା, ନହେଲେ କଦବାୟ କ୍ୱଚିତ ଯଦି କାଚ ତୁଟିଯାଏ ।

କାଚ ଭାଙ୍ଗିଲା ବୋଲି ସ୍ତ୍ରୀ ଲୋକ ମାନେ କହୁ ନ ଥିଲେ, କହୁଥିଲେ କାଚ ତୁଟିଲା । କାଚ ଓହ୍ଲେଇବା ନ କହି କହୁଥିଲେ ଶୀତଳେଇବା । ବର୍ତ୍ତମାନ ମଧ୍ୟ ଏହି ବିଶ୍ୱାସ ରହିଛି।

ISSN NO.
2582-208X

ଅଦ୍ଭୁତ ଆସ୍ଥା ଭାରତୀୟ ବିଶେଷ କରି ଓଡ଼ିଆ ମହିଳା ମାନଙ୍କର ନା ? ଆସ୍ଥା ଓ ବିଶ୍ୱାସର ପବିତ୍ର ଭୂମି, ମାଆ ଭାରତୀ । ଯେଉଁଠି ଝାଡ଼ ଝଙ୍କାଡ଼ର ପଥରଟିଏ ବି ପାଲଟି ଯାଆନ୍ତି ଦେବୀ, ଡାକିଲେ ଓ କରନ୍ତି । ଯେଉଁଠି ନଦୀଟାଏ ପାଲଟି ଯାଏ ପତିତପାବନୀ ମାଆ ଗଙ୍ଗା । ଯେଉଁଠି ଜ୍ୱାଳାଦେବୀଙ୍କର ଉଦ୍ଗମ ସମ୍ପର୍କରେ ନୀରବ ବିଜ୍ଞାନ । ଯେଉଁଠି ପାଣି, ପବନ, ଅଗ୍ନି, ପଶୁ, ପକ୍ଷୀ, ଗଛ, ପତ୍ର, ଖାଦ୍ୟ ସମସ୍ତେ ପୂଜନୀୟ, ଅଥଚ ସେଇଠି କେତେ କୁସଂସ୍କାର ନିଜର ଚେର ଏମିତି ମଜବୁତ କରି ରଖିଛି ଯେ ତାର ମୂଳୋତ୍ପାଟନ ଅସମ୍ଭବ ପରି ଲାଗେ ।

ହଁ, କାଚରାଣୀ ଝି ଥିଲେ ପଠାଣୁଣୀ । ପ୍ରାୟ ସବୁ କାଚରା କାଚରାଣୀ ମୁସ୍ଲିମ ହୁଅନ୍ତି । ଭଲ ସମ୍ଭାବନା ଥାଏ ଆପସରେ । କିନ୍ତୁ କାଚ ପିନ୍ଧିଲା ବେଳେ ମାଆ ଲୁଗା ପାଲଟି ବସେ। ଅଥଚ କାଚ ନାଇ ସାରିଲା ବାଦ୍ ସୌଭାଗ୍ୟ ଦାୟିନୀ ବୋଲି ଝିଇଙ୍କୁ ଓ ତା ବାଦ୍ କାଚ ଡାଲାକୁ ମୁଣ୍ଡିଆ ମାରେ । ପରସ୍ପର କେତେ ବିପରୀତ ଧର୍ମୀ ବ୍ୟବହାର ନା ?

ମନ୍ଦିର ପୂଜକ ଅବନୀ ମାମୁଁ ମୋତେ ବହୁତ ଭଲ ପାଉଥିଲେ। ମୁଁ କିଛି କାମରେ ତାଙ୍କ ଘରକୁ ଗଲେ ମାଇଁ ମନବୋଧ କରି ଭଲ ମନ୍ଦ ଖାଇବାକୁ ଦେଉଥିଲେ ଅଥଚ ମୋର ଅଇଁଠା ବାସନ ମୁଁ ନିଜେ ମାଜି ଦେଇ ଆସୁଥିଲି, କିଛି ନହେଲେ ପିଛୁଳେଇ ଦେବାକୁ ମାଇଁ କହୁଥିଲେ । ସେ ସବୁ ବ୍ୟବହାର ଆମ ରକ୍ତରେ ମିଶି ଯାଇଥିଲା । କିଛି ଅଡୁଆ ଲାଗୁ ନଥିଲା ।

ପାଣିଛୁଆଁ ଜାତି ଅଜାତି ମଧ୍ୟ ଦେଖା ଯାଉଥିଲା । କିର୍ତ୍ତି ତେଲୀ କାକା ଘରକୁ ମୁଁ ଯାଉଥିଲି ତେଲ ଆଣିବାକୁ । ଅତି ଶ୍ରଦ୍ଧାର ସହିତ ତେଲୀ ଖୁଡ଼ୀ ମୋ ମୁଣ୍ଡରେ ଘଣା ପେଡ଼। ସଜ ସୋରିଷ ତେଲ ବୋଲି ଦେଉଥିଲେ,

- ରୁଖଲା ଦିଶୁଛୁ ଯେ ରେ ବାବୁ, ଆୟ୍ ଆୟ୍, ତେଲ ଟିକେ ନଗେଇ ଦିଏଇଁ।

ISSN NO.
2582-208X

ରାଗୁଆ ରାଗୁଆ ଏତେ ସୋରିଷ ତେଲ ବୋଳି ଦେଉଥିଲେ ଯେ କାନକଲି ଦେଇ ନିଝରି ଆସୁଥିଲା ତେଲ ମୋର ଆଖି କାନ ଜଳେଇ ପୋଡ଼ି। ଲୁହ ବୋହି ପଡୁଥିଲା । ତେଲ ଲଗଉ ଲଗଉ ଢଗ ପଦେ ଅଧେ ଗାଇ ଦେଉଥିଲେ ଖୁଡ଼ୀ,

- କେଁ କରଟ, ପୁଖରୀ ଭିତରେ କରୁଛି ନାଟ
ଚଡେଇ ଦୁଇଟା ଟାଣାଟୁଣି
ଶୁଖଲା କାଠରୁ ବୁହୁଛି ପାଣି ।

କହ ନା ରେ ଅଭି, କି ଟା,

- ଏଇ ପରା, ତୁମର୍ ଘଣା ।

ତାଙ୍କୁ ଢଗ ଢମାଳିରେ ବଡ଼ ଆଗ୍ରହ ଆଉ ଜବାବ ଦେବାରେ ମୁଁ ମଧ୍ୟ ତାହିଁରୁ ବଳି ।

ହେଉ ହେଉ କହ ଆଉ ଗୁଟେଇ

- ଏମନ୍ ମଞ୍ଜା
ମଞ୍ଜି ନାଇଁ ତାର୍ ଭୂଇଁରୁ ଗଜା ।

- ଛତୁ ଗୋ ।

- ଆଉ ଗୁଟେଇ,

ପରଭା ଗୋ ପରଭା
କଁ ତରକାରୀ କରବା
ଯେଁ ଗଛରେ ପତର୍ ନାଇଁ ସେଇ ତରକାରୀ କରବା ।

ISSN NO.
2582-208X

- ଏଟା ଭି ତ ଛତୁ ଗୋ ଖୁଡ଼ୀ ।

ମୁଁ ଇଆଡେ ଢଗ ଗାଇ ଗାଇ ତେଲ ଧରି ଆସେ, ମାଆ ସିଆଡେ ମୋର ତେଲ ସରସର ମୁଣ୍ଡ ଦେଖୁଣୁ ନ ଦେଖୁଣୁ ଚିହିଁକି କହେ,

- ଏରେ ଏଇ, ଛୁଆଁତ୍ ହେଇକରି ଆସିଛୁ ? ଯା ଯା ପାଲୁଟ୍ ଶାର୍ଟ ପେଣ୍ଟ ।

ମୁଁ ଆଶ୍ଚର୍ଯ୍ୟ ହୁଏ, ତାଙ୍କର ତେଲ ଛୁଆଁତ୍ ନୁହେଁ, ମୁଁ କେମିତି ଛୁଆଁତ୍ ହେଇଗଲି ଯେ ?

ଏମିତି ଛୁଆଁତ୍ ଅଛୁଆଁତ୍ ଭିତରେ ଯାଇ ରହିବାକୁ ପଡ଼ିଲା ଜଣେ ବାହ୍ମଣ ଘରେ। ଅବନୀ ମାମୁଁଙ୍କ ସମୁଦୀ।

ପରୀକ୍ଷା ଆଠ ଦଶଦିନ ପୂର୍ବରୁ ମୁଁ ହୋଷ୍ଟେଲ୍ ଛାଡ଼ି ଦିଏ। ସୌମ୍ୟ ଭାଇ ଭାବ ପ୍ରବଣ ହୋଇ ପଡ଼ନ୍ତି। ଏଥର ମଧ୍ୟ ସୌମ୍ୟ ଭାଇ ପ୍ରିଟେଷ୍ଟ ଦେଇ ନଥିଲେ। ମମତା ଖାଲି ଥଣ୍ଡା ଚାହାଣୀରେ ମୋତେ ଦେଖୁଥାଏ ଆଉ ସୌମ୍ୟକାନ୍ତ ଭାଇ ଅବିକଳ ସେମିତି ଚାହାଣୀରେ ଥରେ ମୋତେ ଥରେ ମମତାକୁ ଦେଖୁ ଥାଆନ୍ତି। ଉଷା ଦିଦିଙ୍କ ଆଖି ଛଳଛଳେଇ ଯାଉଥାଏ। ମମତା ପାଇଁ ତାଙ୍କ ମନ ବେଶି ଖରାପ ହେଉଥାଏ। ଦୁଇ ସଙ୍ଗିନୀ ପରି ଥିଲେ ସେମାନେ। ଟିକି ତନୁ କାନ୍ଦି କାନ୍ଦି ତାଟକି ଯାଉଥାଏ ମମତାକୁ ଜାବୁଡ଼ି ଧରି। ନେଉଟିଆ ହେଇ ଯାଇଥିଲା ସିଏ। ମମତାର ଭି ମାୟା ଲାଗି ଯାଇଥିଲା। ମାଛି (ମାଉସୀ), ମାମୁଁ ବୋଲି ଡାକୁଥିଲା ତନୁ ଆମ ମାନଙ୍କୁ।

ଆମର ମଧ୍ୟ ମନ ଖରାପ ହେଇ ଯାଉଥିଲା। ଗୋଟିଏ ପରିବାର ପରି ଥିଲୁ ଆମେ। ସୁଖ ଦୁଃଖ ଆପସରେ ବାଣ୍ଟି।

ସୋମବାର ଦିନଠାରୁ ମୋର ପ୍ରଥମ ପରୀକ୍ଷା ଥାଏ। ଓଡ଼ିଆ ସାହିତ୍ୟ । ଯା ହେଉ ମମତା ପାଇଁ ଭଲ, ମନୋବଳ ଓ ଆତ୍ମବିଶ୍ୱାସ ବଢ଼ିବ ତାର।

ISSN NO.
2582-208X

ବାପା ଭୋରରୁ ଚାଲି ଯାଇଥାନ୍ତି ବିଲକୁ, ନିଜ ବିଲକୁ। ହଁ ଆମର ନିଜ ବିଲକୁ। ଭୋରରୁ ନଗଲେ ଏତିକି ବଡ଼ କିଆବଣକୁ ସଫା କରିବେ କେମିତି ଡହଡହ ଖରାରେ ?

ନବମ ଶ୍ରେଣୀରେ ପଢୁଥିବା ବେଳେ ସୌମ୍ୟ ଭାଇ ମୋତେ ପ୍ରାଭେଟି (ଟିଉସନ୍) ଯୋଗାଡ଼ କରି ଦେଇଥିଲେ। ସେହି ସ୍କୁଲର ହିଁ ପିଲା। ସେତେବେଳେ ତ ଆଉ ଏମିତି କଡ଼ାକଡ଼ି ନିୟମ ନଥିଲା ଯେ ସ୍କୁଲର ଫାଟକ ବନ୍ଦ ହେଇଯିବ ଚାରିଟା ବାଜିଲା କ୍ଷଣି। ପିଲାମାନେ ଅବାଧରେ ଯିବା ଆସିବା କରି ପାରୁଥିଲେ। ପ୍ରଧାନ ଶିକ୍ଷକ ମଧ୍ୟ ମୋତେ ପ୍ରାଭେଟି ପଢେଇବା ପାଇଁ ଖୁସିରେ ଅନୁମତି ଦେଇଥିଲେ। ସକାଳେ ଓ ସଞ୍ଜେ ମୁଁ ଦଶ ବାରଜଣ ପିଲାଙ୍କୁ ପାଠ ପଢ଼ଉଥିଲି।

ମୋର ସ୍କଲାର୍ଶୀପ୍ ଓ କିଛି ଟିଉସନ୍ ପଇସା ମିଶେଇ ବାପା ଅତ୍ୟନ୍ତ ନିମ୍ନ ମାନର ଚାଷ ଅନୁପଯୁକ୍ତ ଜମିଟିଏ କିଣିଥିଲେ। ସାପଖପଙ୍କର ବାସସ୍ଥାନ ଓ କିଆବଣରେ ଭରା ନିତାନ୍ତ ଅନୁର୍ବର ଜମିଟିଏ । କେହି ପଚାରୁ ନଥିଲେ । ସେତିକି ପଇସାରେ ଆଉ କଣ ମିଳି ଥାଆନ୍ତା ଯେ ? ତଥାପି ସେ ଖୁସି ଥିଲେ । ସେ କାହାର ଆଉ ବେଠି (ଦାଦନ) ନଥିଲେ। ଜମି ମାଲିକ ହେଇ ଯାଇଥିଲେ।

ତାକୁ ସେ ସବୁଦିନ ଯାଇ ଅଳ୍ପ ଅଳ୍ପ କରି ସଫା କରୁଥିଲେ। କିଆବୁଦା ସଫା କରିବା କଣ ଟିକିଏ କଥା ନା କମ କଷ୍ଟ । ସେହି ଜମି କିଣିବା ପାଇଁ ପଛରେ ଶ୍ରୀଧର ସାଆନ୍ତ କେତେ ଯେ ପ୍ରଲୋଭନ ଦେଇଥିଲେ। ବାପାଙ୍କ ଅକ୍ଲାନ୍ତ ପରିଶ୍ରମ ଓ ଅଧ୍ୟବସାୟ ବଳରେ ସୁନା ଉଲଗୁ (ଓକାଲୁ) ଥିଲା ସେ ଜମି। ବାରମାସୀ ଫଳୁଥିଲା ସିଏ କିଛି ନା କିଛି। ତା ପାଖ ଦେଇ ଗଲେ ଦଣ୍ଡେ ଘଡ଼ିଏ ଠିଆ ହେଇ ରହି ଯାଉଥିଲେ ବାଟୋଇ।

- ବାବୁ ବାହାରିଲା ବେଳକୁ ପଳେଇ ଆସବି ଯେ ।

ବାପା କହିଥିଲେ,

ISSN NO.
2582-208X

କିନ୍ତୁ ଅବନୀ ମାମୁଁ ସମୟ ପୂର୍ବରୁ ଆସି ତନ୍ଦ୍ରା (ତରତର) କଲେ। ଖରା ହେଇ ଯିବ ବୋଲି। ମାର୍ଚ୍ଚ ମାସର ପନ୍ଦର ତାରିଖ କିନ୍ତୁ ଟାଇଁଟାଇଁଆ ଖରା ପିଠି ଫଟେଇ ଦେଉଥିଲା।

ଆଉ ଅପେକ୍ଷା କରିବା ସମ୍ଭବ ହେଇ ପାରି ନଥିଲା। ମୁଁ ବିବେକା ମାଷ୍ଟର, ରଙ୍ଗୀ ଖୁଡ଼ୀ ଇତ୍ୟାଦି ସମସ୍ତଙ୍କର ଆଶୀର୍ବାଦ ନେଇ ଅଗତ୍ୟା ବାହାରିଲି । ମାଆ ସେମିତି ଆମ୍ବଡାଳ ଓ କଳସ ଥାପିଥିଲା ଧଡ଼ି ଦୁଆରେ। ଦହି ଟିକା ମାରି ଦେଇଥିଲା ମୁଣ୍ଡରେ। ମୋତେ କିନ୍ତୁ ଖାଲି ବାପା ଦେଖା ଯାଉଥିଲେ । ବିନା ତାଙ୍କର ଆଶୀର୍ବାଦରେ ମୁଁ ମୋ ଜୀବନର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ପରୀକ୍ଷା ଦେବାକୁ ଯାଉଛି ?

ମୁଁ ଖାଲି ପଛକୁ ଅନଉଥାଏ।

କ୍ରମଶଃ .....

ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ଅପେକ୍ଷାରେ



କୁଞ୍ଜବିହାରୀ ରାଉତ

ହସି ହସି ପିଇଯିବି ସବୁ ଲୁହ
ପୋଛିଦେବି ମନୁ ସବୁ ଦୁଃଖ
ଯଦି ଦେଖେ ତୋର ଚାନ୍ଦ ମୁହଁ .....

ତୋଆଖି ଆଇନାରେ ମୁଁ କଜଳଗାର
ତୋ ସରୁ ଓଠରେ ମୁଁ ହିଂସ୍ର ଧାର
ତୋତେ ପାଇଲେ ମୁଁ ଭୁଲିବି ସଂସାର ...

ତୋ ବାହୁ ମୋ ଗଳାର ହାର
ତୋ ଶରୀର ମୋ ସ୍ୱପ୍ନ ପାହାଡ
ତୋ ପାଇଁ ଛାଡିଛି ମୁଁ ଦୁନିଆ ଡର.....

ତୋହରି ଦୁଃଖରେ ମୋହରି କାନ୍ଦ
ତୋହରି ହସରେ ମୋହରି ହସ
ତୋ ପାଇଁ ଭୁଲିଲା ମୋ ଆଖି ନିଦ.....

ISSN NO.
2582-208X

କାନ୍ଦିଲେ ତୋ ନୟନୁ ମୁକ୍ତା ଖସଇ
ହସିଲେ ତୋ ଓଠରୁ ହୀରା ପଡ଼ଇ
ହଜାଇବି ଦୁନିଆକୁ ତୋହରି ପାଇଁ .....

ତୁ ମୋ କବିତା ମୋ ଡାଏରୀ ପାଇଁ
ତୁ ସାଧବ ବୋହୂ ଏ ବଣିକ ପାଇଁ
ତୋତେ ପାଇଲେ ଦେବି ଡଙ୍ଗା ମେଲେଇ .....

ମାନସ ନାୟିକା ତୁ ମୋହରି ପାଇଁ
ତୁ ନୀର ହେଲେ ମୁଁ ଶୁଖିଲା ନଈ
ଅପେକ୍ଷା କରିଛି ତୋତେ ମୁଁ ଦୀପ ଜଳାଇ.....

ପ୍ଲଟ ନଂ: ୧୪୮/୫,
ହମିରପୁର, ରାଉରକେଲା:୩
ମୋ :୯୦୯୦୦୯୦୨୨୫

ISSN NO.
2582-208X

# କେଜାଣି କେବେ ଏ ଜୀବନ ଯିବ



ଶିଶିର କୁମାର ପଣ୍ଡା

କେଡ଼େ ସରାଗରେ ଘର କରିଥିଲି
ପରିବାର ସାଥେ ରହିବା ପାଇଁ
ପୁଅବୋହୂ ଏବେ ଭୁବନେଶ୍ୱରରେ
ବସିଛି ଫେରିବା ବାଟକୁ ଚାହିଁ ।
ନାତୁଣୀ ପଢୁଛି ଦାମୀ ଇସ୍କୁଲରେ
ଗାଆଁରେ କୁଆଡ଼େ ହବନି ପାଠ
ମୋ କଥା କିଏବା ବୁଝିବ ଏଇନେ
ମୁଁ ପରା ହେଲିଣି ପୋକରା କାଠ !
ଏକୁଟିଆ ଏବେ ଗାଆଁରେ ପଡ଼ିଛି
ଘରକୁ କେବଳ ରହିଛି ଜଗି
ନାତି କି ନାତୁଣୀ ସାଥିରେ ନାହାଁନ୍ତି
ସାଥି ମୋ ହୋଇଛି ବିଚରା ଡଗି ।
ପୁଳାଏ ଓଷଦ ଗିଳୁଛି ଖାଲି ମୁଁ
ପେଟରେ ପଡୁ କି ନପଡୁ ଦାନା
ମନ ମୋ ଖରାପ ହୋଇଲେ ଶୁଣୁଛି
ରଫି ସାହେବଙ୍କ ପୁରୁଣା ଗାନା ।
କେଜାଣି କେବେ ଏ ଜୀବନ ଯିବ
ମାସକୁ ମାସ ମୋ ପାଖକୁ ପଇସା
ପୁଅ ପଠେଇବା ଜାଳା ନ ଥିବ ।

କୁଆଁସ, ମେରଦା କାଟିଆ, ଯାଜପୁର
ଆଳାପ:~୮୯୮୧୭୩୭୨୨୮

ISSN NO.
2582-208X

# ଶ୍ରୀକ୍ଷେତ୍ର ପରିକ୍ରମା



ଡ. ଅଭିମନ୍ୟୁ କାନୁନଗୋ

ଶ୍ରୀକ୍ଷେତ୍ର ହେଉଛି ଦେବଦୁର୍ଲଭ କ୍ଷେତ୍ର ଏବଂ ସମସ୍ତ ତୀର୍ଥର ମୌଳିକତା ତୀର୍ଥରାଜ ଶ୍ରୀଜଗନ୍ନାଥଙ୍କ ବିଗ୍ରହରେ ହିଁ ପ୍ରକଟିତ ହୋଇଥିବା ଯୋଗୁଁ ଶ୍ରୀକ୍ଷେତ୍ର ସକଳତୀର୍ଥର ତୀର୍ଥରାଜ ଭାବରେ ଯୁଗେ ଯୁଗେ ସଂସାରରେ ଖ୍ୟାତି ଅର୍ଜନ କରିପାରିଛି । ଶ୍ରୀପୁରୁଷୋତ୍ତମ କ୍ଷେତ୍ର ଶ୍ରୀକ୍ଷେତ୍ରରେ ବହୁକାଳରୁ ଅନେକ ତୀର୍ଥର ସମାହାର ଘଟିଥିଲେ ହେଁ ମୁଖ୍ୟତଃ ପାଞ୍ଚଟି ତୀର୍ଥର ପ୍ରାଧାନ୍ୟ ଓ ମାହାତ୍ମ୍ୟ ବିଭିନ୍ନ ପୁରାଣ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଥିବା ଦେଖାଯାଏ । ବିଭିନ୍ନ ଶାସ୍ତ୍ରରେ ପଞ୍ଚତୀର୍ଥର ନାମ ବିଭିନ୍ନ ପ୍ରକାର ଦିଆଯାଇଛି । ଯଥା- 'ସ୍କନ୍ଦ ପୁରାଣ'ରେ ପଞ୍ଚତୀର୍ଥର ବର୍ଣ୍ଣନା ଯଥା- ମାର୍କଣ୍ଡେୟ ପୁଷ୍କରିଣୀରେ ସ୍ନାନ, ଅକ୍ଷୟ ବଟଙ୍କୁ ଦର୍ଶନ, ଶ୍ରୀମନ୍ଦିର ଭିତରେ ଗରୁଡ଼ ଓ ତିନି ଠାକୁରଙ୍କୁ ଦର୍ଶନ, ମହୋଦଧି ଅର୍ଥାତ୍ ସମୁଦ୍ରରେ ସ୍ନାନ ଏବଂ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀରେ ସ୍ନାନ । ଏହିପରି ବିଭିନ୍ନ ଶାସ୍ତ୍ରକାରଙ୍କ ରଚନାରେ ଶ୍ରୀକ୍ଷେତ୍ରର ପଞ୍ଚତୀର୍ଥ ବିଷୟରେ ଉଲ୍ଲେଖ ରହି ଥିଲେ ହେଁ ତିନୋଟି ତୀର୍ଥ ହିଁ ନିର୍ବିବାଦରେ ଗୃହୀତ ହୋଇଛି ଯଥା- ମାର୍କଣ୍ଡେୟ ପୁଷ୍କରିଣୀ, ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ ଓ ମହୋଦଧି ଅର୍ଥାତ୍ ସମୁଦ୍ର । ଉକ୍ତ ତିନୋଟି ତୀର୍ଥକୁ ଛାଡିଦେଲେ ଅନ୍ୟ ଦୁଇଟି ତୀର୍ଥ ସଂପର୍କରେ ବହୁମତ ପାର୍ଥକ୍ୟ ରହିଛି । କେହି କେହି ଅକ୍ଷୟ ବଟ ମୂଳସ୍ଥ ବଟେଶ୍ୱର ଦେବଙ୍କୁ ଏବଂ ମନ୍ଦିର ଭିତରେ ଗରୁଡ଼ ଓ ତିନି ଠାକୁରଙ୍କୁ ଓ କେହି କେହି ଶ୍ୱେତଗଙ୍ଗା ତଥା ରୋହିଣୀ କୁଣ୍ଡକୁ, କେହି କେହି ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ରଙ୍କୁ ପଞ୍ଚତୀର୍ଥର ଅନ୍ତର୍ଭୁକ୍ତ କରିଛନ୍ତି ।

ISSN NO.
2582-208X

ଶ୍ରୀକ୍ଷେତ୍ରର ପଞ୍ଚତୀର୍ଥ ମଧ୍ୟରୁ ମାର୍କଣ୍ଡେୟ ପୁଷ୍କରଣୀ ହେଉଛି ପ୍ରଥମ ତୀର୍ଥ । ଶାସ୍ତ୍ର ମତରେ ଜଗତ ପ୍ରଳୟ ଜଳରେ ବିଲୀନ ହୋଇଯାଉଥିବା ସମୟରେ ମାର୍କଣ୍ଡେୟ ଋଷି ପ୍ରଳୟ ଜଳରେ ଭାସି ଭାସି ଶ୍ରୀକ୍ଷେତ୍ରର ବଟବୃକ୍ଷ ନିକଟରେ ପହଞ୍ଚି ଦେଖିଲେ ଯେ ଭଗବାନ ବିଷ୍ଣୁ ଅଙ୍ଗୁଷ୍ଠ ପ୍ରମାଣ ପୁରୁଷ ରୂପେ ବଟ ବୃକ୍ଷର ଊର୍ଦ୍ଧ୍ୱଦେଶସ୍ଥିତ ଏକ ପତ୍ର ଉପରେ ଶୟନ କରିଛନ୍ତି । ସେଠାରେ ମାର୍କଣ୍ଡେୟ ଋଷି ପୁରୁଷ ରୂପୀ ଭଗବାନଙ୍କୁ ଦର୍ଶନ କରିବା ସମୟ ରେ ଏକ ଅଲୌକିକ ଆକର୍ଷଣ ଦ୍ୱାରା ସେ ତାଙ୍କର ମୁଖ ମଧ୍ୟରେ ପ୍ରବେଶ କରିଗଲେ । ମାର୍କଣ୍ଡେୟ ଋଷି ବହୁକାଳ ଧରି ସେହି ପୁରୁଷଙ୍କର ଗର୍ଭରେ ବିଚରଣ କରି ବହୁ ଅଲୌକିକ ଦର୍ଶନ କରି ମଧ୍ୟ ଆତ୍ମଦର୍ଶନ ଲାଭ କରି ପାଇଲେ ନାହିଁ । ଦୀର୍ଘ କାଳ ପରେ ସେହି ପୁରୁଷ ରୂପୀ ଭଗବାନଙ୍କ ଗର୍ଭରୁ ମାର୍କଣ୍ଡେୟ ଋଷି ବାହାରି ଭଗବାନଙ୍କୁ ଆତ୍ମଜ୍ଞାନ ଲାଭ ନିମନ୍ତେ ପ୍ରାର୍ଥନା କଲେ । ମାର୍କଣ୍ଡେୟ ଋଷିଙ୍କ ପ୍ରାର୍ଥନାରେ ଭଗବାନ ବିଷ୍ଣୁ କହିଲେ ଶ୍ରୀକ୍ଷେତ୍ର ମୋର ଅତିପ୍ରିୟ । ଏଠାରେ ସୃଷ୍ଟି ଓ ପ୍ରଳୟ ନାହିଁ । ଏଠାରେ ବାସ କଲେ ପୁନର୍ଜନ୍ମ ହୁଏ ନାହିଁ । ଭଗବାନ ବିଷ୍ଣୁଙ୍କଠାରୁ ଉକ୍ତବାଣୀ ଶୁଣି ମାର୍କଣ୍ଡେୟ ଋଷି ଶ୍ରୀକ୍ଷେତ୍ରରେ ବାସ କରିବାକୁ ନିଷ୍ପତ୍ତି ନେଲେ । ସ୍କନ୍ଦପୁରାଣରେ ବର୍ଣିତ ହୋଇଛି ଯେ, ସେ ବଟପତ୍ରଶାୟୀ ଭଗବାନ ବିଷ୍ଣୁ କହିଲେ, ମହାପ୍ରଳୟ ପର୍ଯ୍ୟନ୍ତ ମୁଁ ଏହି ପବିତ୍ର କ୍ଷେତ୍ରରେ ଅବସ୍ଥାନ କରିବି । ମହାପ୍ରଳୟ ପରେ ତୁମ୍ଭ ପାଇଁ ଗୋଟିଏ ନିତ୍ୟତୀର୍ଥ ତିଆରି କରିବି । ଏହି ତୀର୍ଥ ତୀରରେ ରହି ଯେ ମୋର ଦ୍ୱିତୀୟ ତନୁ ଶିବଙ୍କର ଆରାଧନା କରିବ, ସେ ହେବ ମୃତ୍ୟୁଞ୍ଜୟ। ଶ୍ରୀଭଗବାନ ବିଷ୍ଣୁଙ୍କ ଶ୍ରୀମୁଖରୁ ଏହି କଥା ମାର୍କଣ୍ଡେୟ ମୁନି ଶୁଣି ବଟ ବୃକ୍ଷର ବାୟୁକୋଣରେ ହରିଙ୍କର ଗର୍ଭଟିଏ ତିଆରି କଲେ ଏବଂ ସେହି ଗର୍ଭ ପାଖରେ ରହି ଶିବଙ୍କୁ ଆରାଧନା କଲେ । ଯାହା ଫଳରେ ସେ ମୃତ୍ୟୁକୁ ଜୟ କରିଥିଲେ । ସେହି ଦିନଠାରୁ ସେ ଗର୍ଭଟି ମାର୍କଣ୍ଡେୟ ପୁଷ୍କରିଣୀ ନାମରେ ପରିଚିତ ହୋଇ ସେହି ପୁଷ୍କରିଣୀ କୂଳସ୍ଥ ଶିବ ମାର୍କଣ୍ଡେୟଶ୍ୱର ନାମରେ ପୂଜିତ ହୋଇ ଆସୁଛନ୍ତି । ସ୍କନ୍ଦ ପୁରାଣରେ ଆହୁରି ମଧ୍ୟ ବର୍ଣ୍ଣିତ ହୋଇଛି ଯେ ଏହି ପୁଷ୍କରିଣୀରେ ସ୍ନାନକରି ଶିବ ଦର୍ଶନ କଲେ ଅଶ୍ୱମେଧର ଫଳ ମିଳିଥାଏ । ତେଣୁ ପୁରୁଷୋତ୍ତମ ମହାତ୍ମ୍ୟ ଅନୁସାରେ ସର୍ବପ୍ରଥମେ ଏହି ସ୍ଥାନରୁ ପଞ୍ଚକୋଷ ପରିକ୍ରମା ଆରମ୍ଭ ହେବାର ବିଧାନ ରହିଛି ।

ISSN NO.
2582-208X

ବର୍ତ୍ତମାନ କିନ୍ତୁ କେହିକେହି ଶ୍ରୀମନ୍ଦିର ସିଂହଦ୍ୱାର ବା ମହୋଦଧି କୂଳସ୍ଥ ସ୍ୱର୍ଗଦ୍ୱାର ଠାରୁ ଏହି ପରିକ୍ରମା ଆରମ୍ଭ କରି ଶ୍ରୀ ଲୋକନାଥ, ଅଠର ନଳା, ଇନ୍ଦ୍ରଦ୍ୟୁମ୍ନ ସରୋବର, ସିଦ୍ଧ ମହାବୀର, ଚକ୍ରତୀର୍ଥ, ଦରିଆ ମହାବୀର, ସ୍ୱର୍ଗଦ୍ୱାର ଦେଇ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପରିକ୍ରମା କରି ଏହି ଯାତ୍ରା ସମାପନ କରିଥାନ୍ତି ।

ଆକାଶବାଣୀ ପୁରୀ
ମୋବାଇଲ ନମ୍ବର ୮୮୯୫୪୫୦୧୧୭

ISSN NO.
2582-208X

# କୃଷ୍ଣ



ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର

ମାଟି ଖିଆ ବାଳ ଗୁରୁଣ୍ଡି ଗୋପାଳ
ବିମଳ କମଳ ରୂପ
ସମ ଅପଘନ ନିନ୍ଦେ କୋଟି କାମ
ଅନିନ୍ଦ୍ୟ ସୁନ୍ଦର ନୀପ
ମୂଳେ ନବ ନଟବର
ଦ୍ଵାପରେ ଗୋପରେ ଅପୂର୍ବ ତା ଲୀଳା
ମୋହନ ମୂରଲୀଧର ।।

ମାଟି ଖାଇବାକୁ ଯଶୋବନ୍ତି ହାତୁ ଛାଟ ମାଡ ଡରେ ସିଏ
ଖାଇ ନାହିଁ ମାଟି କହି ଖୋଲି ପାଟି ସେ ଯେବେ ଦେଖାଇ ଦିଏ
ମାଳ ମାଳ ଯେ ବ୍ରହ୍ମାଣ୍ଡ
ଦେଖି ଦେଇ ମାତା ହୋଇଲେ ମୂର୍ଚ୍ଛିତା ଆଉ କିବା ଦେବେ ଦଣ୍ଡ ।।

ମାତ୍ର ତିନି ଦିନ ହୋଇବାର ଜନ୍ମ ପୁତନା ସମ ରାକ୍ଷସୀ
ଛଳେ ମାରିବାକୁ ସ୍ତନ୍ୟପାନ ପାଇଁ ନନ୍ଦ ଘରେ ପରବେଶି
ବିଷ ଭରା ସ୍ତନ୍ୟ ଧରି
ଶୋଷିବା ଛଳରେ ପ୍ରାଣ ଶୋଷି ନେଲେ ଗୋପପୁରେ ବନମାଳି ।।

ISSN NO.
2582-208X

ଗୋଧନ ଚାରଣ ପାଇଁ ଗୋବର୍ଦ୍ଧନ ଗିରି କୁ ପୂଜା କରିଲେ
କୋପକରି ସାତଦିନ ଧରି ଇନ୍ଦ୍ର ବଜ୍ର ପାତ କରାଇଲେ
ବାମ କନିଷ୍ଠ ଅଙ୍ଗୁଳି
ଅଗ୍ରେଧରି ଗିରି ଗୋପପୁର ଶୀରି ରକ୍ଷାକଲେ  ଗିରିଧାରୀ ।।

ଶରଣ ପଶିଲା ଗୋପେ ଦେଇ ଗଲା ନାମ ରହିଲା ଗୋବିନ୍ଦ
ପୀତାମ୍ବର ଧର ଶ୍ରୀଧର ସୁନ୍ଦର ରାଧାକୃଷ୍ଣ ଛନ୍ଦା ପାଦ
ହୃୟରେ ଅନୁସରି
ଜଂଜାଳ ମୟ ଏ ମାୟା ସସାରରୁ କରି ଦେବ ବାରେ ପାରି ।।

କାଳିନ୍ଦୀ ହ୍ରଦରେ ବଳେପଶି ଛଳେ
କାଳିୟ ନାଗ ଦଳନ
କରିଥିଲେ ବାଳ ଗୋପାଳ ମାଧୋଇ
ପଦେ ପଶିଲା ଶରଣ
ପଦ୍ମ ତୋଳା ବାହାନାରେ
ଦୁଷ୍ଟ ର ଦୁଷ୍କୃତ ଦଳନ ନିମନ୍ତେ
କାହୁଁ ଜାଣିବେ ବା ନରେ ।।

ଗୋପ କାନନରେ ବ୍ରଜ ବାଳୀ ମେଳେ
ଶ୍ରୀରାଧା ଙ୍କ ସହିତରେ
ରାସ ଲୀଳା ରଚି ଚମତ୍କୃତ କଲ
ଷୋଳସସ୍ର ଗୋପୀ ମେଳେ
ଅପୂର୍ବ ଲୀଳା ତୁମର
ଷୋଳସସ୍ର ଗୋପୀ ଷୋଳସସ୍ର କୃଷ୍ଣ
ଅଲଭ୍ୟ ଲୀଳା ତାଙ୍କର  ।।

ISSN NO.
2582-208X

ବାଳ ଲୀଳା ଦୃଶ୍ୟ ଗୋପ ରେ ଗୋପାଳ
କାହିଁ ଅବା ପଟାନ୍ତର
ପ୍ରତିଟି ମୂହୁର୍ତ୍ତ ସ୍ମୃତି ବିଜଡିତ
ଅନନ୍ୟ ଏ ଲୀଳା ତାର
ଯହିଁ ସ୍ବଂୟ ଭଗବାନ
ଲୀଳାକୁ କେମନ୍ତେ ବର୍ଣ୍ଣିବ ଜୀବନ
ସେଜୀନର ସେ ଜୀବନ ।।

ମଙ୍ଗଳାଯୋଡି, ଖୋର୍ଦ୍ଧା

ISSN NO.
2582-208X

# ଏ କଳିକାଳ ଯୁଗ



ଝିଲିମିଲି ସାହୁ

ଯେବେ ଯୌବନର ତାଳେ ତାଳେ
ମଜ୍ଜିଯାଏ ଜୀବନ, ହଜିଯାଏ ଲକ୍ଷ
ଶରୀରତ ଜୀଇଁଥାଏ, ନଥାଏ ମାନବବାଦ
ଚର୍ତୁଦିଗେ ଖେଦିଯାଏ ସଂକୀର୍ଣ୍ଣ ସ୍ୱାର୍ଥର ଗନ୍ଧ
ଅସହଜ ହୋଇଯାଏ ଜୀବନର ମର୍ମ
ଆଭିଜାତ୍ୟ ଦୁର୍ଗେ ଗୁଞ୍ଜେ ଅହଂ ଅଟ୍ଟହାସ୍ୟ
କଷ୍ଟକର ବୋଧହୁଏ ଚିହ୍ନିବାକୁ ଲୋକ
ଛଳନାର ଅନ୍ତରାଳେ ହଜିଯାଏ ବିଶ୍ୱାସ
ଶୁଣିଛ କି କେବେ ପାଷାଣର ବିଳାପ..!!!
ତଥାପି ସଂସାର ମୋହେ ବଞ୍ଚିବାକୁ ହେବ
ଏମିତି ଚାଲିବ ସବୁ, ଏ କଳିକାଳ ଯୁଗ ।

ସହ. ଶିକ୍ଷୟିତ୍ରୀ
ନୟାଗଡ଼

ISSN NO.
2582-208X

# ସ୍ୱପ୍ନ ଆସେ



ନଳନୀ ଦାଶ

ନିଶାରାତ୍ରେ ଯେଉଁ ସପନ ଦେଖୁଛେ
କ୍ଷଣକ ପାଇଁକି ରହେ
ନିଦ ଭାଙ୍ଗିଗଲେ ସ୍ୱପ୍ନ ଦୁନିଆରୁ
ମଣିଷ ବାହାରି ଯାଏ ।
ଶୈଶବରୁ ସ୍ୱପ୍ନ ଦେଖିଥିବ ଯିଏ
କର୍ମେ ଲଗାଇବ ମନ
କର୍ମଫଳ ଦିନେ ପାଇବ ନିଶ୍ଚୟ
ପୂରଣ ହୋଇବ ସ୍ୱପ୍ନ ।
ନିଶି ଅନ୍ଧକାରେ ସପନ ଆସଇ
ପ୍ରଭାତରେ ଯାଏ ଚାଲି
ସେହି ସ୍ୱପ୍ନ କେବେ ସତ ହୁଏ ନାହିଁ
ଏକଥା ଯାଅନି ଭୁଲି ।
ମନ ଗହନରେ କେତେ ଯେ ସପନ
ଆସି ଉଙ୍କି ମାରୁଥାଏ
ପାଣିରେ ଫୋଟକା ପରିକା ଆସିକି
ନିମିଷେ ମିଳେଇ ଯାଏ ।

ISSN NO.
2582-208X

ଆଖିରେ ଆଖିଏ ସପନ ଦେଖିଣ
ବାଟ ଯଦି ଚାଲୁଥିବ
ପିତା ମାତାଙ୍କର ସ୍ୱପ୍ନକୁ ପୂରଣ
ଦିନେନା ଦିନେ କରିବ ।
ବିନା ସପନରେ ମଣିଷ କେବେହେଁ
ପାରେନାହିଁ ଶିଡି ଚଢି
ବିନା ପରିଶ୍ରମେ କେବେ କେହିହେଲେ
ଆଗକୁ ପାରିନି ବଢ଼ି ।

ଭିକାରିପଡା, ଶରଣକୁଳ, ନୟାଗଡ଼
ଦୂରଭାଷ-୬୩୭୦୦୯୫୨୪୧

ISSN NO.
2582-208X

# ସମ୍ପର୍କ



ଅଧର ବିଶ୍ୱାଳ

ଆଜି ସକାଳ ଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଥାନାଟା ହୋ ହାଲ୍ଲାରେ ଫାଟିପଡୁଥିଲା, ଏବେ ଶ୍ମଶାନ ପରି ଲାଗୁଛି । ଏତେ ବଡ ଥାନାଟାରେ କେବଳ ଦୁଇଜଣ ଲୋକ, କନେଷ୍ଟବଳ ସୁଦାମ ଓ ଥାନା ହାଜତରେ ଥିବା ଜଣେ କଇଦି । ରାତି ଆସି ଦଶଟା ବାଜିଲାଣି, ହେଲେ ଥାନାବାବୁ ଏ ପର୍ଯ୍ୟନ୍ତ ଫେରି ନାହାନ୍ତି । ଆଜି ସକାଳେ ସହରରେ ଦଙ୍ଗା ହୋଇଥିଲା । ବହୁତ ଲୋକ ଆରେଷ୍ଟ ହୋଇଥିଲେ, ହେଲେ କାହାକୁ ପଲିଟିକାଲ ପ୍ରେସରରେ ତ କାହାକୁ ଜାମିନୀରେ ଛଡ଼ାଗଲା । କିନ୍ତୁ ଏ ବୁଢା ଲୋକଟି ପାଇଁ କେହି ଆସିଲେ ନାହିଁ । ଲୋକଟିର ବୟସ ପାଖାପାଖୀ ଷାଠିଏ ହେବ, କ୍ଷୀଣ ଶରୀର । ସୁଦାମ ପାଟିକରି କହୁଥାଏ ଆରେ ଶଳା ତତେ ତ କହିଲି ପଳା, ତୁ ଗଲୁନାହିଁ ଏବେ ତୋ ପାଇଁ ଖାଇବା କୋଉଠୁ ଆଣିବି । ସବୁ ଦୋକାନ ବଜାର ତ ବନ୍ଦ ।

ସୁଦାମ ପାଟିରୁ କଥା ସରିନି ଥାନା ବାବୁଙ୍କର ଗାଡି ଆସି ଲାଗିଲା । ସୁଧୀର ସାମନ୍ତରାୟ, ଏ ଥାନାକୁ ମାସେ ହେଲା ଆସିଛନ୍ତି । ବହୁତ ଭଦ୍ରଲୋକ, ସମସ୍ତେ କୁହନ୍ତି ଏତେ ଭଦ୍ରଲୋକ ଏ ପୋଲିସି ଚାକିରୀ କାହିଁକି କଲେ । ସୁଧୀର ବାବୁ ଥାନା ଭିତରକୁ ପଶୁପଶୁ ସୁଦାମକୁ ପଚାରିଲେ, ଆରେ ତୁ ଏକୁଟିଆ ଅଛୁ ନା କଣ ? ହଁ ଆଜ୍ଞା, ସମସ୍ତେ ନାଇଟି ଡିୟୁଟିରେ ବାହାରି ଗଲେଣି, ମୁଁ ଏକୁଟିଆ ଅଛି, ସୁଦାମ ଉତ୍ତର ଦେଲା । ଆରେ ଏ ଲୋକଟାକୁ କାହିଁକି ରଖିଛୁ, ଛାଡ଼ିଦେଲୁନି । ଆଜ୍ଞା ମୁଁ କହିକହି ଥକିଗଲିଣି, ହେଲେ ଏ ଲୋକଟା ଯାଉନି, କହୁଛି ମୁଁ ସକାଳହେଲେ ଚାଲିଯିବି, ମୋର କିଛି ଦରକାର ନାହିଁ । ହଉ ତାକୁ କିଛି ଖାଇବାକୁ ଦେଇଛୁ ନା ନାହିଁ ? ସବୁ ଦୋକାନ ବଜାର ତ ବନ୍ଦ, ଖାଇବାକୁ କେଉଁଠୁ ଆଣିବି ।

ISSN NO.
2582-208X

ସୁଧୀର ବାବୁ ଟିକେ ନିରବ ରହି କହିଲେ, ହଉ ଡ୍ରାଇଭରକୁ କହ ଗାଡି ଚାବି ଦେଇ ପଳେଇଯାଉ, ଆଉ ସେ ଲୋକକୁ ମୋ ରୁମକୁ ପଠା । ଲୋକଟି ଅତି ସନ୍ତର୍ପଣରେ ସୁଧୀର ବାବୁଙ୍କ ପାଖରେ ଠିଆ ହେଲା । ସୁଧୀର ବାବୁ ଲୋକଟାକୁ ଟିକେ ଚାହିଁ ପଚାରିଲେ, ଆପଣ ଏ ବୟସରେ ସେ ଦଙ୍ଗାରେ କାହିଁକି ମିଶୁଥିଲେ । ନାଇଁ ଆଜ୍ଞା, ମୁଁ ଦୁଇ ଦିନ ହେଲା କିଛି ଖାଇ ନଥିଲି, ଭାବିଲି ସେଠାରେ କଣ କିଛି ଖାଇବା ଜିନିଷ ବଣ୍ଟା ହେଉଛି ବୋଧେ, ସେଥିପାଇଁ ସେଠାକୁ ଚାଲିଗଲି । ଲୋକଟିର ଉତ୍ତର ଶୁଣି ସୁଧୀର ବାବୁ କହିଲେ, କନେଷ୍ଟବଳ ତ ଆପଣଙ୍କୁ ଯିବାକୁ ଦେଲା, ଆପଣ ଗଲେ ନାହିଁ କାହିଁକି ? ଲୋକଟି ଟିକେ ଦମ ମାରି କହିଲା, ମୋର ଘରଦ୍ୱାର ନାହିଁ କି, ମୋର କେହି ନାହାନ୍ତି ଆଜ୍ଞା, ସେଥିପାଇଁ ଭାବିଲି, ଏ ଶୀତ ରାତିରେ କୁଆଡେ ଯିବି, ରାତିଟା ଏଇଠି ରହି ସକାଳୁ ଖରା ଆସିଲେ ଚାଲିଯିବି ।

ସୁଧୀର ବାବୁ ଲୋକଟିକୁ ଚୌକିରେ ବସିବାକୁ କହି ସୁଦାମକୁ ଡାକି କହିଲେ ଗାଡି ଚାବି ଦେ ଓ ମୋ ଅଫିସ ବନ୍ଦ କର । ମୁଁ ଏ ମଉସାଙ୍କୁ ନେଇ ଘରକୁ ଯାଉଛି । ଏହା ଶୁଣି ଲୋକଟି କହିଲା, ସାର, ମୋତେ କାହିଁକି ଆପଣ ଆପଣଙ୍କ ଘରକୁ ନେବେ, ମୁଁ ଏଇଠି ରହୁଛି, କାଲି ସକାଳେ ଚାଲିଯିବି । ସୁଧୀର ବାବୁ ଟିକେ ଚଢା ଗଳାରେ ଉତ୍ତର ଦେଲେ, ନାଇଁ, ଆପଣଙ୍କୁ ମୋ ସହିତ ଯିବାକୁ ପଡିବ । ଲୋକଟି ନିରୁପାୟ ହୋଇ ଗାଡ଼ିରେ ବସିଲା। ଥାନା ପାଖରୁ ସୁଧୀର ବାବୁଙ୍କ କ୍ୱାଟର ମାତ୍ର ଦଶ କିଲୋମିଟର । ରାତି ପ୍ରାୟ ବାରଟା ହେବ, ସୁଧୀର ବାବୁ ଘରେ ପହଞ୍ଚି କଲିଂବେଲ ମାରିଲେ । ଭିତରୁ ଜଣେ ବୃଦ୍ଧ ଆସି ଦ୍ୱାର ଖୋଲିଲେ । ସୁଧୀର ବାବୁ ଘରକୁ ପଶୁପଶୁ କହିଲେ ମଧୁ କାକା ଆଜି ସହରରେ ଗୋଟେ ଦଙ୍ଗା ହୋଇଗଲା, ତେଣୁ ଆସୁ ଆସୁ ଟିକେ ଡେରିହେଲା । ଆଛା ତମେ ଖାଇ ଦେଇଛ ନା ନାହିଁ? ହଁ ମୁଁ ଖାଇ ସାରିଛି । ହଉ ଯା ଅଛି ଆମ ଦୁଇଜଣକ ପାଇଁ ବାଢି ଦିଅ । ଏ ମଉସାଙ୍କର କେହି ନାହାନ୍ତି, ଦୁଇ ଦିନ ହେଲା ଖାଇ ନାହାନ୍ତି, ଭୁଲ ବଶତଃ ସେ ଦଙ୍ଗା ଭିତରକୁ ଯାଇ ଆରେଷ୍ଟ ହୋଇଗଲେ । ଏତେ ରାତିରେ କୁଆଡେ ଯିବେ, ସେଥିପାଇଁ ସାଙ୍ଗରେ ନେଇଆସିଲି ।

ଏଇଟା କୋଉ ନୂଆ କଥା ଯେ, ସବୁଦିନେ କାହାକୁ ନା କାହାକୁ ତ ଧରି ପଳାଇ ଆସୁଛ, କହୁଚ ନା କଣ, ନିରାଶ୍ରୟ ଲୋକଙ୍କୁ ସାହାଯ୍ୟ କଲେ ଭଗବାନ ସନ୍ତୁଷ୍ଟ ହେବେ, କାକା

ISSN NO.
2582-208X

ବରବର ହୋଇ କହିଲେ ଓ ଖାଇବା ବାଢି ଡାଇନିଂ ଟେବୁଲରେ ରଖିଲେ । ଲୋକଟି କାକୁତି ମିନତୀ ହୋଇ କହିଲା, ନାଇଁ ଆଜ୍ଞା, ମୁଁ ଏ ତଳେ ବସି ଖାଇଦେବି, ମୋତେ ଏଇଠି ଦେଇଦିଅ । ସୁଧୀର ବାବୁ ଟିକେ ବଡ ପାଟିରେ କହିଲେ, ନାଁ ଆପଣଙ୍କୁ ମୋ ସାଙ୍ଗରେ ହିଁ ବସି ଖାଇବାକୁ ପଡିବ । ଲୋକଟି ନିରୁପାୟ ହୋଇ ସୁଧୀର ବାବୁଙ୍କ ସହ ଡାଇନିଂ ଟେବୁଲରେ ବସି ଖାଇଲା । ଖିଆ ସରିଲାପରେ ସୁଧୀର ବାବୁ କହିଲେ କାକା, ଏ ମଉସାଙ୍କୁ ଆମ ଗେଷ୍ଟ ରୁମରେ ରହିବାକୁ ଦିଅ, କାଲି ମୁଁ ଥାନାରୁ ଫେରିଲା ପରେ ଇଏ ଯିବେ ।

ଲୋକଟି ରାତିରେ ଗେଷ୍ଟ ରୁମରେ ରହିଲା, ନିଦ ହଉନଥାଏ, ମନରେ ଅନେକ ପ୍ରଶ୍ନବାଚୀ, ସକାଳୁ ଉଠି କାକାଙ୍କୁ ପଚାରିଲା, ବାବୁଙ୍କର କଣ ହେହି ନାହାନ୍ତି ? ଆପଣ ବାବୁଙ୍କର କଣ ହେବେ ? କାକା ଟିକେ ହସି ଦେଇକହିଲେ, କିଏ କହିଲା ବାବୁଙ୍କର କେହି ନାହାନ୍ତିବୋଲି। ବାବୁ ଜଣେ ସୁନା ମୁଣ୍ଡା, ଏ ସମସ୍ତ ସଂସାରକୁ ବାବୁ ନିଜର ବୋଲି ଭାବନ୍ତି । ହେଇ ଦେଖୁନା, ତମ ସହିତ ଚିହ୍ନା ଜଣା ନାହିଁ, ତୁମକୁ ଘରକୁ ନେଇ ଆସିଲେ । ମଧୁ କାକା ଓ ଲୋକଟି ସମବୟସ୍କ ହୋଇଥିବାରୁ ଶୀଘ୍ର ମିଶିଗଲେ । ଧୀରେଧୀରେ ମଧୁ କାକା ସୁଧୀର ବାବୁଙ୍କର କାହାଣୀ ଲୋକଟି ଆଗରେ ବଖାଣିବାକୁ ଲାଗିଲେ । ବାବୁଙ୍କର ମା ଜଣେ ଜମିଦାର ଘରର ଝିଅ ଥିଲେ, ବାପା ମାଙ୍କର ଏକ ମାତ୍ର ଅଲିଅଳି କନ୍ୟା, ତେଣୁ ଅତି ଗେହ୍ଲାରେ ବଢିଥିଲେ । କଲେଜରେ ପଢିଲା ବେଳେ ସେ ଜଣେ ଅନ୍ୟ ଜାତିର ପୁଅକୁ ଭଲପାଇ ବସିଲେ, ହେଲେ ବାପାମାଙ୍କୁ ଭୟରେ କିଛି କହିପାରିଲେ ନାହିଁ । ବାପା ଜାଣିପାରି ଝିଅର ବାହାଘର ଅନ୍ୟଜାଗାରେ କରିଦେଲେ । ପିଲାଟା ବି ବହୁତ ଭଲ ଥିଲା, ବ୍ୟାଙ୍କରେ ଚାକିରୀ କରୁଥିଲା । ବାହାଘର ବଡ ଧୁମଧାମରେ ହେଲା । ହେଲେ କଣ ହେବ ଝିଅଟା ବଡ ଅଭାଗୀ, ମୁଣ୍ଡରେ ଶୈତାନି ବୁଦ୍ଧି ପଶିଲା, ବାହାଘରର ଛ ମାସ ପରେ ତା ପୁରୁଣା ପ୍ରେମିକ ସାଙ୍ଗରେ ପଳାଇଲା । ବିଚରା ପୁଅଟା ସମାଜର ଅପମାନ ସହିନପାରି ଚାକିରୀ ଛାଡ଼ିଦେଇ କୁଆଡେ ପଳାଇଗଲା । ଆଜି ପର୍ଯ୍ୟନ୍ତ ତାର ଅତା ପତା ମିଳୁନାହିଁ । ବିଧିର ବିଧାନ ବଡ ବିଚିତ୍ର, ସେତେବେଳକୁ ସେ ଦୁଇ ମାସର ଗର୍ଭବତୀ ଥିଲା । ତା ପ୍ରେମିକ ଏ କଥା ଜାଣିପାରି ତାକୁ ଛାଡିଦେଲା । ନିରୁପାୟ ହୋଇ ଝିଅ ବାପାମାଙ୍କ ପାଖକୁ ଫେରି ଆସିଲା। ନେଡି ଗୁଡ଼ କହୁଣିକି ବୋହିସାରିଥିଲା, ବାପାମାଙ୍କ ଘରେ ବାବୁଙ୍କ ମା ବାବୁଙ୍କୁ ଜନ୍ମ ଦେଲେ । ଝିଅ ଚିନ୍ତାରେ ବୁଢାବୁଢୀ ଦୁଇଜଣ ଉପରକୁ ଚାଲିଗଲେ । ସେଇ

ISSN NO.
2582-208X

ଦିନ ଠାରୁ ବାବୁ ଓ ତାଙ୍କ ମା ଅଜାଆଇ ଘରେ ରହୁଛନ୍ତି । ମୁଁ ତାଙ୍କ ଅଜାଙ୍କର ପୁରୁଣା ଚାକର । ବାବୁଙ୍କୁ ମୁଁ ପିଲାଦିନରୁ କୋଳେଇ କାଖେଇ ବଡ କରିଛି । ବାବୁ କିନ୍ତୁ ମୋତେ ଚାକର ବୋଲି ଦେଖନ୍ତି ନାହିଁ, କାକା କାକା ବୋଲି ଡାକନ୍ତି । ବାବୁ ମୋତେ ସବୁବେଳେ କୁହନ୍ତି ତାଙ୍କ ନାଁ ଧରି ଡାକିବାକୁ, କିନ୍ତୁ ମୋର ସାହସ ହୁଏ ନାହିଁ । ମୁଁ ଜାଣିପାରେ ବାବୁ ତାଙ୍କ ବାପାଙ୍କୁ ମନେମନେ ବହୁତ ଖୋଜୁଛନ୍ତି, ଖୋଜୁଛନ୍ତି ସେଇ ଅଛିଣ୍ଡା ସମ୍ପର୍କଟିକୁ । ସେଥିପାଇଁ ସେ କୌଣସି ବୟସ୍କ ଲୋକଙ୍କୁ ଦେଖିଲେ ବହୁତ ଆଦର ସମ୍ମାନ କରନ୍ତି, ତାଙ୍କ ଭିତରେ ଖୋଜନ୍ତି ସେଇ ହଜିଯାଇଥିବା ଅତି ଆପଣାର ସମ୍ପର୍କଟିକୁ ।

ମଧୁ କାକାର କଥା ସରିଲା ବେଳକୁ ଲୋକଟିର ଆଖିରେ ଆଖିଏ ଲୁହ । କାକା ଜାଣିପାରି କହିଲେ ତମେ ଏକା ନୁହଁ, ବାବୁଙ୍କ କଥା ଯିଏ ଶୁଣୁଛି ସିଏ କାନ୍ଦୁଛି । ବାବୁ ଏ ସହରକୁ ନୂଆ ଆସିଛନ୍ତି, ଆଉ କେଇଦିନ ଗଲେ ତାଙ୍କ ମା ଏଠାକୁ ଆସିବେ । ତାପରେ ମୋ କାମ ଟିକେ ହାଲକା ହେବ, ନହେଲେ ବାବୁ ସବୁଦିନେ କାହାକୁ ନା କାହାକୁ ଧରି ଘରକୁ ପଳାଇ ଆସୁଛନ୍ତି । ହଉ ତମେ ବସ, ମୋର କେତେ କାମ ପଡ଼ିଛି ।

ପୂର୍ବ ଦିନ ଦଙ୍ଗା ପାଇଁ ସୁଧୀର ବାବୁ ଆଜି ସକାଳୁ ସକାଳୁ ଥାନାକୁ ବାହାରି ଗଲେଣି । କାକାଙ୍କୁ ବି କିଛି କହି ନାହାନ୍ତି । ଦିନ ଦଶଟା ବେଳକୁ ଫୋନକରି କହିଲେ, କାକା ସେ ମଉସାଙ୍କୁ ଅଟକାଇ ଥିବ, ମୁଁ ଆସୁଛି । କାକା ଲୋକଟିକୁ କହିଲେ, ତମେ ଟିକେ ଥା ବାବୁ ଆସୁଛନ୍ତି । ଠିକ ଦଶଟା ବେଳକୁ ସୁଧୀର ବାବୁ ଆସି ପହଁଚିଲେ, କାକାଙ୍କୁ କହିଲେ, ସେ ମଉସାଙ୍କୁ କିଛି ଖାଇବାକୁ ଦେଇଛ ନା ନାହିଁ, ହଉ ତାଙ୍କୁ ଟିକେ ଡାକ । କାକା ଗେଷ୍ଟ ରୁମକୁ ଗଲେ ସେ ଲୋକଟିକୁ ଡାକିବାକୁ, ହେଲେ ସେଠାରେ ତାଙ୍କୁ ନପାଇ ସୁଧୀର ବାବୁଙ୍କ ପାଖକୁ ଦୌଡ଼ି ଦୌଡ଼ି ଆସି କହିଲେ, ବାବୁ ସେ ଲୋକଟାତ ଗେଷ୍ଟ ରୁମରେ ନାହିଁ । କାକା ଓ ସୁଧୀର ବାବୁ ବହୁତ ଖୋଜାଖୋଜି କଲେ, କିନ୍ତୁ ସେ ଲୋକଟାକୁ କେଉଁଠି ପାଇଲେ ନାହିଁ । ବଗିଚାରେ କାମ କରୁଥିବା ମାଳି କହିଲା, ଆଜ୍ଞା ଆପଣ ଆସିବାର ଟିକେ ଆଗରୁ ଜଣେ ଲୋକ କାନ୍ଧରେ ଛୋଟ ଝୁଲାଟିଏ ପକାଇ ତରତର ହୋଇ ଯିବାର ସେ ଦେଖିଛି । ଭାବିଲି ଆପଣଙ୍କ ସମ୍ପର୍କୀୟ, ତେଣୁ ଅଟକାଇଲିନି । କାକା କହିଲେ ଲୋକଟି ବହୁତ ସ୍ୱାଭିମାନୀ ଥିଲା ପରି ଲାଗୁଥିଲା, ସେଥିପାଇଁ ସେ ବୋଧେ ପଳାଇଲା । ସୁଧୀର ବାବୁ କାକାଙ୍କ ସହିତ ଗେଷ୍ଟ ରୁମକୁ ଆସିଲେ, ଦେଖିଲେ ସବୁ

ISSN NO.
2582-208X

ଠିକଠାକ ଅଛି । ଲୋକଟି ବେଡ଼ସିଟ, କମ୍ବଳ ସବୁ ଭାଙ୍ଗି ଠିକ ଜାଗାରେ ରଖିଛି । ରୁମରୁ ଫେରୁଫେରୁ ସୁଧୀର ବାବୁଙ୍କର ଏକ ମଇଳା ଛିଣ୍ଡା ଡ଼ାଇରୀ ଉପରେ ନଜର ପଡିଲା, କାକାଙ୍କୁ କହିଲେ ସେ ଡାଇରୀଟିକୁ ଆଣିବାକୁ ।

କାକା ଡାଇରୀଟିକୁ ସୁଧୀର ବାବୁଙ୍କୁ ବଢ଼ାଇ ଦେଉଦେଉ କହିଲେ ଏଇଟା ବୋଧେ ସେ ଲୋକଟାର, ତରତର ହୋଇ ପଳାଇଗଲାବେଳେ ଭୁଲରେ ଛାଡି ଯାଇଛି, ଆଉ କଣ ସେ ନବାକୁ ଆସିବ । ସୁଧୀର ବାବୁ ଡ଼ାଇରୀଟାର ପୃଷ୍ଠା ଓଲଟାଇ ଚାଲିଥାଆନ୍ତି । ଡ଼ାଇରୀଟା ବହୁତ ପୁରୁଣା ହୋଇଥିବାରୁ କିଛି ପୃଷ୍ଠା ପଢିହେଉ ନଥାଏ । ଓଲଟାଉ ଓଲଟାଉ ସୁଧୀର ବାବୁ ଶେଷ ପୃଷ୍ଠାକୁ ଆସିଗଲେ, ସେଇଠି ଠିଆ ହୋଇ ପଢିବାକୁ ଲାଗିଲେ । ଯାହା ପଢିଲେ ସେଥିରେ ସେ କୋହ ସମ୍ବରଣ କରିପାରିଲେନି, ଛୋଟ ପିଲାଟି ପରି କଇଁକଇଁ ହୋଇ କାନ୍ଦିବାକୁ ଲାଗିଲେ । ଡ଼ାଇରୀର ଶେଷ ପୃଷ୍ଠା ରେ ଲେଖା ଥିଲା "ଆଜି ମୁଁ ମୋ ପୁଅକୁ ଅତି ପାଖରୁ ଦେଖିଲି, ତାକୁ କୁଣ୍ଢେଇକି ବହୁତ କାନ୍ଦିବାକୁ ଇଛା ହେଉଥିଲା, କିନ୍ତୁ ସାହସ ପାଇଲାନି । କିଏ କହିଲା ମୁଁ ଅଭାଗା ବୋଲି, ଯାର ଏଭଳି ସୁନା ମୁଣ୍ଡା ପରି ପୁଅ ଅଛି, ସେ କଣ କେବେ ଅଭାଗା ହୋଇପାରେ । ଭଗବାନ ତାକୁ କୋଟି ପରମାୟୁ ଦିଅନ୍ତୁ, ଦୀର୍ଘାୟୁ ହେଉ ।"

କାକା ସୁଧୀର ବାବୁଙ୍କ ଏ ଅବସ୍ଥା ଦେଖି କାଠ ପାଲିଟି ଗଲେଣି । ସୁଧୀର ବାବୁ କାନ୍ଦୁକାନ୍ଦୁ କହିଲେ, କାକା ମୋତେ ସମସ୍ତେ ଅଭାଗା ବୋଲି କହନ୍ତି ନାଁ, କହିଲ, ଯାର ଏ ଭଳି ସ୍ୱାଭିମାନୀ ବାପା ଅଛନ୍ତି, ସେ କଣ କେବେ ଅଭାଗା ହୋଇପାରେ ? କାକା ସୁଧୀର ବାବୁଙ୍କ ଲୁହ ପୋଛୁ ପୋଛୁ କହିଲେ, ନାଇଁ ବାବୁ ତୁମେ ତ ମଣିଷ ନୁହଁ, ସାକ୍ଷାତ ଦେବତା । ତମପରି ପୁଅ ସବୁ ଜନ୍ମରେ ସମସ୍ତଙ୍କୁ ମିଳୁ ।

ଜୟଦେବ ବିହାର, ଭୁବନେଶ୍ୱର
ଦୂରଭାଷ - ୯୪୩୭୫୭୭୨୯୧

ISSN NO.
2582-208X

# ଜେଜେ



ଆଶୁତୋଷ ଦେବୀପ୍ରସାଦ ରାଉତ

ତୁମେ ଯିବା ଠାରୁ
ଏବେ ବି ଖୋଜୁଛି,
ଆଜି ସବୁ ଏକାବେଳେ
ଜଳଜଳ କରି
ମୋ ଆଖି ଆଗରେ
ତୁମ ସବୁ ପ୍ରତିଛବି
ଝଲସି ଉଠୁଛି,
ଆଜି ମୋ ସ୍ମୃତି ସିନ୍ଦୁକର
ତାଲା ଖୋଲାଯାଇଛି
ସବୁ କିଛି ଆଜି ଶୂନ୍ୟତା ।

ମନେ ପଡେ ମୋ ପିଲାଦିନ
ମୋ ଅତୀତର ସ୍ମୃତି
ତୁମର ସେ ଭଲପାଇବା
ଯେବେ ବଜାର ଯାଅ
ମୋ ପାଇଁ ଆଣିଥାଅ
କିଛିନା କିଛି ଖାଦ୍ୟ ପଦାର୍ଥ,
ମୁଁ ବି, ଚାତକ ପରି
ଅପେକ୍ଷା କରିଥାଏ
ତୁମ ଫେରିବା ବାଟକୁ ।

ତୁମ କାନ୍ଧରେ ବସି
ଦେଖିଛି କେତେ ଯାନି ଜାତରା
ବୁଲିଛି ବଜାର ଆଉ ଗାଁ,
ମନେ ଅଛି ସେଦିନ
ମହାବାତ୍ୟା ଛାଡ଼ରେ
ଛାତିଏ ପାଣିରେ ମୋତେ
କାନ୍ଧରେ ବସାଇ
ମାମୁଁ ଘରୁ ମୋତେ
ଘରକୁ ଫେରାଇ ଆଣିବା ।।

ମୁଁ ମାମୁଁ ଘରେ ଥିବାବେଳେ
ମନ ତୁମ ମାନେନା

ISSN NO.
2582-208X

ମୁଁ ସତେ ଥିଲି
ତୁମ ନୟନ ପିତୁଳା,
ପହଞ୍ଚି ଯାଉଥିଲା ପାସେ
ଦିନେ ଦୁଇ ଦିନରେ
ଦେଖିବା ପାଇଁ ମୋତେ ।

ତୁମର ସେ,
ଅସରନ୍ତି ଭଲପାଇବା
ସ୍ନେହ ଆଉ ଶ୍ରଦ୍ଧା,
ନା ଥିଲା କିଛି ପିପାସା
ନା ଥିଲା କିଛି ସ୍ୱାର୍ଥ
କେବଳ ଆପଣା ପଣ ।

ମନେ ପଡେ ତୁମ ସାଥେ
ଧାନ କିଆରିର
ହିଡ ଉପରେ ବସି
ପଖାଳ ଖାଇବାର ମଜ୍ଜା
ବେଳେବେଳେ ଶିଖାଉଥିଲା
ହଳ ଲଙ୍ଗଳ ଧରି
ହଳ କରିବାର କୌଶଳ,
ଆଜି ବି ମନେ ଅଛି
କହିଥିଲ ପଦେ କଥା,
'ଲଙ୍ଗଳ କଣ୍ଟି ଯେ ଧରିଛି ହାତେ
ହାରିବା ନାହିଁ ସେ ପ୍ରତି କ୍ଷେତ୍ରରେ' ।

ମନେ ପଡେ ଶୀତୁଆ ସକାଳ,
ଶୀତ ଦିନର ଧାନ ଖଳାରେ
ବେଙ୍ଗଳା ଅଡାଏ
ତୁମ ସାଥିରେ,
ପିଲାବେଳେ ଅଳୀ ଅଝଟ କରେ
ଖାଇବି ନାହିଁ ଜିଦି ମୁଁ କରେ,
କହୁଥିଲ ସଦା କଥାଟି ମୋତେ
'ଅଗଡ ମଗଡ ଖାଇବ ଯିଏ
ଶଗଡ଼ ପରି ହୋଇବ ସିଏ' ।

ମୁଁ ଦେଖିଛି ତୁମର
ଅକ୍ଲାନ୍ତ ପରିଶ୍ରମ
ମୁଣ୍ଡ ଝାଳକୁ ତୁଣ୍ଡରେ ମାରି
ଟାଆଁସିଆ ଖରାରେ
ଛାତିକୁ ପଥର କରି
ବର୍ଷା ପବନ କୁ
ଭୟ ନ କରି
ଖୁସିରେ କାମକରି
ସମସ୍ତଙ୍କ ମନରେ
ହସ ଫୁଟାଉ ଥିଲ ।

ଏବେବି ବେଳ ଅବେଳରେ
କାହିଁ ଚାଲି ଆସ ମନକୁ
ମନେପଡେ ବିତିଯାଇଥିବ
ଅତୀତର ସ୍ମୃତି ସବୁ,

ISSN NO.
2582-208X

ଏବେବି  ମନେ ଅଛି
ତୁମ ଶେଷ ସମୟର ଦୃଶ୍ୟ
କ'ଣ କହିବାକୁ ଚାହୁଁଥିଲ ?
ମୋ ଆଡେ ଚାହିଁ
କହି ପାରୁନଥିଲ
ମୋ ଆଙ୍ଗୁଠି ଧରି
ସବୁଦିନ ପାଇଁ
ଆଖିଖୋସିବା ସମୟ ।

ଅପେକ୍ଷା କରିବି ତୁମକୁ
ପୁଣି କେଉଁ ଜନ୍ମରେ
ମୋ ଜେଜେ ହୋଇ ଫେରିବ
ପୁଣି ତୁମର ସ୍ନେହ ଶ୍ରଦ୍ଧା
ଭଲ ପାଇବା ଆଶୀର୍ବାଦ ଦେବ ।

ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା
ଶିକ୍ଷକ, ସରକାରୀ ଉଚ୍ଚ ବିଦ୍ୟାଳୟ
ଚଣ୍ଡିଖୋଲ, ଯାଜପୁର
ଭ୍ରାମ୍ୟଭାଷ: ୯୯୩ ୮୮୮ ୪୭୫
ଦୂରଭାଷ: ୦୬୭୨୫-୨୨୬୪୭୫

ISSN NO.
2582-208X

# ଦାରୁଣ ବାସ୍ତବତା



ଦେବସ୍ମିତା ମହାନ୍ତ

ନିସ୍ତବ୍ଧ ରାତିର ନିଛାଟିଆ ସ୍ୱପ୍ନ ଇଲାକାରେ ତୁମେ ଆସିଥିଲ
ଘନ ଅନ୍ଧାର ଭିତରେ ମୋ ସଂପୂର୍ଣ୍ଣ ଶରୀରକୁ ଆବୋରି ନେଲ
ତୁମ ଉପସ୍ଥିତିକୁ ମୁଁ ବି ଅନୁଭବ କରିବାକୁ ଚାହୁଁଥିଲି!!!
କିନ୍ତୁ ଡ଼ର ଲାଗୁଥିଲା କାଳେ ଆଖି ଖୋଲିଦେଲେ ତୁମେ ଚାଲିଯିବ
ପୁଣି ମୋତେ ଏକାକରି ଛାଡ଼ିଯିବ ଦାରୁଣ ବାସ୍ତବ ଦୁନିଆରେ
ଏଥର କିନ୍ତୁ ମୁଁ ସ୍ଥିର କରିଛି ତୁମ ସହ ଚାଲିଯିବି ବହୁ ଦୂରକୁ
ସବୁ ସୀମା ଉଲଂଘନ କରି ହାତରେ ହାତ ଛନ୍ଦି ଚାଲିଯିବି ଅଫେରା ଦୁନିଆକୁ
କୁହ ତୁମେ ମୋତେ ସାଙ୍ଗରେ ନେଇଯିବ ତ? ମୋ ସହ ଯିବ ତ?
ନିର୍ଜନ ରାତିରେ ଏକାନ୍ତ ଭାବେ ଚାଲିଯିବା ସେ ଅପନ୍ତରା ରାଇଜକୁ
ବାସ୍ତବ ଅଗ୍ନିରେ ଅଧା ପୋଡ଼ାହେଇଗଲାଣି ମୋ ତନୁ ମନ
କଳ୍ପନା ଦୁନିଆର ଶୀତଳ ଜ୍ୟୋସ୍ନାରେ ଧୋଇଦେବାକୁ ଚାହେଁ ନିଜକୁ
ସମଗ୍ର ଶରୀରକୁ ପୁଣି ଥରେ ସଜେଇ ଦେବାକୁ ଚାହେଁ ସୁବାସିତ ଫୁଲରେ
ଏଠିକାର ଫୁଲ ଗୁଡା ସବୁ କାଗଜ ଫୁଲ ପ୍ରାୟ ହୋଇଗଲେଣି
ନା ବାସ୍ନା ଅଛି ନା ଆଞ୍ଜୁଳାରେ ଭରି ଖେଳିବାର ତୃଷ୍ଣା
ରାତି ଆହୁରି ଗାଢ଼ ହୋଇଯାଉଛି ନିସ୍ତବ୍ଧତା ବେଶୀ ବେଶୀ ବଢୁଛି

ISSN NO.
2582-208X

ଝିଙ୍କାରିର ଝିଁଝିଁ ଶବ୍ଦ ଆହୁରି ଜୋରରେ ଶୁଭୁଛି
ଧୀରେଧୀରେ ରାତି ଅପସରି ଯିବ ଗାଢ଼ ସ୍ୱପ୍ନ ମୋ ପତଳା ହୋଇଯିବ
ସକାଳର ପ୍ରଥମ କିରଣ ସହ ମୋ ସ୍ୱପ୍ନ ବି ସମାପ୍ତ ହୋଇଯିବ
ମୋର ସବୁ ସ୍ୱପ୍ନକୁ ସାଙ୍ଗରେ ନେଇ ପୁଣି ତୁମେ ଫେରିଗଲ
ଆଉ ଆଖିମଳି ଦେଖେ ତ ସ୍ୱପ୍ନର ନରମ ଗଦିରେ
ଚିତ୍ ହୋଇ ଶୋଇଛି ମୁଁ ରୁକ୍ଷ କାଠପଲଙ୍କ ଉପରେ
ବାସ୍ନାହୀନ କାଗଜ ଫୁଲପରି ନେଇଗଲ ସାଥିରେ ମୋର ସବୁ ମହକ ......

ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ ଛାତ୍ରୀ, ଓଡ଼ିଆ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ISSN NO.
2582-208X

# କାଗଜ ଡଙ୍ଗା ଓ ରବୀନ୍ଦ୍ର ନାଥ ଟାଗୋର



ଅଭିମନ୍ୟୁ ବେହେରା

ପିଲାଦିନେ କାଗଜ ଡଙ୍ଗା କିଏ କେତେ ଭସେଇଛି ସେ ସବୁ ହିସାବ କିଏ ରଖିଛି । କାଗଜରେ ଡଙ୍ଗାଟିଏ ତିଆରି କରି ତାକୁ ବର୍ଷା ପାଣିରେ ସୁଅରେ ଭସେଇବା ଯେ କେତେ ଆନନ୍ଦଦାୟକ ଯିଏ ଭସେଇଛି ସିଏ ଏକା ଜାଣିଛି । ଡଙ୍ଗା ଭସାଇବାର ଦୃଶ୍ୟ ପିଲାଦିନର ଏକ ଅପାସୋରା ସ୍ମୃତି । ପ୍ରଇମେରୀ ସ୍କୁଲରେ ସାହିତ୍ୟ ବହିରେ ପଢିଥିବା - ଭାସିଯାଅ ମୋର କାଗଜ ଡଙ୍ଗା ଭାସିଯାଆ, ବାଟଯାକ କେତେ ନୂଆ ନୂଆ ସାଥୀ ଭେଟୁ ଥାଆ ଆକାଶରେ ଦେଖି ମେଘ ବାଆ......... ଇତ୍ୟାଦି ପିଲାଦିନର କଥାକୁ ଆହୁରି ମନେ ପକାଇଦିଏ । ଜୀବନରେ କିଏ କେତେ କେବେ ଭସେଇଛି ଆଜିବି ଆମ ଅତୀତର ସାଧବପୁଅ ମାନଙ୍କର ନୌବାଣିଜ୍ୟର ପରମ୍ପରା କୁ ଆଧାର କରି କାର୍ତ୍ତିକ ପୂର୍ଣ୍ଣିମାରେ ଆମେ ସୋଲ କଦଳୀ ପଟୁକା ଇତ୍ୟାଦିରେ ଡଙ୍ଗା ତିଆରି କରି ପ୍ରତିବର୍ଷ ଭସେଇ ଦେଉଛନ୍ତି ।

ମାତ୍ର ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର ତାଙ୍କପିଲା ଦିନେ କାଗଜ ଡଙ୍ଗା ଭସେଇବା କଥା ଥିଲା ସମ୍ପୂର୍ଣ୍ଣ ନିଆରା । ଅନ୍ୟମାନଙ୍କ ଠାରୁ ଥିଲା କିଛି ଭିନ୍ନ । ସେ ତାଙ୍କର ଇଂରାଜୀ କବିତା ପେପର ବୋଟସ୍ ରେ ଉଲ୍ଲେଖ କରିଛନ୍ତି - ଦିନପରେ ଦିନ ମୁଁ ଯେତେବେଳେ ବହମାନ ଜଳସ୍ରୋତରେ କାଗଜଡଙ୍ଗା ଭସାଏ, ସେଗୁଡିକ ଉପରେ ବଡବଡ କଳା ଅକ୍ଷରରେ ଡଙ୍ଗାଗୁଡିକ ଉପରେ ମୋ ନାଁ ଲେଖେ ଏବଂ ମୁଁ ହୁଥିବା ଗାଁର ନାଁ ଲେଖେ, ମୁଁ ଆକାଶରେ କେହିଜଣେ ଏକ ଅଜଣା ଦେଶରେ ସେ ସବୁକୁ ପାଇବ ଏବଂ ମୁଁ କିଏ ଜାଣିବ ।

ସତକୁସତ ତାଙ୍କ ପିଲାଦିନର ସ୍ୱପ୍ନ ଦିନେ ସତରେ ପରିଣତ ହେଲା ଖାଲି ତାଙ୍କ ଗାଁର ନାମ ନୁହେଁ ତାଙ୍କ ରାଜ୍ୟର ନାମ ନୁହେଁ ଆରା ବିଶ୍ୱ ଦିନ ତାଙ୍କୁ ଜାଣିବା ସହିତ ଆମ ଦେଶ

ISSN NO.
2582-208X

ଭାରତର ଗୌରବ ଜାଣିଲା । ନିଜର କବିତା କବିତା ପୁସ୍ତକ ଗୀତାଞ୍ଜଳୀ ପାଇଁ ସାହିତ୍ୟ ପାଇଁ ଦିନେ ଦୁନିଆରେ ସର୍ବଶ୍ରେଷ୍ଠ ପୁରସ୍କାର ନୋବେଲ ପୁରସ୍କାର ସମ୍ମାନୀତ ହେଲେ ସେ । ସାତ ସମୁଦ୍ର ତେର ନଈ ବିଦେଶରେ ସେ ନାଁ କଲେ । ତାଙ୍କୁ ନେଇ ଆମ ଦେଶ ଗର୍ବିତ । କାଗଜଡଙ୍ଗା ତିଆରି ପ୍ରକ୍ରିୟାରୁ ଆରମ୍ଭ କରି ଏବଂ ସେଥିରେ ନିଜ ନାମ, ନିଜ ଗ୍ରାମର ନାମ ଲେଖି କେଉଁ ଏକ ଅଜଣା ଦେଶରେ ନିଜକୁ ନାମିତ ଚିହ୍ନିତ କରିବାର ସୁଦୂର ପ୍ରସାରୀ ଲକ୍ଷ୍ୟ ତାଙ୍କୁ ଦିନେ ବିଶ୍ୱକବି ଆସନରେ ପ୍ରତିଷ୍ଠିତ କଲା । ତାଙ୍କର ମହାନ ସାରସ୍ୱତ ସାଧନାର ପ୍ରତିରୂପ ଗୀତାଞ୍ଜଳୀ ତାଙ୍କୁ ମହାନ୍ କରି ତୋଳିଲା ।

ବିଶେଷ କହିବାର କଥା ତାଙ୍କ ଆଦର୍ଶରେ ଆମେ ଅନୁପ୍ରାଣୀତ ହୋଇପାରନ୍ତି ଓ ମାତ୍ର ଯେ କୌଣସି ସୁକାର୍ଯ୍ୟ କଳାପର ଲକ୍ଷ୍ୟ ସର୍ବଦା ସୁଦୂର ପ୍ରସାରୀ ହେବା ଉଚିତ୍ । ଛୋଟ ଛୋଟ ସଫଳତାରେ ସନ୍ତୁଷ୍ଟ ହୋଇ ବଡ ବଡ ସଫଳତାକୁ ପାଇବାରେ ଲକ୍ଷ୍ୟ ଭ୍ରଷ୍ଟ ହେବା ଉଚିତ୍ ନୁହେଁ । ଆମେରିକା, ଲଣ୍ଡନ ରେ ପହଞ୍ଚିବାର ଲକ୍ଷ୍ୟ ନେଇ ଦିଲ୍ଲୀ ମୁମ୍ବାଇରେ ପହଂଚିଗଲେ ବେଶୀ ଖୁସି ହେବାରେ କିଛି ମାନେ ନାହିଁ । ବରଂ ଛୋଟ ଛୋଟ ଲକ୍ଷ୍ୟସ୍ଥଳରେ ପ୍ରବେଶ କରି ତାକୁ ପାଥେୟ କରି ବଡ ବଡ ଲକ୍ଷ୍ୟ ସ୍ଥଳକୁ ଆପଣେଇବା ବୋଧହୁଏ ଠିକ୍ ହେବ ବୋଲି ଆହା କରୁଛି ।

ଅଧକ୍ଷ - ମାଇଁ ପ୍ଲାନେଟ୍ ପବ୍ଲିକ୍ ସ୍କୁଲ
ସ୍ୱାମପାଟଣା, କେନ୍ଦୁଝର
ମୋ: ୯୯୩୮୧୬୦୬୯

ISSN NO.
2582-208X

# ସାଗର ତୀରେ



ଡଃ ପ୍ରିୟମ୍ବଦା ସାମଲ

ନିଶି ଆଗମନେ ପ୍ରକୃତି ସୁନ୍ଦରୀ
ଦିଶେ କେତେ ଶୋଭାବନ
ସାଗର ତୀରେ ପ୍ରତୀଚୀ ଦିଶାରେ
ଦିବାକର ହେଲେ ଲୀନ ।
ପାଣ୍ଡୁର ବର୍ଣ୍ଣ ବିଭାରେ ଛନ୍ଦାୟିତ
ଗଗନ ହୁଏ ରଞ୍ଜିତ
ଧୂସରିତ କୃଷ୍ଣ ବର୍ଣ୍ଣରେ ଧରଣୀ
ଶୋଭା ଗୁଣରେ ମୋହିତ ।
ନୀଳ ଊର୍ମିମାଳା ତରଙ୍ଗ ଛିଟାରେ
ଭାସିଆସେ ମିଠା ସ୍ୱପ୍ନ
ଭିଜା ଭିଜା ତାର ମଧୁର ପରଶେ
ଭାବରେ ହୁଏ ନିମଗ୍ନ ।
ଗଗନେ ଶୋଭଇ ଚାନ୍ଦର ଚାନ୍ଦିନୀ
ଚିକି ମିକି ତାରା ପୁଞ୍ଜ
ମନ ଆକାଶରେ ସ୍ୱପ୍ନମୟ ସନ୍ଧ୍ୟା
ଜଳାଏ ସତେକି ସଞ୍ଜ ।
ମଧୁର ଝଙ୍କାର ନିନାଦ ଓଁକାର
ଝଙ୍କୃତ ନିକ୍କଣ ଝରେ

ISSN NO.
2582-208X

ଭାବମୟ ପ୍ରାଣ ସାଗର ତୀରରେ
ମୋହାବିଷ୍ଟ ବଂଶୀ ସ୍ୱରେ ।
ତା ରାଗ ରାଗିଣୀ ହୃଦ ନିଏ କିଣି
ସାଗର ତୀରେ ମୁଁ ଶିଳ୍ପୀ
ବାଲୁକା ବେଳିରେ ଆଙ୍କି ବସେ କେତେ
ମନୋରମ ଚିତ୍ର କଳ୍ପି।
ଅଙ୍କୁଥାଏ ଯେତେ ଧୋଇନିଏ ସେତେ
ନୀଳ ଉର୍ମିମାଳ ଛିଟା
ସଜାଏ ମଗନେ ଲଗାଇ ଲଗନେ
ଲୁଣି ଛିଟା କେତେ ମିଠା।
ସାଗର ତୀରରେ ଭିଜା ସମୀରରେ
ଭିଜା ଭିଜା ଏଇ ମନେ
ଭିଜାଇ ଦିଏ ସେ ଭିଜା ଚାନ୍ଦିନୀରେ
ପ୍ରୀତିପୂର୍ଣ୍ଣ ସମ୍ମୋହନେ ।

ଛତିଶଗଡ଼/ନନ୍ଦନ ବିହାର,
ପଟିଆ, ଭୁବନେଶ୍ୱର

ISSN NO.
2582-208X

# ନୀରବ ଓଠର ଭାଷା



ସ୍ୱର୍ଣ୍ଣମୟୀ ଷଡ଼ଙ୍ଗୀ

ଜନ୍ମରୁ ମୃତ୍ୟୁ ଯାଏ
ତାକୁ ଶିଖା ଯାଏ
ତା କାନ ପାଖରେ ଗୁରୁମନ୍ତ୍ର ଭଳି ବାର୍ ବାର୍
ପଢାଯାଏ, ନୀରବ ରହ, ସେଇଥିରେ ତୋର
ମଙ୍ଗଳ, ଦୁଇ କୁଳର ମଙ୍ଗଳ, ବାପା ଅଜା
ଚାରି ପୁରୁଷର ମଙ୍ଗଳ, ସମାଜର ମଙ୍ଗଳ,
ପିଲା କବିଲା ନାତି ନାତୁଣୀ ସ୍ୱାମୀ ଶଶୁର
ସର୍ବ ମଙ୍ଗଳ ସର୍ବ ମଙ୍ଗଳ।

ଯଦି ଖୋଲିବ ନୀରବ ଓଠ
କହିବ ଅଫିଟା ହୃଦ ସିନ୍ଦୁକରେ
ସାଇତା କିଛି ଅକୁହା କଥା
ଅଦିନିଆ ଝଡ଼ ବହିବ
ବେଦନା ବତୁରା ସଂସାରର ଛାତ ଉଡ଼ିଯିବ,
ବେସାହାରା ହୋଇଯିବେ ସେମାନେ
ଆଉ ସେ ମଧ୍ୟ।

ଯଦି ବଖାଣିବ ଅଙ୍ଗେ ନିଭାଇଥିବା
କୋହ ଭରା ବେରଙ୍ଗ କାହାଣୀ ସବୁ,
ଯାହା ପାଣି ଭଳି ବହି ଯାଇଛି ତା ଜୀବନ
ନଦୀର ସୁଅରେ, ଥରି ଉଠିବ ମାଟିର ଛାତି

ISSN NO.
2582-208X

ଝଣ  ଝଣ ଶବ୍ଦ କରି ଭାଙ୍ଗିଯିବ ସମ୍ପର୍କର ଗହଣା ସବୁ,
ଯାହାକୁ ପିନ୍ଧିଛି ଗୋଡ଼ଠୁ ମୁଣ୍ଡ ଯାଏ,
ବିଶ୍ୱାସର ଭରସାର ମୃଦୁ  ବାଆ କୁଆଡେ
ଉଭେଇଯିବ,  ମାଡ଼ି ଆସିବ ଅସରନ୍ତି ଅନ୍ଧାର
ଆଉ ସେଇ ଅନ୍ଧାର ଭିତରେ ମିଳେଇଯିବ
ତାର ସୁନାର ସଂସାର।

ଖାସ୍ ସେଇଥିପାଇଁ ତା ନୀରବ ଓଠର ଭାଷାକୁ
ପଢ଼ିନିଏ ତାର ସରଳିଆ ନୀରିହ ଆଖି ଦୁଇଟି
ଆଉ ଝରାଇ ଦିଏ ଅମାନିଆ ଲୁହର ଝରଣା
ସେଇ ଲୁହ ଧୋଇନିଏ କେତେ ଚିହ୍ନ କେତେ ଦାଗ
କେତେ  କ୍ଷତ  କେତେ ଯେ ବ୍ୟର୍ଥତା
କେତେ  ଅସହାୟପଣ ପୁଣି କେତେ କ୍ଲାନ୍ତି କେତେ
ଅବସୋସ।

ବେଳେ ବେଳେ ଏମିତି ବି ହୁଏ
ଶବ୍ଦ ମାନଙ୍କର ଭିଡ ଜମେ ତା
ଓଠ ଫାଙ୍କରେ, ସେମାନେ ଇଚ୍ଛା
କରନ୍ତି ପ୍ରତିବାଦର ସ୍ୱର ତୋଳିବାକୁ
ବାପାଲୋ ଧନଲୋ କହି ବୁଝାଏ  ସେମାନଙ୍କୁ
ସେମାନେ ବୁଝନ୍ତି ଆଉ ଫେରି ଯାଆନ୍ତି
ଯେଝା ବାଟରେ।

କିଛି ପ୍ରାପ୍ତିର ଆଶା ଆଉ ନାହିଁ
ଜୀବନ ଉତ୍ସର୍ଗ କରି ସାରିଛି କେବେଠୁ
ତେବେ ଆଉ କାହିଁକି ଅଭିଯୋଗ
କାହିଁକି ଆପତ୍ତି
କିଏ ବୁଝିଛି ନା ବୁଝିବ ତା ନୀରବ

ISSN NO.
2582-208X

ଓଠର ଭାଷା ।
ନୀରବ ଓଠର ଭାଷା
************

ଜନ୍ମରୁ  ମୃତ୍ୟୁ ଯାଏ
ତାକୁ ଶିଖା ଯାଏ
ତା କାନ ପାଖରେ ଗୁରୁମନ୍ତ୍ର ଭଳି ବାର୍ ବାର୍
ପଢାଯାଏ, ନୀରବ ରହ, ସେଇଥିରେ ତୋର
ମଙ୍ଗଳ,ଦୁଇ କୁଳର ମଙ୍ଗଳ, ବାପା ଅଜା
ଚାରି ପୁରୁଷର ମଙ୍ଗଳ, ସମାଜର ମଙ୍ଗଳ,
ପିଲା କବିଲା ନାତି ନାତୁଣୀ ସ୍ୱାମୀ ଶଶୁର
ସର୍ବ  ମଙ୍ଗଳ ସର୍ବ ମଙ୍ଗଳ।

ଯଦି ଖୋଲିବ  ନୀରବ ଓଠ
କହିବ ଅଫିଟା ହୃଦ ସିନ୍ଦୁକରେ
ସାଇତା କିଛି ଅକୁହା କଥା
ଅଦିନିଆ ଝଡ଼ ବହିବ
ବେଦନା ବତୁରା ସଂସାରର ଛାତ ଉଡ଼ିଯିବ,
ବେସାହାରା  ହୋଇଯିବେ ସେମାନେ
ଆଉ ସେ ମଧ୍ୟ।

ଯଦି  ବଖାଣିବ ଅଙ୍ଗେ ନିଭାଇଥିବା
କୋହ ଭରା ବେରଙ୍ଗ କାହାଣୀ ସବୁ,
ଯାହା ପାଣି  ଭଳି ବହି ଯାଇଛି ତା ଜୀବନ
ନଦୀର ସୁଅରେ,ଥରି ଉଠିବ ମାଟିର ଛାତି
ଝଣ  ଝଣ ଶବ୍ଦ କରି ଭାଙ୍ଗିଯିବ ସମ୍ପର୍କର ଗହଣା ସବୁ,
ଯାହାକୁ ପିନ୍ଧିଛି ଗୋଡ଼ଠୁ ମୁଣ୍ଡ ଯାଏ,
ବିଶ୍ୱାସର ଭରସାର ମୃଦୁ  ବାଆ କୁଆଡେ
ଉଭେଇଯିବ,  ମାଡ଼ି ଆସିବ ଅସରନ୍ତି ଅନ୍ଧାର

ISSN NO.
2582-208X

ଆଉ ସେଇ ଅନ୍ଧାର ଭିତରେ ମିଳେଇଯିବ
ତାର ସୁନାର ସଂସାର।

ଖାସ୍ ସେଇଥିପାଇଁ ତା ନୀରବ ଓଠର ଭାଷାକୁ
ପଢ଼ିନିଏ ତାର ସରଳିଆ ନୀରିହ ଆଖି ଦୁଇଟି
ଆଉ ଝରାଇ ଦିଏ ଅମାନିଆ ଲୁହର ଝରଣା
ସେଇ ଲୁହ ଧୋଇନିଏ କେତେ ଚିହ୍ନ କେତେ ଦାଗ
କେତେ କ୍ଷତ କେତେ ଯେ ବ୍ୟର୍ଥତା
କେତେ ଅସହାୟପଣ ପୁଣି କେତେ କ୍ଲାନ୍ତି କେତେ
ଅବସୋସ।

ବେଳେ ବେଳେ ଏମିତି ବି ହୁଏ
ଶବ୍ଦ ମାନଙ୍କର ଭିଡ ଜମେ ତା
ଓଠ ଫାଙ୍କରେ, ସେମାନେ ଇଚ୍ଛା
କରନ୍ତି ପ୍ରତିବାଦର ସ୍ୱର ତୋଳିବାକୁ
ବାପାଲୋ ଧନଲୋ କହି ବୁଝାଏ ସେମାନଙ୍କୁ
ସେମାନେ ବୁଝନ୍ତି ଆଉ ଫେରି ଯାଆନ୍ତି
ଯେଝା ବାଟରେ।

କିଛି ପ୍ରାପ୍ତିର ଆଶା ଆଉ ନାହିଁ
ଜୀବନ ଉତ୍ସର୍ଗ କରି ସାରିଛି କେବେଠୁ
ତେବେ ଆଉ କାହିଁକି ଅଭିଯୋଗ
କାହିଁକି ଆପତ୍ତି
କିଏ ବୁଝିଛି ନା ବୁଝିବ ତା ନୀରବ
ଓଠର ଭାଷା ।

ଶିକ୍ଷକ, କେନ୍ଦ୍ରାପଡା

ISSN NO.
2582-208X

# ସାନ୍ତାଳ ଜନଜାତି ଙ୍କର ଗଣପର୍ବ : ସହରାଏ

ଅପରାଜିତା ମହାରଣା

ଓଡ଼ିଶା ଏକ ଆଦିବାସୀ ବହୁଳ ଅଞ୍ଚଳ ଅଟେ । ଓଡ଼ିଶାରେ ବାଷଠି ପ୍ରକାର ଆଦିବାସୀ ଦେଖାଯାଆନ୍ତି । ଓଡ଼ିଶାର କଛି ପ୍ରମୁଖ ଜିଲ୍ଲା ରେ ଆଦିବାସୀ ଜନଜାତି ବସବାସ କରିଥାନ୍ତି । ସେଥିମଧ୍ଯରୁ ଏହି ଜିଲ୍ଲା ମାନଙ୍କ ରେ ଯଥା :- ମୟୁରଭଞ୍ଜ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ମାଲକାନଗିରି, କୋରାପୁଟ, ସୁନ୍ଦରଗଡ଼ ଜିଲ୍ଲା ରେ ଆଦିବାସୀ ଜନଜାତି ଙ୍କର ସଂଖ୍ୟା ମାତ୍ରାଧିକ । ମୁଖ୍ୟତଃ ସାନ୍ତାଳ ମାନେ ମୟୁରଭଞ୍ଜ, କେନ୍ଦୁଝର ଓ ଢେଙ୍କାନାଳ, ବାଲେଶ୍ବର ଜିଲ୍ଲା ରେ ଦେଖାଯାଆନ୍ତି । ସାନ୍ତାଳ ଜନଜାତି ମାନଙ୍କ ର ଜୀବିକା ମୁଖ୍ୟତଃ କୃଷି ଉପରେ ନିର୍ଭର ଓ ପର୍ବ ଗୁଡ଼ିକ ସାଧାରଣତଃ କୃଷିଭିତ୍ତିକ । ସାନ୍ତାଳ ମାନେ ପାଳନ କରୁଥିବା ପର୍ବ ମଧ୍ଯରୁ ହୁଲୁମୁଟ, ରଜପର୍ବ, ଗହ୍ମା ପାରାବ୍, ନାୱା ଖିଆ (ନୂଆଖାଇ), ଦାସାଏଁ ପାରାବ୍, ଇତୁ ମୁଣ୍ଡଦା ପାରାବ୍, ସାକାରାତ୍, ମାଘ୍ ବଙ୍ଗା, ବାହା ବଙ୍ଗା, ସହରାଏ । ସେଥିମଧ୍ଯରୁ "ସହରାଏ" ପର୍ବ ଟି ଅତ୍ୟନ୍ତ ଲୋକପ୍ରିୟ ।

## ସହରାଏ ପାରାବ୍ -

ଆଦିବାସୀ ସଂସ୍କୃତି ର ମୁଖ୍ୟ ବିଭବ ହେଉଛି ପର୍ବ । "ସହରାୟ" ସାନ୍ତାଳ ମାନଙ୍କର ମୁଖ୍ୟ ପର୍ବ ମଧ୍ଯରୁ ଗୋଟେ । ଏହି ପର୍ବ ଟି ଏକ କୃଷିଭିତ୍ତିକ ପର୍ବ । କୃଷିଭିତ୍ତିକ କହିବାର ତାତ୍ପର୍ଯ୍ୟ ଏହି ପର୍ବ ଟି ଫସଲ ଅମଳ ଉପରେ ନିର୍ଭର କରେ । ଯେଉଁ ବର୍ଷ ଫସଲ ଉତ୍ପାଦନ ଭଲ ହୋଇଥାଏ ସେହି ବର୍ଷ "ସହରାୟ" ଉତ୍ତମ ଭାବେ ପାଳନ କରାଯାଏ । କେଉଁଠି ନାଁ କେଉଁଠି ଫସଲ ସହିତ ଏହି ପର୍ବ ର ସଂଯୋଗତା ରହିଥିବାର ପ୍ରମାଣ ମିଳେ । ଏହି ପର୍ବ ଟି ପୌଷ ମାସର ପୂର୍ଣ୍ଣିମା ତିଥିରେ ପାଳନ କରାଯାଏ ଓ ଅନ୍ୟ କେତେକ ସ୍ଥାନ ରେ ଏହି ପର୍ବ କୁ

ISSN NO.
2582-208X

କାଳୀପୂଜା ଅମାବାସ୍ୟା ରେ ପାଳନ ହୋଇଥାଏ । ଏହି ପର୍ବ କେଉଁଠି ତିନ ଦିନ ଓ କେଉଁଠି ପାଞ୍ଚ ଦିନ ଧରି ପାଳତ ହୁଏ ସ୍ଥାନୀୟ ପ୍ରଭେଦ ଲକ୍ଷ୍ୟ କରାଯାଏ । ଏହି ପର୍ବ ଟି ଉଭୟେ ନାରୀ ପୁରୁଷ କୈନ୍ଦ୍ରିକ ପର୍ବ ଅଟେ ।

"ସହରାଏ" ପର୍ବ ର ପ୍ରଥମ ଦିନରେ ଗୋବର ଦ୍ୱାରା ଗୃହ ପରିଷ୍କରଣ କରାଯାଏ ଗୃହ ରଙ୍ଗଦେବା, ଆସବାବପତ୍ର ପରିଷ୍କାର କରିବା ଓ ଗୋରୁ ଗାଈ ମାନଙ୍କୁ ଗାଧୋଇ ଦିଆଯାଏ । ଗୋରୁ ମାନଙ୍କୁ ପୂଜା କରିବା ନିମନ୍ତେ ଏହି ଦିନକୁ ସ୍ନାନ ଦିବସ କୁହାଯାଏ (ସାନ୍ତାଳ ଭାଷା ରେ ଏହାକୁ ଉମ୍ ହିଲୁ କୁହାଯାଏ ) । ଚାଷ କାର୍ଯ୍ୟ ରେ ବ୍ୟବହୃତ ହେଉଥିବା ଲଙ୍ଗଳ ଜୁଆଳି କୁ ମଧ୍ୟ ପରିଷ୍କରଣ କରାଯାଏ । ଗୋରୁ ଙ୍କୁ ବନ୍ଦାପନା କରାଯାଏ । ଗୋରୁ ଶିଙ୍ଘ ରେ ନୂଆ ଧାନ ମେଣ୍ଟା ଓ ଫୁଲ ହାର ବନ୍ଧାଯାଏ । ଗୋରୁ ବନ୍ଧା ହେବା ପାଇଁ ଏକ ଖୁଣ୍ଟ ପୋତାଯାଏ । ସେହି ଖୁଣ୍ଟ ପୋତା ସ୍ଥାନ କୁ ଗୋବର ରେ ଲିପା ପୋଛା କରି ଅରୁଆ ଚାଉଳ କୁ ଭିଜାଇ ସେହି ଚାଉଳ କୁ ବାଟି ଦେଇ ଆଣ ପ୍ରସ୍ତୁତ କରି ଝୋଟି ଆଙ୍କନ୍ତି । ସେହି ଖୁଣ୍ଟ ରେ ଗୋରୁ କୁ ବାନ୍ଧି ଦିଅନ୍ତି ଓ ମହିଳା ମାନେ ଗୋରୁ କୁ ଦୀପ, ଧୂପ, ଦୁବ, ବରକୋଳି ପତ୍ର, ଖଇ, ଫୁଲ ଦେଇ ବନ୍ଦାପନା କରନ୍ତି । ଖୁଣ୍ଟ ରେ ବନ୍ଧା ହୋଇଥିବା ଗୋରୁ କୁ ଘୋଉଡ଼େଇବା ପ୍ରଥା ମଧ୍ୟ ପ୍ରଚଳିତ । ଏହି ପର୍ବ ପାଳନ ପାଇଁ ସମସ୍ତେ ଗ୍ରାମବାସୀ ମାନଙ୍କ ଠାରୁ ପନିପରିବା ଡାଲି ଚାଉଳ ଆଦାୟ କରି ଏକାଠି କରି ଶେଷରେ ଭୋଜି ର ଆୟୋଜନ କରାଯାଏ । ଏହି କାର୍ଯ୍ୟ ଗ୍ରାମର ମହିଳା ମାନେ କରନ୍ତି । କୁକୁଡ଼ା ଓ କୁକୁଡ଼ା ପକ୍ଷୀ ର ଅଣ୍ଡା ଟି ଏହି ପର୍ବ ର ମୁଖ୍ୟ ସାମଗ୍ରୀ । ଏହି ପୂଜା ରେ କୁକୁଡ଼ା ବଳି ଦେବା ପ୍ରଥା ରହିଛି । ଆଦିବାସୀ ଜନଜାତି ଙ୍କର ହାଣ୍ଡିଆ ବ୍ୟତୀତ କୌଣସି ପୂଜା ପର୍ବ ସମ୍ପୂର୍ଣ୍ଣ ହୁଏ ନାହିଁ ଦେବତା ଙ୍କ ନିମନ୍ତେ ହାଣ୍ଡିଆ ପ୍ରସ୍ତୁତ କରାଯାଏ ଓ ଶେଷରେ ସମସ୍ତ ମହିଳା ପୁରୁଷ ଜାତି ଏହାକୁ ପାନୀୟ ରୂପେ ଗ୍ରହଣ କରି ପାରମ୍ପରିକ ବାଦ୍ୟ ର ତାଳେ ତାଳେ ଗୋଷ୍ଠୀ ନୃତ୍ୟ (ଲାଗ୍ରେ) କରନ୍ତି । ଏହି ହାଣ୍ଡିଆ କୁ ସେମାନେ ଶାଳ ପତ୍ର ର ଠୋଲା କରି ସେଥିରେ ପିଅନ୍ତି । ପର୍ବ ଟି କିପରି ପାଳନ କରାଯିବ ପୂଜକ ଦିହିରି (ଦେହୁରୀ) (ମାଝୀ ହାଳାମ୍) ନିର୍ଦ୍ଧାରଣ କରିଥାଏ ।

ବାଦ୍ୟଯନ୍ତ୍ର - ଆଦିବାସୀ ଜନଜାତି ମାନେ ଗୋଷ୍ଠୀଗତ ଜୀବନଯାପନ କରନ୍ତି । ଅନ୍ୟ ଜାତି ର ଲୋକ ଙ୍କ ଅପେକ୍ଷା ଆଦିବାସୀଜନଜାତି ଙ୍କର ଖାଦ୍ୟ, ବସ୍ତ୍ର ସାମାଜିକ ଚଳଣି ବ୍ୟବସ୍ଥା,

ISSN NO.
2582-208X

ପୂଜା ପାର୍ବଣ, ଭାଷା ଇତ୍ୟାଦି ସ୍ୱତନ୍ତ୍ର ପରିଚୟ ପ୍ରଦାନ କରେ । ଏହି ପର୍ବ ଏକ ସାମୂହିକ ପର୍ବ ହୋଇଥିବାରୁ ଏହି ପର୍ବ ରେ ସମସ୍ତ ଗ୍ରାମବାସୀ ଏକତ୍ରିତ ହୋଇ ପାରମ୍ପରିକ ଲୁଗା ପିନ୍ଧି ମହିଳା ଗୋଷ୍ଠୀ ଅଣ୍ଟା ରେ ହାତ ଛନ୍ଦା ଛନ୍ଦି ହୋଇ ବିଭିନ୍ନ ପାରମ୍ପରିକ ବାଦ୍ୟଯନ୍ତ୍ର ବଜାଇ ସାନ୍ତାଳୀ ମାନେ ବାଦ୍ୟଯନ୍ତ୍ର ର ତାଳେ ତାଳେ ନୃତ୍ୟ କରନ୍ତି । ଆଦିବାସୀ ମାନେ ସଙ୍ଗୀତ ନୃତ୍ୟ ପ୍ରିୟ ହୋଇଥିବାରୁ ସେମାନେ ପ୍ରତ୍ୟେକ ପର୍ବପର୍ବାଣି ରେ ନୃତ୍ୟ ସଙ୍ଗୀତ ପରିବେଷଣ କରିଥାନ୍ତି । "ସହରାଏ" ପର୍ବ ରେ ମୁଖ୍ୟତଃ ତୁମ୍ ଦା, ଚଡ଼ଚଡ଼ି, ମାଦଳ, ନାଗରା ଏସବୁ ବାଦ୍ୟ ର ପ୍ରୟୋଗ କରାଯାଏ ।

ସହରାଏ ପର୍ବ ର ଗୀତ – ସହରାଏ ପର୍ବ ପାଳନ କରିବା ସମୟରେ ବିଭିନ୍ନ ଲୋକଗୀତ ବୋଲା ଯାଇଥାଏ । ଏହାକୁ ବାଖେଣ କୁହାଯାଏ । ଗାଈ କୁ ବନ୍ଦାପନା କରିସାରିବା ପରେ ସନ୍ଧ୍ୟା ବେଳେ ଏହି ଲୋକଗୀତ କୁ ସେମାନେ ବୋଲିଥାନ୍ତି ଏହାକୁ "ଗାଇ ଚୁମାଣା" କୁହାଯାଏ :-

ଅକୟ ରିନ୍ ଗଇକୋ ବୁରୁଦ୍ ବୁରୁଦ୍
ଅକୟ ରିନ୍ ବିଢ଼ିକିଲ୍ ବିଢ଼ିକିଲ୍ ବିୟଲ୍ ବୟଲ୍
ଲ୍ ଆକୋ ରେମାନାୟା ସାମାୟନମ୍ ଘାଣ୍ଟିଲ୍
ଆରଞ୍ଜ ଆକୋ ରୋମାନାୟ ବିୟଲ୍ ବୟଲ୍ ଚାଉଁରା
ଜୟପାଲ୍ ରିନ୍ ଗଇକୋ ଗାଇକୋ ବୁରୁଦ୍ ବୁରୁଦ୍
ଜୟପାଲ୍ ରିନ୍ ବିତିକିୟ ବିତିକିଲ୍ ବିୟଲ୍ ବୟଲ୍
ସହରାଏ ବାଖେଣ
ନେ ସାଓ୍ୱଣେ ନେ ସା୍ଓ୍ୱେଣି
ଆୟୁର ଲେକ ସୁତୁଲେକ
ନାଇ ପାରମ ଗାଡ଼ା ପାରମ
କୁଡାମ ତେ ସାଢେ ତେ
ମୁରୁଜ ବାଲେ ସୁରୁଜ ବାଲେ

ISSN NO.
2582-208X

ଦେବତା – ସାନ୍ତାଳ ଭାଷାରେ ଦେବତା ଙ୍କୁ "ବଙ୍ଗା" ବୋଲି କୁହାଯାଏ । ଏହି ପର୍ବ ରେ ସାନ୍ତାଳ ଜନଜାତି ଙ୍କର ଗୃହ ରେ କୌଣସି ଦେବତା ଙ୍କ ପାଖରେ ପୂଜା କରାଯାଏ ନାହିଁ ବରଂ "ଜାହେର୍" ଠାରେ ସମସ୍ତେ ଏକାଠି ହୋଇ ପୂଜା କରାଯାଏ । "ଜାହେର୍" ଶବ୍ଦ ର ଅର୍ଥ କହିଲେ ଦେବତା ପୂଜା ପାଉଥିବା ସ୍ଥାନ କୁ ବୁଝାଯାଏ ) ଗାଁ ର ଏକ ଖୋଲା ସ୍ଥାନ ରେ ବୃକ୍ଷ ମୂଳରେ ଏକ ମାଟି ର ପିଣ୍ଡି କରାଯାଇଥାଏ । ସେହି ସ୍ଥାନ ରେ "ମାରାଂବୁରୁ" ଦେବତା ପୂଜା ପାଇଥାନ୍ତି । ଗ୍ରାମ ର ଯେ କୌଣସି ପୂଜା ପାର୍ବଣ ହେଲେ ସେଠାରେ ଗ୍ରାମବାସୀ ଏକତ୍ରିତ ହୋଇ ପାଳନ କରନ୍ତି ।

ଓଡ଼ିଶାରେ ଓଡ଼ିଆ ଜାତି ର ଲୋକମାନେ ବାର ମାସ ରେ ତେର ପର୍ବ ପାଳନ କରନ୍ତି । ସେହିପରି ମଧ୍ୟ ଓଡ଼ିଶାରେ ଆଦିବାସୀ ଜନଜାତି ଙ୍କ ର ବହୁ ପର୍ବ ରହିଛି । "ସହରାଏ" ପର୍ବ ସାନ୍ତାଳ ଜନଜାତି ଙ୍କର ଏକ ପ୍ରମୁଖ ପର୍ବ ଟିଏ । ଏହି ପର୍ବ ଟିର ପାଳନ ଯେଉଁ ଉଦ୍ଦେଶ୍ୟ ପାଇଁ ହୋଇଥାଏ ସେହି ଉଦ୍ଦେଶ୍ୟ ରେ ଓଡ଼ିଶାରେ ମଧ୍ୟ ବହୁ ପର୍ବ ପାଳନ ହୋଇଥାଏ, କିନ୍ତୁ ଓଡ଼ିଆଙ୍କର ସମସ୍ତ ପର୍ବ ଲୋକପ୍ରିୟ ହୋଇଥିବା ବେଳେ ର ଓଡ଼ିଶାରେ ପାଳନ ହେଉଥିବା "ସହରାଏ" ପର୍ବ ଟି କୋଣ ଅନୁକୋଣ ରେ ପାଳନ ହୋଇନଥାଏ କେବଳ ଆଦିବାସୀ ଅଧୁଷିତ ଅଞ୍ଚଳ ରେ ପର୍ବ ଟି ପାଳନ ହୋଇଥାଏ । ଆଦିବାସୀ ଜନଜାତି ଗୋଷ୍ଠୀ ଓଡ଼ିଶାର ପ୍ରମୁଖ ପରିଚୟ ହୋଇଥିବା ବେଳେ ଏହି ପର୍ବ ଟି ଏତେ ଲୋକପ୍ରିୟ ହୋଇପାରିନାହିଁ ବରଂ "ସହରାଏ" ପର୍ବ ଟି ଓଡ଼ିଶାର କିଛି ଜିଲ୍ଲା ମଧ୍ୟରେ ହିଁ ନିଜର ସ୍ୱତନ୍ତ୍ରତା ସୃଷ୍ଟି କରିପାରିଛି । ପଶ୍ଚିମ ଓଡ଼ିଶାରେ ପାଳନ ହେଉଥିବା ନୂଆଖାଇ ପର୍ବ ଟି ଯେପରି ସାରା ଓଡ଼ିଶାରେ ବର୍ତ୍ତମାନ ଲୋକପ୍ରିୟ ହୋଇପାରିଛି । ଏହି "ସହରାଏ" ପର୍ବ ଟି ମଧ୍ୟ ଲୋକପ୍ରିୟ ହେବା ଉଚିତ ଓ ଏହି ପର୍ବ ଟି ର ଜନପ୍ରିୟତା ବଢ଼ିଲେ ଏହି ଜାତିର ଉନ୍ନତି ହେଇପାରିବ । ସାନ୍ତାଳ ଜନଜାତି ଙ୍କ ର ପର୍ବ ଗୁଡ଼ିକରେ ନୃତ୍ୟ ସଙ୍ଗୀତ, ବାଦ୍ୟ, ଦେଶୀ ଖାଦ୍ୟ, ଆଦିବାସୀ ନୃତ୍ୟସଙ୍ଗୀତ ପରିବେଷଣ ହୋଇଥାଏ । ତେଣୁ ପର୍ବ ଦ୍ୱାରା ଓଡ଼ିଶାବାସୀ ଙ୍କ ଲୋକମୁଖର ହୋଇପାରିବ ତଦ୍ୱାରା ସାନ୍ତାଳ ଜନଜାତି ଗୋଷ୍ଠୀ ର ଉନ୍ନତି ହୋଇପାରିବ ବୋଲି ମୋର ଆଶଙ୍କା ।

ISSN NO.
2582-208X

ସହାୟକ ଗ୍ରନ୍ଥସୂଚୀ

ସନ୍ଦର୍ଭ ଟି ରଚନା ସମୟ ରେ ମୋର ବାନ୍ଧବୀ ଫୁଲମଣି ସୋରେନ୍ ଯିଏକି ଜଣେ ସାନ୍ତାଳ ଜନଜାତିର ଏକ ମହିଳା ମୟୁରଭଞ୍ଜ ରେ ରହୁଛନ୍ତି । ସନ୍ଦର୍ଭ ନିମନ୍ତେ ମୋତେ ବହୁତ ସାହାଯ୍ୟ କରିଛନ୍ତି ।

ସାହୁ, କଳାମଣି ରବୀନ୍ଦ୍ରନାଥ, ଓଡ଼ିଶାର ଆଦିବାସୀ ଚିତ୍ରକଳା-ପ୍ରଥମ ପ୍ରକାଶ -1991
ହାଁସଦା, ନାଁକୁ, ସଂକଳକ, ସାନ୍ତାଳୀ ଲୋକସାହିତ୍ୟ,ପ୍ରଥମ ପ୍ରକାଶନ -2012

ବେଶ୍ରା, ଡ଼ଃ ଦମୟନ୍ତୀ, ସମାଜ ଓ ସଂସ୍କୃତି ପୃଷ୍ଠପଟରେ ମୟୁରଭଞ୍ଜ ର ସାନ୍ତାଳ ପ୍ରଥମ ପ୍ରକାଶ -ସାଧାରଣତନ୍ତ୍ର ଦିବସ, 2010

ସାହୁ,ଡ଼ଃ ଅନନ୍ତ ଚରଣ, ସାନ୍ତାଳ ଜ୍ଞାନକୌଶଳ, ପ୍ରଥମ ପ୍ରକାଶ- ଜାନୁଆରୀ 26, 2006

ଅତିଥି ଅଧାପିକା - ରମାଦେବୀ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର

ISSN NO.
2582-208X

# ନିସ୍ତବ୍ଧ ବାଟୋଇ



ଆଶୁତୋଷ ମେହେର

ନିସ୍ତବ୍ଧ ନିକାଞ୍ଚ ମରୁବାଲି ଶେଯ ଏକାକୀ ବାଟୋଇ ମୁହିଁ,
ଶୋଷିଲା ପରାଣ ଆତୁରେ ଖୋଜୁଛି ମରୁଝର ଦେଖା ନାହିଁ ।
ଚଉପଟେ ଖାଲି ବାଲିର ମେଖଳା ପାଦ ଯାଉଅଛି ଥକି,
କେଜାଣେ କେଉଁଠି ଶେଷହେବ ଯାତ୍ରା ପଥ ଅଛି କେତେ ବାକି ।।

ମରୀଚିକା ନାଚେ ପ୍ରଲୋଭନ ଯାଚେ ତୃଷ୍ଣା ସେଇମିତି ରହେ,
ମିଛ ମିଛିକା ସେ ହାତ ପାହାନ୍ତାରେ କାହାଣୀ କେତେ ଯେ କହେ ।
ଆଶା ନିରାଶାର ବାଲିବନ୍ଧ ଠିଆ ତାହାରି ଭିତରେ ରାହା,
ଜଣେ କେହି ଥାଏ କିଛି ଦୂର ବାଟେ କହିବାକୁ ପଦେ ଆହା ।।

ସଂସାର ଜଞ୍ଜାଳ ଘୋଳି ଘାଣ୍ଟୁଥାଏ ପାଦ ଯାଉଥାଏ ଫଶି,
ପାଇ ହଜାଇବା ଦିଗ ଆନମନା ପଥ ଉଗାଳନ୍ତି ମିଶି।
ଲକ୍ଷ୍ୟ ବଢ଼ିବାକୁ ରାସ୍ତା ଲୋଡ଼ା ପଡେ ଯାତ୍ରା କରିବାକୁ ଆଗେ,
କାହାକୁ ଲାଗଇ ସହଜ କାହାକୁ କଠିଣ କଠିଣ ଲାଗେ ।।

ଜୀବନର ଖେଳ କିଏ ଜିତେ ହାରେ ଇତିହାସ ରହେ ସାକ୍ଷୀ ,
ଫରକ ପଡେନା ବଞ୍ଚିବାର ନାମେ କିଏ ସୁଖୀ କିଏ ଦୁଃଖୀ ।।

୫୪ ଆର୍ଯ୍ୟପଲ୍ଲୀ
କଟଛକ, ପଟିଆ, ଭୁବନେଶ୍ୱର ୭୫୧୦୨୪
ମୋ-୯୪୩୭୦୮୫୩୯୬

ISSN NO.
2582-208X

# ସମୟ !!



ରଜନୀ ନାୟକ

କେତେ ଭାବିଚିନ୍ତି ଗଢ଼ିଥିଲି ସମ୍ପର୍କ
ବର୍ଷର ଶେଷ ସୂର୍ଯ୍ୟାସ୍ତକୁ ଦେଖୁ ଦେଖୁ
ସ୍ୱପ୍ନ ସବୁ ଆବର୍ଜ୍ଜନା ନିଆଁରେ କୁହୁଳୁ ଥିଲା
ତୁମେ କିମ୍ବଦନ୍ତୀ ପାଲଟିଗଲ ହେ ସମୟ !!
ଆଜି ସକାଳୁ ସକାଳୁ ନୂଆବର୍ଷ ଆସିଛି ଗଢ଼ିବାକୁ ମୋ ସହିତ ସମ୍ପର୍କ ।

ମୁଁ ଜାଣେ, ସମସ୍ତେ ଏମିତି ଠକି ଦେଇ ଚାଲିଯିବେ....
ନିଜ ସ୍ୱାର୍ଥରେ, ଅହଂକାରରେ, ଆତ୍ମସମ୍ମାନର ଦ୍ୱାହି ଦେଇ
ମୁଁ ଯୁଦ୍ଧ କରୁଥିବି ନିରନ୍ତର ମୋ ଏକଲାପଣ ସହିତ
ଖୋଜୁଥିବି ଇଶ୍ୱରଙ୍କ ଭିତରେ ମୋର ଅସ୍ତିତ୍ୱ
ଇଶ୍ୱର ମୋ ଭିତରେ ହେଉଥିବେ ଆତଯାତ ।

ମୋର ନାମ ଲେଖା ନ'ଥିବ କୋଉ କବିର କବିତାରେ, ବିଜୟରେ,
ଅବା କାହାରି ହୃଦୟରେ
କିନ୍ତୁ ତୁମେ ନୂଆବର୍ଷ, ଲେଖା ହେବ ପ୍ରତି ପ୍ରେମିକ ପ୍ରେମିକାଙ୍କ ଉପହାରରେ,
ରାସ୍ତାରେ, କାନ୍ଥରେ, ଇତିହାସରେ
ସବୁକିଛି ବଦଳେଇ ଦେଇଥାଏ ସମୟ
କିନ୍ତୁ କାହିଁକି ବଦଳୁ ନାହିଁ ମୁଁ ଓ ମୋର..... ସମୟ ... ।

ISSN NO.
2582-208X

ତୁମେ ପ୍ରସ୍ତୁତ ଥିବ ସମୟ,
ନିଜ ପାଇଁ ନିଜେ ଦର୍ପଣ ବନିବାରେ
ଦେଖି ହେଉନଥିବା ଦାହ ଓ ଦହନକୁ ଦେଖେଇବାରେ
କ୍ଷତାକ୍ତ ମୋ ପରିଧି ଭିତରେ ଆହତ  ଶାଖାମାନଙ୍କୁ ସାଉଁଟି ଆଣି
ଏକ ନମୁନା ଗଢିବାରେ
ନିୟନ୍ତ୍ରିତ ମୁଁ ତୁମ କଠୋରତାରେ  ।

ଭୁବନେଶ୍ୱର

ISSN NO.
2582-208X

# କୁହୁଡ଼ିର ଘର



ମନ୍ଦାକନୀ ପାଢ଼ୀ

ପ୍ରତୀକ୍ଷାର ମନ ନେଇ ବସିଅଛି
ବାନ୍ଧିବିନି ସେ ଘୁଙ୍ଗୁର
ତୁମେ ଆସିବାର ଖବର ପାଇଲେ
ବାଜିଯିବ ମୋ ନୂପୂର ।।

ମନରେ ଉଜାଣିସ୍ରୋତ ବହିଯିବ
କଥା ଦିନେ ଦେଇଥିଲ
ଜହ୍ନରେତୋଳିବା ସୁନ୍ଦର ନଅର
ସଂପର୍କ ଆମ ଅମର ।।

ଯେବେ ଆମ ଦୂରତାକୁ ମାପୁଛି ମୁଁ
ମନ ସନ୍ତାପିତ ହୁଏ
ଅଜଣା ଭୟ ବ୍ୟାକୁଳିତ ଚିତ୍ତରେ
ଭାବେ ଭାବ କୁହୁଡ଼ିଘର ।।

ଆମ ସଂପର୍କ କ'ଣ କୁହୁଡ଼ିରଘର ?
ନୁହେଁ ନା ସେତ ମାୟାର ?
ଅଟେ ଚିର ଶାଶ୍ୱତ ପବିତ୍ର ପ୍ରେମ
ଅଛି ମାନ ଅଭିମାନ ।।

ISSN NO.
2582-208X

ଶୁଭେ ନାହିଁ ତୁମ ଗୀତର ସେ ସ୍ୱର
ପାଦ ମୋ ଅଟକି ଯାଏ
ଜଳିଯାଏ ଲେଲିହାନ ଶିଖା ହୋଇ
ହୃଦୟ ମୋ ଭାଙ୍ଗିଯାଏ ।।

ଶୁଖିଲା ଡ଼ାଳରେ ଝୁଲୁଥିବା ସ୍ୱପ୍ନ
ମାନଙ୍କ ଭିଡ଼ରେ ଦିଏ
ହଜେଇ କଲମ ବିତେଇ ଦେବାକୁ
ଜୀବନ ଛନ୍ଦ ଲୟରେ ।।

ଜୀବନ ତମାମ ବିଷାଦର ଛାଇ ସୁଦ୍ଧା ସ୍ପର୍ଶ କରିବନି
ଆମ ଶାଶ୍ୱତ ଅମର ସଂପର୍କରେ
ନୁହେଁ ଏ ଘର କୁହୁଡ଼ି ।।

ନୀରବତାର ପ୍ରତ୍ୟେକ ମୁହୂର୍ତ୍ତରେ
ହସକୁ ଆବୋରି ନେଇ
ଆନନ୍ଦ ଜୁଆର ଗଭୀର ସମାଧିରେ
ସୁନ୍ଦର ନଅର କରି ।।

ପଦ୍ମପୁର, ବରଗଡ଼

ISSN NO.
2582-208X

# ନିରବତା ସ୍ୱରର ନାମ ଯନ୍ତ୍ରଣା



ବିରଞ୍ଚି ନାରାୟଣ ମିଶ୍ର

କିଛିଦିନ ହେଲା ଛାଡିକି ଗଲୁଣି।ଦିନ ୧୦ ଟା ପରେ ତୋ ଫୋନ ନଆସିଲେ ମୁଁ ଆଉ ଧମକଉନି ତୋତେ। ତୋ ନମ୍ବର ଡିଲିଟ୍ ହୋଇଗଲାଣି। ତୁ ବି ଧୀରେ ଧୀରେ ମନରୁ ଲିଭି ଆସିଲୁଣି। ମନେ ପକାଇ ଯନ୍ତ୍ରଣା ପାଇବାରେ କଣ ଥାଏ ।

ତୁ ଏବେ ଯୋଉଠି ଅଛୁ ତା ମୋ ପାଇଁ ଧୂମାଭ ଦିଗନ୍ତ। ସ୍ୱଷ୍ଟରେ ଦେଖି ପାରୁନି ତୋତେ। କେମିତି ଦେଖିବି ଯେ, ଭଲ ତ ପାଇଥିଲି ତୋ ରୂପଲାବଣ୍ୟକୁ ଯାହା କେବେଠୁ ମିଶିଗଲାଣି ପଞ୍ଚଭୂତରେ ।

ତୋ ଆତ୍ମାକୁ ମୁଁ ଜମାଦେଖିନି, କେମିତି ଚିହ୍ନିବି ତୋତେ। ଯେତେବେଳେ ଢୋଲ ପିଟି କହୁଥିଲି "ପ୍ରାଣ ଦେଇ ଭଲ ପାଏ ତୋତେ "ତା ଥିଲା ମୋ ସ୍ୱାର୍ଥ ପାଇଁ। ସବୁ ସ୍ୱାର୍ଥ ମୋର ପୂରଣ କରିବାରେ ତୁ ଟିକିଏ ହେଲେ କାର୍ପଣ୍ୟ କରିନୁ। ଗୋଟିଏ ସ୍ୱାର୍ଥ ପୂରଣ ପରେ ଆଉ ଗୋଟିଏ ସ୍ୱାର୍ଥ ପୂରଣ ପାଇଁ ଦାବି କରେ ବାରମ୍ବାର। ସାମାନ୍ୟ ବ୍ୟତିକ୍ରମରେ କି ରାଗ କି ପ୍ରତିହିଂସା ମୋର। ତୋ କରୁଣ ଚାହାଁଣୀରେ ଥାଏ ଝରା ଶେଫାଳିର ହସ। ସବୁ ସହି ନେଉ ବିନା ପ୍ରତିବାଦରେ।

ପ୍ରାଣ ଦେଇ ଭଲ ପାଇବା ତୁ ବୋଧେ ବୁଝିଥିଲୁ। ସେଥିପାଇଁ କଅଁଳ ବୟସରେ ଭଲ ପାଇବାକୁ ନବୁଝି ନଶୁଝି ପ୍ରାଣ ଦେଇ ଭଲ ପାଇଥିଲୁ ମୋତେ, ତୋ ଅବଶିଷ୍ଟ ଜୀବନ ଯାକ। ତୁବୋଧେ ନିର୍ବୋଧ ଥିଲୁ। ତୁ ଗଲାପରେ ଏବେ ମୁଁ ବୁଝିଛି ନିର୍ବୋଧ ନହେଲେ କେହି କାହାକୁ ପ୍ରାଣ ଦେଇ ଭଲ ପାଇପାରିବ ନାହିଁ। ମୁଁ ଏବେ ନିର୍ବୋଧ ହେବାକୁ ଚେଷ୍ଟା କରୁଛି। ତୁ ଆଉ ନାହୁଁ। କାହା ପାଇଁ ନିର୍ବୋଧ ହେବି???

ISSN NO.
2582-208X

ଏ ସଂସାରକୁ ତୁ ଆସିଥିଲୁ ମୋ ପାଇଁ । ମୁଁ ଆସିଥିଲି ମୋ ସ୍ୱାର୍ଥ ହାସଲ ପାଇଁ ତୋ ଠାରୁ। ତୁ ଜିତିଗଲୁ ତୋ ବଳରେ ବିନା ଯୁଦ୍ଧରେ ବିନା ସାଲିସିରେ। ମୁଁ ହାରିଯାଇଛି କେବଳ ନିଜ ସ୍ୱାର୍ଥ ଜଗି ଜଗି। ନା ବୁଝିଲି ତୋତେ ନା ତୋ ପ୍ରେମକୁ। କି ଲଜ୍ୟା ।

ଭୁବନେଶ୍ୱର
9439011063

ISSN NO.
2582-208X

# ନୂଆ ବରଷ ରେ ନୂଆ ଭାବନା



ପୂର୍ଣ୍ଣିମା ଗୋଛାୟତ

ନୂଆ ବରଷ ରେ ନୂଆ ଭାବନା
ନବ ଚେତନା ର ନବ ଉଦ୍ଦୀପନା
ସବୁ କରିବାକୁ ନୂଆ ମନେ କରଇ ଯୋଜନା
ମନେ ସୃଷ୍ଟି ହୁଏ ନବ ଜୀବନ ଗଠନ ର ସମ୍ଭାବନା ।

ଦିନ ପରେ ଦିନ ଗଢି ହେଉଛି ମାସ
ମାସ ବଦଳିକି ହୁଏ ବରଷ
ବରଷ ବରଷ ଯାଉଛି ବି ବିତି
ତଥାପି ମଣିଷ ହତାଶ ବିବଶ ।

ସମୟ ଅଟକୁନାହିଁ କେବେ କାହାରି ପାଇଁ
ପର କି ନିଜର ସେ କେବେ ବିଚାରେ ନାହିଁ
ନିର୍ଦ୍ଦେଶ ଦିଏ ସେ ଆଗେ ତା ସହ ଚାଲିବା ପାଇଁ
ହେଲେ ବୁଝେନି କି ବୁଝି ପାରେନି ମଣିଷ ତା କଥା କାହିଁ ।

ବର୍ଷ ପରେ ବର୍ଷ ଯାଉଛି ବିତି
ମଣିଷ ବଂଚିଛି ତା ସହ ହୋଇଣ ସାଥି
କିଏ ରହିଯାଏ ଅଧାରୁ ତାର ପୁରୁଛି ବେଳ
ଆଉ କିଏ ରହେ ଆଗକୁ ଦେଖିବାକୁ ନୂଆ ସକାଳ ।

ISSN NO.
2582-208X

ନୂଆ ପୁଣି କେତେ ଯେ ମଣିଷ ଆସନ୍ତି ଜୀବନେ
ନୂଆ ବରଷ ପରି ଭରି ଆନନ୍ଦ ମନେ
ବର୍ଷ ଅଧା ହେଲେ ପୁଣି ଯାଆନ୍ତି ଫେରି
ବର୍ଷ ଶେଷ ବେଳେ ନଥାନ୍ତି ସାଜି ବଇରୀ ।

ତଥାପି ବିଶ୍ୱାସ ଜନ୍ମଇ ମନରେ ପୁଣି
ମନ ଅମାନିଆ ହୁଅଇ ସତେ କେ କରିଛି ଗୁଣି
ପୁଣି ହୋଇଲେ ନିରାଶ ସେ ଫେରେ ବାସ୍ତବତା କୁ
ହେଇଯାଏ ଏତେ ଶକ୍ତ ଯେ ମନ ବି ପାରେଇ ହରେଇ ତାକୁ ।

ସମସ୍ତଙ୍କୁ ମୋରେ ଶୁଭେଚ୍ଛା ଶୁଭ ଅଭିନନ୍ଦନ
ନୂଆବରଷ ର ଉଲ୍ଲାସ ରେ କଟୁ ସଭିଙ୍କ ଦିନ
ଦୁଃଖ ସୁଖ ଭରା ଏଇ ଆମ କ୍ଷଣସ୍ଥାୟୀ ଜୀବନ
ଦିନ କାଟି ଦେବା ସବୁ ହସି ହସି ମନେ ନରଖି ମାନ ।

ଗୁରିବାଟିଆ, ଚଣ୍ଡିଖୋଲ
ଜିଲ୍ଲା: ଯାଜପୁର-୭୫୫୦୪୪

ISSN NO.
2582-208X

# ଦୋଷ କାହାର..?



ଭାସ୍କର ଚନ୍ଦ୍ର ଖଣ୍ଡା

ଉଠେ ଏକାନ୍ତରେ ବିସ୍ମୟର ଜୁଆର
ବିଭାଜିତ କଣ ପାଇଁ ସମାଜ ?
ଧର୍ମ ଜାତି ଗୋଷ୍ଠୀ ଏମିତି ଅନେକ
ଉଙ୍କି ମାରେ ଧର୍ମର ଉତ୍ପତ୍ତି
ଝଲସି ଉଠେ ପ୍ରଚାରକଙ୍କର ଇତିହାସ
ହୋଇଥିଲେ ବାଧ୍ୟ ମହମ୍ମଦ ଦିନେ
କରିବାକୁ ପରିତ୍ୟାଗ
ତାଙ୍କର ଜନ୍ମ ସ୍ଥାନ
ଚଢିଥିଲେ ଶୂଳିରେ ଜେଶସ୍ ।୧।

ହେଲେ ଗୌତମବୁଦ୍ଧ
କରିଥିଲେ ସ୍ୱରଉତ୍ତୋଳନ
ଦିନେ ଯିଏ ଧର୍ମର ବିରୋଧରେ
ରହିଥିଲେ ବଂଚି ପ୍ରାପ୍ତ ବୟସ୍କ ପର୍ଯ୍ୟନ୍ତ
ଅନେକ ଦୀର୍ଘ ଦିନ ।୨।

ପ୍ରଶ୍ନ ବାଣର ଭଉଁରୀ ଆସେ
ପାଏନା ଖୋଜି ଥଳକୂଳ

ISSN NO.
2582-208X

ହିଂସା ଦ୍ୱେଷର ବଶବର୍ତ୍ତୀତା
ରହିଥାଏ ଯେଉଁଠି
ତା'ର ସ୍ଥାୟୀତ୍ୱ କେତେ ଦିନ ? ।୩।

ଦେଇ ହୁଏନା ଲଦି
କରି ହୁଏନା ବାଧ୍ୟ କାହାକୁ
କରି ନଥାଏ ଗ୍ରହଣ ହୃଦୟ ଯାହାକୁ
ଅର୍ଥ ଲୋଭ ଅବା ଲଭ୍ ଜିହାଦ୍
ତିଷ୍ଠି ପାରେନା ପ୍ରତାରଣା କେବେ ।୪।

ଅହିଂସାର ମୂଲ୍ୟବୋଧରେ
ଝଲସି ଉଠେ ଯେଉଁଠି
ବସୁଧୈବ କୁଟୁମ୍ବକମ୍
ରହିଛି ରହିବ ସେ ଚିରସ୍ଥାୟୀ ।୫।

ଫ୍ଲାଟ୍ ନଂ ବି/୩୦୧, ଗୌରୀଶଙ୍କର ରେସିଡ଼େନ୍ସ
କେଶୁରା, ଭୁବନେଶ୍ୱର
(ମୋ) ୯୪୫୫୭୧୭୫୦୭

ISSN NO.
2582-208X

# ଘର



ଡକ୍ଟର ଉତ୍ପଳା ଦାଶ ଷଡ଼ଙ୍ଗୀ

ଘର ଭିତରଟା ପୁରା ଅନ୍ଧାର। ସନ୍ଧ୍ୟାରୁ ଲାଇନ କଟିଯାଇ ଏତେବଡ଼ ଘର ଟାକୁ ଅନ୍ଧକାରରେ ଘୋଡ଼େଇ ରଖିଛି। ସୁଜାତା ଚାର୍ଜ ଲାଇଟ୍ କୁ ଧରି ଏପଟ ସେପଟ ହେଉଛି। ଏକୁଟିଆ ଅଛି। ପୁଅ କ୍ରିକେଟ ଖେଳିବାକୁ ଯାଇଛି। ଫେରିନି ଏଯାଏଁ। ଝିଅ ଡ୍ରଇଂ କ୍ଲାସ କୁ ଯାଇଛି। ସଂଜବତୀ ଟା ତରବରରେ ତୁଳସୀ ଚଉରା ମୂଳରେ ରଖିଦେଇ ମୁଣ୍ଡିଆଟିଏ ମାରି ଘର ଭିତରକୁ ଚାଲିଆସିଲେ।

ଏବେ ପୂଜା ପାର୍ବଣ ସମୟ। ପିତୃପକ୍ଷ ଚାଲିଛି। ଏଇ ସମୟରେ ଘରେ କେତେ କାମ।ସେଥିରେ ପୁଣି ଦୁଇଘଣ୍ଟା ହେଲାଣି କରେଣ୍ଟ ନାହିଁ। ସୁଜାତା ଭାବିଲେ ଘର ଭିତରେ ନ ବସି ଦାଣ୍ଡ ବାରଣ୍ଡାରେ ଥିବା ଘାସ ବଗିଚାରେ ଚେୟାର ପକାଇ ବସିଲେ ଭଲ ହେବ। ସାମ୍ନାରେ ଥିବା ଘର ମାନଙ୍କରେ ଆଲୁଅ ଅଛି। ଏପଟେ କରେଣ୍ଟ ଗୋଲ୍। ଛାଇଛାଇକା ଅନ୍ଧାର ଆଲୁଅର ଲୁଚୁକାଳି ଭିତରେ ସୁଜାତା କେତେ କଣ ଭାବି ଚାଲିଥାନ୍ତି। ଆଗକୁ ଦୁର୍ଗାପୂଜା ଆସୁଛି। ଏଥର କିଛି ନୂଆ କପଡ଼ା ସେ କିଣି ନାହାନ୍ତି। ପିଲାମାନେ ନୂଆ ପିନ୍ଧିବାକୁ କେବେ ଜିଦକରନ୍ତି ନାହିଁ। ସୁଜାତା ଙ୍କର ସଉକ ଧୀରେ ଧୀରେ କମି ଗଲାଣି। ଗତବର୍ଷ ସୁଜୟଙ୍କର ହଠାତ୍ ଦୁର୍ଘଟଣାରେ ଚାଲିଯିବା ଟା ସୁଜାତା ଭୁଲି ପାରି ନାହାନ୍ତି। ଘରର ଚାରିଆଡକୁ ସୁଜାତାଙ୍କ ର ଆଖି ଦୁଇଟା ପହଁରି ଯାଉଥିଲା। ଏଇ ଘର ଟିକୁ କେତେ ଖୁସି ରେ ସୁଜୟ ସଜାଇଥିଲେ। ଏହାକୁ "ସୁଜାତା ସୂଜୟ ନିବାସ" ନାଆଁ ରଖାଯାଇଥିଲା। ଦୁହିଁଙ୍କର ଆଶା, ଆକାଂକ୍ଷା, ସ୍ୱପ୍ନ ଓ ପ୍ରେମର ପ୍ରତୀକ ଏଇ ଘରଟି। ଆଜି କିନ୍ତୁ ଘରଟି ନିଃସଙ୍ଗ ଆଉ ଏକୁଟିଆ ହେଇ ଯାଇଛି। ସୁଜୟଙ୍କର ଅକାଳ ମୃତ୍ୟୁ ସୁଜାତା ଙ୍କୁ ପୁରା ପୁରି ଦୋହଲେଇ ଦେଇଛି। ଦିନସାରା ପିଲାଙ୍କର କାମ, ରନ୍ଧା ବଢ଼ା ସବୁ ସାରି ନିଜ କର୍ମକ୍ଷେତ୍ର

ISSN NO.
2582-208X

କୁ ଚାଲିଯାଆନ୍ତି ସେ। ସେଇଠି ଆଠ ଦଶ ଘଣ୍ଟା କାମ କରି ମନ ଟାକୁ ହାଲୁକା କରନ୍ତି। ପିଲାଙ୍କର ପଢା ଶେଷ ପରେ ନିଜ ନିଜ କର୍ମ କ୍ଷେତ୍ର କୁ ଚାଲିଗଲେ ପୁଣି ସେ ଏକୁଟିଆ ହେଇଯିବେ ।

ଆଜିର ନିଃସଙ୍ଗ ତା ସୁଜାତା ଙ୍କୁ ସବୁଠୁ ବଡ଼ ଯନ୍ତ୍ରଣା ଦେଉଛି। ସୁଜୟଙ୍କର କୋମଳ ସ୍ପର୍ଶ ଘରେ ବାହାରେ ସବୁଠି ଆଉ ତାଙ୍କର ସ୍ମୃତିର ମହକ ବଗିଚାର ପ୍ରତିଟି ଫୁଲ ରେ। ହଠାତ୍ କରେଣ୍ଟ ଆସିଗଲା। ସୁଜାତା ଆଖି ଦୁଇଟାକୁ ଲୁଗାରେ ପୋଛି ପକାଇ ଘର ଭିତରକୁ ଆସିଲେ। ଡ୍ରଇଂ ରୁମର କାନ୍ଥରେ ଟ ଙ୍ଗାହୋଇଥିବା ସୁଜୟଙ୍କର ଫଟୋକୁ ଏକ ଲୟ୍ୟ ରେ ଦେଖିଲେ। ମୁଣ୍ଡ ନୁଆଇଁ ପ୍ରଣାମ କଲେ।ତାଙ୍କୁ ଲାଗିଲା ଯେପରି ତାଙ୍କର ସବୁ ସମସ୍ୟାର ସମାଧାନ ଏଥର ମିଳି ଯାଇଛି ତାଙ୍କୁ।

ଜାମସେଦପୁର, ଝାଡ଼ଖଣ୍ଡ

ISSN NO.
2582-208X

# ଖୋଜୁଛି


ଡ. ଜ୍ଞାନେଶ୍ୱର ମିଶ୍ର

ମୁଁ ଖୋଜୁଛି ଘରଟିଏ
ହେଉ ପଛେ ମାଟି କାନ୍ଥ, ନୁଆଁଣିଆ ନଡାର ଛପର
ଗୋବରରେ ଲିପାପୋଛା ଲକ୍ଷ୍ମୀପାଦ ଝୋଟିରେ ସୁନ୍ଦର
ସେ ଛପରରେ ଝୁଲୁଥିବ ଲାଉ
ଛାଇ ଢାଙ୍କିଥିବ ପୋଇ ଓ କଖାରୁ ଡଙ୍କର
ସେ ଘରରେ ଥିବେ ଜନେ ଯେଜମା
ପାନଖିଆ ପାକୁଆ ପାଟିର
ନାତି ନାତୁଣୀଙ୍କ ପାଇଁ ଅସରନ୍ତି ଗପର ଭଣ୍ଡାର
ଗେହ୍ଲା ଓ ଶରଧାରେ ବୋଳା ହୃଦୟ ତାହାର
ପାହାନ୍ତା ପହରୁ ରାତି ଅଧଯାଏଁ
ଲାଗିଥିବ ମା ସରୁନଥିବା ଘରର କାମରେ
ନିଜ ଦେହ ପା ନିଜ କଥା
ଭାବିବାକୁ ଫୁରସତ ନଥିବ ପାଖରେ
ବାପଟିଏ ସବୁ ଦୁଃଖ, କଷ୍ଟ ଓ ଅଭାବ
ଚୁପ୍ ଚାପ୍ ବୋହୁଥିବ ନିଜର କାନ୍ଧରେ
ସୁଖ ଦୁଃଖ ବାଣ୍ଟି ଦେଉଥିବ ପୁଅ ଝିଅ ନାତୁଣୀ ମେଳରେ
ପୁଅଟିଏ ଖଟୁଥିବ ଅଫିସ୍ ରେ କଲମ ହାତରେ
ଅବା ହଳ କରୁଥିବ, ନିଜ କ୍ଷେତ ଲଙ୍ଗଳ ମୁନରେ

ISSN NO.
2582-208X

ବାପ ମା ଙ୍କୁ ଭକ୍ତି, ସ୍ତ୍ରୀ ପ୍ରତି ଅନୁରାଗ, ପୁଅଝିଅଙ୍କୁ ଆଶୀର୍ବାଦ
ଝରୁଥିବ ଚିରଦିନ ଅନ୍ତର ଆତ୍ମାରେ
ଓଢଣା ଟଣା ବୋହୂଟିଏ, ପରିବାର ଶୁଭ ମନାଇ
ସଂଜବତୀ ଜାଳୁଥିବ ଚଉଁରା ମୂଳରେ
"ହେ ଆନନ୍ଦମୟ କୋଟି" ଶୁଭୁଥିବ ପିଲାଙ୍କ ସ୍ୱରରେ
ମଗୁଶୀର ଗୁରୁବାର ମାଣବସା ପୂଜା
ସଙ୍କରାନ୍ତି, ପୁନେଇଁ ତିଥିରେ
ଧୂପ ଝୁଣାର ଗନ୍ଧରେ, ଶଙ୍ଖର ଧ୍ୱନିରେ
ପୂରି ଉଠୁଥିବ ଘରେ ଓ ବାହାରେ
ସାଇ ପଡିଶାର ଗୁରୁଜନେ ଭକ୍ତି ସନମାନ
ପିଲାମାନଙ୍କୁ ଦିଅନ୍ତି ସ୍ନେହ ଓ ଆଦର
ପିଠାପଣା ବଣ୍ଟା ବଣ୍ଟି ପୂଜା ବା ମେଳାରେ
ବନ୍ଧୁ ଅତିଥି ଆସିଲେ
ଲାଗିପଡନ୍ତି ସେବାରେ
ପାଛୋଟି ନିଅନ୍ତି ହସହସ ମୁହଁ
ଆଉ ଆନନ୍ଦ ମନରେ
ପ୍ରବେଶ ନିଷେଢ ସେଠି
ବାଦଛେଦ ଅବା ଅହଙ୍କାର
ବାପା, ମା, ପୁଅ ବୋହୂ ନାତି ଓ ନାତୁଣୀ
ଗୁନ୍ଥା ଗୁନ୍ଥି ପବିତ୍ର ମନରେ, ଅନାବିଳ ସ୍ନେହର ସୂତ୍ରରେ
ଛନ୍ଦାଛନ୍ଦି ଆତ୍ମାରେ ଆତ୍ମାରେ ସ୍ୱଚ୍ଛ ହୃଦୟରେ
"ବଇକୁଣ୍ଠ ସମାନ ଅଟେ ସେହିଘର କବିଙ୍କ ଭାଷାରେ
ତୁମେ କେହି ଦେଖିଛକି ଆଶେ ପାଶେ
ମୁଁ ଖୋଜୁଥିବା ଏହି ପରି ଘର
ଦେଇ ପାରିବକି ମୋତେ ଠିକଣା ତାହାର ???

ମୋ: ୮୪୨୦୨୪୨୭୫୫

ISSN NO.
2582-208X

# ସମ୍ଭବ



କୀର୍ତ୍ତି ଦେବୀ

"ସମ୍ଭବ" ତୋ ପାଖରେ ମୁଁ ଦେଖିଛି ଅନେକ ଆହା ଓ ଭରସା,
ତୁ ହିଁ ମୋ ମନ ବଳକୁ ଦୃଢ କରି ରଖିଛୁ ।
ଭାରତ ମାତାର ପରାଧୀନତାକୁ ଦେଇଛୁ ସ୍ୱାଧୀନତାର ରୂପ
କୋଟି ହୃଦୟର ତୁ ଅମୂଲ ଧନ
ଟିକେ ସ୍ନେହ, ଶ୍ରଦ୍ଧା ଓ ଧୈର୍ଯ୍ୟ
ଥିଲେ ତୁ ଦେଖାଉ ଅନେକ ପଥ ।
ଚକ୍ ଖଡିରେ ବ୍ରହ୍ମା, ବିଷ୍ଣୁ ଆଉ ମହେଶ୍ୱରକୁ ଆକାର ଦେଇ
ଖୋଲି ଦେଉ ଜ୍ଞାନର ଅସରନ୍ତି ଭଣ୍ଡାର
ଜୀବନ-ଜୀବିକା ତୋ ପାଇଁ ଏକ ମୁଦ୍ରାର ଦୁଇ ପାର୍ଶ୍ୱ ।
ଆଦି ମଣିଷରୁ ଆଧୁନିକ ମାନବ ପର୍ଯ୍ୟନ୍ତ
"ସମ୍ଭବ" ତୋ ଆସୁ ନୂଆ ନୂଆ ରୂପ ଧରି
ପିଲା-ବୁଢା, ଛାତ୍ର-ଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ
ସରବେ ନିଜ ନିଜ ସ୍ତରରେ ପ୍ରତିଷ୍ଠିତ ।
ପଞ୍ଚଭୂତ, ପଞ୍ଚପ୍ରାଣକୁ ତୁ କରିଛୁ ଏକାଠି
ତୋହରି ପାଇଁ ଶୁଖିଲା ପତ୍ରଟିଏ ଇଚ୍ଛା କରେ ବିଶ୍ୱଭ୍ରମଣ କରିବାକୁ
ଦୂରବନ୍ଧୁ ଦୂର ପର୍ବତ କଥା ମନେ ସ୍ମରଣ କଲେ
ତୁ ଦେଖାଇ ଦେଉ ନିମିଷକେ ମଧ୍ୟରେ
ଆଜି ଇଣ୍ଟରନେଟ୍ ଓ ସଞ୍ଚାର ପାଇଁ ।

ISSN NO.
2582-208X

ବିନ୍ଦୁରୁ ସିନ୍ଧୁ, ଦ୍ରୁମରୁ ମହାଦ୍ରୁମ
ତୋହରି ଭିତରେ ଥାଏ
ମନରେ ମୋ ଗୋଟିଏ ପ୍ରଶ୍ନ ଆସେ
ଅସମ୍ଭବ କି ଭାବେ ଈଶ୍ୱର ତତେ ଗଢିଛନ୍ତି ।
ଦିନେ ହେଲେ କ୍ଲାନ୍ତ ବୋଲି ତୋତେ ଅନୁଭବ କରିନି
ଗାନ୍ଧୀ, ଗୋପବନ୍ଧୁ, ଚାଚା ନେହେରୁ,
ବାଜି ରାଉତ, ବକ୍ସି ଜଗବନ୍ଧୁ
ରାଣୀ ଲକ୍ଷ୍ମୀବାଈ ।
ହୃଦୟରେ ତୋତେ ଧରି
କାମ କରି ଚାଲିଥିଲେ
ଗାଁ ଚାଟଶାଳୀରୁ ବନ ବିଦ୍ୟାଳୟ
ବିଦ୍ୟାଳୟରୁ ବନ ବିଦ୍ୟାଳୟ
ବିଦ୍ୟାଳୟରୁ ମହାବିଦ୍ୟାଳୟ ଆଉ ବିଶ୍ୱ ବିଦ୍ୟାଳୟ ।
“ସମ୍ଭବ” ତୋ ପାଖରେ ମୁଁ ଦେଖିଛି ଅନେକ ଆଶା ଓ ଭରସା
ତୁ ହିଁ ମୋ ମନ ବଳକୁ ଦୃଢ କରି ରଖିଛି ।

ସିଭିଲ୍ ଟାଉନସିପ୍, ରାଉରକେଲା
ଫୋନ୍ - ୯୫୮୩୮୩୩୮୨୭

ISSN NO.
2582-208X

# ପ୍ରବାସୀ ପୁରୁଷ



ନନ୍ଦିତା ବଢାଇ

ଅପେକ୍ଷାରେ ଥିଲି ମୁଁ ଫେରିବ ବୋଲି
କଥା ଦେଇ ଚାଲି ଗଲ ଆସିବି ବୋଲି ।
ଦେଇଥିଲ କେତେ ଯେ କଥା
ଦେଖାଇଥିଲ କେତେ ସାରା ସ୍ୱପ୍ନ ।
ସବୁ ରହିଗଲା ଅଧରେ
ସଙ୍କୋଚ ହେଉଛି ମନ, ହୃଦୟର ବେଦନା ପୁଣି ବଢିଯାଉଛି ।
ମନରେ ସୃଷ୍ଟି ହେଉଛି ଦ୍ୱନ୍ଦ
ସେ ତୁମେ ଥିଲ ନା ତୁମର ଗୋଟେ ପ୍ରତିଛବି ।
ସତରେ ତାହା କେବେ ବାସ୍ତବ ହୋଇପାରେ
ନା ଥିଲା କେବଳ ମୋର କଳ୍ପନା ।
ଅପେକ୍ଷାରେ ଦିନ କାଟି ଗଲା ତଥାପି ଆଖି ମସଗୁଲ ହୋଇ ଚାହିଁ ରହିଛି,
ତମ ଆସିବା ବାଟକୁ
କେତେ ସ୍ୱପ୍ନ, ଆଶା, ଆକାଂକ୍ଷାକୁ ନେଇ ।
ନିସ୍ତବ୍ଧ ପ୍ରଭାତର ନିଛକ ରାସ୍ତାରେ ଭେଟିଥିଲା ଆମେ ଦୁହେଁ ।
ପ୍ରତିଉତ୍ତରରେ କହିଥିଲ ତମେ ଅଜଣା ପଥିକ ଟିଏ ଅନ୍ୟଥା କିଛି ନୁହେଁ ।
ରହସ୍ୟମୟ ର ଆଖି ଦୁଇଟିରେ ରହିଥିଲା କେତେ ପ୍ରେମ ।
ଲାଗିଥିଲା ମତେ ତମେ ନୁହେଁ ଜଣେ ଅଜଣା ପଥିକ ।
ଅସ୍ପଷ୍ଟ ଓଠର ଭାଷା
କହିଦେଉ ଥିଲା କେତେ ଯେ ଅସୁମାରୀ କଥା ।

ISSN NO.
2582-208X

କିନ୍ତୁ ମନ ସବୁ ଶୁଣୁଥିଲା, ଜାଣୁଥିଲା ।
ଶରତ ସନ୍ଧ୍ୟାର ଶେଫାଳୀର ବାସ୍ନା
ଯାହା ମହକୁ ଥିଲା ଦିନରାତି,
ହଠାତ୍ ପାଲଟିଗଲା ମରୁଭୂମି ର ତୃଷ୍ଣା ।
ଅସ୍ପଷ୍ଟ ଆଜି ମୋ ମନ, ହୃଦୟ ମଧ୍ୟ ନିସ୍ତବ୍ଧ ।
କଣ ଉତ୍ତର ଦେବି ମୋ ମନକୁ
ଲାଗେ ଏପରି ସତେ ଯେପରି
ଏହା ବାସ୍ତବ ନ ଥିଲା
ଥିଲା ମୋର କଳ୍ପନା  । ..

କଦଳୀମୁଣ୍ଡା, ସମ୍ବଲପୁର

ISSN NO.
2582-208X

# ପ୍ରାଚୀନ ଓଡ଼ିଆ ଗୀତି କବିତାରେ ଚଉତିଶାର ପ୍ରୟୋଗବିଧି



ସ୍ୱାତୀ ସୁଚରିତା ପ୍ରିୟଦର୍ଶିନୀ

**Macaulay ଙ୍କ ମତରେ "By poetry we mean the art of employing words in such a manner as to produce an illusion on the imagination the art of doing by means of words what the painter dose by means of colour"** . ଅର୍ଥାତ୍ "ରଙ୍ଗ ଦ୍ୱାରା ବିଚିତ୍ରତା ସୃଷ୍ଟି କଲାଭଳି କବି ଭାଷା ମାଧ୍ୟମରେ ମଣିଷର ମାନସ ପଟରେ ସୃଷ୍ଟି କରେ ବୈଚିତ୍ୟ; ଏହା ହିଁ କବିତା" ।

ଲିପି ଆବିଷ୍କାରର ବହୁ ପୂର୍ବରୁ କବିତା ଆବିଷ୍କୃତ। କବିତାର ଲକ୍ଷଣ ଓ ସ୍ୱରୂପ ସଂପର୍କରେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ବହୁ ଆଲୋଚକ ସ୍ମରଣାତୀତକାଳରୁ ଆଲୋଚନା କରିଯାଇଅଛନ୍ତି। ମାତ୍ର ପ୍ରାଚୀନ ସାହିତ୍ୟ ଆଲୋଚନା ଗ୍ରନ୍ଥମାନଙ୍କରେ ଗୀତିକାବ୍ୟ ସଂପର୍କରେ ଆଶାନୁରୂପ ବିଚାର ଆଲୋଚନା ପରିଦୃଷ୍ଟ ହୁଏ ନାହିଁ। ଗୀତିକାବ୍ୟ ବହୁ ପ୍ରାଚୀନ କାଳରୁ ସୃଷ୍ଟି ହୋଇଥିଲେ ହେଁ ଏହା ଆଧୁନିକ ଯୁଗରେ ସାହିତ୍ୟ କ୍ଷେତ୍ରରେ ପୂର୍ଣ୍ଣ ପ୍ରତିଷ୍ଠା ଲାଭ କରିଅଛି। ଗୀତିକବିତା ମନୁଷ୍ୟର ଏକ ସୁକୁମାର କଳାକୃତି। ମନ୍ମୟ କବିତା/ ଗୀତିକବିତାରେ କବିର ବ୍ୟକ୍ତିଗତ ଆବେଗ - ଅନୁଭୂତି, ଆଶା-ନିରାଶା, ଆନନ୍ଦ-ନିରାନନ୍ଦର କଳାତ୍ମକ ପରିପ୍ରକାଶ ଘଟିଥାଏ। କେବଳ ଭାରତୀୟ ସାହିତ୍ୟ ନୁହେଁ ବରଂ ସମଗ୍ର ବିଶ୍ୱ ସାହିତ୍ୟ ଗୀତିକବିତା ଦ୍ୱାରା ବିପୁଳ ଭାବରେ ପରିପୁଷ୍ଟ। ଯାହାକୁ ଗୀତ ଆକାରରେ ବୋଲାଯାଏ, ତାହା ହେଉଛି ଗୀତିକବିତା । ଛନ୍ଦୋବଦ୍ଧ ସାହିତ୍ୟକୁ ଗୀତିକବିତା କୁହାଯାଏ । ଇଂରାଜୀରେ **'Lyric'** କୁ ଭାରତୀୟ ଗୀତିକବିତାର ସମାର୍ଥକ ଶବ୍ଦ ରୂପେ ଗ୍ରହଣ କରାଯାଏ। ତେଣୁ କୁହାଯାଏ **" Lyric is a short personal expression of feelings"**

ISSN NO.
2582-208X

ଅର୍ଥାତ୍ କବି ହୃଦୟର ଆବେଗ - ଅନୁଭୂତିର ସ୍ୱତଃସ୍ଫୂର୍ତ୍ତ ଗୀତିମୟ ପରିପ୍ରକାଶ ହିଁ ଗୀତିକବିତା। ତେଣୁ ଗୀତିକବିତା ଗୀତିମୟତା, ସଙ୍ଗିତିକତା, ମନ୍ମୟତା, ସ୍ୱତଃସ୍ଫୂର୍ତ୍ତତା ଓ ସଂକ୍ଷିପ୍ତତା ହେଉଚି ମୁଖ୍ୟ ଧର୍ମ।

ମନୁଷ୍ୟର ହୃଦୟ ବହିର୍ଜାଗତିକ ବହୁ ଦୃଶ୍ୟ, ଘଟଣା, ମାନବିକ ସଂପର୍କ ଯୋଗୁଁ ବିବିଧ ଆବେଗରେ ସ୍ପନ୍ଦିତ ହୁଏ । ଏହାକୁ ଯେଉଁ କ୍ଷୁଦ୍ର କବିତା ମାଧ୍ୟମରେ ପ୍ରକାଶ କରାଯାଏ, ତାହାକୁ ଗୀତିକବିତା କୁହାଯାଏ। ଗୀତିକବିତାର ଆକାର କ୍ଷୁଦ୍ର। ଏହା ବହୁବିଦ୍ଧ ଛନ୍ଦ ମାଧ୍ୟମରେ ପରିଲକ୍ଷିତ ହୁଏ। ଜଟିଳ ରାଗ ଓ ତାଳଯୁକ୍ତ ସଙ୍ଗୀତ ହେଉଛି ଏହାର ବିକଶିତ ପର୍ଯ୍ୟାୟ। ଗୀତିକବିତାକୁ ଖଣ୍ଡକାବ୍ୟ ବୋଲି ମଧ୍ୟ କୁହାଯାଏ।

ଭାରତୀୟ ସାହିତ୍ୟରେ ଗୀତିକବିତାର ପରମ୍ପରା ବହୁ ପ୍ରାଚୀନ। ବୈଦିକ ସାହିତ୍ୟରେ ଏହାର ପ୍ରଥମ ନିଦର୍ଶନ ଦେଖିବାକୁ ମିଳେ। ପରେ ପ୍ରାକୃତ ଓ ଅପଭ୍ରଂଶ ଦେଇ ଏହାର କ୍ରମିକ ବିକାଶ ସାଧିତ ହୋଇଚି। ଅପଭ୍ରଂଶ ଗୀତିକବିତା (ଚର୍ଯ୍ୟାଗୀତିକା) ଓଡ଼ିଆ ଲିଖିତ ସାହିତ୍ୟର ଆଦି ନିଦର୍ଶନ। ଗୀତିକବିତାର ଅନେଗୁଡ଼ିଏ ରୂପଭେଦ ରହିଛି । ଯଥା - ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଚଉତିଶା, ଚମ୍ପୂ, କୋଇଲି, ବୋଲି, ପୋଇ, ଷୋଡ଼ଶା, ଭଜନ, ଜଣାଣ, ପ୍ରଭୃତି ବିଶେଷ ଜନପ୍ରିୟତା ଲାଭ କରିଥିଲା। ବିଷୟ ବା ଭାବ ଦୃଷ୍ଟିରୁ ଗୀତିକବିତାର ବର୍ଗୀକରଣ ହୋଇଛି। ଯଥା - ଶୋକକବିତା, ଭକ୍ତି କବିତା, ପ୍ରେମ କବିତା, ପ୍ରକୃତି ବର୍ଣ୍ଣନାତ୍ମକ କବିତା, ବ୍ୟଙ୍ଗ କବିତା, ନୀତି ଓ ଉପଦେଶାତ୍ମକ କବିତା, ଦେଶାତ୍ମବୋଧ କବିତା, ପରୀକ୍ଷାଧର୍ମୀ କବିତା।

ଓଡ଼ିଆ ଗୀତିକବିତାର ଅନ୍ୟତମ ଜନପ୍ରିୟ ବିଭବ ଭାବରେ ଚଉତିଶାର ନାମ ଉଲ୍ଲେଖଯୋଗ୍ୟ। ଆନୁକ୍ରମିକ ଭାବେ ଚଉତିରିଶ ଗୋଟି ବ୍ୟଞ୍ଜନ ବର୍ଣ୍ଣକୁ ବ୍ୟବହାର କରି ଗୀତି ରଚନା କରିବା ଉତ୍ତର ଭାରତୀୟ ସାହିତ୍ୟର ଏକ ବହୁ ପ୍ରାଚୀନ ରୀତି। ଏହାର ମୂଳ ରୂପ ସଂସ୍କୃତ ସାହିତ୍ୟରେ ପରିଲକ୍ଷିତ ହୁଏ। ଓଡ଼ିଆ ସାହିତ୍ୟରେ ଆଦି ଯୁଗରୁ ଚଉତିଶା ରଚନା ହୋଇଥିବାର ପ୍ରମାଣ ମିଳେ। ଚତୁର୍ଦ୍ଦଶ - ପଞ୍ଚଦଶ ଶତାବ୍ଦୀରୁ ବିଂଶ ଶତାବ୍ଦୀର ତ୍ରିଦଶକ ପର୍ଯ୍ୟନ୍ତ ଓଡ଼ିଶାର ବହୁ କବି ଶହ ଶହ ଚଉତିଶା ରଚନା କରି ଓଡ଼ିଆ ଗୀତିକାବ୍ୟ ଧାରାକୁ ପରିପୁଷ୍ଟ କରିଯାଇ ଅଛନ୍ତି।

ISSN NO.
2582-208X

ଚଉତିଶାକୁ ଓଡ଼ିଶା ଗଣଜୀବନର ସାହିତ୍ୟ ପ୍ରସାରର ପ୍ରାଥମିକ ଭିତ୍ତି ବୋଲି କୁହାଯାଏ। 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ଓଡ଼ିଆ ବର୍ଣ୍ଣମାଳାର ଚଉତିରିଶ ବ୍ୟଞ୍ଜନ ବର୍ଣ୍ଣକୁ ପ୍ରତ୍ୟେକ ପଦ ବା ପାଦର ଆଦ୍ୟରେ କ୍ରମାନ୍ୱୟରେ ବିନ୍ୟାସ କରି ଯେଉଁ ଗୀତିକାବ୍ୟ ସୃଷ୍ଟି କରାଯାଏ ତାହା ଚଉତିଶା ରୂପେ ପରିଚିତ। ଏହାର ଅନ୍ୟଏକ ଅନୁରୂପ ରଚନା ଷୋଡ଼ଶା। ସାରଳା ଦାସ ଙ୍କ ଠାରୁ ଚଉତିଶାର ଲୋକପ୍ରିୟତା ଓଡ଼ିଶାରେ ରହିଅଛି। ଚଉତିଶା ଗୋଟିଏ ଛନ୍ଦରେ ରଚିତ ହୋଇଥାଏ। ଏହି ରଚନା ରୀତି ଅନ୍ୟାନ୍ୟ ଭାରତୀୟ ଭାଷାର ସାହିତ୍ୟରେ ଦେଖିବାକୁ ମିଳେ। କେବଳ ଆଙ୍ଗିକ ନୁହେଁ ବିଷୟ ବସ୍ତୁ ଦୃଷ୍ଟିରୁ ମଧ୍ୟ ଏହା ଅତୀବ ବୈଚିତ୍ରମୟ। ଦର୍ଶନ ବା ଯୋଗର ଗୁଢ଼ତତ୍ତ୍ୱ ଠାରୁ ଆରମ୍ଭ କରି ନାୟକ ନାୟିକା ଙ୍କ ପ୍ରଣୟ ଚେତନା ପୌରାଣିକ ଆଖ୍ୟାନ, ସାମାଜିକ ସମସ୍ୟା, ନୀତି ଉପଦେଶ, ଗଣିତ, ଜ୍ୟୋତିଷ ଇତ୍ୟାଦି ଚଉତିଶାର ବିଷୟବସ୍ତୁ ମଧ୍ୟରେ ଅନ୍ତର୍ଭୁକ୍ତ। ହିନ୍ଦୀରେ ଏହାକୁ 'ଅଖରାବଟ', ବଙ୍ଗଳାରେ 'ମଙ୍ଗଳ', ପାର୍ସି, ଉର୍ଦ୍ଦୁ ଓ ଆରବୀରେ ଏହା 'ଦିୱାନ' ଏବଂ ସୁଫିମାନଙ୍କ ଭାଷାରେ ଏହା 'ତିରିଶା', ଆସାମରେ 'ଚତିହା' ରୂପେ ପରିଚିତ। ସଂସ୍କୃତର 'ମାତୃକା ସ୍ତୋତ୍ର' ଏହା ସମଗୋତ୍ରୀୟ ବୋଲି କେତେକ ଗବେଷକ କହିଥାନ୍ତି। ଓଡ଼ିଶାର ପ୍ରତ୍ୟେକ ପ୍ରସିଦ୍ଧ କବି କାବ୍ୟ ରଚନା କରିବା ସଙ୍ଗେ ସଙ୍ଗେ ଚଉତିଶା ରଚନା କରିଛନ୍ତି । ଚଉତିଶାକୁ ସାଧାରଣତଃ ସାତ ଭାଗରେ ବିଭକ୍ତ କରାଯାଇଛି। ସେଗୁଡିକ ମଧ୍ୟରେ ଆଖ୍ୟାନଧର୍ମୀ ଚଉତିଶା, ସ୍ମୃତିମୂଳକ ଚଉତିଶା, ବାର୍ତ୍ତାଧର୍ମୀ ଚଉତିଶା, ପ୍ରେମବର୍ଣ୍ଣନାମୂଳକ ଚଉତିଶା, ଧର୍ମୀୟଭାବନା ଚଉତିଶା, ତତ୍ତ୍ୱପ୍ରଧାନ ଚଉତିଶା, ଆଳଙ୍କାରିକ ଚଉତିଶା ଇତ୍ୟାଦି।

ଓଡ଼ିଶାର ପ୍ରାଚୀନ ଓ ମଧ୍ୟଯୁଗୀୟ କବିମାନେ ଚଉତିଶା ରଚନା କ୍ଷେତ୍ରରେ ବିବିଧ ପରୀକ୍ଷା ନିରୀକ୍ଷାର ପ୍ରୟୋଗ ଫଳରେ ଚଉତିଶା ରୂପକୁ ଅଧିକ ବୈଚିତ୍ର ମଣ୍ଡିତ କରିଯାଇଛନ୍ତି। ଅନେକ ସ୍ଥଳରେ କ୍ରମ ଓଲଟ ରୀତିରେ 'କ୍ଷ' ଠାରୁ 'କ' ଆଡ଼କୁ ଚଉତିଶା ରଚନା କରାଯାଏ। ଏହାକୁ 'ଓଲଟ ଚଉତିଶା' କୁହାଯାଏ। ବତ୍ସା ଦାସଙ୍କ 'କଳସା ଚଉତିଶା' ଓଡିଆ ଚଉତିଶା ସାହିତ୍ୟର ପ୍ରଥମ ନିଦର୍ଶନ। ଚଉତିଶା ରଚନା କ୍ଷେତ୍ରରେ ଓଡ଼ିଆ କବିମାନେ ଥିଲେ ଧୁରନ୍ଧର । ଆଦିଯୁଗରେ ବତ୍ସାଦାସ ଙ୍କ 'କଳସା ଚଉତିଶା' ରେ ଶିବ ପାର୍ବତୀଙ୍କ ବିବାହ ପ୍ରସଙ୍ଗ ବର୍ଣ୍ଣିତ ହୋଇଛି। ଡ. ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ମତରେ – "ଏ ପର୍ଯ୍ୟନ୍ତ ମିଳିଥିବା ରଚନାମାନଂକ ମଧ୍ୟରେ ସବୁଠାରୁ ପ୍ରାଚୀନତମ ହେଉଚି ବତ୍ସାଦାସ ଙ୍କ କଳସା ଚଉତିଶା।"

ISSN NO.
2582-208X

"ଦରିଦ୍ର ହୀନ ବୁଢାକୁ ଯେବେ ମୋତେ ଦେବୁ
ଦୁଇ ନୟନରେ ମୋର ମରଣ ଦେଖିବୁ
ନୋହିଲେ ବୁଡ଼ିବୁ ମାଏ ଝିଏ ଦୁହେଁ ହୋଇ
ନୋହିଲେ ମରିବୁ ସ୍ୱହସ୍ତରେ ବିଷ ଖାଇ" ।

( କଳସା ଚଉତିଶା )

ସାଧାରଣତଃ କବିତାର ପ୍ରତ୍ୟେକ ଚରଣର ଆଦ୍ୟରେ ଯଥାକ୍ରମେ 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ବ୍ୟଞ୍ଜନ ବର୍ଣ୍ଣାଦ୍ୟ ଶବ୍ଦ ବ୍ୟବହାର କରି ବହୁବିଧ ଚଉତିଶା ରଚିତ ହୋଇଚି। କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ 'ରସପଞ୍ଚକ' ରେ 'କ' କାର ଚଉତିଶାଟି ଉଲ୍ଲେଖଯୋଗ୍ୟ।

"କହିବା ଶୁଣ ଗୁଣବନ୍ତେ
ମନକରି ସ୍ଥାୟକ
କଳାର୍ଦ୍ଧ ସଂଖ୍ୟା ଆଲିଙ୍ଗନେ
ଏକେ ଏକେ ତୋଷକ" । (ରସ ପଞ୍ଚକ)

ବିଲୋମ ବା ବିପରୀତ କ୍ରମରେ 'କ୍ଷ' ଠାରୁ 'କ' ପର୍ଯ୍ୟନ୍ତ ବର୍ଣ୍ଣମାଳାକୁ ଆଦ୍ୟରେ ରଖି ଯେଉଁ ଚଉତିଶା ରଚନା କରାଯାଏ ତାହାକୁ 'ଓଲଟ ଚଉତିଶା' କୁହାଯାଏ। ଏହାକୁ ବିପରୀତ ଚଉତିଶା ମଧ୍ୟ କୁହାଯାଏ।

"କ୍ଷୀର ସିନ୍ଧୁ ବାସୀ ସେହି
କ୍ଷିନ ନାଳେ ଜଗିଅଛନ୍ତି ରହି, ସୁମନରେ।
କ୍ଷମା ସାଗରଙ୍କୁ ଧ୍ୟାୟି ।
XXX XX XX XXX
କହେ ଭୀମଭୋଇ ମୂଢ
କରତା ପୁରୁଷ ସଂସାରେ ବଡ଼, ସୁମନରେ
କାଳଦଣ୍ଡ ସ୍ୱାମୀ ଫେଡ" ।

ISSN NO.
2582-208X

ବର୍ଣ୍ଣମାଳାର ପ୍ରଥମ ବର୍ଣ୍ଣ 'କ' ପରେ ଶେଷ ବର୍ଣ୍ଣ 'କ୍ଷ' ଏବଂ ଦ୍ୱିତୀୟ ବର୍ଣ୍ଣ 'ଖ' ପରେ 'ହ' – ଏହିପରି କ୍ରମରେ ରଚିତ ଚଉତିଶାକୁ 'ମେଷଯୁଦ୍ଧ ଚଉତିଶା' କୁହାଯାଏ। ପ୍ରାଚୀନ କବି ଶ୍ୟାମଘନଙ୍କ ଚଉତିଶାଟି ଉଲ୍ଲେଖଯୋଗ୍ୟ।

"କୃଷ୍ଣ ଗୁଣ ଗୁଣି ସର୍ବ ଆଭିର ନାଗରୀ
କାମ ଶରେ ଦିନୁ ଦିନ କୃଶ କୃଶୋଦରୀ
କୁଞ୍ଜ କେଳି କଳା – କଳା ଚିତ୍ତୋର ମନରେ
କରନ୍ତି ରୋଦନ ସେହୁ ବସି ନିରନ୍ତରେ"।

ସାଧାରଣତଃ ଗୋଟିଏ ଚଉତିଶାରେ ଗୋଟିଏ ବୃତ୍ତ ବ୍ୟବହୃତ ହୋଇଥାଏ କିନ୍ତୁ କେତେକ କବି ଗୋଟିଏ ଚଉତିଶାର ବିଭିନ୍ନ ବୃତ୍ତ ମଧ୍ୟ ବ୍ୟବହାର କରିଛନ୍ତି। ଚଉତିଶାର ବିଭିନ୍ନ ଛନ୍ଦ, ବୃତ୍ତ ବ୍ୟବହାର ହେଉଥିବାରୁ ଚଉତିଶାର ପଦ ସଂଖ୍ୟାରେ ମଧ୍ୟ ଭିନ୍ନତା ପରିଦୃଷ୍ଟ ହୁଏ। ଉପେନ୍ଦ୍ର ଭଞ୍ଜଙ୍କ 'ସ' କାର ଚଉତିଶା, 'ପ' କାର ଚଉତିଶା ଏବଂ କ୍ଷତ୍ରିବରଙ୍କ 'ସପ୍ତରାଗ ଚଉତିଶା' ଆଦି।

ବିଷୟବସ୍ତୁ ଓ ଭାବ ଦୃଷ୍ଟିରୁ ଚଉତିଶାକୁ ଭକ୍ତିମୂଳକ, ପ୍ରୀତିମୂଳକ, ପୌରାଣିକ ଆଖ୍ୟାନ ମୂଳକ, ଦାର୍ଶନିକ ତତ୍ତ୍ୱ ପ୍ରଧାନ ଭେଦରେ ପାଞ୍ଚ ଭାଗରେ ବିଭକ୍ତ କରାଯାଇଛି। ପଞ୍ଚଦଶ ଶତାବ୍ଦୀରୁ ଚଉତିଶା ରଚନା ରୀତି ପ୍ରଚଳିତ ହୋଇ ଆସୁଅଛି। ବତ୍ସାଦାସଙ୍କ କଳସା ଚଉତିଶା, ଦାମୋଦର ଦାସଙ୍କ ରସକୁଲ୍ୟା ଚଉତିଶା, ବିରସିଂହଙ୍କ ବିରସିଂହ ଚଉତିଶା ପ୍ରଭୃତି ଓଡ଼ିଶାର ପ୍ରାଚୀନତମ ଚଉତିଶା ଭାବେ ପରିଗଣିତ।

'ବୀରସିଂହ ଚଉତିଶା' ରେ ବୌଦ୍ଧ ଧର୍ମତତ୍ତ୍ୱ, ପଞ୍ଚସଖାଙ୍କ ରଚିତ ବହୁ ଚଉତିଶାରେ ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱ, ଭୀମ ଭୋଇଙ୍କ ଚଉତିଶାରେ ମହିମା ଧର୍ମତତ୍ତ୍ୱ, ଚତୁର୍ଭୁଜ ପଟ୍ଟନାୟକଙ୍କ ଜୀବନ ଚଉତିଶାରେ ବ୍ରହ୍ମଧର୍ମ ତତ୍ତ୍ୱର ବର୍ଣନା ରହିଥିବା ବେଳେ ଭକ୍ତଚରଣ ଦାସ ଙ୍କ 'ମନବୋଧ ଚଉତିଶା' ରେ ଜୀବନର ନଶ୍ୱରତା ସଂପର୍କରେ ବର୍ଣ୍ଣନା ରହିଛି ।

"ଖଣ୍ଡି ଯେ ଖଣ୍ଡି ତୋର ପିଞ୍ଜରା କାଠି
ଖାଉ ଥିବେ ଶ୍ୱାନ ଶୃଗାଳ ବାଣ୍ଟିରେ
ଖଟ ପଲଙ୍କେ ମନ ଶେଯାଇ ଶୋଉ

ISSN NO.
2582-208X

ଖଳ ଦୁର୍ଗନ୍ଧ ହେବ ଏ ତୋର ଦେହୁରେ" ।
(ମନବୋଧ ଚଉତିଶା)

ଚଉତିଶାର ପ୍ରୟୋଗବିଧି:-

ଓଡ଼ିଆ ଚଉତିଶାର ରଚନା – ରୀତିରେ ବହୁ ବିଚିତ୍ରତା ପରିଲକ୍ଷିତ ହୁଏ। ଚଉତିଶାର ପଦ ବା ପାଦ ସଂଖ୍ୟାରେ କୌଣସି ସମତା ପରିଲକ୍ଷିତ ହୁଏ ନାହିଁ। କାରଣ ବିଭିନ୍ନ ଛନ୍ଦ ବୃତ୍ତରେ ଚଉତିଶା ରଚିତ ହେଉଥିବା ଯୋଗୁଁ ଚଉତିଶାର ମୋଟ ପାଦ ସଂଖ୍ୟାରେ ବିଭିନ୍ନତା ସୃଷ୍ଟି ହେବା ଏକାନ୍ତ ସ୍ୱାଭାବିକ। ଚଉତିଶାରେ ପରିଲକ୍ଷିତ ବିଭିନ୍ନ ପ୍ରୟୋଗବିଧିକୁ ସ୍ଥୂଳତଃ ୧୪ ଭାଗରେ ବିଭକ୍ତ କରାଯାଇପାରେ। ଯଥା –

୧- କେତେକ ଚଉତିଶାରେ ପ୍ରତ୍ୟେକ ପାଦରେ ଓଡ଼ିଆ ବ୍ୟଞ୍ଜନ ବର୍ଣ୍ଣ ମାନଙ୍କ ମଧ୍ୟରୁ ଏକାଧିକ ବ୍ୟଞ୍ଜନ ବର୍ଣ୍ଣାଦ୍ୟ ଶବ୍ଦର କ୍ରମିକ ବିନ୍ୟାସ ହୋଇଥିବାର ଦେଖାଯାଏ। (ସାନଚନ୍ଦ୍ରଙ୍କ କମଳନେତ୍ର ଜଣାଣ)

୨- ପଦର ପ୍ରତ୍ୟେକ ଚରଣର ଆଦ୍ୟରେ ଯଥାକ୍ରମେ ବ୍ୟଞ୍ଜନ ବର୍ଣ୍ଣଦ୍ୟ ଶବ୍ଦାବଳୀର ବିନ୍ୟାସ କରି ଚଉତିଶା ରଚନା ରୀତି ପ୍ରଚଳିତ। (ଅଚ୍ୟୁତାନନ୍ଦ ଦାସ ଙ୍କ କାଳିନ୍ଦୀ ମଧ୍ୟେ କମଳ ଫୁଟିଛି)

୩- ପ୍ରତ୍ୟକେ ପଦର ଦୁଇଟି ଚରଣରେ ଯଥାକ୍ରମେ ବ୍ୟଞ୍ଜନ ବର୍ଣ୍ଣଦ୍ୟ ଶବ୍ଦାବଳୀର ବିନ୍ୟାସ କରି ମଧ୍ୟ ବହୁ ଚଉତିଶା ଓଡ଼ିଆରେ ରଚିତ ହୋଇଅଛି। (ବଳରାମ ଦାସ ଙ୍କ କମଳଲୋଚନ ଶ୍ରୀହରି)

୪- ପଦର ଚାରିଗୋଟି ବା ସମସ୍ତ ପାଦରେ ଏକ ବ୍ୟଞ୍ଜନ ବର୍ଣ୍ଣଦ୍ୟ ଶବ୍ଦ ବିନ୍ୟାସ କ୍ରମରେ ୩୪ ଗୋଟି ବ୍ୟଞ୍ଜନ ବର୍ଣ୍ଣର ବ୍ୟବହାର କରି ମଧ୍ୟ ବହୁ ଚଉତିଶା ଓଡ଼ିଆରେ ରଚିତ । (ବସ୍ତା ଦାସଙ୍କ କଳସା ଚଉତିଶା)

୫- ପ୍ରତ୍ୟେକ ପଦର କେବଳ ଆଦ୍ୟଚରଣ ମାନଙ୍କରେ ଯଥାକ୍ରମେ ୩୪ ଟି ବ୍ୟଞ୍ଜନ ବର୍ଣ୍ଣଦ୍ୟ ଶବ୍ଦାବଳୀର ବ୍ୟବହାରରେ ମଧ୍ୟ ଚଉତିଶା ରଚିତ ହୋଇଥାଏ।(ମଦନମୋହନ ଙ୍କ ଲେଖା ଚଉତିଶା )

ISSN NO.
2582-208X

୬- ଚାରି ଚରଣ ବିଶିଷ୍ଟ ଏକ ପାଦରେ କ୍ରମାନ୍ୱୟରେ ଦୁଇଟି ବ୍ୟଞ୍ଜନ ବର୍ଣ୍ଣାଦ୍ୟ ଶବ୍ଦ ବିନ୍ୟାସ କ୍ରମରେ ୩୪ ଟି ବ୍ୟଞ୍ଜନ ବର୍ଣ୍ଣ ର ବ୍ୟବହାର କରି ବହୁ ଚଉତିଶା ରଚିତ ହୋଇଛି। ଏହି ଚଉତିଶା ୧୭ ଟି ପଦ ବିଶିଷ୍ଟ।

୭- 'କ୍ଷ' ଠାରୁ 'କ' ପର୍ଯ୍ୟନ୍ତ ବର୍ଣ୍ଣମାଳାଦ୍ୟ ଶବ୍ଦକୁ ବିପରୀତ କ୍ରମରେ ଚରଣର ଆଦ୍ୟରେ ବିନ୍ୟାସ କରି ମଧ୍ୟ ଚଉତିଶା ରଚିତ ହୋଇଛି। (ଭୀମ ଭୋଇଙ୍କ ଓଲଟ ଚଉତିଶା)

୮- ପ୍ରତ୍ୟେକ ଚରଣର ପ୍ରାନ୍ତରେ ଯଥାକ୍ରମେ ଚଉତିରିଶ ଗୋଟି ବ୍ୟଞ୍ଜନ ବର୍ଣ୍ଣର ବିନ୍ୟାସ କରି ମଧ୍ୟ ଚଉତିଶା ରଚିତ ହୋଇଛି। ( ଉପେନ୍ଦ୍ର ଭଞ୍ଜଙ୍କ ରସପଞ୍ଚକ )

୯- ସାଧାରଣତଃ ଗୋଟିଏ ଚଉତିଶାରେ ଗୋଟିଏ ବୃତ୍ତ ବ୍ୟବହୃତ ହୋଇଥାଏ; ମାତ୍ର କେତେକ କବି ଗୋଟିଏ ଚଉତିଶାରେ ବିଭିନ୍ନ ବୃତ୍ତର ମଧ୍ୟ ବ୍ୟବହାର କରିଛନ୍ତି । (ଉପେନ୍ଦ୍ର ଭଞ୍ଜଙ୍କ 'ସ' କାର, 'ପ' କାର ଚଉତିଶା)

୧୦- ଓଡ଼ିଆ ବର୍ଣ୍ଣମାଳାର ପ୍ରଥମ ବର୍ଣ୍ଣ 'କ' ପରେ ଶେଷ ବର୍ଣ୍ଣ 'କ୍ଷ' , ତାପରେ ୨ୟ ବର୍ଣ୍ଣ 'ଖ' ଓ ତାପରେ 'ହ' – ଏହିପରି କ୍ରମରେ ପ୍ରତି ଚରଣରେ ଆଦ୍ୟରେ ବର୍ଣ୍ଣ ବିନ୍ୟାସ ରୀତି ଅନୁସରଣ କରି ଚଉତିଶା ରଚିତ ହେଲେ ତାହାକୁ ମେଷଯୁଦ୍ଧ ଚଉତିଶା କୁହାଯାଏ।(ଶ୍ୟାମଘନ ଙ୍କ ମେଷଯୁଦ୍ଧ ଚଉତିଶା)

୧୧- ପାଦର ମଧ୍ୟରେ ଅକ୍ଷର କ୍ରମ ରକ୍ଷିତ ହୋଇ ମଧ୍ୟ ଚଉତିଶା ରଚିତ ହୋଇଅଛି। (ଯଦୁନାଥ ସିଂହ ଙ୍କ ଚତୁରୀ ଚଉତିଶା)

୧୨- ପ୍ରତ୍ୟେକ ଚରଣର ଆଦ୍ୟ ଓ ପ୍ରାନ୍ତରେ ଅକ୍ଷରାଦ୍ୟ ଶବ୍ଦ ବିନ୍ୟାସ କରି ମଧ୍ୟ କେତେକ ଚଉତିଶା ରଚିତ ହୋଇଛି।(ମହାଦେବ ଜଣାଣ )

୧୩- ଆଦ୍ୟ ପ୍ରାନ୍ତ ନିୟମ ରକ୍ଷା କରି ଅକ୍ଷର କ୍ରମ ଓ ସେହି ଚରଣର ପ୍ରାନ୍ତରେ ଯଥାକ୍ରମେ 'କ' ଠାରୁ 'କ୍ଷ' କ୍ରମ ରକ୍ଷା କରି ଚଉତିଶା ରଚନାର ନିଦର୍ଶନ ମଧ୍ୟ ମିଳିଥାଏ।

୧୪- ସାଧାରଣତଃ ଚଉତିଶାର ଶେଷ ପଦରେ ରଚୟିତା ତାହାଙ୍କ ନାମୋଲ୍ଲେଖ କରିଥାନ୍ତି। ଏହାକୁ ଭଣିତା କୁହାଯାଏ। ମାତ୍ର କେତେକ ଚଉତିଶାର ଭଣିତାରେ ସ୍ୱତନ୍ତ୍ର ବିଧି ଅନୁସୃତ ହୋଇଥାଏ। (ଦନେଇ ଦାସ ଙ୍କ ପହଳି ଚଉତିଶା)

ISSN NO.
2582-208X

ଚଉତିଶା ଏକ ପ୍ରାଚୀନତମ ରଚନା। ଏହା ୩୪ ଅକ୍ଷର ବିଶିଷ୍ଟ ବ୍ୟଞ୍ଜନ ବର୍ଣ୍ଣର ଆଦ୍ୟାରେ ରଖାଯାଇ ରଚନା କରାଯାଉଥିବା ଏକ ସୁଲଳିତ ଗୀତିକା। ଏହା ବିଭିନ୍ନ ଛନ୍ଦ, ବୃତ୍ତ, ରୀତିରେ ରଚନା ହେଲେ ମଧ୍ୟ ଏଥିରେ ଅଳଙ୍କାର, ରସ, ଭାବ ସମ୍ବାଦ ଆଦିର ପରିଚୟ ଦେଖିବାକୁ ମିଳେ। ଓଡ଼ିଆ ସାହିତ୍ୟରେ ଅନେକ କବି ଚଉତିଶା ରଚନା କରି ଶ୍ରୀବୃଦ୍ଧି ସମ୍ପନ୍ନ କରିବାରେ ଭୂମିକା ଗ୍ରହଣ କରିଛନ୍ତି।

ଅତିଥି ଅଧ୍ୟାପିକା, ଓଡ଼ିଆ ଭାଷା - ସାହିତ୍ୟ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ISSN NO.
2582-208X

# ଦାୟିତ୍ୱର ବୋଝେ, ନୁହଁଇ ସହଜ



ଜୟ କୁମାର ମିଶ୍ର

ଦାୟିତ୍ୱର ବୋଝ, ନୁହଁଇ ସହଜ
ଯିଏ କରେ, ସିଏ ଜାଣେ,
ଦାୟିତ୍ୱ ବିମୁକ୍ତ, ସ୍ୱାର୍ଥପର ଲୋକ
ଆପଣା ସୁବିଧା ମଣେ ॥ (୧)
ନିଜ ସ୍ୱାର୍ଥ ପାଇଁ, ବିବେକ ହରାଇ
ବହୁକଥା,ବହୁ ଚିନ୍ତା,
ଯୁକୁତି, ତରକ, କଟୁକଥା ବାକ୍ୟ
କହି ଚାଲେ ସଦା ରାସ୍ତା ॥ (୨)
ଅଶାନ୍ତି, ଝଗଡ଼ା, ବିବାଦରେ ଛିଡ଼ା
କଳହ ପସରା ଘେନି,
କରି ସଙ୍ଗଠନ, ଧମକ ଚମକ
କୁଛା ରଚନା କାହାଣୀ ॥ (୩)
ବୁଝେନା ସମସ୍ୟା, ଅଭାବ ହିନସ୍ତା
ସମୟ ଓ କାଳ, ବେଳ,
ରୀତିନୀତି, କଥା, ଧାରା ଆଉ ପ୍ରଥା
ସବୁକଥା ଆଦି ମୂଳ ॥ (୪)
ବୋଝର ଓଜନ, ବିପଦ ଆସନ୍ନ
ସଙ୍କଟକୁ ଅଣ ଦେଖା
ମରି, ସରିଯାଉ, ଯାହା ପଛେ ହେଉ

ISSN NO.
2582-208X

ସ୍ୱାର୍ଥପାଇଁ, ଦାବୀ ରଖା ॥ (୫)
କେତେ ହଟାପାଟି, କାମୁଡ଼ି କେ ପାଟି
ଆରକ୍ତ ନୟନ ମାନ,
ହାସ୍ୟ, ବ୍ୟଙ୍ଗ, ଥଟା, ମାଜାର ବାରତା
ଉନ୍ମାଦନ, ଅବଦାନ ॥ (୬)
ବୟସ, ପଦବୀ, କ୍ଷମତାର ରବି
ସବୁ ପାଇଁ ଅଣଦେଖା,
ଆଗେ ମିଥ୍ୟା ସ୍ତବ, ପଛେ ନିନ୍ଦା ରାବ
କେତେ କେତେଯେ ଆଲେଖା ॥ (୭)
ନିଜ ବେଳକାଳ, ଭୟ ବେଲୁବେଳ
ବୋହିଁବକୁ ଲାଗେ ଡର,
ଖୋଜଇ ବାହାନା, କରୁଥାଇ ମନା
ଛଳରେ କେତେ ବିକାର ॥ (୮) ବୋଝ,
ଯିଏ ବୁହେ, ଦାୟିତ୍ୱକୁ ନିଏ
ବସୁମତୀ ସରି ହୁଏ,
ସହନ ଧଇର୍ଯ୍ୟ, ଘେନି କରେ କାର୍ଯ୍ୟ
ମଥା ପାତି ସହିଯାଏ ॥ (୯)
ଅନୁଭବୀ ଜାଣେ, ଅନୁଭବ କଥା
ଅନୁଭବୀ ହୀନ ବଣା,
ଅବିବେକୀ ବନେ, ଘୁରିବୁଲି ଜଣେ
ମୋଟା ବୁଦ୍ଧି କରେ ଘୃଣା (୧୦)

ବୁଦୁର୍, ଗୋରିବନ୍ଧା
ଗଜପତି, ଓଡ଼ିଶା, 761296,
ଯୋଗାଯୋଗ 6372127449

ISSN NO.
2582-208X

# ଆତ୍ମସମୀକ୍ଷା ??!!



ମଧୁମିତା ମିଶ୍ର

ବହୁତ ଦିନ ପରେ ..
ଆଇନା ସଙ୍ଗେ କଥା ହେବି ଭାବିଲି।।
ବହୁତ କିଛି ପଚାରିବା କୁ ତ ଗଲି...
ହେଲେ..ଏ କଣ!!
କିଏ ଆଜି ମୋ ସାମ୍ନା ରେ ଅଛି??
ଏ କାହା ଚେହେରା ମୋତେ ଦେଖା ଯାଉଛି!!

ଏ କଣ ସେଇ ଚେହେରା??
ଯେ ସ୍ୱପ୍ନ ଦେଖିଥିଲା!! ଦେଖାଉଥିଲା!!
ନା.. ଏଇ ଲୋକଟି ତ ସ୍ୱପ୍ନ କଣ ଜାଣେନା।।
ଏ କଣ ସେଇ ଚେହେରା!!
ଯେ ଉଡ଼ିବା ଆରମ୍ଭ କରିଥିଲା..ମୁକ୍ତି ର କଥା କହୁଥିଲା!!
ନା..ଏଇ ଲୋକ ତ ଉଡ଼ିବା କଣ ଜାଣେନା!!
ଏ କଣ ସେଇ ଚେହେରା??
ଯେ ହସୁଥିଲା.. ହସିବା ଶିଖାଉଥିଲା!!
ନା ।।ଏ ଲୋକଟି ହସିବା କଣ ଜାଣେନା!!!

ISSN NO.
2582-208X

ଏ ତ ଜଣେ ଅଜଣା ମଣିଷ ।।
ଯେ ନିଜକୁ ନିଜେ ଚିଂହେ ନା !!!!
ନିଜେ କଣ କେବେ ଜାଣିବାକୁ ଚାହେନା ।।
ହଜି ଯାଇଛି ଏ ଦୁନିଆ ରଙ୍ଗରେ ..
କିଛି ମୁଖପିନ୍ଧା ଚେହେରା ଭିତରେ..
ଆଜି ସେଥି ପାଇଁ ଦର୍ପଣ ଲାଗେ ଅଚିହ୍ନା...
ନାଟକ ଚାଲିଛି .. ଯବନିକା ପଡିନି ।।
ଅଭିନୟ ଆହୁରି ବାକି ।। ନିଜକୁ ଆଉ ଖୋଜନି ।।।
ଥରେ ଏଠି ହଜିଗଲା ପରେ.. ନିଜକୁ ଆଉ ଖାେଜନି....

ଭୁବନେଶ୍ୱର

ISSN NO.
2582-208X

# ସଭିଏଁ ତାର ପରାଣ ମିତ



ରଘୁନାଥ ତ୍ରିପାଠୀ

ସାରା ଦୁନିଆ ନିଦ ଭାଙ୍ଗିନି
ପରାଚୀ ଦିଶେ ଆସି ସୂରୁଜ
ଦିନଟା ସାରା ଆଲୋକ ଢାଳେ
ସକାଳ ସଞ୍ଜେ ନାଲି ମୁରୁଜ ॥
ଆଲୁଅ ପାଏ ଜୀବ ଜଗତ
ଅରମା ଲୁଚେ ଟାଣ ଖରାରେ
ସାରା ଦୁନିଆ ପାଣିକୁ ଟାଣି
ସରଜେ ମେଘ ନୀଳ ଅମ୍ବରେ ॥
ଘଡି ମାରିକି ଉଦୟ ହୁଏ
ନୀଳ ଆକାଶେ ବିମଳ ଶଶୀ
ତାରା ମେଳରେ ରୂପା ଜୋଛନା
ଢାଳୁଥାଏ ସେ ଅଳପ ହସି ॥
ଆକାଶେ ଖେଳେ ଜିମୂତ ମାଳ
ହୋଇଲେ ଟାଣ ରବି କିରଣ
ନିଦାଘ ମୁଖ ଲୁଚାଇ ଦେଇ
ଝରାଇ ଥାଏ ଧାରା ଶ୍ରାବଣ ॥
ବରଷା କାଳେ ଚାଷୀର ଖୁସି
ହସଇ ତାର ସବୁଜ କ୍ଷେତ

ISSN NO.
2582-208X

ଜଳରେ ଭରା କୂଅ ପୋଖରୀ
ନଈରେ ଏବେ ପାଏନା କାତ ॥
ମୁକତି ଦିଏ ମେଘ ମାୟାରୁ
ଭସାଏ ମେଘ ଅନିଳ ଦୋଳି
ଚମକିଥାଏ ନୀଳ ଗଗନ
ଧଳା ବଉଦ ଗଲେରେ ଖେଳି ॥
ଧରଣୀ ରାଣୀ ହସିକି କହେ
ମୁହଁରେ ତାର ଖୁସିର ଗୀତ
ସୂରୁଜ ଚାନ୍ଦ ମେଘ ପବନ
ସଭିଏଁ ତାର ପରାଣ ମିତ ॥

ବାଲିସାହି, ମଧୁପାଟଣା,
କଟକ/8763343263

ISSN NO.
2582-208X

# ସଂପର୍କ



ଝରଣା ବାରିକ

ନୂଆ ପାଟ ଶାଢ଼ୀ ଖଣ୍ଡେ ପିନ୍ଧି ଭାରି ସୁନ୍ଦର ଦିଶୁଥାଏ ରାଣୀ।ସରୁ ଓଢ଼ଣା ଟାଣି ଚୁପଚାପ୍ ଗୋଟେ କଣରେ ବସି ରହିଥାଏ ସେ। କେତେ ଲୋକ ଦେଖି ଆସୁଥାନ୍ତି। ସମସ୍ତ ଙ୍କ ମୁହଁରେ ତା ରୂପ ର ପ୍ରଶଂସା । ଆହା କେଡେ ସୁନ୍ଦରୀ ଆ ବୋହୂ ଟିଏ ସତରେ ପୁରା ଗୋଟିଏ ଚାଉଳରେ ଗଢା। ଦେଖିଲେ ଆଖି ଫେରୁ ନାହିଁ। ନଣନ୍ଦ ମାନଙ୍କର ଟାହି ଟାପରା ସତରେ ଭାଉଜ ଭାଇ ଆମର ସତରେ ଭାଗ୍ୟବାନ ନହେଲେ ତମ ଭଳି ସୁନ୍ଦରୀ ସ୍ତ୍ରୀ ଟିଏ କ'ଣ ପାଇଥାନ୍ତା। ଲାଜ ରେ ମୁହଁ କୁ ତଳକୁ ପୋତି ଲୁଚି ଲୁଚି ହସୁଥିଲା ରାଣୀ। ତାର ଏ ସୁନ୍ଦର ରୂପ କୁ ଦେଖି ରାଜା ବାହାଘର ପାଇଁ ରାଜି ହେଇଯାଇଥିଲା। ସେ ବାହା ହେଇ ରାଣୀ କୁ ଘରକୁ ଆଣିଛି ବିନା ଯୌତୁକ ରେ । ବହୁତ ଝିଅ ରାଜା କୁ ପସନ୍ଦ କରୁଥିଲେ ବି ରାଜା ର ପସନ୍ଦ ଥିଲା ରାଣୀ। ସେଥିପାଇଁ ସେ ଜିଦ୍ କରି ବାହା ହେଇଥିଲା ରାଣୀ କୁ।ତାର ମାନ ସମ୍ମାନ କୁ କେବେ ବି ତଳେ ପକାଇ ବାକୁ ଦେବନାହିଁ । ବୋଲି ସବୁ ଜିନିଷ ଯୋଗେଇ ଦେଇଥାଏ ରାଜା।

ରାଜାର ମନ ଆକାଶ ରେ ଉଡୁଥାଏ। ରାଣୀ କୁ ପାଇଁ ଧରାକୁ ସରା ମନେ କରୁଥାଏ ରାଜା।ତାର ଏତେ ଖୁସୀ ସହି ପାରନ୍ତି ନାହିଁ ପରିବାର ର କିଛି ଲୋକ। ସେ କଥାକୁ ଖାତିର ନଥାଏ ରାଜାର। କେହି କେହି ପଡିଶା ଲୋକମାନେ ବି କୁହା କୁହି ହୁଅନ୍ତି ଏତେ ସୁନ୍ଦର ଉପରଟା, ଭିତରେ କ'ଣ ଅଛି ଲୋ ମାଆ। କିଏ ଜାଣେ ଆଗକୁ ଏ ଘର ଭାଙ୍ଗିବ କି ରହିବ। ଯଦି ରାଜା ତା ବୁଦ୍ଧି ରେ ପଡିଗଲାନା ସବୁ ସରିଲା କ'ଣ ହେବ ତୋ ଝିଅ ମାନଂକ

ISSN NO.
2582-208X

ଅବସ୍ଥା। ଏ ସବୁ କଥା ରାଜା ମାଆ ଆଗରେ ଶୁଣେଇ ଶୁଣେଇ କୁହନ୍ତି ପଡିଶା ଘରର ସ୍ତ୍ରୀ ଲୋକମାନେ।

ଆରମ୍ଭ ହେଇଯାଏ ରାଣୀ ଉପରେ ଅତ୍ୟାଚାର। ରାଜା ଆଗରେ ଭଲେଇ ହେଇ ପଛରେ ରାଣୀ କୁ ପଛରେ ବହୁତ କଷ୍ଟ ଦିଅନ୍ତି ତା ପରିବାର ର ଲୋକମାନେ। ସେ ସବୁକୁ ହସି ହସି ସହିଯାଏ ରାଣୀ । ରାଜାର ଭଲ ପାଇବା ତାକୁ ସବୁ କଷ୍ଟ କୁ ସହିବାକୁ ଶକ୍ତି ଯୋଗାଇ ଦିଏ ।ଦିନକୁ ଦିନ ଏ ସବୁ ଅସହ୍ୟ ହୋଇ ପଡିଲା ରାଣୀ ପାଇଁ। ରାଜା କାନରେ ମଧ୍ୟ ଏ କଥା ପଡ଼ିଲା। ଏସବୁ ରାଣୀ ମୁହଁ ରୁ ଶୁଣିବା ପାଇଁ ଜିଦ୍ କଲା ରାଜା । କିନ୍ତୁ ରାଣୀ ଗୋଟିଏ ବି ଶବ୍ଦ କାହା ନାଁ ରେ କହି ପାରିଲାନି। ସମସ୍ତେ ବହୁତ ଭଲ ବୋଲି ହିଁ କହୁଥାଏ  ରାଣୀ। କିଛି ନ କହିଲେ ବି ସବୁ କଥା ସ୍ୱାମୀ ଆଗରେ କହୁଛୁ କହି ଝଗଡା କରନ୍ତି ଶାଶୁ ନଣନ୍ଦ ମାନେ। ଏମିତି ଦିନେ ଝଗଡା କରୁଥିବା ସମୟରେ ଶାଶୁ ହାତ ଉଠେଇ ମାରୁ ଥାନ୍ତି । ଏହି ସମୟରେ ରାଜା ଘରେ ପହଞ୍ଚିଗଲା ।

ଏକଥା ଦେଖି ରାଜା ଆଖିରେ ଲୁହ ରହିଲା ନାହିଁ। ରାଣୀ କୁ ନେଇ ଅଲଗା ଭଡା ଘରେ ରଖିବାକୁ ମନସ୍ଥ କଲା। ରାଣୀ କିନ୍ତୁ ରାଜି ହେଲା ନାହିଁ। ତା ମନରେ ଗୋଟିଏ କଥା ଶୁଣୁଥାଏ । ଶାଶୁ ଘରେ ଛାଡି କି ଯିବାବେଳେ ମାମୁଁ  କହିଥିଲେ। ଝିଅ ଆଜି ତୋ ରୂପ କୁ ଯେମିତି ପ୍ରଶଂସା କରୁଛନ୍ତି। କାଲି ଯେତେବେଳେ ମୁଁ ଏଠିକି ଆସିବି ସେତେବେଳେ ତୋର ଗୁଣ ପ୍ରଶଂସା ଯେମିତି ଶୁଣେ। ଏଇ କଥା ପଦକ ସବୁବେଳେ ତା କାନରେ ଯେମିତି ବାଜି ଉଠେ।

ସବୁ ଦୁଃଖ କଷ୍ଟ କୁ ସହି ଦିନ ପରେ ଦିନ ବିତିଯାଏ ରାଣୀର।ସବୁ ନଣନ୍ଦ ମାନଙ୍କୁ ବାହାଘର କରି ଶାଶୁ ଘରକୁ ବିଦା କରେ। ସମସ୍ତ ଙ୍କ ଅଳି ଅର୍ଦ୍ଦଳି ବୁଝି ବୁଝି କେବେବି ଥକି ପଡେନି ସେ। ଶାଶୁ ଶ୍ୱଶୁର ଏସବୁ ଦେଖି ସଂପୂର୍ଣ୍ଣ ବଦଳି ଯାଆନ୍ତି। ଗାଁ ସାରା ତା ନାଁ ରେ ଚର୍ଚ୍ଚା ହୁଏ। ସତରେ ବୋହୂ ନୁହେଁ ତ ହୀରା ଖଣ୍ଡେ।  ଏ ସବୁ କଥା ଶୁଣି ଶାଶୁ ଶ୍ୱଶୁର ଙ୍କ ଛାତି କୁଣ୍ଢେ ମୋଟ ହେଇ ଯାଏ। ଶାଶୁ ଶ୍ୱଶୁର ଙ୍କୁ ସେ ଠିକ୍ ନିଜ ପିଲାଙ୍କ ପରି ସ୍ନେହ ଦିଏ ଗୁରୁଜନଙ୍କ ଭଳି ଭକ୍ତି ଓ ସମ୍ମାନ ମଧ୍ୟ କରେ। ଏ ସବୁ ଶୁଣି ଦେଖି ରାଜା ମଧ୍ୟ ବହୁତ ଖୁସି ହୁଏ । ଏଭଳି ଗୁଣବତୀ ସ୍ତ୍ରୀ ଟିଏ ପାଇଥିବାରୁ ନିଜ କୁ ଧନ୍ୟ ମନେ କରେ। ରାଣୀ  କିନ୍ତୁ  ସବୁ  କ୍ରେଡିଟ ରାଜା କୁ ଦିଏ ।

ISSN NO.
2582-208X

କୁହେ ତମେ ଯଦି ଭଲ ହୋଇ ନଥାନ୍ତ ଏସବୁ କେବେବି ସମ୍ଭବ ହୋଇ ପାରିନଥାନ୍ତା। ସତରେ ସବୁ କ୍ଷେତ୍ରରେ ଗୋଟିଏ ନାରୀ ଯଦି ସର୍ବସହା ହୁଏ ପୁରୁଷ ଟିଏ ବି ତାକୁ ସଂପୂର୍ଣ୍ଣ ଭାବରେ ସପୋର୍ଟ କରିବା ଆବଶ୍ୟକ। ତେବେ ନିଶ୍ଚୟ ଖୁବ୍ ସୁନ୍ଦର ଭାବରେ ଅସଜଡା ଜିନିଷ ସବୁ ସଜାଡି ହୋଇଯିବ।

ସମଲ, ତାଳଚେର, ଅନୁଗୋଳ
ମୋବାଇଲ :- 9556846932

ISSN NO.
2582-208X

# ତୋ ସପନ



ମନୋରମା ମହାନ୍ତ

ଏ ରାତିଟା ହସେ ଆଜି
ମୋ ଆଖିରେ ଲୁହର ଶ୍ରାବଣ
ତୁମ ଆଖି ପତା ତଳେ
କାହାର ଏ ମଧୁର ସପନ
ମୋ ମନର ବେଳାଭୂଇଁ
ହା ହା କାର କରେ
ଗତ କାଲି ସ୍ମୃତି ସବୁ ଧୋଇଯାଏ
ଏ ବରଷା ରାତିରେ !
ମୋ ଗାଆଁ ରେ ଲୁଚି ଲୁଚି
ଜହ୍ନ ପୁଣି ଉଠୁଥିବ
ଆମ୍ବ ତୋଟା ଫାଙ୍କେ
ତୋ ସହରେ ଜହ୍ନ ଉଠି
ବରଷାରେ ଭିଜି ମୁହଁ ଢାଙ୍କେ !
ଆଜି ଏ ରାତିରେ
କେତେ ସ୍ୱପ୍ନ ହଜେ
ବାସ୍ତବତା ଆସି ଉଙ୍କି ମାରେ
ସେ ମଧୁର ସ୍ମୃତି ସବୁ ହଜିଯାଏ
ଏ ନିଷ୍ଠୁର ବାସ୍ତବତାରେ !

ISSN NO.
2582-208X

ତୋ ଆଖିରେ ଅୟୁତ ଯୁଗର ସ୍ୱପ୍ନ
ମୋ ଆଖିରେ ପୁଞ୍ଜିଭୂତ ଲୁହ
ଏ ରାତିଟା କାହା ପାଇଁ ହସେ
ପୁଣି କାହା ପାଇଁ
କାନ୍ଦେ ଅହରହ !
ଆଜି ମୋର ସ୍ୱପ୍ନ ହଜୁ ସ୍ମୃତି ହଜୁ
ହଜି ଯାଉ ଆଶା ଯେତେ
ତୋ ସପନ ସତ ହେଉ
ଗ୍ଲାନି ମୋର ଧୋଇଯାଉ
ବରଷା ସାଥିରେ !!

କୂଳସାହି, ଅଲଣାହାଟ,
ଜଗତସିଂହପୁର

ISSN NO.
2582-208X

# ପିତୃବାତ୍ସଲ୍ୟର ପଦାବଳୀ



ଶେଷଦେବ ପଣ୍ଡା

ତୋ କୁଆଁରାବରେ  ଭରି ଉଠିଥିଲା
ମୋ ଗୃହ ଅଙ୍ଗନ ଦିନେ,
ଝଲସି ଉଠୁଛୁ  ହୃଦୟ କୋଣରେ
ଆଜି ତୋ ଜନମ ଦିନେ,
ଥାଆ ପରମ ସୁଖରେ ରହି,
ପିତାମାତା ଶୁଭ ଆଶିର୍ବାଦ ଦେଲୁ
ଆଉ କି ପାରିବୁ ଦେଇ ।।

କୋଉ ଜନମରେ ମାଆ ଥିଲୁ ମୋର
ଏ ଜନମେ ହେଲୁ ଝିଅ,
ତୋ ବାପା-ରଙ୍କୁଣା ଭାବ ଦେଖି ଧନ
ପରିପୂର୍ଣ୍ଣ ମୋ' ହୃଦୟ,
କୃପା କରନ୍ତୁ ଗଣେଶ-ତାତ,
ସବୁ ଜନମରେ ମଣ୍ଡିବୁ ମୋ କୋଳ
ହୋଇ ଲୋ ସୁନା ଦୁହିତ ।।

ସୁ-ଦୁହିତା ସୁ-ଭଗିନୀ ସୁ-ଗୃହିଣୀ
କୋଉଥିରେ ନୋହୁ ଊଣା,
ସୁ-ଶିକ୍ଷିକା ପଣେ  ମଣ୍ଡିଲୁ ଧରଣୀ
ଆଦର୍ଶ ବଧୂରେ ଗଣା,
ସାଧୁ ସାଧୁ ତୋ ଘରକରଣା,
ସେବା ମମତାର  ପ୍ରତିମୂର୍ତ୍ତି ମାଆ
ପାବନୀ ବନ ଝରଣା ।।

ମାଆକୁ ହରାଇ ଶୋକ ସନ୍ତାପରେ
ହେଉଥିଲି ମୁଁ ଅଥୟ,
ତୋ ଠାରେ ପାଇଛି ପ୍ରେରଣାମୟୀ ଲୋ
ବାତ୍ସଲ୍ୟର ପରିଚୟ,
ତୁହି ଦୀପଶିଖା ସାନ୍ତ୍ୱନାର,
ଶବ୍ଦ ନ ଅଣ୍ଟଇ  ଲେଖିବାକୁ ଝିଅ
ଧୈର୍ଯ୍ୟ ସହିଷ୍ଣୁତା ତୋର ।।

ISSN NO.
2582-208X

ପ୍ରମାଣ କଲୁ ତୁ ଧରା ଜୟ ଅର୍ଥେ
ଦ୍ରୋଣ-ଦର୍ଶିତ ନିୟମ,
ଶାସ୍ତ୍ରାଦପି-ଶରାଦପି ସତ୍ୟ ହେଲା
ସଫଳ କଲୁ ଜନମ,
କହୁଛନ୍ତି ବନ୍ଧୁ ପରିଜନ,
ଜ୍ଞାନେ ସରସ୍ୱତୀ ଆଚାରେ ଲକ୍ଷ୍ମୀ ତୁ
ସେବାରେ ଜାହ୍ନବୀ ସମ ।।

ଅନନ୍ତ କୋଟି ଶରଧା ସୋହାଗର
ତୁ ଅମୃତ ଅନୁଭବ,
ବିମୁଗ୍ଧ ମୁଁ ତୋର ଜୀବନୀଶକ୍ତିରେ
ଏ ଭୂମଣ୍ଡଳେ ଦୁର୍ଲଭ,
ଝିଅରଙ୍କୁଣା ନ ହେବି କିଆଁ,
ଝିଅ ମୋର ତୁହି  ଅନେକ ପୁଅଙ୍କ
ଦୃଷ୍ଟାନ୍ତ ରୂପରେ ଠିଆ ।।

କରନ୍ତୁ କଲ୍ୟାଣ  ଜଗତ ଜୀବନ
ପଦେ ପ୍ରଣିପାତ ମୋର,
ତୋ' ପାଇଁ ଦିଅନ୍ତୁ କୋଟି ପରମାୟୁ
ଶୁଭେ ଯାଉ ଦିନ ବାର,
ସାହା ହୁଅନ୍ତୁ ଭବ-ଭବାନୀ,
ଦୁଇ କୁଳ ହିତେ ହୋଇଥାଆ ମାଆ
ମମତାର ପୁଷ୍ପଧାନୀ ।।

ସୃଜନ ନଳୟ
ପାଟଣାଗଡ, ବଲାଙ୍ଗିର

ISSN NO.
2582-208X

# ମୋ ମା



ପ୍ରଜ୍ଞା ପ୍ରିୟଦର୍ଶିନୀ ପରିଡ଼ା

ଅମାନିଆ ବର୍ଷା ଭାରି ଜିଦଖୋର୍ । ଅବେଳାରେ ଲୁହ ପରି ବରଷି ଯାଏ । ସେଦିନ ମଧ୍ୟ ବର୍ଷା ହେଉଥିଲା । ମୁଁ ସ୍କୁଲରୁ ଆସି ଘରେ ପହଞ୍ଚିଥିଲି, ସମ୍ପୂର୍ଣ୍ଣ ଓଦା ହୋଇ । ସେପଟୁ ବାପାଙ୍କ ପାଟି ଶୁଭିଲା, "କିଛି ସମୟ ଅଟାକି ଗଲୁନି । ଓଦା ହୋଇକି କାହିଁକି ଆସିଲୁ? ସବୁ ବହି, ଖାତା ଭିଜି ଯାଇଥିବ" । ଠିକ୍ ସେତିକିବେଳେ ଆରପଟୁ ମୋ ମା ର ପାଟି ଶୁଭିଲା, "ଏ ବର୍ଷାଟା ଟିକେ ଅଟକି ଗଲାନି, ମୋ ଛୁଆଟା ପୁରା ଓଦା ହୋଇଯାଇଛି । ଆସିଲୁରେ ମା ମୁଣ୍ଡଟା ପୋଛିଡିଏ" । ଭଲ ପାଇବା ଉଭୟ ପକ୍ଷରୁ ସମାନ ଥାଏ, କିନ୍ତୁ ଗୋଟିଏ କଥା ଯାହା କେବଳ ମୋ ମା ପାଖରେ ଥାଏ । ବାପା ମୋ ଖୁସି ପାଇଁ ସବୁବେଳେ ଭଗବାନଙ୍କ ପାଖରେ ଗୁହାରି କରନ୍ତି, ହେଲେ ମୋ ମା ମୋ ଖୁସି ପାଇଁ ଭଗବାନଙ୍କ ସହ ବି ଲଢି ଯାଇପାରେ ।

ମୁଁ ଗୋଟେ ସାଧାରଣ ଝିଅ । କିଛି ଭିନ୍ନ ନାହିଁ ମୋ ପାଖରେ । କିନ୍ତୁ ଏ କଥା ଓ ମାକୁ କିଏବା ବୁଝାଇବ । ମୋ ପ୍ରଶଂସାର ପୋଲ ଏମିତି ବାନ୍ଧେ ଯେମିତି ମୁଁ ଏକ ନିଖୁଣ ମୂର୍ତ୍ତି । ମୋ ମଥାରେ କଜଳର ଟୀକା ଏମିତି ଲଗାଏ ଯେମିତି ଏ ଦୁନିଆର ସବୁଠୁ ସୁନ୍ଦର ଝିଅ ମୁଁ । ମତେ ଭଗବାନ ରାଜ୍ୟର ରାଜକୁମାରୀ କରିନାହାନ୍ତି ସତ, ରାଜ ଗାଦିବି ଦେଇ ନାହାନ୍ତି ସତ, କିନ୍ତୁ ସେଥିପାଇଁ ମୋ ମନରେ କେବେ ଆଶା କି ଅଭିମାନ ଆସିନାହିଁ । କାରଣ ଏ ଦୁନିଆର ସବୁଠୁ ସୁନ୍ଦର ସ୍ଥାନ ମୋର, ମୋ ମା ର କୋଳ । ମୁଁ ମୋ ମା ର ରାଜକୁମାରୀ ଆଉ ଏଇଟା ମୋର ଗର୍ବ ।

ISSN NO.
2582-208X

ଲୋକେ ପ୍ରଶଂସା କରନ୍ତି ମୋର । କୁହନ୍ତି, ସଂସ୍କାରୀ, ଗୁଣମତି । ଯାହା ସବୁ ଗୋଟେ ଓଡିଆ ଝିଅର ଲକ୍ଷଣ ସବୁ ମୋଠାରେ ଅଛି । ଧନ୍ୟବାଦ ମା ତୋର, ତୋ ସଂସ୍କାର ଯାଦୁ କରିଦେଲା । ପ୍ରକୃତି ମାଟିକୁ ଚମକାଇବା ଶିଖାଇ ନାହିଁ, କିନ୍ତୁ ତୁ ଶିଖାଇ ଦେଲୁ ।

ଜାଣେ ନାହିଁ ମୁ କେତେଦୂର ଆଦର୍ଶ ଝିଅ ହେଇପାରିଲି, କିନ୍ତୁ ତୁ "ମା" ଶବ୍ଦକୁ ସାର୍ଥକ କରିଦେଲୁ ।

ଚୌଦ୍ୱାର, କଟକ

ISSN NO.
2582-208X

# ପ୍ରତିଶ୍ରୁତି



ଅକ୍ଷୟ ମହାନ୍ତ (ନିର୍ମାଲ୍ୟ)

ଗୁଜୁରାଟ ରଜ୍ୟେ
ଭାବ ନଗରୀରେ
ଦେଓ୍ୱାନ ଜଣେ ହିଁ ଥିଲେ
ସମାଜର ସିଏ
ଅତୀବ ଉଦାର
ପର ଉପକାରୀ ଥିଲେ ।

ଗରିବ ପିଲାଙ୍କୁ
ସାହାଯ୍ୟ କରନ୍ତି
ସେମାନେ ପଢନ୍ତି ପାଠ
ଦୁଃଖୀ ଦରିଦ୍ରଙ୍କୁ
ସାହାଯ୍ୟ ଦେବାରେ
କରନ୍ତିନି ସିଏ ମଠ ।

ତାଂକ ପାଶେ ଦିନେ
ଆସିଥିଲେ ଜଣେ
ପାଦେ ଯାଇଥିଲେ ପଡି
ଦଶ ହଜାରର
ଟଂକା ବଣ୍ଡଲଟି
ବଢାଇଲେ ହାତ ଯୋଡ଼ି ।

ଭାବ ନଗରୀର
ଦେଓ୍ୱାନ ସେ ଥିଲେ
ପ୍ରଭାଶଂକର ପଟନି
ପଚାରିଲେ ତାଂକୁ
"ଏହି ଅର୍ଥ ତୁମେ
ଦେଉ ଅଛ ମୋତେ କାହିଁ???"

ଯୁବକ ଜଣକ
କହିଥିଲେ ତାଙ୍କୁ
"ମୁଁ ଥିଲି ଗରିବ ପିଲା
ଆପଣଂକ ଦାନ
ଅତି ମୂଲ୍ୟବାନ ଥିଲା ।

ISSN NO.
2582-208X

ପାଠ ପଢା ପାଇଁ
ପାଠ ପଢି ମୁହିଁ
ନ୍ୟାୟାଧୀଶ ଆଜି
ଆସିଛି ଶୁଝିବି ଋଣ
ନ ଶୁଝିଲେ ମୁହିଁ
ଈଶ୍ୱରଂକ ପାଶେ
ହୋଇଯିବି ଅତି ଘୃଣ୍ୟ।

ଦେଓ୍ୱାନ ତାହାଙ୍କୁ
କୁଣ୍ଢାଇ ଧରିଲେ
ହୋଇଲେ ଅତ୍ୟନ୍ତ ପ୍ରୀତ
କହିଲେ ତାହାଂକୁ
"ଦାନ ଦେଇ ମୁହିଁ
ଫେରାଇ ନିଏନି ଅର୍ଥ।

ଗରିବକୁ ଦେଖି
ଦାନ କରିଦିଅ
ସିଏ ବି ମଣିଷ ହେବ
ଈଶ୍ୱରଂକ ପାଶେ
ବଦାନ୍ୟ ବ୍ୟକ୍ତିରେ
ତୁମ ନାମ ରହିଯିବ।

ଯୁବକ ଜଣକ
ପ୍ରଭାଶଂ କରଙ୍କ
ପାଦତଳେ ପଡିଗଲେ
"ଗରିବ ପିଲାଙ୍କୁ
ସାହାଯ୍ୟ କରିବି"
ପ୍ରତିଶ୍ରୁତି ଦେଇଥିଲେ।

ଏହି ଭଳି ଯଦି
ଦାତା ଓ ଗ୍ରହିତା
ସମାଜରେ ଦେଖାଦେବେ
ରାମରାଜ୍ୟ ସିନା
ପ୍ରତିଷ୍ଠିତ ହେବ
ପ୍ରଭୁ କୃପାଦୃଷ୍ଟି ଦେବେ।

ମୋ:9937462507

ISSN NO.
2582-208X

# ଭିକ୍ଷାଂ ଦେହି



ବିଶ୍ୱନାଥ କର

ଭିକ୍ଷାଂ ଦେହି ଭାନୁମତୀ
ଥୋଇଦେ' ମୁଠାଏ ନୀରବତା ମୋ ଭଙ୍ଗାଥାଳିରେ
ଯାହା ସହ ମୁଁ ଜୀବନଟିଏ ବୋହିପାରିବି
ବୋହି ପାରିବି ଅର୍ଦ୍ଧବିସ୍ମୃତ ଅତୀତ
ଶରଣାଗତ ମୋ କାଦୁଅ କାଦୁଅ ଅତୀତର ପ୍ରତିଛବି
ଧୂମାଭ ଇନ୍ଦ୍ରଧନୁର କକ୍ଷରେ
ହଜେଇ ପାରିବି  ଭିଜେଇ ପାରିବି
ଆଉ ଏକ ଜୀବନର ସନ୍ଧାନରେ ଥିବି ।

ସାଲୁବାଲୁ ସବୁ ଅନୁଭୂତି
ବାଲିଚର କରିଦେଉଛି ବୈତରଣୀ ପଠାର ଫସଲ
ଝାଡିଝୁଡି ହୋଇ ବାଙ୍କଲି ଜହ୍ନ ଲୁହ ଢାଳୁଛି
ବସାଟିଏ ନବାନ୍ଧିବାର ଗ୍ଲାନୀରେ,
ଭିକ୍ଷାଂ ଦେହୀ ଭାନୁମତୀ
ଦୁଇଟୋପା ହାରିଯାଉଥିବା ଜହ୍ନର ଲୁହ
ଜହ୍ନର ଗ୍ଲାନୀ
ସମୟ ର ଅବୁଝା ସର୍ତ୍ତ
ଜଳନ୍ତା ନିଆଁ ର ପ୍ରବାହରେ

ISSN NO.
2582-208X

କଳିକାର ଆତ୍ମୋତ୍ସର୍ଗ ର ନିର୍ମମ ଅନୁଭବ
ଶେଷ ଫଗୁଣର ଆର୍ତ୍ତ ।

ରାସ୍ତାର ଲେଉଟାଣି ମୋଡରେ
ଏତେ ନକଲି ସ୍ୱପ୍ନ
ସିଝେଇ ଦେଇଛି ମୋ ହାତର ଭାଗ୍ୟରେଖା
କର୍ମରେଖା
ସମୟର ଇତିବୃତ ଧରାଦେଉନି ଯେଣୁ
ଆଉ ପଚାରୁନି କାହାକୁ ବାଟ ଜହ୍ନ ନଅରକୁ ।

ଦିଅ ଭାନୁମତି ଗତିଦିଅ
ଧିର ମନ୍ଥରେ ଚାଲୁଥିବା ରଙ୍ଗ ବେରଙ୍ଗ ଝରଣା
ଜଳେଇ ଦିଅ ଲିଭିଯାଇଥିବା ସବୁ ବତୀଘର
ମରୁଝଡରେ ନିଃଶେଷ ହୋଇଯାଇଥିବା
ଭଅଁର ର ଗୁଣୁ ଗୁଣୁ ଗୀତ ।

ଭିକ୍ଷାଂ ଦେହି ଭାନୁମତୀ
ଅଥଳ ଜଳରେ ଉବୁଟୁବୁ ହେଉଥିବା
ପଦ୍ମକୋରକ ର ଶୋଷ
କଅଁଳ ସୂର୍ଯ୍ୟକିରଣର ଅରୋଷ
ଇନ୍ଦ୍ରଧନୁ ର ଛାତିରୁ ଛାଣି
ଅଷ୍ଟମ ରଙ୍ଗର ବିପଣୀ ।

ସାଇ କଲୋନୀ, ଦେଉଳସାହି,
ତୁଳସୀ ପୁର, କଟକ ୭୫୩୦୦୮
ସମ୍ପର୍କ 9776332639
ମେଲ୍ biswanathkar1956@gmail.com

ISSN NO.
2582-208X

# "ମୋନା ଲିସା" ପେଣ୍ଟିଂ ବିଶ୍ୱରେ କାହିଁକି ସ୍ୱତନ୍ତ୍ର !



ଅସିତ ମହାନ୍ତ

୨୧ ଅଗଷ୍ଟ ୧୯୧୧, ଫ୍ରାନ୍ସର ରାଜଧାନୀ ପ୍ୟାରିସରେ ସୋମବାର ସକାଳ । ଲୋକମାନେ ନିଜ କାର୍ଯ୍ୟାଳୟରେ କାମ କରିବାକୁ ଯାଉଥିଲେ । ଯେତେବେଳେ ହଠାତ୍ ତିନି ଜଣ ଲୋକ ଲୁଭ୍ରେ ସଂଗ୍ରହାଳୟରୁ ବାହାରି ଆସିଲେ । ଏହି ତିନିଜଣ ପୂର୍ବ ରାତିରେ ସଂଗ୍ରହାଳୟରେ ବିତାଇଥିଲେ। ଏବଂ ବର୍ତ୍ତମାନ, ସେମାନେ ଲୁଭ୍ରେ ସଂଗ୍ରହାଳୟର ଏକ ଗୁରୁତ୍ୱପୂର୍ଣ୍ଣ ସମ୍ପତ୍ତି ବହନ କରୁଥିଲେ । ସେମାନେ ଖସିଯିବାକୁ ଚେଷ୍ଟା କରୁଥିବାବେଳେ ଏହା ଏକ କମ୍ବଳରେ ଲୁଚି ରହିଥିଲା । ସେମାନେ ନିକଟସ୍ଥ ରେଳ ଷ୍ଟେସନକୁ ଯାଇ ସକାଳ ୮.୪୫ ରେ ଟ୍ରେନକୁ ଧରି ନିଖୋଜ ହୋଇଯାଇଥିଲେ। ସମଗ୍ର ବିଶ୍ୱ ଏହା ଜାଣି ନଥିଲା ଯେ ସେମାନେ ଗୋଟିଏ ପେଣ୍ଟିଙ୍ଗ ଚୋରି କରି ନେଇଯାଇଥିଲେ । ଏବଂ ଏହା ଏକ ଅମୂଳକ ଚିତ୍ର ନଥିଲା । ଏହା ବାସ୍ତବରେ ଦୁନିଆର ସବୁଠାରୁ ପ୍ରସିଦ୍ଧ ଚିତ୍ର "ମୋନା ଲିସା" ଥିଲା । ଆଜି ଏହି ପେଣ୍ଟିଂର ମୂଲ୍ୟ ପାଖାପାଖି ୧ ବିଲିୟନ ଡଲାର (୭୫୦୦ କୋଟି) । ଏହା ଦୁନିଆର ପ୍ରସିଦ୍ଧ ଚିତ୍ର କାହିଁକି ? ବାସ୍ତବରେ ମୋନା ଲିସା ୧୫୦୩ ରେ ଜଣେ ଇଟାଲୀ କଳାକାର ଲିଓନାର୍ଡୋ ଡା ଭିନ୍ସି ଙ୍କ ଦ୍ୱାରା ଚିତ୍ର କରାଯାଇଥିଲା । ଏହି ବ୍ୟକ୍ତି ବାସ୍ତବରେ ଏତେ ଆଶ୍ଚର୍ଯ୍ୟଜନକ ଥିଲେ ଯେ କେହି କଳ୍ପନା କରିପାରିବେ ନାହିଁ । ଏହି ମହାନ ବ୍ୟକ୍ତି କେବଳ ଚିତ୍ରକାର ନୁହଁନ୍ତି, ଜଣେ ଇଞ୍ଜିନିୟର, ବୈଜ୍ଞାନିକ, ଶିଳ୍ପୀ, ସ୍ଥପତି ଏବଂ ତତ୍ତ୍ୱଜ୍ଞ ମଧ୍ୟ ଥିଲେ .. ତାଙ୍କର ଅନେକ ବିଷୟ ବିଷୟରେ ଜ୍ଞାନ ଥିଲା, ଚିତ୍ର ହେଉ, ଜ୍ୟୋତିର୍ବିଜ୍ଞାନ, ଶରୀର ରଚନା, ଉଦ୍ଭିଦ ବିଜ୍ଞାନ , ଜଳବିଜ୍ଞାନ, ଭୂବିଜ୍ଞାନ, ଅପ୍ଟିକ୍ସ, କିମ୍ବା ଜୀବାଣୁ ବିଜ୍ଞାନ ହେଉ। କିନ୍ତୁ ପ୍ରଶ୍ନ ହେଉଛି ସେହି ଲେଡି ମୋନା ଲିସା କିଏ ? ଚିତ୍ରରେ ମହିଳାଙ୍କ ପରିଚୟକୁ ନେଇ

ISSN NO.
2582-208X

ଲୋକମାନେ ସର୍ବଦା ଆଗ୍ରହୀ ଥିଲେ । ଏହା ବିଷୟରେ ପ୍ରଥମ ପ୍ରକାଶ ୧୫୫୦ ମସିହାରେ ଲିଓନାର୍ଡୋ ଡା ଭିଞ୍ଚିଙ୍କ ଆତ୍ମଜୀବନୀ ଲେଖିଥିବା ଜର୍ଜିଆଓ ଭାସାରି ନାମକ ଜଣେ ଇଟାଲୀୟ କଳାକାରଙ୍କ ଦ୍ୱାରା କରାଯାଇଥିଲା ॥ ଭସାରିଙ୍କ ଅନୁସାରେ ସେ (ମୋନାଲିସା) ଫ୍ଲୋରେନ୍ସରେ ରହୁଥିବା ଏକ ରେଶମ ବ୍ୟବସାୟୀଙ୍କୁ ବିବାହ କରିଥିଲେ ଯାହାଙ୍କର ନାମ ଥିଲା ଫ୍ରାନ୍ସିସ୍କୋ ଜିଆକୋଣ୍ଡୋ । ସେ ବିଶ୍ୱାସ କରୁଥିଲେ ଯେ ଫ୍ରାନ୍ସିସ୍କୋ ତାଙ୍କ ପତ୍ନୀଙ୍କ ଏହି ପେଣ୍ଟିଂକୁ ତିଆରି କରିବାପାଇଁ ନିର୍ଦ୍ଦେଶ ଦେଇଥିଲେ ଏବଂ ଏହା ହେଉଛି ଏହି ପେଣ୍ଟିଙ୍ଗ ର ଉତ୍ପତ୍ତି । ପ୍ରଥମ ନାମ ଯାହା ଆମେ ସମସ୍ତେ ଜାଣୁ, ମୋନା ଲିସା, ମ୍ୟାଡୋନା ଲିସା ଠାରୁ ଉତ୍ପନ୍ନ । ପାରମ୍ପରିକ ଭାବରେ, ଇଟାଲୀରେ ମ୍ୟାଡୋନା ଶବ୍ଦ ମ୍ୟାଡାମ୍ କୁ ବ୍ୟବହାର କରାଯାଉଥିଲା । ତେଣୁ ମ୍ୟାଡୋନା ଲିସା ଅର୍ଥାତ୍ ମ୍ୟାଡାମ୍ ଲିସା । ପରେ ମ୍ୟାଡୋନା ମୋନାକୁ ସଂକ୍ଷିପ୍ତ କରାଯାଇଥିଲା (ଯେଉଁଥିରେ NN ବ୍ୟବହାର ହେଉଥିଲା) । ଯେତେବେଳେ ଏହା ଇଂରାଜୀରେ ଲେଖାଗଲା ଗୋଟିଏ N କୁ ହଟାଇ ଦିଆଯାଇଥିଲା ଏବଂ ମୋନ୍ନା – ମୋନା ରେ ପରିବର୍ତ୍ତିତ ହେଲା । ତେଣୁ ମୋନା ଲିସା ଅର୍ଥାତ୍ ମ୍ୟାଡାମ୍ ଲିସା । ଏବଂ ତା'ପରେ ମୋନା ଲିସାଙ୍କର ଅନ୍ୟ ନାମ ଆସେ, ଯାହା ହେଉଛି ଲା ଜିଓକୋଣ୍ଡା । ତାଙ୍କ ବିବାହ ପରେ, ଲିସା ଜେରାର୍ଡିନି ଲିସା ଜିଆକୋଣ୍ଡୋ ହୋଇଗଲେ .. ଜିଆକୋଣ୍ଡୋ ଅର୍ଥ – ହାଲୁକା ହୃଦୟ ବା ଆନନ୍ଦଦାୟକ । ଅର୍ଥ, ଉଜ୍ଜ୍ୱଳ ଏବଂ ଆନନ୍ଦଦାୟକ । ଏବଂ ଆଜି ମୋନା ଲିସା ତାଙ୍କ ହସ ପାଇଁ ବହୁତ ପ୍ରସିଦ୍ଧ । ତେଣୁ, ସେହିଠାରେ ଏହାର ନାମ ଲା ଜିଓକୋଣ୍ଡୋ .. ତେଣୁ ସେଥିପାଇଁ ଯେତେବେଳେ ପ୍ୟାରିସର ଲୁଭ୍ରେ ସଂଗ୍ରହାଳୟକୁ ଯାଇ ମୋନା ଲିସାଙ୍କ ଚିତ୍ର ଦେଖନ୍ତି, ଫରାସୀ ଭାଷାରେ, ଏହାକୁ ଲା ଜୋକୋଣ୍ଡୋ ଭାବରେ ଚିହ୍ନଟ କରାଯିବ । ବର୍ତ୍ତମାନ ଜାଣିବା , ଏହି ପେଣ୍ଟିଂ କାହିଁକି ସ୍ୱତନ୍ତ୍ର!

ମୋନା ଲିସା ପେଣ୍ଟିଂ ଅନେକ କାରଣରୁ ସ୍ୱତନ୍ତ୍ର ବିବେଚନା କରାଯାଏ । ସର୍ବପ୍ରଥମେ, ଏହା ଦୁନିଆର ସବୁଠାରୁ ପ୍ରସିଦ୍ଧ ଏବଂ ଚିତ୍ରକଳା କଳା ପରି ବହୁଳ ଭାବରେ ପ୍ରସିଦ୍ଧ । ଷୋଡଶ ଶତାବ୍ଦୀର ପ୍ରାରମ୍ଭରେ ନବଜାଗରଣ କାଳରେ ଇଟାଲୀ କଳାକାର ଲିଓନାର୍ଡୋ ଡା ଭିନ୍ସି ଙ୍କ ଦ୍ୱାରା ଚିତ୍ରିତ ମୋନା ଲିସା ଅପାର ସାଂସ୍କୃତିକ ଏବଂ ଐତିହାସିକ ମହତ୍ତ୍ୱ ରଖିଥାଏ। ପେଣ୍ଟିଂକୁ ପୃଥକ କରୁଥିବା ଗୋଟିଏ ଦିଗ ହେଉଛି ବିଷୟର ଚେହେରାରେ ଚିତ୍ତାକର୍ଷକ ଅଭିବ୍ୟକ୍ତି । "ମୋନା ଲିସା ହସ" (Mona Lisa smile) ଭାବରେ ଜଣାଶୁଣା, ତାଙ୍କର ଅସ୍ପଷ୍ଟ ହସ ଦର୍ଶକଙ୍କୁ ଆକର୍ଷିତ କରିଥାଏ, ଯାହା ରହସ୍ୟ ଏବଂ ଷଡ଼ଯନ୍ତ୍ର ପରି ଅନୁଭବ ହୁଏ । ଏହି କୌଶଳ ସ୍ଫୁମାଟୋ ଭାବରେ ଜଣାଶୁଣା, ତାଙ୍କ ବୈଶିଷ୍ଟ୍ୟଗୁଡିକ ପାଇଁ

ISSN NO.
2582-208X

ଏକ ନରମ, ପ୍ରାୟ ଇଥେରାଲ୍ ଗୁଣ ସୃଷ୍ଟି କରେ, ବାସ୍ତବତା ଏବଂ ଗଭୀରତାର ଏକ ନିଆରା ଭାବନା ପ୍ରଦାନ କରେ । ଏହାର ମହତତ୍ୱର ଅନ୍ୟ ଏକ କାରଣ ହେଉଛି ଡା ଭିଞ୍ଚି ଦ୍ୱାରା ନିୟୋଜିତ କୌଶଳର ଚମତ୍କାର ବ୍ୟବହାର । ସେ ଚାୟାରୋସ୍କୋରୋ ନାମକ ଏକ ଗ୍ରାଉଣ୍ଡବ୍ରେକିଙ୍ଗ୍ ପଦ୍ଧତିକୁ ନିୟୋଜିତ କରିଥିଲେ, ଯେଉଁଥିରେ ଆଲୋକ ଏବଂ ଛାୟାର ଦକ୍ଷତାର ସହିତ ଅନ୍ତର୍ଭୁକ୍ତ । ଏହି କୌଶଳଟି ଏକ ତିନି-ଡାଇମେନ୍ସନାଲ୍ ଇଫେକ୍ଟ ସୃଷ୍ଟି କଲା, ଯାହାକି ଜୀବନବ୍ୟାପୀ ଗୁଣକୁ ଏକ ବିଷୟ ଭାବେ ପ୍ରଦର୍ଶିତ କରେ । ଅଧିକନ୍ତୁ, ମୋନା ଲିସା ବିସ୍ତୃତ ଭାବରେ ଡା ଭିଞ୍ଚିଙ୍କ ଅତି ଧ୍ୟାନ ପ୍ରଦର୍ଶନ କରେ । ତାଙ୍କ କେଶ ଏବଂ ପୋଷାକକୁ ବ୍ୟାକଗ୍ରାଉଣ୍ଡରେ ଲ୍ୟାଣ୍ଡସ୍କେପ୍ ର ଯତ୍ନର ସହିତ ଉପସ୍ଥାପନ କରିବା ପାଇଁ ବ୍ୟବହୃତ ସୂକ୍ଷ୍ମ ବ୍ରଶଷ୍ଟ୍ରୋକ ଠାରୁ ଚିତ୍ରକଳା ବୈଷୟିକ ଜ୍ଞାନ ଏବଂ ଦକ୍ଷତା ପ୍ରଦର୍ଶନ କରେ । ଏହା ସହିତ, ଚିତ୍ରାଙ୍କନକୁ ଘେରି ରହିଥିବା ଐତିହାସିକ ପ୍ରସଙ୍ଗ ଏହାର ଆକର୍ଷଣରେ ସହାୟକ ହୋଇଥାଏ । ଲିସା ଜେରାର୍ଡିନୀ ବୋଲି ବିଶ୍ୱାସ କରାଯାଉଥିବା ବିଷୟର ପରିଚୟ କିଛି ମାତ୍ରାରେ ରହସ୍ୟ ହୋଇ ରହିଥାଏ, ଯାହା ଷଡଯନ୍ତ୍ରର ଭାବନାକୁ ଯୋଡିଥାଏ । ଏହି ପେଣ୍ଟିଂ ମଧ୍ୟ ଅନେକ ଐତିହାସିକ ଘଟଣା ଏବଂ ଚୋରି ଉଦ୍ୟମରୁ ରକ୍ଷା ପାଇଥିଲା । ଶେଷରେ, ମୋନା ଲିସାଙ୍କର ଆନ୍ତର୍ଜାତୀୟ ଖ୍ୟାତି ଏବଂ ଶତାବ୍ଦୀ ମଧ୍ୟରେ ଏହା ଧ୍ୟାନ ଏହାକୁ ଏକ ସାଂସ୍କୃତିକ ଆଇକନରେ ପରିଣତ କରିଛି । ପ୍ରତିବର୍ଷ ଲକ୍ଷ ଲକ୍ଷ ପରିଦର୍ଶକଙ୍କୁ ଆକର୍ଷିତ କରି ସମ୍ମାନଜନକ ସଂଗ୍ରହାଳୟରେ ଏହି ଚିତ୍ର ପ୍ରଦର୍ଶିତ ହୋଇଛି । ସଂକ୍ଷେପରେ, ମୋନା ଲିସା ପେଣ୍ଟିଂ ଏହାର ଉଲ୍ଲେଖନୀୟ କଳା କୌଶଳ, ବିଷୟର ଚିତ୍ତାକର୍ଷକ ଅଭିବ୍ୟକ୍ତି, ଏହାର ଐତିହାସିକ ମହତ୍ତ୍, ଏବଂ ସାଂସ୍କୃତିକ ଆଇକନ୍ ଭାବରେ ଏହାର ସ୍ଥିତି ହେତୁ ସ୍ୱତନ୍ତ୍ର ।

ଏଠାରେ ଗୋଟିଏ ବିଷୟ ଉଲ୍ଲେଖ କରିବା ଆବଶ୍ୟକ ଯେ, ଦା ଭିନ୍ସି ଇଟାଲୀର ନାଗରିକ ଥିଲେ, କିନ୍ତୁ ତାଙ୍କର ପେଣ୍ଟିଙ୍ଗ ଫ୍ରାନ୍ସ ରେ କିପରି ଥିଲା ? ବାସ୍ତବରେ,ୱ୍ୱ୧୫୧୬ ମସିହାରେ ଫ୍ରାନ୍ସର ରାଜା, ରାଜା ଫ୍ରାନ୍ସିସ୍ ପ୍ରଥମ, ଭିନ୍ସିଙ୍କୁ ଫ୍ରାନ୍ସରେ ରହିବାକୁ ନିମନ୍ତ୍ରଣ କରିଥିଲେ । ଏବଂ ତେଣୁ, ଦା ଭିନ୍ସି ଇଟାଲୀରୁ ଫ୍ରାନ୍ସକୁ ଚାଲିଗଲେ ଏବଂ ତାଙ୍କ ସହିତ ମୋନା ଲିସା ଚିତ୍ର ଆଙ୍କିଲେ । ବିଶ୍ୱାସ କରାଯାଏ ଯେ ଦା ଭିନ୍ସି ପେଣ୍ଟିଂ ଏପର୍ଯ୍ୟନ୍ତ ଶେଷ କରିନାହାଁନ୍ତି । ପେଣ୍ଟିଂ ଆରମ୍ଭ କରିବାର ୧୫ ବର୍ଷ ପରେ ମଧ୍ୟ ସେ ଏହି ପେଣ୍ଟିଂ ଉପରେ କାମ କରୁଥିଲେ, ଏହାକୁ ପରିବର୍ତ୍ତନ ଏବଂ ଉନ୍ନତ କରିବାକୁ ଚେଷ୍ଟା କରିଥିଲେ । ଏହି ସମୟରେ, ୧୫୧୯ ମସିହାରେ, ଡା ଭିଞ୍ଚି ଫ୍ରେଞ୍ଚ ପ୍ୟାଲେସରେ ରହିବା ସମୟରେ ଦେହାନ୍ତ ହୋଇଥିଲେ ।

ISSN NO.
2582-208X

ରାଜା ଏହି ଚିତ୍ରକୁ ତାଙ୍କ ରାଜକୀୟ ସଂଗ୍ରହର ଏକ ଅଂଶ ଭାବରେ ରଖିଥିଲେ ।ପ୍ରାୟ ୧୫୦ ବର୍ଷ, ୧୭୯୭ ମସିହାରେ, ଯେତେବେଳେ ଫରାସୀ ବିପ୍ଳବ ହେଲା, ଏହି ଚିତ୍ରଟି ରାଜପ୍ରାସାଦରୁ ବାହାର କରି ଲୁଭ୍ରେ ସଂଗ୍ରହାଳୟକୁ ହସ୍ତାନ୍ତର କରାଯାଇଥିଲା ।୧୯୧୧ ମସିହାରେ ମୋନା ଲିସା ଚୋରି ହେବାର ଏହାଁ ହେଉଛି କାରଣ । ଏହି ଚୋରିର ମୂଖ୍ୟ ଥିଲେ ଭିନ୍ସେଞ୍ଜୋ । ସେ ତାଙ୍କର ଦୁଇ ସାଙ୍ଗଙ୍କ ସହିତ ଏହି ପେଣ୍ଟିଂ ଚୋରି କରିଥିଲେ । ସେ ଜଣେ ଇଟାଲୀୟ ଜାତୀୟତାବାଦୀ ଥିଲେ। ସେ ବିଶ୍ୱାସ କରୁଥିଲେ ଯେ ଏହି ଚିତ୍ରଟି ଫ୍ରାନ୍ସରେ ନୁହେଁ ଇଟାଲୀର ଅଟେ । ତେଣୁ ଏହାକୁ ଚୋରି କରିବା ପରେ ସେମାନେ ଏହାକୁ ଇଟାଲୀକୁ ନେଇଗଲେ । ଭିଏନଜୋ ଏହି ପେଣ୍ଟିଂକୁ ଫ୍ଲୋରେନ୍ସର ଜିଓଭାନି ପ୍ପୋଗି ନାମକ ଜଣେ କଳା ଡିଲରଙ୍କୁ ବିକ୍ରୟ କରିବାକୁ ଚେଷ୍ଟା କରିଥିଲେ । ଜିଓଭାନି ସନ୍ଦେହଜନକ ହୋଇ ପେଣ୍ଟିଂରେ ଥିବା ଷ୍ଟାମ୍ପକୁ ଦେଖିଲେ ଏବଂ ଜାଣିଲେ ଯେ ଏହା ଚୋରି ହୋଇଥିବା ପେଣ୍ଟିଂ ଅଟେ । ଏହି କାରଣରୁ, ଭିନ୍ସେଞ୍ଜୋ ଧରାପଡି ୬ ମାସ କାରାଦଣ୍ଡରେ ଦଣ୍ଡିତ ହୋଇଥିଲେ। ପେଣ୍ଟିଂକୁ ଲୁଭ୍ରେ ସଂଗ୍ରହାଳୟକୁ ପୁଣିଥରେ ପଠାଯାଇଥିଲା ।

ଆବାହକ, ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ,
ସୁଜନପୁର, ଯାଜପୁର/୯୩୪୮୭୬୮୮୧୨

ISSN NO.
2582-208X

# ଭଗବାନ ତୁମେ କେଉଁଠି ? ?



ବର୍ଷାରାଣୀ ମହାମଲ୍ଲିକ

ଭୋକର ଦାଉକୁ ସମ୍ଭାଳି ହୁଏ ନା
ପେଟେ ଓଦା କନା ଦେଇ ଯାଏ ଦିନ
ପେଟ ବିକଳରେ ହୃଦ କାନ୍ଦିଉଠେ
ପୁଣି ଭାଙ୍ଗେ ଭଙ୍ଗା ମନ,
ଛପନ ଭୋଗକୁ କାଇଁ ଲୋଭ ବା କରିବି
ବାସିପେଜ ମିଳେ ନାହିଁ ଯେଉଁଠି,
ଭଗବାନ ତୁମେ କେଉଁଠି ?

ଧର୍ମ ନାମରେ ଅଧର୍ମ ଚାଲୁଛି
ନ୍ୟାୟ ନାମରେ ଅନ୍ୟାୟ,
ସତ୍ୟ, ଶାନ୍ତି, ଦୟା କ୍ଷମା ର ବିଲୟ
ପାପ ର ହୁଏ ବିଜୟ
ଦୋଷୀ ଦୋଷ କରି ପାଏ ନାହିଁ ଦଣ୍ଡ
ନିର୍ଦ୍ଦୋଷ ପାଉଛି ଶାସ୍ତି ଏଠି
ଭଗବାନ ତୁମେ କେଉଁଠି ?

ନେତା ରାଜନୀତି କରୁଥାଏ ସଦା
ନିଏ ବୋଲି ସିଏ ନେତା
ନାନା ପ୍ରକାରରେ ଠକି ଖାଉଥାଏ
ମୋଡ଼ି ଜନତାର ମଥା
ଭଣ୍ଡବାବା ଆସି ଧର୍ମନାମେ ଠକେ
ଲୋକେ ଶୁଣନ୍ତି ତାହାର ନୀତି
ଭଗବାନ ତୁମେ କେଉଁଠି ?

ଦୁଷ୍କର୍ମ, ଦୁର୍ବ୍ୟବହାରର
ଶୀକାର ହେଉଛି ନାରୀ
ଅଶ୍ଳୀଳ, ଅଶ୍ରାବ୍ୟ, ଅଭଦ୍ର ଭାଷା
ପଡ଼େ ତା ଉପରେ ବର୍ଷା ପରି,
ନାରୀ ଯେଉଁଠାରେ ସମ୍ମାନ ତ ପାଏ
ସର୍ବେ ଜାଣନ୍ତି ତୁମେ ଥାଅ ସଦା ସେଇଠି
ଭଗବାନ ତୁମେ କେଉଁଠି ?

ISSN NO.
2582-208X

ରକ୍ଷକ ଏଠାରେ ଭକ୍ଷକ ସାଜୁଛି
ଚଳାଇଛି ତାର ରାଜ
ମାଙ୍କଡ଼ ହାତରେ ଶାଳଗ୍ରାମ ଅଛି
ଯୋଗ୍ୟର ରହିବ କି ଧର୍ଯ୍ୟ ?
ମୂର୍ଖ ମଞ୍ଚରେ ମଞ୍ଚାସୀନ ହେଲେ
ପଣ୍ଡିତର ସ୍ଥିତି କେଉଁଠି ?
ଭଗବାନ ତୁମେ କେଉଁଠି ?

ସବୁ ତ ଦେଖୁଛ ନୀରବେ ବସିଛ
ଜାଣି ଅଜଣା ହେଉଛ
ଦୁର୍ନୀତି ଚାଲିଛି ଦୁର୍ଗତି ହେଉଛି
ଦେଖ ହେ ବିଶ୍ୱ ସମ୍ରାଟ
ଦେଖି ସବୁ ସ୍ଥିତି କାହିଁକି ହେ ତୁମେ
କରୁନାହଁ ଜମା କିଛି
ଭଗବାନ ତୁମେ କେଉଁଠି ?

କୁଶୁର୍ଡା, ସୋହେଲ୍, ବରଗଡ଼

ISSN NO.
2582-208X

# ସମୟ ବଡ଼ ବଳବାନ



ସ୍ୱାଗତିକା ସାହୁ

ସମୟର ଚକ ଘୁରି ଘୁରି ଚାଲେ
ନିୟତିର ଖେଳ ଖେଳି
କେବେ ଲଦି ଦିଏ ପାହାଡ଼ର ଦୁଃଖ
କେବେ ଦିଏ ସୁଖ ଢାଳି ।।

କରେନି ସମୟ କାହାକୁ ଅପେକ୍ଷା
ଉପେକ୍ଷା ବି ଦିଏ ନାହିଁ
ତା ସ୍ରୋତ ସୁଅରେ ସାମିଲ ହୋଇଲେ
କର୍ମ ପଥ ଦିଶେ ତହିଁ ।।

ଧନୀ ଗରିବରେ ଦେଖେନି ପାର୍ଥକ୍ୟ
ଦେଖେନି ସୁଖୀ କେ ଦୁଃଖୀ
ବଳବାନ ଅଟେ ଏ ସାରା ଜଗତେ
ରୁହେ ନା କା ପାଖେ ଲାଖି ।।

ବାରମାସ ଛଅଋତୁର ସମ୍ଭାର
କେବେ ଆସି ଚାଲିଯାଏ
ଖରା ବର୍ଷା ଶୀତ ସମୟ ଯନ୍ତାରେ
ବର୍ଷଟିଏ ପୁରି ଯାଏ ।।

ସମୟ ତାଳରେ ପ୍ରତି ପାଦ ଚିହ୍ନ
ହୋଇଯାଏ ଇତିହାସ
ଦେଖାଏ ଗାରିମା କୌତୁହଳ କ୍ଷମା
ସବୁ ସମୟର ଦାସ ।।

ଲେଖା ଅଛି ଯାହା ପ୍ରାପତଟି ତାହା
ଭୋଗିବ ଭାଗ୍ୟର ଖେଳ
ସୁବିଧା ଅଛି କି ଅସୁବିଧା କଥା
ସମୟ ଦେଖେନି ବେଳ ।।

ISSN NO.
2582-208X

ରାତି ପାହିଥିଲେ ସୂର୍ଯ୍ୟବଂଶୀ ଭାବେ
ରାଜା ପଦବାଚ୍ୟ ହୋଇ
ରାଜ୍ୟଭିଷେକନ୍ତେ ପାଳିଥାନ୍ତେ ରାଜ୍ୟ
ସଭିଏଁ ଭାବନ୍ତି ଏହି ।।

ରାତ୍ରିର ପ୍ରହରେ ଦାଉ ସାଧିଲା ଯେ
ସମୟ ହୋଇଲା କାଳ
ରାଜପୁତ୍ର ରାମ ଗେରୁଆ ବସନେ
ଭ୍ରମିଲେ ଜଙ୍ଗଲ ମାଳ

ସମୟ ଆସିଲା ଗର୍ବ ଚୁନା ହେଲା
ହେଉ କଂସ ବା ରାବଣ
ସମୟ ପାଖରେ ରାଜା ପ୍ରଜା ସବୁ
ନାହିଁ ଉଚ୍ଚ ନୀଚ ବାରଣ ।।

ସମୟ ଆସିଲେ ଢାଳିଦିଏ ହାତୀ
ମଥାରେ ସୁନା କଳସ
ପରିସ୍ଥିତି ଆସେ ଶୁଣ୍ଡିପିଣ୍ଡା ହୁଏ
କିଏ ପୁଣି କ୍ରୀତଦାସ ।।

ସଭିଙ୍କ ଠିକଣା ତାହାର ହାତରେ
ଘୁରୁଛି  କଣ୍ଟାର ଘଣ୍ଟା
ଜୀବନ ନଉକା କୋଉ ମୋଡ଼ ନେବ
ତା ପାଖେ ବନିଶି କଣ୍ଟା ।।

ସମୟ ସତରେ ବଳବାନ ତୁହି
ନାହିଁ କେହି ସମକକ୍ଷ
ତୋହରି ସ୍ରୋତରେ ଶୁଖିଲା ପତ୍ର ମୁଁ
ପାଇବି କି ନାଇଁ ମୋକ୍ଷ....?  ।।

କନ୍ଧମାଳ

ISSN NO.
2582-208X

# ମୁଁ ଭିଜୁଛି ଅଶ୍ରୁ ନିରେ



ସୁବ୍ରନୀ ପ୍ରଧାନ

ତୋ ଆଖିରେ ସିନା ଆଖିଏ ସପନ
ମୁଁ ଭିଜୁଛି ଅଶ୍ରୁ ନିରେ
ତୋ ମନେ ବହୁଛି ମଳୟ ପବନ
ମୋ ଆଖିରେ ଲୁହ ଧାରେ ।।

ତୋ ମନେ ଜାଗୁଛି ସତ କଦମ୍ବର
ରୋମାଞ୍ଚ ଭରା କାହାଣୀ
ମୋ ମନେ ବହୁଛି ବଇଶାଖୀ ଝଡ଼
ହୃଦୟ ହୁଏ ମୋ ହାଣି ।।

ତୁ ସିନା ଫଗୁଣ ରଙ୍ଗର ଅବିର
ସପ୍ତ ରଙ୍ଗ ଇନ୍ଦ୍ରଧନୁ
ଶ୍ରାବଣ ବାରିରେ ନିତି ଧୋଇଯାଏ
ରଙ୍ଗ ବିହୀନ ମୋ ତନୁ ।।

ଅଜାଗା ଘାଆଟି ଦେଖି ହୁଏ ନାହିଁ
ଦେଖେଇବି ହୁଏ ନାହିଁ
ଜୀବନ ଦୀପ ମୋ ଲିଭି ଲିଭି ଯାଏ
ଶେଷ ଦୀପ ଶିଖା ଛୁଇଁ ।

କୁସୁପୁର, ଗୋପ ,ପୁରୀ
ସମ୍ପର୍କ 7008260516

ISSN NO.
2582-208X

# ନାଟକ

# ।।ଭଲ ମଣିଷ ଖୋଜିବା ଆସ ।।



ସୁଧାଂଶୁ ଶେଖର ଦ୍ୱିବେଦୀ

## ।। ୧୦ ଦୃଶ୍ୟ ।।

(ଆଶା ଡାଏରିଟିଏ ଧରି କଲେଜରୁ ଫେରୁଥାଏ। ପଛେ ପଛେ ନାଗେଶ୍ୱର ବାଇକରେ ସିଟି ବଜେଇ କମେଣ୍ଟ ମାରି ମାରି ଆସେ। ଆଶା ଭୟଭୀତ ହୋଇ ଦୌଡ଼ିବା ଅବସ୍ଥାରେ ନାଗେଶ୍ୱର ତା' ସମ୍ମୁଖରେ ବାଇକ ରଖି ଛିଡାହୁଏ।)

ଆଶା- ଏ କଣ ରାସ୍ତା ଛାଡ଼ ମୁଁ ଯିବି।

ନାଗେ - ମୋତେ ଏକା ଛାଡି କୁଆଡେ ଯିବ ?

ଆଶା- ମୁଁ କଣ ତୁମ ଠିକା ନେଇଛି ଯୁଆଡେ ଯିବି ଜଣେଇ ଯିବି ?

ନାଗେ - ସେମିତି କୁହନି ମ! ଆସୁନ..ମୋ ବାଇକ ପଛରେ ବସୁନ.. ତୁମ ଘରେ ଛାଡ଼ିଦେବି।

ଆଶା- ଏତେ ଅନୁକମ୍ପା ଦେଖାଇବା ଦରକାର ନାହିଁ। ମୁଁ ଏକା ଚାଲିଯିବି।

ନାଗେ - ବଢ଼ିଲା ଝିଅ, ରାସ୍ତା ଶୂନଶାନ ପୁଣି ଏକାକୀ! କିଏ ଯଦି କିଛି କରିଦେବ ?

ଆଶା-ଡେଲି ମୁଁ ଏଇ ରାସ୍ତାରେ ଯାଏ ଆଜିଯାଏ କେହି ହାତ ଟିପ ମାରି ନାହାନ୍ତି।

ନାଗେ - କାହିଁକି ତୁମ ପାଖରେ କୋଉ ଦୈବୀ ଶକ୍ତି ଅଛି ନା କଣ ?

ISSN NO.
2582-208X

ଆଶା- ଥାଇପାରେ!

ନାଗେ - ତେବେ ମୁଁ ଯଦି ସେଇ ଦୁଷ୍କର୍ମ ଆଜି କରେ ?

ଆଶା- ଗୋଡ଼ରୁ ସେଣ୍ଡେଲ ଖୋଲି ଗାଲ ଫଟେଇଦେବି।

ନାଗେ - ନାଗେଶ୍ୱର ଗାଲ ଶସ୍ତା ନୁହେଁ। ତେବେ କାର୍ଯ୍ୟକ୍ରମ ଆରମ୍ଭ କରିବା ?

ଆଶା- ସେ ଫାଜିଲାମି ଛାଡି ରାସ୍ତା ଛାଡ଼ ମୁଁ ଯାଏ।

ନାଗେ -ସେଇବେଳୁ ଗୋଟେ କଥାରେ ରଟ ଲଗେଇଛ, ରାସ୍ତା ଛାଡ଼ ଯିବି! ଆରେ ଯିବ ଯଦି ଏ ପ୍ରେମିକ କାଙ୍ଗାଳୀକୁ ଟିକେ ପ୍ରେମ ଦେଇଯାଅ।

ଆଶା- ଦେଖ ନାଗେଶ୍ୱର! ସୀମା ଟପି ଯାଉଛ।ତୁମ ସୀମା ଭିତରେ ଆବଦ୍ଧ ହେବାକୁ ମୁଁ ବାଧ୍ୟ ନୁହେଁ। ମାନୁଛି ତୁମେ ମୋ କଲେଜ ମେଟ, ତାମାନେ ନୁହେଁ ତୁମ ଇଚ୍ଛାରେ ବଶବର୍ତ୍ତି ହେବି। (ଯିବା ସମୟରେ ନାଗେଶ୍ୱର ବାଇକରୁ ଓହ୍ଲେଇ ଆଶାର ହାତ ଧରିନିଏ)

ନାଗେ - କୁଆଡେ ଯାଉଛ ?

ଆଶା- ଘରକୁ...

ନାଗେ - ନାଗେଶ୍ୱରର ହୃଦୟକୁ ଜଳେଇ ଚାଲିଯିବ ?

ଆଶା- ମୋ ହାତ ଛାଡି କଥାବାର୍ତ୍ତା କର।(ହାତ ଛଡ଼ାଇନିଏ)

ନାଗେ - ସତରେ ଆଶା ଆଜି ତୁମ ଶୀତଳ ଜଳ ଭଣ୍ଡାରରେ ମୋ ହୃଦୟରେ ଜଳୁଥିବା ନିଆଁ ନିର୍ବାପିତ ହେବ। ଆସ, ମୁଁ ତୁମକୁ ନେଇ ଯିବି ଅନେକ ଦୂର। ଯେଉଁଠି କେବଳ ତୁମେ ଓ ମୁଁ, ମୁଁ ଓ ତୁମେ। ଖାଲି ଉପଭୋଗ କରିବା। ଜୀବନକୁ ଏଞ୍ଜୟ କରିବା।ପ୍ରେମର ପାରିଧିରେ ମତୁଆଲା ହେବା।

ଆଶା- ଏତେ ସ୍ୱପ୍ନକୁ ରାତି ନାହିଁ ?

ISSN NO.
2582-208X

ନାଗେ – ଅଛି, ଅଛି ଆଶା, ତୁମେ ଖାଲି ଥରେ ମୋ ପ୍ରସ୍ତାବରେ ରାଜି ହୋଇଯାଅ । ଦେଖିବ ରାତି ଥିବ ସ୍ୱପ୍ନ ସରିବ ନାହିଁ । (ପୁଣି ହାତ ଧରେ )

ଆଶା– (ଠାଏ କରି ଚାପୁଡ଼ା ମାରି ) ହାତ ଛାଡି ଯାହା କହିବା କଥା କୁହ ।

ନାଗେ – ଧରିଛି ଯେବେ ଛାଡ଼ିବି ନାହିଁ ।ମ ରିବି ପଛେ ତୋହରି ପାଇଁ । (ଟଣା ଭିଡା କରେ )

ଆଶା– ନାଗେଶ୍ୱର! ଛାଡ଼ ,ଛାଡ଼ ମୋତେ । (ଛଡେଇ ହୁଏ )

ନାଗେ – ତୁମକୁ ଛାଡିଦେଲେ ମୋ ହୃଦୟର ନିଆଁ ଲିଭିବ କେମିତି ? ତେବେ ମୁଁ ଆଜି ତୁମ ଶୀତଳ ଜଳ ଭଣ୍ଡାରରେ ଗାଧେଇବି । ଆସ, ଆସ ସଖୀ, ଏ ନିକାଞ୍ଚନ ପରିବେଶ, ନହୁଲି ପ୍ରେମର ନିଶା, ଆଃ– ଭାରି ମଜା ଲାଗୁଛି । ଆସ ଆମେ ଦୁହେଁ ପ୍ରେମ ରସରେ ଏକାକାର ହେଇଯିବା। (ଟଣା ଭିଡା କରି କିସ ଦେବାକୁ ପ୍ରୟାସ କରୁଥାଏ, ଆଶା ମଧ୍ୟ ନିଜକୁ ସୁରକ୍ଷିତ କରିବାକୁ ଛଡେଇ ହେଉଥାଏ )

ଆଶା– ପ୍ଲିଜ ନାଗେଶ୍ୱର! ମୋତେ ଛାଡିଦିଅ । ପ୍ଲିଜ....

ନାଗେ – ନାଗେଶ୍ୱର କବଳରୁ ଆଜିଯାଏ କେହି ମୁକୁଳି ଯାଇ ନାହାନ୍ତି । ତୁମ ଦେହରେ ଚୋଟ ନ ମାରି ମୁଫତରେ ଛାଡ଼ିଦେବି । (ଟଣାଭିଡା ସହିତ ରେଫ କରିବାବେଳେ ଏସ ପି ବଳୟ ପହଞ୍ଚି ନାଗେଶ୍ୱରକୁ ଭିଡିଆଣି ଖୁବ ପିଟନ୍ତି । ନାଗେଶ୍ୱର ତଳେ ପଡ଼ି ଯନ୍ତ୍ରଣାରେ ଚିତ୍କାର କରେ )

ଆଶା– ଭାଇ....(କାନ୍ଦି କାନ୍ଦି ଧକେଇ ହେବା ଅବସ୍ଥାରେ ଭାଇକୁ ଜଡେଇଧରେ )

ବଳୟ– ରିଲାକ୍ସ, ରିଲାକ୍ସ ଆଶା। ମୋ ସୁନା ଭଉଣୀ ପରା। ଦେଖ ମୁଁ ଆସିଗଲିଣି। ତୋର ଆଉ ସେ କିଛି କରିପାରିବ ନାହିଁ। କନେଷ୍ଟବଳ!

ବେଷ୍ଟ– (ପ୍ରବେଶି )ଇଏସ ସାର!

ବଳୟ– ଏଇଟା ହାତରେ ହାତକଡି ଲଗେଇ ଜିପକୁ ନେଇଯାଅ । (ବେଷ୍ଟ ହାତକଡି ଲଗାଇବା ସମୟରେ )

ISSN NO.
2582-208X

ନାଗେ – ଯା ଭାକ ଶଳା! ମୋ ହାତରେ ହାତକଡି ପକେଇବୁ ? ଜାଣୁ ମୁଁ କିଏ ?

ବଳୟ-କିଏ ବାବା ତୁମେ ? ଏମିତି ଭଲ କାମ କରୁଥିବା ମଣିଷ କିଏ ତୁମେ କୁହ ?

ନାଗେ – ମୋ ନାଁ ନାଗେଶ୍ୱର

ବଳୟ-ହେଲେ ଫଣା କାହିଁ ?

ନାଗେ – ନାଗେଶ୍ୱରର ଫଣା ଦେଖିଲେ ତୁମ ହାଲ ବି ବେହାଲ ହେଇଯିବ ଏସ ପି।

ବଳୟ--ଆଛା! ହଉ ତାହେଲେ ଦେଖାଅ।

ନାଗେ – ମୋ ବାପା ମନ୍ତ୍ରୀ ନିର୍ମଳ ଭାବମୂର୍ତ୍ତି।

ବଳୟ--ଓ ହୋ ଏବେ ଚିହ୍ନିଲି। ଏଇଥିପାଇଁ ଏତେ ବିପ୍ଳାତ। କନେଷ୍ଟବଳ!

ବେଣ୍ଟ-ସାର!

ବଳୟ- ଶୀଘ୍ର ଏଇଟା ହାତରେ ହାତକଡି ଲଗେଇ ନେଇଯାଅ। ମୁଁ ଆଶାକୁ ଘରେ ଛାଡ଼ି ଥାନାରେ ପହଞ୍ଚୁଛି।

ବେଣ୍ଟ- ହାତକଡି ଲଗାଇବାକୁ ଯିବା ସମୟରେ ନାଗେଶ୍ୱର ଗୋଇଠା ମାରି ଖସି ପଳାଉଥାଏ। ବଳୟ ଧରିନେଇ ପୁଣି ଦୁଇ ଚାରି ଚାପୁଡ଼ା ମାରି ହାତରେ ହାତକଡି ପକେଇବା ବେଳେ ମଞ୍ଚକୁ ଅନ୍ଧାର ନଇଁଆସେ)

[ମଞ୍ଚ ଅନ୍ଧାର]

ବାକି ଆର ଥରକୁ........

ବିସି-୭୪, ସେକ୍ଟର-୧,
ସଲ୍ଟ ଲେକ୍, କୋଲକତା
email-dwibedysudhansu@gmail.com

ISSN NO.
2582-208X

# ଚଲିକାର ତୀରେ ଥରେ



ରାଜକିଶୋର ସ୍ୱାଇଁ

ଚଲିକାର ତୀରେ ଥରେ
ସନ୍ଧ୍ୟାରେ ବୁଲୁଥିଲି
ଦେଖିଲି ତରୁଣୀ ଏକ
ଥିଲା ଯେ କନକ ଗୋରୀ ।୦।

ଜଣାଶୁଣା ନଥିଲା ସେ ଅପରୂପା ସୁନ୍ଦରୀ
ମତୁଆଲା କଲା ମୋତେ ତାର ରୂପ ମାଧୁରୀ ।
ପାଖକୁ ଯାଇ ମୁଁ ତାକୁ ନେତ୍ର ଭରି ଦେଖିଲି
ତା ସାଥେ କଥା ହେବାକୁ ଭାବିଲି ମନ ଖୋଲି ।
ମୋତେ ଦେଖି ଚନ୍ଦ୍ରମୁଖୀ
ମୁରୁକ ହସିଲା ଖାଲି ।
ଚାହିଁଲି ତା ପାଶେ ମୁହିଁ
କରିବି ପ୍ରେମର ଅଳି ।
ଚଲିଆର ତୀରେ ଥରେ.....
ମରୁରେ ଝରଣା ସିଏ ସାଗରରେ ଲହରୀ
ଆଗରୁ ଦେଖି ନଥିଲି ଏମିତିକା ସୁନ୍ଦରୀ ।
ଗଭାରେ ଖୋସିଥିଲା ସେ ବାସନା ଫୁଲ ମଲ୍ଲୀ
ତା ସୁବାସେ ମୋର ଦେହ ଉଠିଲା ଯେ ଶିହ୍ରି ।
ଲାଗିଲା ତା କଣ୍ଠସ୍ୱର

ISSN NO.
2582-208X

ସତେକ କୋଇଲି ଭଳ ।
ତା ହେମ ତନୁଟି ମୋର
ଦେଲା ତ ମରମ ଘାରି ।
ଚଲିକାର ତୀରେ ଥରେ ...... ।୨ ।

ବୁଝାଇଲି ତାକୁ ମୁହିଁ ପ୍ରେମ ଶାଶ୍ୱତ
ବନ ଯା ଲୋ ମୋ ପ୍ରେମିକା ନ ହୋଇ ତୁ ଅଝଟ ।
ବିଷାଦ ପ୍ରାଣରେ ମୋର ତୁ ପ୍ରୀତିର ଜାହ୍ନବୀ
ତୋର ଖୁସି ପାଇଁ ସଦା ସବୁ କଛି କରିବି ।
ମନାଇଲି ତାକୁ ମୁହିଁ
ହସିଲା ସେ ମନଖୋଲି ।
ଗାଇ ମୁଁ ପୀରତି ଗାଥା
ତାକୁ ମୋ ନଜର କଲି ।
ଚଲିକାର ତୀରେ ଥରେ ...... ।୩ ।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ନୂଆପଡା, ନୂଆବଜାର, କଟକ

ISSN NO.
2582-208X

# ମୋ ଅନ୍ତର୍ଭାବନା



ବାଙ୍କାବିହାରୀ ମହାକୁର

ସକାଳ ପାହିଲେ ନିଦରୁ ଉଠିଲେ
ମନ ହୋଇଯାଏ ତୃପ୍ତ
ସଂସାର ଜଂଜାଳେ ବିଶ୍ୱାସରେ କାଳେ
ଆଶା ନବ ଦ୍ୱୀଜ ପ୍ରାପ୍ତ ।

ମୋ ଅନ୍ତର୍ଭାବନା କରେ ତନାଭିନା
ମନରେ ଆସେ ବିଗ୍ଧର
ହୃଦୟ ଭାବନା କାଗଜେ ବର୍ଣ୍ଣନା
ଶବଦ ମାନସୁ ଦୂର ।

ରଙ୍ଗ ରୂପ ଦେଇ ଦେବାକୁ ସଜାଇ
ହୁଅଇ ମୁଁ ଆଗଭର
ରଚବି କବିତା ସାଇତି ବାରତା
ଦେବି ଗୋଟେ ଉପହାର ।

ବ୍ୟସ୍ତ ବହୁଳତା କାର୍ଯ୍ୟର ବ୍ୟସ୍ତତା
କର୍ତ୍ତବ୍ୟ ପଥେ ଗମନ
ନିଅଣ୍ଟ ସମୟ ଖେଳାଏ ସଂଶୟ
ମନେ ସାଏତେ ସପନ ।

ଅନ୍ତର ଭାବନା ରହି ସେ ପାରେନା
ରୂପ ପାଏ କାଳ ଧାରେ
ବିନିଦ୍ର ରଜନୀ କରେନି ଭାଲେଣୀ
ମନପ୍ରାଣେ ଖୁସି ଭରେ ।

ବୁରୁବୁଡା
ବୀରମହାରାଜପୁର, ସୁବର୍ଣ୍ଣପୁର

ISSN NO.
2582-208X

# ମାଟିର ଗନ୍ଧ



ପ୍ରତିଭା ଦାସ

ସେ ମାଟିର ଗନ୍ଧ ମୋତେ ଟାଣି ନେଇଥିଲେ
ହୃଦୟରେ ସ୍ଵର୍ଗୀୟ ଅନୁଭୁତିର ସୁଅ ତୋଳି
ସବୁଜ ଧରଣିର ଇତିହାସ କହି ।

ଚାରିଆଡେ ସବୁଜିମା
ପର୍ବତ ମାଳାଗିରି
ନଈ ଆଉ ନୀଳ ସାଗର
ମହା ସଂଗମରେ ଗଢ଼ି ଉଠିଥିବା
ପ୍ରକୃତିର ଅନ୍ୟାନ୍ୟ ରୂପକୁ ଚାହିଁ
କ୍ଷଣିକ ପାଇଁ ଆତ୍ମହରା ହୋଇ ଉଠିଲି
ହରାଇବା ପରେ ପାଇବାର ସୁଖରେ
ପ୍ରାଣ ପାଇ ଉଠିଲି ।

ଏବେବି ସେ ମାଟିରେ ମୋର ପୁର୍ବଜଙ୍କର ଦେହର ମହକ ଲାଗିରହିଛି,
ଯେଉଁ ମହକ ମୋତେ ଆକର୍ଷିତ କରିଥାଏ
ହାତଠାରି ଡାକେ ଜହ୍ନ ଆକାଶ ଦେଶେ
କଥାଚିତ୍ରରର ରାଗିଣୀ ତୋଳି ।

ISSN NO.
2582-208X

ମୋତେ ଜଣା ନଥିଲା ବାର ମାସରେ ତେର ପର୍ବ କେମିତି ପାଳିତ ହୁଏ
କେମିତି ନିଜ ସଂସ୍କୃତିର  ବୈଶିଷ୍ଟ୍ୟର ସଂସ୍କାର  ଗୋଡ଼ିକ ଧରି ରଖିବାକୁ ହୁଏ
କେମିତି ଭାଇ ଚାରା ବାଣ୍ଟି ସମ୍ମିଳିତ ହୋଇ ରହିବାକୁ ହୁଏ ।

ଦିନେ ସ୍ୱପ୍ନ ପରି ଲାଗୁଥିଲା ଯାହା
ଆଜି ସାର୍ଥକ ହୋଇଛି ତାହା
ନିର୍ମଳ ପାବନ ପବିତ୍ର ଭୂମିରେ
ପାଦ ରଖି ଧନ୍ୟ ହୋଇଛି ଏହି ଜୀବନ
ଶଂକା ଆଉ ମନରେ ନାହିଁ
ଏବେ ଅନାୟାସରେ ଯାତାୟାତ ହେବ
ଯାହା ଖୋଜି ଖୋଜି ଏତେ ବାଟ ଧାଇଁ ଆସିଥିଲି
ସେ ଅଲିକ ସ୍ୱପ୍ନ ବାସ୍ତବ ରୂପ ପାଇଛି ।

ବିଶ୍ୱନାଥ ଗୁରିଆଲି
ଆସାମ

ISSN NO.
2582-208X

# ଗୋଟିଏ ସନ୍ଧ୍ୟା: ଜରୱାଙ୍କ ଗହଣରେ

ପ୍ରିୟବ୍ରତ ପାତ୍ର

ସିଏ ଥିଲା ଏକ ଅଦ୍ଭୁତ ଅପରାହ୍ନର ସୁନ୍ଦର ସନ୍ଧ୍ୟା । ଆମ ବସ୍ ଟି ରଙ୍ଗତ୍ ରୁ ପୋର୍ଟବ୍ଲେୟାର ଦିଗେ ଯାଉଥିଲା । ଯେତିକି ସିଟ୍, ସେତିକି ଲୋକ । ତେଣୁ ଆମଭଳି ମୂଳ ଭୂମି ନିବାସୀଙ୍କୁ ଗାଡିଟି ଫର୍ଚ୍ଚା ଲାଗିବା ସ୍ୱାଭାବିକ । ଗାଡିଭିତରେ ଏକ ମିନି ଇଣ୍ଡିଆ । ନେପାଳୀ, ତାମିଲ, କେରଳୀ ଠୁ ଆରମ୍ଭ କରି ତେଲୁଗୁ, ବଙ୍ଗାଳୀ ପର୍ଯ୍ୟନ୍ତ ସବୁ ପ୍ରାନ୍ତରୁ କିଛି କିଛି ଲୋକ । ଆମ ପାଖରେ ବସିଥାନ୍ତି କିଛି ସ୍କୁଲ ଶିକ୍ଷକ ଓ ଶିକ୍ଷୟିତ୍ରୀ । ସେମାନେ ସମସ୍ତେ ଶୁକ୍ରବାର ସନ୍ଧ୍ୟାରେ ସପ୍ତାହାନ୍ତ ଛୁଟି କଟେଇବା ପାଇଁ ପୋର୍ଟବ୍ଲେୟାର ଫେରୁଥିଲେ ଏବଂ ଦୁଇଦିନ ଛୁଟି ପରେ ନିଜ ନିଜ ଆବାସିକ ସ୍କୁଲ ସବୁକୁ ଫେରିଯିବେ ବୋଲି କହୁଥିଲେ । ସେମାନେ ସମସ୍ତେ ଉଚ୍ଚ ଶିକ୍ଷିତ ଥିଲେ, ନିଜ ଜୀବିକାଜୀବନ ଛଡା ଚାରିପାଖ ଜୀବନ ଉପରେ ଚୁରି ବି ରଖିଥିଲେ । ମୋର ପ୍ରବଳ ଆଗ୍ରହ ଥିଲା ଏହି ରାସ୍ତାରେ ଦେଖାଯାଉଥିବା ଆଦିମ ଜରୱା ଜନଜାତିଙ୍କ ଉପରେ କିଛି ଅଧିକ ଜାଣିବା । ଅଙ୍ଗେ ନିଭା କଥା, ଶୁଣା କଥା, ବହିର କଥା - ଏ ସବୁକୁ ମିଶାଇ ତ ଏକ ଧାରଣା ସୃଷ୍ଟି ହୋଇଥାଏ । ତେଣୁ ସହଯାତ୍ରୀମାନଙ୍କ ପ୍ରତ୍ୟେକ କଥାକୁ ମୁଁ ଝାମ୍ପ ମାରି ସାଇତି ରଖୁଥିଲି ନିଜ ମନର କୋଟରରେ ।

ମୁଁ ଉତ୍କଣ୍ଠାପୂର୍ଣ୍ଣ ଭାବେ ଜିଜ୍ଞାସୁମୂଳକ ପ୍ରଶ୍ନ ପଚାରୁଥିଲି ଓ ଆଶ୍ଚର୍ଯ୍ୟ ହେବାର ଅନୁଭବ କରି ଜଣେ କରି ଜଣେ ଉତ୍କୃଷ୍ଟ ଶ୍ରୋତାର ପରିଚୟ ଦେଉଥିଲି । ତେଣୁ ଏକ ଅନ୍ତରଙ୍ଗ ବାତାବରଣ ଭିତରେ ଗପସପ ଚାଲିଲା । ମୋର ପ୍ରଶ୍ନ ଥିଲା - "ଏତେ ଦୂରରେ ମୂଳ ଭାରତଠୁ ଅଲଗା ରହି ଆପଣମାନଙ୍କୁ କେବେ ଏକୁଟିଆ ଲାଗୁନି?" ସେମାନେ ସମବେତ ସ୍ୱରରେ ଉତ୍ତର ଦେଇଥିଲେ - "ମୋଟେ ନୁହଁ, କାରଣ ଏଇଠା ବି ହସ କାନ୍ଦର ଜୀବନ ଚାଲିଛି, ସୁଖଦୁଃଖ ବାଣ୍ଟିନେବା ପାଇଁ ବନ୍ଧୁ ଅଛନ୍ତି ।" ଜଣେ ବଡ ଭାବ ପ୍ରବଣ ହୋଇ କହିଲେ - "ଭାରତ ମାନଚିତ୍ରରେ ଆଣ୍ଡାମାନକୁ ଦେଖିଲେ, ଏକଲା ଅବସ୍ଥିତି ଦେଖି ଛାତି

ISSN NO.
2582-208X

ଦାଉଁ ଦାଉଁ ହୋଇଯାଏ । ତେଣୁ ତ ମୁଁ କେବେ ମାନଚିତ୍ର ଦେଖେନି କି ଘରେ ମାନଚିତ୍ର ଟାଙ୍ଗି ନଥାଏ ।” ଆଲୋଚନା ପାଇଁ ବନ୍ଧୁତାପୂର୍ଣ୍ଣ ବାତାବରଣଟିଏ ସୃଷ୍ଟି ହେବା ପରେ ମୁଁ ଚେଷ୍ଟା କଲି ଆଲୋଚନା ଜରଓ୍ୱା ଜନଜାତିଙ୍କ ଉପରେ ହିଁ କେନ୍ଦ୍ରୀଭୂତ ହେଉ । ତାପରେ ଯାଇ ଆରମ୍ଭ ହେଲା ସହଯାତ୍ରୀମାନଙ୍କ ଉତ୍ତର ଉଦ୍ୟମର ପର୍ବ ଓ ଅଙ୍ଗେନିଭା କଥାର ଉପସ୍ଥାପନା ।

ଜରଓ୍ୱାମାନେ ହେଲେ ଏଠାକାର ହିଂସ୍ର ଆଦିମ ଜନଜାତି, ଯେଉଁମାନେ ଏବେ ମଧ୍ୟ ସମ୍ପୂର୍ଣ୍ଣ ଉଲଗ୍ନ ହୋଇ ରହନ୍ତି ଓ ନିଆଁର ବ୍ୟବହାର ଖୁବ୍ କମ୍ ଜାଣିଛନ୍ତି । ପୃଥିବୀର ପ୍ରାଚୀନତମ ଜନଜାତି ବୋଲି କୁହାଯାଉଥିବା ଏହି ଜରଓ୍ୱାଙ୍କ ଉତ୍ପତ୍ତି, ଆଣ୍ଡାମାନ ଆଗମନ ତଥା ସେମାନଙ୍କ ହିଂସ୍ରତାକୁ ନେଇ ଅନେକ କାହାଣୀ, କେଉଁ ଯୁଗରୁ ଏଯାବତ୍ ଚାଲିଛି । କଳ୍ପନାରେ ଏକ ପ୍ରତିଯୋଗିତାମୟ ବର୍ଣ୍ଣନାରେ ଏମାନେ ଯେକୌଣସି ପରୀ କାହାଣୀ ବର୍ଣ୍ଣିତ ରାକ୍ଷାସଙ୍କ ଠାରୁ ଅଧିକ ଭୟଙ୍କର ଥିଲେ । ମଧ୍ୟଯୁଗୀୟ ଇଉରୋପରେ ଦୁଃସାହସୀ ପରିବ୍ରାଜକ ମାନେ ଲେଖୁଥିଲେ – ଏମାନଙ୍କ କପାଳରେ ଗୋଟିଏ ବୋଲି ଆଖି, କଞ୍ଚାମାଂସ ଏମାନଙ୍କ ଖାଦ୍ୟ, ମଣିଷ ମାଂସ ପ୍ରିୟ ଖାଦ୍ୟ । ଆଉ କିଛି କବନ୍ଧ ଜାତିଆ ରାକ୍ଷସ ଏଠାରେ ରହନ୍ତି, ଯାହାର ମସ୍ତକହୀନ କାନ୍ଧରେ ରହିଛି ଦୁଇଟି ଗର୍ତ୍ତାକୃତିର ଆରକ୍ତ ନୟନ । କିଛି ଦ୍ୱୀପରେ ରହିଛନ୍ତି ନାକହୀନ ସମତଳ ମୁଖଧାରୀ ମଣିଷ, ଯେଉଁମାନେ ସର୍ପ ପରି ଜିହ୍ୱା ବାହାର କରି “ସୁସୁ” ଗର୍ଜନ କରିଥାନ୍ତି ଓ ମଉକା ପାଇବା କ୍ଷଣି ଭିଣିଭିଣା କରି ଖାଇଜାନ୍ତି । ଆଉ କିଛି ଜନଜାତି ନିଜର ଖୁରାଯୁକ୍ତ ପାଦରେ ଏଭଳି କ୍ଷିପ୍ର ଭାବେ ଦୌଡନ୍ତି ଯେ ଘୋଡା ବି ହାରିଯିବ । କିଛି ମଣିଷଙ୍କ ଦେହ ଏତେ ଲୋମଶ ଓ ନଖଗୁଡିକ ଏତେ ବଡ ଯେ ଦୂରରେ ଦ୍ୱିପଦୀ ଭାଲୁ ପରି ଦିଶନ୍ତି । ସେମାନେ ଅନାୟାସରେ ଆକାଶ ଛୁଉଁଥିବା ଗଛଗୁଡିକୁ ଚଢିଯାଆନ୍ତି । ସେମାନେ ଥୋବଣା ମାରି ମହୁଘରାରୁ ମହୁ ଖାଇଯାନ୍ତି, ଉଇ ହୁଙ୍କାରୁ ଉଇ ଖାଇଯାନ୍ତି, ଏପରିକି ନିଜ ଟାଆଁସିଆ ଜିଭରେ ଉଇ, କାଇକନ୍ଦା, ପିମ୍ପୁଡି ଓ ବିଷାକ୍ତ କୀଟକୁ ମଧ୍ୟ ଖାଇଯାନ୍ତି ।” ଏବେ ମଧ୍ୟ ବୁଢୀମା ଓ ଆଇମାନେ ପିଲାକୁ କାହାଣୀ ଶୁଣାଇଲା ବେଳେ କୁହନ୍ତି – ଏହି ଆଦିମ ଜନଜାତିମାନେ ହେଲେ ପ୍ରେତମାନଙ୍କ ମଣିଷ ରୂପ, କାରଣ ପାଦଗୁଡିକ ସେମାନଙ୍କର ପଛକୁ ବୁଲିକରି ଥାଏ । ସେମାନଙ୍କର କୁଆଡେ ଠିଆ ହେଲେ ଛାଇ ପଡେନି, ସେମାନଙ୍କୁ କୁତୁକୁତୁ ମୋଟେ କାତୁ କରେନି । ପିଲାଏ ଅଝଟ ହେଲେ ଏବେ ବି ମା ମାନେ କହନ୍ତି – “ଶୋଇଯା ନ ହେଲେ ଜରଓ୍ୱା ଆସିବ ଛକିଛକି ।” ଗାଡିରେ ବସିଥିବା ଯାତ୍ରୀମାନେ ଏସବୁ ବର୍ଣ୍ଣନା କଲାବେଳେ ବଡ ହର୍ଷ ଦେଖାଯାଉଥିଲା ।

ISSN NO.
2582-208X

ଆଉ ଗୋଟିଏ ଅନ୍ଧାରି ମୂଲକର ଅନ୍ଧାରି ଲୋକଙ୍କ ବିଷୟରେ ଗପସପ ହେଲାବେଳେ, ଭିତରେ ସେମାନେ ଯେ ଆଲୋକିତ ଓ ଆଧୁନିକ ସେ କଥା ହିଁ ପ୍ରମାଣ କରିବାରେ ଲାଗିଥିଲେ । କିଛି ଯାତ୍ରୀ ସାଙ୍ଗରେ ଚକୋଲେଟ୍, ବିସ୍କୁଟ ଓ କଦଳୀ ଆଣିଥିଲେ, ବାଟରେ ଜରୱା ହାବୁଡିଲେ ତାଙ୍କ ଦେଇ ବଦାନ୍ୟତା ଦେଖେଇବେ । କିନ୍ତୁ ଜରୱାଙ୍କ ସଂରକ୍ଷିତ ବନର ଉନ୍ନତି ଅର୍ଥେ ପାଞ୍ଚଟଙ୍କା ମାଗିଲେ ହୁଏ ତ ସେମାନେ ନିଶ୍ଚୟ ମନା କରିଥାନ୍ତେ ।

“ଟିରୁର୍ ର ଜରୱା” ଏପରି ଭୟାର୍ତ୍ତ ସୂଚକ ଧାଡିଟିଏ କହି ଜଣେ ଶିକ୍ଷୟିତ୍ରୀ ଚମକି ପଡିଲେ, ସତେ କି ପିଠି ଉପରେ ଅସରପାଟିଏ ଚାଲି ପଳେଇଲା ଅବା ବୁଢା ଝିଟିପିଟିଟାଏ ଛାତି ଉପରେ ପାଦ ଜାକି ବସିଗଲା । ତିରୁର୍ ହେଉଛି ଘଞ୍ଚ ଜଙ୍ଗଲ ଭିତରେ ଅପହଞ୍ଚ, ଅଦେଖା ଜାଗାଟିଏ ଯେଉଁଠି ରୁହନ୍ତି ଅଧିକ ହିଂସ୍ର ଜରୱା ଗୋଷ୍ଠୀ । ତାଙ୍କର କୁଆଡେ ରହିଛନ୍ତି ଦଳପତି, ବିଚାରକ ଓ ବୈଦ୍ୟରାଜ । ତାଙ୍କ ଇଲାକାରେ ଅନ୍ୟ ମଣିଷଙ୍କୁ ଦେଖିଲେ ସେମାନେ ପ୍ରାଣରେ ମରଇ ଦିଅନ୍ତି ବା ଦଳପତି ପାଖକୁ ନେଇଯାନ୍ତି । ଏସବୁ ବିଶ୍ୱାସ ଅଧିକ ଘନୀଭୂତ ହେଉଥିଲା ଯେହେତୁ ସେହି ଜଙ୍ଗଲରେ ଅନୁପ୍ରବେଶ କରିଥିବା ବା ନିଖୋଜ ହୋଇଥିବା ବ୍ୟକ୍ତି କେବେହେଏ ଫେରିବା ଜଣା ପଡିନାହିଁ । ଆମ ସିଟ୍ ପାଖରେ ବସିଥିବା ଆଉ ଜଣେ ପ୍ରୌଢା ଶିକ୍ଷୟିତ୍ରୀ କହିଲେ – “ମୁଁ ନୂଆଁ ନୂଆଁ ପୋଷ୍ଟିଙ୍ଗ୍ ପାଇଥାଏ । ଦିନେ ଗାଡି ଭିତରକୁ ହଠାତ୍ ଜରୱା ମହିଳା ଜଣେ ପଶି ଆସିଲେ । ସେ ଥିଲେ ଭୟଙ୍କର କ୍ରୁଦ୍ଧ ଓ ଉତକ୍ଷିପ୍ତ । ସେ ସିଧା ଆସି ମତେ ଟାଣା ଓଟରା କରି ମୋ ଭେନିଟ୍ ବ୍ୟାଗ୍ ଓ ବେକରୁ ସୁନା ଚେନ୍ ଟି ଛଡେଇ ନେଲେ ଓ ବାହାରେ କୁଆଡେ ଫୋପାଡି ଦେଲେ । ମୁଁ ଚିରା ଶାଢୀ ଭିତରେ ଭୟରେ ଥରୁଥାଏ । ମୋ ମୁଣ୍ଡରେ ଥିବା ନାଲି ରଙ୍ଗର ସ୍କାର୍ଫଟିକୁ ସିଏ ଛଡେଇ ନେଇ ପଳେଇଗଲେ । ବହୁ ସମୟ ଖୋଜାଖୋଜି କରି କିଏ ଜଣେ ବ୍ୟାଗଟିକୁ ଦେଲେ, କିନ୍ତୁ ଚେନ୍ ଟି ଆଉ ମିଳିଲା ନାହିଁ ।” ଆଉ ଜଣେ ବ୍ୟକ୍ତି କହୁଥିଲେ – “ଥରେ ବସ୍ ରେ ଆସିଲାବେଳେ ଦୂରରେ ଦେଖିଲୁ ଆସନ୍ନା ପ୍ରସବା ମହିଳା ଜଣେ ପଥର ଚଟାଣ ଉପରେ ଛଟପଟ ହେଉଛି । ଗାଡି ଅଟକି ଗଲା ଓ ଆମେ ସମସ୍ତେ ତଟସ୍ଥ ହୋଇ ଝରକା କାଚ ଦେଇ ଦେଖୁଥିଲୁ । ଶେଷରେ ଶିଶୁଟିଏ ଜନ୍ମ ହେଲା । ନବ ଜନ୍ମିତର ନାହୀ ନାଡକୁ ମହିଳା ନିଜ ଦାନ୍ତରେ ଛିଡେଇ ଦେଇ ପିଲାଟିକୁ ଜିଭରେ ଚାଟି ସଫା କରିବା ପରେ ଅନ୍ୟାନ୍ୟ ଇତର ପଶୁଙ୍କ ପରି ମହିଳା ଟି ଉଠିପଡିଲା ଓ ପିଲାଟିକୁ ଧରି ଚାଲିବାକୁ ଲାଗିଲା ।”

ISSN NO.
2582-208X


ଗାଡି ଖୁବ୍ ଜୋରରେ ଚାଲିଥିଲା । ଆଉ କିଛି ବାଟ ପରେ ଜରଓ୍ୱାଙ୍କ ପାଇଁ ସଂରକ୍ଷିତ ଜଙ୍ଗଲ ଆରମ୍ଭ ହୋଇଯିବ, ହୁଏତ ଭାଗ୍ୟରେ ଥିଲେ ଜଣେ ଦୁଇଜଣଙ୍କ ଦେଖା ମଧ୍ୟ ମିଳିଯିବ । କାଚ ଝରକା ଦେଇ ଘନ ଅରଣ୍ୟାନି ଭିତରେ ଦୃଷ୍ଟି ନିକ୍ଷେପ କରୁ କରୁ ମନ ଭିତରକୁ କେତେ କଥା ଆସିଗଲା । ପାଠ ପଢିବା ବେଳେ ମୋର ଜଣେ ଆଣ୍ଡାମାନରୁ ଆସିଥିବା ସହପାଠୀ ଥରେ ଗୋଟିଏ କ୍ୟାମେରା ଫଟୋ ଦେଖାଇଲେ । ଶିଶୁଆ କାଠ ପରି ତ୍ରିପଣ୍ଡ କଳା ରଙ୍ଗର ବିକଟ ଚେହେରା, ମୁଣ୍ଡରେ ନାଲି କନା ର ଧଡିଟିଏ ବାନ୍ଧି, ଉଲଗ୍ନ ଜରଓ୍ୱା ଯୁବକ ଜଣଙ୍କର ରକ୍ତ ବର୍ଣ୍ଣ ଆଖି ଦେଖି ସତରେ ସେଦିନ ଚମକି ପଡିଥିଲି । ପାଟିରୁ ବାହାରି ପଦିଲା – "ଇଏ କଣ ସର୍ବ ପ୍ରାଚୀନ ମଣିଷ, ଆଫ୍ରିକାର ବୁଶମ୍ୟାନ କି?

କ୍ରମଶଃ.........

ଭାରତୀୟ ଜୀବନ ବୀମା ନିଗମ,
କୋରାପୁଟ, ଓଡିଶା

ISSN NO.
2582-208X

# ଜୀବନର ଛବି



କୀର୍ତ୍ତନ ସାହୁ

ମୋ ସୌଖିନ କଥା
କଣ ପଚାରୁଛ
ମୋ ସୌଖିନ ଜୀବନ ତ
ଲଟକି ରହେ
ମୋ ଜୀବନ ଜୀଇଁବାର
ଆଶ୍ୱସ୍ତି ପତ୍ର
ମୋ ପ୍ରିୟ ଚାଳ ଘରେ
ଟିକେ ତମ ହାତ ଛୁଆଁରେ
ନୂଆ ରୂପ ଅପେକ୍ଷାରେ

ତମ ସୌଖିନ ଜୀବନର
ରଙ୍ଗୀନ ପୃଷ୍ଠା ସବୁ
ଆଙ୍କି ହେଇ ଯିବାର
ଆଢୁଆଳରେ
ଲୁଚି ରହି ଥିବା
ମୋ ହାଡୁଆ ହାତର
ଯାଦୁକରୀ ସ୍ୱର୍ଶ
ତମକୁ କୋଉ
ସ୍ୱର୍ଶ କରନ୍ତା ଯେ !
ତମେ ତ ବୁଡି ରୁହ

ISSN NO.
2582-208X

ଆଗାମୀ ଦିନର
ଆହୁରି ତେଜୋଦୀପ୍ତ
ସ୍ବପ୍ନେଲି ସ୍ବପ୍ନରେ

ଇତସ୍ତତଃ ପଡ଼ି ରହିଥିବା
ତମର ଅଦରକାରୀ
ମୋର ଦରକାରୀ
ଆସବାବ ପତ୍ର ଭିତରେ
ଲୁଚି ରହି ଥାଏ
ମୋ ଜୀବନର ଛବି

ଏଠି କିଏ କାହା କଥା
ଭାବିବାକୁ ବେଳ କାହିଁ ଯେ !
ଖାଲି ତ ଅସୁମାରୀ
ସ୍ବପ୍ନର ମାୟା ମରୀଚିକା ପଛରେ
ଦୌଡ଼ି ଦୌଡ଼ି ଆଗକୁ ଯିବା।
ଏକମାତ୍ର ଲକ୍ଷ୍ୟ

ମୋ ସୀମିତ
ଜୀବନ ପରିସର ଭିତରେ
ମୁଁ ଆଙ୍କେ କିନ୍ତୁ
ମୋ ଜୀବନର ଛବି
ସେଥିରେ ମୋ ସନ୍ତୁଷ୍ଟି ।

ମିଶ୍ର କଲୋନୀ
ଶାଳ ପଡ଼ା, କେନ୍ଦୁଝର
ଦୂରଭାଷ - ୯୪୩୮୪୧୪୭୦୧

ISSN NO.
2582-208X


# ମାଟି ବୈକୁଣ୍ଠ



ବେଣୁଧର ସୂତାର

ଦିବ୍ୟ ମାତୃତ୍ୱର  ଅନନ୍ୟ ସ୍ୱରୂପା
ଦୀପ୍ତିମୟୀ ବସୁନ୍ଧରା
ଏ ମାଟି ମର୍ତ୍ତ୍ୟରେ ସୁଖ ସପନରେ
ମଞ୍ଜୁଳ ଜୀବନ ଧାରା ।
ସୁଖଓ ସୌଭାଗ୍ୟ ଏ ମାଟି ବୈକୁଣ୍ଠେ
କାହିଁ ସ୍ୱର୍ଗ କାହିଁ ନର୍କ
ରହସ୍ୟବାଦର  ବାକ୍ ଚାତୁରୀରେ
ଚାଲେ ସିନା ଯୁକ୍ତି ତର୍କ ।
ଜୀବନ ଛନ୍ଦର ମଙ୍ଗଳ ଅଙ୍ଗନ
ଏଇ ମାଟି ମହା ତୀର୍ଥ
ପୁଣ୍ୟ ସାଧନାର ପାବନ ଧାମଏ
ଜୀବନର ପରମାର୍ଥ ।
ମହକ ମଧୁର ପ୍ରାଣମୟ ସୁର
ମଙ୍ଗଳର ଉପଚାର
ଧରଣୀ ବୁକୁରେ ଅନୁରାଗ ବନ୍ୟା
ସ୍ନେହ ପ୍ରୀତି ମମତାର ।

ମାଆ ମହାନତା ବାତ୍ସଲ୍ୟ ମମତା
ବାଲ୍ୟଛନ୍ଦ ଚପଳତା
ସମ୍ମୋହିତ ସୁରେ ଭରେଏ ଅନ୍ତରେ
ସ୍ୱପ୍ନମୟ ଭାବସତ୍ତା ।
ସୁଖ ଐଶ୍ୱର୍ଯ୍ୟର ଜୀବନ ସମ୍ଭାର
ଧୂଳି ଧରଣୀର କୋଳେ
ସୁଖ ଓ ଦୁଃଖର ଭୋଗ ଅନିଭୋଗ
ଅର୍ଜିତ କର୍ମର ଫଳେ ।
ସମୟ ଆବର୍ତ୍ତେ ଉତ୍ତର ବୟସ
କାଳଚକ୍ରେ ଉପନୀତ
ଆଶାର କୁସୁମ ତୋଳିବା ବିଷମ
ସୁଖ ସ୍ୱପ୍ନ ପରାହତ ।
ଏ ପ୍ରାଣ ତନ୍ତ୍ରୀରେ  କରୁଣ କମ୍ପନ
ସମୟର ଅଭିସାରେ
ଆଶା ଅଭିଯାନେ ପଡେ ଯବନିକା
ଅସ୍ତରାଗ ସୁରେସୁରେ ।

ISSN NO.
2582-208X

ଯହିଁ ଚିରଶାନ୍ତି ପ୍ରେମର ପ୍ରଶାନ୍ତି
ନିବିଡ଼ ତା ସମ୍ମୋହନ
ଅମୃତ ନିର୍ଝରା ମାଆ ମାଟି ଧରା
ମମତାର ତପୋବନ ।
ଜନ୍ମ ଜନ୍ମାନ୍ତରେ ମାଆ ପଣତରେ
ନିବିଡ଼ ଆବେଗ ଭରା
ଅମୂଲ ମୂଲ ଯା ମମତାର ଫୁଲ
କରୁଥାଏ ଆତ୍ମହରା ।
ମାଟିମୋର ସ୍ୱର୍ଗ ମାଟି ମୋ ବୈକୁଣ୍ଠ
ମମତା ପୀୟୂଷ ବିନ୍ଦୁ
ସିଏ ଚିରକାଳ ମଙ୍ଗଳ ମଞ୍ଜୁଳ
କୃପାମୟୀ ଭାବ ସିନ୍ଧୁ ।
ମାଆ ବିଶ୍ୱରୂପା ପ୍ରଣବ ସ୍ୱରୂପା
ସୌଭାଗ୍ୟ ଐଶ୍ୱର୍ଯ୍ୟ ଦାୟୀ
ସିଏ ବିଶ୍ୱରାଣୀ ପ୍ରଶାନ୍ତ ଧରଣୀ
ଓଁକାର ଝଙ୍କାର ମୟୀ ।

କେଶଦୁର୍ବପାଳ କେନ୍ଦୁଝର
ଦୂରଭାଷ -୯୧୭୮୫୬୮୨୪୬

ISSN NO.
2582-208X

ବେଦାନ୍ତି

# ଆମ ପରିବାର



ଦଣ୍ଡାସି ପ୍ରଧାନ

ଆମ ଘର ଅତି ସୁନ୍ଦର -
ବାପା ମାଁ ଭାଇ ଭଉଣୀ ସଙ୍ଗତେ
ଘର ନୁହେଁ ଆମ ମନ୍ଦିର ।

ଆମ ସେନେହ ଶରଧା ବନ୍ଧେ-
ସଞ୍ଜରୁ ସକାଳ ଖୁସି ବରଷଇ
ଭରପୂର ପ୍ରୀତି ଛନ୍ଦେ ।

ଆମ ନିର୍ମଳ ହୃଦୟ ମନ -
ସ୍ୱଚ୍ଛ ଶୀତଳ ବିଚ୍ଛୁରିତ ଜ୍ୟୋତ୍ସ୍ନା
ଶରତେ ପୁନିଅ ଜହ୍ନ ।

ଆମ ସମ୍ପର୍କ ଏକତା ଡୋର -
ସକାଳ ଅରୁଣ  ଅରୁଣିମା ଆଭା
ବାସନ୍ତି କୋକିଳ ସ୍ୱର ।

ଆମ ବୁଝାମଣା ସୁଅ ଧାର -
ସରିତ ସାଗର ସମ୍ବନ୍ଧ ସମାନ
କାହିଁ ତା'ର ପଟ୍ଟାନ୍ତର ?

ଆମ ସଂସ୍କାର ଚଳନି ଗୀତି -
ପୁରାଣ ପୋଥିର ସମନ୍ୱୟ ଘେନି
ଗୌରବେ ଫୁଲାଏ ଛାତି ।

ସାହିତ୍ୟ ସମ୍ପାଦକ
ଉପାନ୍ତ ସାହିତ୍ୟ ସଂସ୍କୃତିକ
ସେବାସଂସଦ, ପାତ୍ର
ପୁର, ଗଞ୍ଜାମ
ଭ୍ରାମ୍ୟଭାଷ୍ୟ 8660194967

ISSN NO.
2582-208X

# ନବ ବର୍ଷର ଅଭିନନ୍ଦନ



ସ୍ମୃତି ରେଖା ନାୟକ

ନୂତନ ବର୍ଷ ର ଆଜି ନୂତନ ଦିନ
ନବ ବର୍ଷରେ ସଭିଙ୍କୁ ଅଭିନନ୍ଦନ।
ଦୁଃଖ ନେଇ ବିଦା ହେଲା
ତେଇଶି ମସିହା
ସୁଖ ଘେନି ଆସେ ପୁଣି
ଚବିଶି ମସିହା ।
ଭଲ ମଣିଷ ହେବାକୁ
ଆଜି ସର୍ବେ କର ପଣ,
ଈଶ୍ୱର ଙ୍କ ପାଖେ ସଦା
ରଖିଥାଅ ମନ।
କ୍ରୋଧ, ଈର୍ଷା, ଲୋଭ କୁ
ଆଜି ଦିଅ ଦୂରେଇ
ଉଚ୍ଚ ନୀଚ ନ ମଣି ସଭିଙ୍କୁ
ଭାବ ଭାଇ ଭାଇ।

ରାଗ, ଲୋଭ, ଈର୍ଷା କୁ
ହୃଦୟେ ନ ଦିଅ ସ୍ଥାନ
ଏଇ କଥା ମାନିଲେ ବନ୍ଧୁ
ସାର୍ଥକ ହେବ ଜୀବନ।
ଆଜି ଠାରୁ ନିଜ ମନ ରୁ
କାଢି ଦିଅ କୁ ଭାବନା
ଇଂରାଜୀ ନବବର୍ଷ ରେ
ସଭିଙ୍କୁ ଶୁଭକାମନା

ତୋରା, ଆଦର୍ଶପଡା, ବରଗଡ଼

ISSN NO.
2582-208X

# ମହିଳା ଅଧିକାର କ୍ଷେତ୍ରରେ ବେଗମ ରକୟାଙ୍କ ଯୋଗଦାନ



ଅସିତ ମହାନ୍ତ

ଊନବିଂଶ ଶତାବ୍ଦୀରେ ସାମନ୍ତି ତଥା ମଧ୍ୟଯୁଗୀୟ ଧାର୍ମିକ ଅନ୍ଧବିଶ୍ୱାସର ପରିବେଶରେ ଭାରତ ବାନ୍ଧି ହୋଇ ରହିଥିଲା । ଏହା ଉପରେ, ଜାତି ଭିତ୍ତିକ ଭେଦଭାବ ଚିନ୍ତାଧାରା, ଶିକ୍ଷାର ଅଭାବ ଏବଂ ଅଜ୍ଞତାର ଅନ୍ଧକାର ସମାଜ ଉପରେ ପ୍ରାଧାନ୍ୟ ବିସ୍ତାର କରିଥିଲା । ଏଭଳି ପରିବେଶରେ ରାମମୋହନ ରୟ, ଜ୍ୟୋତିବା ଫୁଲେ, ବିଦ୍ୟାସାଗର ଇତ୍ୟାଦି ମନିଷୀମାନେ ଆମ ଦେଶରେ ସମାନତା, ସ୍ୱାଧୀନତା ଏବଂ ଭାଇଚାରା ଏବଂ ମହିଳା ମୁକ୍ତି, ଯଥା ୟୁରୋପୀୟ ନବଜାଗରଣ ଚିନ୍ତାଧାରା ଉପରେ ଆଧାର କରି ଜ୍ଞାନର ଆଲୋକ ସହିତ ଆମ ଦେଶରେ ପହଞ୍ଚିଥିଲେ। ଏହିପରି ମନୀଷୀ ମାନଙ୍କ ମଧ୍ୟରୁ ଅନ୍ୟତମ ଅର୍ଥପୂର୍ଣ୍ଣ ଉତ୍ତରାଧିକାରୀ ଥିଲେ ରକୟା ଶେଖାବତ ହୁସେନ୍(୯ ଡ଼ିସେମ୍ବର ୧୮୮୦ - ୯ ଡ଼ିସେମ୍ବର ୧୯୩୨) । ତତ୍କାଳୀନ ଔପନିବେଶିକ ତଥା ସାମନ୍ତି ସମାଜରେ ଧାର୍ମିକ ଅନ୍ଧବିଶ୍ୱାସର ଶିକୁଳି ସବୁ ପ୍ରକାର ବାଧାବିଘ୍ନର ସମ୍ମୁଖୀନ ହୋଇ ସେ ଦୃଢ ସାହସର ସହିତ ଏକାକୀ ସାମାଜିକ ଆନ୍ଦୋଳନକୁ ଡେଇଁଲେ। ତେଣୁ ଆମ ଦେଶର ନବଜାଗରଣ ଆନ୍ଦୋଳନର ଇତିହାସରେ ମହାରାଷ୍ଟ୍ରର ସାବିତ୍ରୀ ବାଇ ଫୁଲେଙ୍କ ସହ ବଙ୍ଗଳାର ରୁକାୟା ସାଖଓ୍ୱାଟ ହୁସେନ୍‌ଙ୍କ ନାମ ମଧ୍ୟ ସୁବର୍ଣ୍ଣ ଅକ୍ଷରରେ ଲେଖାଯିବ।

ରୁକାୟା ୯ ଡିସେମ୍ବର ୧୮୮୦ ରେ ଏକ ରକ୍ଷଣଶୀଳ ପରିବାରରେ ଅତ୍ୟନ୍ତ ପଛୁଆ ସାମାଜିକ ପରିବେଶରେ ଜନ୍ମଗ୍ରହଣ କରିଥିଲେ। ପିଲାଦିନରେ ତାଙ୍କ ନାମ ରୁକୁୟା ଖାତୁନ୍ ଥିଲା । ତାଙ୍କ ପରିବାରରେ କେବଳ ପୁରୁଷଙ୍କ ସମ୍ମୁଖରେ ନୁହେଁ ବରଂ ପରିବାର ବାହାରେ ଥିବା ମହିଳାଙ୍କ ସାମ୍ନାରେ ମଧ୍ୟ ପରଦା ପିନ୍ଧିବା ପ୍ରଥା ଥିଲା। ଏତେ ପ୍ରତିବନ୍ଧକ ମଧ୍ୟରେ ବଞ୍ଚିଥିବାବେଳେ, ଏହି ପ୍ରଶ୍ନ ରୁକାୟାଙ୍କ ମନକୁ ତାଙ୍କ ପିଲାଦିନରେ ଚାପି ରଖିଥିଲା ଯେ

ISSN NO.
2582-208X

ଧର୍ମ ଏବଂ ବିଶ୍ୱାସ ନାମରେ, କେବଳ ଝିଅ ଏବଂ ମହିଳାଙ୍କ ପାଇଁ ଶୃଙ୍ଖଳା କାହିଁକି ? ପୁରୁଷ ଏବଂ ମହିଳାଙ୍କ ପାଇଁ ନିୟମ ଏବଂ ନିୟମ କାହିଁକି ଭିନ୍ନ ? ପିଲା ରୁକୁୟା ତାଙ୍କ ଜେଜେମା'ଙ୍କଠାରୁ ଶୁଣୁଥିଲେ ଯେ "ଜଣେ ମହିଳା ସର୍ବଦା ଜଣେ ପୁରୁଷଙ୍କ ଅଧୀନରେ ରହିବା ଉଚିତ୍। ଏହା ହିଁ ଆଲ୍ଲା ଚାହାଁନ୍ତି। "କିନ୍ତୁ ପିଲାଦିନେ ସେ ଏହି ଜିନିଷଗୁଡ଼ିକରେ ସହମତ ହୋଇନଥିଲେ। ସେହି ସମୟରେ ଝିଅମାନଙ୍କୁ ଉଭୟ ହିନ୍ଦୁ ଏବଂ ମୁସଲମାନ ସମାଜରେ ଶିକ୍ଷା ପାଇବାକୁ ବାରଣ କରାଯାଇଥିଲା। କିନ୍ତୁ ଯେତେବେଳେ ରୁକୁୟା ଖାତୁନଙ୍କୁ ୫ ବର୍ଷ ହୋଇଥିଲା, ସେତେବେଳେ ତାଙ୍କ ବଡ଼ ଭଉଣୀ କୋଲକାତାର ଏକ ଇଂରାଜୀ ଶିକ୍ଷକଙ୍କଠାରୁ ଶିକ୍ଷା ଆରମ୍ଭ କରିଥିଲେ। ଏଥିରେ ଅନେକ ବାଧା ସୃଷ୍ଟି ହୋଇଥିଲା । ଫଳସ୍ୱରୂପ, ରକୟାଙ୍କ ଶିକ୍ଷା ବନ୍ଦ ହୋଇଗଲା। କିନ୍ତୁ ରୁକାୟା ନିରାଶ ହେଲେ ନାହିଁ। ରାତିରେ ଯେତେବେଳେ ଘରେ ସମସ୍ତେ ଶୋଉଥିଲେ, ସେ ନିଜ ଭାଇ ଇବ୍ରାହିମଙ୍କ ସହିତ ମହମବତୀ ଦ୍ୱାରା ଅଧ୍ୟୟନ କରୁଥିଲେ । ସେ ତାଙ୍କ ଭାଇଙ୍କ ଠାରୁ ଇଂରାଜୀ ଏବଂ ବଡ ଭଉଣୀରୁ ବଙ୍ଗାଳୀ ଅଧ୍ୟୟନ କରିଥିଲେ । ତାଙ୍କ ବଡ ଭଉଣୀ କରିମୁନିସା ତାଙ୍କ ଜୀବନର କଠିନ ସଂଘର୍ଷ ପାଇଁ ପ୍ରେରଣା ଉତ୍ସ । ୧୮୯୬ ମସିହାରେ, ୧୬ ବର୍ଷ ବୟସରେ, ସେ ଭାଗଲପୁରର ବାସିନ୍ଦା ୪୦ ବର୍ଷିୟ ସୟଦ ଶେଖାୱତ୍ ହୁସେନ୍‌ଙ୍କୁ ବିବାହ କରିଥିଲେ।

ସେ ଜଣେ ବିଧବା ଥିଲେ। ତାଙ୍କର ପ୍ରଥମ ପତ୍ନୀଙ୍କ ଠାରୁ ତାଙ୍କର ଏକ ଝିଅ ମଧ୍ୟ ଥିଲା। ସେ ମହିଳା ଶିକ୍ଷାକୁ ବିସ୍ତାର କରିବା ପାଇଁ ତାଙ୍କ ପତ୍ନୀ ରୁକାୟାଙ୍କୁ ପ୍ରେରଣା ଦେଉଥିଲେ । ସେ ମଧ୍ୟ ଏହି କାର୍ଯ୍ୟରେ ସେମାନଙ୍କୁ ସାହାଯ୍ୟ କରୁଥିଲେ । ରୁକାୟାଙ୍କ ସ୍ୱାମୀ ୩ ମଇ ୧୯୦୯ ରେ ମୃତ୍ୟୁ ବରଣ କରିଥିଲେ। ସେତେବେଳେ ତାଙ୍କର ବୟସ ୨୯ ବର୍ଷ ଥିଲା । ଏହା ସତ୍ତ୍ୱେ ରୁକାୟାଙ୍କ ସାମାଜିକ କାର୍ଯ୍ୟକଳାପ ଜାରି ରହିଲା । ସେ ପ୍ରଥମେ ଭାଗଲପୁରରେ ଏବଂ ପରେ କୋଲକାତାରେ ଶେଖାୱତ୍ ମେମୋରିଆଲ ମହିଳା ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ବିଭିନ୍ନ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ମହିଳା ଶିକ୍ଷାକୁ ବିସ୍ତାର କରିବାର କାର୍ଯ୍ୟ ଜାରି ରହିଲା । ସାମାଜିକ ଗତିବିଧିରେ ଜଡିତ ଥିବାବେଳେ ସେ ସାହିତ୍ୟ ସୃଷ୍ଟି କରିବାର କାର୍ଯ୍ୟ ମଧ୍ୟ ଆରମ୍ଭ କରିଥିଲେ। ତାଙ୍କର ଏକ ପ୍ରସିଦ୍ଧ କାହାଣୀ ହେଉଛି "ସୁଲତାନାର ସ୍ୱପ୍ନ" । ଏହି କାହାଣୀ ଇଂରାଜୀରେ ଲେଖାଯାଇଥିଲା । ସେ ଏକ ଉପନ୍ୟାସ ମଧ୍ୟ ଲେଖିଥିଲେ। ତାଙ୍କର ନାମ ଥିଲା "ପଦ୍ମାରାଗ" । ଏହା ଥିଲା ଦରିଦ୍ର ମହିଳାମାନଙ୍କର କାହାଣୀ । ଏହା ବ୍ୟତୀତ ସେ ଅନେକ କାହାଣୀ, ପ୍ରବନ୍ଧ ଏବଂ କବିତା

ISSN NO.
2582-208X

ଲେଖିଥିଲେ। ତାଙ୍କର ଉଦ୍ଦେଶ୍ୟ ଥିଲା ମହିଳାମାନଙ୍କ ମଧ୍ୟରେ ସ୍ୱାଧୀନତାର ଭାବନା ସୃଷ୍ଟି କରିବା ଏବଂ ସେମାନଙ୍କୁ ମଣିଷ ଭାବରେ ନିଜ ପାଦରେ ଠିଆ କରିବା, ଯାହା ଦ୍ୱାରା ସେମାନେ ପୁରୁଷଙ୍କ ଉପରେ ନିର୍ଭର କରନ୍ତି ନାହିଁ। ମହିଳାମାନଙ୍କ ସମସ୍ୟା ଯଥା ବିବାହ, ଛାଡପତ୍ର ଇତ୍ୟାଦି ବିଷୟରେ ସେମାନଙ୍କୁ ଅବଗତ କରାଇବା ଏବଂ ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବା ଉଦ୍ଦେଶ୍ୟରେ ରୁକାୟା ସଂଗଠନ "ଅଞ୍ଜୁମେନ ଖାୱାତିନି ଇସଲାମ" ସୃଷ୍ଟି କରିଥିଲେ। ମହାନ ରୁକାୟାଙ୍କ ନେତୃତ୍ୱରେ ଏହି ସଂଗଠନ ସ୍ୱାଧୀନତା ଆନ୍ଦୋଳନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ସମାଜର ଅସହାୟ ମହିଳାଙ୍କ ପ୍ରତି ମଧ୍ୟ ତାଙ୍କର ଗଭୀର ସମବେଦନା ଥିଲା । ନିରନ୍ତର କଠିନ ପରିଶ୍ରମ, ଠିକ୍ ସମୟରେ ଖାଇବା ଏବଂ ବିଶ୍ରାମ ପାଇଁ ଉପଯୁକ୍ତ ଧ୍ୟାନର ଅଭାବ ହେତୁ ତାଙ୍କ ସ୍ୱାସ୍ଥ୍ୟ ଯଥେଷ୍ଟ ଖରାପ ହୋଇଗଲା । ଶେଷରେ, ସେ ତାଙ୍କ ଜନ୍ମଦିନ, ୯ ଡିସେମ୍ବରରେ ୧୯୩୨ ମସିହାରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ।

ଉଲ୍ଲେଖନୀୟ ବିଷୟ ହେଉଛି ରକୟା ସମାଜରେ ବିଦ୍ୟମାନ ଥିବା କୁ-ରିତି ଏବଂ ବିଶେଷ କରି ପୁରୁଷ ପ୍ରଧାନ ସମାଜରେ ମହିଳାଙ୍କ ପ୍ରତି ପୁରୁଷର ଯେଉଁ ଭାବନା, ତା ବିପକ୍ଷରେ ଯେଉଁ ଅବିରାମ ସଂଘର୍ଷ କରିଥିଲେ ସେସବୁର ଉପଯୁକ୍ତ ମୂଲ୍ୟାଙ୍କନ ଆବଶ୍ୟକ । କାରଣ ଆମ ସମାଜରେ ବର୍ତ୍ତମାନ ମଧ୍ୟ ସେହି ଭାବନା ବିଦ୍ୟମାନ । ପ୍ରତ୍ୟକ୍ଷ ଭାବେ ନଥିଲେ ମଧ୍ୟ ପରୋକ୍ଷ ଭାବେ ଠିକ ସେହି ପ୍ରକାର ରହିଛି । ତେଣୁ ତାଙ୍କର ସଂଘର୍ଷକୁ ନୂତନ ପିଢ଼ିକୁ ଜାରି ରଖିବାକୁ ପଡିବ । ତାଙ୍କର ଜୀବନ ସଂଘର୍ଷକୁ ପାଠ୍ୟକ୍ରମରେ ମଧ୍ୟ ସ୍ଥାନ ଦେବାକୁ ସରକାରଙ୍କ ପକ୍ଷରୁ ଚେଷ୍ଟା ହେବ ବାଞ୍ଛାନିୟ । ଆଜି, ସେହି ଗୁରୁତ୍ୱପୂର୍ଣ୍ଣ ଦିନରେ, ଆମେ ତାଙ୍କୁ ହୃଦୟରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁ ।

ଆବାହକ
ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ, ସୁଜନପୁର, ଯାଜପୁର
୯୩୪୮୭୬୮୮୧୨

ISSN NO.
2582-208X

# ଆସ ହେ ନୂଆ ବରଷ



ନରେନ୍ଦ୍ର ପ୍ରସାଦ ବେହେରା

ଆନନ୍ଦ ଉଲ୍ଲାସେ ଆସି ନବ ବର୍ଷ
ଭରିବ କେତେ ଆନନ୍ଦ
ଗଲାବେଳେ ଯିବ ଦେଇ ମନଦୁଃଖ
ପାଇବା ସର୍ବେ ବିଷାଦ ।୧।

କିଏ କରେ ସୁଖ ଅବା ପାଏ ଦୁଃଖ
ତଥାପି ଚାଖନ୍ତି ସ୍ୱାଦ
ଯିବା ବେଳେ କେହି କରେନି ଆଦର
ସମସ୍ତେ କହନ୍ତି ଖେଦ ।୨।

ସମୟ କା ପାଇଁ ହୁଏନି ନିଷ୍ଠୁର
ସବୁତ କର୍ମର ଦୋଷ
କର୍ମେ ଯାହା ବିଧି ଲେଖିଛି ଘଟିବ
ରହିଯିବ ଅବସୋସ ।୩।

ମୁଣ୍ଡଟେକି ଆଜି ସଜେଇ ହେଲାଣି
ଆସିବ ନୂଆ ବରଷ
ନୂଆ ପରଶରେ ମସଗୁଲ ହେବା
ମୁଖରେ ଫୁଟାଇ ହସ ।୪।

ରାତି ତ ପାହିବ ପାହିବା ହେଲାଣି
ଆସ ହେ ଭଉଣୀ ଭାଇ
ହସିହସି ଆମ୍ଭେ ବିଦାୟ ଯେ ଦେବା
ନୂଆ ବର୍ଷକୁ ଅନାଇ ।୫।

ରଖିବାନି ମନେ ରାଗ ଅହଂକାର
ସବୁକୁ ପାଶୋରି ଦେବା
ପୁରୁଣା ବର୍ଷର ଯେତେ ଅଭିମାନ
ସେସବୁ ଭୁଲିଣ ଯିବା ।୬।

ISSN NO.
2582-208X

ବିଦାୟ ବେଳାରେ ସଦୟ ହୋଇବା
କରିବାରେ ଆଲୋଚନା
ଜଗତ ବାସୀଙ୍କ ମଙ୍ଗଳ ପାଇଁକି
ଲେଖିବା ନୂଆ ରଚନା ।୭।

ବୋହି ଯିବ ନୀର ହୋଇ ଖରଖର
ଆଖିର ଲୋତକ ଧାର
ଜଗତ ଠାକୁର କରିବେନି ପର
ଶୁଝିବା ଧାର ଉଧାର ।୮।

ମନରେ ଆନନ୍ଦ ଭରିଦେବେ ପ୍ରଭୁ
ସମସ୍ତେ ହୋଇବା ଧନ୍ୟ
କରିବେନି ହେଳା ପ୍ରଭୁ ଚକାଡୋଳା
ମଣନି ତାଙ୍କୁ ସାମାନ୍ୟ ।୯।

ବାଜିଲାଣି ଘଣ୍ଟି ହେଲାଣି ତ ବେଳ
ମନକୁ କର ଉଶ୍ୱାସ
ରାଗ ଭୁଲି ମନୁ ଆହ୍ୱାନ କରିବା
ଆସ ହେ ନୂଆ ବରଷ ।୧୦।

ଆଳଦା, ଖଇରା, ବାଲେଶ୍ୱର

ISSN NO.
2582-208X

# ପ୍ରଜାପତି



ଅଲେଖ ମେହେର

ଟିକି ପ୍ରଜାପତି ମୋ'ହସ୍ତେ ବସି
ସପ୍ତ ରଙ୍ଗ ବସ୍ତ୍ରେ ବାନ୍ଧଇ ରସି।
ପ୍ରସୂନ ମଣିଲା କି ତରୁ ବଲ୍ଲି,
ବାସ ଛୁଟିଲା କି ବାତରେ ମଲ୍ଲୀ ।
ମୁଁ ତ ସ୍ୱାର୍ଥୀ ନର,
ଲାଖିଲା ତାହାର  ପକ୍ଷେ ନଜର ।
ଭିଡି ଧରିବାକୁ ବଲାଇ ମନ,
ସନ୍ତର୍ପଣେ ହାତ କରେ ଗମନ ।
ବିବେକ କୁହଇ ସ୍ପର୍ଶରେ  ତୋର,
ସଙ୍କଟ ପଡିବ ଜୀବନେ ଘୋର ।
ସେ ଈଶ ଙ୍କ  ଦାନ,
ମଣିଷ ହୋଇ ତୁ ରଖୁ ନି ମାନ ।
ଚଞ୍ଚଳ ଚିତ୍ତ ମୋ  କୁହଇ ଧିର,
ତା'ରୂପ ମାଧୁରୀ କରେ ଅଧୀର ।
ଧାତା ଗଢିଅଛି କରି ଜତନ,
କାମିନୀରୁ ବଳି ଶ୍ରେଷ୍ଠ  ରତନ।
ଏ ଅମୂଲ ମୂଲ,
କୋଟି ଲାବଣ୍ୟରେ ହୋଇଛି ଠୁଳ ।

ଦ୍ୱନ୍ଦ ଭାବ ଜାଣି ଶତରଙ୍ଗିଣୀ,
ଉଡିଗଲା ଦୂରେ ମନକୁ ଜାଣି ।
ଅନୁଭବ କଲି ସ୍ୱର୍ଗୀୟ ସୁଖ,
ହେଲେ  ରହିଗଲା ପରାଣେ ଦୁଃଖ ।
କାମନା ମୋହର,
ଆଣିଥାନ୍ତା ଘାତ ପ୍ରାଣେ ତାହର ।
ଛନଛନ ମନେ ପ୍ରୀତି ପସରା,
ଫୁଲ ସାଥେ ମିଶୁ ରେ ମଧୁଝରା ।
ପରାଗ ସଂଙ୍ଗମେ ହସେ ଅଗଣା,
ଝରାଉ ମୋଦର ସ୍ନେହ ଝରଣା।
ଆସୁଥିବୁ ନିତି,
ଦେଖି ଯାଯାବର  ଲେଖିବ ଗୀତି ।

ବରପଦର
ଗୋବିନ୍ଦପୁର ବରଗଡ଼
ମୋ-୭୩୭୦୨୨୦୫୫୯

ISSN NO.
2582-208X

# ବୃଝ ସାହିତ୍ୟ ର ମୂଳ



ବିକାଶ କୁମାର ହୋତା

ଯାଇଥିଲି ଧାଇଁ ସାହିତ୍ୟ ଆସରେ
କବିତା ଆବୃତ୍ତି ପାଇଁ
କବିତା କୁ ମୋର ଆବୃତ୍ତି ପାଇଁ କି
ଅପେକ୍ଷା ରେ ଥିଲି ରହି ।।(୧)
ସମୟ ଆସିଲା ପଢ଼ିଲି କବିତା
ରହିଲେ ସଭିଏଁ ଚାହିଁ
ବିଚାର ମଣ୍ଡଳୀ କରିଲେ ବିଚାର
ପୁରସ୍କାର ଦେବା ପାଇଁ ।।(୨)
ହୋଇଲି ଚକିତ ନ ଥିଲା ବୋଲିକି
ଓଡ଼ିଆ କବିତା ନାମ
ଇଂରାଜୀ କବିତା ସ୍ଥାନ ପାଇଥିଲା
ଟାଙ୍କୁରି ଉଠିଲା ଲୋମ ।।(୩)
ସୂଚୀପତ୍ରେ ଥିଲା ଓଡ଼ିଆ କବିତା
ହୋଇପାରିବନି ଆନ
ଭାବିଲି ବସି ମୁଁ ଇଂରାଜୀ କବିତା
ପାଇଲା କିପରି ସ୍ଥାନ ।।(୪)
ଗୁଇନ୍ଦା ଭଳି ମୁଁ ପତା ଲଗାଇଲି
ଜାଣିଦେଲି ସତ କଥା
ସ୍ୱଜନ ଶୋଷଣ ତୋଷାମଦ ପଣ

ISSN NO.
2582-208X

ଘୂରିଗଲା ମୋର ମଥା ।।(୫)
ଶେଷରେ ଆସିଲା ସମ୍ବର୍ଦ୍ଧନା ପର୍ବ
ମାନପତ୍ର ଚର୍ଚ୍ଚା ବେଳ
ଭିତିରିଆ ବୁଝି ଜାଣିପାରିଲି ଯେ
ପଇସା ର ଏହା ଖେଳ ।।(୬)
ମନ ଦୁଃଖ ହେଲା ଫେରି ଆସିଲି ମୁଁ
ମନକୁ ବୁଝାଇ ଦେଇ
ଲଜ୍ଜାର ବିଷୟ ସାହିତ୍ୟ ର ମୂଲ
ବୁଝିପାରିଲେନି କେହି ।।(୭)
ମନ ବୁଝିଗଲା ଲେଖିବି ଯେ ଦିନେ
ଭଲ କବିତା ରୁ ଗୋଟେ
ଆପଣା ଛାଆଁକୁ ପ୍ରଶଂସା ମିଳିବ
ଦୁଃଖ ନ କରିବି ମୋଟେ ।।(୮)
ଶେଷରେ ଏତିକି କରୁଛି ବିନତି
ବୁଝ ସାହିତ୍ୟ ର ଭାବ
ସାହିତ୍ୟ ପ୍ରଚାର ପ୍ରସାର ହୋଇଲେ
ଭାଷା ମୋ ଆଗକୁ ଯିବ ।।(୯)

ଦକ୍ଷିଣକାଳୀ ରୋଡ୍
ବିଦ୍ୟାନଗର, ଢେଙ୍କାନାଳ

ISSN NO.
2582-208X

# ଅନ୍ଧ ବିଶ୍ୱାସ ର ଭେଲ୍ୟୁ



କାର୍ତ୍ତୀକେଶ୍ୱର ନାୟକ

ସାପ କାମୁଡିଲେ ମେଡିକାଲ ଭୁଲି
ଗୁଣିଆ ପାଖକୁ ଗଲୁ,
ବିଷ ଜ୍ୱାଳାରେ ଜୀବନ ହାରିଲେ
ଭାଗ୍ୟକୁ ଆଦରି ନେଲୁ...
ଆମେ ଶିକ୍ଷିତ, କେମିତି ହେଲୁ ?

ହାଡଫୁଟି ଅବା ବସନ୍ତ ରୋଗକୁ
ମା' ବୋଲି ପୂଜା କଲୁ
ଔଷଧ ବଦଳେ ଧୂପଦୀପ ଦେଇ
ଦେବୀଂକ ମେଲାଣି ଦେଲୁ...
ଆମେ ଶିକ୍ଷିତ, କେମିତି ହେଲୁ ?

ଘରର ବିଲେଇ ରାସ୍ତାପାର ବେଳେ
କମିଯାଏ ତା'ର ଭେଲ୍ୟୁ
ହଠାତ୍ ଗାଡିର ବ୍ରେକ ଦେଇ ଆମେ
ବିପଦ କିଆଁ ଡାକିଲୁ...
ଆମେ ଶିକ୍ଷିତ, କେମିତି ହେଲୁ ?

ISSN NO.
2582-208X

ବନ୍ଧ୍ୟା ବା ବିଧବା ଅଶୁଭ ର ନିନ୍ଦା
ପ୍ରତ୍ୟାଖ୍ୟାନ ତା'କୁ କଲୁ
ମହିଳା ପ୍ରଥମେ, ବସ୍ ଚଢ଼ିଲେ
ଅଶୁଭ ର ଆଖ୍ୟାଦେଲୁ.....
ଆମେ ଶିକ୍ଷିତ, କେମିତି ହେଲୁ ।

ଦଶ ଟଂକା ଦେଇ ଡେଉଁରିଆ ନେଇ
ଭାଗ୍ୟକି ବଦଳେ ଓଲୁ
ପେଚା ନୁହଁ ଆମ ଅଶୁଭ ର ପକ୍ଷୀ
ଏତ ମାନସିକ ଭୁଲ୍....
ଆମେ ଶିକ୍ଷିତ, କେମିତି ହେଲୁ ?

ଶୁଷ୍କ ତରୁ ଲତା ପଥର ମୃତ୍ତିକା
ଦେବତା ର ସ୍ଥାନ ଦେଲୁ
ସ୍ୱାର୍ଥ ସିଦ୍ଧି ପାଇଁ ଛେଳି କୁକୁଡ଼ା ର
ନିର୍ମମ ହତ୍ୟା କଲୁ....
ଆମେ ଶିକ୍ଷିତ, କେମିତି ହେଲୁ ?

ଶ୍ରୀବିହାର ବୌଦ୍ଧ
ମୋ: 7978128353

ISSN NO.
2582-208X

# ସମସ୍ୟା



ମୋନାଲିସା ପାଣିଗ୍ରାହୀ

ସମସ୍ୟା କାହାର ନାହିଁ  ଧନୀ, ଗରିବ ସମସ୍ତଙ୍କ ର ସମସ୍ୟା ଥାଏ । ହଁ ଧନୀ ସମସ୍ୟାକୁ ସାମ୍ନା କରିବାର କ୍ଷମତା ରଖିଥାଏ । ଟଙ୍କା ବଳରେ ଧନୀର ଗର୍ବ କିନ୍ତୁ ଗରିବ ପାଖରେ ନ ଥାଏ ଟଙ୍କା ନ ଥାଏ ଗର୍ବ ଥାଏ ତ କେବଳ ସ୍ୱାଭିମାନ। ପୁରାଣରେ ବର୍ଣ୍ଣନା ରହିଛି ଯେ ଗର୍ବ  ବେଶୀ ଦିନ ରହେ ନାହିଁ ସେ ମହାମାନୀ ଦୁର୍ଯୋଧନର  ହେଉ କି ତ୍ରିଲୋକାଧିପତି କଂସର ହେଉ । କାହାରି ଗର୍ବ ରହେ ନାହିଁ ଦୁର୍ଯୋଧନ ପାଇଁ କୌରବ ବଂଶର ପତନ ହେଲା ସେହିଭଳି  ଗର୍ବ ପାଇଁ କଂସର ନିଧନ ହେଲା । ତାହା କିଏ ବା ନ ଜାଣେ ତାହେଲେ ଗର୍ବ କରିବା କାହିଁକି ? ଆମର  ଏଠାରେ କଣ ଅଛି । ଯାହା  ବି ଅଛି ସବୁ ସେ ବିଶ୍ୱବିହାରୀ  ନାରାୟଣଙ୍କର । ତାଙ୍କରି ପାଇଁ ଆମେ ଏ ସଂସାରକୁ ଆସିଛେ ସେ ତ ଆମକୁ ଗର୍ବ ଦେଇ ନାହାଁନ୍ତି ତାହେଲେ ଏ ଗର୍ବ କାହିଁକି ? ଏ ସଂସାରରେ ସମସ୍ତେ ସମାନ ସମସ୍ତଙ୍କର ସମାନ  ଅଧିକାର ଅଛି । ତାହେଲେ ସବୁ କ୍ଷେତ୍ରରେ ଧନୀ କାହିଁକି ଆଗକୁ ଯାଉଛି । ଗରିବ ଟିଏ ର ସ୍ୱପ୍ନକୁ  ନିଜ ଗୋଡ଼ ତଳେ ଚାପି ଦେଇ ଚାଲିଛି ସେ ଉପରକୁ । ଅନ୍ୟର ସ୍ୱପ୍ନକୁ ମାରି ଦେଇ ସେ କେତେ ବା ଉପରକୁ ଯାଇ ପାରିବ । ଦିନେ ନା ଦିନେ ଖସି ପଡ଼ିବ ତଳେ ନିଶ୍ଚୟ। ଉପରକୁ ଯିବା ପାହାଚ ବି ମାଟିରେ ଯୋଡ଼ି ହୋଇ ଥାଏ । ତାହେଲେ ମଣିଷ ଉପରକୁ ଗଲା ପରେ ଯଦି ସେଇ ପାହାଚ ଭାଙ୍ଗି ଦିଏ ତାହେଲେ ସେ ତଳେ ନିଶ୍ଚୟ  ପଡ଼ିବ। ଧନୀର ଧନର ଗର୍ବ ଅଧିକ।

ଦିନକର କଥା ସୁଆଁରି ଗାଁରେ ଗୋଟିଏ ଗରିବ ପରିବାର ରହୁ ଥିଲେ । ପାଞ୍ଚ ପ୍ରାଣୀକୁ ନେଇ ତାଙ୍କ ପରିବାର। ବାପା, ମା, ଭାଇ, ଭଉଣୀ ସହିତ ଆନନ୍ଦରେ ଦିନ ଯାଉଥିଲା ।

ISSN NO.
2582-208X

ପିଲାମାନଙ୍କୁ ପାଠ ପଢ଼ାଇବାକୁ ତାଙ୍କର ପିତାମାତା ଅକ୍ଲାନ୍ତ ପରିଶ୍ରମ କରୁଥିଲେ। ତାଙ୍କର ସାନ ଝିଅ ମଧୁ କଲେଜ ଗଲା ସରକାରୀ କଲେଜରେ ପାଠ ପଢିଲା । ଯୁକ୍ତ ଦୁଇ କଳା ବିଭାଗରେ ପାଠ ପଢି ପରୀକ୍ଷା ଦେଇ ପରୀକ୍ଷାରେ ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହେଲା । ତା ପରେ ଫର୍ମ ଦାଖଲ କରାଗଲା ତାର ପ୍ରଥମେ ଗୋଟିଏ ବେସରକାରୀ କଲେଜ ରୁ ଆଡମିଶନ କରିବା ପାଇଁ ଫୋନ ଆସିଲା । ଫୋନ ଆସିଥିଲା ସତ କିନ୍ତୁ ଫୋନ କରିଥିବା ବ୍ୟକ୍ତି ଜଣକଙ୍କ କଥା ଶୁଣି ତାର ପାଦ ତଳୁ ମାଟି ଖସିଗଲା । ମା ପଚାରିଲେ କଣ ହେଲା ଝିଅ ? ମଧୁ କହିଲା ଆଡମିଶନ୍ ପାଇଁ ଟଙ୍କା ଦରକାର ତାହା ପୁଣି ୧୦୦୦୦ ଟଙ୍କା। ମା ଚିନ୍ତିତ ନ ହୋଇ କହିଲେ କରିବା ଆଡମିଶନ୍ ଟଙ୍କା ନ ହେଲେ ଆଡମିସନ୍ ହେବ କେମିତି ।

ମା ବାପା ଲାଗି ପଡନ୍ତି ପଇସା ଯୋଗାଡରେ । ନିଜର ବନ୍ଧୁ ବାନ୍ଧବ ସମସ୍ତଙ୍କୁ ପଇସା ପାଇଁ କହନ୍ତି କିନ୍ତୁ କେହି ହେଲେ ଦେଲେ ନାହିଁ । ପଇସା ଯୋଗାଡ଼ ହୋଇ ପାରିଲା ନାହିଁ । ସେତବେଳେ ବେବୀ ଭାବିଲା ଆଉ ସେ କଲେଜ ଯାଇ ପାରିବ ନାହିଁ ଠିକ୍ ସେହି ସମୟରେ ମଧୁର ଜଣେ ବାନ୍ଧବୀ ତାକୁ ଫୋନ କରି କି କହେ ସେ ଦବ ଟଙ୍କା । ମଧୁର ପରିବାର ଲୋକେ ବହୁତ ଖୁସି ହୁଅନ୍ତି ବେବୀ ସଙ୍ଗେ ସଙ୍ଗେ ତା ବାପାଙ୍କ ସହିତ ବାହାରି ପଡେ କଲେଜ ଅଭିମୁଖେ ।

ଆଡମିସନ୍ ହୋଇଗଲା କଲେଜ ଗଲା ପାଠ ପଢିଲା ପରୀକ୍ଷା ଦେଇ କଲେଜରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିଛି। ତା ପରେ ପୁଣି ତାର ପରିବାର ଲୋକେ ତାକୁ ପାଠ ପଢ଼ାଇବା ପାଇଁ ଲାଗି ପଡନ୍ତି । ବେବୀର ପାଠ ପଢା ସରିଲା ସବୁ ପରିଶ୍ରମର ଅନ୍ତ ଘଟିଲା ତାର ପରିବାର ଲୋକଙ୍କର ଦୁଃଖ ଗଲା ବେବୀକୁ ମିଳିଲା ଗୋଟିଏ ସରକାରୀ କଲେଜରେ ଅଧ୍ୟାପିକା ଚାକିରି । ଏତିକି ନୁହେଁ ଚାକିରି କରିବା ପରେ ମଧ୍ୟ ତାର ବନ୍ଧୁ ବାନ୍ଧବ ସମସ୍ତେ ତାଙ୍କୁ ଇର୍ଷରେ ଜଳିବାକୁ ଲାଗିଲେ ।

ଏମିତି ବି ଦୁନିଆରେ ଲୋକ ଅଛନ୍ତି ଯିଏକି ମାଗିଲେ ଦେବେ ନାହିଁ ଓ ନିଜେ ପରିଶ୍ରମ କରି ଟଙ୍କା ରୋଜଗାର କଲେ ସହି ପାରିବେ ନାହିଁ। ଆମେ ଯଦି ଏ ସଂସାରକୁ ଆସିବା ସମୟରେ କିଛି ଆଣିକି ଆସୁ ନାହିଁ, ଗଲା ବେଳେ କିଛି ନେବା ନାହିଁ ତାହେଲେ ଏତେ

ISSN NO.
2582-208X

ଗର୍ବ, ଇର୍ଷା କାହିଁକି । ଗର୍ବ ଦିନେ ନା ଦିନେ ନିଶ୍ଚୟ ଖର୍ବ ହେବ । ଆମର ସମାଜ ପାଇଁ ଗର୍ବ, ଇର୍ଷା ବହୁତ ବଡ଼ ସମସ୍ୟା । ଏହି ସମସ୍ୟାକୁ ଗୁରୁତ୍ୱ ଦେବା ଆବଶ୍ୟକ ଓ ଏହାକୁ ଆମ ସମାଜରୁ ଦୂରେଇ ଦେବା ଆବଶ୍ୟକ । ସମସ୍ୟା ଠାରୁ କେହି କୌଣସି ଆଡେ ଯାଇ ପାରିବେ ନାହିଁ । ଦିନେ ନା ଦିନେ ତାକୁ ସାମ୍ନା କରିବାକୁ ପଡ଼ିବ ।ବାସ୍ତବରେ ସମସ୍ତଙ୍କ ଜୀବନରେ ଚାଲିଛି ସମସ୍ୟା ସମସ୍ୟା ସମସ୍ୟା ସମସ୍ୟା କେବଳ ସମସ୍ୟା ।

ନନ୍ଦପଡ଼ା, ସମ୍ବଲପୁର

ISSN NO.
2582-208X

# ଅଭିମାନ



ରଶ୍ମିତା ନାୟକ

ଜହ୍ନ ପଚାରୁଛି କୁହ ମେଘମାଳା
କିମ୍ପାଇ ମଉନେ ବସି
ଅଶିଣରେ ତୁମ ଝଡି ପ୍ରତାପରେ
ଧନ କ୍ଷେତ ଥାଏ ହସି ॥

ଧିମେଇ ଧିମେଇ ଶ୍ରାବଣେ  ବର୍ଷିଲ
ହେଲଣି ଏତେ କୃପଣ
ତୁମ ବିରହରେ ମର୍ତ୍ତେ ଚାଷୀକୁଳ
ହୁଏ କେତେ ହୀନିମାନ ॥

ହେ କାକରକର ଶୁତିକର  ଗିର
ନଭ ପୃଷ୍ଠେ ଥାଅ ରହି
ତୁମରି ଅଙ୍ଗର ଜୋଛନା ପରଶେ
ଜ୍ୟୋସ୍ନା ପରିପ୍ଲୁତ ମହୀ ॥

ମୁହିଁ ବସିଅଛି ଅଭିମାନ କରି
ପୃଥିବୀବାସୀ ଉପରେ
ଋତୁ ମାସ ନେଇ ବର୍ଷି ନପାରଇ
ଅପବାଦ ଶୁଣି ମରେ ॥

କାହାକୁ କହିବି କିଏସେ ଶୁଣିବ
ମୋହରି ଅନ୍ତର କଥା

ISSN NO.
2582-208X

ପରିବେଶଟିକୁ  ପ୍ରଦୂଷଣ କରି
ସଭିଏଁ ଭୋଗନ୍ତି ଦଶା ॥

ବାତ ମଣ୍ଡଳର ସନ୍ତୁଳନ ଭାର
ଅସନ୍ତୁଳିତ ହୁଅଇ
କଳ କାରଖାନା  ମଟର ଧୂଆଁରେ
ଆକ୍ତା ମାକ୍ତା ମୋର ଦେହୀ ॥

ତମସ୍ୱିନୀ କାଳେ ସାଗରାମ୍ବରାରୁ
ସାଗରେ ଉତପ୍ତ ବାୟୁ
କ୍ଷିତି ଭାଗେ ଯିବା ଶୀତଳ ସମୀର
ଦେଉନି ଅର୍ଣ୍ଣବ ଆଉ ॥

ତୋୟ ସ୍ତର ନିତି କ୍ଷୀଣ ହୋଇଯାଏ
ଅତି ଦୂଷିତ ବାରିଧି
ଅମ୍ବୁ ଚକ୍ର ହୁଏ ଅନିୟମିତତା
ରହୁଅଛି ଅବରୋଧୀ ॥

ଦେଖ-ନିଶାକର  ଅଭିମାନେ ମୋର
କେତେ ଛଟପଟ ଜନ
ତଥାପି ଚେତନା ନକରେ ମାନବ
ରୋପୁ ନାହିଁ  ବୃକ୍ଷ ମାନ ॥

ବିଳାସ ବ୍ୟସନ  ପାଥେୟ କରିଣ
ସ୍ୱାର୍ଥ ପଛରେ ଧାବନ୍ତି
ଅଟ୍ଟାଳିକା ମାନ ଠିଆ କରି ଦେଇ
ପ୍ରକୃତିକୁ ପାସୋରନ୍ତି ॥

ଜଗତସିଂହପୁର

ISSN NO.
2582-208X

# ଶରତ ଋତୁ

ସସ୍ମିତା ପାତ୍ର

ଶରତଋତୁ ର ଶାରଦୀୟ ପର୍ବ
ମାଁ ଦୁର୍ଗାଙ୍କର ଆଗମନେ
ଶୁଭ୍ର କାଶତଣ୍ଡୀ ଶୋଭେ
ଶାରଦୀୟ ର ଆଶିଷ ଲଭେ ।

ମାଁ ଆସିଛନ୍ତି ଧରା ପୃଷ୍ଠେ ଅବତରୀ
ଦିବ୍ୟ ଦଶ ଭୁଜା ଧାରୀ
ଭବ ସାଗର ରୁ ପାରି
ଦୁଷ୍ଟ ଙ୍କର ନିଁପାତ କରି
ସଂସାରରୁ କ୍ଲେଶ ଦୂର କରି ।

ଚାଲିଛି ଯୁଦ୍ଧ ମଣିଷ ମଣିଷ ମଧ୍ୟେ
ଗର୍ବ, ହିଂସା ର ରିପୁ ଧରି
ହିଂସା, ଦ୍ୱେଷ ରେ ପରିପୂର୍ଣ ଏହି ବିଶ୍ୱ
ଖଣ୍ଡନ କର ମାଁ ଗୋ
ମହିଷାସୁର ରୂପି ରାକ୍ଷସ
ସଂସାରକୁ ଶାନ୍ତ କର ମା
ନ ହେଉ ତୃତୀୟ ବିଶ୍ୱ ଯୁଦ୍ଧ
ତୁମେ ପାଖରେ ଏତିକି ପ୍ରାର୍ଥନା
ମୋର ....

Xlri, ଜାମେସଦପୁର
9031816528

ISSN NO.
2582-208X

# ଛନ୍ଦ କବିତା-
# ବିରହିଣୀ



ସତ୍ୟନାରାୟଣ ମିଶ୍ର

ଅଧିରେ ସଧିରେ ଭାଷେ ବିଧୁମୁଖୀ
ବିଧି କି  ବି ଧିକ୍କାରି ତ
କି ଦୋଷେ ପ୍ରବାସେ  ବାସ କଲେ ବନ୍ଧୁ
ବାନ୍ଧବୀ କୁ ପାସୋରି ତ ।

ନୀଳ ନଭେ ନୀଳ ନିରଦେ ଚପଳା
ଦେଖି ସୁଖି ଶିଖି ଚିତ୍ତ
ମାନସ ଶିଖି ମୋ ଲଭେ ଯା ଆରତ
ତାଙ୍କୁ କିବା ଅବଗତ  ?

ଶରତାନ୍ତେ ହିମ  ଗତ ପ୍ରାୟ ଏ ତ
ଶୀତ ହୁଏ ଉପଗତ
ବିଗତ ସତତ ସ୍ମୃତି ଅପ୍ରମିତ
ହେଲା ତାଙ୍କ ବିସ୍ମରିତ  ।

ଘନ କୁନ୍ତଳା ମୁଁ ଶକୁନ୍ତଳା ମତେ
ଦୁଷ୍ମନ୍ତ କଲେ କି ପ୍ରତାରିତ
ଅନ୍ତ ହୀନ ମମ ଅନ୍ତର ଦରଦ
ଦାର ଦୂର କଲେ ପ୍ରିୟ ମିତ ।

କାନ୍ତ ବିନା ଏକାନ୍ତ ମୁଁ ନାୟିକା
ତାଙ୍କୁ ଯାଇ ଦର୍ଶାଇବୁ ମୋ ଦୁର୍ଦ୍ଦଶା ଯା
ଆରେ କୁଜ୍ ଝଟି କା

ସିନ୍ଧେକେଲ୍
ବଲାଙ୍ଗୀର/9583605915

ISSN NO.
2582-208X

# ତମ କବିତା-ମୋ କବିତା

ଡ଼ ମାନସ ବେହେରା

ତମ କବିତା କବିତା ନୁହଁ
ସେଥିରେ ନାହିଁ ନଗ୍ନ ଚିତ୍ର
ତମ କବିତା କବିତା ନୁହଁ
ସେଥିରେ ନାହିଁ ଉଗ୍ର ପ୍ରେମର ବାସ୍ନା
ତମ କବିତା କବିତା ନୁହଁ
ସେଥିରେ ନାହିଁ ଯୁଦ୍ଧର ଉନ୍ମାଦନା
ତମ କବିତା କବିତା ନୁହଁ
ସେଥିରେ ନାହିଁ ଉଗ୍ର ଜାତୀୟତାବାଦର ଆହ୍ୱାନ
ତମ କବିତା କବିତା ନୁହଁ
ସେଥିରେ ନାହିଁ ଶୋଷଣର ଜୟଗାନ
ତମ କବିତା କବିତା କବିତା ନୁହଁ
ସେଥିରେ ନାହଁ ସ୍ୱାଧୀନତା ଉପରେ ତାନାଶାହୀ ଆକ୍ରମଣ

ମୋ କବିତା କବିତା
ସେଥିରେ ଅଛି ମୁକ୍ତିର ଆହ୍ୱାନ
ମୋ କବିତା କବିତା
ସେଥିରେ ଅଛି ମାନବିକତାର ଜୟଗାନ
ମୋ କବିତା କବିତା
ସେଥିରେ ଅଛି ଧାନ କଟାଳୀର ବାସ୍ନା
ମୋ କବିତା କବିତା

ISSN NO.
2582-208X

ସେଥିରେ ଅଛି ଫୁଲ ମିଂଜ୍ ତୋଳୁଥିବା ମହୁଲ ଫୁଲର ବାସ୍ନା
ମୋ କବିତା କବିତା
ସେଥିରେ ଅଛି ପଥର ଚିରି ଫୁଟିଥିବା ବଣୁଆ ଫୁଲର ବାସ୍ନା
ମୋ କବିତା କବିତା
ସେଥିରେ ଅଛି କେନ୍ଦୁ ପତ୍ର ଫଡିର ହିସାବ
ମୋ କବିତା କବିତା
ସେଥିରେ ଅଛି ଇଟାଭାଟି ଶ୍ରମିକର ସଂଗ୍ରାମ
ମୋ କବିତା କବିତା
ସେଥିରେ ଅଛି ଦାଦନ ଛୁଆର ପାଠ ନପଡିପାରିବାର କାହାଣୀ
ମୋ କବିତା କବିତା
ସେଥିରେ ଅଛି ୟୁକ୍ରେନ୍ ରେ କ୍ଷତାକ୍ତ ଶିଶୁର ଆର୍ତ୍ତନାଦ
ମୋ କବିତା କବିତା
ସେଥିରେ ଅଛି ଭିଡ ହିଂସା ବିରୋଧୀ ଆହ୍ୱାନ
ମୋ କବିତା କବିତା
ସେଥିରେ ଅଛି ହାଣ୍ଡିଆ ଖଟିରେ ଦନେଇ ଶବରର ନିଷ୍କପଟ ଚାହାଣୀ
ମୋ କବିତା କବିତା
ସେଥିରେ ଅଛି ଘିନୁଆମାନଙ୍କ କାହାଣୀ

ମୋ କବିତା ତମ କବିତାଠୁ
ବହୁ ଆଗରେ, ସୁନେଲି ସ୍ୱପ୍ନରେ ବିଭୋର,
ପାହାଡ ବୁକୁଚିରି ନୂତନ ସୂର୍ଯ୍ୟୋଦୟର
ଚିତ୍ରପଟ ଆଂକିବାରେ ମସଗୁଲ୍ ।

ISSN NO.
2582-208X

# ପ୍ରକୃତିର ଗର୍ଭରେ ବୌଦ୍ଧ



ଦେବାର୍ଚ୍ଚନ ମେହେର

ଏହି ପୃଥିବୀରେ ଯେତେ ବି ପ୍ରାଣୀ ଅଛନ୍ତି, ଯଥା:- କୀଟ ପତଙ୍ଗ, ସରୀସୃପ, ପଶୁ ପକ୍ଷୀ, ମନୁଷ୍ୟ ଆଦି ଅନେକ ପ୍ରାଣୀ ଏହି ପ୍ରକୃତି ଗର୍ଭରୁ ହିଁ ଜନ୍ମ ହୋଇଛନ୍ତି। ଏଥିରେ ତିଳେହେଁ ମାତ୍ର ସନ୍ଦେହ ନାହିଁ। ଭାରତ ଦେଶର ଓଡ଼ିଶା ରାଜ୍ୟର ମଧ୍ୟ ଭାଗରେ ବୌଦ୍ଧ ଜିଲ୍ଲା ଅବସ୍ଥିତ। ଏହି ପ୍ରକୃତିର ଗର୍ଭରେ ବୌଦ୍ଧ ଜିଲ୍ଲା ଅତ୍ୟନ୍ତ ସୌନ୍ଦର୍ଯ୍ୟମୟ ଦିଶେ ଏବଂ ସବୁଜ ରଙ୍ଗର ଓଢଣୀ ଦେଇ ଧରଣୀ ରାଣୀ ଏଠି ସର୍ବଦା ଖିଲି ଖିଲି ହସୁ ଥାଏ। ଯେଉଁଠି ଦେଖିଲେ ସବୁଜ ରଙ୍ଗର କୃଷିକ୍ଷେତ୍ରରେ ପରିପୂର୍ଣ୍ଣ ଏ ମୋ ଜନ୍ମ ଭୂମି ବୌଦ୍ଧ।

ପବିତ୍ର ଗଙ୍ଗାନଦୀ, ମହାନଦୀର ଜଳ ବୌଦ୍ଧର ପାଦ ଧୋଇଦେଇ ନିତି ବହି ବହି ଯାଏ। ମହାନଦୀ କୂଳରେ ପ୍ରଭୁ ଚନ୍ଦ୍ରଚୂଡ଼ ଏବଂ ପ୍ରଭୁ ମାତଙ୍ଗେଶ୍ୱର ପୂଜା ପାଉଛନ୍ତି । ତା ସହ ପ୍ରକୃତିର କୋଳେ ଜଳ ଗର୍ଭରେ ଆବିର୍ଭାବ ହୋଇ ପ୍ରଭୁ ସଙ୍କଟ ମୋଚନ ଶ୍ରୀ ହନୁମାନ ପୂଜା ପାଉଛନ୍ତି । ମାଳିସାହି ନିକଟରେ ଅବସ୍ଥିତ ଶ୍ରୀ ରାମେଶ୍ୱର ମନ୍ଦିର। ଏହି ମନ୍ଦିର ସୂକ୍ଷ୍ମ କାରୁକାର୍ଯ୍ୟରେ ଭରା। ଏ ମନ୍ଦିର ଭିତରକୁ ଗଲେ ଏ ମନ, ପ୍ରାଣ, ହୃଦୟ ଆନନ୍ଦିତରେ ପରିପୂର୍ଣ୍ଣ ହୋଇଯାଏ। ଯିଏ ବି ହେଉନା କାହିଁକି ଏ ମନ୍ଦିରକୁ ଥରେ ଦେଖିଦେଲେ ଆଖି ଲାଖିଯାଏ ସମ୍ପୂର୍ଣ୍ଣ ରୂପରେ ମନ କିଣି ନିଏ। ବାବା ସ୍ୱପ୍ନେଶ୍ୱରଙ୍କ ମନ୍ଦିର ଟୁଟୁସିଙ୍ଗାରେ ଅବସ୍ଥିତ ଏବଂ ନଦୀକୂଳରେ ପ୍ରଭୁ ଜଳେଶ୍ୱରଙ୍କ ମନ୍ଦିର ଅବସ୍ଥିତ। ଜଗତି ଗ୍ରାମରେ ଅବସ୍ଥିତ ଚାରିଶମ୍ଭୁ ମନ୍ଦିର ସେଠି ଏକତ୍ର ଭାବରେ ପ୍ରଭୁ ଶ୍ରୀହରି, ହର ଶୋଭା ପାଉଛନ୍ତି। ପ୍ରତିଦିନ ପ୍ରଭୁ ଶ୍ରୀହରି, ହରଙ୍କ ଦର୍ଶନ ପାଇଁ ଭକ୍ତ ଆସନ୍ତି କିନ୍ତୁ କାର୍ତ୍ତିକ ପୂର୍ଣ୍ଣିମାରେ ଅଧିକ ରୁ ଅଧିକ ଭକ୍ତଙ୍କ ଭିଡ଼ ଲାଗି ରହିଥାଏ। ପ୍ରକୃତି ଗର୍ଭରୁ ନଦୀକୂଳେ

ISSN NO.
2582-208X

ଉଭା ଦ୍ୱିତୀୟ ପାତାଳୀ ଶିବ ମନ୍ଦିର ରାମଗଡ଼ ଗ୍ରାମରେ ଅବସ୍ଥିତ। ଏହା ସହ ଧଳପୁରରେ ବାବା ଧବଳେଶ୍ୱର ପୂଜା ପାଉଛନ୍ତି।

ପ୍ରକୃତି କୋଳର ମଧ୍ୟଭାଗରେ ପ୍ରଭୁ ଜଗତର ନାଥ ଜଗନ୍ନାଥ ପୂଜା ପାଉଛନ୍ତି। ଅତି ସୁନ୍ଦର ଭାବରେ ସୁସଜିତ କରି ମହାବାହୁଙ୍କ ଦେଉଳ ନିର୍ମାଣ ହୋଇଛି । ବୌଦ୍ଧ ସହରର ରଥଯାତ୍ରା ସମୟରେ ପ୍ରଭୁ ଚକାଡୋଳାଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ଅଧିକ ରୁ ଅଧିକ ଲାଗି ରହିଥାଏ। ପ୍ରଭୁ ଜଗନ୍ନାଥଙ୍କ ଦର୍ଶନ ମାତ୍ରେ ସବୁ ଦୁଃଖ କଷ୍ଟ ଦୂର ହୋଇଯାଏ। ପ୍ରଭୁ ଜଗନ୍ନାଥ ହେଉଛନ୍ତି ଭକ୍ତଙ୍କ ଦରଦୀ ବନ୍ଧୁ। ଏଇ ମୋ ବୌଦ୍ଧ ମାଟିରେ ପ୍ରଭୁ ଶ୍ରୀରାମନାଥ ଆବିର୍ଭାବ କରିବା ସହ ପୂଜା ମଧ୍ୟ ପାଉଛନ୍ତି। ରାମଲୀଳା ଏବଂ ଦଣ୍ଡନୃତ୍ୟ ମଧ୍ୟ ଏଇ ମୋ ବୌଦ୍ଧ ମାଟିରେ ହୁଏ। ଅନେକ ଦର୍ଶକ ଖୁସି ମନରେ ଉପଭୋଗ କରନ୍ତି।

ବୌଦ୍ଧ ଜିଲ୍ଲାର ଇଷ୍ଟ ଦେବୀ ମାଆ ଭୈରବୀ ଠାକୁରାଣୀ ପୁରୁଣାକଟକର ବାଉଁଶ ବଣମୂଳରେ ପୂଜା ପାଉଛନ୍ତି। ମାଆ ଜଗତ ଜନନୀ ଭକ୍ତଙ୍କ ଡାକ ଶୁଣି ଭକ୍ତଙ୍କ ଇଛା ମଧ୍ୟ ପୂରଣ କରୁଛନ୍ତି। କଇଁଥତଳର ରାଣୀ ମାଁ ବୁଢ଼ୀବାଉରୀ ରାମଗଡ଼ ଗ୍ରାମରେ ପୂଜା ପାଇବା ସହ ଭକତର ମନ ବାଞ୍ଛା ପୂରଣ କରୁଛନ୍ତି ଏବଂ ତାଙ୍କରି ନେତ ସଦାସର୍ବଦା ଫର୍ ଫର୍ ଉଡୁଛି। ପାହାଡ଼ ପର୍ବତ କେତେ ଗଛ ଲତା ବୁଦାରେ ପରିପୂର୍ଣ୍ଣ ପ୍ରକୃତିର ସୌନ୍ଦର୍ଯ୍ୟରେ ଭରା ନାଏକପଡା ଗୁମ୍ଫା ଆମ ବୌଦ୍ଧ ମାଟିରେ ଅବସ୍ଥିତ। ଡମ୍ବରୁଗଡ ବାବାଙ୍କ ମଠ ନଦୀ ପାହାଡ଼ରେ ଘେରା ହୋଇ ପ୍ରକୃତିର କୋଳରେ ସୌନ୍ଦର୍ଯ୍ୟରେ ସମ୍ପୂର୍ଣ୍ଣ ରୂପେ ପରିପୂର୍ଣ୍ଣ ହୋଇ ଆହାଃ କି ମନୋହରା ଦିଶୁଛି। ପଦ୍ମତୋଳା, ସାତକୋଶିଆ  ଅଭୟାରଣ୍ୟ ଏହା ମୋ ବୌଦ୍ଧ ଜିଲ୍ଲାରେ ଅବସ୍ଥିତ। ଏହା ପ୍ରକୃତି କୋଳର ଗଣ୍ଡମଝିରେ ନୌବାହିକାରେ ଆସିଥିବା ପର୍ଯ୍ୟଟକଙ୍କୁ ନେଉଛି ମୋହି। ଏହା ସହ ମୋ ବୌଦ୍ଧ ଜିଲ୍ଲାରେ ଜଳପ୍ରପାତ କେତେ ଅଛି ରହି ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ହୋଇଛି କୁମ୍ଭିଧୋର୍, ଲତାଝୋର୍ ଏବଂ ସର୍ଗିପାଲି ଠାରେ।

ପ୍ରାଚୀନ ବୌଦ୍ଧକୀର୍ତ୍ତି ରାଜବାଟୀ ସମ୍ମୁଖରେ ଦେଖିବକୁ ମିଳେ। ଏବଂ ବୌଦ୍ଧର ବୁଦ୍ଧପାର୍କ ଓ ମ୍ୟୁଜିଓମ୍ ଠାରେ ସ୍ମୃତି ରୂପରେ ତାହା ସାଇତା ହୋଇ ରଖାହୋଇଛି। ବୁଦ୍ଧଙ୍କ ନାମରେ ନାମିତ ହୋଇଛି ମୋ ମାଟି ବୌଦ୍ଧ ଜିଲ୍ଲା। ମହାନଦୀ ବହି ଯାଇଥିବା ଗର୍ଭରେ ଦ୍ୱୀପ ଅଛି ନାମ ତାହାର ମର୍ଜାକୁଦ। ମହାନଦୀ ଗର୍ଭରେ ମହାନଦୀ ସେତୁ ନିର୍ମାଣ ହୋଇ

ISSN NO.
2582-208X

ଗମନାଗମନ କରିବା ପାଇଁ ସୁବିଧା ମଧ୍ୟ ଅଛି। ପବିତ୍ର ରଥଯାତ୍ରା, ଦଶହରା, ଦୀପାବଳୀ ଆଦି ଅନେକ ପର୍ବପର୍ବାଣୀ ପାଳନ କରାଯାଏ। ମୋ ବୌଦ୍ଧ ମାଟିରେ ବାରମାସରେ ତେର ପର୍ବ ପାଳନ କରାଯାଏ କହିଲେ ମଧ୍ୟ ଅତ୍ୟକ୍ତି ହେବ ନାହିଁ। ମହାନ୍ ମୋ ମାଟିର କଳା, ସଂସ୍କୃତି, ପରମ୍ପରା ମହାନ୍ ମୋ ବୌଦ୍ଧ ଜିଲ୍ଲା। ସବୁବେଳେ ରଖିଥାଏ ସଭିଙ୍କ ସଙ୍ଗରେ ଭାଇଚାରା ।

ମୋ ଜନ୍ମଭୂମି ମୋ ଜିଲ୍ଲା ବୌଦ୍ଧ
ମୋ ପାଇଁ ମହାନ୍,
ଭଲ ପାଉଅଛି ଭଲ ପାଉଥିବି
ସବୁଦିନ ଗାଉଥିବି ତାହାରି ଗୁଣ ଗାନ।।

ଗ୍ରାମ - ବାପୁଜୀନଗର, ଜିଲ୍ଲା - ବୌଦ୍ଧ
ମୋ - ୭୮୯୪୩୪୩୫୫୨

ISSN NO.
2582-208X

# ବିଦାୟ



ସୁହଂସ ଭୋଇ

ଡେଇଁ ବଣ ବିଲ ସରିତରେ ଜଳ
ବହଇ ତଳକୁ ତଳ
ଲେଉଟି ଆସେନି ପଛକୁ ସେ କେବେ
ଚାଲୁଥାଏ ଅନୁବେଳ....

କୋଳେଇ ନେଇଛ ଏନ୍ତୁଡ଼ିଶାଳରୁ
କେତେ ନୂଆ ଅଭ୍ୟାଗତ
ମଶାଣିର ପାଶେ ଛାଡିଛ ବିରସେ
ଭଜି ରାମ ନାମସତ୍ୟ....

ଶିଖେଇଛ ଚାଲି ଶିଖେଇଛ ବୋଲି
ମୁଖେ ଦେଇଅଛ ହସ
ନିରାଶ ସମୟେ ଭରିଛ ସାହସ
ମନେ ଦେଇଛ ବିଶ୍ୱାସ...

କେତେ ହୁଳହୁଳି ବାଜିଛି ପେଁକାଳୀ
ଦେବ ପ୍ରଜାପତି ଗଢି

ISSN NO.
2582-208X

ଦେଇଛନ୍ତି ଯୋଡି ମନ ସାଙ୍ଗେ ହୃଦ
ଜୀବନ ରଥ ଦଉଡି......

ଦେଶର ଅମାରେ ଭରିଦେଲ କେତେ
ଫୁଲ ଫଳ ଶସ୍ୟବୀଜ
ଋତୁଚକ୍ର ରୀତି ନିତୀ ଅନୁସାରେ
ସାଜିଛ ନିଜକୁ ନିଜ.....

ସୁଖ ସାଙ୍ଗେ ଦୁଃଖ ଦେଇଛ ଅନେକ
ରଖୁନି ମନରେ ଦ୍ୱେଷ
ଶ୍ରମ ଅନୁଯାୟୀ ମିଳିଅଛି ଫଳ
ତିଳେ ନାହିଁ ଅବଶୋଷ....

ଛାଡିବାକୁ ଜମା ମନ ବଳୁ ନାହିଁ
ଲାଗୁଅଛି ଅସହଜ
ନିୟତି ନିର୍ଦ୍ଦେଷ ଅଛି ନିରୂପିତ
ବିଦାୟ ତ ଅନିର୍ବାର୍ଯ୍ୟ....

ପହଣ୍ଡି, ବରଗଡ଼

ISSN NO.
2582-208X

# ଅନନ୍ୟା ଅନୁପମା



ନରଞ୍ଜନ ସାହୁ

ତୁମେ ମାନମୟୀ ତୁମେ ପ୍ରୀତିମୟୀ
ତୁମେ ପ୍ରେମମୟୀ  ପ୍ରିୟା
ତୁମେ ଗୋ ଅନନ୍ୟା ତୁମେ ଅନୁପମା
ଘେନ ମୋର ପ୍ରତିକ୍ରିୟା  ।।

ତୁମେ ନିରବିଲେ  ନିରବି ଯାଏ ମୋ
ଲେଖନୀ ମୁନରେ ଭାଷା
ତୁମେ ଦୁରେ ଗଲେ ଦୂରେଇ ଯାଏ ମୋ
ସ୍ୱପ୍ନ ବିଜଡିତ ଆଶା  ।

ତୁମେ ହସିଦେଲେ ମୋ ମନରେ ଭରେ
ଅନେକ ଉଦ୍ଦାମ ଶକ୍ତି
ତୁମେ ଭକ୍ତିମତୀ ପାଲଟି ଗଲେ ଗୋ
ମୋ ମନେ ଜାଗଇ ଭକ୍ତି  ।।

ତୁମେ ରୁଷିଗଲେ ଲୁହ ଝରାଇଲେ
ମୁହିଁ ବିଚଳିତ ହୁଏ
ତୁମ ବୀଣାଜିଣା କଥା ଶୁଣି ଦେଲେ
ହସଖୁସି ଭାଗ୍ୟ ଥୁଏ  ।।

ISSN NO.
2582-208X

ତୁମ ବେଶ ତୁମ ପରିପାଟି ଦେଖି
ହୁଏ ମୁହିଁ ଆନମନା
ତୁମ ଚିଠି ଯେବେ ମୁହିଁ ପାଇଯାଏ
ସ୍ୱପ୍ନ ଆଙ୍କେ ଅନାବନା ।।

ତୁମରି ବିକଳ୍ପ ତୁମେ ହିଁ କେବଳ
ନିମିତ୍ତମାତ୍ର ମୁଁ ଅଟେ
କବିଟିଏ ହୋଇ ଲେଖନୀ ଧରି ମୁଁ
ନିତି ତୁମ ପଦେ ଖଟେ ।।

ନିହଲପ୍ରସାଦ, ଗନ୍ଦିଆପାଟଣା, ଢେଙ୍କାନାଳ
ମୋ :-- ୯୯୩୮୭୪୧୫୮୩

ISSN NO.
2582-208X

# ପ୍ରବଚନ



ଅମୃତନାରାୟଣ ଶତପଥୀ

ଉତ୍ତମ କଥା ବା ବିଚାର ବସ୍ତୁକୁ ବ୍ୟଙ୍ଗେ କହେ ପ୍ରବଚନ,
ଜାଣ ସେହି ବ୍ୟକ୍ତି ଅବୁଝା ହୋଇ ଦିନେ ହରାଏ ହିତାହିତ ଜ୍ଞାନ।(୧)

କଥା ବା ବିଚାର ସମ୍ପୂର୍ଣ୍ଣ ନ ଶୁଣି ଅଧାରୁ ଯେ କଥା କାଟେ,
ଜାଣ ତା ପିଠିରେ ପଡିନାହିଁ ବୋଧେ ଶୃଙ୍ଖଳା ଦଣ୍ଡରୁ ଛାଟେ।(୨)

ଅନ୍ୟକୁ ନ୍ୟୁନ ଦେଖାଇବା ପାଇଁ ଯେଉଁ ବ୍ୟକ୍ତି ଅବା ଗୋଷ୍ଠୀ ଯେ ଚାହେଁ,
ଉତ୍ଥାନ ଅପେକ୍ଷା ପତନର ଗତି ତାଙ୍କର ଯେ କ୍ଷୀପ୍ର ହୁଏ।(୩)

ଯେଉଁ ବ୍ୟକ୍ତି ନିଜ ସୁବିଧା ପରିସର ଛାଡିବାକୁ ଯେ ଅମଙ୍ଗ,
ଜାଣ ତା ଜୀବନ ନାଆ ର ନାଉରୀ ଅନ୍ୟ କେହି ମୋଡେ ମଙ୍ଗ।(୪)

ଯିଏ ନିଜକୁ ପଚରା ହେଉଥିବା ପ୍ରଶ୍ନ ବୁଲାଇ ପ୍ରଶ୍ନ କର୍ତ୍ତାକୁ ପଚାରେ,
ତା ଠାରୁ ଆକାଂକ୍ଷା ରଖ ନାହିଁ କେବେ ସୁସଂଗଠିତ ବିଚାରେ।(୫)

ଭିନ୍ନ ଭାବଧାରା ଭିନ୍ନ ମନ ନେଇ ଯୁଗାନୁଯାୟୀ ମନୁଷ୍ୟ ଜାତି,
ଧାଇଁ ଚାଲିଥାଏ ଅବିରତ ପୁଣି ପାଇବାକୁ ଯଶ ଖ୍ୟାତି ।(୬)

ISSN NO.
2582-208X

ଜାଣି ଯେ ନଥାଏ ଏହି ସବୁ ଅଟେ ମନର ଯେ ମରିଚୀକା,
ଯାହା ସମୟାନୁକ୍ରମେ ବଢାଇଦିଏ ଜୀବନର ବିଭୀଷିକା।(୭)

ଶୁଦ୍ଧ କରି ନିଜ କର୍ତ୍ତବ୍ୟ କର୍ମ ତା ସହ ମନ ବଚନ,
ଇଶ୍ୱରଙ୍କୁ ପୁଣି ସର୍ବସ୍ୱ ନିଜର କର ସର୍ବେ ସମର୍ପଣ।(୮)

ପ୍ରକୃତ ଜ୍ଞାନ ପାଇବା ପଥକୁ କର ନାହିଁ ବିରୋଚନ,
ପଦେ ଦୁଇପଦ କଥାରେ କଟାକ୍ଷେ କୁହ ନାହିଁ ପ୍ରବଚନ।(୯)

ସତ୍ ସଂଗତିରୁ ମୁକ୍ତି ପାଇବାକୁ କଲେ କଟାକ୍ଷ ସୃଜନ,
ଶାନ୍ତ ମନପ୍ରାଣ ହେବ ନାହିଁ କେବେ ଯେତେ ଶୁଣିଲେ ବି ପ୍ରବଚନ।(୧୦)

ନୟାପଲ୍ଲୀ, ଜୟଦେବ ବିହାର, ଭୁବନେଶ୍ୱର

ISSN NO.
2582-208X

# ବାପା ମୁଁ
# ତୁମ ପରୀ



ଅମରନାଥ ବାରିକ

ବାପା ମୁଁ ତୁମର ଘର ଅଗଣାରେ ଟିକ ପରୀ
ସେନେହଁ ମମତା ଦେବ ଭୁବିବନ ପର କରି ।
ଆଜି ଅଛି କାଲି ଛାଡ଼ିଦେବ ଦୂରେ ବହୁ ଦୂରେ
ଆଉ କ କରିବି ଅଳ ତୁମପାଖେ ଶରଧାରେ !

ମାଆ ଲୋ ମୁଁ ତୁମ ସୁନା ହାତେ କୁନ କଣ୍ଢେଇଟେ
ଦିଅ ମୋ କପାଳେ ଗେଲକରି ମିଠା ଚୁମା ଗୋଟେ ।
ରହିଥିବି ହୋଇ ସାଗ୍ ଜୀବନ ଧାରୁଆ ତୁମର
ପାରିବିନ ତୁମ ଋଣ ସୁଝି ତୁମେ ଦେବୀ ମୋର ।

ଆଣିଲ ମୋତେ ଏ ଦୁନଆକୁ ତୁମେ ଦୁଃଖ ସହି
ଖୁସି ଦେଲ ମୋତେ ରାତି ରାତି ଉଜାଗର ରହି ।
ତୁମ ବଗିଗ୍ଚର କଢ଼ିଟିଏ ଶିଶୁ ନୁହେଁ ମୁହିଁ
ବିତରିବି ବାସ ପିତା ମାତା ତୁମ ନାମ ଗାଇ ।

ଝିଅ ହେଲି ବୋଲି କରିବନ କେବେ ମନ ଊଣା
ଚଳବି ସଂସାରେ କରିଣ ସଭିଙ୍କୁ ମୁଁ ଆପଣା ।

ISSN NO.
2582-208X

ନଜେ ଲୁହ ପିଇ ହସ ବାଣ୍ଟି ଦେବି ଦଶଗୁଣ।
ଝିଅ ପାଇଁ ସବୁ ସମ୍ଭବ ଜଗତ ଜନେ ଜଣା ।

ପଢ଼ିବି ବଢ଼ିବି ପାଠରେ ମୁଁ ହେବି ଆଗୁସାର
ଗଢ଼ିବି ସୁନ୍ଦର ଯନ୍ତ୍ର ନୂଆ ନୂଆ ବିଜ୍ଞାନର ।
ନାରୀକୁ ଭାବୁଛ ଅବଳା ଦୁର୍ବଳା ତୁମେ କଆଁ
ନାରାୟଣୀ ରୂପେ ଘରେ ଘରେ ହୋଇଥାଏ ଠିଆ ।

ଭଲ ପାଅ ମତେ ମିଳଯିବ ଅସରନ୍ତ ଖୁସି
ଐଶ୍ବରିକ ଦାନ ହୋଇ ତୁମ ପାଶେ ଅଛି ଆସି ।
ଖେଳବି ବାପାଗୋ ତୁମ କୋଳେ ମୁହିଁ ହସି ହସି
ରହିଥିବି ମାଆ ତୁମ ପଣତର ତଳେ ବସି ।

କନ୍ୟା ଭ୍ରୁଣ ଜାଣି କର ନାହିଁ ମୋର ସର୍ବନାଶ
ତୁମେ ମାଆ ଥିଲ ଝିଅଟିଏ ବଢାଇଲ ବଂଶ ।
ମତେ ମାରିଦେଲେ ମାଆ ମାନେ ଆଉ ଥିବେ କାହିଁ
ଝିଅ ପୁଅ ସବୁ ସମାନ ପାର୍ଥକ୍ୟ କର ନାହିଁ ।

କୟାଁ, ମଙ୍ଗଳପୁର, ଦଶରଥପୁର, ଯାଜପୁର
ଓଡ଼ିଶା, ପିନ୍ ନଂ - ୭୫୫୦୧୧
ଦୂରଭାଷ - ୯୫୪୦୩୦୮୦୯୫

ISSN NO.
2582-208X


# ଅପ୍ରିୟ ସତ୍ୟ



ଖଗେଶ୍ୱର ବାଗ

## ଭାଗ-୨୦

ପଢ଼ିଦେଲା 'ସତ୍ୟ' ବୋଲି। ଏହା ଶୁଣି ହୃଦୟ ସ୍ପନ୍ଦନ ହୀନ ହେଇଗଲା ମାଳତିର। ମନେ ପଡ଼ିଲା ଅତୀତର ପ୍ରତିଟି ମୁହୂର୍ତ୍ତ, ତା' ସହିତ ବିତାଇଥିବା ଦିନଗୁଡିକ। ମନେ ପଡ଼ିଲା ତା'ର ବିରସ ମୁଖମଣ୍ଡଳ। ଯେତେବେଳେ ମାଳତିର ପିଉସୀ ସତ୍ୟକୁ ନେଇ କିଛି କହିଲେ ଆତ୍ମହତ୍ୟା କରିବାର କଥା ଶୁଣି ସତ୍ୟ ଯେମିତି ଭାଙ୍ଗି ପଡିଥିଲା, ମନେ ପଡିଲା ସେହି ଦୃଶ୍ୟ। ମନେ ପଡ଼ିଲା ନବ ନିର୍ମିତ ଗୃହର ଗବାକ୍ଷ ଡେଇଁ ଭେଟିବାକୁ ଆସି କହିଥିବା କଥା। ମନେ ପଡିଲା ପ୍ରଥମ ଦେଖା, ପ୍ରଥମ ସ୍ପର୍ଶ, ପ୍ରଥମ ଆଲିଙ୍ଗନ। ନିମିଷକେ ଅତୀତର ସମସ୍ତ ବିମୋହିତ ଦୃଶ୍ୟ ରାଜି ମାନସ ପଟରେ ଝଲସି ଉଠିଲା। କ୍ଷଣିକ ପାଇଁ ସବୁ ଜୀବନ୍ତ ଲାଗିଲା। ସେ ଯେ ସତ୍ୟର ଅତି ପ୍ରିୟପାତ୍ର, ମନେ ମନେ ଗର୍ବ କଲା। ଯୌବନର ପ୍ରଥମ ପାହାଚରେ ଜଣେ ଚପଳ ଯୁବକକୁ ପାଇ ଥିବାରୁ ଆତ୍ମହରା ହୋଇ ଉଠିଲା। କିନ୍ତୁ, ପର ମୁହୂର୍ତ୍ତରେ ସମସ୍ତ ସୁଖଦ ଅତୀତ ଅଳୀକ ସ୍ୱପ୍ନ ପରି ମନେ ହେଲା। କେତେ ଭଲ ପାଉଥିଲା ସତେ! ମାଳତି ଆଜି ପରଦେଶୀ ଚଢ଼େଇ ଭଳି ବସା ଛାଡି ଚାଲି ଯାଉଛି ସବୁ ଦିନ ପାଇଁ। ଭାବିଛି, "ଶେଷ ଥର ପାଇଁ ତା'କୁ ଦେଖା କରିବି। ଭୁଲିଯିବା ଆଗରୁ ପୁଣି ଥରେ ପଦଟିଏ କଥା ହେବି।" ଏହି ଉଦ୍ଦେଶ୍ୟରେ ଘର ଭିତରୁ ସତ୍ୟକୁ ଚାହିଁଛି। ଭେଟିବା ନିମିତ୍ତ ପାଦ କାଢ଼ିଛି ଆଗକୁ। ହେଲେ କେଜାଣି କାହିଁକି ତା'ର ବିବେକଟା ତା'କୁ ପଛ ଆଡୁ ଟାଣି ଧରିଲା। ସତ୍ୟକୁ ଭେଟିବା ପାଇଁ ବାରଣ କଲା। କହିଲା, "ଜୀବନରେ ତା'କୁ ଯେତିକି ଦୁଃଖ ଦେଇଛୁ ତା' ପାଇଁ ତାହା ଯଥେଷ୍ଟ ଅଟେ। ତା'କୁ ଆଉ ଯାତନା ଦିଅ ନାହିଁ। ତତେ ନେଇ ତ ସେ ଖୁସି ଥିଲା। ତା' ସ୍ୱପ୍ନରେ ତୁ ତ କେବଳ ଆସିଥିଲୁ। ତୁ ଯଦି ତା'କୁ ଛାଡି

ISSN NO.
2582-208X

ଚାଲିଯାଉ ତେବେ ପୁଣି ଫେରି ଚାହିଁବା ଠିକ୍ ହେବ ନାହିଁ। ସେ ତୋ ସ୍ମୃତିକୁ ନେଇ ଅବଶ୍ୟ ବଞ୍ଚିନେବ ଏକା ଏକା।" ଅତି ଆପଣାର ମଣିଷକୁ ହରେଇ ଦେଲେ ବଞ୍ଚିବା ପାଇଁ ଆଉ ସ୍ପୃହା ଜନ୍ମେ ନାହିଁ। ଚାରି ଆଡେ ଅନ୍ଧାର ଲାଗେ। ସତେ ଯେପରି ପୃଥିବୀଟା ଘୂରିବା ବନ୍ଦ କରିଦିଏ। ଜନ ସମାଗମ ଜନ ଶୂନ୍ୟ ମନେହୁଏ। ଦିବସର କୋଳାହଳ ନିସ୍ତବ୍ଧ ନିଶି ପରି ଲାଗେ। ସରସ ଜୀବନରେ ନିରସତା ଭରି ଯାଏ। ଚଞ୍ଚଳତାରେ ଜଡତା ମାଡି ଆସେ। ଜୀବନରେ କୌଣସି ଅଭିଳାଷ କି ଉଦ୍ଦେଶ୍ୟ ଉଦ୍ରେକ ହୁଏ ନାହିଁ। ଲକ୍ଷ୍ୟ କେଉଁ ପଟେ ,ଗତି କେଉଁ ଦିଗେ ଜାଣି ହୁଏ ନାହିଁ।

ବିବେକ ପୁଣି କହୁଛି, "ତୋ ବଡ ଭାଇ ତୁମ ଦୁହିଁଙ୍କ ପ୍ରେମ ପ୍ରଣୟ ବିଷୟରେ ଅବଗତ। ଭଗବାନ ନକରୁ କିଛି ଗୋଟାଏ ଅଘଟଣ ଘଟିବା ପାଇଁ। କୁନ୍ତୀ ଯେପରି ନିଜ ପୁତ୍ର କର୍ଣ୍ଣକୁ ଗ୍ରହଣରେ ଅପବାଦର ସମ୍ମୁଖୀନ ଜାଣି ନିରବ ରହି ଯାଇଥିଲା ତତେ ଆଜି ସେମିତି କରିବାକୁ ହେବ। ଯାବତୀୟ ବେଦନାକୁ ଚାପିବାକୁ ହେବ। ଆଖିର ଲୁହକୁ ପିଇବାକୁ ହେବ। ଏହା ହିଁ ତୋ ପାଇଁ ଉଚିତ୍ ମାର୍ଗ,ତୁମ ଦୁହିଁଙ୍କ ନିମନ୍ତେ ମଙ୍ଗଳ।"

ବିବେକକୁ ହୃଦୟ ପଚାରିଛି,"ମୁଁ ମୋ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ କେମିତି ତା'କୁ ଭୁଲିଯିବି ? ତା' ମନ ମୋ ପାଖରେ ଆଉ ମୋ ମନ ତା' ପାଖରେ ବନ୍ଧା ପଡିଛି। ତା'ସହିତ ବିତାଇଥିବା ଅବିସ୍ମରଣୀୟ ଘଟଣା ସବୁ ଅତି ଯତନରେ ସାଇତି ରଖିଛି। କେମିତି ସେ ସବୁକୁ ଭୁଲେଇ ଦେବି? ଚାପିଥିବା ସକଳ ବେଦନା ଯଦି ବିସ୍ଫୋରିତ ହେବ ତେବେ ସେଥିରୁ ବର୍ତ୍ତି ପାରିବି କି? କେତେ ଦିନ ଏମିତି ଆଖିର ଲୁହକୁ ପିଇ ଚାଲିଥିବି ? ସେ ଯେ ମୋ ଜୀବନର ପ୍ରଥମ ଅତିଥି କେମିତି ତା'କୁ ଭୁଲିଯିବି?" ହୃଦୟର ଏହିପରି ଅସଂଖ୍ୟ ଜଟିଳ ପ୍ରଶ୍ନରେ ବିବେକ ନିରବୀ ଯାଇନାହିଁ। ଶିଶୁ ପ୍ରାଣରେ ଉଦ୍ରେକ ହୋଇଥିବା ଉଦ୍ଭଟ ପ୍ରଶ୍ନର ସରଳ ଓ ବୋଧଗମ୍ୟ ଉତ୍ତର ପ୍ରଦାନ କଲା ଭଳି ହୃଦୟକୁ ବିବେକ ଜଣାଇଛି। କହିଛି, "ଅତୀତ ବର୍ତ୍ତମାନର ପରିପନ୍ଥୀ ଏବଂ ଭବିଷ୍ୟତ ଗଠନରେ ଦୁର୍ଦ୍ଦଶାର କାରଣ ଅଟେ। ଏହା ଇତିହାସ କି ବିଜ୍ଞାନ ନୁହେଁ ଯେ ଅତୀତର ଅନୁଭୂତିକୁ ପାଥେୟ କରି ସମାଜ ଗଠନ ଦିଗରେ ସହାୟକ ହେବ। ଏହା ଅବାଞ୍ଛିତ ଭୁଲ ଅଟେ ଯାହା ଦାମ୍ପତ୍ୟ ଜୀବନରେ ଅଦିନିଆ ଝଡ଼ର ରୂପ ନେଇପାରେ। ଜୀବନ ସାରା ଅନୁତାପର କାରଣ ହେଇପାରେ। ତେଣୁ ଏ ପ୍ରକାର କ୍ଷଣିକ ସୁଖ ନିମିତ୍ତ ସାରା ଯୌବନ ଓ ଜୀବନକୁ ଅଯଥାରେ ନଷ୍ଟ କରିଦେବାର ପ୍ରୟୋଜନ ନାହିଁ। ପରବର୍ତ୍ତୀ ସମୟରେ ସ୍ୱାମୀ ଏ ବିଷୟରେ ଜଣିଲେ ଗର୍ବ

ISSN NO.
2582-208X

କରିବ କି? ନୁହେଁ, ତେବେ କାହିଁକି ଏହିପରି ଅବାନ୍ତର କଥା ଓ କ୍ଷଣିକ ମୋହରେ ପଡିବ? ସ୍ୱାମୀ ଅନ୍ତିମ ଯାତ୍ରା ପର୍ଯ୍ୟନ୍ତ ସାଥୀରେ ରହିବ। ପ୍ରେମିକ ଆଗାମୀ ଜୀବନ ଗଠନ ଓ ପରବର୍ତ୍ତୀ ସମୟରେ ପୁନର୍ବାର ଏକା ପ୍ରକାର ଭୁଲ ନହେବାର ସତର୍କ ଘଣ୍ଟି ମାତ୍ର। ତା'ର ସମ୍ପର୍କ ହୋଇପାରେ ଏକ ଛୋଟ ଅବିସ୍ମରଣୀୟ ମିଠା ଦୁର୍ଘଟଣା। ସେ ହୋଇପାରେ ପଥଚାରୀ, ସହଯାତ୍ରୀ; ଯିଏ ନିଜର ଲକ୍ଷ୍ୟ ପଥରେ ଅଗ୍ରସର ହେଉ ହେଉ କେହି ଜଣକୁ ଭେଟି ପଥ ଲାଘବ ନିମିତ୍ତ ଟିକିଏ ଆତ୍ମୀୟତା ଭରିଦିଏ। ଯଦିଓ ସେ ଚଲାପଥେ ଅନ୍ତିମ ଲକ୍ଷ୍ୟ ପର୍ଯ୍ୟନ୍ତ ସାଙ୍ଗରେ ଯାଏ ତେବେ ଚତୁର୍ଦ୍ଦିଗେ ଘେରି ରହିଥିବା ବିଲୁଆ, ଶ୍ୱାନର ଲୋଲୁପ ନୟନରୁ ବର୍ତ୍ତି ପାରିବ? ନିଜର ଓ ତୁମର ସୁରକ୍ଷା କରିପାରିବ? ଏହି ଘଡିସନ୍ଧି ମୁହୂର୍ତ୍ତରେ ସିଂହ କି ଶାର୍ଦ୍ଦୂଳ ସ୍ୱରୂପ ଅସାମାଜିକ ତତ୍ତ୍ୱର ଆକ୍ରମଣରେ ତା'ର ଜୀବନ ଚାଲିଗଲେ ତୁମର ଗତି କି ସ୍ଥିତି ରହିବ ବୋଲି ଆଶା କରୁଛ? ଯିଏ ନିଜର ପରାକ୍ରମରେ ପ୍ରକୃତିର ନିୟମ ପରିବର୍ତ୍ତନ କରିବାର ଅପଚେଷ୍ଟା କରେ ତା'କୁ ଭଗବାନ ବି କ୍ଷମା କି ସହାୟତା ପ୍ରଦାନ କରିବାର ଦୃଷ୍ଟାନ୍ତ ନାହିଁ। ତେବେ ତୁମେ କାହିଁକି ଆବେଗର ବଶବର୍ତ୍ତୀ ହୋଇ ବିଳାପ କରୁଛ? ସ୍ୱପ୍ନରେ ଆତ୍ମହରା ହେବା ପରିବର୍ତ୍ତେ ଜାଗ୍ରତ ହୁଅ।" ବିବେକର ଅନର୍ଗଳ ଅଭିଭାଷଣରେ ହୃଦୟ ବିଗଳିତ ହେଇ ଯାଇଛି। କୌଣସି ପ୍ରଶ୍ନର ଯୁକ୍ତିଯୁକ୍ତ ଉତ୍ତର ଆଜି ତା'ପାଖରେ ନାହିଁ। ଭାବିଛି, "ବିବେକ କେବେ ମୋ ବିରୁଦ୍ଧରେ ଯିବ ନାହିଁ। ସେ ଯାହା ବି କହିଛି, ସେଥିରେ ତା'ର ଟିକିଏ ବି ସ୍ୱାର୍ଥ ନାହିଁ। ମୋର ଲାଭ ପାଇଁ କହିଛି ନିଶ୍ଚୟ। ମୁଁ ଲୋକହସା ହେଲେ ସେ ବି ଅପଦସ୍ତ ହେବ। ଲୋକେ ତା'କୁ କହିବେ ବିବେକ କିଛି କାମର ନୁହେଁ ବୋଲି। ତେଣୁ ତା'ପାଇଁ ମୋର ଇପ୍ସିତ ଇଚ୍ଛାକୁ ବଳି ଦେବାକୁ ହେବ। ନିଜକୁ ନିଜେ ପଥର ହେବାକୁ ପଡିବ। ଯେତେବେଳେ ଏଇ ହୃଦୟରେ କୋହ ଉଠିବ ଭାବି ନେବି ଏହା ସତ୍ୟର ଚିରନ୍ତନ ଶାଶ୍ୱତ ସ୍ନେହର ଆହୁତି। ନିଆଁ ଲାଗିଲେ ଭାବିବି ମୋର ପୂତ ପବିତ୍ର ପ୍ରେମର ଅଗ୍ନି ପରୀକ୍ଷା। ଆଖିରେ ଲୋତକ ଝରିଲେ ଭାବି ନେବି ଆମ ଦୁହିଁଙ୍କ ଅନାବିଳ ପ୍ରେମର ଫଲଗୁ।"

ସତ୍ୟ ଆଉ ମାଳତିକୁ ଭେଟି ପାରି ନାହିଁ। ଯେଉଁ ଅଭିଳାଷ ନେଇ ଯାଇଥିଲା ବିବାହ ଘରକୁ ତାହା ଅସମ୍ପୂର୍ଣ୍ଣ ହୋଇ ରହିଗଲା। ଗୁରୁ ଆଶ୍ରମରୁ ନିଷ୍କାସିତ ଏକଲବ୍ୟ ଭଳି ମୁହଁ ଶୁଖେଇ ଫେରି ଆସିଲା ସେଠାରୁ। ତଥାପି ମାଳତିର ବିବାହଟା ଏ ପର୍ଯ୍ୟନ୍ତ ତା'କୁ ବିଶ୍ୱାସ ହେଲା ନାହିଁ। ଭାବିଲା, "ସତରେ କ'ଣ ମାଳତି ସବୁଦିନ ପାଇଁ ଚାଲିଯିବ! ତା'କୁ ଦେଖିବାର

ISSN NO.
2582-208X

ସୁଯୋଗ କି ସମୟ ସତରେ ଆଉ ମିଳିବନି!" ମାତ୍ର ----, ଦୂର ସମ୍ପର୍କୀୟଙ୍କ ସମାଗମ ଲାଗି ରହିଥିଲା। ଉପସ୍ଥିତ ଆବାଳ-ବୃଦ୍ଧ-ବନିତା ବ୍ୟସ୍ତ ଜଣା ପଡୁଥିଲେ। ବାଦ୍ୟଯନ୍ତ୍ରର ତାଳେ ତାଳେ ମଦ୍ୟପମାନଙ୍କର ନୃତ୍ୟ ଉପଭୋଗ୍ୟ ଲାଗୁଥିଲା। କେହି ଖୁସିରେ ଚିତ୍କାର କରୁଥିଲା ତ କେହି ଅନନ୍ଦରେ ଅଧୀର ହୋଇ ପଡୁଥିଲା। ଏହିପରି ନିଶାର୍ଦ୍ଧ ପର୍ଯ୍ୟନ୍ତ ଶୁଭା ଯାଉଥିବା କୋଳାହଳଟା କ୍ରମେ କ୍ରମେ ଦୂରେଇ ଯିବାକୁ ଲାଗିଲା। ତା'ପରେ ଚାରିଆଡ଼େ ନିଃସ୍ତବଧ, ଜନଶୂନ୍ୟ।

କ୍ରମଶଃ ---

ବୁଦ୍ଧିକୋମନା, ଜିଲ୍ଲା ନୂଆପଡ଼ା

ISSN NO.
2582-208X

# ଅବାନ୍ତର



ତ୍ରିପତି ପ୍ରଧାନ

ଚକ୍ ଚକଣିଆ ଖୋଳପା ଭିତରେ
ଅହମିକାର ମିଶନ
ବାହାସ୍ବଟ୍ ନେବାର
ଆକାଂକ୍ଷା
ଉଜାଡି ଦେବାର
ଗ୍ଳତୁର୍ଯ୍ୟତା
ଗାଜାସ୍ଥିତି
ହମାସାଙ୍କ ଢାଲ
ଆମ୍ ପ୍ରବଚନାର ନଭଷ୍ଟୁମ୍ବି ଅଟ୍ଟାଳିକା
ପାତାଳ ପୁରୀର
ଗୁପ୍ତପଥ
ଗଢିତୋଳିବାର  ରୂପସଜ୍ଜା
ରାଧେୟରୁ ଅଙ୍ଗରାଜ
ତଥାପି
ଫେରିବାର ପଥ ଆଜି
ଅବରୋଧ
ଇଚ୍ଛା ଅନିଚ୍ଛାର
ମିଛିମିଛିକାର
ମାୟା ଜାଲରେ
ଅଖଣ୍ଡ ତୋ ପଞ୍ଚପୁତ୍ର
ସୁଦର୍ଶନର ଘୂର୍ଣ୍ଣନ
ପଞ୍ଚଜନ୍ୟ ଶୁଭ ନାଦ
ଦିଶୁ କି ନ ଦିଶୁ
ଶୁଭୁ କି ନ ଶୁଭୁ
ପଶା ପାଲିର ଅଙ୍କ
ଜୁହାର ଭଟ୍ଟାର  ହୁଁକାର
ନୁହଁ  ଅବାନ୍ତର

ସଂସ୍କୃତ ଶିକ୍ଷକ,ଚକଟୀ,ଗଞ୍ଜାମ

ISSN NO.
2582-208X

# ମୋ ଜଗନ୍ନାଥ କେତେ ସୁନ୍ଦର



ବିଜୟ କୁମାର ସାହୁ

ମୋ ଜଗନ୍ନାଥ କେତେ ସୁନ୍ଦର
ତା ପୟର ସୁନ୍ଦର ତା ଗୁଳି ସୁନ୍ଦର
ତା ଠାଣି ସୁନ୍ଦର ତା ଗୁହାଣୀ ସୁନ୍ଦର
ମୋ ଜଗନ୍ନାଥ କେତେ ସୁନ୍ଦର
ତା ନୟନ ସୁନ୍ଦର ତା ଅଧର ସୁନ୍ଦର
ତା ବଦନ ସୁନ୍ଦର ତା ଭ୍ରୂଲତା ସୁନ୍ଦର
ମୋ ଜଗନ୍ନାଥ କେତେ ସୁନ୍ଦର
ତା ହସ ସୁନ୍ଦର ତା କଥା ସୁନ୍ଦର
ତା ବେଶ ସୁନ୍ଦର ତା ଭଙ୍ଗୀ ସୁନ୍ଦର
ମୋ ଜଗନ୍ନାଥ କେତେ ସୁନ୍ଦର
ତା ଶିର ସୁନ୍ଦର ତା ଟାହିଆ ସୁନ୍ଦର
ତା ମନ୍ଦିର ସୁନ୍ଦର ତା ବାନା ସୁନ୍ଦର
ମୋ ଜଗନ୍ନାଥ କେତେ ସୁନ୍ଦର
ତା ବେଢା ସୁନ୍ଦର ତା ଦାଣ୍ଡ ସୁନ୍ଦର
ତା ସାଗର ସୁନ୍ଦର ତା ପ୍ରସାଦ ସୁନ୍ଦର
ମୋ ଜଗନ୍ନାଥ କେତେ ସୁନ୍ଦର
ତା ଭାଇ ସୁନ୍ଦର ତା ଭଉଣୀ ସୁନ୍ଦର
ତା ଘରଣୀ ସୁନ୍ଦର ତା ପରିଘର ସୁନ୍ଦର
ମୋ ଜଗନ୍ନାଥ କେତେ ସୁନ୍ଦର

ISSN NO.
2582-208X

ତା ଭକ୍ତ ସୁନ୍ଦର ତା ଭାବ ସୁନ୍ଦର
ସବୁଠାରୁ ସୁନ୍ଦର ମୋ କାଳିଆ ସୁନ୍ଦର

*******

ଜଗନ୍ନାଥ ସଂସ୍କୃତି, ଜଗନ୍ନାଥ ଚେତନା ଓଡିଶା ଜନ ଜୀବନର ଏକ ପ୍ରାଣସ୍ପର୍ଶୀ ସ୍ପନ୍ଦନ । ପ୍ରତ୍ୟେକ ଓଡିଆ ଜୀବନରେ ସତେ ଯେପରି ଜଗନ୍ନାଥ ବସା ବାନ୍ଧି ରହିଛନ୍ତି । ସେଥିପାଇଁ ଆମେ ସମସ୍ତେ କହିଥାଉ ସର୍ବ ମଙ୍ଗଳମୟ ଜଗନ୍ନାଥ । ଜଗନ୍ନାଥ ବିନା ଆମ ପରିଚୟ ଅସଂପୂର୍ଣ୍ଣ ଓ ଅଧୁରା । ଜଗନ୍ନାଥଙ୍କୁ ନେଇ କେତେ କବିତା, କେତେ ଭଜନ, କେତେ ଜଣାଣ ଓ ରଚନା ସହିତ ଗବେଷଣା ଚାଲିଛି । ତାକୁ କିଏ ବା ମାପିପାରିବ ? ଏ ଧୃଷ୍ଟତା କାହାର ବା ଅଛି ? ଏଣୁ ଉପନିଷଦ କହିଲେ ନେତି ନେତି ନେତି । ମୁଁ ବା ସାମାନ୍ୟ ମଣିଷଟେ କେପରି ବର୍ଣ୍ଣନା କରିବି ସେ ପୂର୍ଣ୍ଣ ପୁରୁଷଙ୍କୁ । ମୁଁ ପରା ଅସମ୍ପୂର୍ଣ୍ଣ ଓ ବିନାଶୀ ଜୀବ ଟା । ତଥାପି କେଜାଣି ତାଙ୍କୁ ଚିନ୍ତା କଲେ ତାଙ୍କୁ ଟିକିଏ ମନେ ପକାଇଲେ ତାଙ୍କୁ ଟିକିଏ ଭାବିଲେ ମୋ ମନ ମୋ ଆତ୍ମା ଶୀତଳ ହୋଇଯାଏ ।

ବିଜିଗୋଳ, ଏନ ଟି ପି ସି, ଅନୁଗୋଳ
ମୋ - ୮୭୭୩୧୪୮୭୨୩

ISSN NO.
2582-208X

# ପ୍ରବେଶିଲା ଋତୁ ରାଜ



ପ୍ରଶାନ୍ତ କୁମାର ନାଥ

ଶୀତ ଅପସରି ଗଲାଣି ଧରାରୁ
ପ୍ରବେଶିଲା ଋତୁ ରାଜ
ଶ୍ୟାମଳ ପଲ୍ଲବେ ପଲ୍ଲବିତ ହୋଇ
ବୃକ୍ଷ ହୋଇଲେଣି ସଜ ।

ଆମ୍ରବନେ ପିକ ଦେଲାଣି ତ ଡ଼ାକ
ବସନ୍ତର ଆଗମନେ
ବଉଳ ଫୁଲର ଭୁରୁଭୁରୁ ବାସ୍ନା
ଭାସି ଆସେ ଦୂର ବନେ ।

ବସନ୍ତ ପଞ୍ଚମୀ ଯାଇଅଛି ଚାଲି
ଦେହକୁ ନ ଲାଗେ ଶୀତ
ଶୀତ ବସନକୁ ପରିତ୍ୟାଗ କରି
ସର୍ବେ ହୋଇଲେଣି ପ୍ରିତ ।

ଲାଗିଲାଣି ଭଲ ପ୍ରତ୍ୟୁଷର ବେଳ
ଭୋଅରୁ ଉଠିବା ପାଇଁ

ISSN NO.
2582-208X

କାକ ପିକ ବକ ସର୍ବ ପକ୍ଷୀ କୁଳ
ଉଚାଟେ ଅଛନ୍ତି ଚାହିଁ।

ବନ ଅଗଣାରୁ ଭାସି ଆସିଲାଣି
ମଧୁର ମହକ ବାସ
ସଜାଇ ହେଲାଣି ପ୍ରକୃତିର ରାଣୀ
ନବ ଯୌବନ ବେଶ।

ପଦ୍ମର ପୋଖରୀ ଦିଶିଲାଣି ଶୋଭା
ପଦ୍ମ କଢ଼ୀ ସବୁ ଫୁଟି
ସୁନିଳ ଅମ୍ବରେ ଦିନମଣି ହସି
ଦେଲେଣି କିରଣ ଝୋଟି।

ଦେହ ମନ ସବୁ ପ୍ରଫୁଲ୍ଲିତ ହୋଇ
ହୃଦେ ଭରେ ମିଠା ହସ
ଋତୁଚକ୍ର ଆସି ଚଖାଇ ଦେଉଛି
ମଧୁର ମହକ ରସ।।

(ଜୁଣଗଡି)
ରାଜନଗର କେନ୍ଦ୍ରାପଡ଼ା

ISSN NO.
2582-208X

# ଗାଆଁ ମୋ ବଦଳି ଯାଇଛି



ହରେରାମ ପଣ୍ଡା

କେତେଦିନ ପରେ ଫେରୁଛି ଗାଆଁକୁ
ଗାଆଁ ରୂପକୁ ଦେଖୁଛି ,
ଆଗପରି ଆଉ ନାହିଁ ଆମ ଗାଆଁ
କେତେ ବଦଳି ଯାଇଛି ।
ନାହିଁ ଝାଟିମାଟି ଚାଳଘର ଆଉ
ପିଢାରେ କଖାରୁ ଲଟା,
ଧାଡ଼ି ଧାଡ଼ି ହୋଇ ପକାଘର ପୁଣି
ବିଜୁଳି ଆଲୁଅ ଛଟା ।
ଗାଆଁ ପୋଖରୀରେ ଫୁଟୁନି ପଦୁଅଁ
ହେଉଅଛି ମାଛଚାଷ,
ଭୁଷୁଡି ଗଲାଣି ଭାଗବତ ଟୁଙ୍ଗୀ
ନାହିଁ ଧୂପ ଝୁଣା ବାସ ।
କାଲି ଯିଏ ଥିଲେ ଟିକି ଟିକି ପିଲା
ଆଜି ତ ନବୀନ ଯୁବା,
ନୂଆ ମନ ନେଇ ଲାଗନ୍ତି କାମରେ
କରିବାକୁ ଜନସେବା ।

ଆଗଭଳି ନାହିଁ ରଜର ମଉଜ
ପୋଡ଼ପିଠା କି ଏଣ୍ଡୁରୀ,
ଶୁଭୁନାହିଁ କାହିଁ ରଜଦୋଳି ଗୀତ
କ୍ରିକେଟ ପ୍ରିୟ ସବୁରି ।
ମିଳେନାହିଁ ଆଉ ମାଆର ରାନ୍ଧଣା
ମୁଗଡାଲି, ଶାଗଭଜା,
ମଞ୍ଜାପୋଡା ପୁଣି ମାଛ ଚୁଡୁଚୁଡା
କେତେ ପିଠାପଣା ମଜା ।
ନାତି କି ନାତୁଣୀ ଶୁଣୁ ତ ନାହାନ୍ତି
ଜେଜେମାଆ ଠାରୁ ଗପ,
ଜେଜେମାଆ ଆଉ ହଳଦୀ ମାଖୁନି
ଦାଣ୍ଡେ ପାରିଦେଇ ସପ ।
ବଳଦ ଲଙ୍ଗଳ ଦେଖାନାହିଁ ଆଜି
ଟ୍ରାକ୍ଟର କରୁଛି ଚାଷ,
ଖତ ଗୋବରକୁ ଭୁଲିଲାଣି ଚାଷୀ
ଢାଳୁଅଛି ସାର ବିଷ ।

ISSN NO.
2582-208X

ଗାଆଁର ସଡ଼କ କାହିଁକି କେଜାଣି
ସରକାର ପକ୍କା କଲା,
ବଳଦ ତ ନାହିଁ ରାସ୍ତାରେ ପଡୁଛି
ଧାନ ମୁଗର ବେଙ୍ଗଲା ।
ବରଷା ଦିନରେ କାଗଜର ଡଙ୍ଗା
ପାଣିରେ ତ ଭାସୁନାହିଁ,
ଡିଜେ ଶବଦରେ କମ୍ପିଉଠେ ଗାଆଁ
କେନ୍ଦରା ବି ଶୁଭୁନାହିଁ ।
ଗାଇଆଳ ଟୋକା ବଇଁଶୀର ସ୍ୱନ
ଶୁଭୁନାହିଁ ପଡ଼ିଆରେ,
ଗୀତା, ଭାଗବତ ଶୁଭୁନାହିଁ ଆଉ
କେବେ ସଞ୍ଜ ସକାଳରେ ।
ଗାଆଁ ରୂପ କେତେ ବଦଳି ଯାଇଛି
ଭାରି ନୂଆ ନୂଆ ଲାଗେ,
ଗାଆଁର ପୁରୁଣା ରୂପ ଦେଖିବାକୁ
ମନରେ ବାସନା ଜାଗେ ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,
କୁଆଁସ, ଯାଜପୁର,
ସମ୍ପର୍କ - 9438065195

ISSN NO.
2582-208X

# ମଧୁ ମାଳତୀ


ଡାଃ. ଅନିତା ପଣ୍ଡା

## ପରିବାର ରଜ୍ଜୁ

(୪)

ସମୟ ଆଉ ଲହରୀ କାହା ପାଇଁ ଅପେକ୍ଷା କରେନା । ଦିନ ଦିନ ମାସ ମାସ ହୋଇ ଯା ଭିତରେ କେଇଟା ବର୍ଷ ବିତି ଗଲାଣି । ଜଜମ୍ କହିବା ଅନୁସାରେ ମାଳତୀ ପାଇଁ ଟିଉସନ ମାଷ୍ଟ୍ରଙ୍କର ବ୍ୟବସ୍ଥା କରି ଦେଇଥିଲା ମଧୁସୂଦନ । ଏତେ ବଡ଼ ଝିଅଟା ଆଉ କ'ଣ ଯାଇ ସ୍କୁଲରେ ଅ, ଆ, କ, ଖ ଶିଖିଥାନ୍ତା ! ଘର କାମ ତୁଲାଇବା ପାଇଁ ଚମୀ ଖୁଡ଼ୀ । ବନାଭାଇ ସତ କହୁଥିଲେ, ଚମୀ ଖୁଡ଼ୀ ଘର ଭଳ କାମ କରେ । ମାଳତୀକୁ ମାଲିକାଣୀ ନୁହେଁ ଝିଅ ନଜରରେ ଦେଖେ । ମାଳତୀର ପାଠ ପଢ଼ା ସୁରୁଖୁରୁରେ ଆଗେଇ ଥିଲା । ଯା ଭିତରେ ମଧୁସୂଦନର ଗ୍ରାଜୁଏସନ୍ ଶେଷ ହୋଇ ଯାଇଥିଲା । ପବ୍ଲିକ ସର୍ଭିସ କମିଶନ ପରୀକ୍ଷା ପାଇଁ ଇସ୍ତାହାର ଆସିଥିଲା । ଦରଖାସ୍ତ ଫର୍ମ ଖଣ୍ଡେ ଆଣି ଭରିଥିଲା । ସମୟ କ୍ରମେ ପରୀକ୍ଷା ହୋଇଗଲା । ମଧୁସୂଦନ କେବଳ ଯୋଗ୍ୟ ବିବେଚିତ ହୋଇନଥିଲା ସମସ୍ତ ପ୍ରାର୍ଥୀମାନଙ୍କ ଭିତରେ ପ୍ରଥମ ସ୍ଥାନ ଅଧିକାର କରିଥିଲା । ପରେ ପରେ ତାକୁ ବ୍ଲକ ଡେଭେଲପମେଣ୍ଟ ଅଫିସର ରୂପେ ନିଯୁକ୍ତ ଆଦେଶନାମା ଜାରି ହୋଇଥିଲା ।

ମାଳତୀର ପାଠପଢ଼ା ସୁରୁଖୁରୁରେ ଚାଲିଥାଏ । ପୁରୁଣା ଘରୁ ସେମାନେ କ୍ୱାର୍ଟସକୁ ସିଫ୍ଟ କରିଥିଲେ । ସେଦିନ ଅଫିସରୁ ଫେରି ମଧୁସୂଦନ ଘର ଭିତରେ ପଶି ଦେଖିଲା ରାଜନ୍ ସାର୍ (ମାଳତୀର ଟିଚର) ତା ପାଇଁ ଅପେକ୍ଷା କରିଛନ୍ତି । କାରଣଟା ଜାଣିବା ପରେ ହତବମ୍ବ ହୋଇଯାଇଥିଲା ମସୁସୂଦନ । ଘରକୁ ରାଜନ ସାର୍‌ଙ୍କର ନୂଆବୋହୂ ଆସିବା

ISSN NO.
2582-208X

ପରେ ପୁଅ ବୋହୂ ରାଜନ୍ ସାର୍‌ଙ୍କର ଉପସ୍ଥିତି ଚାହୁଁ ନାହାନ୍ତି । ବାଧ୍ୟ ହୋଇ ସେ ଗାଁକୁ ଚାଲିଯାଉଛନ୍ତି । ମାଳତୀ ପଢ଼ାରେ ବ୍ୟାଘାତ ନ ଆସୁ, ତେଣୁ ତାଙ୍କ ପୁରୁଣା ସ୍କୁଲର ହେଡ଼ମାଷ୍ଟରଙ୍କ ସଂଗେ କଥାବାର୍ତ୍ତା କରି ତାର ନବମ କକ୍ଷାରେ ଆଡ଼ମିଶନ୍ ପାଇଁ କଥା ପକ୍କା କରିଦେଇଛନ୍ତି । ରାଜନ୍ ସାର୍‌ଙ୍କୁ କୃତଜ୍ଞତା ଜ୍ଞାପନ କରି ତାଙ୍କୁ ନେଇ ଗାଁରେ ଛାଡ଼ିବା ପର୍ଯ୍ୟନ୍ତ ସବୁ କିଛି ଭାର ନିଜେ ନେଇଥିଲା ମଧୁ । ମଝିରେ ମଝିରେ ମାଳତୀକୁ ନେଇ ନିଜ ଗାଁକୁ ଯାଏ ମଧୁସୂଦନ । ଯିବା ରାସ୍ତାରେ ରାଜନ୍ ସାର୍‌ଙ୍କ ଗାଁ ଘରକୁ ଯାଇ ଭଲ ମନ୍ଦ ମଧ୍ୟ ବୁଝି ନେଇଥାଏ । ସେ ଦିନ ମାଳତୀ ମା'ଙ୍କ ସଂଗେ କିଛି ଆଲୋଚନା କରୁଥିବାର ଶୁଣିଲା । ମା' କହୁଥିଲେ ତତେ ସହର ପଠେଇ ଦେବା ଦିନଠାରୁ ଜେଜମ୍‌ଙ୍କର କିଛିଟା ପରିବର୍ତ୍ତନ ହୋଇଯାଇଛି । ସବୁବେଳେ ଗୁମ୍‌ସୁମ୍ । ଚିରକାଳର ସେଇ ସ୍ଫୁର୍ତ୍ତୀ ଭାବଟା କୁଆଡ଼େ ଚାଲିଯାଇଛି । ସକାଳର ପ୍ରାତଃଭ୍ରମଣରେ ମଧ୍ୟ ଅନିୟମିତତା । ଖାଇବା ପିଇବାରେ ଏତେ ଆଗ୍ରହୀ ମଣିଷ ଜଣକ ଥରେ ବି ବୋହୂଙ୍କୁ କହୁନାହାନ୍ତି ଏଇଟା କର, ସେଇଟା କର । ବାଡ଼ିର ଫୁଲ ଫଳ, ପରିବା ବଗିଚାରେ ଯାହାର ଘଣ୍ଟା ଘଣ୍ଟା କଟି ଯାଉଥିଲା ଥରେ ବି ସିଆଡ଼କୁ ନଜର ପକାଉ ନାହାନ୍ତି । ବାପାଙ୍କୁ କହି ମାଳୀଟିଏ ରଖେଇ ଦେଇଚନ୍ତି । ମାଳୀକୁ କହି କୋଉଠୁ ଗୋଟେ ଜଙ୍ଗଲୀ ଫୁଲ ଗଛ ଆଣି ବାଡ଼ କଡ଼େ କଡ଼େ ପୋତେଇଚନ୍ତି । ସେଇ ଗଛ ଗୁଡ଼ିକୁ ଯାଇ ବାରମ୍ବାର ଆଉଁସୁଥାନ୍ତି । ଯୋଉ ଜେଜେ ବାଡ଼ି ବଗିଚାରେ ଜଙ୍ଗଲୀ ଘାସୁଟାଏ ଦେଖିଲେ ସହି ପାରୁ ନ ଥିଲେ ସିଏ ପୁଣି ଜଙ୍ଗଲୀ ଗଛ ରୋଇଛନ୍ତି !

କ'ଣ ହେଲା ଜେଜମ୍‌ଙ୍କର । ଆଖି ଦୁଇଟା ଚକ୍ ଚକ୍ କଲା ମାଳତୀର । ଏତେ ଗେହ୍ଲାକରି ତାକୁ ପାଖକୁ ନେଇ ଯାଇଥିଲେ, ତାଙ୍କୁ ଛାଡ଼ି ଆସିବାରୁ ସେ ଦୁଃଖ କରୁ ନାହାନ୍ତି ତ ! ଆଉ ମାସ ଗୋଟାକରେ ଅମରକୁ ଚାରିବର୍ଷ ପୂରିବ । ତା' ପାଇଁ ଗୋଟିଏ ଭଲ ସ୍କୁଲରେ ଆଡ଼ମିଶନର ବ୍ୟବସ୍ଥା କରି ନେଞ୍ଜାକୁ ତା' ପାଖକୁ ନେଇ ଆସିବା ପାଇଁ ଗାଁରେ ପହଞ୍ଚିଥିଲା ମଧୁସୂଦନ । ଏଇ ଅମର ହିଁ ତା'ର ଏବଂ ମାଳତୀର ଭବିଷ୍ୟତ । ଆଜି ନହେଲେ କାଲି ସମସ୍ତେ ଜାଣିବେ ଅମର ହେଉଛି ଚରମ୍ପା ଜମିଦାର ଘରର ବଂଶଧର । ମାଳତୀ ଜିଦି ଧରିଥିଲା, ନେଞ୍ଜାଦିଦିକୁ ଗାଁରୁ ନ ଆଣିବାକୁ । ଜେଜମ୍ ଅମରକୁ ବହୁତ ସ୍ନେହ କରନ୍ତି । ମା' କହୁଥିଲେ ଅମର ଚାଲିଯିବା ପରେ ଜେଜମ୍ ଆହୁରି ଉଦାସ ନହୋଇଯାଆନ୍ତି । ବାପା, ମଧ୍ୟ ସେଇକଥା କହୁଥିଲେ । ହେଲେ ମଧୁସୂଦନ ଜିଦି ଧରିଥିଲା, ନେଞ୍ଜାର ପୁଅ ଗାଁ

ISSN NO.
2582-208X

ସ୍କୁଲରେ ପାଠ ପଢ଼ିବନି । ସେଠି ପଢ଼େଇବା ମାନେ ଖାଲି ମନ ବୁଝେଇବା କଥା । ସେଠି କ'ଣ ପାଠ ହେବ । ବାପା ବୁଝେଇଥିଲେ । ତୋ ଜେଜେଙ୍କ ଦେହ ଭଲ ରହୁନି । ତାଙ୍କ ପାଇଁ ପୁରାପୁରି ଜଣେ ଦରକାର । ତାଙ୍କ କାମ କରି ପୁରା ଘରଟାର କାମ କରିବା ତୋ ମା ପାଇଁ ସମ୍ଭବ ହେଇ ପାରିବନି । ନେଞ୍ଜା ତା' ପାଇଁ ଗୋଟେ ବଡ଼ ସାହାଯ୍ୟ ।

ଘର କାମ ପାଇଁ ଆଉ ଗୋଟେ କାହାକୁ ରଖିଦବା ବାପା । ନେଞ୍ଜା ପୁଅ ଟିକିଏ ବଡ଼ ହେଇଗଲେ ତାକୁ କୋଉଠି ଗୋଟିଏ ବୋର୍ଡ଼ିଙ୍ଗ୍ ସ୍କୁଲରେ ରଖିଦେବା । ପୁଣି ସବୁ ଆଗପରି ଚାଲିବ ।

ପାଗଳ ହେଲୁ । ଛୁଆଟାକୁ ବୋର୍ଡ଼ିଂ ସ୍କୁଲରେ ରଖିବୁ ! ଗାଁ ସ୍କୁଲରେ ପାଠ ହବନି ବୋଲି ଯୋଉ କୋହୁଛୁ, ତୁ ଆଉ କୋଉଠି ପାଠ ପଢ଼ିଥିଲୁ ।

ସେ ବେଳ, ଏ ବେଳରେ ବହୁତ ଫରକ ବାପା ।

ବାପା, ମା' ଦୁହେଁ ବହୁ ବୁଝାଇବା ସତ୍ୱେ ମଧ ବୁଝି ନ ଥିଲା ମଧୁସୂଦନ । ନେଞ୍ଜା ଆଉ ତା ପୁଅକୁ ଗାଁରୁ ନିଜ ପାଖକୁ ନେଇ ଆସିଥିଲା । କାହିଁକି କେଜାଣି ଯୋଉ ଛୁଆଟାକୁ ମାଳତୀ ଗାଁରେ ଥିବାବେଳେ ଏତେ ସ୍ନେହ କରୁଥିଲା ସେ ଦୁହିଙ୍କୁ ଗାଁରୁ ନେଇ ଆସିବା ପରେ ଛୁଆଟା ଠଉଁ ନିଜୁକୁ ଦୂରେଇ ନେଲା ମାଳତୀ । ପର ପିଲାଟାକୁ ନେଇ ଇଏ ନିଜ ପରିବାରକୁ ଦୁଃଖ ଦେଲେ । ଏଇ କଥା ନେଇ ଦୁହିଙ୍କ ଭିତରେ କେତେଥର ଖୁଟ୍‌ଖାଟ୍ ହେଇଛି । ମଧୁ କହିଥାଏ ଛୁଆ ତ ଛୁଆ । ଏଥିରେ ନିଜ ପର କ'ଣ ? ଛୁଆ ଈଶ୍ୱରଙ୍କର ଦ୍ୱିତୀୟ ରୂପ । ବହୁତ ବାର କହିଛି ମାଳତୀ । ରାସ୍ତା ଘାଟରେ ଏତେ ଛୁଆ ବୁଲୁଛନ୍ତି । ସମସ୍ତଙ୍କୁ ଆଣି ଗୋଟେ ଅନାଥାଶ୍ରମ ଗଢ଼ୁନି ।

ସାମର୍ଥ ହେଲେ ନିଶ୍ଚେ କରିବି । ହେଲେ ଏ ଛୁଆଟା ଅନାଥ ନୁହେଁ । ଇଏ ଆମ ଛୁଆ । କାହାକୁ ନିଜର ହକ୍‌ରୁ ବଂଚିତ କରିବା ବଡ଼ ପାପ ବୋଲି ଭଗବାନ କୁହନ୍ତି ।

ISSN NO.
2582-208X

ଚମକି ପଡ଼ିଲା ମାଳତୀ । ଇଏ କ'ଣ କହିବାକୁ ଚାହାନ୍ତି । ନେଞ୍ଜା ଦିଦିର ପୁଅ ତାଙ୍କ ନଜର .... ଜିଭ କାମୁଡ଼ି ପକେଇଲା ମାଳତୀ । କ'ଣ ଏ ସବୁ ବାଜେ କଥା ଗୁଡ଼ା ତା ମନୁକୁ ଆଉଚ । ଚାଲୁ, ଯେମିତି ଚାଲିଛି ।

ମା' କହୁଥିଲେ ତୋ ଯିବାପରେ ଜଜମ୍ ଯେତେଟା ଉଦାସ ଥିଲେ ନେଞ୍ଜା ପୁଅ ଯିବା ପରେ ତା'ର ଶହେଗୁଣା ମନମାରି ଦେଇଛନ୍ତି । କଥା କଥାକେ ଅମର । ମନକୁ ମନ ଅମର ସଂଗେ କଥାବାର୍ତ୍ତା କରି କେତେଥର ତୋ ବାପାଙ୍କ ସାମ୍ନାରେ ଅପଦସ୍ତ ହୋଇଛନ୍ତି । ମାଳତୀ ନିଜକୁ ନିଜେ କହୁଥିଲା, ପୁରାପୁରି ସତ କଥା, ଯାହା ସେ ନିଜ ଆଖିରେ ଦେଖିଥିଲା ।

ନେଞ୍ଜାଦିଦିର ଛୁଆଟାକୁ ବି ସେ ବହୁତ ଭଲ ପାଉଥିଲେ । ଇଏ ତା'କୁ ବି ତା' ମା ସହିତ ଏଠିକୁ ନେଇ ଆସିଲେ । କ'ଣ ଚାହୁଁଛନ୍ତି ଇଏ ? ମୁହଁ ଖୋଲି ଥରେ ପଚାରିବ କି ? ପୁଣି ମନମାରି ରହିଗଲା ମାଳତୀ । ନେଞ୍ଜାଦିଦି ପୁଅକୁ ଇଏ ବହୁତ ଭଲ ପାଉଛନ୍ତି । ସେଇଟା ଜଜମ୍‌ଙ୍କୁ କଷ୍ଟ ଦୋଉନ ତ! ମା'ଙ୍କୁ ଥରେ ପଚାରିଥିଲା । ହେଲେ ମା' ତା କଥା ଉପରେ ଜୋର୍ ଦେଲେନ । ନଜର ନାତି ବକଟେ ଥିଲେ ବାପା ତା' ପଛରେ ନାଗିଥାନ୍ତେ । ତୁ ତ ଏବେ ପାଠ ପଢୁଚୁ ।

ତୋ ପାଠ ପଢ଼ାଟା ସରିଯାଉ । ତୋ କୋଡ଼ରେ ଛୁଆଟେ ଦେଖିଲେ ସେ ଆଉ ପର ପିଲାକୁ ଏତେଟା ଝୁରିବେନ । ତୁ ଯୋଉ କାମ ପେଇଁ ଯାଇଛୁ ତା'କୁ ପୁରା କର । ବଅସ କ'ଣ କୁଆଡ଼େ ପଳୋଉଚ କି ?

ତୁମୁକୁ କେତେ ବରଷ ବେଳେ ତୁମେ ଛୁଆ ଜନମ କରିଥିଲ ମା' ?

ମତେ ତେର ପୁରି ନ ଥିଲା, ମଧୁର ଜନ୍ମ । ସେକାଳରେ ତ ଝିଅ ଗୁରାଙ୍କର ଆଉ କଛି କାମ ନ ଥିଲା । ସାତ ବରଷରୁ ବାହା, ବାର ବରଷରେ ଶାଶୁ ଘର, ପରେ ପରେ ଛୁଆ ।

ISSN NO.
2582-208X

ମା'ଙ୍କ କଥାରେ ଟିକଏ ଆନମନା ହେଇଗଲା ମାଳତୀ । ସିଏ ବି ତ ୧୩ ବରଷରେ ପେଟରେ ହେଇଥେଲା । ଛୁଆଟା ଭୁଙ୍ଗିଗଲା । ସେଇଟା କ'ଣ କାହା ହାତରେ ଥିଲା । ଜନମ ହେଇଥିଲେ ନେଞ୍ଜା ଦିଦି ପୁଅ ବଅସର ହୁଅନ୍ତାଣି । ପୁଅ କଥା ଭାବିଲେ ଆପେ ଆପେ ଉଦାସ ହୋଇ ପଡ଼େ ମାଳତୀ । ଥାଉ ଏ ପାଠ ପଢ଼ା । ନିଜ ସଂସାର ଆଗ । ପୁଣି ଜେଜେ ଆସି ସାମ୍ନାରେ ଠିଆ ହେଇ ଯାଆନ୍ତି ଯେମିତି । "ପାଠ ଶାଠ ଦି ଅକ୍ଷର ପଢ଼ି ନିଜ ଗୋଡ଼ରେ ନିଜେ ଠିଆ ହେବା ଶିଖ୍ ମାଳ । ସରଳମନା ନାରୀଟିକୁ ଆଜିର ଦୁନିଆ କାଟି କୁଟି ଚାଲୁ କରିଦେବ ।"

ପୂରବୀ ସେଦିନ କହିଥିବା କଥା ପଦକ ଜଜମ୍‌ଙ୍କୁ ଭାରି ଦୁଃଖ ଦେଇଥିଲା । ହେଲେ ଦେଖିବାକୁ ଗଲେ ପୂରବୀ ତ କିଛି ଭୁଲ୍ କହି ନ ଥିଲା । ମୋ ସଂଗେ ଦୁଇଦିନ ମନଇଚ୍ଛା ଖେଳବା ପରେ ଯଦି ତା ସାଂଗମାନେ ତା ସଂଗେ କୁଟି କରି ଦେଇଥାନ୍ତେ ମାନ୍ଦ କାହିଁକି ? ସିଏ ତ ସେମାନଙ୍କ ଭଳ ଥିଲା ଘରର ସମବୟସୀ ଝିଅଟିଏ । ତେବେ ଅସୁବିଧାଟା ରହିଲା କେଉଁଠି । ଜଜମ୍‌ଙ୍କ ସଂଗେ ଦେଖା ହେଲେ ସବୁବେଳେ ସେ ଏଇ କଥାଟି ପଚାରେ । ମାନ୍ଦ କିଛି ଉପଯୋଗୀ ଉତ୍ତର ପାଇ ନ ଥାଏ । ବେଳେବେଳେ କହି ଥାଆନ୍ତି, ଅତି କମ୍‌ରେ ମାଟ୍ରିକ ଖଣ୍ଡକ ପାସ୍ କରି ଯା, ତତେ ଉତ୍ତର ମିଳିଯିବ । ମାଟ୍ରିକ ପରୀକ୍ଷା ଆଉ ବନ୍ଧୁତା ଭିତରେ କ'ଣ ସଂପର୍କ । ମା'ଙ୍କୁ ପଚାରିଛି, ସେ କହିଥାନ୍ତି ମତେ ସେ ସବୁ ଜଣାନାଇଁ । ତୋ ବାପା, ଜେଜେ ଯିମିତି କହନ୍ତି ମୁଁ ସିମିତି କରିଥାଏ ।

ଇଏ କି କଥା ! ନିଜର ଗୋଟେ ମତ ନାହିଁ । ଯିଏ ଯା' କଇଲା ଆଖି ବୁଜି ତା'କୁ ମାନିନେବ । ଭଲ, ମନ୍ଦର ବାଛ ବିଚାର କର । ପୁଣି ଧକ୍କା ଖାଇଲା ମାଳତୀ । ସିଏ ତ ପୁଣି ସେଇଆ କରୁଥିଲା ଆଉ ତା'କୁ ଗଣ୍ଠି କରି ଏ ଯାବତ୍ ଧରିଚ ମଧ । ପାପୀ କଥା ନିଜ ପତି ପାଖରେ ଆଜି ପର୍ଯ୍ୟନ୍ତ ଲୁଚାଇ ରଖିଛି । ନିଜ ସ୍ୱାମୀଠୁ କଥା ଲୁଚାଇ ରଖିଲେ ମନୋମାଳିନ୍ୟ ବଢ଼ିବା ସାର୍ ହୁଏ । ସେଦିନ ଇଂରାଜୀ ସାର୍ ସେକ୍‌ସପିଅରଙ୍କର କବିତାଟିଏ ପଢ଼ାଇ ସେଇ କଥା କହିଥିଲେ

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

ISSN NO.
2582-208X

ବେଦାନ୍ତି

# କହିଦିଅ ପ୍ରିୟା



ଜୟନ୍ତ କୁମାର ମଲ୍ଲିକ୍

ଅନେକ ଦିନର ବ୍ୟବଧାନ ପରେ
ତମ ପ୍ରୀତି ସମ୍ବୋଧନ
ଶ୍ରବଣ କରି ମୁଁ ହଜିଲି ସପନେ
ଉଚ୍ଛନ ହେଲା ମୋ ମନ ।
ଅତୀତର ସବୁ ମଧୁର ମୁହୂର୍ତ୍ତ
ମହକିଲା ଧୂପପରି
ତମ ଶବଦର ମଧୁର ଝଙ୍କାରେ
ଶିହରଣ ଗଲା ଭରି ।
ତମେ ଗଲାପରେ ବଧୂ ବେଶ ସାଜି
ଛାତିରେ ଛାତିଏ କୋହ
ମନରୁ ପାସୋରି ପାରୁନାହିଁ ଜମା
ତମ ସାନିଧ୍ୟର ମୋହ ।
ତମ ହାତେ ଶଙ୍ଖା ମଥାରେ ସିନ୍ଦୂର
ପାରିଲିନି ସିନା ଦେଇ
ଅନ୍ତର ଭିତରେ ତମକୁ ରଖିଛି
ପ୍ରୀତିର ପରଶ ଦେଇ ।

ଆମ ପ୍ରେମ ସଦା ଅମର ରହିବ
ସବୁଦିନ ଧରାପରେ
କହିଦିଅ ପ୍ରିୟା ଭଲପାଅ ମତେ
ମିଠା ସ୍ୱରେ ଆଉଥରେ ।

ଶୁରଡିହ ,ଦଶରଥପୁର, ଯାଜପୁର
ମୋ;~୯୪୩୭୮୬୫୭୨୭

ISSN NO.
2582-208X

# ପଞ୍ଚକ

(ତୋତେ କୃଷ୍ଣ ବୋଲି ନାମ କଏ
ଦେଲାରେ ସୁରେ)



ତ୍ରିପତି ପ୍ରଧାନ

ତୋତେ ପଞ୍ଚକ ନାମଟି
କିଏ ଦେଲାରେ
ଶ୍ରେଷ୍ଠ ମାସାନ୍ତ ପଞ୍ଚ ଦିନ (୨ଥର)
ବକ ସେ ଦିବସ
କରେ ଉପବାସ (୨ଥର)
ଜପୁ ଥାଏ ବସି ରାଧାମୋହନ (୧)
କାମ କ୍ରୋଧ କାଳ କଂସେଇ
କଦନ୍ନ ଠୁ ଦେଇ ଦୂରେଇ(୨ଥର)
ଜପି ରାମ ନାମ
ଦେଖି ପଞ୍ଚାନନ(୨ଥର)
ଦୁଃଖି ରଙ୍କି ଦେଉ ବସ୍ତ୍ର ଭୋଜନ(୨)
କମଳେ କମଳାଙ୍କୁ ଦଳି
କର୍କଶ ରସ ଦେଇ ବୋଳି (୨ଥର)
କଳାକରଶିର
କମା ଦେଇ କର (୨ଥର)
ଢ଼ାଳି ଦେଲେ କରୁ
ପାପ ମୋଚନ (୩)

ISSN NO.
2582-208X

କଳା କାହ୍ନୁ କଳା ସାଆନ୍ତ
କୃପାନିଧି କମଳା କାନ୍ତ (୨ଥର)
କାର୍ତ୍ତିକ ଦର୍ଶନ
ଅବିଶ ଭୋଜନ (୨ଥର)
ଅନ୍ତ କାଳେ ଲଭେ ସ୍ୱର୍ଗ ଭୁବନ(୪)
କୃଷ୍ଣ ପକ୍ଷ  କାଳୀ ମା ପୂଜା
କାକୁସ୍ଥଙ୍କ ବିଜୟ ଧ୍ୱଜା (୨ଥର)
କନକ ରୂପିଣୀ
କନକ ନନ୍ଦିନୀ(୨ଥର)
କନକ ଗଡରୁ କଲ ମୋଚନ(୫)
କର ଯୋଡ଼ି କରଇ ଅଳି
କରଘେନା କୃଷ୍ଣମୁରାରୀ (୨ଥର)
ଜୀବ ଯିବାଶେଷେ
କାର୍ତ୍ତିକର ମାସେ (୨ଥର)
କର୍ଣ୍ଣେ ବାଜୁଥିବ ସଂକିରିତ୍ତନ (୬)

ସଂସ୍କୃତ ଶିକ୍ଷକ, ଚିକିଟି, ଗଞ୍ଜାମ

ISSN NO.
2582-208X

# ପ୍ରିୟା

ଅଜୟ କୁମାର ରାଉତ

ତୁମକୁ ଭୁଲି ପାରୁନି ବୋଲିତ
ସହିବାକୁ ହୁଏ ଅନେକ ଯାତନା
ପାଇଥିଲି ଭଲ ହୃଦୟରୁ ତୁମକୁ
ତୁମେ ତ ବୁଝିପାରିଲ ନାହିଁ ମୋର ପ୍ରେମକୁ
ଚାଲିଗଲ ଗୋଇଠା ମାରି,
ନଥିଲା ମୋର ପ୍ରେମ ମିଛ, ସ୍ୱାର୍ଥ ତୁମ ପାଇଁ ପ୍ରିୟା
ବୁଝି ପାରି ନଥିଲି ତୁମର ପ୍ରେମକୁ
ତୁମ ପାଇଁ ମୋର ପ୍ରେମକୁ ସଜେଇ ଥିଲି ହୃଦୟରେ
ତୁମ ମନରେ କଣ ଥିଲା ମୁଁ କାହିଁ ଜାଣିବି
ହୃଦୟର ସେହି ଟିକି ଇଲାକାରେ
ତୁମେ ତ କରିଛ ଘର
କୁହ ସାଥି ମୋତେ କେମିତି କରିବି
ତୁମକୁ ମୋ ଠାରୁ ପର ।
ପ୍ରିୟ ମୋର ଅବୁଝା
ବୁଝାଇବା ପାଇଁ ନାହିଁ ମୋର ସାମର୍ଥ୍ୟ,
କେମିତି ଭୁଲିଗଲ ପ୍ରିୟା ମୋର
ବିପଦରେ ସାହାର୍ଯ୍ୟ ମୋର
କହିଥିଲ ପ୍ରିୟା ମୋର ଜୀବନର ସାଥି ହେବାପାଇଁ ।
ପ୍ରିୟା ମୋତେ ପର କରି ଦେଇଗଲ
ତୁମ ହେଲ ଅନ୍ୟ କାହାର ।
ପ୍ରିୟା ଯେତେ କଷ୍ଟ ଦେବ ମୁହିଁ ସହିପାରିବି
ହୃଦୟର ଭଲ ପାଇବାକୁ ଭୁଲିହେବ ନାହିଁ ।

ISSN NO.
2582-208X

ଲୁହରେ ମୋ ଦିନ ଯିବ
ପ୍ରିୟ ତୁମ ପ୍ରେମ ଚାରିଦିନର
ତୁମ ପ୍ରେମ କେବଳ ତୁମର ଖୁସି ପାଇଁ
ପ୍ରିୟା ତୁମ ଭଲପାଇବାର ନାଟକ
କରୁଛି କେତେ ପ୍ରେମିକକୁ ବେକାର
ପ୍ରିୟା ଏମିତି କରିବି ପାଉଛ କଣ ବା ଲାଭ ।
ତୁମ ପରି ପ୍ରେମିକା ସମାଜ ପାଇଁ କ୍ଷତିକାରକ ।
ଏ ସମସ୍ତ ପ୍ରେମିକ ଭାଇ
ଏମିତିକା ପ୍ରେମକୁ ଦୁରୁ ଜୁହାର ।

ଆଇଜନଜୀବି, କଟକ
ମୋ: ୮୨୪୯୪୪୩୦୩୩

ISSN NO.
2582-208X

# ତୁଳସୀ ମାହାତ୍ମ୍ୟ


ଜୟନ୍ତୀ ଦେବୀ

ଅଶୁଦ୍ଧ ଅବସ୍ଥାରେ ତୁଳସୀକୁ ସ୍ପର୍ଶ କରିବା ବି ପାପ ବୋଲି ମାନାଯାଏ। ତୁଳସୀ ପତ୍ରକୁ ତୋଳିବା ସମୟରେ କିଛି ବିଶେଷ ଧ୍ୟାନ ଦେବା ଉଚିତ ଏହା ସହିତ ଫୁଲ ତୋଳିବା ସମୟରେ ବି ଆମକୁ ବିଧିର ପାଳନ କରିବା ଉଚିତ। ଯଦି ଆମେ ତୁଳସୀ ପତ୍ର ଫୁଲ ଏବଂ ବେଲପତ୍ର ତୋଳିବା ସମୟରେ ଏହି ବିଧିର ପାଳନ କରିବା ତ ଆମକୁ ଆମର ପୂଜାରେ ଅନେକ ଗୁଣା ଲାଭ ପ୍ରାପ୍ତ ହୋଇଥାଏ।

ଆସନ୍ତୁ ଜାଣିବା ତୁଳସୀ ପତ୍ର ତୋଳିବାର ନିୟମ ଏବଂ କେଉଁ ମନ୍ତ୍ରର ଜପ କରିବା ଉଚିତ ସେହି ବିଷୟରେ ଏହା ସହିତ ଫୁଲ ଏବଂ ବେଲ ପତ୍ର ତୋଳିବା ସମୟରେ ବି ଆମକୁ କେଉଁ ମନ୍ତ୍ରର ଜପ କରିବା ଉଚିତ।

ଭଗବାନ ଶ୍ରୀକୃଷ୍ଣ କୁହନ୍ତି ପୂର୍ଣ୍ଣିମା ଅମାବାସ୍ୟା ଦ୍ୱାଦଶୀ ସୂର୍ଯ୍ୟ ସଂକ୍ରାନ୍ତି ଦିନ ମଧ୍ୟାହ୍ନ କାଳ ରାତ୍ରି ଅସ୍ୱଚ୍ଛ ସମୟରେ ବିନା ସ୍ନାନ କରି ଅଥବା ବିନା ହାତ ମୁହଁ ଧୋଇ ଏବଂ ରାତ୍ରିର ବସ୍ତ୍ର ପିନ୍ଧି କରି ତୁଳସୀ ପତ୍ର ତୋଳିବାକୁ ପାପ ବୋଲି ମାନାଯାଇଛି।

ଶ୍ରାଦ୍ଧ ବ୍ରତ ଦାନ ପ୍ରତିଷ୍ଠା ତଥା ଦେବ ପୂଜା ପାଇଁ ତୋଳିଥିବା ପତ୍ର ବାସୀ ହେବା ପରେ ବି ୩ ରାତି ପର୍ଯ୍ୟନ୍ତ ପବିତ୍ର ହୋଇଥାଏ ଅର୍ଥାତ ଏହାକୁ ୩ ଦିନ ପରେ ମଧ୍ୟ ବ୍ୟବହାର କରିପାରିବେ।

ISSN NO.
2582-208X

ଯେଉଁ ହାତ ପୂଜା ପାଇଁ ତୁଳସୀ ପତ୍ର ତୋଳିଥାଏ ସେ ଧନ୍ୟ ଅଟେ ସେ ଅବଶ୍ୟ ହିଁ ସୁଖ ସମୃଦ୍ଧି ପ୍ରାପ୍ତ କରିବେ। ତୁଳସୀ ପତ୍ରର ଅଗ୍ରଭାଗକୁ ତୋଳିବା ଉଚିତ । ତୁଳସୀର ଜଟାକୁ ସବୁ ଫୁଲ ଅପେକ୍ଷା ବଡ଼ ବୋଲି ମାନାଯାଏ। ଜଟା ତୋଳିବା ସମୟରେ ସେଥିରେ ପତ୍ର ରହିବା ବି ଦରକାର।

ଫୁଲ ତୋଳିବା ସମୟରେ ବି ଆମକୁ ବିଶେଷ ଧ୍ୟାନ ରଖିବା ଉଚିତ। ପ୍ରଥମ ଫୁଲ ତୋଳିବା ସମୟରେ ଓଁ ବରୁଣାୟ ନମଃ ଦ୍ୱିତୀୟ ଫୁଲ ତୋଳିବା ସମୟରେ ଓଁ ବ୍ୟୋମାୟ ନମଃ ଏବଂ ତୃତୀୟ ଫୁଲ ତୋଳିବା ସମୟରେ ଓଁ ପୃଥୀବେୟ ନମଃ। ଏହି ପ୍ରକାରର ମନ୍ତ୍ରର ଜପ କରିବା ଉଚିତ। ଏହା ପରେ ସେହି ଫୁଲକୁ ଭଗବାନଙ୍କୁ ଅର୍ପଣ କରିବା ଉଚିତ।


ତୁଳସୀକୁ ଜଳ ଅର୍ପଣ କରିବା ସମୟରେ ଏହି ମନ୍ତ୍ରର ଜପ କରନ୍ତୁ ଓଁ ହିରିଂ କ୍ଲିମ ଏମ ବୃନ୍ଦାବତୀ ସ୍ୱାହା। ତୁଳସୀ ପତ୍ର ତୋଳିବା ସମୟରେ ଏହି ମନ୍ତ୍ରର ଜପ କରିବା ଉଚିତ। ତୁଲସ୍ୟମୃତ୍ୟୁଜନ୍ମାସୀ ସଦା ତ୍ୱଂ କେଶବପ୍ରିୟା। ଚୀନମି କେଶବଶ୍ୟର୍ଥ ବରଦା ଭବ ସୌଭନେ ତ୍ୱଦଦଂଗସମ୍ଭବେ ପତ୍ରେ ପୁଜ୍ୟୟାମି ତଥା ହରିମ ତଥା କୁରୁ ପବିତ୍ରାଙ୍ଗି କଲୋ ମୋଲୋବିନାସିଂ। ଏହି ପ୍ରକାରର ମନ୍ତ୍ର ଉଚାରଣ କରି ତୁଳସୀ ପତ୍ର ତୋଳିବା ଦ୍ୱାରା କୌଣସି ପାପ ଲାଗିନଥାଏ ଏବଂ ଏମିତି ତୁଳସୀ ପତ୍ର ଭଗବାନଙ୍କୁ ଅର୍ପଣ କରିବା ଦ୍ୱାରା ପୂଜାର ଫଳ ଅନେକ ଗୁଣା ବଢି ଯାଇଥାଏ।

ବେଲ ପତ୍ର ତୋଳିବା ସମୟରେ ଏହି ମନ୍ତ୍ରର ଜପ କରନ୍ତୁ। ଅମୃତଭବଷ୍ୟ ବୃକ୍ଷ ମହାଦେବ ପ୍ରିୟଂ ସଦା ଗ୍ରହାମି ତବ ପତ୍ରାଣି ଶିବପୂଜାର୍ଥମାଦରାତ। ଏହି ପ୍ରକାରର ଜପ କରି ବେଲପତ୍ର ତୋଳିବା ଉଚିତ। ଏହାପରେ ଏହି ପତ୍ରକୁ ଭଗବାନଙ୍କୁ ଅର୍ପଣ କରିବା ଉଚିତ। ଏହା ଦ୍ୱାରା ପୂଜାର ଫଳ ଅନେକ ଗୁଣା ମିଳିଥାଏ।

ସଂଗ୍ରାହିକା: ଜୟନ୍ତୀ ଦେବୀ
ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ପ୍ରଥମ ପ୍ରେମ



ପ୍ରିୟଦର୍ଶିନୀ ପତି

କିଏ କେବେ ଭୁଲିପାରେ ନିଜ ପ୍ରଥମ ପ୍ରେମକୁ

ସମୟ ସାଙ୍ଗେ ସବୁ ଲିଭିଯାଏ ସ୍ମୃତି ରହିଯାଏ ପଛକୁ

ମନ ଦେଇ ଭଲ ପାଏ ଯିଏ ସେହିଁ ଜାଣେ ନିଜ ବେଦନା

ସମାଜ ସାମ୍ନାରେ ହସୁଥାଏ ସିନା ଅନ୍ତରେ ବିରହ କାନ୍ଦଣା।

ଅଭୁଲା ଅତୀତ ଭାବିଭାବି ଆଖି ହୋଇଯାଏ ଓଦା

ମନର ବେଦନା କେବୁଝିପାରିବ ସବୁ ରହିଯାଏ ସଦା

ଦିନ ବିତିଯାଏ ସମୟ ସ୍ରୋତରେ ଲିଭି ଯାଏ ସବୁ ଚିହ୍ନ

ରହିଯାଏ ମଣିଷଟି ଏକା ଜୀବନ ସଙ୍ଗେ କରି ବନ୍ଧୁତା

ସତେ କେ କଣ ଭୁଲିପାରେ ନିଜ ପ୍ରଥମ ପ୍ରେମକୁ ସବୁ ରହିଥାଏ ଅଧା ॥

ପିଜି ଦ୍ୱିତୀୟ ବର୍ଷ ଛାତ୍ରୀ, ଓଡ଼ିଆ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ଶୀତ



ସନ୍ତୋଷ କୁମାର ବେହେରା

ପ୍ରକୃତି ରାଣୀ ର କୋଳକୁ ଓହ୍ଲାଇ
ଆସିଛନ୍ତି ଋତୁ ଶୀତ
ଶିଶିର ମୁକ୍ତାରେ ହୋଇ ବିମଣ୍ଡିତ
କି ଶୋଭା ଦିଶେ ଜଗତ (୧)
ଶୀତ ସକାଳର ପଲ୍ଲୀର ଦୃଶ୍ୟ ଟି
ଦେଖିବାକୁ ଚମତ୍କାର
କୁହୁଡିର ଅନ୍ତରାଳେ ସୂର୍ଯ୍ୟ ଦେବ
ଆସନ୍ତି ହୋଇ ସୁନ୍ଦର (୨)
ସକାଳର ସୂର୍ଯ୍ୟ ସୌନ୍ଦର୍ଯ୍ୟ ପସରା
ଆସି ଖୋଲିଦିଏ ଶୀତ
ଘନ କୁହୁଡିର ଧବଳ ବସ୍ତ୍ର ରେ
ଧରା ହୁଏ ଆଚ୍ଛାଦିତ (୩)
ଚତୁର୍ଦ୍ଦିଗେ ଗଛ ଲତା ଘାସ ସର୍ବେ
ଶିଶିରେ କରନ୍ତି ସ୍ନାନ
ଶିଶିର ବିନ୍ଦୁ ଟି ମୁକ୍ତା ପରି ଦିଶେ
ପଡି ତପନ କିରଣ (୪)
ଦିନ ଛୋଟ ରାତି ବଡ ହୋଇଥାଏ
ଶୀତ ଋତୁ ଆସିଗଲେ

ISSN NO.
2582-208X

ଶୀତର ପ୍ରକୋପେ ଧରା ଥରହର
ପ୍ରକୃତି ନିର୍ଦ୍ଦେଶ ବଳେ (୫)
ଧାନ କିଆରୀରେ ସୁନାର ଫସଲ
ଦେଖି ଚାଷୀ ମନଖୁସି
ଶୀତ କୁ ନ ଡରି ପ୍ରାତଃ କାଲୁ ଉଠି
କର୍ମ କରେ ହସି ହସି (୬)

କପସିଲ୍, ତୁଷୁର୍, ବଲ୍ଙ୍ଗିର
ମୋବା:-୭୭୩୫୬୧୫୧୦୭

ISSN NO.
2582-208X

# ଏ ମଣିଷ



ସସ୍ମିତା ଭୋଇ

ଏ ମଣିଷ ସୁଖ ଚାହେଁ
ଚାହେଁନା ଦୁଃଖ
ଏ ମଣିଷ ପୂର୍ଣ୍ଣିମାର ପୂର୍ଣ୍ଣଚାନ୍ଦ ଚାହେଁ
ଚାହେଁନା ଅମାବାସ୍ୟା
ଏ ମଣିଷ ଜନ୍ମ ଚାହେଁ
ଚାହେଁନା ମୃତ୍ୟୁ
ଏ ମଣିଷ ଭଲପାଇବା ଚାହେଁ
ଚାହେଁନା ଘୃଣା
ଏ ମଣିଷ ସର୍ବଦା ନିଜର ଭଲ ଚାହେଁ
ଖରାପ ସହିପାରେ ନା
ଏ ମଣିଷ ସ୍ୱପ୍ନରେ କଳ୍ପନା ରାଜ୍ୟ ବୁଲିବାକୁ ଚାହେଁ
ଭଲପାଏନା ବାସ୍ତବତାକୁ
ଏ ମଣିଷ ନିଜକୁ ଶ୍ରେଷ୍ଠତାର ସିଡିରେ ଦେଖିବାକୁ ଚାହେଁ
ଦେଖିପାରେନା ଅନ୍ୟକୁ
ଏ ମଣିଷ ଜୀବନରେ ବସନ୍ତର ଆଗମନକୁ ଚାହେଁ
ଚାହେଁନା ବୈଶାଖର ଝଡକୁ
ଏ ମଣିଷ କୈଶୋରର ଚପଳା ଚାହେଁ
ଚାହେଁନା ବାର୍ଦ୍ଧକ୍ୟର ଜରାଜୀର୍ଣ୍ଣ

ISSN NO.
2582-208X

ଏ ମଣିଷ ଫୁଲର କୋମଳତାରେ ଚାଲିବାକୁ ଚାହେଁ
ଚାହେଁନା ଚାଲିବାକୁ କଣ୍ଟକିତ ପଥରେ
ଏ ମଣିଷ ନିଜର ସଫଳତାର ଖୁସିରେ
ଆତ୍ମହରା ହୋଇପାରେ କିନ୍ତୁ
ସହିପାରେନା ଅନ୍ୟର ଖୁସି
ଏ ମଣିଷ ଅନ୍ୟକୁ ଦେଖି ଇର୍ଷା କରି
ଜୀବନ ବିତାଇ ପାରେ ସିନା
ପହଞ୍ଚିପାରେନା କେବେ ସେ ସଫଳତାର ଶୀର୍ଷରେ..

ସ୍ନାତକୋତ୍ତର ଦ୍ୱିତୀୟ ବର୍ଷର ଛାତ୍ରୀ, ଓଡ଼ିଆ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ISSN NO.
2582-208X

# ସକାଳର ସୂର୍ଯ୍ୟ



ଶୁଭଶ୍ରୀ ଶୁଭସ୍ମିତା

ସକାଳର ସୂର୍ଯ୍ୟ ଉଁଏ  ଶୀତଳ ରଶ୍ମୀ ଢାଳି
ଉଜ୍ଜ୍ୱଳମୟ ଜ୍ୟୋତି ପ୍ରକାଶେ ଦୁଃଖ ଯାଏ ପାଶୋରି ।୧
ଅନ୍ଧାରକୁ ଛିନ୍ନ କରି ଉଜ୍ଜ୍ୱଳ ରାଶି କିରଣେ
ପ୍ରଭାତର ଶୁଭାଗମନେ,ନୂତନ ଦିନ ଆଣେ ।୨
ନୂତନ ଦିବା ଆହ୍ୱାନ ଦିଏ ନୂତନ କର୍ମ ପାଇଁ
ରବିର ଏହି ପ୍ରତିକ କଥାକେ ଅବା ଜାଣିନାହିଁ ।୩
ଉଜ୍ଜ୍ୱଳସେ ଦିବା ରାଶି କେତେ ତାର ରୂପ
କେତେ ଯେ ସୁନ୍ଦର ତା'ର ସୁବର୍ଣ୍ଣର ରୂପ ।୪
ତାର ଜୈାତି ରାଶିମାନ ସଂସାରେ ଗଲେ ପଡି
କେତେ ପ୍ରାଣୀ ଦୁଃଖ ପର୍ଣ୍ଣବୃକ୍ଷୁ ଯାଏ ଝଡି ।୫
କଳୁଷିତ ପରିବେଶେ ଯାହାର ହୁଏ ଜନ୍ମ
ସେ ରଶ୍ମୀର ଆଗମନେ ସେଠି ଫୁଟିଉଠେ ପଦ୍ମ ।୬
ଢଳ ଢଳ ପଦ୍ମ ମଧ୍ୟେ ଦିବାକର ରାଶି
ଏ ଦୃଶ୍ୟ ଦେଖିମନ ହୋଇଉଠେ ଉଚ୍ଛାସି ।୭
ପୂର୍ବ ଆକାଶରେ ବଧୂବେଶେ ଉଇଁ
ପଶ୍ଚିମ ଆକାଶେ ଅସ୍ତ ହୁଏ ନଇଁ ନଇଁ ।୮

ISSN NO.
2582-208X

ପ୍ରତିଦିନ ପ୍ରତି ମୁହୂର୍ତ୍ତରେ ପ୍ରସାରି ରଶ୍ମିମାନ
କାହା ପ୍ରତି କରିନାହିଁକେବେ ଅଭିମାନ ।୯
ରବି ରଶ୍ମୀ ପରି ସେତରଶ୍ମୀ ମମତାର
ଆଲୋକିତ କରିଥାଏ ଜଗତକୁ ସନ୍ତାନର ।୧୦
ସୃଷ୍ଟିର ଜନମ ଦିନୁଜନମ ତାହାର
ତା ବିନା ଅନ୍ୟ ଗତି ନାହିଁ ସେତ ସକଳ ଶକ୍ତିର ଆଧାର ।୧୧

ସ୍ନାତକୋତ୍ତର ଦ୍ୱିତୀୟ ବର୍ଷର ଛାତ୍ରୀ,
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ISSN NO.
2582-208X

# କୁଶବିଡ଼ା କଷ୍ଟି



ଅବିନାଶ ସାହୁ

ଜାତୀୟ ମୁକ୍ତି ସଂଗ୍ରାମ ସମୟରେ ଓଡ଼ିଶା ସହ ସାମିଲ ହୋଇଥିବା ଗଡ଼ଜାତ ମାନଙ୍କର ଅବଦାନ ଅତୁଳନୀୟ। ଏହି ଗଡ଼ଜାତ ମାନଙ୍କରେ ବସବାସ କରୁଥିବା ଅନେକ ଅଧିବାସୀ ନିଜର ସମସ୍ତ ସୁଖ ସ୍ୱାଛନ୍ଦ୍ୟକୁ ତ୍ୟାଗ କରି ଭାରତରେ ଜଳୁଥିବା ମୁକ୍ତି ସଂଗ୍ରାମର ବହ୍ନିରେ ନିଜକୁ ଝାସ ଦେଇଥିଲେ।

ଓଡ଼ିଶାରେ ସାମିଲ ହୋଇଥିବା ଗଡ଼ଜାତ ରାଜ୍ୟ ମାନଙ୍କ ମଧ୍ୟରୁ ସେତେବେଳେ ନୟାଗଡ଼ ରାଜ୍ୟ ମୁକ୍ତି ସଂଗ୍ରାମରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲା। ଏହି ଗଡ଼ଜାତ ରାଜ୍ୟର ଉତ୍ତର-ପଶ୍ଚିମାଞ୍ଚଳ ଘଞ୍ଚ ଜଙ୍ଗଲ ଓ ପାହାଡ଼ରେ ପରିପୂର୍ଣ୍ଣ ଥିଲା, ତେଣୁ ଏହି ଅଞ୍ଚଳରେ ଥିବା ଗ୍ରାମଗୁଡ଼ିକରେ ପ୍ରାୟତଃ ଆଦିବାସୀ ସମ୍ପ୍ରଦାୟର ଲୋକେ ବସବାସ କରୁଥିଲେ। ଏହି ଅଞ୍ଚଳଗୁଡ଼ିକୁ ଗମନାଗମନର ସୁବିଧା ନଥିବା ହେତୁ ନୟାଗଡ଼ ରାଜା ସିଧାସଳଖ ନିଜ ଶାସନ ଅନ୍ତର୍ଭୁକ୍ତ କରିପାରୁନଥିଲେ। ତେଣୁ ଏହି ଅଞ୍ଚଳ ଗୁଡ଼ିକରେ ଗଡ଼ତିଆମାନେ ନିଜ ନିଜର ସ୍ୱାଧୀନ ଶାସନ ପରିଚାଳନା କରୁଥିଲେ। ଫଳରେ ଏହି ଅଞ୍ଚଳ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ପାଇଁ ଥିଲା ଏକ ନିରାପଦ ସ୍ଥାନ।

ଏହି ନିଘଞ୍ଚ ମାଳ ଅଞ୍ଚଳର ବିରାଟ ପାହାଡ଼ 'ପାଲଭା' ପାଦଦେଶରେ ଏକ କ୍ଷୁଦ୍ର ଆଦିବାସୀ ଗ୍ରାମ 'କୁଶବିଡ଼ା' ଅବସ୍ଥିତ। ଏହି ଗ୍ରାମରେ ୧୮୯୭ ମସିହା ଅକ୍ଟୋବର ୧ ତାରିଖ ଦିନ ଏକ କନ୍ଧ ପରିବାରରେ ଅର୍ଜୁନ ଡାକୁଆ ଏବଂ ନାରବା ଦେଇଙ୍କ ଦ୍ୱିତୀୟ ସନ୍ତାନ ଭାବେ କୋଳମଣ୍ଡନ କରିଥିଲେ ମହାନ ଆଦିବାସୀ ବୀର କଷ୍ଟି ଡାକୁଆ। ତୁଳସୀ ଦୁଇ ପତ୍ରରୁ ବାସିଲା ପରି ତାଙ୍କର କାର୍ଯ୍ୟ କଳାପ ପିଲାଦିନରୁ ଅତି ସ୍ୱଷ୍ଟ ଭାବେ ବାରି ହେଉଥିଲା। କଷ୍ଟି ଡାକୁଆ ଅତ୍ୟନ୍ତ ସରଳ ଓ ସ୍ୱାଧୀନମନା ଥିଲେ। ସେ ଆଦିବାସୀ ପରିବାରରେ ଜନ୍ମଗ୍ରହଣ

ISSN NO.
2582-208X

କରିଥିବା ହେତୁ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ଓ କୃଷିକୁ ନିଜର କୌଳିକ ବୃତ୍ତି ଭାବେ ଗ୍ରହଣ କରିନେଇଥିଲେ ।

ଇଂରେଜ ସରକାରଙ୍କ ପ୍ରରୋଚନାରେ ନୟାଗଡ଼ ରାଜା ଚାଷ ଜମି ଉପରେ କର ଲଗାଇ ଦେଲେ ଏବଂ ଅଧିକ କର ଆଦାୟ ପାଇଁ ଦାରୋଗା ମାନଙ୍କୁ ନିର୍ଦ୍ଦେଶ କଲେ। ଫଳରେ ରାଜାଙ୍କ ଏହି ନିୟମକୁ ପାଳନ କରିବା ସାଧାରଣ ଗରିବ ପ୍ରଜା ପକ୍ଷରେ ଅସମ୍ଭବ ହୋଇପଡ଼ିଲା ତେଣୁ ସେମାନେ ରାଜାଙ୍କର ଏହି ନିଷ୍ଠୁର ନିଷ୍ପତ୍ତିକୁ ଦୃଢ଼ ଭାବେ ବିରୋଧ କରି ନୟାଗଡ଼ର ବିଭିନ୍ନ ସ୍ଥାନରେ ପ୍ରଜାମେଳି ଆରମ୍ଭ କଲେ ।

ଠିକ ଏହି ସମୟରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଆରମ୍ଭ ହେଲା 'ଭାରତ ଛାଡ଼ ଆନ୍ଦୋଳନ' ଯାହାକି ନୟାଗଡ଼ ପ୍ରଜାମଣ୍ଡଳର ସଂଗ୍ରାମୀ ମାନଙ୍କୁ ଆହୁରି ସଶକ୍ତ କରିଦେଇଥିଲା। 'ଭାରତ ଛାଡ଼ ଆନ୍ଦୋଳନ'କୁ ସଫଳ କରିବା ପାଇଁ ଏହି ଗଡ଼ଜାତର ବିଭିନ୍ନ ଅଞ୍ଚଳରୁ ଲୋକମାନଙ୍କୁ ବୈଠକ ନିମନ୍ତେ ଡକା ଯାଇଥିଲା। ଉକ୍ତ ବୈଠକଟି ତା ୧୯୪୨ ଅକ୍ଟୋବର ୮ ରିଖ ଦିନ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ବାହାଡ଼ାଝୋଲା ନିକଟବର୍ତ୍ତୀ ଜଙ୍ଗଲ ମଧ୍ୟରେ ଥିବା ମଧୁଆଖଳି ପଡ଼ିଆରେ ଅନୁଷ୍ଠିତ ହୋଇଥିଲା। ଏହି ପଡ଼ିଆରେ ଶତାଧିକ କର୍ମୀ ଓ ଜନସାଧାରଣଙ୍କ ସହ ସାମିଲ ହୋଇଥିଲେ ଆଦିବାସୀ ସମ୍ପ୍ରଦାୟର ଜଣେ ଉଦ୍ଦାମ ଯୁବକ କଷ୍ଟି ଡାକୁଆ। କଷ୍ଟି ଡାକୁଆଙ୍କ ପ୍ରେରଣାଦାୟୀ ଭାଷଣ ଉପସ୍ଥିତ ଜନତା ବିଶେଷତଃ ଆଦିବାସୀ ମାନଙ୍କ ଉପରେ ବେଶ ଭଲ ପ୍ରଭାବ ପକାଇଥିଲା।

ଏହି ବୈଠକରେ ସାମିଲ ହୋଇଥିବା ସମସ୍ତ ବ୍ୟକ୍ତି ୧୯୪୨ ଅକ୍ଟୋବର ୧୦ ତାରିଖ ଦିନ ଦୁଇଗୋଟି ଦଳରେ ବିଭକ୍ତ ହୋଇ ନୟାଗଡ଼ ରାଜାଙ୍କ ସହ ରାଜପ୍ରାସାଦକୁ ଘେରାବନ୍ଦୀ କରିବା ନେଇ ବୈଠକରେ ନିଷ୍ପତ୍ତି ନେଇଥିଲେ । ଗୋଟିଏ ଦଳ କଷ୍ଟି ଡାକୁଆଙ୍କ ନେତୃତ୍ୱରେ ବରକୋଳା ଠାରୁ ବାହାରି ନୂଆଗାଁ-ମହିପୁର ରାସ୍ତାରେ ନୟାଗଡ଼ ପହଞ୍ଚିବେ ଏବଂ ଅନ୍ୟ ଦଳଟି ସଦାଶିବ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ବାହାଡ଼ାଝୋଲା ଠାରୁ ବାହାରି ଓଡ଼ଗାଁ-ଓସ୍ତିଆ ଦେଇ ଶରଣକୁଳ ରାସ୍ତାରେ ନୟାଗଡ଼ରେ ପହଞ୍ଚିବେ ।

ଅନ୍ୟପକ୍ଷରେ ଆଉ ଗୋଟିଏ ଦଳ ପୂର୍ବ ଯୋଜନା ମୁତାବକ ଆନନ୍ଦ ଚନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ଏକ ବିରାଟ ପଟୁଆର ସହ ଆସି ବରକୋଳା ଠାରେ ପହଞ୍ଚିଲେ ଏବଂ କଷ୍ଟି ଡାକୁଆଙ୍କ ନେତୃତ୍ୱରେ ଆଦିବାସୀ ଗ୍ରାମ ଗୁଡ଼ିକରୁ ପ୍ରାୟ ଦୁଇ ଶହ ଆଦିବାସୀ ନିଜ ନିଜର

ISSN NO.
2582-208X

ଠେଙ୍ଗା ବାଡ଼ି ଧରି ବରକୋଳା ଠାରେ ପୂର୍ବରୁ ପହଞ୍ଚିଥିବା ଦଳ ସହ ସାମିଲ ହେଲେ। ଆଦିବାସୀ ମାନଙ୍କ ବିରାଟ ପଟୁଆରକୁ ଦେଖି ବରକୋଳା ଡାକବଙ୍ଗଳାରେ ଥିବା କର୍ମଚାରୀ ଓ ୭/୮ ଜଣ ପୋଲିସ କର୍ମଚାରୀ ସମସ୍ତ ଗୁଳିଗୋଳା ଓ ବନ୍ଧୁକକୁ ଛାଡ଼ିଦେଇ ଜଙ୍ଗଲକୁ ପଳାଇଗଲେ। ଏହାର ସୁଯୋଗ ନେଇ ଉତ୍ୟକ୍ତ ଜନତା ବରକୋଳା ବଙ୍ଗଳାରେ ଅଗ୍ନିସଂଯୋଗ କରିଦେଲେ। ପରେ ପରେ ବିପ୍ଳବୀମାନେ ଅଗ୍ରସର ହୋଇ ନୂଆଗାଁରେ ପହଞ୍ଚିଲେ।

ନୂଆଗାଁରୁ ନୟାଗଡ଼ ଅଭିମୁଖେ ଶୋଭାଯାତ୍ରା ଅଗ୍ରସର ହେବାବେଳେ ନୂଆଗାଁ ଥାନା ନିକଟରେ ଶିଖ ମନାଇଙ୍କ ସହ ପୋଲିସ ବାହିନୀ ସେମାନଙ୍କୁ ବିରୋଧ କରି ଫାଙ୍କା ଗୁଳି ଚାଳନା କଲେ ଫଳରେ ଆଦିବାସୀମାନେ ଉତ୍ତେଜିତ ହେବାରୁ ସଂଘର୍ଷ ଆରମ୍ଭ ହେଲା। ସଂଘର୍ଷ ବେଳକୁ ବେଳ ତୀବ୍ରତର ହେଉଥାଏ ଯାହାକୁ ପୋଲିସ ବାହିନୀ ମୁକାବିଲା କରିବାରେ ଅକ୍ଷମ ହେଉଥାନ୍ତି। ପରିସ୍ଥିତିକୁ ନିଜ ଆୟତ୍ତକୁ ଆଣିବା ପାଇଁ ନୂଆଗାଁ ଥାନାର ଭାରପ୍ରାପ୍ତ ଅଧିକାରୀ ବେଣୁଧର ପଟ୍ଟନାୟକଙ୍କ ଗୁଳି ଚାଳନା ନିର୍ଦ୍ଦେଶ ମୁଖରୁ ନ ସରୁଣୁ ସଙ୍ଗେ ସଙ୍ଗେ ଲିଙ୍ଗା ନାୟକ ସଂଗ୍ରାମୀ ମାନଙ୍କ ଉପରକୁ ଗୁଳି ଚଳାଇବା ଆରମ୍ଭ କରିଦେଲା। ସେଥିରୁ ଗୋଟାଏ ଗୁଳି ଆସି କଷ୍ଟି ଡାକୁଆଙ୍କ ପେଟରେ ବାଜିଲା ସତ କିନ୍ତୁ ସେଥିରେ ସେ ବିଚଳିତ ନ ହୋଇ ପେଟ ଉପରେ ହାତ ରଖି ଶୋଭାଯାତ୍ରାକୁ ସଫଳ କରିବା ପାଇଁ ଉଚ୍ଚ କଣ୍ଠରେ "ଅନ୍ଧାରୀ ଶାସନ ଲୋପ ହେଉ" ବୋଲି ସ୍ଲୋଗାନ ଦେଉଥିଲେ।

ମୁକ୍ତି ସଂଗ୍ରାମୀ ମାନଙ୍କୁ କୌଣସି ସୂଚନା ନଦେଇ ପୋଲିସ ବନ୍ଧୁକରୁ ଗୁଳି ଫୁଟିଥିବାରୁ ଅନେକ ଆହତ ହୋଇ ଛତ୍ରଭଙ୍ଗ ଦେଲେ। ଏଣେ କଷ୍ଟି କଷ୍ଟ ସହିନପାରି ପାଣି ମୁନ୍ଦାଏ ପାଇଁ ଆତୁର ଚିତ୍କାର କରୁଥିଲେ, ଏହାର ସୁଯୋଗ ନେଇ ଲିଙ୍ଗା ନାୟକ ପାଣି ଦେବାକୁ କହି କଷ୍ଟି ଡାକୁଆଙ୍କୁ ଥାନା ଭିତରକୁ ଘୋଷାରି ଘୋଷାରି ନେଇଗଲା। ସେଠାରେ ଥିବା ଅନ୍ୟ ପୋଲିସ କର୍ମଚାରୀମାନେ 'ପାଣି ବଦଳରେ ପରିସ୍ରା ଠିକ ହେବ' ବୋଲି ଅଟ୍ଟହାସ୍ୟ କରି ବଡ଼ ପାଟିରେ କହିବାକୁ ଲାଗିଲେ। ସେଠାରେ ଆଉ ଯନ୍ତ୍ରଣା ସହି ନପାରି କଷ୍ଟି ଡ଼ାକୁଆ ଶେଷ ନିଃଶ୍ୱାସ ତ୍ୟାଗ କଲେ। ଏହା ଦେଖି ଉପସ୍ଥିତ ଥିବା ଅନ୍ୟ କନେଷ୍ଟବଳ ମାନେ ଅତି ନିଷ୍ଠୁର ଭାବେ ତାଙ୍କ ମର ଶରୀରକୁ ନେଇ ନିକଟରେ ଥିବା କାଞ୍ଜିଆହୁଦାରେ ଫିଙ୍ଗିଦେଇଥିଲେ।

ISSN NO.
2582-208X

ମାତ୍ର ପଇଁଚାଳିଶ ବର୍ଷ ବୟସରେ ବିପ୍ଲବୀ କଷ୍ଟି ଡାକୁଆ ଆଶ୍ୱିନ କୃଷ୍ଣ ଅମାବାସ୍ୟା ତିଥିରେ ମାତୃଭୂମି ପାଇଁ ଯେଉଁ ବଳିଦାନ ଦେଲେ ତାହା ଚିରକାଳକୁ ନୟାଗଡ଼ ତଥା ଭାରତର ମୁକ୍ତି ସଂଗ୍ରାମ ଇତିହାସରେ ସ୍ୱର୍ଣ୍ଣିମ ଅକ୍ଷରରେ ଲିପିବଦ୍ଧ ହୋଇ ରହିଗଲା ।

ବାହାଡ଼ାଝୋଲ୍, ନୟାଗଡ଼
ଦୂରଭାଷ - ୯୩୪୮୪୦୫୮୪୦

ISSN NO.
2582-208X

# ଝିଅଟିଏ



ଅବନକା ନାଏକ

ଲିଜା ବୋଲି ଗୋଟେ ଝିଅଟିଏ
ଦେଖିବାକୁ ସେ ଡଉଲ ଡାଉଲ
ମନ ଯେ ତା'ର ନିର୍ମଳ ତୁଲ୍ୟ
ଭାଷା ଅଟେ ତା'ର ସୁମଧୁର
ଅନ୍ତ ଆତ୍ମାରେ କରେ ସଭିଙ୍କୁ ଆପଣାର

ଲିଜା ବୋଲି ଗୋଟେ ଝିଅଟିଏ
କଥା କହିବାରେ ବାଟ ଚାଲିବାରେ
ମନରେ ଜାଗେ କେତେ ଉଦିପ୍ନା
ସପନ ଦେଖି ଅସଂଖ୍ୟ ରାଇଜ
ସତ ଅବା ହେବ ସେ ସପନର ରାଇଜ

ଲିଜା ବୋଲି ଗୋଟେ ଝିଅଟିଏ
ତୁଳସୀ ପତ୍ରର ବାସ୍ନା ପରି
ସଭିଙ୍କୁ କରାଏ ଆଗ୍ରହ କରି
ଏକାଗ୍ରତା ଦେଖି  ସଭିଏଁକରନ୍ତି
ଅନ୍ତ ସ୍ପର୍ଶରେ ଆଦର

ISSN NO.
2582-208X

ଲିଜା ବୋଲି ଗୋଟେ ଝିଅଟିଏ
ନିତି ସଞ୍ଜ ସକାଳେ ସେ ଜପ କରେ
ଅନ୍ତରରୁ ସେ ପ୍ରାର୍ଥନା କରେ
ମନରେ ଜାଗେ ଏକାଗ୍ରତାର ମନ
ପ୍ରାର୍ଥନା କରେ ସେ ସଭିଙ୍କ ସୁନ୍ଦରତା ମନ

ସ୍ନାତକୋତ୍ତର ଦ୍ୱିତୀୟ ବର୍ଷର ଛାତ୍ରୀ, ଓଡ଼ିଆ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ISSN NO.
2582-208X

# ଆତ୍ମା

ବିନୟାନନ୍ଦ ବସ୍ତ୍ରସ୍ୟ

ଆତ୍ମା କିଏ ପୁଣି
ଜୀବ କିଏ ଅଟେ
ଜାଣିଚି କିଏ ସେ ସୂତ୍ର,
କେଉଁଗୋଟି ଧର୍ମ
କେଉଁଟି ଅଧର୍ମ
କେ ପବିତ୍ର ଅପବିତ୍ର ।

କ୍ଷୀରି ପୁରୀ ହେଉ
ଅବା ପନିଅରି
ପଖାଳ ତବତ ହେଉ,
ଝୁମ୍ପୁଡ଼ି ବଙ୍ଗଳା
ଶଗଡ଼ କାଆର
ଯେତେ ବା ସାଧନ ଥାଉ ।

ଆସିବା ବାଟରେ
ଏକା ଆସିଅଛି
ଯିବା ବେଳେ ଯିବ ଏକା,
ପରପୀଡନରେ
ପାପ ହୁଏ ସିନା
ଉପକାରେ ଧର୍ମ ସଖା ।

ଆତ୍ମା ଏ ଦେହର
ରଥରେ ବସିଛି
ଇନ୍ଦ୍ରୀ ଅଶ୍ୱ ରଜ୍ଜୁ ମନ,
ଦଶ ଅଶ୍ୱ ଅଟେ
ଇନ୍ଦ୍ରିୟ ରଜ୍ଜୁକୁ
ଧରିଛି ଏ ପାଞ୍ଚ ମନ ।

ବିବେକ ଚାବୁକ
ଖାତିର କରେନା
ଇଚ୍ଛା ବଳ ବସେ ମାଡ଼ି,
ଅହଂ ଗର୍ବ ଈର୍ଷା
ପରଶ୍ରୀ କାତର
ମାୟା ମୋହ ସଙ୍ଗେ ଜଡ଼ି ।

ହରି ଭଜିବାକୁ
ବେଳ କାହିଁ କହ
ଆତ୍ମା ପଡ଼େ ମାୟା ଜାଲେ,
ଚାଲାକ୍ ଚତୁର
ଆତ୍ମା ଫଶେ ନାହିଁ
ବନ୍ଧନରେ କେବେ ହେଲେ ।

ISSN NO.
2582-208X

ସବୁ କହେ ମୋର
କେ ନୁହେଁ କାହାର
ବୁଝିଲା ବେଳକୁ ମରେ,
ଖୋଜିଲା ବେଳକୁ
ସବୁ ସରିଥାଏ
ଶରୀର ଜୁଇରେ ଜଳେ ।

ଖାଦ୍ୟ ବସ୍ତ୍ର ଗୃହ
ଲୋଡା ହୁଏ ନାହିଁ
ଆତ୍ମାକୁ କେବେ କାହିଁରେ,
ଅଛେଦ୍ୟ ଅଭେଦ୍ୟ
ଅକାଟ୍ୟ ଅଦାହ୍ୟ
ଅକ୍ଲେଦ୍ୟ ରହେ ଅମରେ ।

ମନ ଇଚ୍ଛା ଆତ୍ମା
ଶରୀର ଇନ୍ଦ୍ରିୟ
ବିବେକ ବୁଦ୍ଧିର ସଂଜ୍ଞା,
ବୁଝିବା ମଣିଷ
ଅବୁଝା ହୁଅଇ
ଇଶ୍ୱରେ କରେ ଅବଜ୍ଞା ।

ବରଷା ପରି ଏ
ସଂସାରେ ସମସ୍ୟା
ଝରୁଥାଏ ମଲା ଯାଏଁ,
ସାରୁ ପତ୍ର ପରି
ସାଧୁ ଜନ ସିନା
ସମସ୍ୟା ତା ପାଖେ ହାରେ ।

ବୁଝିକି ଅବୁଝା
ଜାଣିକି ଅଜଣା
ଶୁଣିକି ଅଶୁଣା ପ୍ରାୟେ,
ଦୁଃଖ ଭୋଗେ ପ୍ରାଣୀ
ଶୋକେ ସଢ଼ୁଥାଏ
ମିଛରେ ପାଗଳା ହୁଏ ।

ଭଲ ଲାଗେ ସବୁ
ମନ୍ଦ ଯେତେ ଯାହା
ମନ୍ଦ ଲାଗେ ତାକୁ ଭଲ,
ମର୍ତ୍ତ୍ୟ ମଣ୍ଡଳରେ
ଜନ୍ମ ଲଭି ଜୀବ
ହେଉଥାଏ କଲବଲ ।

ଖୋର୍ଦ୍ଧା

ISSN NO.
2582-208X

# କିଛି ସ୍ମୃତି !!



ଅଭିଳାଷ ବାରିକ୍

ସୁଝୀନ ପରଦାର ତଳୁ
କେଉଁ କୋହରତି ଦିଗବଅୟରୁ
ବାରଂବାର ଦିଶିଯାଏ
କାହାର ସ୍ନେହବୋଳା ହାତ
ପରିଷି ଦିଏ ସହସ୍ର ଅମୃତ ।
ଭରିଦିଏ ପ୍ରତିଟି ଶୂନ୍ୟ ଥାଳ
ଅମୃତର ଅକଳନ୍ତି ବୁନ୍ଦାରେ !!!
ଆଚ୍ଛନ୍ନ ଅନ୍ଧକାରରେ
ଧାରାଏ ଆଲୋକ ପରି,
ଭରା ମେଘ ରାତିରେ
ବିଦ୍ୟୁତର ରେଖାଟିଏ ପରି,
ସଳିତାଟି ସରିସରି ଯାଏ
ଉଜ୍ଜ୍ୱଳିତ କରେ,
ସବୁ ଅଶ୍ରୁର ଆସର
ମମତାର ଅସରନ୍ତି ଆଲୋକରେ ।
ନିର୍ମମ ନିଦାଘରେ ଝଡ ଅନ୍ଧାରରେ
ପଣତ ଯାହାର ଲମ୍ବି ଆସେ,
ଢାଙ୍କିଦିଏ,
ମୋର ଧୂଳି ଧୂସରିତ ଦେହକୁ

ISSN NO.
2582-208X

ଆଶା ଆଶ୍ୱାସନାର ମଧୁମନ୍ତ୍ର ହୋଇ
ଘେରି ରହିଥାଏ,
ତାର ସ୍ନେହର ରେଶମ ଡୋରି !!
ସବୁ ସ୍ୱର୍ଶାତୁର ସମୟକୁ
ଗୋଟିଏ ନିଆରା ଶବ୍ଦ
କୋଟିଏ ମମତାର ସୁର,
ଗୁଞ୍ଜରିତ ହୁଏ ଆକାଶ ବତାସ
ଉଲ୍ଲସିତ କରେ ପ୍ରତି ଲୋମ କୂପ
ସେଇତ ମୋ ! ବୋଉ
ଯାହା ବିନା ଆଦି ନାହିଁ ଅନ୍ତ ନାହିଁ
ସବୁବେଳେ ସେହି ମୋର ସାହା !!

ନାମତାର୍, ରାଜକନକା

ISSN NO.
2582-208X

# ଏଇତ ଜୀବନ



ଜନ୍ମଜୟ ନାୟକ

ସଂପର୍କର ଦୋଛକିରେ ମାନବିକତା ହଜେରେ
ନିମିଷେ ଭାଙ୍ଗଇ ପୁଣି  ବିଶ୍ୱାସ ବନ୍ଧ,
ସ୍ୱାର୍ଥପରତାର ଗନ୍ଧ ମଣିଷକୁ କରେ ଅନ୍ଧ
ଛିଡଇ ସେନେହ ଆଉ ମମତା ବୋଧ,
ପାଚେରି  ବି ଉଠଇ ଘରେ
ଖୁସି ନିଲାମ ହୁଅଇ ଲୁହ ହାଟରେ ।

କେବେ ଲୁହଧାର ଝରେ କେବେ  ହସ ଓଠଧାରେ
ଲୁହ ମିଶାଣରେ ହୁଏ ହସ ଫେଡାଣ,
କେବେ ମନେ ଜାଗେ କୋହ କେବେ ତ ଅଜଣା ଭୟ
ରାତି ନସରୁଣୁ କେବେ ଭାଙ୍ଗେ ସପନ,
ଏମିତି ବିତଇ ଜୀବନ
ଛାତିକୁ ପଥର କରି ଦୁଃଖ ସହିଣ ।

ଅକୁହା ବେଦନା ସହି ଅଦେଖା ଲୁହ ଝରାଇ
ମରିମରି ଜୀଇଁବାକୁ ହୁଅଇ ସିନା
କପାଳ ଲିଖନ ପରା ଭୋଗେ ଏ ଜୀବନ ସାରା

ISSN NO.
2582-208X

ବଞ୍ଚିବାକୁ ହୁଏ ଏଠି ହସର ବିନା
ନିୟତିର ବିଧାନ ପାଇଁ
ମିଛ ଫଗୁଣରେ ହସେ ଶ୍ରାବଣେ ଥାଇ ।

କିଏ ମିଛଦୋଷେ ଦୋଷୀ କିଏ ପାପେ ଯାଏ ଭାସି
ପାପ ଅଗଣାରେ କାନ୍ଦେ ପୁଣ୍ୟର ଖରା
ସକାଳ କୁହୁଡି ପୁଣି ଅନ୍ଧାରକୁ ଆଣେ ଟାଣି
ଜୀବନର ବାଟ ଦିଶେ ଅନ୍ଧାର ଘେରା
ମିଛ ପୁଣି ସନ୍ଦେହ ଜୁଇ
ସତ କଲମରେ ମିଛ କାହାଣୀ ଏଇ।

ଗୋପୀନାଥଜୀଉ ସରକାରୀ ଉଚ୍ଚବିଦ୍ୟାଳୟ
ଜଗତସିଂହପୁର
ଫୋନ-୯୩୩୭୮୦୦୫୬୫

ISSN NO.
2582-208X

# ଚାଣକ୍ୟ ନୀତି



ଅଳକା ବାରିକ୍

ଚାଣକ୍ୟ ନୀତି: ଚାଣକ୍ୟ କହିଛନ୍ତି ଯେ, ଜ୍ଞାନ ଯେଉଁଠାରୁ ପ୍ରାପ୍ତ ହୁଏ ସେଠାରୁ ନିଆଯିବା ଉଚିତ୍। ଯେପରି ଶିଖିବାର ବୟସ ନାହିଁ, ସେହିପରି ଭଲ ଜ୍ଞାନ ଆହରଣ କରିବାକୁ, କିଏ ସମ୍ମୁଖରେ ଅଛି ତାହା ଦେଖିବା ଉଚିତ୍ ନୁହେଁ। ଚାଣକ୍ୟ କହିଛନ୍ତି ଯେ, ଏହି ଦୁନିଆର ପ୍ରତ୍ୟେକ ଜୀବ ଅନେକ ଗୁଣରେ ପରିପୂର୍ଣ୍ଣ। ଚାଣକ୍ୟଙ୍କ ଅନୁଯାୟୀ, ଏପରି କିଛି ପକ୍ଷୀ ଅଛନ୍ତି, ଯାହାର ଗୁଣ ଜଣେ ବ୍ୟକ୍ତିଙ୍କ ପାଇଁ ସଫଳତାର ପଥକୁ ସହଜ କରିଥାଏ ଏବଂ ଲକ୍ଷ୍ୟ ହାସଲ କରିବା ପାଇଁ ସେ ଏକ ଉନ୍ନତ ମାର୍ଗରେ ଆଗକୁ ବଢିପାରନ୍ତି। ଆସନ୍ତୁ ଜାଣିବା କେଉଁ ପକ୍ଷୀମାନଙ୍କର ଗୁଣ ସଫଳତାର ମାର୍ଗ ଦେଖାଏ ।

ବଗ:

ବଗର ବିଶେଷତ୍ୱ ହେଉଛି ଯେ ସେ ନିଜର ସମସ୍ତ ଇନ୍ଦ୍ରିୟଗୁଡିକୁ କିପରି ନିୟନ୍ତ୍ରଣ କରିବେ ଜାଣନ୍ତି। ଚାଣକ୍ୟ କହିଛନ୍ତି ଯେ, ସଫଳତା ପାଇଁ ପ୍ରତିବନ୍ଧକ ହେଉଛି ପ୍ରଥମ ପଦକ୍ଷେପ। ଯେଉଁ ବ୍ୟକ୍ତି ନିଜର ଇନ୍ଦ୍ରିୟଗୁଡ଼ିକୁ ନିୟନ୍ତ୍ରଣ କରିବାରେ ଅସମର୍ଥ, ତାଙ୍କ ମନ ସର୍ବଦା ବିଚଳିତ ହୁଏ ଏବଂ ସେ ଲକ୍ଷ୍ୟରୁ ବିଚ୍ୟୁତ ହୁଏ। ବଗ ପରି, ଜଣେ ବ୍ୟକ୍ତି ଦେଶ, ସମୟ ଏବଂ ତାଙ୍କର ଶକ୍ତି ଯଥା କାର୍ଯ୍ୟ ଅନୁଯାୟୀ କାର୍ଯ୍ୟ କରିବା ଉଚିତ୍। ଏଥିରେ ସଫଳତାର ଏକ ଉଚ୍ଚ ସମ୍ଭାବନା ଅଛି। ଏକାଗ୍ରତା ସହିତ କରାଯାଇଥିବା କାର୍ଯ୍ୟ ସଫଳ ହେବ ।

ISSN NO.
2582-208X

କୋଇଲି:

ଜଣେ ବ୍ୟକ୍ତିର ବ୍ୟକ୍ତିତ୍ୱ ବକ୍ତବ୍ୟ ଦ୍ୱାରା ଚିହ୍ନିତ ହୁଏ। ଯେପରି କୋଇଲି ଏହାର ମଧୁର ସ୍ୱର ନ ଆସିବା ପର୍ଯ୍ୟନ୍ତ ଚୁପ୍ ରହିଥାଏ। ସେହିଭଳି, ଯଦି ଆପଣ ଭଲ କହିପାରିବେ ନାହିଁ, ତେବେ ଚୁପ୍ ରହିବା ଭଲ। କମ୍ କୁହନ୍ତୁ କିନ୍ତୁ ମଧୁର କଥା କୁହନ୍ତୁ। ମିଠା ଶବ୍ଦ ଲୋକଙ୍କୁ ଆକର୍ଷିତ କରିଥାଏ ।

କୁକୁଡା:

ସୂର୍ଯ୍ୟୋଦୟ ପୂର୍ବରୁ ଉଠିବା, ଜୋରଦାର ଯୁଦ୍ଧ କରିବା, ଏକାଠି ଖାଇବା ଏବଂ ନିଜ ଉପରେ ଆକ୍ରମଣ କରି ଖାଦ୍ୟ ସଂଗ୍ରହ କରିବା ଭଳି ଏହି ଚାରୋଟି ଗୁରୁତ୍ୱପୂର୍ଣ୍ଣ ଗୁଣକୁ ଜଣେ କୁକୁଡ଼ାଠାରୁ ଶିଖିବା ଉଚିତ୍। ସଫଳତା ପାଇବା ପାଇଁ ଏହି ଚାରୋଟି ଗୁଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ସଂଗ୍ରାହିକା: ଅଳକା ବାରିକ୍
ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ତୁମାଶିଷ



ପ୍ରକାଶ ଚନ୍ଦ୍ର ପଣ୍ଡା

କେମିତି ପୁଜିବି ପ୍ରଭୁହେ
ଜାଣେନି ମୁଁ ଅଧମ
ଅବୋଧ ଅକ୍ଷମ ମାନବ
ଦୋଷ ମୋହରି କ୍ଷମ ।
ଦୁର୍ଲଭ ଜନମ ପାଇଛି
ସବୁ ତୁମରି ଦାନ
ଜିହ୍ୱାଗ୍ରେ ସର୍ବଦା ମୋହରି
ରହୁ ତୁମରି ନାମ ।
ତୁମରି ଆଜ୍ଞାରେ ଆକାଶେ
ତାରକା ଚନ୍ଦ୍ରମା
ବରଷନ୍ତି ଜ୍ୟୋତି ରାଶି
ଦୂର ହୁଅଇ ଅମା ।
ପୁରୁବ ଦିଗରେ ଉଅଁଇ
ତୁମ ଆଜ୍ଞାରେ ରବି
ସୁନେଲୀ କିରଣ ସ୍ୱର୍ଶରେ
ଦିଶେ କୋଲୋଭା ଛବି ।

ବିଚିତ୍ର ନିର୍ମାଣ ତୁମର
ଏକି ସୁନ୍ଦର ଶୋଭା
ତୁମରି ହସ୍ତର ସ୍ୱର୍ଶରେ
ଦିଶେ କି ମନଲୋଭା ।
ତୁମରି ହାତର ଖେଳନା
ମାତ୍ର ନିମିତ୍ତ ଆମେ
ଆଶିଷ ରହୁ ହେ ମାନବେ
କ୍ଷମ ଏ ମାନଜନେ ।

କଲ୍ୟାଣପୁର, ଭୁଇଁପୁର,
ପାଣିକୋଇଲି, ଯାଜପୁର

ISSN NO.
2582-208X

# ବଉଳ ମାଳଆ



ଡ. ଅର୍ଜୁନ ଚରଣ ବାରିକ୍

ବଉଳ ମାଳୀଆ ଶ୍ରୀଖଣ୍ଡ ଚୂଳିଆ
ଶ୍ରୀହରି ଜଗତ ବାପ ।
କାମିନୀ ରଙ୍ଗା ବାଙ୍କ ବିହାରୀ କୃଷ୍ଣ
ହରଣ କରେ ତ୍ରୀ ତାପ ।
କଦମ୍ବ ମାଳିନ କୃଷ୍ଣ ଶ୍ୟାମ ଘନ
ଶ୍ରୀଧର ନନ୍ଦନ।
ଚମ୍ପକ ମଲ୍ଲୀ ହାରେ ଶରଧା ତାର
ଧନ୍ୟ ସେ କଳା ବାମନ ।
କୁନ୍ଦ ରଦନ ତା ବଡ଼ ଶୋଭାବନ
ବକ୍ଷେ କଉସ୍ତୁଭ ହାର।
ରଙ୍ଗଣୀ ଅଧର ବଳୀ ୟାର ଭୁଜ
ଗୋବର୍ଦ୍ଧନ ଗିରିଧର ।
ପଦ୍ମମୁଖ ଶୋଭା ବଡ଼ ମନଲୋଭା
ଚନ୍ଦନ ଚର୍ଚ୍ଚିତ ଦେହ ।
ହେନା ପ୍ରସୁନ ଶୋଭନ ବାଙ୍କ ଚୁଲେ
କି ସୁନ୍ଦର ନନ୍ଦ ପୁଅ ।
ଟଗରର କାନ୍ତି ନିନ୍ଦେ ବଳଦେବ
ରୋହିଣୀ ଦେବୀ ଦୁଲାଳ ।
ପୀତ କନିଅର ସୁଭଦ୍ରା ଦେବିର
ଦେହ ରଙ୍ଗ ସମତୁଲ ।

ISSN NO.
2582-208X

ଗେଣ୍ଡୁ ପ୍ରିୟ ଶ୍ରୀହରି ଦେବାଧି ରାୟ
ୟଶୋମତିର ତନୟ ।
କଞ୍ଜ କଳା ମୁଖ ହରେ ଭବ ଦୁଃଖ
ଭକ୍ତ ସୁଖ ଦେବରାୟ ।
କାଞ୍ଚନ ବରନି ଦେବୀ ରାଧା ରାଣୀ
ପ୍ରାଣ ପ୍ରିୟା ଯା ହାଙ୍କର ।
ମାଳତୀ ଲତିକା ମଧ୍ୟେ ବିଦ୍ୟମାନ
ନୀଳମଣି ସୁରେଶ୍ୱର ।
କଳା କୁମୁଦ ନଟବର ଗୋବିନ୍ଦ
ନରହରି ଆଦିକନ୍ଦ।
କଳା ତୁଳସୀ କୁସୁମ ଶୋହେ ଶିରେ
କେଶବ କଳା ଗୋବିନ୍ଦ ।
ରଜନୀ ଗନ୍ଧାର ଶ୍ୱେତ ଶୁଭ୍ର ରୂପ
ମହକରେ ମହକଇ ।
ରକ୍ତ ମନ୍ଦାର ଯା ଓଠ ନିନ୍ଦାକରେ
ମାଧବ ନନ୍ଦ ତନୟୀ ।
ଅପରାଜିତା ନିନ୍ଦଇ ରୂପ ଯାର
ସେ ଶ୍ରୀହରି ନନ୍ଦ ଚାଟ ।
ମାରୁଆ ତୁଳସୀ ଦୟଣା ମାଲିଆ
ବନ ମାଲିଆ କେଶବ ।
ତରାଟ ସୁମନେ କଳା ଅପଘନ
କି ଶୋଭନ ବାସୁଦେବ ।
ମାଧବୀ ନିଆଳି କରବୀର ଆଳି
ପ୍ରିୟ ସେ ଦେବାଧିରାଜ ।
ଗୋଲାପୀ ଅଧରୁ ସ୍ରବେ ମକରନ୍ଦ
କୃଷ୍ଣ ବ୍ରଜ ଯୁବରାଜ ।

ଗ୍ରାମ ମହୁ, ଡାକ ମହୁ,
ଭାୟା ନମୌଜା,କେନ୍ଦ୍ରାପଡ଼ା
ମୋ: ୯୯୩୭୯୯୦୫୯୯

ISSN NO.
2582-208X

# ଲୋକହସା ଆଉ ହେବିନାହିଁ ବୋଲି



ତାର୍‌ପ୍ରସାଦ ଜେନା

ତମ ହସିବାରେ ରାଗ ଲାଗିଲେ ବି
ନୀରବ ରହୁଛି ଏଠି
ଲୋକହସା ଆଉ ହେବିନାହିଁ ବୋଲି
ବୁଲାଇ ଦେଉଛି ପିଠି
..... ତମ ହସିବାରେ ରାଗ ଲାଗିଲେ ବି...... ! ୦ !

ପାସୋରି ପାରୁନି ବିଗତ ଦିନର
ଦୁନିଆଯାକର ଗପ
ଆଶା ଆଜି ସବୁ ବୁଢ଼ୀ ଅସୁରୁଣୀ
ଡରାଇ ଆସୁଛି ରୂପ,
ଚିରିବାକୁ ବସି ଚିରି ପାରୁନାହିଁ
ସାଉଁଟା ରାଣର ଚିଠି
..... ତମ ହସିବାରେ ରାଗ ଲାଗିଲେ ବି...... ! ୧ !

ତୁମ ଅଭିନୟ ମାୟା ପରିଚୟ
ଲାଗୁଛି ସତରେ ଦକା
ପାପୀ ନ ହୋଇବି ପାପ ମାନିନେଲି
ପ୍ରେମରେ ପାଇଛି ଧୋକା,

ISSN NO.
2582-208X

ଅଧାପ୍ରାଣ ଏଇ ଅଧିକାର ଲାଗି
ଉଦାସେ କରୁଛି ମୁଠି
..... ତମ ହସିବାରେ ରାଗ ଲାଗିଲେ ବି...... ! ୨ !

ସହଜରେ ନାହିଁ ମନ ଅଭିସାର
ନିଜକୁ ମଣୁନି ଧନ୍ୟ
ଶୂନ୍ୟ ଦୁନିଆରୁ ଘୂରି ମୁଁ ଆସୁଛି
ଯେମିତି ହୋଇଛି ନୂନ୍ୟ,
ଭାବନା ଜୁଇରେ ଜଳୁଛି ବେଶି ମୁଁ
ଅଯଥା ପିଟୁଛି ଲାଠି
..... ତମ ହସିବାରେ ରାଗ ଲାଗିଲେ ବି...... ! ୩ !

ଗ୍ରାମ ରଣପୁର, ଜିଲ୍ଲା-ନୟାଗଡ଼, ପିନ୍-୭୫୨୦୨୬
ଦୂରଭାଷ-୯୩୪୮୦୫୪୩୦୦

ISSN NO.
2582-208X

# ତୁଳସୀ ପୁଜନ ବିଧି



ଦେବଯାନୀ ବାରିକ୍

ଆପଣ ଏହାକୁ ସବୁଦିନ ସଫା କରନ୍ତୁ ଓ ସକାଳେ ସ୍ନାନ ଇତ୍ୟାଦି ସମାପ୍ତ କରିବା ପରେ ମାତା ତୁଳସୀଙ୍କ ପାଖରେ ଭୋଗ, ଜଳ, ଦୀପ, ସିନ୍ଦୁର, ଚନ୍ଦନ ଓ ସବୁ ପ୍ରକାର ପୂଜା ସାମଗ୍ରୀ ନେଇ ରଖି ଦିଅନ୍ତୁ ଏହା ପରେ ସର୍ବପ୍ରଥମେ ତୁଳସୀଙ୍କୁ ନମସ୍କାର କରି ତୁଳସୀରେ ଜଳ ଅର୍ପଣ କରନ୍ତୁ ଧ୍ୟାନ ରଖିବେ ଯେ ଜଳ ଆପଣ କେବଳ ୩ଥର ତୁଳସୀ ଗଛ ମୂଳରେ ଦେବେ ଏହା କରିବା ପରେ ଯାହା ଜଳ; ବଞ୍ଚି ଯିବ ତାକୁ ଆପଣ ତୁଳସୀ ପତ୍ର ଉପରେ ପକାଇବେ । ଏହା ପରେ ଆପଣ ଯେମିତି ସିନ୍ଦୁର ଚନ୍ଦନ ଲଗାଇ ପୂଜା କରନ୍ତି ସେମିତି ପୂଜା କାରନ୍ତୁ । ଦ୍ୱିତୀୟ କଥା ଯାହା ଆପନାଙ୍କୁ ଧ୍ୟାନ ରଖିବା ଉଚିତ ଯେ ଦୀପ ଆପଣ କେବଳ ଘିଅରେ ଲଗାନ୍ତୁ ଓ ଭୁଲରେ ବି ସୋରିଷ ତେଲରେ ତୁଳସୀ ମାତାଙ୍କୁ ଦୀପ ଦେଖାନ୍ତୁ ନାହିଁ । ତେବେ ବହୁତ ଲୋକଙ୍କୁ ଏହା ଜଣା ନଥାଏ ଯେ ତୁଳସୀ ପତ୍ର କେଉଁ ସମୟରେ ତୋଳିବା ଉଚିତ ଓ କେଉଁ ସମୟରେ ତୋଳିବା ଉଚିତ ନୁହଁ ।ତେବେ ଜାଣି ରଖନ୍ତୁ ପୁର୍ଣିମା, ଅମାବାସ୍ୟା, ଏକାଦଶୀ, ସନ୍ଧ୍ୟା ବା ମଧ୍ୟାନ କାଳରେ ଏହି ସବୁ ଦିନ ଓ ପର୍ବ ପର୍ବାଣି ବା ରବିବାର ଦିନ ଭୁଲରେ ବି ତୁଳସୀ ପତ୍ର ତୋଳନ୍ତୁ ନାହିଁ ଏହା ଶୁଭ ହୋଇନଥାଏ । ତୁଳସୀ ପତ୍ର କେବେ ବାସୀ ହୋଇନଥାଏ ସେଥିପାଇଁ ଆପଣ ଆଗରୁ ତୁଳସୀ ପତ୍ର ତୋଳିକି ରଖନ୍ତୁ ଦେଖିବେ ଆପଣଙ୍କ ପୂଜା ସଫାଳ ଆବଶ୍ୟ ହବ । ଏହା ଛଡା ତୁଳସୀ ପାଖରେ କେବେ ଲୁଣୀ ଭୋଗ କରନ୍ତୁ ନାହିଁ କୌଣସି ଭୋଗ ଯାହା ମିଠା ହୋଇଥାଏ ତାହା ଆପଣ ମାତା ତୁଳସୀଙ୍କ ପାଖରେ ଅର୍ପଣ କରି ପାରିବେ ।

ସଂଗ୍ରାହିକା: ଦେବଯାନୀ ବାରିକ୍
ମହୁ, ଆଳି,କେନ୍ଦ୍ରାପଡ଼ା, ଓଡ଼ିଶା

ISSN NO.
2582-208X

# ଆମ ଗାଁ



କୁମରଲାଲ ରଣା

କି ସୁନ୍ଦର ଗାଆଁ ଦିଶେ   ପାଶେ ଲୁକୁପାଲି ମିଶେ
ରାଜରାସ୍ତା ପଡିଅଛି ନିକଟେ ରହି
ଘେରିଅଛି ରାଜପଥ   ସୁନ୍ଦର ଦିଶେ ସୁପଥ
ମହୁଲଭଟା ନାମରେ ନାମଟି ହୋଇ
ପୁର୍ଣ୍ଣ କରେ ଗ୍ରାମ ସମ୍ପତ୍ତି
ବିଭୁପାଦ  ଅରବିନ୍ଦେ   ଜଳେ ଆଲତି ॥

ମହୁଲ ପଦାରୁ ଗାଆଁ  ମହୁଲଭଟା ଯେ ନାଆ
ପୁରିଛି ସମ୍ବଳ କେତେ ଧନ ସଂପତି
ପୁର ଦିଶେ କି ରୁଚିର   ଉଦ୍ଭିଦ କରେ ସଂଚାର
ଚାଷକବଳିତ କରେ ଉର୍ବର  ମାଟି ॥
କେତେ କେତେ ଉଦ୍ଭିଦ ଲତା
ଯତନେ ରଖିଛି ହସି   ରୁପା ମୁକୁତା ॥

ସାଲେଭଟା ବିସ୍ତାରଇ   ଉତ୍ତର ଦିଗରେ ରହି
ପୁରୁବ ଦିଗରେ ଘଞ୍ଚ ଜଙ୍ଗଲ ଭୂମି

ISSN NO.
2582-208X

ପଶ୍ଚିମ ଦିଗରେ ମିଶେ   ଶିରତୁଲ ଗାଆଁ ପାଶେ
ନୂଆପଡା ବୋଲି ସ୍ଥାନ ସହର ଜମି ॥
ହସିଲା ଗ୍ରାମର ସଂଭାର
ପୁର କି ଚିର ରୁଚିର   କରେ ସଂଚାର॥

ଭୂମିରେ ଦୋରସା ମାଟି   ଉର୍ବର ରହିଛି ଘୋଟି
କେତେ କେତେ କଳାମାଟି କରଛି ଠୁଳ
ଦରଲିଆ କି ଖଲିଆ   କହ୍ଲାର ମାଟି ବଢିଆ
ରହିଛି ଭୁମିରେ କିଏ କରିବ ତୁଳ॥
ବାହାଲ ବେରଣା ମାଲରେ
କମ୍ପାଏ ଫସଲ ସବୁ   ଲାଭ ଆଶାରେ ॥

ଧାନ ମୁଗ ବିରି ଚାଷେ   ଗାଆଁ ଭୂମି ତେଜ ହସେ
ଧନରେ ସଂବଳ ହୁଏ ପୁରେ ସମ୍ପତ୍ତି
ବାହୁବଳେ ପୁର୍ଣ୍ଣ ହୋଇ   ଚାଷର ସୁଗୁଣ ଭୁଇଁ
ହଳ କରଷଣ ଗୁଣ  ତହିଁ  ଭରତି ॥
ଚାଷର ମଂଗଳ ଦୁନିଆ
ମହୁଲ ଭଟା ପୁରାଏ   ଯଶରେ ନାଆ ॥

ପୁରା ମଙ୍ଗଳେ ଭରିଲା   କୁମ୍ଭାର ସଂସାର ଲୀଳା
ସହଦେବ କୁମ୍ଭକାର ଯହିଁ ରହିଲା
ସେ ସ୍ଥାନ ପୁଣ୍ୟ ମିହିର   ସାଜିଲା ସଜେ ସଂସାର
କୁମ୍ଭାର ଭାଣ୍ଡ କଳସେ ଭାବ ରହିଲା
କେତେ କୁଳ ଜାତି ସଂଚାର
ପୁଣ୍ୟରେ ଭରେ ଦୁନିଆ   ଗ୍ରାମ ସଂସାର ॥

ISSN NO.
2582-208X

ସହଦେବ କୃପା ବଳେ     ଗ୍ରାମ ରହିଅଛି ମୂଳେ
ଦେବୀ ଲଂକେଶିରି ପାଦ ପଦ୍ମକୁ ଧ୍ୟାୟି ॥
ଜେନାଙ୍କ ପାଦରେ ପଡି    କୁଳ ବଂଶାନୀ ସଜାଡି
ଗ୍ରାମ ଦେବାଦେବୀଙ୍କର    ମଙ୍ଗଳ ହୋଇ ॥
ଦୁଇ  ଠାକୁର ଠାକୁରାଣୀ
ସଂପଦରେ କମ୍ପାଇଲେ  ଗ୍ରାମ କାହାଣୀ ॥

ଗାଆଁର କୁଳ ଦେବତା     ଭୀମା ହୁଏ ଇଷ୍ଟ ପିତା
ରକ୍ଷା କାରିଣୀ ଡୁଙ୍ଗର ମାଉଲି ଦେବୀ ॥
ଇଷ୍ଟ  ଲଂକେଶ୍ୱରୀମାତା   କରାଏ ଗ୍ରାମ ଏକତା
ପୁଣ୍ୟ ମଙ୍ଗଳ ହୁଅଇ ଶୁଭେ ପୃଥିବୀ ॥
କାଳି କଂକାଳୀ ଯେ ମାତା
ରକ୍ଷା କରନ୍ତି ସକଳେ ଭାବ ଏକତା ॥

ମହୁଆଭଟା

ISSN NO.
2582-208X

# ନୂଆ ବରଷ-୨୦୨୪........



କାଳପ୍ରସାଦ ମହାପାତ୍ର

ନୂତନ ସମ୍ପର୍କ ସ୍ଥାପନ କରିବ
ତୁମେ କି ନୂତନ ବର୍ଷ
ପାଇବି କି ତୁମ୍ଭ ହସ୍ତର ସ୍ପରଶ
କାଳ ବିକ୍ରମ ପୁରୁଷ। ।

ସୂର୍ଯ୍ୟର ତେଜ ଦିଗବଳୟ ତଳେ
ଲୁଚାଇ ନିଜର କାୟା
ଅନ୍ଧାରରାତିରେ ଜ୍ୟୋସ୍ନା ଆଲୋକରେ
ନ ଦେଖିଲି ତାଙ୍କ ଛାୟା।।

ପୂରୁବ ଦିଗର ରକ୍ତାଭ ପରଦା
ଖୋଲିବାର ଶବ୍ଦ ଶୁଭେ
କଅଁଳ ଲାଲିମା ନଳିନୀ ଉପରେ
ବସି ଆସିଥାନ୍ତି ନଭେ।।

ନୂଆ ନୂଆ ଲାଗ ଛାୟାକାନ୍ତ ତୁମେ
ନୂଆ ଆଭୁଷଣ ହୋଇ
କୋଇଲିର ମଂଗଳ ଗୀତ ଗାନରେ
ଆରମ୍ଭ ପୌଷର ପାଇଁ।।

ଅତୀତର ପାପ ପୁଣ୍ୟର ହିସାବ
କାଳ ଗର୍ଭେ ଠେଲିଦେଇ
ପାଦରେ ପାଦରେ ମିଶାଇ ମିଶାଇ
ଚାଲ ଆଗକୁ ଆଗେଇ।।

ନୂତନ ବର୍ଷର ନବୀନ ଚିନ୍ତାର
ମୁକ୍ତା ସାଉଁଟି ସାଉଁଟି
ମାଳ ଏକ ଗୁନ୍ଥିବାର ପ୍ରୟାସରେ
କାଳ ବିତାଇ ଦେବିଟି।।

ISSN NO.
2582-208X

ଏକଦିନ ଏକମାସ ଏକବର୍ଷ
ବିତିଯିବ ପଲକରେ
ନୂତନତ୍ୱ ହଜିଯିବ ଆସ୍ତେ ଆସ୍ତେ
ସମୟର ନଇଧାରେ। ।

କେତେଯୁଗ କେତେଜାତି କେତେ ଧର୍ମ
ହଜେ ସମୟ ସ୍ରୋତରେ
ପୁଣି ଅଭ୍ୟୁଥାନ ହୁଅଇ ଧରାରେ
ଲେଖା କି ଇତିହାସରେ ।।

ଆହେ! ତୁମେ ଦୁଇ ହଜାର ବାଇଶ
ଫେରିଯାଅ ଫେରିଯାଅ
ସୁଖଦୁଃଖ ସବୁ ସାଙ୍ଗେ ନେଇ
ଶୁଭାଶିଷ ଦେଇଯାଅ। ।

ଆସ ଆସ ଦୁଇ ହଜାର ତେଇଶ
ଢାଳି ଶିଶିର କିରଣ
ସୁଖଶାନ୍ତି ଭରିଦିଅ ଜଗତରେ
ହସିଉଠ ନରଗଣ ।।

ଶସ୍ୟଶାମଳା ହୋଇଉଠୁ ଧରିତ୍ରୀ
ଖେଳିଯାଉ ମୁହେଁ ହସ
ଧନଧାନରେଭରିଯାଉ ଭଣ୍ଡାର
ଦିଅ ତୁମେ ଏ ଆଶିଷ ।।

ଜଗତର ନାଥ ଆହେ! ଜଗନ୍ନାଥ
ତୁମ୍ଭର ଆଶିଷ ହେଉ
ସୁଖସମୃଦ୍ଧିରେ ଯାଉ ଏ ବରଷ
ମହାବାହୁ ଦୟା ହେଉ ।।

ଶିକ୍ଷକ,
ବନ୍ଧୁଗାଁ, କୋରାପୁଟ

ISSN NO.
2582-208X

# ବିଦୁର ନୀତି

ସୁହାସିନୀ ବାରିକ୍

ବିଦୁରଙ୍କ ନୀତି ଶାସ୍ତ୍ର -

- ବୁଦ୍ଧି:

ବିଦୂରଙ୍କ ନୀତି ଅନୁସାରେ ଯେଉଁ ବ୍ୟକ୍ତି ଜୀବନ ରେ ନିଜ ବୁଦ୍ଧି ର ପ୍ରୟୋଗ ସଠିକ୍ ଭାବରେ କରି ପାରିଲା କେବଳ ସେହିଁ ସଫଳତା ଲାଭ କରିଥାଏ । କାହିଁକି ନା ଉଚିତ୍ ସମୟରେ ବୁଦ୍ଧି ର ସଦୁପଯୋଗ ଜୀବନ ରେ ସଫଳତା ଦେଇଥାଏ ।

- ମନ ଉପରେ ସଞ୍ଜମ :

ଯେଉଁ ବ୍ୟକ୍ତି ନିଜର ସମସ୍ତ ଇନ୍ଦ୍ରିୟ କୁ ନିୟନ୍ତ୍ରଣ ରଖିଥାଏ ସେହିଁ ପ୍ରଶଂସା ର ଯୋଗ୍ୟ ହୋଇଥାଏ । କାରଣ ସେ ଜୀବନ ରେ କଦାପି କାହାର କଥାକୁ ଗୁରୁତ୍ୱ ଦେଇ ନଥାଏ ଓ ନିଜ କର୍ତ୍ତବ୍ୟ ପଥରେ ଆଗେଇ ଯାଇଥାଏ । ଏଭଳି ମହାନ୍ ବ୍ୟକ୍ତି ଙ୍କର ଜୀବନ ରେ ପ୍ରତ୍ୟେକ ସମୟରେ ପ୍ରଶଂସା ଲାଭ ହୋଇଥାଏ ଓ ସେ ଜୀବନ ରେ ସଫଳତା ହାସଲ କରିଥାଏ ।

- ସରଳ ସ୍ୱଭାବ :

ବିଦୁର ନୀତି ଅନୁସାରେ ଯେଉଁ ବ୍ୟକ୍ତି ଙ୍କ ଜୀବନ ସରଳ ସ୍ୱଭାବ ର ହୋଇଥାଏ , ସେ କଦାପି ଜୀବନ ରେ କୌଣସି ସ୍ଥାନରେ ପରାଜୟ ହାସଲ କରେନାହିଁ ଓ ତାର ସ୍ୱଭାବ ଯୋଗୁଁ ସେ ପ୍ରଶଂସା ଯୋଗ୍ୟ ହୋଇଥାଏ ।

ISSN NO.
2582-208X

- ସାହସୀ ବ୍ୟକ୍ତି :

ସାହସୀ ବ୍ୟକ୍ତି ତା ଜୀବନ ରେ ସମସ୍ତ କାର୍ଯ୍ୟ ଖୁବ୍ ନିଡର ଭାବରେ କରିଥାଏ । ତାକୁ କୌଣସି ବାଧା ବନ୍ଧନ କର୍ତ୍ତବ୍ୟ ପଥରେ ଅଟକାଇ ପାରେ ନାହିଁ । ତେଣୁ ସାହସୀ ବ୍ୟକ୍ତି ପ୍ରଶଂସା ର ଯୋଗ୍ୟ ଅଟେ ।

- ଜ୍ଞାନୀ ବ୍ୟକ୍ତି:

ଯେଉଁ ବ୍ୟକ୍ତି ନିକଟରେ ଜ୍ଞାନ ରହିଥାଏ ସେ ପ୍ରତ୍ୟେକ ପରିସ୍ଥିତି କୁ ସାହସ ର ସହିତ ମୁକାବିଲା କରିଥାଏ । ଜ୍ଞାନୀ ବ୍ୟକ୍ତି ର ସମାଜରେ ପ୍ରତ୍ୟେକ ସ୍ଥାନରେ ପ୍ରଶଂସା ଲାଭ ହୋଇଥାଏ । ଯାହା ତାକୁ ଉଚିତ୍ ମାର୍ଗରେ ପରିଚାଳିତ କରେ ।

- ସ୍ୱଳ୍ପ ଭାଷୀ:

ସ୍ୱଳ୍ପ ଭାଷୀ ବ୍ୟକ୍ତି ଅଯଥା ଆଳାପ ରେ ସମୟ ନଷ୍ଟ କରନ୍ତି ନାହିଁ , ଏହାଛଡା ସେମାନେ ଅନ୍ୟ ଆଗରେ ମଧ୍ୟ ନିଜକୁ ସଠିକ୍ ଭାବରେ ପ୍ରତିପାଦିତ କରନ୍ତି । ତେଣୁ ଜୀବନ ରେ ଅଳ୍ପ କଥା କହିବା ନିହାତି ଆବଶ୍ୟକ ।

ସଂଗ୍ରାହିକା: ସୁହାସିନୀ ବାରିକ୍
ମହୁ, କେନ୍ଦ୍ରାପଡ଼ା, ଓଡ଼ିଶା-ପିନ୍ ୭୫୪୨୩୧

ISSN NO.
2582-208X

# ଅହଂକାର



ରାମ ଚନ୍ଦ୍ର ପ୍ରଧାନ

ଅହଂକାର ଭରା ମଣିଷ ଜୀବନ
ତିଷ୍ଠେ ନାହିଁ ବେଶି ଦିନ
ଅଳପ ଦିନରେ ପତନ ହୋଇ ସେ
ଭାଙ୍ଗିଯାଏ ତା' ସପନ ।
ସୁଖଦ ଜୀବନେ ଯବନିକା ପଡ଼ି
ହାନିହୁଏ ସନମାନ
କାଳର କରାଳ ଚକ୍ରବ୍ୟୁହେ ଫସି
ନଷ୍ଟହୁଏ ତା' ଜୀବନ ।
ମାନ ସନମାନ ଆପେ ଚାଲିଯାଇ
ମିଳେ ଖାଲି ଅପମାନ
ଆତ୍ମୀୟସ୍ୱଜନ ଦୂରେଇ ଯାଆନ୍ତି
ତୁଟାଇ ସବୁ ବନ୍ଧନ ।
ଗର୍ବ ଅହଂକାର ପରିହାର କରି
ବଦଳାଅ ନିଜ ମନ
ସ୍ନେହ, ପ୍ରେମ ରଙ୍ଗ ହୃଦୟରେ ବୁଣି
ସଭିଙ୍କୁ ଦିଅ ସମ୍ମାନ ।

ଅହଂକାର ଶୂନ୍ୟ ମଣିଷ ଜୀବନ
ହସାଏ ସାରା ଭୁବନ
ଛନ୍ଦ କପଟର ଉର୍ଦ୍ଧ୍ୱରେ ରହି ସେ'
ଛୁଅଁଇ ମନ ପବନ ।

ଶିକ୍ଷକ
ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ:9861638736

ISSN NO.
2582-208X

# ଗେହ୍ଲେଇ ରାଣି



ଚିତରଂଜନ ବେହେରା

ଗୋଲାପ ଖୋଜୁ ଥିଲା ଟୋପାଏ କାକର
ମିଳି ଗଲା ତାକୁ ମୋତି......
ମୋତିକୁ କେମିତି ସାଇତି ରଖିବ
ଭାବି ପାହିବ ନାହିଁ ଆଜିରାତି.....!!

ବାଟ ବଣା ହୋଇ ଉଡ଼ି ବୁଲୁଥିଲା
ବେସାହାରା ମୋ ମନ ପକ୍ଷୀ......
ପ୍ରେମ ସାଗରର ମୁକ୍ତା ପଞ୍ଜୁରୀରେ
ମୋତେ ନେଇ ଦେଲ ରଖି.....!!

ଥୁଣ୍ଟା ଗଛରେ ଆଜି ପତ୍ର କଅଁଳିଲା
ପ୍ରେମ ବର୍ଷା ଛିଟା ପାଇ.....
ଖୁସିର ଲହଡ଼ି ଜୀବନେ ଆସିଲା
ସାରା ଜୀବନ ପାଇଁ......!!

ମନ କବାଟ ଟା ଖୋଲା ହେଇଥିଲା
ବସି ଥିଲି ତାକୁ ଚାହିଁ.....
ମିଳିଥିବା ସେ ଗେହ୍ଲେଇ ରାଣୀକୁ
ହୃଦୟରେ ଦେଲି ଥୋଇ.....!!

ବୌଦ୍ଧ
ମୋ - ୯୪୩୮୭୧୦୩୮୭

ISSN NO.
2582-208X

# ଦୁର୍ଲଭ ମାନବ ଜନ୍ମ

ଅଲେଖ ମେହେର

ପଞ୍ଚମ ଅଧ୍ୟାୟ

ରାଗ-ବସନ୍ତ ବରାଡ଼ି

କୃଷ୍ଣ ରସାମୃତ ପାରାବାରଏ ବୁଡି ମାୟାକୁ ଚହ୍ନିଲେ ରାଜନ
ଭୁଲିଲେ ହସ୍ତୀନା ନଗରୀ ଆବର ମାନ ଧନ ଜାୟା ସନ୍ତାନ
ବିନୟେ, ବଳଗିଲେ ନମ୍ର ବଚନ
ଶୁଦ୍ଧ ଶାନ୍ତ ଲଭେ ବୃଜିନ ପରାଣ କଲେ କୃଷ୍ଣ ନାମ ଶ୍ରବଣ ।୧୬ ।

ଜ୍ଞାନର ତିମିର ଅମା ଅନ୍ଧକାର ବୁକୁ ଚରି ଆସେ ତପନ
ମନ ଉପବନେ ଆତ୍ମା ପକ୍ଷୀ ଲୋଡେ ରଚବ ନୂତନ ଭୁବନ
ମହର୍ଷି, ଅସ୍ଥିର ହୁଅଇ ମୋ ମନ
ହୃଦଗତେ ସ୍ମରି ମାଧବ ମୂରତି ଛାଡିବି କେସନେ ଜୀବନ ।୧୭ ।

କୃଷ୍ଣଙ୍କ ସଗୁଣ ଲୀଳା ଶ୍ରବଣରେ ନିର୍ବାପିତ ହୁଏ ବୃଜିନ
ହୃଦୟ କନ୍ଦରେ ବିହରିତେ ମୋର ମାୟା ମୋହ ହେଲା ଦହନ
ମୁନିନ୍ଦ୍ର, କରିଛ ବିଲୋପ ଅଜ୍ଞାନ
ନିଶାନ୍ତେ ଯେସନ ଅବନୀ ମଣ୍ଡଳେ ପ୍ରାଣୀ ବିଲୋକଇ ତପନ ।୧୮ ।

କଞ୍ଜଦଳେ ନୀର ପ୍ରାୟ ମୁଁ ଅସ୍ଥିର, ଯୋଗ ସାଧିବି ମୁଁ କେମନ୍ତ
ଆହେ ଦୟାମୟ ହୋଇଣ ସଦୟ ସିଦ୍ଧକୃତ ହେବି ଯେମନ୍ତ
କୃପାଳୁ, କୃପାବାରି ଦିଅ ବରଷି
ଅମା ଅନ୍ଧକାର ହୃଦୟ ଆକାଶେ ରାକାଚନ୍ଦ୍ର ଯାଉ ବିକଶି ।୧୯ ।

ISSN NO.
2582-208X

ନରାକାର ବ୍ରହ୍ମ ସାକାର ସ୍ୱରୂପେ ସର୍ଜନା ପାଳନ ସଂହାରେ
ମାୟା ପତିଙ୍କର ଗଢା ଏ ବ୍ରହ୍ମାଣ୍ଡ ଅଦ୍ଭୁତ ବିଚକ୍ଷ ଠାଣିରେ
ଜିଜ୍ଞାସା, ଉପୁଜଇ କ୍ଷୁଦ୍ର ପରାଣେ
ଶ୍ରୀହରି ଚରିତ ପୁଣ୍ୟ ଭାଗବତ ତବ ଶ୍ରୀମୁଖରୁ ଶ୍ରବଣେ ।୨୦।

-: ଟୀକା :-
ପାରାବାରେ - ସମୁଦ୍ରରେ
ନଶାନ୍ତେ - ରାତି ଶେଷରେ
ଅବନୀ - ପୃଥିବୀ
ରାକାଚନ୍ଦ୍ର - ପୂର୍ଣ୍ଣମୀ ଚନ୍ଦ୍ର

ବରପଦର, ଗୋବିନ୍ଦପୁର,
ବରଗଡ

ISSN NO.
2582-208X

# ପ୍ରଥମାଷ୍ଟମୀ



ଲକ୍ଷ୍ମୀପ୍ରିୟା ବିଶ୍ୱାଳ

ପ୍ରଥମାଷ୍ଟମୀ (ଅଥବା ପଢୁଆଁଷ୍ଟମୀ, ପୋଢୁଆଁଷ୍ଟମୀ) ମାର୍ଗଶିର ମାସ କୃଷ୍ଣ ପକ୍ଷର ଅଷ୍ଟମୀ ତିଥି ଦିନ ପାଳନ କରାଯାଏ । ଏହା ଓଡ଼ିଶାର ଏକ ପାରମ୍ପାରିକ ପର୍ବ । ଏହା ସୌଭାଗିନୀ ଅଷ୍ଟମୀ, କାଳ ଭୈରବାଷ୍ଟମୀ ବା ପାପ-ନାଶିନୀ ଅଷ୍ଟମୀ ଭାବେ ମଧ୍ୟ ନାମିତ । ଅତୀତରେ, ମାର୍ଗଶିର ମାସକୁ ବର୍ଷର ଆଦ୍ୟ ମାସ ବା ପ୍ରଥମ ମାସ ବୋଲି ଗଣନା କରାଯାଇ, ଏହି ମାସରୁ ବର୍ଷାରମ୍ଭ ହେଉଥିଲା । ତେଣୁ ବର୍ଷର ପ୍ରଥମ ମାସର ପ୍ରଥମ ଅଷ୍ଟମୀକୁ ପ୍ରଥମାଷ୍ଟମୀ ବୋଲି କୁହାଯାଇଅଛି । ଏ ଦିନ ବଂଶର ପ୍ରଥମ ଜାତ ସନ୍ତାନ (ପୁଅ ବା ଝିଅ)ଙ୍କୁ ନୂଆ ପୋଷାକ ପିନ୍ଧାଇ, ବନ୍ଦାପନା କରାଯାଏ । ଏହା ଭୁବନେଶ୍ୱର ଲିଙ୍ଗରାଜ ମହାପ୍ରଭୁଙ୍କର ଗୋଟିଏ ଯାତ୍ରା ଦିବସ ।

ଏହିଦିନ ପରିବାରର ଜ୍ୟେଷ୍ଠ ସନ୍ତାନର ସୁଖ ସମୃଦ୍ଧି ଓ ଦୀର୍ଘଜୀବନ ପାଇଁ ପୂଜାବିଧି ଅନୁଷ୍ଠିତ ହୋଇଥାଏ । ଏହି ଦିନ ସେମାନଙ୍କର ଦୀର୍ଘଜୀବନ କାମନା କରି ମାଆମାନେ ଷଠୀ ଦେବୀଙ୍କର ପୂଜା ଅର୍ଚ୍ଚନା କରିଥାନ୍ତି । ପଞ୍ଚପଲ୍ଲବ ଓ ପଞ୍ଚଶସ୍ୟରେ କଳସପୂଜା ଓ ବରୁଣ ପୂଜା ହୋଇଥାଏ । ଓଡ଼ିଆ ପରମ୍ପରା ଅନୁଯାୟୀ ପ୍ରଥମାଷ୍ଟମୀ ଦିନ ଘରର ଜ୍ୟେଷ୍ଠ ସନ୍ତାନ ସେ କନ୍ୟା ହେଉ କ ପୁତ୍ର ତାକୁ ସ୍ନାନାନ୍ତେ ନୂତନ ବସ୍ତ୍ର ପିନ୍ଧାଇ ଦିଅଁଙ୍କ ଆଗରେ ପିଢ଼ା ଉପରେ ବସାଇ ଦୁଇ କାନରେ ଫୁଲ ଓ ମୁଣ୍ଡରେ ଚନ୍ଦନ ଲଗାଇ ଦୁବ, ବରକୋଳ ପତ୍ର ଓ ହଳଦୀମିଶା ଗୁଉଳ ମିଶାଇ ସେଥିରେ ମା’ ମାନେ ତାଙ୍କୁ ବନ୍ଦାପନା କରନ୍ତି । ବନ୍ଦାପନା ପରେ ଜ୍ୟେଷ୍ଠ ସନ୍ତାନ ଷଠୀ ଦେବୀଙ୍କୁ ମୁଣ୍ଡିଆ ମାରିବା ସହିତ ପିତାମାତାଙ୍କୁ ଓ ଗୁରୁଜନଙ୍କୁ ମୁଣ୍ଡିଆ ମାରି ଆଶୀର୍ବାଦ ଭିକ୍ଷା କରନ୍ତି । ପରିବାରର ଜ୍ୟେଷ୍ଠ ପୁତ୍ର ବା ଜ୍ୟେଷ୍ଠା

ISSN NO.
2582-208X

କନ୍ୟାର ନବ ବସ୍ତ୍ର ପରିଧାନ ଓ ବନ୍ଦାପନା ହେବାର ଏହି ବିଶେଷ ବିଧିକୁ 'ପଢୁଆଁ ହେବା' କହିଥାନ୍ତି । 'ପଢୁଆଁ' ଶବ୍ଦଟି 'ପ୍ରଥମା'ର ଅପଭ୍ରଂଶ ।

ପରମ୍ପରା ଅନୁଯାୟୀ ଏହି ଦିନ ଜ୍ୟେଷ୍ଠ ସନ୍ତାନ ପିନ୍ଧୁଥିବା ନୂତନ ବସ୍ତ୍ର ମାମୁଁଘରୁ ଆସିଥାଏ। ଏହିଦିନ ମାମୁଁମାନେ ନୂଆଲୁଗା, ମିଷ୍ଟାନ୍ନ ଓ ଅନ୍ୟାନ୍ୟ ସାମଗ୍ରୀ ସହ ଭଣଜା ଭଣିଜୀ ଘରକୁ ଯାଇ ପଢୁଆଁ କରନ୍ତି । ସେଥିପାଇଁ ମାମୁଁଙ୍କୁ ଶ୍ରଦ୍ଧା ଓ ପରିହାସରେ ଅଷ୍ଟମୀ ବନ୍ଧୁ ବୋଲି କୁହାଯାଏ । ଅବଶ୍ୟ ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ଘରର ଜ୍ୟେଷ୍ଠପୁତ୍ର ବା ଜ୍ୟେଷ୍ଠକନ୍ୟାକୁ ନୂଆ ଲୁଗାପଟା ବାପ ମାଆମାନେ ପିନ୍ଧେଇଥାନ୍ତି ।ଏହିବିଧିରେ ସାମାଜିକ ଓ ପାରିବାରିକ ବନ୍ଧନ, ଶୃଙ୍ଖଳା ଓ ଆଦର୍ଶବୋଧ ଅତିମାତ୍ରାରେ ନହିତ ରହିଛି । ଜ୍ୟେଷ୍ଠପୁତ୍ର, ପରିବାରରେ ପିତା ସମାନ । ପିତାଙ୍କ ଅନ୍ତେ କମ୍ବା ପିତାଙ୍କ ଅକର୍ତ୍ତବ୍ୟରେ ଘର ଚଳାଇବା ଓ ଅନ୍ୟ ସନ୍ତାନ (ଭାଇ ଭଉଣୀ) ମାନଙ୍କୁ ପ୍ରତିପୋଷଣ କରିବା ଦାୟିତ୍ୱ ଜ୍ୟେଷ୍ଠ ପୁତ୍ର ଉପରେ ପଡ଼ିଥାଏ । ତେଣୁ ତାକୁ ସମସ୍ତେ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ପ୍ରଥମାଷ୍ଟମୀ ଓ ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ପ୍ରଥମ ସନ୍ତାନ ବା ଜ୍ୟେଷ୍ଠ ସନ୍ତାନକୁ ପୂଜା ବନ୍ଦାପନା କରିବାର ବିଧି ଆମ ସମାଜରେ ପ୍ରଚଳତ ।

ଏଣ୍ଡୁରି ପିଠା ପ୍ରଥମାଷ୍ଟମୀର ବିଶେଷତ୍ୱ । ଏହି ପିଠା ପାଇଁ ହଳଦୀପତ୍ରର ବ୍ୟବହାର ମଧ୍ୟ ଅନ୍ୟ ଏକ ବିଶେଷତ୍ୱ । ଅନ୍ୟ କୌଣସି ପିଠାରେ ହଳଦୀ ପତ୍ର ବ୍ୟବହୃତ ହୁଏନାହିଁ । କେବଳ ପ୍ରଥମାଷ୍ଟମୀ ଉପଲକ୍ଷେ ଏଣ୍ଡୁରି ପିଠାରେ ହଳଦୀପତ୍ରର ବ୍ୟବହାର ହୁଏ ।

॥ ଶ୍ରୀମନ୍ଦିରରେ ପ୍ରଥମାଷ୍ଟମୀ ॥ :-
(ମାର୍ଗଶିର କୃଷ୍ଣ ଅଷ୍ଟମ )

ମାର୍ଗଶିର କୃଷ୍ଣଅଷ୍ଟମୀ ତିଥିଦିନ ଶ୍ରୀମନ୍ଦିରରେ ଭୋଗ ମଣ୍ଡପ ସରିବା ପରେ ୩ ବାଡରେ ମଇଲମ କରାଯାଇ ପୂଜାପଣ୍ଡା ସେବକଙ୍କ ଦ୍ୱାରା ମହାସ୍ନାନ ନୀତି ହୋଇଥାଏ ! ଏହାପରେ ପାଳିଆ ପୁଷ୍ପାଳକ ଶ୍ରୀବିଗ୍ରହମାନଙ୍କୁ ନୂଆଲୁଗା ଲାଗି କରାଇଥାନ୍ତି ! ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତ ସେବକ ଘଟୁଆରି ଚନ୍ଦନ ଘରଠାରୁ ଚନ୍ଦନ ବିଜେ କରାଇ ଆଣି ତିନି ବାଡରେ ଲାଗି କରାଇଥାନ୍ତି ! ତତ୍ପରେ ବେଶ ଓ ଅଳଙ୍କାରରେ ବିମଣ୍ଡିତ ହୋଇ

ISSN NO.
2582-208X

କର୍ପୂର ଲାଗି ପରେ ପୁଷ୍ପାଳକ ମାନେ ସିଂହାସନରୁ ଓହ୍ଲାଇ ଆସିଥାନ୍ତି ! ତତ୍ପରେ ସୁଦୁସୁଆର ପୂଜା କରିବା ପରେ ତିନିବାଡରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ସେବକ ବରୁଣ ପୂଜା କରିଥାନ୍ତି ! ଏହି ପୂଜା ସମାପନାନ୍ତେ ଭିତରେ ପାଣି ପଡି ମଧ୍ୟାହ୍ନ ଧୂପ ଉଠିସାରିବା ପରେ ତିନି ବାଡରେ ମଙ୍ଗଳାର୍ପଣ ନୀତି ହେବା ସହ ଫୁଲୁପୁରିଆ ଖାଦି ଓ ଛେଦା ପ୍ରସାଦ ଲାଗି ହୋଇ ବନ୍ଦାପନା ହୋଇଥାଏ ! ଏହିପରି ଭାବେ ପ୍ରଥମାଷ୍ଟମୀ ଶ୍ରୀମନ୍ଦିରରେ ବିଶେଷ ନୀତି ପାଳିତ ହୋଇଥାଏ !

॥ ନିଆଳିର ମାଧବାନନ୍ଦଜୀୟ ॥ :-

ମନ୍ଦିରରୁ  ଭଣଜା ପାଇଁ ଆସିଛି ନବବସ୍ତ୍ର ଓ ଅଷ୍ଟମୀ ଭାର ଆଜି ପ୍ରଥମାଷ୍ଟମୀ । ଆଜି ପଢୁଆଁ ହେବେ ବଡଠାକୁର । ଶ୍ରୀଜୀଉଙ୍କ ମାମୁଘର ନିଆଳି ମାଧବ ମନ୍ଦିରରୁ ଭଣଜା ପାଇଁ ଆସିଥିବା ନୂଆ ବସ୍ତ୍ର ପିନ୍ଧିବେ ମହାପ୍ରଭୁ । ପରମ୍ପରା ଅନୁସାରେ ଶ୍ରୀଜୀଉମାନଙ୍କ ଅଙ୍ଗଲାଗି ଖଣ୍ଡୁଆ ବସ୍ତ୍ର, ଅରୁଆ ଚାଉଳ, ବିରି, ନଡିଆ, ଗୁଡ, ପାଚିଲା କଦଳୀ ଆସିଛି ମାମୁଁଘରୁ । କଟକ ଜିଲ୍ଲା ନିଆଳି ବ୍ଲକ ମାଧବସ୍ଥିତ ମାଧବାନନ୍ଦଙ୍କ ମନ୍ଦିର ହେଉଛି ଶ୍ରୀ ଜଗନ୍ନାଥଙ୍କ ମାମୁଁଘର । କେଉଁ ଆବାହାମାନକାଳରୁ ମାଧବ ମନ୍ଦିର ପକ୍ଷରୁ ଜଗନ୍ନାଥଙ୍କୁ ପ୍ରଥମାଷ୍ଟମୀରେ ପୋଢୁଆଁ କରାଯାଉଛି । ସଂକୀର୍ତନ ମଣ୍ଡଳୀର ସଂକୀର୍ତନ, ଢୋଲମହୁରୀ ବାଜାର ତାଳେ ତାଳେ ପ୍ରଥମାଷ୍ଟମୀ ଭାର ନିଆଳି ମାଧବ ମନ୍ଦିରରୁ ବାହାରି ଶ୍ରୀକ୍ଷେତ୍ର ଯାଇଥିଲା । ଗତ କିଛି ବର୍ଷ ହେବ ବନ୍ଦ ରହିଥିଲା ଏହି ପ୍ରଥା । ପରମ୍ପରାକୁ ପୁନଃ ପ୍ରଚଳନ କରିବା ପାଇଁ ପୁଣି ଉଦ୍ୟମ ଆରମ୍ଭ ହୋଇଥିଲା । ପୁରାତନ ପ୍ରଥାକୁ ବଚାଇ ରଖିବାକୁ ଚଳିତ ବର୍ଷ ନିଆଳିର ମାଧବାନନ୍ଦଜୀଉ ମନ୍ଦିରର ଛତିଶା ସେବକ ନିଯୋଗ ସହ ହଜାର ହଜାର ଶ୍ରଦ୍ଧାଳୁ ସାମିଲ ହୋଇ ଶ୍ରୀ ବଳଭଦ୍ରଙ୍କ ଉଦ୍ଦେଶ୍ୟରେ ପ୍ରଥମାଷ୍ଟମୀ ଭାର ଓ ନୂଆ ବସ୍ତ୍ର ନେଇ ପୁରୀ ଯାଇଛନ୍ତି । ତୃତୀୟ ଅନଙ୍ଗଭୀମ ଦେବଙ୍କ ଦ୍ୱାରା ୧୨ ଶହ ୨୬ ଖ୍ରୀଷ୍ଟାବ୍ଦରୁ ମାଧବ ମନ୍ଦିରରୁ ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିରକୁ ପ୍ରଥମାଷ୍ଟମୀ ଭାର ଯିବାର ପରମ୍ପରା ରହିଛି । ଆଉ ସେବେଠାରୁ ଚାଲିଆସୁଛି ଏହି ପରମ୍ପରା ।

॥ ଅନ୍ୟ ବୈଶିଷ୍ଟ୍ୟ ॥ :-

ଓଡ଼ିଶାରେ ପ୍ରଥମାଷ୍ଟମୀ ଦିନ ଭୁବନେଶ୍ୱର ଲିଙ୍ଗରାଜ ମହାପ୍ରଭୁଙ୍କର ମାମୁଁଘର ଯାତ୍ରା ହୋଇଥାଏ । ଲିଙ୍ଗରାଜ ମହାପ୍ରଭୁ ଏହିଦିନ ତାଙ୍କ ମାମୁଁଘର ରୂପେ ପରିଚିତ କପାଳିମଠ

ISSN NO.
2582-208X

(ଲିଙ୍ଗରାଜ ମନ୍ଦିର ସଂଲଗ୍ନ)କୁ ଯାଆନ୍ତି ପଢୁଆଁ ହେବା ପାଇଁ । ଏହିମଠର ଆରାଧ୍ୟ ଦେବତା 'ବରୁଣେଶ୍ୱର' ଓ 'ବନଦେବ' । ଏ ଦୁହେଁ ଲିଙ୍ଗରାଜଙ୍କର ମାମୁଁ- ମାଇଁ ରୂପେ ପ୍ରଖ୍ୟାତ । ଏହି ମଠ ହତାରେ ଗୋଟିଏ ପୁଷ୍କରିଣୀ ରହିଛି । ତାହା ପାପନାଶିନୀ ରୂପେ ପରିଚିତ । 'ପ୍ରଥମାଷ୍ଟମୀ ଦିନ ଏହିସବୁ ପୁଷ୍କରିଣୀର ଜଳ ପାନକଲେ ପାପକ୍ଷୟ ହୁଏ ଓ ବନ୍ଧ୍ୟାନାରୀ ସନ୍ତାନବତୀ ହୁଅନ୍ତି' ବୋଲି ପ୍ରବାଦ ଅଛି ।

ପ୍ରଥମାଷ୍ଟମୀର ଅନ୍ୟ ନାମ 'ସୌଭାଗିନୀ ଅଷ୍ଟମୀ' । ପୂର୍ବେ ଏହିଦିନ ସୌଭାଗିନୀ ଦେବୀଙ୍କର ପୂଜା ସମ୍ଭବତଃ ପ୍ରଚଳିତ ଥିଲା । କୃଷକ ସନ୍ତାନ ଲାଭ କରିଛି ଏବଂ ଶସ୍ୟ ମଧ୍ୟ ପାଇଛି କିମ୍ବା ଶସ୍ୟ ରୂପକ ସନ୍ତାନ ମଧ୍ୟ ସେ ଲାଭ କରିଛି- ଏହା ଅତ୍ୟନ୍ତ ସୌଭାଗ୍ୟର କଥା । କୃଷକର ମନ ଏଥିଲାଗି ଆନନ୍ଦିତ ଓ ଉଲ୍ଲସିତ । ସେ ଅତି ଆନନ୍ଦରେ ଏହି ତିଥିକୁ ସୌଭାଗିନୀ ଅଷ୍ଟମୀ ରୂପେ ପାଳି ଆସିଛି । ଏହି ପ୍ରଥମାଷ୍ଟମୀକୁ 'କାଳ ଭୈରବାଷ୍ଟମୀ' ମଧ୍ୟ କୁହାଯାଏ । ଏହିଦିନ କାଳ ଭୈରବଙ୍କର ବ୍ରତ ଓ ପୂଜାର ପ୍ରଚଳନ ଥିଲା । ଏବେ ଏହିପୂଜା ଲୁପ୍ତ । ସ୍କନ୍ଦ ପୁରାଣର କୋଶୀଖଣ୍ଡରେ ଉଲ୍ଲେଖ ଅଛି, ମାର୍ଗଶିର ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ କାଳଭୈରବୀଙ୍କ ନିକଟରେ ବ୍ରତ, ଉପବାସ ଓ ଜାଗରଣ ଆଦି ସମ୍ପାଦନ କଲେ ପ୍ରାଣୀମାନେ ସର୍ବପାପରୁ ମୁକ୍ତ ହୁଅନ୍ତି ।

ତନ୍ତ୍ରସାଧକମାନଙ୍କ ସାଧନା ସମୟରେ ଯେଉଁ ଉଲ୍ଲେଖ ତନ୍ତ୍ର ପରମ୍ପରାରେ ରହିଛି, ସେଥି ମଧ୍ୟରେ ଏହି ପ୍ରଥମାଷ୍ଟମୀର ରାତ୍ରି ବିଶେଷ ଉଲ୍ଲେଖନୀୟ । ତାନ୍ତ୍ରିକ ଭାଷାରେ ଏହାର ନାମ 'ଘୋରରାତ୍ର' I ନବଦୁର୍ଗାଙ୍କ ମଧ୍ୟରୁ କାଳରାତ୍ରି ଅନ୍ୟତମା । ଆଦ୍ୟାଶକ୍ତି କାଳରାତ୍ରି ରୂପେ ଏହିଦିନ ଅବତୀର୍ଣ୍ଣା ହୋଇଥିଲେ । ତନ୍ତ୍ର ସମ୍ବନ୍ଧୀୟ ବିଭିନ୍ନ ଶାସ୍ତ୍ରରେ ଏହି ବିଷୟରେ ଉଲ୍ଲେଖ ଅଛି । ଅତୀତରେ ବହୁ ସ୍ଥାନରେ ଭୈରବ ଓ ଭୈରବୀଙ୍କୁ ପୂଜା କରାଯାଉଥିଲା ।

ସଂଗ୍ରାହିକା: ଲକ୍ଷ୍ମୀପ୍ରିୟା ବିଶ୍ୱାଳ
ଗ୍ରାମ, ମହୁ, ପୋଷ୍ଟ ମହୁ, ଥାନା-ଆଳ,
ଜିଲ୍ଲା,କେନ୍ଦ୍ରାପଡ଼ା,ଓଡ଼ିଶା

ISSN NO.
2582-208X

# ବସନ୍ତର ଆଗମନେ



ଅନନ୍ତ କୁମାର

ଫୁଲେଇ ଫଗୁଣ ଯେବେଠୁ ଆସିଛି
ପ୍ରକୃତି ହେଉଛି  ଖାଲି ସଜ୍ଜ
ବସନ୍ତ ମଳୟ ଯେବେଠୁ ବହିଛି
ଧରାରୁ ଚାଲିଯାଇଛି ଶୀତ ।
ଆମ୍ର ବକଳର ମହକଟା ଆଜି
ସାରା ବନ ଉପବନେ ।
କୋଇଲିର କୁହୁ କୁହୁ ମିଠା ଗୀତି
ଶୁଣାଏ ସଭିଙ୍କ କର୍ଣ୍ଣେ ।

ଫୁଲେଇ ଫଗୁଣର ପହିଲି ସ୍ୱରଶେ
ବିମୋହିତ ତନୁ ମନ ଯୌବନ
ଦକ୍ଷିଣା ମଳୟର ଶୁଭ ଆଗମନେ
ସୁବାସିତ ସାରା ବନ କାନନ ।
ପଳାସ ଶିମିଳି ବଢାଏ କେତେ ଶୋଭାକାନ୍ତି
ଫଗୁଣର ପ୍ରାରମ୍ଭେ
ଚନ୍ଦନ ଆମ୍ର  ଲତା ପୁଣି ଦିଏ ମହକାଇ
ବସନ୍ତର ସ୍ୱରଶେ ।

ISSN NO.
2582-208X

ତୁରଣ ତରୁଣୀ ମନେ ଭରେ ଉନ୍ମାଦନା
ବସନ୍ତର ମିଠା ମାରୁତ
ନବ ଯୌବନୀର ଦେହେ ଖେଳେ ଶିହରଣ
ପାଇ ଫଗୁଣର ସ୍ବରଶ ।

କବି ହୁଏ କେତେ ଭାବ ବିଭୋର
ଫଗୁଣର ରଙ୍ଗ ଦେଖି
ନଦୀ ହୁଏ ପୁଣି ଚଳ ଚଞ୍ଚଳ
ବସନ୍ତର ବାଆ ଦେଖି ।
ଗାଁ ନଦୀ ପଠା ଦିଶେ ଶାଗୁଆ ଶାଗୁଆ
ଫଗୁଣର ରୂପକୁ ଚାହିଁ ।
ଭ୍ରମର ଗାଏ ଗୁଣୁ ଗୁଣୁ ମିଠା ଗୀତ
ପୁଷ୍ପରୁ ମିଠା ମଧୁ ଖାଇ ।

ବରଷକ ଥରେ ଆସିଛି ଶ୍ରେଷ୍ଠ ବସନ୍ତ
ମିଠା ମଳୟର ସାଥେ ।
ଫୁଲେଇ ଫଗୁଣକୁ ଉପେଭାଗ କରରେ
ସର୍ବେ ଆନନ୍ଦ ଉଲ୍ଲାସେ ।

ତିହିଡି, ଭଦ୍ରକ,
ଯୋଗାଯୋଗ-୮୩୩୯୯୩୯୯୨୯
କାର୍ଯ୍ୟକାରୀ ସମ୍ପାଦକ,
ଜାତୀୟ କବି ଲେଖକ ସଂଗଠନ

ISSN NO.
2582-208X

# ତୁମ କଥା



ସିଦ୍ଧେଶ୍ୱର ତ୍ରିପାଠୀ

ତୁମ କଥା ସଖି ଗପରେ ଲେଖିଲେ
ଶବଦ ନଅଣ୍ଟ ହେବ
ସାଗର ପାଣିକୁ କାଳି ସଜାଇଲେ
ସାତ ସାଗର ସୁଖିବ ।

ଲେଖିଲେ କବିତା ପାହିଯିବ ରାତି
ସରିଯିବ ସବୁ ଦିନ
ପଦ ବାକିଥିବ ଜୀବନ ସରିବ
ଅଧା ରହିବ ସପନ ।

କହିହେବ ନାହିଁ ଦୁନଆଁ ଦାଣ୍ଡରେ
ସଜନୀ ଗୋ ତୁମ କଥା
ନୀରବ ରହିଲେ ଛାତି ଫାଟିଯିବ
ଏମିତି ଅଶହ୍ୟ ବ୍ୟଥା ।

ପୁନେଇଁ ଚାନ୍ଦ ଗୋ ପୁଣ୍ୟମୟୀ ତୁମେ
ପ୍ରାଣପ୍ରିୟା ଜୀବନର
ଜହର ନଆଁଠୁ ଭାରି ଭୟଙ୍କର
ତୁମ ପ୍ରେମ ଉପହାର ।

କବିର ଘର
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା

ISSN NO.
2582-208X

# କଛି ଫୁଲଠାରୁ ଶିଖ



ଦୀନବନ୍ଧୁ ବେଜ

ସବୁ ଫୁଲ କେବେ ମନ୍ଦିର ଯାଏନି
ସବୁ ଫୁଲ କେବେ ପୂଜାରେ ଲାଗେନି
ସବୁ ଫୁଲ ବୀର ଗଳାରେ ଲମ୍ବେନି
ସବୁ ଫୁଲ ମଧ୍ୟ ମର୍ଯ୍ୟଦା ପାଏନି ।

କିଛି ଫୁଲ ବୃକ୍ଷ ଡାଳରେ ମଉଳେ
କିଛି ଫୁଲ ଛିଣ୍ଡି ପଡିଯାଏ ତଳେ
କିଛି ଫୁଲ ନେଇ ପିଲାଟିଏ ଖେଳେ
କିଛି ଫୁଲ ଝଡେ ସଂଜ ଓ ସକାଳେ ।

ଯେଉଁ ଫୁଲପରେ ବୀର ପାଦ ପଡ଼େ
ଯେଉଁ ଫୁଲ ପାଇଁ ଯବାନଟି ଲଢେ
ଯେଉଁ ଫୁଲ ପାଇଁ ସାମର୍ଥ୍ୟବି ବଢେ
ଯେଉଁ ଫୁଲ ପାଇଁ ବନ୍ଧୁଟିଏ ଯୋଡେ ।

ସେହି ଫୁଲର ବେଶି ଆଦର ବଢିବ
ସେହି ଫୁଲ ପାଇଁ ହୃଦୟ ଝୁରିଯିବ
ସେହି ଫୁଲଟିକୁ ସଂସାର ଖୋଜିବ
ସେହି ଫୁଲଟିର ଗୌରବ ବଢିବ।

ଫୁଲ ପରି ମନକୁ କରହେ କୋମଳ
ଫୁଲ ପରି କରହେ ହୃଦୟକୁ ନିର୍ମଳ
ଫୁଲ ପାଇଁ ହେଲେ ମଣିଷ ପାଗଳ
ଫୁଲ ମୂଲ୍ୟ ନିଶ୍ଚେ ହେବ ରସାତଳ ।

ସଂପାଦକ
ଜାତୀୟ କବି ଲେଖକ ସଂଗଠନ
ବାସୁଦେବପୁର, ଭଦ୍ରକ

ISSN NO.
2582-208X

# ବଳବାମନ ବେଶ



ଅଧ୍ୟାପିକା ରେ୍ଜାଲିନ୍ ବାରିକ୍

ନମୋ ବାମନ ରୂପାୟ ବଳ ଧ୍ୱଂସ ବିନୋଦିନେ ।
ତ୍ରିବିକ୍ରମାୟ ତେ ନତ୍ୟଂ ନମ ତସ୍ମୈ ନମୋ ନମଃ ।।

"ଜଗତ ଯାହାର ଚରଣ ତଳରେ
ହାତ ପତାଇଣ ମଗାନ୍ତୁ ଭିକ
ଗଡୁ, ଛତା, କୁଶବଟୁ ଘେନ ହସ୍ତେ
ଭିକ୍ଷା ମାଗିବାକୁ ଯାଆନ୍ତୁ ଦେଖ ।"

ଜଗତ ଯାହାର ଚରଣାରବିନ୍ଦରେ ହାତ ପକାଇ ଭିକ ମାଗେ ସେ ନଜେ ଭବତୀ ଭିକ୍ଷାମ୍ ଦେହି ଉଚ୍ଚରଣ ପୁର୍ବକ ବଳକୁ ମାଗିଥିଲେ ଭିକ୍ଷା । ଶ୍ରୀଜଗନ୍ନାଥ ହେଉଛନ୍ତୁ ସ୍ୱୟଂ ମହାବିଷ୍ଣୁ। ଏହି ବିଷ୍ଣୁ ତାହାଙ୍କର ପଞ୍ଚମ ଅବତାରରେ ବାମନ ରୂପେ ଆବିର୍ଭୂତ ହୋଇଥିଲେ ।

"ଛଳୟସି ବିକ୍ରମଣେ ବଳମଦଭୁତବାମନ,
ପଦନଖନୀରଜନତଜନପାବନ ।
କେଶବ ! ଧୃତ ବାମନ ରୂପ, ଜୟ ଜଗଦୀଶ ହରେ ।"

ବାମନ ରୂପ ନେଇ ବଳି ମହାରାଜଙ୍କୁ ପାତାଳରେ ଚାପି ଦେଇଥିଲେ । ସେହି ସ୍ମୃତିକୁ ବହନ କରି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବଳିବାବନ ବେଶ ଶହ ଶହ ବର୍ଷ ବର୍ଷ ଧରି

ISSN NO.
2582-208X

ଅନୁଷ୍ଠିତ ହୋଇ ଆସୁଛି । ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ତିଥିରେ ମହାପ୍ରଭୁ ଶ୍ରୀ ବାମନ ରୂପରେ ଜନ୍ମ ନେବାପରେ ତାପରଦିନ ଭାଦ୍ରବ ଶୁକ୍ଳ ତ୍ରୟୋଦଶୀ ଦିନ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ଏକ ମନୋମୁଗ୍ଧକର ବାମନ ରୂପୀ ବାଳକ ବେଶରେ ସଜ୍ଜିତ କରାଯାଇଥାଏ । ଆଜି ଦେବୀ ସୁଭଦ୍ରା ଓ ବଡ଼ଠାକୁର ବଳଭଦ୍ର ସ୍ୱର୍ଣ୍ଣ ବେଶରେ ସଜ୍ଜିତ ହୋଇଥାନ୍ତି । ଅଗ୍ରଜ ଶ୍ରୀ ବଳଭଦ୍ର ଦେବ କାମପାଳ ବଳୀରାଜା ବେଶ ରେ ଶ୍ରୀ ହସ୍ତରେ ଧନୁ ଓ ଶର ଧାରଣ କରିଥାନ୍ତି ।

ମଧ୍ୟାନ ଧୂପ ପୂଜା ବଢ଼ିବାପରେ ଶ୍ରୀଜଗନ୍ନାଥ ମହାପ୍ରଭୁ ବଳି ବାମନ ବେଶ ଧାରଣ କରିଥାନ୍ତି। ଏହି ଦିନ ମହାପ୍ରଭୁଙ୍କୁ ସ୍ୱର୍ଣ୍ଣ ଶ୍ରୀଭୁଜ, ଶ୍ରୀ ପୟର ଓ ସ୍ୱର୍ଣ୍ଣ କିରୀଟରେ ଆଭୂଷିତ ହୋଇଥାନ୍ତି । ମଥାରେ ଜୁଡା ଯୁକ୍ତ କେଶର ରୂପ ସୃଷ୍ଟି ପାଇଁ ଦରଜି ଦେଇଥିବା କଳା କନାର ଗୋଟିଏ ମଥା ବରଣ ବ୍ୟବହୃତ ହୁଏ । ସେହି କଳା କନାର ସମ୍ମୁଖ ପଟେ ଧଳା କନା ସିଲେଇ କିଛି ଧଳା ଗାର ସୃଷ୍ଟି ହୋଇଥାଏ । ଏହା ଭସ୍ମରେଖା ବା ତିଳକର ପ୍ରତୀକ ରୂପେ ଗୃହୀତ ହୁଏ । ଏକ କିରୀଟ ମସ୍ତକ ଉପରେ ଶୋଭା ପାଇ ଥାଏ ନାଗପୁରୀ ଜୁକ୍ତ ଧଳା ଦେହରେ କଳା ରଙ୍ଗର ଧଡିଯୁକ୍ତ ଲୁଗାକୁ ଅତିଭ ଭାବରେ ଦୋକଛା ମରାହୋଇ ପିନ୍ଧିଥାନ୍ତି ମହାପ୍ରଭୁ । ଏହି ବେଶରେ ମହାପ୍ରଭୁଙ୍କ ଶ୍ରୀଭୁଜର ବାମ ହସ୍ତରେ ଏକ ଛତ୍ରୀ ଓ ଡାହାଣ ହସ୍ତରେ କୁଶଯୁକ୍ତ ରୂପାର ଗଡୁ ଧରାଯାଇ ଏକ ବାମନରୂପୀ ନୈଷ୍ଠିକ ବ୍ରାହ୍ମଣ ବେଶରେ ମହାପ୍ରଭୁଙ୍କୁ ଭୂଷିତ କରାଯାଇଥାଏ । ସତ୍ୟ ଯୁଗ ରେ ଯେଉଁପରି ଭାବରେ ବାମନ ଆବିର୍ଭାବ ହୋଇଥିଲେ ମାହାପ୍ରଭୁଙ୍କୁ ଠିକ ସେହିପରି ଭାବରେ ବେଶ ଲାଗି କାରାଯାଇଥାଏ । ଏହାକୁ ବଳିବାମନ ବେଶ ବୋଲି କୁହାଜାଏ । ବାମନ ବେଶ ରେ ମହାପ୍ରଭୁଙ୍କୁ ସ୍ୱର୍ଣ୍ଣ ଅଳଙ୍କାର ସବୁ ଲାଗିକାରାଯାଏ ସ୍ୱର୍ଣ୍ଣ ର ଶ୍ରୀ ପୟର, କିରିଟ, ଶ୍ରୀ ଭୁଜ, ଆଡକାନୀ, ସୂର୍ଯ୍ୟ, ଚନ୍ଦ୍ର, ଘାଗଡା ମାଳି, ବାହାଡା ମାଳି, ତାବିଜ ମାଳି, କଦମ୍ବ ମାଳି, ହରିଡା ମାଳି, ସେବତୀ ମାଳି, ଚନ୍ଦ୍ରିକା, ତିଳକ ଶ୍ରିମୁଖ ପଦ୍ମ, ଅଳକା, ତଡକି, କୁଣ୍ଡଳ ଏବଂ ଓଡିଆଣି ଏ ସମସ୍ତ ସ୍ୱର୍ଣ୍ଣ ଅଳଙ୍କାର ରେ ଠାକୁରଙ୍କୁ ସଜେଇଦିଆଯାଏ ଏବଂ ଅତିବ ଚିତା କର୍ଷକ ବଳିବାମନ ବେଶ ରେ ସଜ୍ଜିତ ହୋଇଥାନ୍ତି ବଡ଼ସିଂହାର ପୂଜା ପର୍ଯ୍ୟନ୍ତ ଏହି ବେଶ ରହିଥାଏ ।

ISSN NO.
2582-208X

କୁହାଯାଏ ଏହି ବଳିବାମନ ବେଶର ପ୍ରବର୍ତ୍ତକ ହେଉଛନ୍ତି କଳିଙ୍ଗ ବ୍ରାହ୍ମଣ ସମାଜ । ଏକାଦଶ ଶତାବ୍ଦି ରେ ଏହି ବେଶ ଆରମ୍ଭ ହୋଇଥିଲା ବୋଲି କୁହାଯାଏ । ବାମନ ବେଶରେ ଶ୍ରୀଜୀଉଙ୍କୁ ଲାଗି କରାଯାଉଥିବା ସ୍ୱର୍ଣ୍ଣ ଅଳଙ୍କାର ଇତ୍ୟାଦି ବେଶ ଦିନ ପୂର୍ବରୁ ରତ୍ନଭଣ୍ଡାରରୁ କଢାଯାଇ ଭଣ୍ଡାର ମେକାପ ସେବକଙ୍କ ତତ୍ତ୍ୱବଧାନରେ ରହିଥାଏ ।

"ରଥେତ୍ୱଂ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନ ବିଦ୍ୟତେ"

ଶ୍ରୀଜଗନ୍ନାଥ ବାମନ ଭାବେ ପରିଚିତ । ଜଗନ୍ନାଥଙ୍କର ହସ୍ତପଦ ବିହୀନ ଅବୟବକୁ ଦର୍ଶନ କଲେ ସେ ସ୍ୱତଃ ବାମନ ଭଳି ଦେଖାଯାନ୍ତି । ବିଶେଷ କରି ରଥ ଯାତ୍ରା ସମୟରେ ତାଙ୍କୁ ବାମନ ଭାବରେ ବର୍ଣ୍ଣନା କରାଯାଇ କୁହାଯାଇଛି । ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବଳି ବାମନ ବେଶକୁ ଦେଖି ତତ୍କାଳୀନ ଗଜପତି ଶ୍ରୀ ବୀର କିଶୋର ଦେବ ଲେଖିଥିଲେ :

"ଜଗତ ଯାହାର ଚରଣ ତଳରେ
ହାତ ପତାଇଣ ମଗାନ୍ତି ଭିକ
ଗଡୁ, ଛତା, କୁଶବଟୁ ଘେନି ହସ୍ତେ
ଭିକ୍ଷା ମାଗିବାକୁ ଯାଆନ୍ତି ଦେଖ ।"
ବଟୁକୁଶଧରି ବଟୁବେଶେ ହରି
ବଳି ବାଲିଙ୍ଗ ଭାଙ୍ଗିଲ
ବଳବନ୍ତ ବୋଲି ବଟୁକ ବ୍ରାହ୍ମଣ
ବିକ୍ରମିକି ଭଣ୍ଡାଇଲ
ବାମନ ବେଶରେ ଗଲ
ବଳିଆର ଭୁଜ ବଳିକି ଛଳରେ
ବଳେ ପାଦେ ଚାପିଦେଲ ।।

ସଂଗ୍ରାହୀକା: ଅଧ୍ୟାପିକା ରୋଜାଲିନ୍ ବାରିକ୍
ମହୁ, ଆଳି, କେନ୍ଦ୍ରାପଡା

ISSN NO.
2582-208X

# ଶ୍ରୀ ସୂର୍ଯ୍ୟ ସ୍ତୋତ୍ରମ୍



ଅଧ୍ୟାପକ ଅବିନାଶ ବାରିକ୍

ଓଁ ସପ୍ତାଶ୍ୱଂ ସମାରୁହ୍ୟାରୁଣସାରଥିମୁତ୍ତମମ୍ ।
ଶ୍ୱେତପଦ୍ମଧରଂ ଦେବଂ ତ୍ୱାଂ ସୂର୍ଯ୍ୟଂ ପ୍ରଣମାମ୍ୟହମ୍ ॥ ୧॥

ବନ୍ଧୂକପୁଷ୍ପସଙ୍କାଶଂ ହାରକୁଣ୍ଡଳଭୂଷଣମ୍।
ଏକଚକ୍ରଧରଂ ଦେବଂ ତ୍ୱାଂ ସୂର୍ଯ୍ୟଂ ପ୍ରଣମାମ୍ୟହମ୍ ॥ ୨॥

ଲୋହିତସ୍ୱର୍ଣ୍ଣସଙ୍କାଶଂ ସର୍ବଲୋକପିତାମହମ୍ ।
ର୍ବବ୍ୟାଧିହରଂ ଦେବଂ ତ୍ୱାଂ ସୂର୍ଯ୍ୟଂ ପ୍ରଣମାମ୍ୟହମ୍ ॥ ୩॥

ତ୍ୱଂ ଦେବ ଇଶ୍ୱରଃ ଶକ୍ରବ୍ରହ୍ମବିଷ୍ଣୁମହେଶୱତ୍।
ପରଂ ଧର୍ମଂ ପରଂ ଜ୍ଞାନଂ ତ୍ୱାଂ ସୂର୍ଯ୍ୟଂ ପ୍ରଣମାମ୍ୟହମ୍ ॥ ୪॥

ତ୍ୱଂ ଦେବଲୋକକର୍ତ୍ତା ଚ କୀର୍ତ୍ତ୍ୟାତ୍ମା କରଣାଂଶକମ୍।
ତେଜୋ ରୁଦ୍ରଧରଂ ଦୈବଂ ତ୍ୱାଂ ସୂର୍ଯ୍ୟଂ ପ୍ରଣମାମ୍ୟହମ୍ ॥ ୫॥

ପୃଥିବ୍ୟପ୍ତେଜୋ ବାୟୁଷ୍ଟାତ୍ମାପ୍ୟାକାଶମେବ ଚ।
ସର୍ବଜ୍ଞଂ ଶ୍ରୀଜଗନ୍ନାଥଂ ତ୍ୱାଂ ସୂର୍ଯ୍ୟଂ ପ୍ରଣମାମ୍ୟହମ୍ ॥ ୬॥

ଅଖଣ୍ଡମଣ୍ଡଳାକାରଂ ବ୍ୟାପ୍ତଂ ଯେନ ଚରାଚରମ୍।
ଗଗନାଲିଙ୍ଗମାରାଧ୍ୟଂ ତ୍ୱାଂ ସୂର୍ଯ୍ୟଂ ପ୍ରଣମାମ୍ୟହମ୍ ॥ ୭॥

ISSN NO.
2582-208X

ନିର୍ମଲଂ ନିର୍ବିକଳ୍ପଂ ଚ ନିର୍ବିକାରଂ ନିରାମୟମ୍ ॥
ଜଗତ୍କର୍ତ୍ତା ଜଗଦ୍ଧର୍ତ୍ତାସ୍ତଂ ସୂର୍ଯ୍ୟଂ ପ୍ରଣମାମ୍ୟହମ୍ ॥ ୮ ॥

ସୂର୍ଯ୍ୟସ୍ତୋତ୍ରଂ ଜପେନ୍ନିତ୍ୟଂ ଗ୍ରହପୀଡାବିନାଶନମ୍ ।
ଧନଂ ଧାନ୍ୟଂ ମନୋବାଞ୍ଛାଶ୍ରିୟଃ ପ୍ରାପ୍ନୋତି ନିତ୍ୟଶଃ ॥ ୯ ॥

ଶିବରାତ୍ରିସହସ୍ରେଷୁ କୃତ୍ୱା ଜାଗରଣଂ ଭବେତ୍ ।
ଯତ୍ଫଳଂ ଲଭତେ ସର୍ବଂ ତଦ୍ଦୈ ସୂର୍ଯ୍ୟସ୍ୟ ଦର୍ଶନାତ୍ ॥ ୧୦ ॥

ଏକାଦଶୀସହସ୍ରାଣି ସଂକ୍ରାନ୍ତ୍ୟଯୁତମେବ ଚ ।
ସପ୍ତକୋଡିସୁ ଦର୍ଶେଷୁ ତତ୍ଫଳଂ ସୂର୍ଯ୍ୟଦର୍ଶନାତ୍ ॥ ୧୧ ॥

ଅଶ୍ୱମେଧସହସ୍ରାଣି ବାଜପେୟଶତାନି ଚ ।
କୋଟିକନ୍ୟାପ୍ରଦାନାନି ତତ୍ଫଳଂ ସୂର୍ଯ୍ୟଦର୍ଶନାତ୍ ॥ ୧୨ ॥

ଗୟାପିଣ୍ଡଃ ପରଂ ଦାନେ ପିତୃଣାଂ ଚ ସମୁଦ୍ଧରମ୍ ।
ଦୃଷ୍ଟ୍ୱା ହ୍ୟଗ୍ରେଶ୍ୱରଂ ଦେବଂ ତତ୍ଫଳଂ ସମବାପ୍ନୁୟାତ୍ ॥ ୧୩ ॥

ଅଗ୍ରେଶ୍ୱରସମୋପେତୋ ସୋମନାଥସ୍ତଥୈବ ଚ ।
କୈଦାରମୁଦକଂ ପୀତ୍ୱା ପୁନର୍ଜନ୍ମ ନ ବିଦ୍ୟତେ ॥ ୧୪ ॥

ସୂର୍ଯ୍ୟସ୍ତୋତ୍ରଂ ପଠେନ୍ନିତ୍ୟମେକଚିତ୍ତଃ ସମାହିତଃ ।
ଦୁଃଖଦାରିଦ୍ର୍ୟନିର୍ମୁକ୍ତଃସୂର୍ଯ୍ୟଲୋକଂ ସ ଗଚ୍ଛତି ॥ ୧୫ ॥

. ଇତି ଶ୍ରୀ ସୂର୍ଯ୍ୟସ୍ତୋତ୍ରଂ ସମ୍ପୂର୍ଣ୍ଣମ୍

ସଂଗ୍ରାହକ: ଅଧ୍ୟାପକ ଅବିନାଶ ବାରିକ୍
କେନ୍ଦ୍ରାପଡ଼ା, ଓଡ଼ିଶା

ISSN NO.
2582-208X

# ମସିହା



ଦୁଷ୍ମନ୍ତ ବେହେରା

ମସିହା ମସିହା ବଦଳି ଯାଉଛି
କେବେ ତୁମେ ଆସିବ
ଖ୍ରୀଷ୍ଟାବ୍ଦ ପୃଷ୍ଠା ରେ
ତୁମକୁ ଦେଖିଛି
ସାଇତି ରଖିଛି ସପନ
ତୁମେ କେବେ ଆସିବ
ଏଠି ଦିନ ରାତି ବଦଳି ଯାଉଛି
ବଦଳୁଛି ରେ ମନ
ଦିନ ମାସ ବର୍ଷ ବଦଳି ଯାଉଛି
ବଦଳୁଛି ରେ ଯୌବନ
ଆଖିର ଅସୁମାରୀ କ୍ଷଭ ନେଇ
ଅପେକ୍ଷା କରିଛି ତୁମକୁ
ତୁମେ କେବେ ଆସିବ
ଶିଶୁରୁ ଯୁବା ହେଲିଣି ବୁଢା
ଲଲାଟ ଅଦୃଶ୍ୟ ଭାଗ୍ୟ ରେ ମୋର
ଦୁଃଖୀ କିଙ୍କଣୀ ନିଝରଣୀ
ପ୍ରାଣବାୟୁ ଆସୁଛି ଯାଉଛି
ଲୁହ ଭରା ଚାହାଁଣୀ ଟି
ଚାହିଁଛି ତୁମକୁ ମସିହା

ISSN NO.
2582-208X

ତୁମେ କେବେ ଆସିବ
ଶରୀରର ପ୍ରାଣ ବ୍ୟାକୁଳ କରୁଛି
ଜୀବନର ଲକ୍ଷ୍ୟ ଆଶାରେ ଝୁରୁଛି
ତୁମେ କେବେ ଆସିବ
ଜୀବନର ଲଲାଟ ଟି
ଅପେକ୍ଷା କରିଛି ମସିହା
ତୁମରି ବକ୍ଷ ରେ
ଲେଖିଦେବି ମୋ ନାଆଁ

ଗ୍ୱସୋଳ (ମୁଣ୍ଡିଆପଷି)
ଢେଙ୍କାନାଳ

ISSN NO.
2582-208X

# ତୁମେ ଗଲା ପରେ



ଶିବରାମ ସାହୁ

ଆଜି ମୁଁ
ନୀରବ
ପୁନେଇଁ ନିଶିର
ଉଁଆସ ପଥରେ
ବାସ୍ ମୁଁ ଏକା
ଆଉ ମୋ ଭାବନା
ତୁମେ ଗଲାପରେ
ହଜାଇଛି ସପନ
ଖୋଜୁଅଛି ଠିକଣା
ଦୋଷ କାହାକୁ ଦେବି
ଜମା ବୁଝି ପାରୁନି
ନିରଳା ସ୍ଥାନର ବିରଳ କାହାଣୀରେ
ଆଜି ତୁମେ ଏକ ଅଦ୍ୱିତୀୟ ଅନୁପମା
କରିନାହିଁ ସ୍ପର୍ଶ
ବୋଲି ମୁଁ ରଚୁଛି ରଚନା
ଦେଖୁନାହିଁ ସମୟ
ବୋଲି ବଢୁଅଛି ଭାବନା

ISSN NO.
2582-208X

ମହିର କୋଣ ଅନୁକୋଣରେ
ଚାଲି ଯାଇଥିବା ତୁମ ପାଦ ଚିହ୍ନକୁ
ସାଉଁଟି ସାଉଁଟି ଅତି ଜତନରେ
ଆପଣା କରିବାର ଅଭିପ୍ରାୟ
ଏ ଯାଏଁ ମନରୁ ଯାଇନି
ସକ୍ରିୟ ହେଲେଣି ପୁଣି
ଇନ୍ଦ୍ରିୟ ମୋର ତନୁ ମଧ୍ୟରେ ।
ଅମାପ ମନ ଗଣ୍ଡରେ
ମୋର ଅଜସ୍ର ଚିନ୍ତନ
କାହିଁକି ଆଜି ତୁମ ଅପେକ୍ଷାରେ ?

ଆର.କେ.କଲୋନୀ
ନବରଂଗପୁର-୯୯୩୭୬୫୩୩୬୧

ISSN NO.
2582-208X

# ବିପଦେ ସାହା ଜଗନ୍ନାଥ



ଦାସ କମଳ କୁମାର

ଜୟ ଜଗନ୍ନାଥ। କୋଟି ଓଡିଆର ମଉଡମଣି,ପ୍ରତି ଓଡିଆଙ୍କ ପ୍ରାଣର ଆରଧ୍ୟ ମହାପ୍ରଭୁ ଜଗନ୍ନାଥ । ଓଡିଆଟିଏ ପ୍ରତି କ୍ଷେତ୍ରରେ ମହାପ୍ରଭୁଙ୍କୁ ଖୋଜିଥାଏ, ମହାପ୍ରଭୁଙ୍କ ବିନା ଓଡିଆ ଜାତିର ସତ୍ତା ହିଁ କିଛି ନାହିଁ । ସେହିଭଳି ଜଣେ ଯୁବକ ହେଉଛନ୍ତି ପଦ୍ମ କୁମାର । ନିଜଠୁ ବି ବେଶି ମହାପ୍ରଭୁଙ୍କୁ ଭଲ ପାଆନ୍ତି ସେ । ଯେତେବେଳେ ବି ସମୟ ପାଆନ୍ତି ଧାଇଁ ଯାଆନ୍ତି ଶିରୀକ୍ଷେତ୍ର, ମନ ଭରି ମହାପ୍ରଭୁଙ୍କୁ ଦେଖନ୍ତି, ଆନନ୍ଦ ବଜାରରେ ବସି ମହାପ୍ରସାଦ ଖାଇ ପୁନଶ୍ଚ ମହାପ୍ରଭୁଙ୍କୁ ଦର୍ଶନ କରି କର୍ମକ୍ଷେତ୍ରକୁ ଫେରି ଆସନ୍ତି । ସତରେ ବଡ ଭାଗ୍ୟବାନ ସେ ପଦ୍ମ କୁମାର ବାବୁ ।

ପଦ୍ମ କୁମାର ବାବୁ ଢେଙ୍କାନାଳ ନିବାସୀ କିନ୍ତୁ କର୍ମକ୍ଷେତ୍ର ତାଙ୍କର ଜଟଣୀ ଥାଏ । କଥାଟି ବହୁ କମ ଦିନର ଏଇ ଏପ୍ରିଲ ମାସର ଘଟଣା। ମହାପ୍ରଭୁଙ୍କର ଚନ୍ଦନ ଯାତ୍ରା ଚାଲିଥାଏ । ଚନ୍ଦନ ଯାତ୍ରା ୪୨ଦିନ ଯାହାକି ବୈଶାଖର ଶୁକ୍ଳ ତୃତୀୟା ଅକ୍ଷୟ ତୃତୀୟା ଠାରୁ ଆରମ୍ଭ ହୋଇଥାଏ । ସେଥିମଧ୍ୟରୁ ବାହାର ଚନ୍ଦନ ଯାତ୍ରା ୨୧ଦିନ ଆଉ ମନ୍ଦିର ଭିତରେ ୨୧ଦିନ।

ବାହାର ଚନ୍ଦନ ଯାତ୍ରାରେ ମହାପ୍ରଭୁଙ୍କର ବିଗ୍ରହ ପ୍ରତିମା ମଦନ ମୋହନ, ଶ୍ରୀଦେବୀ ଏବଂ ଭୂଦେବୀ ସଂନ୍ଧ୍ୟା ଧୂପ ପରେ ନରେନ୍ଦ୍ର ପୁଷ୍କରିଣୀକୁ ଯାତ୍ରା କରନ୍ତି ଏବଂ ସାଥିରେ ଥାଆନ୍ତି ପଞ୍ଚ ମହାଦେବ (ଯମ୍ବେଶ୍ୱର, ଲୋକନାଥ, ମାର୍କଣ୍ଡେଶ୍ୱର, ନୀଳକଣ୍ଠ ଏବଂ କପାଳମୋଚନ) । ସେଠାରେ ମହାପ୍ରଭୁଙ୍କର ଚାପ ଖେଳ ହୁଏ । ସେ ଦୃଶ୍ୟ ଭାରି ମନୋରମ । ପଦ୍ମ କୁମାର ବାବୁଙ୍କର ଭାରି ଇଛା ଥାଏ ଶ୍ରୀକ୍ଷେତ୍ର ଯାଇ ଚର୍ମ ନୟନରେ ଚାପ ଖେଳ ଦେଖିବେ, ମହାପ୍ରଭୁଙ୍କୁ ଦର୍ଶନ କରିବେ କିନ୍ତୁ କର୍ମ ଜୀବନରେ ବ୍ୟସ୍ତ ରହି

ISSN NO.
2582-208X

ଯାଇପାରୁ ନଥାନ୍ତି। ସବୁଠାରୁ ବଡ କଥା ମହାପ୍ରଭୁଙ୍କର ଡୋରି ନଲାଗିଲେ କ'ଣ ତାଙ୍କ କ୍ଷେତ୍ରକୁ ଯାଇ ହେବ ? ପଦ୍ମ କୁମାର ବାବୁ କୁହନ୍ତି "ମହାପ୍ରଭୁଙ୍କୁ ଦେଖିବା ନିମନ୍ତେ ଆପଣଙ୍କ ମନରେ ଯଦି ସେ ପ୍ରକାର  ଆକୁଳତା ବ୍ୟାକୁଳତା ନାହିଁ ତାହାଲେ ତାଙ୍କ ଡୋରି ଲାଗେନି "। ଭାବର ଠାକୁର ସିଏ ।ଭାବକୁ ନିକଟ ଅଭାବକୁ ଦୂର ।

ବାହାର ଚନ୍ଦନ ଯାତ୍ରା ସରିବାକୁ ଦୁଇ ଦିନ ଥାଏ। ସେଦିନ ସଂନ୍ଧ୍ୟାରେ ହଠାତ୍ ଇଛା କଲେ ଶ୍ରୀକ୍ଷେତ୍ର ଯିବେ, ମହାପ୍ରଭୁଙ୍କର ଡୋରି ଲାଗିଲା ସଂନ୍ଧ୍ୟା ଟ୍ରେନ୍ ରେ ଯାତ୍ରା କଲେ ଶ୍ରୀକ୍ଷେତ୍ର ପୁରୀ। ରାତି ୮.୩୦ ରେ ପୁରୀରେ ପହଞ୍ଚି ପ୍ରଥମେ ଗଲେ ନରେନ୍ଦ୍ର ପୋଖରୀ । ସେଠାରେ ପଞ୍ଚ ମହାଦେବଙ୍କୁ ଦର୍ଶନ କଲେ ତାଙ୍କର ଗାଧୁଆ ପାଣି ପାଇଲେ । ମଦନ ମୋହନ, ଶ୍ରୀଦେବୀ, ଭୂଦେବୀଙ୍କୁ ଅତି ନିକଟରେ ମନଭରି ଦର୍ଶନ କରିବାର ସୌଭାଗ୍ୟ ଲାଭ କଲେ । ସତରେ ମହାପ୍ରଭୁଙ୍କୁ ଆପଣ ଯେତିକି ଝୁରି ହେବେ ସେ ବି ଆପଣଙ୍କୁ ସେତିକି ଝୁରି ହେବେ । ଆପଣ ତାଙ୍କୁ ଦେଖିବା ପାଇଁ ଯେତିକି ବ୍ୟଗ୍ର ଥାଆନ୍ତି ସେ ବି ଆପଣଙ୍କୁ ଦେଖିବାକୁ ସେତେ ବ୍ୟାକୁଳିତ ହୋଇଥାନ୍ତି । ନରେନ୍ଦ୍ର ପୁଷ୍କରିଣୀରେ ମହାପ୍ରଭୁଙ୍କର ଚାପ ଯାତ ଦେଖି ବହୁତ ଖୁସି ହେଲେ ।

ରାତ୍ର ୧୧.୩୦ ପରେ ଶ୍ରୀମନ୍ଦିରକୁ ଆସିଲେ ସିଂହଦ୍ୱାର ସମ୍ମୁଖରେ ମାଆ ତୋରଣ ଲକ୍ଷ୍ମୀଙ୍କୁ ମୁଣ୍ଡିଆ ମାରି, ଶରଧାବାଲି ମୁଣ୍ଡରେ ବୋଳି ମନ୍ଦିର ମଧ୍ୟରେ ପ୍ରବେଶ କଲେ । ବେଢା ପରିକ୍ରମା କରି ମହାପ୍ରଭୁଙ୍କୁ ଦର୍ଶନ କଲେ । ତାପରେ ରାତ୍ର ୧୨ଘଟିକା ପରେ ଆନନ୍ଦ ବଜାର ଯାଇ ମହାପ୍ରସାଦ ସେବନ କଲେ । ପୁନଶ୍ଚ ମନ୍ଦିର ମଧ୍ୟକୁ ଯାଇ ବଡସିଂହାର ବେଶ ମହାପ୍ରଭୁଙ୍କ ଦର୍ଶନ କଲେ । ମହାପ୍ରଭୁଙ୍କର ବଡସିଂହାର ବେଶ ବଢୁ ବଢୁ ରାତ୍ର ପ୍ରାୟ ୨.୩୦ ହୋଇଗଲା । ତାପରେ ମନ୍ଦିର ପହଡ ହୋଇଗଲେ ମହାପ୍ରଭୁ ନିଦ୍ରାଗଲେ ।

ବହୁତ ସୁନ୍ଦର ଦର୍ଶନ କରି ଆନନ୍ଦ ମନରେ ପଦ୍ମ ବାବୁ ମନ୍ଦିରରୁ ବାହାରି ଷ୍ଟେସନ୍ ଅଭିମୁଖେ ବାହାରିଲେ । ଏତେ ରାତିରେ କୌଣସି ଟେମ୍ପୁ ନପାଇ ଚିନ୍ତାକଲେ ଚାଲି ଚାଲି ଷ୍ଟେସନକୁ ଯିବା ପାଇଁ । ମୋବାଇଲ୍ ରେ ଗୁଗୁଲ ମ୍ୟାପ୍ ବାହାର କରି ଚାଲିଥାନ୍ତି । ରାତ୍ର ପାଖାପାଖି ୩ଟା ହେବ ପଦ୍ମ ବାବୁ ମେଡିକାଲ୍ ଛକ ପାଖରେ ପହଞ୍ଚି ଥାଆନ୍ତି ସେଠାରେ ଏକ ଗଳି ରାସ୍ତା ପଡିଲା । ତାଙ୍କୁ କୁକୁର ମାନଙ୍କୁ ଭାରି ଡର । ମହାପ୍ରଭୁଙ୍କୁ ଡାକି ଡାକି ଚାଲି ଥାଆନ୍ତି । ପିନ୍ଧିଥିବା ପ୍ୟାଣ୍ଟ ସାର୍ଟ ବ୍ୟତିତ ପାଖରେ କିଛି ନାହିଁ । ଭାବୁଥାଆନ୍ତି

ISSN NO.
2582-208X

ପାଖରେ ଗୋଟିଏ ବାଡି ଥାଆନ୍ତା କି ? ଏହି ସମୟରେ ଏକ କୁକୁର ତାଙ୍କ ପାଖକୁ ପଳାଇ ଆସିଲା । ଡରିଯାଇ ହେଇସ୍ ହେଇସ୍ କରିବାରୁ କୁକୁରଟି ପଳାଇ ଗଲା । ସାମ୍ନାରେ କିଛି ଦୂରରେ ଦେଖନ୍ତି ସାତ ଆଠଟି କୁକୁର ଶୋଇଛନ୍ତି । ଷ୍ଟେସନ ଆଉ ସାତ ଶହ, ଆଠ ଶହ ମିଟର ଥାଏ। ସେ ଗଳି ରାସ୍ତାରେ ମାତ୍ର କୋଡିଏ, ତିରିଶ ମିଟର ଆସିଥାନ୍ତି କୁକୁରମାନଙ୍କୁ ଦେଖି ମନରେ ବହୁତ ଭୟ କିନ୍ତୁ ମହାପ୍ରଭୁଙ୍କ ଉପରେ ତାଙ୍କ ଅଗାଧ ବିଶ୍ୱାସ । ସେ ସର୍ବଦା ଭାବନ୍ତି ମହାପ୍ରଭୁ ତାଙ୍କ ପାଶେ ପାଶେ ଅଛନ୍ତି। ମହାପ୍ରଭୁଙ୍କୁ ଡାକି ଡାକି ଆଗକୁ ବଢୁଥାନ୍ତି ।

ଜଣଙ୍କର ଆଜ୍ଞା ଡାକରେ ସେ ରହିଗଲେ, ସେ ଦେଖିଲେ ଏକ ୧୫-୧୬ ବର୍ଷର ବାଳକ ଏକ ଟଗର ଫୁଲ ଗଛରୁ ଫୁଲ ତୋଳୁଛି । ବାଳକଟି ପଚାରିଲା ଆଜ୍ଞା ଏତେ ରାତିରେ କୁଆଡେ ଯାଉଛନ୍ତି ? ପଦ୍ମ ବାବୁ କହିଲେ ଷ୍ଟେସନ୍ କୁ ଯାଉଛନ୍ତି । ବାଳକଟି ଏକଥା ଶୁଣି କହିଲା ଆଜ୍ଞା ଏପଟେ ଜମା ଯାଆନ୍ତୁ ନାହିଁ । ଏ ରାସ୍ତାରେ ବହୁତ କୁକୁର, ଝୁଣି ଖାଇଯିବେ। ଆପଣ ଏଇ ରାସ୍ତାରେ ଯାଆନ୍ତୁ କହି ରାସ୍ତା ବତେଇ ଦେଲେ । ବାଳକଟି କହିଥିବା ରାସ୍ତାରେ ପଦ୍ମ ବାବୁ ଆଗକୁ ବଢିଲେ । ଭଲରେ ଷ୍ଟେସନରେ ପହଞ୍ଚି ପଦ୍ମ ବାବୁ ଭାବିଲେ....

ସତରେ ଏତେ ରାତିରେ ପିଲାଟିଏ ଫୁଲ ତୋଳିବା କ'ଣ ସମ୍ଭବ ? ପ୍ରାୟତଃ ବୁଢାବୁଢୀ ମାନେ ରାତି ଚାରିଟା ପରେ ଉଠି ଫୁଲ ତୋଳି ଥାଆନ୍ତି । କିନ୍ତୁ ଏତେ କମ ବୟସର ବାଳକ ରାତି ୩ଟା ପୂର୍ବରୁ ଫୁଲ ତୋଳିବା ନିହାତି ଆଶ୍ଚର୍ଯ୍ୟ । ନିଶ୍ଚିତ ମହାପ୍ରଭୁ ତାଙ୍କୁ କୁକୁର ମାନଙ୍କ ପାଖରୁ ବଞ୍ଚାଇବା ପାଇଁ ସେ ପିଲାଟିକୁ ସେଠାକୁ ପଠାଇ ଏହି ଲୀଳାଟିକୁ କରିଛନ୍ତି। ଏକଥା କହିବା ସମୟରେ ପଦ୍ମ ବାବୁଙ୍କ ଆଖିରେ ଖାଲି ଲୁହ ଥିଲା । ଆଉ କହୁଥିଲେ ସେ ପିଲାର ମଧୁର ଆଜ୍ଞା ଡାକ ଏବେ ବି ମୋ କାନରେ ଗୁଞ୍ଜରିତ ହେଉଛି ମୋ ଶରୀର ପୁଲକିତ ହେଇ ଉଠୁଛି । ମୁଁ ଅଭାଗା ତାଙ୍କୁ ଟିକିଏ ଭଲ ଭାବରେ ଦେଖି ପାରିଲିନି କହି କାନ୍ଦି ପକାଇଲେ ପଦ୍ମ ବାବୁ । ( ଜୟ ଜଗନ୍ନାଥ )

ଗୋବିନ୍ଦପୁର,
ମାର୍ଥାପୁର

ISSN NO.
2582-208X

# ସବୁ ତୁମରି ଇଛା



ଝରଣା ରାଉତ

ରଖିଲେ ରଖିବ ମାରିଲେ ମାରିବ
ସବୁତ ତୁମରି ଇଛା
ତୁମ ବିନା ମୁଁ ନୁହେଁତ କାଳିଆ
ସବୁତ ତୁମରି ଦାନ ।।

କଷ୍ଟ ଦେଉଥାଅ ଯନ୍ତ୍ରଣାବି ଦିଅ
ପୁଣି ଓଠେ ଦିଅ ହସ
ସମୟ ସାଥିରେ ସବୁ ଦେଉଥାଅ
କିଏ ଜାଣେ ତୁମ ଖେଳ ।।

ରତ୍ନ ସିଂହାସନେ ବସି ଦେଖୁଥାଅ
ପାପ ପୁଣ୍ୟର ଖେଳ
ତୁମ ଆଖିରୁ ପ୍ରଭୁ କିଏ ବା ଖସିବ
ଦେଇଥାଅ ସୁଧ ମୂଳ ।।

ତୁମ ମାୟା ପ୍ରଭୁ କିଏ ବା ବୁଝିବ
ତୁମେ ପରା ଭାବ ମୟ
ତୁମ ନାମ ତୁଣ୍ଡେ ସଦା ନେଉଥିଲେ
ଶାନ୍ତି ଲାଗେ ଏହି ହୃଦୟ ।।

କରପଦା,ବିଂଝାରପୁର,ଯାଜପୁର

ISSN NO.
2582-208X

# ଝରଣା



ଯଯାତି କେଶରୀ ମହାକୁଡ଼

ଝରଣାଟି ଦେଖ କେଡ଼େ ସୁନ୍ଦର
ଝରୁଥାଏ ଝର ଝର ।
ଝରଣା ଆରମ୍ଭ ପର୍ବତ ସିଖରୁ
ଶେଷ ହୁଏ ନଦୀ ଜଳର ।
କେତେ ଖାଲ ଢିପ ପୂରଣ କରିସେ
ଚାଲଇ ତଳକୁ ତଳ ।
ଝରଣାର ଶବ୍ଦ କୁଳୁକୁଳୁ ନାଦ
ମନ ମୋହିନିଏ ସଭିଙ୍କର ।
ଝରଣାର ପାଣି କେତେ ଯେ ମଧୁର
ଯିଏତ ପିଇଛି ସିଏତ ଜାଣିଛି
କିସ ବଖାଣିବି ଝରଣାର ।

ଗ୍ରାମ:– ମଇତାପୁର
ଜିଲ୍ଲା:– ବାଲେଶ୍ୱର
ମୋ:– 9078220034

ISSN NO.
2582-208X

# ଗେହ୍ଲା ଝିଅ



ଯଜ୍ଞଦତ୍ତ ସାମନ୍ତରାୟ

କେତେ ଡାକୁଥିଲି ପିଲାଟିଏ ପାଇଁ
କାଳିଆ କୁରୁପା କରିଲା,
ଆମ ଘରେ ଆଜି ଝିଅ ଜନ୍ମ ହୋଇ
ଜୀବନ ସାର୍ଥକ ହୋଇଲା ।
ଝିଅ ନୁହେଁ ସେ ତ ଗେହ୍ଲା ଝିଅ ଆମ
ଶରଧା ଅପାର ବଳିଛି,
ଦେଖିବାକୁ ତାକୁ ବନ୍ଧୁ ବାନ୍ଧବଙ୍କ
ଆମ ଘରେ ଭିଡ ଜମିଛି ।
ଭାରି ମନଲୋଭା ଚେହେରାଟି ତାର
ଧରିବାକୁ ମନ ବଳୁଛି,
ଧରିବା ଲୋକଟି ଧରୁଥିଲେ ତାକୁ
ମିଟି ମିଟି କରି ଚାହୁଁଛି ।

ଜାକଜମକରେ ଗେହ୍ଲା ଝିଅଟିର
ଜନମ ଦିନକୁ ପାଳିବା,
କେତେ ନାଚ, ଗୀତ, ପିଠା ପଣା ସହ
ଖୁସିର ଦୀପାଳି ଜାଳିବା ।
ବଡ ହୋଇ ଦିନେ ଗେହ୍ଲା ଝିଅ ଆମ
ଭଲ ମଣିଷଟେ ହୋଇବ,
ଭଲ ପାଠ ପଢି, ଭଲ କାମ କରି
ସଭିଙ୍କର ଦୁଃଖ ଧୋଇବ ।

ସଂପାଦକ: ଗୁଞ୍ଜନ
କବିସୂର୍ଯ୍ୟନଗର, ଗଞ୍ଜାମ-୭୬୧୧୦୪
ମୋ.୯୩୩୭୪୪୯୨୪

ISSN NO.
2582-208X

# ଅନ୍ଧବିଶ୍ୱାସ



କୁମର ମହାକୁଡ଼

ଆଜିର ଏ ଏକବିଂଶ ଶତାବ୍ଦୀରେ ବି ମଣିଷ କିପରି ଏ ସମାଜରେ ଅନ୍ଧବିଶ୍ୱାସକୁ ନେଇ ବଞ୍ଚେ। ଆଜିର ଏ ଆଧୁନିକ ଦୁନିଆରେ ଏତେ ଯନ୍ତ୍ର, ଏତେ ବୈଜ୍ଞାନିକ ପଦ୍ଧତି ସତ୍ତ୍ୱେ ମଣିଷ ଅନ୍ଧବିଶ୍ୱାସର ସାହାରା ନିଏ କାହିଁକି ? କ'ଣ ତାର ଯନ୍ତ୍ରପାତି ଓ ବିଜ୍ଞାନ ଉପରୁ ଭରସା ତୁଟି ଯାଇଛି କି ? ଯଦି ତାହା ହୁଏ ଏ ବିଜ୍ଞାନର ଅଗ୍ରଗତି ଏତେ ମାତ୍ରାରେ ଆଧୁନିକ ଦୁନିଆରେ କାହିଁକି ? କ'ଣ ଦରକାର ଅବା ତା'ର ! ବିଜ୍ଞାନର ଏତେ ଅଗ୍ରଗତି ପରେ ବି ଯଦି ମଣିଷ ଅନ୍ଧବିଶ୍ୱାସର ଶିକାର ହୋଇ ନରବଳୀ, ପଶୁବଳୀ, ତାନ୍ତ୍ରିକତା, ଗୁଣିଗାରେଡି, ପଙ୍ଗା, ନଷାନ୍ ପରି ଅନ୍ଧବିଶ୍ୱାସରେ ଲିପ୍ତ ରୁହେ ତେବେ ସମାଜର କ'ଣ ହେବ ? ଏ ସମାଜ ବଞ୍ଚି ରହିବ ତ ? ସମାଜରେ ଜୀବାଣୁ ପରି ବ୍ୟାପି ଚାଲିଛି ଅନ୍ଧବିଶ୍ୱାସ। ଏହାର କ'ଣ ପୂର୍ଣ୍ଣଚ୍ଛେଦ ନାହିଁ କି ? ଯଦି ଅଛି ତାହେଲେ କ'ଣ ?

" ଭୟ ଅନ୍ଧବିଶ୍ୱାସର ଉତ୍ସ
ନିଷ୍ଠୁର ତା ତା'ର ଅନ୍ୟତମ ଉତ୍ସ
ଭୟକୁ ଦୂର କରିବା ହେଉଛି
ଜ୍ଞାନର ଆରମ୍ଭ ଓ ଅନ୍ଧବିଶ୍ୱାସର ବିନାଶ "

ଅନ୍ଧବିଶ୍ୱାସର ସୃଷ୍ଟି ହୋଇଥାଏ ଭୟରୁ। ଯଦି କୌଣସି ମଣିଷ ଭୟରେ ଥାଏ ତାହେଲେ ତାହାକୁ ଅନ୍ଧବିଶ୍ୱାସ ଶୀଘ୍ର ଆୟତ୍ତ କରି ନେଇଥାଏ। ଏହି ସମୟରେ କିଏ ଯଦି ଆସି ତାକୁ କୁହେ ଗୁଣିଆ ପାଖକୁ ଚାଲ ବିଭିନ୍ନ ପୂଜାକର ବଳୀଦେ ତାହେଲେ ସେ ଅନ୍ଧବିଶ୍ୱାସର

ISSN NO.
2582-208X

ବଶବର୍ତ୍ତୀ ହୋଇ ତାହା କରିବାକୁ ପଶ୍ଚାତପଦ ହୋଇ ନଥାଏ। ଏହି ସମୟରେ ଆବଶ୍ୟକ ପଡ଼ିଲେ ସେ ନରବଳୀ ଦେବାକୁ ମଧ୍ୟ କୁଣ୍ଠାବୋଧ କରିନଥାଏ।

ମଣିଷ ଅନ୍ଧବିଶ୍ୱାସରେ ବଶବର୍ତ୍ତୀ ହେଲେ ନିଷ୍ଠୁର ହୋଇଯାଏ। ନିଷ୍ଠୁର ତାରେ ଆସି ସେ ସାଧାରଣ ପାପପୁର୍ଣ୍ଣ୍ୟ କଥାକୁ କର୍ଣ୍ଣପାତ କରି ନଥାଏ। ନିଷ୍ଠୁର ତା କାରଣରୁ ବିଭିନ୍ନ ଜଘନ୍ୟ କାର୍ଯ୍ୟରେ ଲିପ୍ତ ରହିଥାଏ। ଯେମିତିକି ନରବଳୀ, ପଶୁବଳୀ, ମେରିଆ ପ୍ରଥା, ଉଆଁସୀ କନ୍ୟା ବଳୀ ଇତ୍ୟାଦି।

ସମାଜରୁ ଅନ୍ଧବିଶ୍ୱାସକୁ ବିନାଶ କରିବାକୁ ହେଲେ। ମଣିଷକୁ ଜ୍ଞାନର ବିକାଶ କରିବାକୁ ପଡ଼ିବ। ଏହି ଜ୍ଞାନ ରୂପକ ଆଲୋକ ବର୍ତ୍ତିକା ମାଧ୍ୟମରେ ହିଁ ଅନ୍ଧବିଶ୍ୱାସର ବିନାଶ ହୋଇପାରିବ। ଯେ ପର୍ଯ୍ୟନ୍ତ ମଣିଷମାନେ ଜ୍ଞାନର ବଶବର୍ତ୍ତୀ ନହୋଇ ଛନ୍ତି ସେ ପର୍ଯ୍ୟନ୍ତ ଅନ୍ଧବିଶ୍ୱାସ ରୂପକ ଅନ୍ଧକାରରୁ ଏ ମନୁଷ୍ୟ ସମାଜର ମୁକ୍ତି ନାହିଁ।

ସମାଜରେ ଯଦି ସୁଶିକ୍ଷାର ପ୍ରଚଳିତ କରି ଏବଂ ଉନ୍ନତ ଧରଣର ଶିକ୍ଷା ଶିଶୁମାନଙ୍କଠାରୁ ପ୍ରାପ୍ତ ବୟସ୍କ ପର୍ଯ୍ୟନ୍ତ ଶିକ୍ଷା ଦିଆଯିବ। ଶିକ୍ଷାଦ୍ୱାରା ମନୁଷ୍ୟମାନଙ୍କର ପରିବର୍ତ୍ତନ କରାଯାଇପାରିବ। ତାହେଲେ ଅନ୍ଧକାର ରୂପକ ଅନ୍ଧବିଶ୍ୱାସରୁ ସମାଜ ମୁକ୍ତ ହୋଇ। ଏକ ସୁସ୍ଥ, ସୁନ୍ଦର ସମାଜ ଗଠିତ ହୋଇପାରିବ। ତେଣୁ ମନୁଷ୍ୟ ପାଇଁ ଶିକ୍ଷା ଅତି ଗୁରୁତ୍ୱପୂର୍ଣ୍ଣ ଅଟେ।

ବୌଦ୍ଧ, ସରିଆପାଲି
ମୋ - ୭୯୯୧୦୮୫୫୫୭

ISSN NO.
2582-208X

# ଗଉରା ଗାଇଲା ଗୀତ

ପ୍ରଶାନ୍ତ କୁମାର ଦାଶ

ହଟିଲା ଅନ୍ଧାର ଫୁଟିଲା ମନ୍ଦାର
ସକାଳ ଆସିଲା ହସି
ଆକାଶଛାତିରୁ ଘାସର ପିଠିରେ
ଶିଶିର ପଡିଲା ଖସି ।।

ବୋଉ ନିଦୁଉଠି ସାରିଦେଲା ସବୁ
ଘରର ବାକିଆ କାମ
ଘଣ୍ଟ ଘଣ୍ଟି ସୁରେ ଉଚ୍ଛୁଳି ଉଠିଲା
ଗାଆଁଦେବ ଦେବୀ ଧାମ ।।

ଗଉରା ଦେଖିଲା ରାତି ପାହିଲାଣି
ପଡିଚି କଅଁଳ ଖରା
ଖରାପଡି ଗାଆଁମାଟି ଝଲ ମଲ
ଗଛେ ଫୁଲ ଫଳ ଭରା ।।

ରାତି ପାହିଯିବା ଆଗୁ ନିଦୁ ଉଠି
ଉଡିଲେଣି କୁନି ପକ୍ଷୀ
ଫୁଲ ତୋଳି ଆଣି ହାର ଗୁଂଥୁଅଛି
ଅଗଣାରେ ବସି ସଖୀ ।।

ISSN NO.
2582-208X

ସପନା ଗୁଡ଼ିଆ ଛାଣିଲାଣି ବସି
ପିଆଜି ପକୁଡି ବରା
ପାଣି ଆଣିବାକୁ ଯାଏ ପୋଖରୀକୁ
ଖୁଡି କାଖେଧରି ଗରା ।।

ଅଳସ ତଡିକି କ୍ଷେତ ମାଟି ଦେହେ
ଗଉରା ପୋତିଲା ଚାରା
ଗଛ ବଡ ହେବ ଫୁଲ ଫଳ ଦେବ
ହସିବ ଦୁନିଆ ସାରା ।।

ଶୀତକୁ ନଡରି ଗଉରା ଗାଇଲା
ଫସଲ କ୍ଷେତରେ ଗୀତ
ଶୀତତ ଆମର ଉପକାରୀ ମିତ
ସାଧିବ ସଂସାର ହିତ ।।

କୁଞ୍ଜର ସଙ୍ଗଳାଇ
ପିପିଲି ପୁରୀ
Mobile -9668822190

ISSN NO.
2582-208X

# ସ୍ୱପ୍ନ



ଦୀପକ ନାୟକ

ସ୍ୱପ୍ନ ଏକ ଇନ୍ଦ୍ରଧନୁ
ନୀଳ ଆକାଶରା
ସ୍ୱପ୍ନ ଏକ ପ୍ରଜାତି
ଫୁଲ ବଗିଚାରେ ।
ସ୍ୱପ୍ନ ଏକ ମଧୁବନ
ନଦୀ ଓ ଗାଁ ରା
ସ୍ୱପ୍ନ କେବେ ପୁଣି ସାଜେ
ଏକ ଘର ଦରଜୀ ବନ୍ଧୁ ର ହୃଦୟେ ।
ସ୍ୱପ୍ନ ଏକ କୁହୁ କୁନି
ପ୍ରେମ ରାଇଜର ସାଥି ।
ସ୍ୱପ୍ନ ବୁଣି ଦିଏ
ସୁନେଲି କିରଣ ଜୀବନେ ।
କେବେ ପୁଣି ସାଜେ
ମନ ମରୁଭୂମି ରଝାଞ୍ଜି ଖରା ଦିନ ।
ବଡ ବିଚିତ୍ର ଏ ସ୍ୱପ୍ନ ର କାହାଣୀ
ତାକୁ ବୁଝିହୁଏ ନାହିଁ କେବେ ।

ଧର୍ମଶାଳା, ଯାଜପୁର

ISSN NO.
2582-208X



# ପ୍ରେମ



ସୂର୍ଯ୍ୟ ନାରାୟଣ ସାହୁ

ନମସ୍କାର ମୁଁ ସୂର୍ଯ୍ୟ, ପ୍ରେମ ଉପରେ ଗୋଟିଏ ଛୋଟ ଟିପ୍ପଣୀ ଟିଏ ଲେଖୁଛି ଭଲ ଲାଗିଲେ କହିବେ, ନ ଲାଗିଲେ ବି ଜଣାଇବେ, ଯଦି ଭୂଲ୍ ଥାଏ ତାହାଲେ କ୍ଷମା କରିବେ। ଚାଲନ୍ତୁ ପଢ଼ିବା...

ପ୍ରେମ ଏକ ପବିତ୍ର ଶବ୍ଦ । ପ୍ରେମ ବିନା କେହି ବଞ୍ଚିପାରେନା । ସେ ମଣିଷ ହୁଅନ୍ତୁ କି ପଶୁପକ୍ଷୀ । ପ୍ରେମ ପାଇଁ କେତେ ପ୍ରେମୀ ଯୁଗଳ ସହିଦ ବି ହୋଇଛନ୍ତି ତା'ର ହିସାବ ନାହିଁ। "ପ୍ରେମ" ଏକ ଅସରନ୍ତି ସମ୍ବଳ ଯାହା ଯେତେ ଦାନ କଲେ ବି ସରେନି। ପ୍ରେମ ପାଇଁ ସମସ୍ତେ ପାଗଳ । ସେଥିପାଇଁ ପ୍ରେମ ପାଇଁ ଜୀବନ ବି ଦେଇ ଦିଅନ୍ତି ପେମିକମାନେ।

କ'ଣ ସେ ପ୍ରେମ ? ଯହା ପାଇଁ କି ମରଣ କୁ ଖାତିର କରନ୍ତିନି ? ପ୍ରେମ ରେ ଏମିତି କି ଯାଦୁ ଅଛି ଯେ ଯାହାକି, ପ୍ରେମିକ ତା ପ୍ରେମିକାକୁ ତିଳେ ଛାଡି ରହି ପାରେନି, ପ୍ରେମିକା ବି ତା ପ୍ରେମ ରେ ଏମିତି ମତୁଆଲା କରିଦିଏ ଯେ; ପ୍ରେମିକ ସେଥିରେ ବୁଡି ରହେ। ଯାହାବି ହଉ ନା କାହିଁକି; ପ୍ରେମ ପବିତ୍ର, ଶାସ୍ୱତ, ଚିରନ୍ତନ, ସତ୍ୟ, ଆଉ ବିଶ୍ବାସ ଉପରେ ଆଧାରିତ। ସେଥିପାଇଁ କୁହଯାଏ ଯେ; ପ୍ରେମ ର ଅନ୍ୟ ନାମ ବିଶ୍ବାସ। ହଁ ବିଶ୍ବାସ ନଥିଲେ ସନ୍ଦେହ ଜାତ ହୁଏ ଯାହା ଫଳରେ ପ୍ରେମ ରେ ଗଢି ଉଠିଥିବା ମହଲଟି ଭାଙ୍ଗିପଡେ। ପ୍ରେମରେ ସମସ୍ତେ ଅନ୍ଧ, ଯେତେ ବଡ ବିପଦ ଆସିଲେ ମଧ୍ୟ ନିଜ ପ୍ରେମ ଯଦି ସାଥିରେ ଅଛି ତାହାଲେ ତୁମ ପାଖରେ ସବୁ ଅଛି। ପ୍ରେମ ର ବିପରୀତ ପ୍ରତାରଣା ଯହା କି ଗୋଟିଏ ମୁଦ୍ରା ର ୨ ଟି ପାର୍ଶ୍ୱ ପରି । ଯେମିତି ଭଲ ଅଛି ଯଦି ମନ୍ଦ ବି ଅଛି, ଯେମିତି କଣ୍ଟା ଅଛି

ISSN NO.
2582-208X

ଯଦି ଫୁଲ ବି ଅଛି, ଯେମିତି ମହାତ୍ମା ଅଛନ୍ତି, ଚୋର, ଟସ୍କର ବି ଅଛନ୍ତି, ଠିକ୍ ସେମିତି ପ୍ରେମ ଅଛି ଯଦି ତା ବିପକ୍ଷରେ ପ୍ରତାରଣା ବି ଅଛି।

ପ୍ରେମ ରେ ଏମିତି କି ଯାଦୁ ଅଛି କେଜାଣି, ପ୍ରେମିକା ଏବଂ ପ୍ରେମିକ ଦୁହେଁ ପରସ୍ପର ଠାରୁ ଯେତେ ଦୂରେ ଥାନ୍ତୁ ନା କାହିଁକି, ସେମାନେ ପରସ୍ପରକୁ ପାଖରେ ଥିଲା ପରି ଅନୁଭବ କରନ୍ତି। ହଁ ପ୍ରେମ କୁ କେବଳ ଅନୁଭବ କରିହୁଏ। ଘାସର ଗଲିଚା ଉପରେ ତୁଷାର ବିନ୍ଦୁ ପଡି ଚକ୍ ଚକ୍ କଲାପରି, ତାହା ଯେମିତି ଆମକୁ ମନୋହର ଲାଗୁଥାଏ ଠିକ୍ ସେମିତି ପ୍ରେମିକ ଏବଂ ପ୍ରେମିକା ଯେତେ ଦୂରରେ ଥାନ୍ତୁ ତାହା ସେମାନଙ୍କୁ ତାଙ୍କ ପ୍ରେମ ଆକର୍ଷିତ କରିଥାଏ। ସମୁଦ୍ର ର ଜୁଆର ଯେପରି ବାରମ୍ବାର କୂଳକୁ ଛୁଇଁ ଯାଉ ଥାଏ ଠିକ୍ ସେହିପରି ନିଜ ପ୍ରେମକୁ ପାଇବା ପାଇଁ ଜୁଆର ରୂପକ ପ୍ରେମିକ ବାରମ୍ବାର ଆସି କୂଳ ରୂପକ ପ୍ରେମିକାକୁ ଛୁଇଁ ଥାଏ। ଯାହା ଫଳରେ ରେ ତା'ର ରକ୍ତରେ ପ୍ରତ୍ୟେକ ଟି ରେଣୁ ଅଙ୍କୁରୋଦଗମ ହୋଇ ଉଠେ। ଶିହରଣ ଖେଳିଯାଏ ସେମାନଙ୍କ ମନରେ । ପ୍ରେମରେ ମତୁଆଲା ହୋଇଯାନ୍ତି ଦୁହେଁ । ଲୁହାକୁ ଚୁମ୍ବକ ଟାଣିଲା ପରି ଦୁହେଁ ପରସ୍ପର ଆଡକୁ ଟାଣି ହୋଇଯାନ୍ତି। ପହିଲି ବର୍ଷାକୁ ଚାତକ ଚାହିଁଲା ପରି ଦୁହେଁ ଚାହୁଁ ଥାନ୍ତି ପୀରତି । ଗୋଲାପ ଉପରେ ଭଅଁର ବସି ଯେମିତି ଉଡିଯାଏ ସେମିତି ପ୍ରେମିକ ଚାଲି ଯାଏ ପ୍ରେମିକାର ଗାଲ ରେ ଚୁମ୍ବନ ଟିଏ ଦେଇ। ସେଇ ଚୁମ୍ବନ ରେ ଦୁହିଁଙ୍କ ମନରେ ଖେଳିଯାଏ ପୂର୍ତ୍ତି ଯେମିତିକି ଦୁହିଁଙ୍କୁ ଅନୁଭବ ହୁଏ ଦିନ ସାରା ଥକ୍କା ମେଣ୍ଟି ଗଲା ପରି। ଆକାଶର ଚାନ୍ଦ ଯେତେ ଦୂରରେ ଥିଲେ ବି ତାକୁ ଦେଖିବା ପାଇଁ ଯେମିତି ପୋଖରୀର କଇଁ ବ୍ୟାକୁଳ ହୁଏ , ତାକୁ ଲାଗେ ସତେକି ସେ ପାଖରେ ଅଛନ୍ତି । ପ୍ରେମିକା ଯେତେ ଦୂରରେ ଥିଲେ ବି ପ୍ରେମିକାକୁ ଅନୂଭୂତ ହୁଏ ସେ ମୋ ପାଖରେ ଅଛନ୍ତି, ଏହା ହିଁ ବାସ୍ତବ ପ୍ରେମ।

ହେଲେ ସବୁ ପ୍ରେମକୁ ସମସ୍ତେ ପାଇ ପାରନ୍ତିନି, ଯେମିତି ପୋଖରୀର କଇଁ କୁ ଆକାଶର ଚାନ୍ଦ ପାଇ ପାରେନି । ଯେମିତି ସ୍ୱାତୀ ନକ୍ଷତ୍ରରୁ ଝରୁଥିବା ବର୍ଷାର ବିନ୍ଦୁକୁ ସବୁ ସମୁକା ପାରନ୍ତିନି। ଯେମିତି ବଗିଚାରେ ବଲୁ ଥିବା ଏକ ଦର୍ଶକ ଫୁଲକୁ ଦେଖି ଆନନ୍ଦ ପାଏ ସିନା ହେଲେ ତାକୁ ତୋଳି ପାରେ ନାହିଁ । କିନ୍ତୁ ସେମାନଙ୍କ ଭଲ ପାଇବା ସର୍ବଦା ଅମର ଥାଏ । ସେମାନେ ପରସ୍ପରକୁ ଖୁବ୍ ଭଲପାଆନ୍ତି । ନିଜ ପ୍ରେମକୁ ନପାଇ ପାଇଲେ କଣ ହେଲା

ISSN NO.
2582-208X


ତ୍ୟାଗ କରିବା ମଧ୍ୟ ହେଉଛି ପ୍ରକୃତ ଭଲପାଇବା । ତ୍ୟାଗ କରିବା ହେଉଛି ପ୍ରକୃତ ପ୍ରେମ, ହଁ ସେଥିପାଇଁ କୁହାଯାଇଛି ପ୍ରେମର ଅନ୍ୟ ନାମ ତ୍ୟାଗ ।

ଆଶା କରୁଛି ମନ୍ତବ୍ୟ ଟି ଭଲ ଲାଗିବ, ଭୁଲ ଥିଲେ କ୍ଷମା ଦେବେ, ନମସ୍କାର

ଆସ୍ଥା, ଗଞ୍ଜାମ

ISSN NO.
2582-208X

# ପ୍ରେମ



ରାଧାରାଣୀ ରାଉଳ

ଭଲ ପାଇବାଟା ମାନେ ନୁହେଁ ବନ୍ଧୁ
ବିବାହ ରେ ହେବା ଛନ୍ଦି....
ବିବାହ ରେ ଭଲ ପାଇବା ସରେନି
ଦୁଇ ମନ ହୁଏ ବନ୍ଦୀ....
ପ୍ରେମ ନୁହେଁ ଖାଲି ସଂସାର ଗଢିବା
ଘରଟିଏ ଦୁହେଁ ଗଢି....
ପ୍ରେମ ହିଁ ଅନନ୍ତ ପ୍ରେମ ହିଁ ପବିତ୍ର
ପ୍ରେମ ଏକ ଫୁଲ କଢି....
ଭଲ ପାଇବାଟା ନ ଥାଏ ସାଥିରେ
ପାଇବାର ଅଭିଳାଷ
ତ୍ୟାଗ ରେ ଯେଉଁ ପ୍ରେମ ହୁଅଇ ମହାନ
ବାଣ୍ଟିଲେ ନହୁଏ ଶେଷ....
ଯେତେ ଦୂରେ ଥାଅ ଯେମିତି ବି ଥାଅ
ତୁମକୁ ଝୁରେ ଏ ମନ....
ତୁମ ଭଲ ଚିନ୍ତା ଖାଲି ମୁଁ କରିବି
ବଞ୍ଚିଥିବି ଯେତେ ଦିନ....
ଏଇ ଜନମରେ ନହେଲେ ନାହିଁରେ
ଜନମ ଜନମ ପାଇଁ....
ଆର ଜନମକୁ ରହିଥିବା ଆମେ
ଦୁହେଁ ସାଥି ହୋଇ....

କଟିକଟା, ଯାଜପୁର

ISSN NO.
2582-208X

# ମୋ ବାପା ମୋ ହୀରୋ

ହିମାଂଶୁ ଶେଖର କୁମ୍ଭାର

ମୋର ପ୍ରିୟ ବାପା ସଦା
ମୋ ଅନ୍ତରେ ରହନ୍ତି
ଭଲ ମନ୍ଦ ଦୁଃଖ ସୁଖ
ସବୁ କଥା ବୁଝନ୍ତି ।

ସାଗର ସମ ବିଶାଳ
ହୃଦୟଟି ତାଂକର
କିଛି ନ ଥିଲେ ବି ସଦା
କୁବେରର ଭଣ୍ଡାର ।

ମୋ ମନର ଖୁସୀ ପାଇଁ
ସବୁ ତ୍ୟାଗ କରନ୍ତି
ନିଜର ଇଚ୍ଛା କାମନା
ବଳିଦାନ ଦିଅନ୍ତି ।

ବାପା ପାଇଁ ସିନା ମୋର
ଶତ ସିଂହ ବଳ
ତାଂକଠାରୁ ଲଭିଅଛି
ବଂଚିବା କୌଶଳ ।

ବାପା ହିଁ ମୋ ଶ୍ରେଷ୍ଠ ବ୍ୟକ୍ତି
ଏ ସଂସାର ଭିତରେ
ଚଳନ୍ତି ଠାକୁର ସିଏ
ମୋର ମନ ମନ୍ଦିରେ ।

କୁତମୁଣ୍ଡା, ପାଟଣାଗଡ଼,
ବଲାଙ୍ଗୀର

ISSN NO.
2582-208X

# ମନେ ରହିବ ଏ
# ପ୍ରେମ କାହାଣୀ



ଦିନେଶ ରଂଜନ ନାୟକ

ସୁବର୍ଣ୍ଣପୁର ପୁରୀ ଜିଲ୍ଲାର ଛୁଟିଆ ଗାଁ ଟିଏ ବନମାଳୀ ବେହେରା ନାମକ ଜଣେ ଗୋପାଳ ସେଠି ବାସ କରୁଥିଲେ । ତାଙ୍କ ସ୍ତ୍ରୀ ଭାରତୀ ଦେବୀ ପୁଅ ରାଜୀବ ଏବଂ ଝିଅ ମେନକା କୁ ନେଇ ତାଙ୍କର ସୁଖ ସଂସାର । ଘରେ ଦୁଇଟି ଜର୍ସି ଗାଈ ରଖି ଲାଳନ ପାଳନ କରି ତାର କ୍ଷୀର ବିକି ଯାହା ଦୁଇ ପଇସା ଆସେ ଘର ଚଳେ ବନମାଳୀ ଗୋରୁ ଦୁଇଟି ଙ୍କୁ ଅତି ଯତ୍ନ ରେ ପାଳିଥାଆନ୍ତି । ସବୁଦିନ କ୍ଷୀର ନେଇ ବଜାର କୁ ଯାଆନ୍ତି କଲୋନୀ ସାରା କ୍ଷୀର ଦେଇ ଦିନ ନଅଟା ରେ ଘରକୁ ଫେରନ୍ତି । ବନମାଳୀ ବେହେରା ପିଲା ମାନଙ୍କୁ ନେଇ ସ୍କୁଲ୍ ରେ ଛାଡି ଗାଈ ବାଛୁରୀଙ୍କ ଦାୟିତ୍ୱ ନିଅନ୍ତି । ଏମିତି ସୁଖ ଦୁଃଖରେ ଚାଲିଥାଏ ତାଙ୍କ ସଂସାର। ଦଇବ ଦାଉ ସାଧିଲା ସେଦିନ ୧୯୯୯ ମସିହା ଅକ୍ଟୋବର ୨୯ ତାରିଖ ଗୁରୁବାର ଉପକୂଳ ଓଡ଼ିଶା ପାଇଁ ଥିଲା ଅଭିଶପ୍ତ ଦିନ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ଭୟଙ୍କର ବାତ୍ୟା ରୂପ ନେଲା । ଚାହୁଁ ଚାହୁଁ ଓଡିଶାର ୯ଟି ଜିଲ୍ଲାରେ ତାର କରାଳ ରୂପ ଧାରଣ କଲା ପବନ ସାଙ୍ଗକୁ ଅସରା କୁ ଅସରା ବର୍ଷା ଚାରିଆଡ଼େ ଜଳ ମଗ୍ନ ଲକ୍ଷ ଲକ୍ଷ ଗଛ ଉପୁଡ଼ି ପଡୁଥାଏ । ଘର ପିଣ୍ଡକୁ ପାଣି ଲାଗିଲାଣି କିଛି ଲୋକ ଗାଁ ଛାଡ଼ି ସାରିଲେଣି ବାତ୍ୟା ଆଶ୍ରୟ ସ୍ଥଳୀକୁ ଗଲେଣି । କିନ୍ତୁ ବନମାଳୀ ବେହେରା ଗାଈ ବାଛୁରୀ ଙ୍କୁ ଘର ଛାଡ଼ି ଯିବାକୁ ନାରାଜ । ଭାରତୀ ଦେବୀ ବନମାଳୀ ବେହେରା ଙ୍କ ସ୍ତ୍ରୀ କହିଲେ ହେଇଟି ଶୁଣୁଛ ଗାଁ ସାରା ଲୋକ ସରକାର କୋଠା କୁ ଗଲେଣି । ଚାଲ ଗାଈ ବାଛୁରୀ ଙ୍କୁ ଫିଟେଇ ଦେଇ ପିଲାମାନଙ୍କୁ ନେଇ ଯିବା । ସେଠାକୁ ଗାଁ ସାରା ଚାଳ ଘର କଉଠି କି ଅବା ଜିବା । ବନମାଳୀ କହିଲେ ନାଇଁ ଭାରତୀ ତୁମେ ପିଲା ମାନଙ୍କୁ ନେଇ ଯାଅ ମୁଁ ଘରେ ଅଛି ଦିନୁ କକା ମଧ୍ୟ ଅଛନ୍ତି । କିନ୍ତୁ ଭାରତୀ କହିଲା ତାହାଲେ ଖୁଡି ଙ୍କ ସାଙ୍ଗରେ ପିଲା ଦୁଇଟାକୁ ପଠେଇ ଦେଉଛି ଆମେ ଏଠି ରହିଯିବା ବର୍ଷା ପବନ କମିଲେ ପିଲାମାନଙ୍କୁ ଆଣିବା ।

ISSN NO.
2582-208X

ହଉ କହି ପିଲାମାନଙ୍କୁ ଖୁଡି ସହିତ ପଠେଇ ଦେଲେ ବନମାଳୀ ଏବଂ ଭାରତୀ । ଧିରେ ଧିରେ ବର୍ଷା ପବନ ବଢ଼ିବାରେ ଲାଗିଲା । କମିବାର ନାଁ ନେଉ ନଥାଏ ଘର ପାଖରେ ସଜନା ଗଛଟା ଉପୁଡ଼ି ପଡ଼ିଲା ଯେ ଗୁହାଳ ଉପରେ ପଡ଼ିଲା ବନମାଳୀ ଦୌଡି ଯାଇ ଗାଇ ବାଛୁରୀ ସବୁ ଫିଟେଇ ଦେଲେ । ବହୁତ ଜୋର ରେ ପବନ ବହୁଥାଏ ଭାରତୀ ଠାକୁରଙ୍କୁ ଡାକୁଥାଏ ହେ ଜଗନ୍ନାଥ ମୋ ପିଲା ମାନଙ୍କୁ ଭଲରେ ରଖ ଠାକୁରେ । ସତରେ ଦୁନିଆଁ ରେ ଏ ମା ଶବ୍ଦ ଟା ବଡ ବିଚିତ୍ର ନିଜେ ନଖାଇ ପୁଅ ଝିଅଙ୍କୁ ଖାଇବାକୁ ଦିଏ । ଏ ମା ନିଜେ ଶୀତରେ ଥରୁଥାଏ କିନ୍ତୁ ତାର ପଣତ କାନିରେ ପିଲାମାନଙ୍କୁ ଘୋଡ଼େଇ ଦେଇଥାଏ ସେଥିପାଇଁ ମା ସ୍ୱତନ୍ତ୍ର। ସେମିତି ଆଜି ଏ ଭୟଙ୍କର ବାତ୍ୟା ବନ୍ୟା ରେ ନିଜେ ବଞ୍ଚିବା ସମ୍ଭବ ନୁହଁ କିନ୍ତୁ ନିଜ ପାଇଁ ନ ଡାକି ପିଲା ମାନଙ୍କ କଥା ଚିନ୍ତା କରୁଛନ୍ତି ଭାରତୀ ଦେବୀ। ଭୟଙ୍କର ବାତ୍ୟା ଘର ଦ୍ୱାର ସବୁ ଉଡେଇ ନେଲା ତା ଆଖି ଆଗରେ ଘର କାନ୍ଥ ପଡ଼ି ବାଛୁରୀ ଛୁଆ ଟା ମରିଗଲା । ଆହୁରି ଜୋର ବର୍ଷା ପବନ ଶେଷକୁ ବନମାଳୀ ଏବଂ ଭାରତୀ ସେ ବର୍ଷା ପବନ ରେ ଆଖି ବୁଜି ଦେଲେ ସବୁଦିନ ପାଇଁ । ବର୍ଷା ପବନ ଛାଡ଼ି ଗଲା ଚାରିଆଡ଼େ କୋଢ଼ା କୋଢା ସବ । ଗଛ ଘର ଗାଇ ଗୋରୁ କୁକୁର ବିଲୁଆ ଲକ୍ଷ ଲକ୍ଷ ଜୀବ ଜନ୍ତୁ ମରିକି ପଡିଥାନ୍ତି । କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ପୁରୀ, ଯାଜପୁର, ନାହିଁ ନଥିବା ଦୁର୍ଦ୍ଦଶା ଲୋକ ଭୋଗିଲେ । କେତେ ଘର ଉଜୁଡ଼ି ଗଲା କେତେ ମା ବାପ ଙ୍କ ଠାରୁ ପୁଅ ଝିଅ ଛଡେଇ ନେଲା । କେତେ ପୁଅ ଝିଅ ଙ୍କ ଠାରୁ ବାପା ମା ଙ୍କୁ ଛଡେଇ ନେଲା । ସ୍ୱାମୀ ପାଖରୁ ସ୍ତ୍ରୀକୁ ଛଡେଇ ନେଲା । ଶହେ ବର୍ଷ ର ବୁଢ଼ୀ ବଞ୍ଚିଛି ହେଲେ ଭେଣ୍ଡିଆ ପୁଅ ବୋହୂ ନାତି ନାତୁଣୀ ଙ୍କୁ ଛଡେଇ ନେଲା । ଏମିତି ଅନେକ ଘର ଉଜାଡି ଦେଲା ସେଇ ପ୍ରଳୟଙ୍କରୀ ବାତ୍ୟା । ଆଜି ରାଜୀବ ମେନକା ଙ୍କୁ ବାପ ମା ଛେଉଣ୍ଡ କରିଦେଲା । ଦଶ ବର୍ଷ ର ହୋଇଥାଏ ରାଜୀବ ଆଠ ବର୍ଷର ମେନକା ଦୁଃଖର ପାହାଡ ରାଜୀବ ଉପରେ ଲଦି ହୋଇଗଲା କଣ କରିବ କଣ ନାହିଁ ଚିନ୍ତା କରି ପାରୁ ନଥାଏ । ଘର ଖଣ୍ଡେ ନାହିଁ ରହିବ କେମିତି । ଗାଇ ବାଛୁରୀ ତ ଚାଲିଗଲେ ଚଳିବ କେମିତି କିଛିବି ଭାବି ପାରୁନଥାଏ । ସରକାର ସହାୟତା ରୁ ଜରି ପାଲ ଖଣ୍ଡେ ମିଳିଲା କିଛି ଚାଉଳ ଡାଲି ପୁରୁଣା ଜାମା ପ୍ୟାଣ୍ଟ କମ୍ବଳ ତାକୁ ନେଇ ବାଉଁଶ କାଟି ଜରି ପାଲ ତଳେ ରହିଲେ ଦୁଇ ଭାଇ ଭଉଣୀ । କିଛି ଦିନ ପରେ ସରକାରୀ ସହାୟତା ରେ ଇନ୍ଦିରା ଆବାସ ଖଣ୍ଡେ ମିଳିଲା ଯାହାହେଉ ମୁଣ୍ଡ ଗୁଞ୍ଜିବା ପାଇଁ ଘର ଖଣ୍ଡେ ମିଳିଗଲା । ଏବେ ଚିନ୍ତା ଚଳିବେ କେମିତି ଖାଇବେ କଣ ଯାହା ସରକାର ଦେଇଥିଲେ ସବୁ ସରି ସରି ଆସିଲାଣି ।

ISSN NO.
2582-208X

ରାଜୀବ ଚିନ୍ତା କରୁଥାଏ ମେନକା ପାଠ ପଢିବ ଦୁଇ ଜଣ ଚଳିବେ ତାକୁ କିଛି କାମ କରିବାକୁ ପଡ଼ିବ । ପଞ୍ଚମ ଯାଏ ପାଠ ପଢ଼ିଥାଏ ରାଜୀବ । ବାପା ମା ଙ୍କ ଅକାଳ ବିୟୋଗ ପାଇଁ ଆଜି ତାକୁ ଅଧାରୁ ପାଠ ଛାଡ଼ିବା ପାଇଁ ପଡ଼ିଲା । ଏ ବୟସରେ ତାକୁ ଘର ଚଳେଇବା ପାଇଁ ପଡ଼ିବ କାମ କରିବାକୁ ପଡ଼ିବ। ଗାଁ ଜମିଦାର ଭରତ ପ୍ରଧାନୀ ବାଟି ବାଟି ସମ୍ପତି କଦଳୀ ବଗିଚା ଆମ୍ବ ତୋଟା ପୋଖରୀ ଧନ ଖାଇଲେ ବୋହିଲେ ସରିବ ନାହିଁ କିନ୍ତୁ ବଡ ଲୋଭି ମଣିଷ ଏ ଭରତ ପ୍ରଧାନୀ । ଶାସ୍ତ୍ର ରେ ଅଛି 'କୃପଣେ ବସତି ଲକ୍ଷ୍ମୀ, ସେମିତି ମା ଲକ୍ଷ୍ମୀ ଏ କୃପଣ ଭରତ ସାହୁକାର ପାଖରେ ବାସ କରୁଥିଲେ। ରାଜୀବ ଆସି କହିଲା ସାହୁକରେ ମୋତେ ତୁମ ପାଖରେ ଖଣ୍ଡେ କାମ ଦିଅ ନହେଲେ ମୁଁ ଆଉ ମୋ ଭଉଣୀ ମରିଯିବୁ । ଭରତ ସାହୁକାର କହିଲା ଦିନକୁ ସେରେ ଚାଉଳ ଟଙ୍କା ୩୦ ଟା ଦେବି ରାଜି ହେଲେ ରହ ନହେଲେ ନାହିଁ । ତୁ ବା କଣ କାମ କରି ପାରିବୁ ଛୋଟ ପିଲା ଟା ଘର ବୁଡିଲା ବେଳକୁ କୁଟା ଖିଅ କୁ ଆଶ୍ରୟ କରିଥାଏ । ମଣିଷ ସେମିତି ପରିସ୍ଥିତି ରେ ରାଜୀବ ମେନକା ଭାଇ ଭଉଣୀ ରାଜି ହୋଇଗଲା ରାଜୀବ । ସାହୁକାର କହିଲେ ତୁ ଆଜିଠାରୁ ମାଛ ପୋଖରୀ ଜଗିବୁ । ହଁ କରି ଚାଲିଗଲା ରାଜୀବ ପୋଖରୀ ପାଖକୁ ସେଠାରେ ଗୋଟିଏ ପଲା ଥିଲା ସେଠି ଦିନ ସାରା ରହି ସନ୍ଧ୍ୟାକୁ ଟଙ୍କା ୩୦ ଏବଂ ଚାଉଳ ଶେରେ ନେଇ ଘରକୁ ଫେରିଲା ରାଜୀବ । ରୋଷେଇ କରି ମେନକା କୁ ଡାକିଲା ଖାଇବା ପାଇଁ ସେତେବେଳେ ମେନକା ପଢୁଥାଏ ରାଜୀବ କହିଲା ଆ ମିନି ଖାଇବୁ ।

ଭାଇ ଭଉଣୀ ଦୁହେଁ ଦୁହିଁଙ୍କୁ ବହୁତ ଭଲ ପାଉଥାଆନ୍ତି । ଜଣକ ଦେହରେ କଣ୍ଟା ଫୁଟିଲେ ଆଉ ଜଣକୁ କଷ୍ଟ ହୁଏ । ରାଜୀବ ସବୁ ଦୁଃଖ କଷ୍ଟ କୁ ସହି ଯାଉଥାଏ । ମେନକା କୁ ଟିକିଏ ମଧ୍ୟ କଷ୍ଟ ଅନୁଭବ କରିବାକୁ ଦିଏ ନାହିଁ । ରାଜୀବ ସାହୁକାର ଘରେ ସବୁ ବୁଲ ହାକ କରିଦିଏ । ସାହୁକାର ଭରତ ପ୍ରଧାନୀ ର ଦୁଇଟି ପୁଅ ବଡ ପୁଅ ତ୍ରିଲୋଚନ ର ଗୋଟେ ଝିଅ ସାନ ପୁଅ ସଦାଶିବ ର ଗୋଟିଏ ପୁଅ ଦିନକୁ ଦିନ ବଡ ହୁଏ । ରାଜୀବ ସାହୁକାର ଘରେ ସବୁ କାମରେ ପ୍ରଥମେ ଖୋଜା ପଡେ । ରାଜୀବକୁ ଫୁଲ ତୋଳିବା ଠାରୁ ଦୋକାନ ସଉଦା ପରିବା ଆଣିବା ଚା ଦେବା ରୁ ଗୋରୁଙ୍କ ଖାଇବା ପିଇବା ଏମିତିକି ଭରତ ସାହୁକାର ଙ୍କ ଡାଇବେଟିସ୍ ଔଷଧ ଖାଇବା ପର୍ଯ୍ୟନ୍ତ ସବୁ ସିଏ ନିଜ ହାତରେ କରେ। ଏଥର ଦିନକୁ ୧୦୦ ଟଙ୍କା ଦୁଇ ଶେର ଚାଉଳ ଦେବାକୁ ସାହୁକାର କହିଛନ୍ତି । କାରଣ ସବୁ କାମ ରାଜୀବ କରୁଛି । ଅନେକ ବର୍ଷ ବିତି ଯାଇଥାଏ ବଡ ପିଲା ହୋଇଗଲାଣି

ISSN NO.
2582-208X

ସେଥିପାଇଁ ବୁଢା ସାହୁକାର ରାଜୀବ ଉପରେ ବହୁତ ଖୁସି। ବଡ ସହୁକାର ଝିଅ ମାମା ସୁନ୍ଦରୀ ଏବଂ ଗୁଣର ସେ ମେନକା ସାଙ୍ଗରେ ପାଠ ପଢେ ଦୁହେଁ ଗୋଟିଏ ସ୍କୁଲ ରେ ପାଠ ପଢ଼ିବାକୁ ଯାଆନ୍ତି । ଏବର୍ଷ ମେନାକା ଏବଂ ମାମା ଦଶମ ପରୀକ୍ଷା ଦେବେ ରାଜୀବ ନିଜ ଘର ପରି ସାହୁକାର ଘରକୁ ଭାବୁଥାଏ ତାର ସଚ୍ଚୋଟତା ଏବଂ ସୁନ୍ଦର ରୂପରେ ମୋହିତ ହୋଇ ମନେ ମନେ ଭଲ ପାଇ ବସେ ମାମା ହେଲେ କହି ପାରୁନଥାଏ। ପରୀକ୍ଷା ପାଖେଇ ଆସୁଥାଏ ସବୁ ପଛ କରି ପାଠରେ ମନ ଦେଇଥାଏ ମାମା ପରୀକ୍ଷା ସମୟ ହେଲା ମେନକା ଏବଂ ମାମକୁ ସବୁଦିନ ପରୀକ୍ଷା ସେଣ୍ଟର୍ କୁ ନେଉଥାଏ ରାଜୀବ ପରୀକ୍ଷା ଶେଷ ହେଲା। ରାଜୀବ ତା କାମରେ ବେସ୍ତ ରହିଲା କିନ୍ତୁ ମାମା ଲୁଚି ଲୁଚି ସବୁଦିନ ଦେଖେ ରାଜୀବ କୁ ।

ଦିନକର ଘଟଣା ସାନ ସାହୁକାର ଙ୍କ ପୁଅ ରାହୁଲ ର ଦେହ ବହୁତ ଖରାପ ହେବାରୁ ତାକୁ ପାଖ ଡାକ୍ତର ଖାନା କୁ ରାଜୀବ ନେଲା । ତାର ରକ୍ତ କମି ଯାଇଛି ବୋଲି ଡ଼ାକ୍ତର କହିଲେ ନିହାତି ରକ୍ତ ଆବଶ୍ୟକ ନହେଲେ କିଛି କହିବା ସମ୍ଭବ ନୁହଁ । ଘରେ ଜଣାଇଲା ରାଜୀବ। ସାନ ସାହୁକାର ସାନ ମା ଙ୍କ ଚିନ୍ତା କହିଲେ ନସରେ । ଢା ସାହୁକାର ବଡ ସାହୁକାର ଙ୍କ ଚିନ୍ତା ବଢ଼ିଗଲା । ୩ଟି ରକ୍ତ କିଏ ଦେବ। ଦୁଇ ସାହୁକାର ଦୁଇଟି ଦେବେ ଆଉ ଗୋଟିଏ ବୋତଲ କିଏ ଦେବ । ରାଜୀବ କହିଲା ମୁଁ ଦେବି । ସମସ୍ତେ ଖୁସି ହୋଇଗଲେ ମାମା ର ରାଜୀବ ପ୍ରତି ଭଲ ପାଇବା ଦୁଇ ଗୁଣ ହୋଇଗଲା । ରାହୁଲ୍ ଭଲ ହୋଇ ଘରକୁ ଫେରିଲା ଘରେ ଖୁସିର ସୀମା ରହିଲା ନାହିଁ । ବୁଢ଼ା ସାହୁକାର ତ୍ରିନାଥ ମେଳା କରିବା ପାଇଁ ମାନସିକ କରିଥାନ୍ତି । ସେଦିନ ମଙ୍ଗଳ ବାର ଥାଏ ବୁଢ଼ା ସାହୁକାର ରାଜୀବ କୁ ଡାକି କହିଲେ ଟିକେ ବଜାର ଯିବୁ ମେଳା ପାଇଁ ପୂଜା ସଉଦା ଆଣିବୁ। ମାମା ସେଠି ଥିଲା ସେ କହିଲା ଜେଜେ ମୋର ବି ଟିକେ କାମ ଅଛି ମୁଁ ଯିବି । ରାଜୀବ କୁ ବୁଢ଼ା ସାହୁକାର କହିଲେ ମାମାକୁ ସାଙ୍ଗରେ ନେଇଯାଆ ଟିକେ । ରାଜୀବ ହଁ ଭରି ଗାଡ଼ି ବାହାର କଲା ଦୁହେଁ ବଜାର ଅଭିମୁଖେ ବାହାରି ପଡିଲେ । ଅଧା ବାଟରେ ଜୋର୍ କରି ଜାବୁଡ଼ି ଧରିଲା ମାମା ରାଜୀବ କୁ ଏବଂ ଗାଲରେ ଗୋଟିଏ ଚୁମ୍ବନ ଦେଲା । ଠପ୍ କରି ଗାଡ଼ିଟି ରଖି ଦେଲା ରାଜୀବ କହିଲା ସାନ ଦେଇ ଆପଣ ଏ କଣ କଲେ । ମାମା କହିଲା ମୁଁ ତୁମକୁ ଅନେକ ଦିନ ହେବ ଭଲ ପାଉଛି ରାଜୀବ ଭାଇ କିନ୍ତୁ କହି ପାରୁନି । ଆଜି ସୁଜୋଗ ମିଳିଲା । ରାଜୀବ କହିଲା ଦେଖନ୍ତୁ ସାନ ଦେଇ ମୁଁ ଜଣେ ଗରିବ । ଆପଣଙ୍କ ଘରେ ଚାକର। ମୁଁ କେବେବି ଆପଣଙ୍କୁ ସେ ନଜର ରେ ଦେଖିନି । ତା ପରେ ଭଗବାନଙ୍କ ପାଖରେ ମୁଁ

ISSN NO.
2582-208X

ଅପରାଧୀ ହୋଇଯିବି । ଯେଉଁ ଖଲିରେ ଖାଇଛି ସେ ଖାଲିରେ ଝାଡା ଫେରିବି କେମିତି । ପିଲା ବେଲୁ ମହାବାତ୍ୟାରେ ବାପା ମା ଚାଲିଗଲେ । ଏଇ ବୁଢ଼ା ସାହୁକାରଙ୍କ ଦୟାରୁ ଆମେ ଭାଇ ଭଉଣୀ ବଞ୍ଚି ଯାଇଛୁ । ମୁଁ ନମକ ହାରାମ ହୋଇ ପାରିବି ନାହିଁ । ମୋତେ କ୍ଷମା କରିବେ ସାନ ଦେଇ । ମାମା କହିଲା ରାଜୀବ ଭାଇ ତୁମେ ଯଦି ମୋ କଥା ନଶୁଣ ଭଲ ନ ପାଅ ମୋତେ ମୁଁ ଆତ୍ମହତ୍ୟା କରିବି । ମୁଁ ମରିଗଲା ପରେ ନିଜକୁ ତୁମେ କ୍ଷମା କରି ପାରିବ ତ । ଦୁଇ ଦିନ ସମୟ ଦେଉଛି ତୁମକୁ ଯଦି ମୋତେ ଭଲ ପାଅ ବୋଲି ନକହିବ ତାହାଲେ ମୋ ମଲା ମୁହଁ ଦେଖିବ । ଦୁଇ ଜଣ ବଜାର ଗଲେ ପୂଜା ସଉଦା ଆଣି ଘରକୁ ଫେରିଲେ ରାତିରେ । ପୂଜା ସାରି ଘରକୁ ଫେରିଲା ରାଜୀବ । ଘରେ ପହଞ୍ଚି ଶୋଇବାକୁ ଗଲା କିନ୍ତୁ ଆଖିକୁ ଟିକିଏ ମଧ୍ୟ ନିଦ ଆସୁ ନଥାଏ । କଣ କରିବ ଚିନ୍ତା କରୁଥାଏ ଏଣୁ ମାରିଲେ ଗୋ ହତ୍ୟା ତେଣୁ ମାରିଲେ ବ୍ରହ୍ମ ହତ୍ୟା । ମଝି ନଈରେ ଆଜି ରାଜୀବ କଣ କରିବ, ଶେଷକୁ ନିଷ୍ପତ୍ତି ନେଲା ନମକ ହାରାମ୍ ପଛେ ଦୁନିଆଁ କହୁ ହେଲେ ମୋ ପାଇଁ ଗୋଟିଏ ସରଳଜୀବନ ନ ଯାଉ । କାରଣ ସେ ଯଦି ମାମା କୁ ଭଲ ପାଏ ବୋଲି ନକହିବ ସେ ଜୀବନ ହାରିଦେବ । ସେ କଥା ଭାବି ଭାବି କେତେବେଳେ ନିଦ ହୋଇଗଲା ତାକୁ ସକାଳୁ ନିଦ ଭାଙ୍ଗି ଗଲା ସିଧା ବାହାରି ପଡ଼ିଲା ସାହୁକାରଙ୍କ ଘରକୁ । ଗାଈ ବାଛୁରୀ ଙ୍କ କଥା ବୁଝି ପୁଣି ବୁଢ଼ା ସାହୁକାରଙ୍କୁ ଔଷଧ ଦେଇ ଫୁଲ ତୋଳି ଆଣି ବଡ ମା ଙ୍କୁ ଦେଇ ପୋଖରୀ କୁ ବାହାରି ଗଲା ବେଳେ ମାମା ପଛରୁ ଡାକ ଛାଡ଼ିଲା। କହିଲା ରାଜୀବ ଭାଇ ମୋ କଥା କାଲି ରାତିରେ କଣ ଭାବିଲ । ରାଜୀବ ହସି ଦେଇ ଆଗକୁ ପଳେଇ ଗଲା । ତା ହସରୁ ବୁଝିଗଲା ମାମା ତା କଥାରେ ରାଜୀବ ରାଜି ହୋଇଗଲା । ବୋଲି ଦୁଇ ଜଣ ପ୍ରେମର ବନ୍ଧନ ରେ ବାନ୍ଧି ହୋଇଗଲେ ସବୁଦିନ ପାଇଁ । ପ୍ରେମର ଆକାଶରେ ଦୁଇ ଜଣ ପତଙ୍ଗ ସାଜି ଉଡ଼ି ବୁଲିଲେ କାହିଁ କେତେ ଦୂର ଅତି ନିବିଡ଼ ପ୍ରେମ ଦୁହେଁ ଦୁହିଁଙ୍କୁ ଗୋଟିଏ ମୁହୂର୍ତ୍ତ ନାଦେଖିଲେ ପାଗଳ ହୋଇ ଯାଉଥିଲେ ସତରେ ହାତରେ ଯେମିତି ସ୍ୱର୍ଗର ପାରିଜାତ ପାଇଯାଇଛନ୍ତି । କେଦାର ଗୌରୀ ଙ୍କ ପ୍ରେମ କେହି ଦେଖିନାହାନ୍ତି କେବଳ ସୁଣିକି ଅନୁଭବ କରିଛନ୍ତି । ତାଙ୍କ ଠାରୁ ରାଜୀବ ମାମା ପ୍ରେମ ସାସ୍ୱତ ପ୍ରେମ ସୁନ୍ଦର ପ୍ରେମ ପରଷ୍ପର ପ୍ରତି ଉତ୍ତମ ବୁଝା ବଣା ପ୍ରେମର ସୁନ୍ଦରତା ଦୁଇ ଗୁଣ କରୁଥାଏ । ସେଦିନ ପୋଖରୀ ପାଖରେ ଦୁଇ ଜଣକୁ ଏକାଠି ଦେଖି ମାମା ର କକା ସଦାଶିବ ଆସି ତାଙ୍କ ବଡ ଭାଇ ଙ୍କୁ କହିଲେ । ଘରେ ଆଲୋଚନା ହେଲା ମାମା କୁ ରାଜୀବ ସହିତ ମିଶିବା ପାଇଁ ବାରଣ କରିଲେ ବଡ ସାହୁକାର । କିନ୍ତୁ ମାମା ତାଙ୍କ କଥା କୁ ଶୁଣିଲା ନାହିଁ । ବାଧ୍ୟ

ISSN NO.
2582-208X

ହୋଇ ବାହାରେ ପାଠ ପଢ଼ାଇବା ପାଇଁ ଘର ଲୋକ ମନସ୍ଥ କଲେ । ତା ପରେ ମାମା କଟକ ରେ ରହି ପାଠ ପଢିଲା ରାଜୀବ ମାମା ଙ୍କ ଶରୀରକୁ ସିନା ଅଲଗା କରିଦେଲେ କିନ୍ତୁ ମନ ରୁ ବାହାର କରିବା ସମ୍ଭବ ହୋଇ ପାରିଲା ନାହିଁ । ଯେତେବେଳ ଗାଁ କୁ ଆସେ ମାମା ରାଜୀବ ସହିତ ବହୁତ ସମୟ କଟାଇଥାଏ । ଘର ଲୋକ ସବୁ ଦେଖି ଚୁପ୍ କାରଣ ରାଜୀବ କୁ କଣ କହିବେ ଆପଣା ସୁନା ତ ଭେଣ୍ଡି ମାମା ସବୁ ଜାଣି ଭୁଲ୍ କରୁଛି କହିବେ କହାକୁ । କିନ୍ତୁ ସବୁ ଜାଣି ନଜାଣିଲା ପରି ଘର ଲୋକ ଚୁପ୍ ହୋଇ ଯାଇଥାନ୍ତି । ସେପଟେ ମେନକା ଯେଉଁ କଲେଜ୍ ରେ ପାଠ ପଢୁଥାଏ ସେଇ କଲେଜ୍ ର ଜଣେ ଅଧ୍ୟାପକ ମେନକା କୁ ଦେଖି ପସନ୍ଦ କଲେ । ଜଣେ ମଧ୍ୟସ୍ଥି ହାତରେ ବିବାହ ପ୍ରସ୍ତାବ ପଠେଇଲେ ଅଧ୍ୟାପକ ଜଣକ । ରାଜୀବ ଶୁଣି ତା ଗୋଡ଼ ତଳେ ଲାଗୁ ନଥାଏ । ଭାବୁଥାଏ ତା ସୁନା ଭଉଣୀ କେତେ ଜଲଦି ବଡ ହୋଇଗଲା । ଅଧ୍ୟାପକଙ୍କ ପ୍ରସ୍ତାବ ରେ ରାଜି ହୋଇଗଲା ରାଜୀବ । କିନ୍ତୁ ମନେ ମନେ ଭାବୁଥାଏ କେଡେ ଘର ର ପୁଅ ସିଏ ମୁଁ ତ ଗରିବ ଲୋକ ଟିଏ । ସିଏ କଣ ସତରେ ମୋ ମୁନି କୁ ବିବାହ କରିବେ । ପୁଣି ଭାବୁଥାଏ ମୁଁ ଗରିବ ଅପାଠୁଆ ହେଲେ କଣ ହେଲା ମୋ ଭଉଣୀ ତ କୋଟିକରେ ଗୋଟିଏ ସୁନ୍ଦରୀ ଉଚ୍ଚ ଶିକ୍ଷିତା ଏବଂ ଗୁଣର । ତା ଚାଲି ଚଳନ ଦେଖି ବୋଧେ ଅଧ୍ୟାପକ ପ୍ରସ୍ତାବ ପଠେଇଛନ୍ତି । ମେନକା କୁ ସବୁ କଥା କହିଲା ରାଜୀବ ଆଜି କାଲିକା ଝିଅ ପାଠ ପଢ଼ିଛନ୍ତି ସେମାନେ ଯଦି କଉଠୀ ପସନ୍ଦ କରିଥାନ୍ତି ନିଜର ଅଧିକାର ସବୁଠି ଯାହିରି କଲେ ହେବନି । ସେଥିପାଇଁ ସବୁ କଥା ପଚାରି ବୁଝିଲା । କିନ୍ତୁ ମେନକା ସିଧା ସିଧା କହିଲା ଭାଇ ପିଲାଟି ଦିନରୁ ଆମ ବାପା ମା ଆମକୁ ଛାଡି ଚାଲିଗଲେ । ତୁମେ ଅଧାରୁ ପାଠ ପଢା ବନ୍ଦ କରି ପର ଘରେ ମୂଲ ମଜୁରୀ ଲାଗି ଆଜି ମୋତେ ବଡ କରିଛ । ତୁମେ ଯେଉଁଠି ରାଜି ମୁଁ ସେଇଠି ଆଖି ବୁଜି ବିବାହ କରିନେବି । ମୋ ଭାଇ ଉପରେ ମୋର କଣ ଭରଷା ନାହିଁ । ଏତିକି କହିଲା ବେଳେ ଦୁଇଜଣ କାନ୍ଦି ପକେଇଲେ । ନିଜକୁ ଧନ୍ୟ ମଣିଲା ରାଜୀବ ଏମିତି ସୁନା ଭଉଣୀ ଟିଏ ପାଇ। ତା ପରଦିନ ସକାଳୁ ସେ ମଧ୍ୟସ୍ଥି କୁ କହିଲା ସେମାନଙ୍କୁ କୁହ ଆସନ୍ତା ବୁଧବାର ଭଲ ଦିନ ଅଛି ସେମାନେ ଆସି ଝିଅ ଦେଖନ୍ତୁ । ମଧ୍ୟସ୍ଥି ଯାଇ କହିଲା ବୁଧବାର ଦିନ ଅଧ୍ୟାପକ ତାଙ୍କ ମା ବାପା ଏବଂ ମାମୁଁ ଦେଖିବା ପାଇଁ ଆସିଲେ । ନିଜ କାର ରେ ସେମାନେ ଆସି ଝିଅ ଦେଖିଲେ । ପୁଅର ବାପା ବହୁତ ଲୋଭି ସେ କହିଲା ଝିଅ ଆମର ପସନ୍ଦ ହୋଇଛି । ଜାନି ଯୌତୁକ କଥା ଟା ପଡିଲେ ସରିବ । ଏଥର ରାଜୀବ ଉଠି ଠିଆ ହେଲା କହିଲା ଆଜ୍ଞା ମୁଁ ଗରିବ ପିଲାଟିଏ ଯାହା ମୋ ଦ୍ୱାରା ସମ୍ଭବ ହେବ ଦେବି । ପୁଅର

ISSN NO.
2582-208X

ବାପା କହିଲେ ଦୁଇଲକ୍ଷ ଟଙ୍କା ନଗଦ ୪ ଭରି ସୁନା ଦେବ ନହେଲେ ଏ ବାହାଘର ହୋଇ ପାରିବ ନାହିଁ । ମୋ ପୁଅକୁ ତ କେତେ ବଡ଼ ବଡ଼ ଘରୁ ପ୍ରସ୍ତାବ ଆସୁଛି କିନ୍ତୁ ସେ ଏଠି ରାଜି ବୋଲି ଏତିକି ରେ ମୁଁ ଫାଇନାଲ କରୁଛି । ବଡ ଘରେ ଝିଅ ଦେଲେ ଏ ସବୁ ଦେବାକୁ ପଡ଼ିବ ଏ କଥାରେ ରାଜି ହୋଇଗଲା ରାଜୀବ ଏଥର ନିର୍ବନ୍ଧ କାର୍ଯ୍ୟ ଶେଷ କରି ଝିଅକୁ ମୁଦି ପିନ୍ଧାଇ ସେମାନେ ଚାଲିଗଲେ ।

ସନ୍ଧ୍ୟାରେ ମାମା ଫୋନ କଲା ସବୁଦିନ ମାମା ରାଜୀବ ର ଘର ପାଖା ଗୋଟିଏ ଦୋକାନ କୁ ଫୋନ୍ କରେ ଦୁହେଁ ଅନେକ ସମୟ କଥା ବାର୍ତା ହୁଅନ୍ତି । ରାଜୀବ ମେନକା ପ୍ରସ୍ତାବ କଥା କହିଥିଲା ସେଥିପାଇଁ ମାମା କଲ୍ କରିଛି ସବୁକଥା କହିଲା ରାଜୀବ । ମାମା ଶୁଣି କହିଲା ଏତେ ଟଙ୍କା କଉଠୁ ଆଣିବ । ରାଜୀବ କହିଲା ତୁମ ଘରେ ରହିଲା ଦିନରୁ ମୁଁ ସବୁ ପଇସା ବ୍ୟାଙ୍କ୍ ରେ ରଖିଛି ସେ ସବୁ ଏବେ ଅନେକ ପଇସା ହେବନି ତାକୁ ଉଠେଇ ଦେବୀ । ତା ପରଦିନ ସକାଳୁ ବ୍ୟାଙ୍କ୍ କୁ ଗଲା ରାଜୀବ ସବୁ ପଇସା ଉଠେଇ ଦେଲା ପାଖାପାଖି ୫୦ହଜାର ଟଙ୍କା ହେବ ସେତିକିରେ କଣ ମୋ ଭଉଣୀ ର ବାହାଘର ହୋଇଯିବ ବସି ଚିନ୍ତା କରୁଥାଏ । ଶେଷକୁ ନିଷ୍ପତ୍ତି ନେଲା ବୁଢ଼ା ସାହୁକାରଙ୍କ ଠାରୁ ୨ ଲକ୍ଷ ଟଙ୍କା ଆଣିବ ଧୀରେ ଧୀରେ ସୁଝିବ । ସିଧା ଯାଇ ବୁଢ଼ା ସାହୁକାର ଙ୍କ ପାଖରେ ପହଁଚିଗଲା ରାଜୀବ ସବୁକଥା କହିଲା । ବୁଢା କିଛି ସମୟ ବସି ଚିନ୍ତା କରି କହିଲା ମୁଁ ତତେ ଦୁଇ ଲକ୍ଷ ଟଙ୍କା ଦେବି କିନ୍ତୁ ତା ପ୍ରତିବଦଳରେ ତତେ ମୋର ଗୋଟିଏ କଥା ରଖିବାକୁ ପଡ଼ିବ । ରାଜୀବ କହିଲା ସାହୁକାର ପିଲା ଦିନରୁ ସବୁ କଥା ତ ମୁଁ ଆପଣର ରଖିଛି ଯାହା ଯେତେବେଳେ କହିଛନ୍ତି କରିଛି । କେବେବି ଅମାନ୍ୟ କରିନାହିଁ । ଆଜି କାହିଁକି ଅନୁମତି ମାଗିଲେ କଣ ମୋ ଉପରେ ଆପଣଙ୍କର ବିଶ୍ୱାସ ନାହିଁ । ଯେଉଁ ଭଳି ପରିସ୍ଥିତି ରେ ଆମ ବାପା ମା ଛେଉଣ୍ଡ ଭାଇ ଭଉଣୀ ଙ୍କୁ ଆପଣ ଉଦ୍ଧାର କରିଛନ୍ତି ଏ ଜନ୍ମ କଣ ସାତ ଜନ୍ମ ଯାଏ ଆପଣଙ୍କ ଋଣ ଶୁଝିବା ସମ୍ଭବ ନୁହେଁ । କୁହନ୍ତୁ କଣ କହିବେ । ଏଥର ବୁଢ଼ା ସାହୁକାର କହିଲେ ରାଜୀବ ମୁଁ ଜାଣିଛି ତତେ ତୁ କେବେବି ବେଇମାନ କରିପାରିବୁ ନାହିଁ । ତତେ ପିଲା ଦିନରୁ ମୁଁ ଦେଖି ଆସୁଛି ନିଜ ଘର ପରି ତୁ କାମ କରୁ । ସମସ୍ତଙ୍କୁ ନିଜର ପରି ଭାବୁ ସେଥିରେ ତତେ କେହି ବାହୁନି ପାରିବେ ନାହିଁ । କିନ୍ତୁ ଗୋଟିଏ କଥା ମୁଁ ଶୁଣିବାକୁ ପାଇଲି କେତେ ସତ କେତେ ମିଛ ମୁଁ ତୋ ମୁହଁରୁ ଶୁଣିବାକୁ ଚାହେଁ । ତୁ କୁଆଡ଼େ ଆମ ମାମା କୁ ଭଲ ପାଉଛୁ । ଏକଥା ଶୁଣି କିଛି ସମୟ ନିରବ ରେ ବସି ରହିଲା ରାଜୀବ ତା ପରେ ସବୁ

ISSN NO.
2582-208X

କଥା କହିଲା । ମୁଁ ଯଦି ସାନ ଦେଇ ଙ୍କୁ ଭଲ ନପାଇଥାନ୍ତି ସେ ଜୀବନ ହାରି ଦେଇଥାନ୍ତେ କୁହନ୍ତୁ ତ ମୁଁ କଣ ଭୁଲ୍ କରିଛି । ଗୋଟିଏ ଜୀବନ ରକ୍ଷା କରିବାକୁ ଯାଇ ନମକ ହାରାମ ହୋଇଗଲି ଏଟା ସତ କିନ୍ତୁ ମୋ ପାଇଁ ଗୋଟିଏ ସରଳ ଜୀବନ ବଞ୍ଚିଗଲା। ଏଥର ବୁଢ଼ା ସାହୁକାର କହିଲେ ତତେ ମାମା ଠାରୁ ସବୁଦିନ ପାଇଁ ଦୂରେଇ ଯିବାକୁ ପଡିବ । ସବୁଦିନ ପାଇଁ ତାକୁ ତୁ ଭୁଲିଯିବୁ । ତତେ ମୁଁ ଦୁଇ ଲକ୍ଷ ଟଙ୍କା ଦେବି । ସେ ଟଙ୍କାରେ ତୋ ଭଉଣୀ ବାହାଘର କରିବୁ । ଦେଖେ ରାଜୀବ ଆଜି ଆମ ଇଯତ୍ ତୋ ହାତରେ । ସମାଜ ରେ ଆମର ଗୋଟିଏ ପରିଚୟ ଅଛି ଆଖ ପାଖା ଖଣ୍ଡ ମଣ୍ଡଳ ରେ ସାହୁକାର ବୋଲି ନାଁ ପଡ଼ୁଛି । ଯଦି ତୁ ଭାବୁଛୁ ତୋ ପାଇଁ ଆମେ କିଛି କରିଛୁ ତାହାଲେ ତୁ ମାମା କୁ ସବୁଦିନ ପାଇଁ ବୁଲିଯାଆ । ନହେଲେ ଆମ ସମସ୍ତଙ୍କ ମଲା ମୁହଁ ଦେଖିବୁ । ଏ କଥା ଶୁଣି ରାଜୀବ ର ଦୁଇ ଆଖିରୁ ଦୁଇ ଧାର ଲୁହ ବୋହି ଆସିଲା । କଣ କରିବ ଗୋଟିଏ ପଟେ ତା ପ୍ରେମିକା ଗୋଟିଏ ପଟେ ତା ଆଦରର ଭଉଣୀ ଆଉ ଗୋଟିଏ ପଟେ ଯିଏ ତାଙ୍କ ଦୁଇ ଭାଇ ଭଉଣୀଙ୍କୁ ବଞ୍ଚେଇ ରଖିଛନ୍ତି । କଣ କରିବ କିଛି ବି ଭାବି ପାରୁନି ଆଖିରୁ ସେମିତି ଅମାନିଆଁ ଲୁହ ଧାର ଧାର ହୋଇ ବହି ଚାଲିଛି । ହେ ଭଗବାନ ଆଜି ତିନି ଛକରେ ମୋତେ ଠିଆ କରି କି ଲୀଳା ଦେଖୁଛ ହେ ଜଗନ୍ନାଥ । କୁଆଡ଼କୁ ଯିବି କାହାକୁ ନିଜର କରିବି । ମୋ ପ୍ରେମ ପାଇଁ ଆଜି ଗୋଟିଏ ପାରିବାର ନଷ୍ଟ ହୋଇଯିବ ତାହା କେବେବି ମୁଁ ଚାହଁବି ନାହିଁ । ଶେଷରେ ବୁଢ଼ା ସାହୁକାର ଙ୍କ କଥାରେ ହଁ ଭରିଲା ରାଜୀବ । ଏଥର ବୁଢ଼ା ସାହୁକାର ବହୁତ ଖୁସି ମେନକା ର ବାହାଘର ଖୁବ୍ ଧୁମ୍ ଧାମ ରେ ହେଲା ଯାହା ଊଣା ହେଲା ସବୁ ସାହୁକାର ଭରଣ କଲେ । ମାମା ଆସିଥାଏ ବାହାଘରକୁ କିନ୍ତୁ ରାଜୀବ ତା ଠାରୁ ଦୁରେଇ ଦୂରେଇ ରହୁଥାଏ । ବୋଧେ ବାହାଘର ପାଇଁ ବେସ୍ତତା ଭିତରେ କଥା ହୋଇ ପରୁନଥିବେ ଏଇ କଥା ମାମା ଭାବୁଥାଏ । ମେନକା ବିଦା ହେଲା ରାତି ପାହିଲେ ମାମା କଟକ ପଳେଇ ଯିବ । ସେ ରାଜୀବ କୁ ଡାକିଲା ରାଜୀବ ଭାଇ ଟିକେ ଶୁଣିବ। ରାଜୀବ ନ ଶୁଣିଲା ପରି ସେଠୁ ଚାଲିଗଲା । ସନ୍ଧ୍ୟା ଯାଇ ରାତି ହେଲା ରାଜୀବ ର ଦେଖା ନାହିଁ । ମାମା କୁ ବହୁତ କଷ୍ଟ ଲାଗିଲା । ଯାହା ପାଇଁ ସେ ଆସିଛି ସେ କିନ୍ତୁ ପଦେ କଥା ମଧ୍ୟ ହେଉନି । ରାତି ପାହିଲା ମାମା ଚାଲିଗଲା କଟକ ବହୁତ ମନ ଦୁଃଖ କରିକି ସେଠି ପହଞ୍ଚି କଲ୍ କଲା ସେ ଦୋକାନୀ କୁ । ସେ ରାଜୀବ କୁ କହିଲା । ରାଜୀବ କହିଲା ତାଙ୍କୁ କହିବ ଆଉ କେବେ କଲ୍ କରିବେ ନାହିଁ । ଥରେ ଦୁଇ ଥର ଏମିତି କେତ ଥର କଲ୍ କଲା

ISSN NO.
2582-208X

କିନ୍ତୁ ସବୁ ନିରବ । ରାଜୀବ ଆଖିରୁ ଲୁହ ସୁଖୁନଥାଏ ସେପଟେ ମାମା ଆଖିରୁ ମଧ୍ୟ ଲୁହ ସୁଖୁ ନଥାଏ ।

ଘରକୁ ଆସିଲା କିଛି ଦିନ ପରେ ଘରୁ ବାପା ଫୋନ୍ କରିଥିଲେ ସେଥିପାଇଁ ମାମା ଆସି ପହଞ୍ଚିଲା । ତାକୁ କିଛି ଲୋକ ଦେଖିବା ପାଇଁ ଆସିଥିଲେ ବାପାଙ୍କ କଥା କାଟି ନପାରି ସେ ସେଠାକୁ ଗଲା ନମସ୍କାର କଲା । ସମସ୍ତଙ୍କୁ ସେମାନଙ୍କର ଝିଅ ମନକୁ ମାନିଛି କହି ବାହାରି ଗଲେ । ସେ ଗଲା ପରେ ମାମା ସିଧା ସିଧା କହିଲା ମୁଁ ସେଠି ବିବାହ କରି ପାରିବି ନାହିଁ । ତାଙ୍କୁ ମନା କରିଦିଅ । ଘର ଲୋକ ଏ କଥା ଶୁଣି ବହୁତ ବିରକ୍ତ ହେଲେ । ସାନ କକା କହିଲେ କଣ ସେ ଛୋଟ ଲୋକ ଆମ ଘରୁ ଯିଏ ଅଇଁଠା ଖାଇ ବଢିଛି ତାକୁ ବାହା ହେବୁ । ସମସ୍ତଂକ ମୁହଁରେ ହଁ କହିଲା ମାମା । ହଁ ମୁଁ ତାକୁ ବାହାହେବି । ତ୍ରିଲୋଚନ ସାହୁକାର ଦୁଇ ଚାପୁଡ଼ା ମାରିଲେ ମାମା କୁ । ମାମା କାନ୍ଦି କାନ୍ଦି ଘର ଭିତର କୁ ଗଲା । ସନ୍ଧ୍ୟା ରେ ରାଜୀବ କୁ ଦେଖି କହିଲା କାହିଁକି କଥା ହେଉନ ମୋ ସହିତ ଫୋନ୍ ରେ ମଧ୍ୟ ନାହିଁ କଣ କଲି ମୁଁ । ଏମିତି ଅନେକ ପ୍ରଶ୍ନ ପଚାରିଲା ମାମା ରାଜୀବ କୁ । ରାଜୀବ ଆଖି ଛଳ ଛଳ କରି କହିଲା ଦୁଇ ଲକ୍ଷ ଟଙ୍କା ରେ ମୁଁ ମୋ ପ୍ରେମ କୁ ବିକି ଦେଇଛି କ । ହୁ କହୁ କାନ୍ଦି ପକେଇଲା ରାଜୀବ ।  ଏଥର ମାମା କହିଲା ଏମିତି କାହିଁକି କଲ ମୁଁ ତୁମ ଉପରେ କେତେ ଭରଷା ରଖିଥିଲି କେତେ ବିଶ୍ୱାସ କରିଥିଲି । କିନ୍ତୁ ତୁମେ ମୋ ବିଶ୍ୱାସ ଭରଷା ରେ ବିଷ ଭରିଦେଲ ରାଜୀବ ଭାଇ । ଭୋ ଭୋ ହୋଇ କାନ୍ଦିଲା ମାମା । ଶେଷକୁ ସବୁ ସତ କଥା କହିଲା ବୁଢ଼ା ସାହୁକାର ଯାହା କହିଥିଲେ ଆମ ପ୍ରେମ ପାଇଁ ସେମାନେ ଜୀବନ ହାରି ଦେଇଥାନ୍ତେ କୁହତ ଆମ ସ୍ୱାର୍ଥ ପାଇଁ ସେମାନଙ୍କ ମଲା ମୁହଁ ଆମେ କଣ ଦେଖି ପାରିଥାନ୍ତେ ।  କୁହ ମାମା ମୁଁ କଣ ତୁମ ଠାରୁ ଦୂରେଇ ଯାଇ କିଛି ଭୁଲ୍ କରିଛି । ଜାଣିଛ ତୁମେ ମୋ ହୃଦୟେ ଅଛ ମୋ ମନରେ ଅଛ । ତୁମ ଠାରୁ ମୋତେ କେହି ଦୂରେଇ ଦେଇ ପାରିବେ ନାହିଁ କହିକି କାନ୍ଦୁଥାଏ ରାଜୀବ । ମାମା ଆଖିରୁ ଲୁହ ଝରୁଥାଏ । ଦୁହେଁ ଦୁହିଁଙ୍କୁ ଜାବୁଡ଼ି ଧରି ବହୁତ କାନ୍ଦିଲେ । ମାମା କହିଲା ରାଜୀବ ଭାଇ ମୁଁ କାଲି ସକାଳୁ କଟକ ଚାଲି ଯାଉଛି ଆଉ କେବେ ଦେଖା ହେବ କି ନାହିଁ ମୁଁ ଜାଣିନି । କିନ୍ତୁ ଏ ମନରେ ତୁମେ ଅଛ ଆଉ କେହି ରହି ପାରିବେ ନାହିଁ । ମୋ ସୀମନ୍ତ ତୁମ ସିନ୍ଦୁର ଛଡ଼ା ଆଉ କାହା ସିନ୍ଦୁର ନାଇ ପାରିବି ନାହିଁ ।

ISSN NO.
2582-208X

ରାତି ପାହି ସକାଳ ହେଲା ମେନକା ଘରକୁ ବାହାରି ଗଲା । ରାଜୀବ ସେଠି ପହଞ୍ଚି ସନ୍ଧ୍ୟାରେ ଘରକୁ ଫେରୁଥାଏ ଦେଖିଲା ରାଜୀବ ଗାଁ ମଶାଣୀ ରେ କାହାର ସବ ଜଳୁଛି । ସେ ଯାଇ ଦେଖେ ତ ସେ ଆଉ କାହାରି ସବ ନୁହଁ ତା ପ୍ରେମିକା ମାମା ର । ନିଜକୁ ଆଉ ସମ୍ଭାଳି ପାରିଲାନାହିଁ ରାଜୀବ ଦୌଡି ଯାଇ ନିଆଁରୁ ଜାବୁଡ଼ି ଧରିଲା ମାମା କୁ । ତାହୁଁ ଚାହୁଁ ସେ ମଧ୍ୟ ଜଳିଗଲା । ଦୁଇଜଣ ଗୋଟିଏ ଚିତା ରେ ସବୁଦିନ ପାଇଁ ଲିନ ହୋଇଗଲେ । ଏମିତି ପ୍ରେମ ଏମିତି ପ୍ରେମିକ ପ୍ରେମିକା ଏ ସମାଜ ପାଇଁ ନୂତନ ଉଦାହରଣ ସୃଷ୍ଟି କଲେ । ସବୁଦିନ ପାଇଁ ସମସ୍ତଂକ ମନରେ ରହିଗଲେ ରାଜୀବ ଏବଂ ମାମା ।।

ସୁକନ୍ଦା ଯାଜପୁର

ISSN NO.
2582-208X

# ମୋ ମାଆ



ଧୀମାନ ଜୟଦେବ ମାଝୀ

ବାଟବଣା ପଥିକ ମୁଁ ସୁନା କଣ୍ଢେଇ
ବାନ୍ଧିରଖୁ ମାଆର ସେନେହ ଡୋରୀ.... ..॥୧॥

ମାଆ ମୋର ସ୍ପନ୍ଦନ ର ଜଗତ ଜିତା
ଊଣା ହୁଏନି କେବେ ବାତ୍ସଲ୍ୟ ମମତା.......॥୨॥

ଜନମ କରି ମୋତେ ଦୁନିଆ ଦେଖେଇ
ଛୋଟ ରୁ ବଡ କରେ ନିଃସ୍ୱାର୍ଥ ହୋଇ...... ॥୩॥

ସହେ ଅକାତ ଦୁଃଖ ପଣତେ ଲୁଚାଇ
ଚଗଲାପଣ କ୍ଷମା କରେ ହାତ ଆଉଁସି...... ॥୪॥

ତାର ମାତୃତ୍ୱର ଅସରନ୍ତି ସରଧା ବାଲି
ସବୁ ସୁଖ ଉଜାଡେ ପୁଅ ମୋର ବୋଲି......॥୫॥

ଜନମ ଯନ୍ତ୍ରଣା ସହି ଏହି ସଂସାରକୁ ଆଣି
ମମତା ମୃଣ୍ମୟୀ ରୂପୀ ଦେବୀ ନାରାୟଣୀ....॥୬॥

ISSN NO.
2582-208X

ବାତ୍ସଲ୍ୟ ପ୍ରେମର ଅବିରତ ଗଙ୍ଗା ଝରେ
ସରାଗ ଭରା ସତେ ତାର ମଧୁର ହସରେ....||୭||

ତା' କୋଳରେ କେତେ ଅଝଟ ଅଳିଅର୍ଦ୍ଦଳି
ଡାକେ ସରଗ ତାରା ମୋର ଗଳାର ମାଳି...||୮||

ମାଆ ମୋର ଅନ୍ତରର ଦୁଃଖକୁ ଜାଣେ
ମାଗିବା ଆଗରୁ ପରା ଖୋଜିକି ଆଣେ.....||୯||

ଲୋତକ ଝରିଲେ ମୁହଁରେ ହସ ଫୁଟାଇ
ସେନେହ କରେ ମୋତେ ହାତ ବଢେଇ....||୧୦||

ମାଆ ଠୁଁ ବଡ଼ ଦେବତା ଜଗତେ ନାହିଁ
ବାଟବଣା ହୋଇଛି ତାକୁ ପୂଜିବା ପାଇଁ....||୧୧||

ଅସୁମାରୀ ମମତା ଭରା ସେନେହ ପିରତି
ତା ସେବାରେ ଯାଉ ମୋର ଜୀବନ ବିତି ...||୧୨||

କଲେଜ ଛକ, କଟକ
ପିନ୍- ୭୫୩୦୦୩
ଦୂରଭାଷା - ୮୧୧୪୩୧୭୬୬୪

ISSN NO.
2582-208X

# ପୁରୁଷତ ଈଶ୍ୱର ନୁହଁଇ



ରମାକାନ୍ତ ସେଠ୍

ପୁରୁଷ କେବେ କଣ ଈଶ୍ୱର ହେଇପାରେ
ପୁରୁଷତ ଈଶ୍ୱର ନୁହଁଇ ?
ସୂର୍ଯ୍ୟର ଗଳାଚିପି ଅକ୍ତିଆର କରିଥିବା ଏଇ କିରଣ ମାନଙ୍କୁ,
କାଳେ ମାଟି ଉପଭୋଗ କରିବ ବୋଲି,
ବିଷାକ୍ତ କିରଣକୁ ମୁଁ ମୋ ଦେହରେ
ପାପ ଓ ସର୍ପର ଗରଳ ବିଷପରି ବୋଳିହେଲି ।
କାଳେ ଅଣ ନିଶ୍ୱାସୀ ଦେହଟା ସ୍ୱଚ୍ଛଧଳା ଲୁଗା ଭେଦି
ରୁଗଣ, ପଚା ଗନ୍ଧ ହେବବୋଲି
ରୂପବତୀ ବେଣୀରୁ ରଜନୀ ଗନ୍ଧାର ମାଳାଖୋଲି,
ମୋ ହାତରେ ଧୀରେ ଆସ୍ତେ ଭିଡି ଦେଲି,

କାଳେ କିଏ ପୁରୁଷ ଈଶ୍ୱର କହିଦେବ ଭାବି
ସନ୍ୟାସୀର ଥାଳଥୋଇ
ରୂପବତୀ, ଦେହଜୀବୀ ସୁଚିତ୍ରା ସାହେବାଣୀ ସହ
ଆଲୋକ ଦେଖିନଥିବା ଗାଁ ଘରେ,
ମହମବତୀ ଆଲୁଅ ଭିତରେ ଦୁହେଁ ମିଶିଗଲା ପରେ
ଏଇ ଅଷ୍ଟାଙ୍ଗ ଶରୀର, ଏଇ ଦେହ ମନ ଓ ଇନ୍ଦ୍ରୀୟ
ଯେ ଯାହା ବାଟ ଖୋଜି ଚାଲିଗଲେ
ମନ୍ଦିରର ପାହାଚ ବେଢ଼ାରେ,

ISSN NO.
2582-208X

ବାଟ ସବୁ ଦେଖାଯାଏ କଳାମେଘ ବିଜୁଳି ଆଲୋକେ
ରାତ୍ରିର ବାସୁଦେବ କୃଷ୍ଣଙ୍କୁ ନେଇ ଛାଡିଦେଇ ଆସେ
ଗୋପପୁର ନନ୍ଦ ଅଗଣାରେ,
ମନ ଦେହ ଇନ୍ଦ୍ରୀୟ ସବୁ ଲିପ୍ତ ହେଇଯାଏ
ଇଶ୍ୱରଙ୍କ ପରମାତ୍ମରେ ॥॥

ପାରିଦୋବନ୍ଧା, ବସୁଦେବପୁର, ପୁରୀ
ଦୂରଭାଷା - ୮୪୮୦୭୨୬୫୪୪

ISSN NO.
2582-208X

# ରମ୍ଭା ଏକାଦଶୀ



ସମ୍ପଦା ଦେବୀ

କାର୍ତ୍ତିକ ମାସର ଏକାଦଶୀରେ ରମା ଏକାଦଶୀର ବ୍ରତ ରଖାଯାଇଥାଏ। ୨୪ ଏକାଦଶୀ ମଧ୍ୟରୁ ରମା ଏକାଦଶୀର ବିଶେଷ ମହତ୍ତ୍ୱ ରହିଛି। ଚାରି ମାସ ପରେ ଭଗବାନ ବିଷ୍ଣୁ ନିଜ ଯୋଗ ନିଦ୍ରାରୁ ଉଠିଥାନ୍ତି। ପୁରାଣ ଅନୁସାରେ, ରମା ଏକାଦଶୀ ବ୍ରତ ରଖିବା ଦ୍ୱାରା ମା' ଲକ୍ଷ୍ମୀଙ୍କ ସହିତ ଭଗବାନ ବିଷ୍ଣୁଙ୍କ ମଧ୍ୟ କୃପା ମିଳିଥାଏ।*

ରମ୍ଭା ଏକାଦଶୀ ବ୍ରତ କଥା:

ଏକ ପୌରାଣିକ କଥା ଅନୁସାରେ, ଗୋଟିଏ ନଗରରେ ମୁଚୁକନ୍ଦ ନାମକ ଜଣେ ପ୍ରତାପୀ ରାଜା ଥିଲେ। ତାଙ୍କର ଚନ୍ଦ୍ରଭାଗା ନାମକ ଜଣେ କନ୍ୟା ଥିଲେ। ରାଜା ନିଜ ଝିଅର ବିବାହ ରାଜା ଚନ୍ଦ୍ରସେନଙ୍କ ପୁଅ ଶୋଭନଙ୍କ ସହ କରିଥିଲେ। ଶୋଭନ ଗୋଟିଏ ସମୟରେ ନଖାଇ ରହିପାରୁନଥିଲେ। ଶୋଭନ ଥରେ କାର୍ତ୍ତିକ ମାସରେ ନିଜ ସ୍ତ୍ରୀଙ୍କ ସହିତ ଶ୍ୱଶୁର ଘରକୁ ଯାଇଥିଲେ। ସେହି ସମୟରେ ରମା ଏକାଦଶୀ ବ୍ରତ ପଡ଼ିଥିଲା। ଚନ୍ଦ୍ରଭାଗାଙ୍କ ଗୃହ ରାଜ୍ୟରେ ସମସ୍ତେ ରମା ଏକାଦଶୀର ନିୟମ ପୂର୍ବକ ବ୍ରତ ରଖୁଥିଲେ। ଆଉ ଏଭଳି କରିବା ପାଇଁ ଶୋଭନଙ୍କୁ ମଧ୍ୟ କୁହାଯାଇଥିଲା।

ଶୋଭନ ଏହି କଥାକୁ ନେଇ ବିବ୍ରତ ହୋଇଯାଇ ଥିଲେ। ଯିଏ ଗୋଟିଏ ସମୟ ଭୋକରେ ରହି ପାରନ୍ତି ନାହିଁ ସିଏ ରମା ଏକାଦଶୀ ବ୍ରତ କିଭଳି କରିବେ। ଶୋଭନ ଏହି ସମସ୍ୟା ସହିତ ପତ୍ନୀଙ୍କ ପାଖକୁ ଗଲେ ଆଉ ଉପାୟ ବତାଇବା ପାଇଁ କହିଲେ। ଚନ୍ଦ୍ରଭାଗା କହିଲେ

ISSN NO.
2582-208X

କି, ଯଦି ଏଭଳି ଅଛି ତାହେଲେ ଆପଣଙ୍କୁ ରାଜ୍ୟ ବାହାରକୁ ଯିବାକୁ ପଡ଼ିବ। କାରଣ ରାଜ୍ୟରେ ଏଭଳି କୌଣସି ବ୍ୟକ୍ତି ନାହିଁ, ଯିଏ ବ୍ରତ ନିୟମର ପାଳନ କରି ନଥାଏ। ଏମିତିକି ଏହି ଦିନ ରାଜ୍ୟର ଜୀବ ଜନ୍ତୁ ମଧ୍ୟ ଭୋଜନ କରିନଥାନ୍ତି।

ଶେଷରେ ଶୋଭନଙ୍କୁ ରମା ଏକାଦଶୀ ବ୍ରତ ରଖିବାକୁ ପଡ଼ିଲା। କିନ୍ତୁ ପାଳନ କରିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଗଲା। ଚନ୍ଦ୍ରଭାଗା ସ୍ୱାମୀଙ୍କ ସହିତ ନିଜକୁ ସତି କଲେ ନାହିଁ ଏବଂ ପିତାଙ୍କ ଘରେ ରହିବାକୁ ଲାଗିଲେ। ଅନ୍ୟପଟେ, ଏକାଦଶୀ ଉପବାସ ଦ୍ୱାରା ଶୋଭନ୍ ମନ୍ଦ୍ରାଞ୍ଚଳ ପର୍ବତରେ ପରବର୍ତ୍ତୀ ଜନ୍ମରେ ଏକ ବିଳାସ ପୂର୍ଣ୍ଣ ଅବସ୍ଥା ପାଇଲେ । ଥରେ ମୁଚୁକୁନ୍ଦପୁରର ବ୍ରାହ୍ମଣମାନେ ତୀର୍ଥଯାତ୍ରା କରିବା ସମୟରେ ଇଶ୍ୱର ଶୋଭାନ ସହରରେ ପହଞ୍ଚିଥିଲେ। ସେ ଶୋଭନଙ୍କୁ ସିଂହାସନ ରେ ଗ୍ରହଣ କରିଥିଲେ। ବ୍ରାହ୍ମଣମାନଙ୍କୁ ଦେଖି ଶୋଭନ୍ ସିଂହାସନରୁ ଉଠିଲେ ଏବଂ ଏହା କିପରି ହେଲା ବୋଲି ପଚାରିଥିଲେ। ତୀର୍ଥଯାତ୍ରାରୁ ଫେରିବା ପରେ ବ୍ରାହ୍ମଣମାନେ ଚନ୍ଦ୍ରଭଗାଙ୍କୁ ଏହା ପ୍ରକାଶ କରିଥିଲେ। ଚନ୍ଦ୍ରଭଗା ବହୁତ ଖୁସି ଥିଲେ ଏବଂ ତାଙ୍କ ସ୍ୱାମୀଙ୍କ ପାଖକୁ ଯିବାକୁ ବ୍ୟାକୁଳ ହେଲେ । ସେ ବାମ ଋଷର ଆଶ୍ରମରେ ପହଞ୍ଚିଥିଲେ । ଚନ୍ଦ୍ରଭଗା ମାଣ୍ଡାରାଞ୍ଚଲ ପର୍ବତ ଉପରେ ତାଙ୍କ ସ୍ୱାମୀ ଶୋଭାନରେ ପହଞ୍ଚିଥିଲେ। ଶୋବାନଙ୍କୁ ତାଙ୍କର ଏକାଦଶୀ ଉପବାସର ଗୁଣର ଫଳ ଦେଇ ସେ ତାଙ୍କ ସିଂହାସନ ଏବଂ ରାଜ୍ୟକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ସ୍ଥିର କଲେ। ସେବେଠାରୁ ବିଶ୍ୱାସ କରାଯାଏ ଯେ ଏହି ଉପବାସ ପାଳନ କରୁଥିବା ବ୍ୟକ୍ତି ବ୍ରାହ୍ମଣଙ୍କପରି ପାପରୁ ମୁକ୍ତ ହୋଇ ତାଙ୍କର ସମସ୍ତ ଇଚ୍ଛା ପୂରଣ ହୁଏ।

ରମା ଏକାଦଶୀ ପୂଜା ବିଧି:

୧. ବ୍ରତ ଦିନ ବ୍ରହ୍ମ ମୁହୂର୍ତ୍ତରେ ଉଠି ସ୍ନାନ ଆଦି କରନ୍ତୁ ଏବଂ ବ୍ରତ ସଙ୍କଳ୍ପ ନିଅନ୍ତୁ।

୨. ଏହା ପରେ ଭଗବାନ ବିଷ୍ଣୁଙ୍କ ଆରଧାନା କରନ୍ତୁ।

୩. ଭଗବାନ ବିଷ୍ଣୁଙ୍କ ସାମ୍ନାରେ ଦୀପ-ଧୂପ ଜଳାନ୍ତୁ। ପୁଣି ଫଳ, ଫୁଲ ଏବଂ ଭୋଗ ଅର୍ପିତ କରନ୍ତୁ।

ISSN NO.
2582-208X

୪. ମାନ୍ୟତା ରହିଛି କି ରମା ଏକାଦଶୀ ଦିନ ଭଗବାନ ବିଷ୍ଣୁଙ୍କୁ ତୁଳସୀ ଅବଶ୍ୟ ଅର୍ପିତ କରିବା ଉଚିତ୍। ଧ୍ୟାନରେ ରଖିବା ଉଚିତ୍ କି ଏକାଦଶୀ ଦିନ ତୂଳସୀ ପତ୍ର ଛିଡ଼ାନ୍ତୁ ନାହିଁ ବରଂ ପ୍ରଥମେ ତଳେ ପଡ଼ିଥିବା ପତ୍ରକୁ ଅର୍ପିତ କରନ୍ତୁ।

କାହାଣୀ ନିଶ୍ଚୟ ମଧୁର । କୁହାଯାଏ ଯେ କାହାଣୀ ଶୁଣିଲା ବାଲାର ବି ବିଷ୍ଣୁଲୋକ ପ୍ରାପ୍ତି ହୁଏ ।

ଓଁ ଶ୍ରୀ ଶ୍ରୀ ଲକ୍ଷ୍ମୀ ନାରାୟଣାଭ୍ୟାଂ ନମଃ

ସଂଗ୍ରାହିକାଃ ସମ୍ପଦା ଦେବୀ
ଆଳ, କେନ୍ଦ୍ରାପଡା

ISSN NO.
2582-208X

# ନେତ୍ର ସ୍ୱୟମ୍ବର



ରିତେଶ ସାହୁ

ଯେବେ ନାୟିକାର ନେତ୍ରେ
ନାୟକର ନେତ୍ର ମିଶିଲା,
ହଠାତ୍ ହୃଦୟରେ ଗୋଟେ ବିଜୁଳି
ବାଜିଲା ପରି ମନକୁ ଲାଗିଲା......

ଏହା ଭାବି ନାୟକ ମନରେ ମନରେ
କେଜାଣି କେତେ ଯେ ଡରିଯାଇଥିଲା,
ତଥାପି ସେ ନିଜ ନେତ୍ରକୁ ହଟାଉନଥାଏ
କେତେ ଯେ ସେଥିରେ ବିଭୋର ହୋଇଯାଇଥିଲା......

ପରେ ଦେଖିଲା ଯେ ସେଇଟା କିଛି ନୁହଁ
ଗୋଟେ ଚାଉଳରେ ଗଢ଼ା ଗୋଟେ ନାରୀର ନେତ୍ର ଅଟେ,
ତା ନେତ୍ର ଦେଖି ନାୟକର ମନ ପ୍ରଫୁଲ୍ଲିତ ହୋଇ
ତା ନେତ୍ରଠୁ ନାୟକର ନେତ୍ର ହଟୁନି ମୋଟେ.......

ସେଠି ନାୟକ ତାକୁ ଆଖିରେ ଆଖିରେ ପଚାରୁଛି
ମୋ ସହ ଜୀବନର ବାଟ ଚାଲିବାକୁ ଇଚ୍ଛା କରିବ କି ,
ଏଇ ଯେଉଁ ତୁମର ଦୁଇଟି ସୁନ୍ଦର ସୁନ୍ଦର ନେତ୍ର ଅଛି
ଏ ଆଖିରେ ଆମ ଭବିଷ୍ୟତ ଦେଖିବାକୁ ଚାହିଁବ କି......

ISSN NO.
2582-208X

ନାୟକ ପୁଣି ହୃଦୟ ସ୍ୱୟମ୍ବର ସଭାରେ କହେ
ଏ ଯେଉଁ ତୁମର ଅବର୍ଣ୍ଣନୀୟ ସୁନ୍ଦର ନେତ୍ର ଅଛି,
ମୋ ବିରହରେ ତୁମର ନେତ୍ରରୁ ଅଶ୍ରୁ ଝରିବକି
ଯେଉଁ ଅଶ୍ରୁ ଗଙ୍ଗାଜଳ ପରି ସାଇତି ହୋଇ ରହିଛି.....

ସାପଲହର, ବରଗଡ଼

ISSN NO.
2582-208X



# ମହାଳୟା ଅମାବାସ୍ୟା



ମାଳତୀ ଦେବୀ

ଆଶ୍ୱୀନ ମାସର ପ୍ରଥମ ପକ୍ଷ "ପିତୃ ପକ୍ଷ" ନାମରେ ଜଣା । ଏହି ପକ୍ଷର ଅମାବାସ୍ୟା "ମହାଳୟା ଅମାବାସ୍ୟା" ନାମରେ ପାଳିତ । ପିତୃଗଣଙ୍କ ଉଦ୍ଦେଶ୍ୟରେ ଦାନ ଓ ଉତ୍ସର୍ଗ ଆଦି ପାଳନ କରାଯାଉଥିବାରୁ ଏହାକୁ "ପିତୃପର୍ବ" ମଧ୍ୟ କୁହାଯାଏ । ଆଶ୍ୱିନ ମାସ କୃଷ୍ଣ ପକ୍ଷ ପ୍ରତିପଦାଠାରୁ ଅମାବସ୍ୟା ପର୍ଯ୍ୟନ୍ତ ପନ୍ଦର ଦିନକୁ ପିତୃପକ୍ଷ କୁହାଯାଏ । ଚତୁର୍ଦ୍ଦଶୀ ଯାଏଁ ତର୍ପଣ କଲାପରେ ଅମାବସ୍ୟା ଦିନ ପିଣ୍ଡ ଦାନ କରାଯାଏ । ସୂର୍ଯ୍ୟ କନ୍ୟା ରାଶିରେ ଥିବାବେଳେ ଯେଉଁ ଅମାବାସ୍ୟା ପଡ଼େ ତାହା ମହାଳୟା ଅମାବାସ୍ୟା । ମହଳୟା ଶ୍ରାଦ୍ଧର ତର୍ପଣରେ ବ୍ରହ୍ମା, ବିଷ୍ଣୁ, ରୁଦ୍ର, ପ୍ରଜାପତି, ଅଚାର୍ଯ୍ୟ, ବେଦ, ଛନ୍ଦ, ଗନ୍ଧର୍ବଗଣ, ଦେବଗଣ, ପୁରୁଣାଚାର୍ଯ୍ୟ, ସମ୍ବତ୍ସର, ଶାବୟବ, ନାଗଗଣ, ଯକ୍ଷ, ଭକ୍ଷ, ପିଶାଚ, ବନସ୍ପତି, ଔଷଧ, ଭୂତଗ୍ରାମ, ଚତୁଷ୍ଟୟ ଏବଂ ପୃଥିବୀ ଇତ୍ୟାଦି କୋଡ଼ିଏ ଦେବଗଣଙ୍କୁ ଗୋଟିଏ ଥର ତର୍ପଣ; ସନତ, ସନନ୍ଦ, ସନତନ, କପିଳ, ଆସୁରୀ, ଡୋବୁ, ଏବଂ ପଞ୍ଚଶିଖ ଇତ୍ୟାଦି ସାତ ଋଷିଙ୍କୁ ଦୁଇ ଥର ତର୍ପଣ ଏବଂ ପିତୃପୁରୁଷଗଣଙ୍କୁ ତିନିଥର ତର୍ପଣରେ ଅପ୍ୟାୟିତ କରାଯାଏ । ପିତୃ ତର୍ପଣରେ ପିତାଙ୍କୁ ରୁଦ୍ର ରୂପେ, ପିତାମହଙ୍କୁ ବସୁରୂପେ ଓ ପ୍ରପିତାମହଙ୍କୁ ଆଦିତ୍ୟରୂପେ କଳ୍ପିତ କରାଯାଏ । ପିଣ୍ଡଦାତାଙ୍କ ଆଳୟରେ ସର୍ବଦେବ, ଋଷି, ଏବଂ ପିତୃପୁରୁଷଙ୍କ ଉପସ୍ଥିତ ହେତୁ ଏହାଙ୍କୁ ମହାଳୟା ଶ୍ରଦ୍ଧ କୁହାଯାଏ । ଭାଦ୍ରବ ମାସ କୃଷ୍ଣ ପକ୍ଷ ପ୍ରତିପଦାଠାରୁ ଅମାବାସ୍ୟା, ଏହି ୧୫ ଦିନ ମଧ୍ୟରେ ଜଣେ ଯେକୌଣସି ଦିନ ଶ୍ରାଦ୍ଧ ଦେଇପାରେ, ଏଥିପାଇଁ ଏହାକୁ ପିତୃପକ୍ଷ କୁହଯାଏ । ମହାଳୟା ତିଥିରେ ଓଡ଼ିଶାର ଢେଙ୍କାନାଳ ଜିଲ୍ଲା ଅନ୍ତର୍ଗତ ଭୁବନଠାରେ "ଦଶହରା ବଳଦ ଯାତ୍ରା"ର ଆରମ୍ଭ ହୋଇଥାଏ ଏହି ଦିନ ସମ୍ବଲପୁରର ସମଲେଶ୍ୱରୀଙ୍କ "ଧବଳମୁଖୀ ବେଶ" ହୋଇଥାଏ ।

ISSN NO.
2582-208X

ହିନ୍ଦୁ ଧାର୍ମିକ ପରଂପରାରେ ପିତୃପୁରୁଷଙ୍କ ପାଇଁ ପାଳନ କରାଯାଉଥିବା ବିଭିନ୍ନ ଶ୍ରାଦ୍ଧ କର୍ମ ମଧ୍ୟରେ ମହାଳୟା ଶ୍ରେଷ୍ଠତମ । ଏହି ଅବସରରେ ପିତୃ ପକ୍ଷରେ ଯେକୌଣସି ଦିନ ନିଜର ସାଧ୍ୟ ମତେ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଓ ବ୍ରାହ୍ମଣ ଭୋଜନ ଦିଆଯାଏ । ଏହାଦ୍ୱାରା ପୁଣ୍ୟ ଲାଭ ଏବଂ ବଂଶର ଉତ୍ତର ପିଢ଼ିର ସକଳ ଉନ୍ନତି ହେଉଥିବା ବିଶ୍ୱାସ କରାଯାଏ । କିମ୍ବଦନ୍ତି କହେ, ମହାଦାନୀ କର୍ଣ୍ଣଙ୍କର ଦାତାପଣିଆର ପୁରସ୍କାର ସ୍ୱରୂପ ଯମପୁରରେ ତାଙ୍କୁ ସୁନା, ରୁପା ମିଳିଥିଲା । ହେଲେ, ଖାଦ୍ୟ ଦିଆଯାଇ ନ ଥିଲା । କାରଣ, ଜୀବିତାବସ୍ଥାରେ ସେ କେବେ ଅନ୍ନଦାନ କରି ନ ଥିଲେ । ଯମରାଜଙ୍କୁ ପ୍ରାର୍ଥନା କରି ସେ ଚଉଦ ଦିନ ପାଇଁ ମର୍ତ୍ତ୍ୟକୁ ଆସି ବ୍ରାହ୍ମଣ ତଥା ଗରିବମାନଙ୍କୁ ଅନ୍ନଦାନ ଦେଇଥିଲେ । ଯମପୁର ଫେରିବା ପରେ ତାଙ୍କୁ ଆଉ ଅନ୍ନରୁ ବଞ୍ଚିତ କରାଯାଇ ନ ଥିଲା । ମର୍ତ୍ତ୍ୟଲୋକରେ କର୍ଣ୍ଣ କଟାଇଥିବା ସେହି ଚଉଦ ଦିନ ଥିଲା ପିତୃ ପକ୍ଷ ।

ସଂଗ୍ରାହିକା: ମାଳତୀ ଦେବୀ
ପୁରୁଣା ବଜାର, ଲେ଼କାପଦା, ଆଳ,
କେନ୍ଦ୍ରାପଡ଼ା, ଓଡ଼ିଶା

ISSN NO.
2582-208X

# ଜଳ



ରେହନ ନାଏକ

ପୃଥ୍ୱୀର କ୍ଷୁଦ୍ର ଜୀବ ମୁହିଁ ନର
ବଖାଣୁ ଅଛି ମହିମା ଜଳର । ୦୧
ବ୍ରହ୍ମାଣ୍ଡେ ଜଳର ମହିମା କେହି
ଏ ପର୍ଯ୍ୟନ୍ତ ଜାଣିପାରି ନାହିଁ । ୦୨
ସର୍ବ ସ୍ଥାନରେ ଜଳ ବିଦ୍ୟମାନ
ଆହୁରି କଥା କହୁଅଛି ଶୁଣ । ୦୩
ସ୍ୱର୍ଗ ମର୍ତ୍ତ୍ୟ ପାତାଳ ତିନିପୁର
ଜଳଭୂତର ମହିମା ପ୍ରସାର । ୦୪
ଗଗନଠୁଁ ପୃଥିବୀ ଯାଏଁ ଜଳ
ବିସ୍ତାର କରି କରୁଅଛି ଖେଳ । ୦୫
ନାନାଦି ଉଦ୍ଭିଦ ପ୍ରାଣୀ ପର୍ଯ୍ୟନ୍ତେ
ଜଳୁଁ ହୋଇଛନ୍ତି ଜାତ ସମସ୍ତେ । ୦୬
ଜୀବ ଅଜୀବ ତତ୍ତ୍ୱ ଯେତେ ଅଛି
ସେସବୁ ଯାକ ଜଳରୁ ଜନ୍ମିଛି । ୦୭
ଷଡ଼ ଋତୁ ସହିତ ବାର ମାସ
ଜଳରୁ ଜାତ ହୋଇଛି ଅଶେଷ । ୦୮
ସର୍ବ ପଦାର୍ଥ ଜଳ ଜାତ କରେ
ସମସ୍ତଙ୍କୁ ପୁଣି ନିଜେ ସଂହାରେ । ୦୯
ସଂସାରେ ଜଳଭୂତର ମହିମା

ISSN NO.
2582-208X

କିଏ କହି ପାରିବ ତା'ର ସୀମା । ୧୦
ଆକାଶେ ଜଳ ମେଘମାଳା ହୋଇ
ବୃଷ୍ଟି ରୂପେ ପୃଥିବୀରେ ପଡ଼ଇ । ୧୧
ରବି କିରଣେ ଯେତେ ପ୍ରାଣୀ ଜନ
ଭୋଗି ସହିଥାନ୍ତି ଦୁଃଖ କଷଣ । ୧୨
ଯେବେ ଜଳକୁ ସଭିଏଁ ପାଆନ୍ତି
ମହା ଆନନ୍ଦେ ପୃଥ୍ୱୀରେ ରହନ୍ତି । ୧୩
ଯେବେ ଜଳ ମନେ ଧ୍ୱଂସ ଚିନ୍ତଇ
ପ୍ରଚଣ୍ଡ ରୂପେ ପୃଥ୍ୱୀକୁ ଆସଇ । ୧୪
ମେଘେ ଭୟଙ୍କର ବୃଷ୍ଟି କରନ୍ତି
ପୃଥ୍ୱୀରେ ପ୍ରଳୟକୁ ଜନ୍ମାଇ ଥାନ୍ତି । ୧୫
ପ୍ରଳୟେ ସଭିଏଁ ହୁଅନ୍ତି ନାଶ
ଏମନ୍ତେ ପୃଥ୍ୱୀର ହୁଏ ବିନାଶ । ୧୬
ଜଳ ଚାହେଁ ମୁହିଁ ଥିବି ଭୁବନେ
ସର୍ବେ ରହନ୍ତି ଆନନ୍ଦିତ ମନେ । ୧୭
ଯେ ପର୍ଯ୍ୟନ୍ତ ଜଳ ରହି ଥିବ ଜାଣ
ପୃଥ୍ୱୀରେ ନଥିବ ଦୁଃଖ କାରଣ ।୧୮
ସଭିଙ୍କୁ ସମାନ ଦେଖିବା ଗୁଣ
ଜଳଭୂତ ମଧ୍ୟେ ରହିଛି ଜାଣ । ୧୯
ତାହାଙ୍କ ଗୁଣ କଥା ତିନିପୁରେ
ଏ ପର୍ଯ୍ୟନ୍ତ କେହି କହି ନ ପାରେ । ୨୦
ମୁହିଁ ଜଳଙ୍କର ଅଶେଷ ଗୁଣ
କିଛି ଯେ କହି କରୁଅଛି ପୂର୍ଣ୍ଣ । ୨୧

ଜାମୁଟପାଲି, ବରଗଡ଼- ୭୬୮୦୩୭
ଯୋଗାଯୋଗ-୮୦୧୮୭୮୭୪୯୨

ISSN NO.
2582-208X

# ଜୀବନ ବଦଳେ ଟିକି ସାହାଯ୍ୟରେ



ସୀତାକାନ୍ତ ତୁମୁନଆଁ

ସହରର ସବୁଆଡେ ଶୁଭୁଥାଏ କେବଳ ଯାନବାହାନର ଘୁଉଁ ଘାଁ ସୁଉଁ ସା ଆବାଜ୍ । ବସରୁ ଓହ୍ଲେଇ ଦେଖେ ତ ଗୋଟେ ଛୋଟ ଜନବସତି । ବସଷ୍ଟାଣ୍ଡ ରୁ ଟିକେ ବାଟ। ଅନୁମାନ କରି ଦେଖିଲି ସହର ଯେତେକ ମଇଲା ଆବର୍ଜନା ସେଠାକୁ ନେଇ ଢାଳି ଦେଉଛନ୍ତି। ଲାଗିଲା ସତେ ଯେମିତି ତାହା ଗୋଟେ ଡଷ୍ଟବିନ୍ । ବସ୍ତି ଚାରିଆଡ଼େ କେବଳ ମଣିଷ ତିଆରି ଛୋଟ ଛୋଟ ଆବର୍ଜନା ପାହାଡ଼। ସେଠାରୁ ନିର୍ଗତ ଯଉ ଗନ୍ଧ! ଛିଃ ଛିଃ କଳ୍ପନା ବାହାରେ ନାକ ଫଟାଇ ଦେଇଛି ପାଞ୍ଚ ଶହ ମିଟର ଦୂରରୁ। ଅତି ସରୁ ଏକ ପାଦଚଲା ରାସ୍ତା ପଡ଼ିଛି। ଅତି ସାହାସୀ କତା ସହ ଆସ୍ତେ ଆସ୍ତେ ପାଦେଇଲା । ସତେ ଯେମିତି ଭାରତ ପାକିସ୍ଥାନ ଯୁଦ୍ଧର ମୁଁ ଜଣେ ସାହାସୀ ସୈନିକ। କିଛି ସମୟ ପରେ ...। ଆସ୍ତେ ଆସ୍ତେ ସେଠାକୁ ପହଞ୍ଚିଲି । ବସ୍ତି ଘରଗୁଡ଼ିକ ଅତି ଛୋଟ ଓ ନୁଆଁଣିଆ। ସହର ପାଖେ ଥିବା ସତ୍ତ୍ୱେ କିଛି କିଛି ଖପର ଲାଗି ଲାଗି ଥିଲା। ତାହା ବି ବହୁବର୍ଷ ପୁରୁଣା। ଏତିକି ବେଳେ ହଠାତ୍ ଆଖି ପଡେ..... ଛୋଟ ଘରେ ଥିବା ପିଲା ଉପରେ । ହାତ ଠାରି ଡାକେ। ଦେଖି ହସି ଦେଲା । ପ୍ରଥମେ କଣ ହେଲା କେଜାଣି ଆସିଲା ନାହିଁ। ଦ୍ୱିତୀୟ ଥରେ ଡାକିବାକୁ ଆସିଲା। ନାଳନର୍ଦ୍ଦମା ରେ ପଡ଼ିଥିବା ମଇଲା କିଟ୍ କିଟ୍ ଖଣ୍ଡେ କୁରୁତା ତା ଦେହରେ ଥାଏ। ପଚାରିଲା କ'ଣ ହେଲା ବାବୁ? ମନେ ମନେ ତା ବିଷୟରେ ଜାଣିବା ମୋ ଲକ୍ଷ୍ୟ। କହିଲି ଆଚ୍ଛା ବାବା ତୋ ନାଁ ଟି କଣ କିରେ ? ସ୍ମିତ ହସି ଉତ୍ତର ଦେଲା - ହରି ବାବୁ। ପୁଣି ପଚାରିଲି ତୋ ବାପା ମାଆ ? ହଠାତ୍ ଆଖି ତା'ର ଲାଲ ହେଇଗଲା ଲାଗିଲା ସତେ ଯେମିତି ଅରୁଣଦୋୟ ଆରମ୍ଭ ହେବ କିଛି କ୍ଷଣ ପରେ । କିଛି ସମୟ ନିରବ ସତେ ଯେମିତି ଆମେ ଦୁହେଁ ପଥର ଷ୍ଟେଚ୍ୟୁ। ଆସ୍ତେ ଆସ୍ତେ ଲୋତକାପ୍ଲୁତ ହେଇ ଉତ୍ତର ଦେଲା ବାବୁ ବାପା ନାହାନ୍ତି। ମୁଁ ମୋ

ISSN NO.
2582-208X

ମାଆ ଓ ଛୋଟ ଭଉଣୀ ଅଛୁ । ଏହା ଶୁଣିବା ପରେ ପଥର ହୃଦୟ ତରଳିବାରେ ଲାଗିଲା। ଆସ୍ତେ ଆସ୍ତେ ଆମେ ସହର ଆଡେ ଆଗେଇ ଯାଉଥାଉ । ମଝିରେ ମଝିରେ କଥାବାର୍ତ୍ତା। କିଛି ବାଟ ଗଲା ପରେ ନିଜ ପରିବାର କଥା କହିବା ଆରମ୍ଭ କଲା। କେବଳ ବାପା କ'ଣ କରୁଥିଲେ ପଚାରିଦେବା ପରେ । ଆଖି ରୁ ଲୁହ ପୋଛି ଦେଇ କହିଲା ବାବୁ ଆମେ ଖୁସିବାସିରେ ଜୀବନ ଅତିବାହିତ କରୁଥିଲୁ । ବାପା ଥିଲେ ଜଣେ ଉଚ୍ଚ ରାଜମିସ୍ତ୍ରୀ। ସହରେ ତାଙ୍କ ଖୁବ୍ ନାଁ ଥିଲା । ହେଲେ ଏଇ ଯେଉଁ ଦୁଇବର୍ଷ ତଳେ ଯୋଉ ଦେଶବ୍ୟାପୀ ରୋଗ ଆସିଥିଲା । ସେଥିରେ ଗାଁ ଠୁ ସହର ଯାଏଁ ବହୁ ଲୋକ ତାର ଶିକାର ହେଲେ । ବାଳକ ଯୁବକ ବୃଦ୍ଧ କାହାକୁ ଦେଖୁନଥିଲା। ତା ହାବଡ କୁ ଯିଏ ଗଲା ସିଏ ଗଲା। ଏପଟେ ସହର ଚିକିତ୍ସାଳୟରେ ଜଗା ନାହିଁ। ଡାକ୍ତରମାନେ ଖାଇବା ଭୁଲିଗଲେଣି। ଆମବୁଲାନ୍ସ ଆଉ ଅଟକି ପାରୁ ନାଇଁ । ସହର ସବୁଆଡ଼େ କେବଳ କାନ୍ଦିବା ଶୁଭୁଛି । କାହାର ଅଜା, କାହାର ବାପା , କାହାର କକା ଯାଉଛନ୍ତି। ଏପଟେ ସହର ର ସ୍ୱର୍ଗଦ୍ୱାରେ ପିମ୍ପୁଡିଧାର ପରି ଧାଡ଼ି ଟାକି ରହିଛନ୍ତି ଯେ ଯାହାର ଶବ ପାଖରେ। କିଛି କ୍ଷଣ ପରେ ନିରାଶ ଭାବେ ବାପା ବି ଏଥିରୁ ବାଦ ପଡିଲେ ନି ବାବୁ । ବାପା ଗଲା ପରେ ପରିବାର ସମସ୍ତେ ଆସ୍ତେ ଆସ୍ତେ ଅତ୍ୟାଚାର ଆରମ୍ଭ କରିଦେଲେ ବାବୁ। ସହ୍ୟ ଅସମ୍ଭାଳ ହେବା ପରେ ଚାଲି ଆସିଲୁ ଏଠିକୁ। ଏମିତି ବହୁ କଥାବାର୍ତ୍ତା ଚାଲିଥାଏ ହଠାତ୍ ମନକୁ ଆସେ ବହୁ ବାଟ ଆଗେଇ ଆସିଲୁଣି। ହୁଏତ ପିଲାଟି ସକାଳୁ କିଛି ଖାଇ ନାହିଁ। ଅଳ୍ପ ବାଟ ଯିବା ପରେ ଆଖିକୁ ଆସେ ଗୋଟେ ଠେଲା । ଠେଲା ଚାରିପଟେ ଲୋକଙ୍କ ଭିଡ଼। ଏପଟେ ତେଲ କରେଇ ର ସର ସାର୍ ଆବାଜ। ପୁଣି ବରା ସିଙ୍ଗିଡାର ବାସ୍ନା। ପିଲାଟିକୁ କିଛି ଖାଇବାକୁ କହିଲି ପ୍ରଥମେ ନାଇଁ ନାଇଁ କହୁଥାଏ କିନ୍ତୁ ଗଲା ପରେ କିଛି ବରା ସିଙ୍ଗିଡା ଖାଇଲା । ହୁଏତ ସକାଳୁ କିଛି ଖାଇ ନଥିଲା। ହଠାତ୍ ବାବୁ ବାବୁ କହି ଉଠିଲା । ଚମକି ପଡ଼ି ଦେଖିଲି! ରାସ୍ତା ଆର ପଟେ ଜଣେ ଅଳ୍ପ ବୟସ ବିଧବା ଆଉ ତା ଝିଅ । ଚାଲି ଚାଲି ଏପଟୁ ସେପଟ ରାସ୍ତା ପାର ହେଉଛନ୍ତି। ବେଶ ପୋଷାକ ଅତି ପୁରୁଣା,ତେଲ ଚିକ୍ ଚିକ୍ କରୁଥିବା ଖଣ୍ଡେ ଶାଢ଼ୀ ଆଉ ବ୍ଲାଉଜ୍ । ମୁଣ୍ଡର ବାଳ ଅଧାକଳା, ଅଧାଗେରୁଆ , ସତେ ଯେମିତି କେତେ ବର୍ଷରୁ ତେଲ ପାଣି ନାହାନ୍ତି। ପିଲାଟି ସେମାନଙ୍କୁ ଆଙ୍ଗୁଠି ଦେଖେଇ କହିଲା ବାବୁ ସେ ମୋ ମାଆ ଓ ଛୋଟ ଭଉଣୀ । ସେମାନେ ଗୋଟେ ପଡା ଭିକ ମାଗି ସାରି ଆର ପଟକୁ ଯାଉଛନ୍ତି। ବାବୁ ଏ ଭିକ ମାଗିବା ବି ବହୁ କଷ୍ଟ । ବହୁ ଲୋକଙ୍କ ଠୁ ଗାଳି ମାଡ ସହିବାକୁ ହୁଏ। କେହି କେହି ଦୟାବାନ୍ କିଛି ଦିଅନ୍ତି ଆଉ କିଛି କିଛି ଯେପରି ଟାଏ, ବୁଟସୁଟ୍ ପିନ୍ଧିଥିବା ଲୋକ

ISSN NO.
2582-208X

ଖୁବ୍ ନିର୍ଦ୍ଦୟୀ ବାବୁ। ଏମାନେ କେବେ କାହାକୁ ଟଙ୍କାଏ ମଧ୍ୟ ଦେବେ ନାହିଁ। ପ୍ରଥମେ ପ୍ରଥମେ ମୁଁ କିଛି କାମ ଖୋଜି ଥିଲି । କାଳେ କଉ ହୋଟେଲରେ ବାସନ ମାଜିବା ମିଳି ଯିବ। ଅଳ୍ପ ବୟସ ଯୋଗୁଁ କେହି ରଖିଲେ ନାହିଁ । ପୁଣି ବାଧ୍ୟ ହୋଇ ଭିକ ମାଗିବା ଆପଣେଇ ନେଲୁ ।

ଶୁଣି ସାରିବା ପରେ ପିଲାଟିକୁ ଦେଖୁଥାଏ । ଏକା ଧ୍ୟାନରେ ସ୍କୁଲ କୁ ଦେଖୁଥାଏ। ଏତିକି ବେଳେ ସ୍କୁଲ ଯିବୁ କି ବାବା ପଚାରିବା କ୍ଷଣି ସେ ଆରମ୍ଭ କଲା । ବାବୁ ବାପା ଥିଲା ମୁଁ ସ୍କୁଲ ଯାଇଥିଲି ଏତିକି ବେଳେ ଭାଉଣୀ ଛୋଟ ଥାଏ। ସ୍କୁଲ ଯିବା ଭଲଲାଗେ ବାବୁ। ହେଲେ ବାପା ଗଲା ପରେ ଆଉ ଯାଇ ପାରିଲି ନାହିଁ। ଏତିକି ବେଳେ ମନେ ମନେ ତାର ସ୍କୁଲ ଯିବା ବ୍ୟବସ୍ଥା ଆଉ ମାଆ ଭଉଣୀର ଥଇଥାନ ପାଇଁ ଉପାୟ ପାଂଚୁ ଥାଏ । ଏତିକି ବେଳେ ହଠାତ୍ ମନକୁ ଛୁଏଁ ବ୍ୟାଙ୍କ୍ କଥା । ହଠାତ୍ କଥାବାର୍ତ୍ତା ବନ୍ଦକରି ତାଠୁ ବିଦାୟ ଆଣି ଚାଲି ଆସିଲି ବ୍ୟାଙ୍କ୍ ଆଡେ । କିଛି ମାସ ଗଲା ପରେ ପୁଣି ଥରେ ଆସିଛି ସେଇ ସହର ଆଡେ। ଏଥର କିଛି କାମ ସକାଶେ ନୁହେଁ। ଦୁଇ ମାସ ତଳେ ଭେଟି ଥିବା ପିଲା ଆଉ ମାଆ, ଝିଅ କୁ ଥଇଥାନ ପାଇଁ। ସହର ରୁ ସେପଟେ ଗଲି ସେଠି ପିଲାଟି ଦେଖା ହେଲା । କହିଲି ଆରେ ବାବା ଏଥର ଚାଲ ସ୍କୁଲରେ ନାମ ଲେଖାଇଥିବା। ହଠାତ୍ ଏକଥା ଶୁଣି ପିଲାଟି ଅବାକ ହେଇଗଲା । ପରେ ସେ ତା ନୁଆଁଣିଆ ଘରୁ ଏକ ଉଇ ଅଧା ଖାଇଥିବା ସୁଟକେଶ୍ ଭିତରୁ ତା ସାର୍ଟିଫିକେଟ ବାହାର କଲା । ସହର ଏକ ସ୍କୁଲରେ ତା ନାଁ ଲେଖା ହେଲା । ଧିରେ ଧିରେ ସେଠାରେ ରହି ପାଠ ପଢ଼ିବା ଆରମ୍ଭ କଲା। ମଝିରେ ମଝିରେ ତାକୁ ଦେଖିବା ପାଇଁ ଆସୁଥାଏ। ମାସ କୁ ମାସ ଯାହା ଟଙ୍କା ଲାଗେ ତାକୁ ଦିଏ । ଏପଟେ ତା ମାଆ ଭଉଣୀ ବ୍ୟବସ୍ଥା ହେଇଗଲା । ସେମାନେ ମଧ୍ୟ ଖୁବ୍ ଆରାମରେ ରହିଲେ । ଏତିକି ବେଳେ ବହୁ ବର୍ଷ ବିତି ଗଲାଣି। ଆଉ ମୁଁ ଆସୁଥାଏ ପ୍ରାୟ ସହର । ସେଠାରୁ ପାଶ୍ ହେବା ପରେ ଥରେ ମାତ୍ର ତାକୁ ଦେଖିଥିଲି। ଦୀର୍ଘ ବର୍ଷ ବ୍ୟବଧାନ ......। ଥରେ ମନ ହେଲା ସହର ଆଡୁ ଟିକେ ବୁଲି ଆସେ । ସେପଟେ ପିଲାଟି ଘର ଦ୍ୱାର କରି ସହର ସବୁଠୁ ଉଚ୍ଚ ପଦବୀରେ ଅଛି। ସମୟର ପରିବର୍ତ୍ତନ ରେ ସବୁକିଛି ପରିବର୍ତ୍ତନ। ସେ ଆଉ ଭିକ ମାଗୁ ନାହିଁ। ସହର ଯେତେ ଭିକାରୀ, ଗରିବ ଅଛନ୍ତି ସେମାନଙ୍କୁ ଆପଣେଇ ଗୋଟେ ଆଶ୍ରମ କରିଛି। ସବୁ ବ୍ୟବସ୍ଥା ଅଛି। ସହର କେଉଁଠି ଅନାଥ ବା ପୁଅ ବୋହୁ ଙ୍କ ଅବହେଳା ର ଶିକାର ହୋଇଥିବା ବାପା ମାଆଙ୍କୁ ନିଜ ଆଶ୍ରମକୁ ଆଣି ରଖେ । ସତେ ଯେମିତି ସେ

ISSN NO.
2582-208X

ଶିଶୁବସ୍ଥା ଠୁ ହିଁ ଜାଣି ସାରିଛି କଷ୍ଟ କଣ । ସହର କିଛି ବାଟ ଯିବାପରେ ହଠାତ୍ ମୁଣ୍ଡ ବୁଲେଇବା ଆରମ୍ଭ କରିଦେଲା । ଆଉ ଆଗେଇ ପାରିଲି ନାହିଁ। ଲତ୍ କିନା ବସିଦେଲି ସେ ରାସ୍ତା କଡ ଆଣ୍ଠିଏ ଡେଙ୍ଗା କଙ୍କ୍ରିଟ୍ ଏପରେ । ହଠାତ୍ ରାସ୍ତା ଆର କଡ଼ଠୁ କିଏ ଜଣେ ଧାଇଁ ଆସିଲା। ହାତଧରି ଏପରକୁ ଉଠେଇଲା, ପାଟି ପାଣି ବୁନ୍ଦାଏ ଦେଲା । ତାକୁ ଚିହ୍ନି ପାରିଲି ନାହିଁ। କିଛି ସମୟ ପରେ ହାତ ଧରି ଆସ୍ତେ ଆସ୍ତେ ରାସ୍ତା ସେପଟେ ଥିବା ତିନି ମହଲା ଘରକୁ ନେଲା । କିଛି ଜାଣି ପାରୁ ନଥାଏ। ଘରେ ପଶି ଖୁବ୍ ତୀବ୍ରଗତି ରେ ପଙ୍ଖା ସୁଇଚ୍ ଟା ଅନ୍ କଲା , ଗୋଟେ ଗ୍ଲାସ ଥଣ୍ଡା ପାଣି ପିଇବା ପରେ ହୋସ ଆସିଲା । ତଥାପି ତାକୁ ଚିହ୍ନି ପାରୁ ନଥାଏ । ଏତିକି ବେଳେ ସେ ପୂର୍ବ କଥା ସବୁ ମନେ ପକେଇ ଦେଲା ।

ଅନ୍ତର୍ଲା, ଦେଓଗାଁ,ବଲାଙ୍ଗୀର

ISSN NO.
2582-208X

# ଭଗବତ କଥା - ୬

## (ଧାରାବାହିକ)



ନରେନ୍ଦ୍ର ପ୍ରସାଦ ବେହେରା

ସୃଷ୍ଟିର ଆରମ୍ଭରେ ଭଗବାନ ଲୋକ-ସୃଷ୍ଟି ନିମନ୍ତେ ପଞ୍ଚ ଜ୍ଞାନେନ୍ଦ୍ରିୟ, ପଞ୍ଚ କର୍ମେନ୍ଦ୍ରିୟ,ପଞ୍ଚ ମହାଭୂତ ଓ ମନ, ଏହି ଷୋଳଟି ଅଂଶରେ ଖଚିତ ପୁରୁଷ ମୂର୍ତ୍ତି ଧାରଣ କରନ୍ତି । ସେହି ପରମପୁରୁଷ ବିଷ୍ଣୁ ହେଉଛନ୍ତି ସମସ୍ତ ଅବତାରଙ୍କ ଉତ୍ସସ୍ଥଳ । ସଧାରଣତଃ ଦଶଟି ଅବତାର କଥା ଆମେ ଜାଣୁ । କିନ୍ତୁ ଭାଗବତ ୨୪ ଟି ଅବତାରଙ୍କ କଥା ଉଲ୍ଲେଖ କରି ମଧ୍ୟ, ତାପରେ ଯୋଗ କରିଛନ୍ତି ଅନ୍ୟ ଅବତାରଙ୍କ କଥା । ଅକ୍ଷୟ ସରୋବରରୁ ଜଳସ୍ରୋତମାନ ନିର୍ଗତ ହେବାପରି, ସୃଷ୍ଟିର ଉତ୍ସସ୍ଥଳ ଶ୍ରୀହରିଙ୍କଠାରୁ ଅସଂଖ୍ୟ ଅବତାର ଆର୍ବିଭୂତ ହୁଅନ୍ତି । କେହି କେହି ତାଙ୍କର ଅଂଶ, ଆଉ କେହି କେହି ତାଙ୍କର କଳା ଓ ବିଭୂତି । କିନ୍ତୁ ଶ୍ରୀକୃଷ୍ଣ ହେଉଛନ୍ତି ସ୍ୱୟଂ ଭଗବାନ । ସେ ଯୁଗେ ଯୁଗେ ଅବତୀର୍ଣ୍ଣ ହୋଇ ଦୈତ୍ୟପୀଡିତ ଧରା ଓ ଲୋକମାନଙ୍କୁ ରକ୍ଷା କରନ୍ତି । ସାଧାରଣତଃ ଯେଉଁ ଦଶଟି ଅବତାରଙ୍କ କଥା କୁହାଯାଏ, ସେମାନେ ହେଲେ ଯଥା : ମତ୍ସ୍ୟ, କୂର୍ମ, ବରାହ, ନରସିଂହ, ବାମନ, ପରଶୁରାମ, ରାମଚନ୍ଦ୍ର, ବଳରାମ, ବୁଦ୍ଧ ଓ କଳ୍କି । କିନ୍ତୁ କେଶବ ହିଁ ଏହି ସବୁ ଅବତାର ରୂପ ଧାରଣ କରିଛନ୍ତି ।

ଆଳଦା, ଖଇରା, ବାଲେଶ୍ୱର

ISSN NO.
2582-208X

# ସ୍ୱାସ୍ଥ୍ୟ ବିଭାଗ

ISSN NO.
2582-208X

# ଅଧିକ ନୁହଁ କମ ଲୁଣ ଖାଉଥିଲେ ବି ସାବଧାନ ! ହୋଇପାରେ ଏହି ସମସ୍ୟା



ଡ. ଅଭିମନ୍ୟୁ କାନୁନଗୋ

ଆମ ସ୍ୱାସ୍ଥ୍ୟ ପାଇଁ ସୋଡିୟମ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତଥାପି, ଏହାର ଅତ୍ୟଧିକ ପରିମାଣ ସ୍ୱାସ୍ଥ୍ୟ ପାଇଁ ଅନେକ କ୍ଷତି ମଧ୍ୟ କରିପାରେ । ଏହି କାରଣରୁ ବିଶେଷଜ୍ଞମାନେ ଏହାକୁ ସୀମିତ ପରିମାଣରେ ଖାଇବାକୁ ମଧ୍ୟ ପରାମର୍ଶ ଦିଅନ୍ତି ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (WHO) ଅନୁଯାୟୀ, ଦୈନିକ ୫ଗ୍ରାମ୍ ଲୁଣ ଖାଇବା ସ୍ୱାସ୍ଥ୍ୟ ପାଇଁ ସ୍ୱାଭାବିକ । କିନ୍ତୁ ଏହାଠାରୁ ଅଧିକ କିମ୍ବା କମ୍ ଖାଇବା ଶରୀର ପାଇଁ କ୍ଷତିକାରକ ଅଟେ।

ଯେପରି ଅତ୍ୟଧିକ ଲୁଣ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ, ସେହିପରି ଏହାର କମ୍ ପରିମାଣ ଅର୍ଥାତ୍ ଶରୀରରେ ସୋଡିୟମର କମ୍ ପରିମାଣ ମଧ୍ୟ ଅନେକ ସମସ୍ୟା ସୃଷ୍ଟି କରିପାରେ। ଜାଣନ୍ତୁ, ଏହାର ପାର୍ଶ୍ୱ ପ୍ରତିକ୍ରିୟା ବିଷୟରେ ।

ଉଚ୍ଚ ରକ୍ତଚାପ

ଶରୀରରେ କମ୍ ସୋଡିୟମର ପରିମାଣ ନିମ୍ନ ବ୍ଲଡପ୍ରେସରର କାରଣ ହୋଇପାରେ । ଏହି ଅବସ୍ଥାକୁ ହାଇପୋଟେନସନ୍ ବା ଉଚ୍ଚ ରକ୍ତଚାପ କୁହାଯାଏ । ଉଚ୍ଚ ରକ୍ତଚାପରେ ପୀଡିତ ହେଲେ, ଜଣେ ବ୍ୟକ୍ତି ମୁଣ୍ଡ ବୁଲାଇବା, ବାନ୍ତି ଏବଂ ଅସ୍ୱଷ୍ଟ ଦେଖିବା ଭଳି ଲକ୍ଷଣ ଅନୁଭବ କରିପାରନ୍ତି । କ୍ରନିକ୍ ହାଇପୋଟେନସନ ଶରୀରର କିଛି ଅଂଶରେ ପର୍ଯ୍ୟାପ୍ତ ରକ୍ତ ପ୍ରବାହ ହୋଇଥାଏ, ଯାହା କ୍ଷତି ଘଟାଇପାରେ ।

ISSN NO.
2582-208X

ହାଇପୋନେଟ୍ରେମିଆ

ଏହା ଏକ ଗମ୍ଭୀର ଅବସ୍ଥା ଯେଉଁଥିରେ ରକ୍ତରେ ସୋଡ଼ିୟମର ସ୍ତର କମ୍ ହୋଇଥାଏ । ଏହାର ଲକ୍ଷଣ ବାନ୍ତି, ମୁଣ୍ଡବିନ୍ଧା ହୋଇଥାଏ । ସ୍ଥିତି ଗମ୍ଭୀର ହେଲେ ଜୀବନ ପ୍ରତି ବିପଦ ମଧ୍ୟ ହୋଇପାରେ ।

ଇଲେକ୍ଟ୍ରୋଲାଇଟ୍ ଅସନ୍ତୁଳନ

ଅତ୍ୟଧିକ କମ୍ ସୋଡିୟମ୍ ଖାଇବା ଶରୀରରେ ଇଲେକ୍ଟ୍ରୋଲାଇଟର ସନ୍ତୁଳନକୁ ଖରାପ କରିପାରେ । ଏହା ମାଂସପେଶୀକୁ ଦୁର୍ବଳ କରିପାରେ । ଆଥଲେଟ୍ ଏବଂ ଅଧିକ ଫିଜିକାଲ ଆକ୍ଟିଭିଟି କରୁଥିବା ଲୋକଙ୍କ ପାଇଁ ଏହା ବିପଜ୍ଜନକ ହୋଇପାରେ ।

ଇନସୁଲିନ୍ ପ୍ରତିରୋଧରେ ବୃଦ୍ଧି

କେତେକ ଅଧ୍ୟୟନରୁ ଜଣାପଡିଛି ଯେ ଅତ୍ୟଧିକ କମ୍ ସୋଡିୟମ୍ ଡାଏଟ୍ ଖାଇବା ଦ୍ୱାରା ଇନସୁଲିନ୍ ପ୍ରତିରୋଧ ବଢ଼ିପାରେ, ଯାହା ଦ୍ୱାରା ଟାଇପ୍-୨ ଡାଇବେଟିସ୍ ରୋଗ ହୋଇପାରେ ।

କିଡନୀ କାର୍ଯ୍ୟରେ ପ୍ରଭାବିତ ହୁଏ

ଅତ୍ୟଧିକ କମ୍ ସୋଡିୟମ୍ ଖାଇବା ଦ୍ୱାରା କିଡନୀ ଉପରେ ଚାପ ପଡିପାରେ, କାରଣ ଏହା ସଠିକ୍ ଭାବରେ କାର୍ଯ୍ୟ କରିବା ପାଇଁ ଏକ ନିର୍ଦ୍ଦିଷ୍ଟ ସ୍ତରର ସୋଡିୟମ୍ ଆବଶ୍ୟକ କରନ୍ତି । ଏଭଳି ପରିସ୍ଥିତିରେ ସୋଡିୟମର ଅଭାବ ହେତୁ କିଡନୀଗୁଡ଼ିକର କାର୍ଯ୍ୟ କରିବାର କ୍ଷମତା ପ୍ରଭାବିତ ହୁଏ ଏବଂ କିଡନୀ ଷ୍ଟୋନ ହେବା ସମ୍ଭାବନା ବଢିଯାଏ ।

ISSN NO.
2582-208X

ମାଂସପେଶୀ ଏବଂ ସ୍ନାୟୁ ସମ୍ବନ୍ଧୀୟ ସମସ୍ୟା

ସୋଡିୟମ୍ ଅଭାବ ସ୍ନାୟୁ ଗୁଡିକ ଉପରେ ପ୍ରଭାବ ପକାଇପାରେ ଏବଂ ମାଂସପେଶୀ ସଂକୋଚନକୁ ପ୍ରଭାବିତ କରିଥାଏ । ଏହା ମାଂସପେଶୀରକୁ ଦୁର୍ବଳ କରିଥାଏ ଏବଂ ଅନେକ କ୍ଷେତ୍ରରେ ପକ୍ଷାଘାତର କାରଣ ସାଜିଥାଏ ।

ହାର୍ଟ ସମ୍ବନ୍ଧୀୟ ସମସ୍ୟା

ବହୁତ କମ୍ ପରିମାଣର ସୋଡିୟମ୍ ମଧ୍ୟ ହାର୍ଟ ଉପରେ ନକରାତ୍ମକ ପ୍ରଭାବ ପକାଇପାରେ। ସୋଡିୟମ୍ କମ ଖାଇବା ଦ୍ୱାରା ରକ୍ତଚାପ କମ ହୋଇପାରେ, ଯାହା ଫଳରେ ହାର୍ଟ ଜନିତ ସମସ୍ୟା ଯେପରି ହୃଦଘାତ ଏବଂ ହାର୍ଟ ଷ୍ଟ୍ରୋକର ଆଶଙ୍କା ହୋଇପାରେ ।

ମହୁ, ଆଳି, କେନ୍ଦ୍ରାପଡା

ISSN NO.
2582-208X

# ଆମ ହାଣ୍ଡିଶାଳ

ISSN NO.
2582-208X

# ପାଳଙ୍ଗ ପକୋଡି



ସମ୍ପଦା ଦେବୀ

**ଆବଶ୍ୟକ ସାମଗ୍ରୀ:**

ପାଳଙ୍ଗ ଶାଗ ଅଧ କିଲୋ, ବେସନ ୧୨୫ ଗ୍ରାମ ସୁଜି ୧୦୦ ଗ୍ରାମ
କଞ୍ଚା ଲଙ୍କା ୫ଟି, ଜୁଆଣି ଅଳ୍ପ, ଛୋଟ ଅଦା ଖଣ୍ଡେ,
ଛାଣିବା ପାଇଁ ତେଲ ଓ ସ୍ୱାଦ ଅନୁସାରେ ଲୁଣ

**ପ୍ରସ୍ତୁତି ପ୍ରଣାଳୀ:**

ପ୍ରଥମେ ପାଳଙ୍ଗକୁ ଭଲ ଭାବେ ଧୋଇ ଚୁନା ଚୁନା କରି କାଟି ଦିଅନ୍ତୁ । ଏହାପରେ କଞ୍ଚା ଲଙ୍କା ଓ ଅଦାକୁ ମଧ୍ୟ ଚୁନା ଚୁନା କରି କାଟି ପାଳଙ୍ଗ ସାଙ୍ଗରେ ମିଶାଇ ଦେଇ ଭଲ ଭାବରେ ଚକଟନ୍ତୁ । ଏହାପରେ ସେଥିରେ ଜୀରା, ଲୁଣ ଓ ଜୁଆଣି ମିଶାନ୍ତୁ । ବର୍ତ୍ତମାନ ସେଥିରେ ବେସନ ଓ ସୁଜି ପକାଇ ଗୋଳାନ୍ତୁ । ଦେଖିବେ ଘୋଳ ଯେମିତି ବହଳିଆ ହୋଇଥିବ କାରଣ ଲୁଣ ମିଶାଇବା ପରେ ଏହା ମଧ୍ୟ କିଛି ପାଣି ଛାଡେ । ବର୍ତ୍ତମାନ କଡେଇରେ ତେଲ ଗରମ କରି ଏହି ମିଶ୍ରଣକୁ ଛୋଟ ଛୋଟ କରି ପକୋଡି ଭଳି ଛାଣନ୍ତୁ । ଆଞ୍ଚ କମ୍ କରି ଛାଣିବେ । ପକୁଡିର ରଙ୍ଗ ବାଦାମି ହୋଇ ଆସିଲେ ତେଲରୁ ଛାଣି ନିଅନ୍ତୁ । ଚିଲି ସସ୍ କିମ୍ବା ଟମାଟୋ ସସ୍ ସହିତ ଏହା ପରସନ୍ତୁ ।

ଆଳ, କେନ୍ଦ୍ରାପଡା

ISSN NO.
2582-208X

# ଆଞ୍ଚଳିକ

ISSN NO.
2582-208X

# ତୋ ଭାଷା ତୋ ହକ୍ ରେ



ଗଜାନନ ମିଶ୍ର

ତୋ ଭାଷା ତୋର,
ଯା' ଛଡେଇ ଆଣ୍ ରେ ।
ତୋ ଭାଷା ତୋ ହକ୍ ରେ ।

ଭାଷା ନାଇଁ ଯଦି କିଛି ନାଇଁ,
ଭାଷାକୁ ଛଡେଇ ଆଣ୍ ରେ ।
ଜୀବନକୁ ବାଜି ଲଗାରେ ।

ମା ମାଟି ଭାଷା,
ନ ଥିଲେ ଲୋକ ହସାରେ ।

ତୋ ଭାଷା ତୋର,
ପାଣି ପବନ ଆଲୁଅ ।
ଦେ ତୋ ପରିଚୟରେ ।

ତୋ ଭାଷା ତୋ ହକ୍ ରେ,
ଭାଷାକୁ ଛାଡି ଜୀବନ କାହିଁ
କହି ଦେ ନ୍ୟାୟାଳୟରେ ।

ତପୋବନ, ଟିଟିଲାଗଡ,
ବଲାଙ୍ଗୀର ଜିଲ୍ଲା

ISSN NO.
2582-208X

# ମୁଇଁ କହୁଛେ ଶଗଡ଼ ଚକା

ବିଜୟ କୁମାର ମଲ୍ଲିକ

ମୁଇଁ କହୁଛେ ଶଗଡ଼ ଚକା
ସୋର୍ କର ଟିକେ ଆଘର୍ ର କଥା କେ ପୁତା
ଟାୟାର ଟ୍ୟୁବ୍ ମୋର୍ ନାଇ
ଅଙ୍ଗେନ୍ କଳା ଟିକେ ହେଲେ ଯାଇ ସି ମୁଇଁ ଧାଇଁ -------୧
ମୁଇଁ କହୁଛେ ଶଗଡ଼ ଚକା
କେଭେ ନାଇ ହୁଏ ବଅଁକା
ଜଦରି ଦେଇ ଥିବୁ ମୋର୍ କାନ ପାଖେ ଖିଲ୍
ମାଲିକ୍ କେ ମୁଇଁ କେଭେ ନାଇ ଦିଏ ଧୋକା
ଯିଏ ବି ମୋର୍ ଉପରେ ବସଲ୍
କେଭେ ନାଇ ନଏ ମୁଇଁ ଟଙ୍କା
ବିନା ପେଟ୍ରୋଲ ଥି ବୁଲେଇ ନେମି
ସୁନ୍ଦର୍ ଗଡ଼ ନୁ ପଥର ଚେପା
ମୁଇଁ ହେଉଛେ ଶଗଡ଼ ଚକା---------୨
ମୁଇଁ କହୁଛେ ଶଗଡ଼ ଚକା
ପୁତୁର୍ କହେଶି ଗ୍ଭଲ୍ ବୋ କକା
ଛାକେ ଛାକେ ହେଇ ଯାଉ ଆଝିର
ଛାଡ଼ି ଯିବା ଦିହି ମୁଡ଼ର ଦୁଃଖା
ଠିକ୍ କହୁଛୁ ମୋର୍ ପୁତୁର୍
କଲେ କଲେ ହେ ଚଖନା କେ ଲୁକା
ଆଲ୍ ମାଲ୍ ଯଦି ତୋର କାକ ବାଉରୀ ଦେଖି ପାଏ ବା
ମାରି ଦେବା ମତେ ଚଉକା ଛକା--------୩

ISSN NO.
2582-208X

ଦିନ ଥିଲା ମୋର୍ ଥିଲା ଡିମାଣ୍ଡ
ଇ ହାଦେ ଖୁଜ୍ ଲେ କାହିଁ ପାଏମି ଲୁକର୍ ଧିଆଁନ
ସମିଆଁ ମୋର୍ ସରି ଗଲା
ହେଲା ସବୁ ଦି ଏଣ୍ଡ
ସବୁ ଗୁଟେ ଗୁଟେ ସମିଆର୍ ଖେଲ୍
ଗ୍ଲୁଛେ ଜୀବନ ର ରେଲ୍
ଇଥିର ଲାଗି ମୂଇଁ କହେସି ଯୁଡ଼ିଥା ଭାବର ମେଲ୍ ----------୪
ମୁଇଁ କହୁଛେ ଶଗଡ଼ ଚକା
ଦେଖି ଗୃହିଁ ତୋର ପାହା କେ ପକା
ଯଦି ଆଏ ବୁ ଦେଖି ପାର୍ ବୁ
ଅ ଷାଢ଼ ମାସେ ଆଏ ବା ମଉକା
ବିଜେ ହେଇ କରି ମୋର୍ ରଥର ଉପରେ ଆସ ବେ ଦୁଇ ଭାଇ ସଙ୍ଗେ ସୁଭଦ୍ରା ଗେଲେହି ବହନ
ମୁଇଁ ହେଇ ଥିମି ରଙ୍ଗ ରଙ୍ଗିଆ ଫୁଲ୍ ଫୁଲ୍ ଥୀ ସଜେଇ
ମୋର୍ ମନ କେଭେ ନାଇ ନ ଉନା
ଯେତେ ହେଲେ ବି ମୁଇଁ ଜୁନ୍ ହା
କେହି ନାଇ ପଚ୍ ର୍ ଲେ ବି
ବରଷ କ ଥରେ
ଦୃତୀଆ ନୁ ଦଶ୍ ମୀ ଯାଏକ
ଏନ୍ତା ମୁଇଁ ବଡ଼ ଦାଣ୍ଡ ନେ ଗଡି ଗ୍ଲିଥିମୀ ମହାପୁରୁ ର ସେବା କରୁଥିମି
ମୋର୍ କପାଳେ ହେଇଛେ ଲେଖା
ମୁଇଁ କହୁଛେ ଶଗଡ଼ ଚକା
ମୁଇଁ କହୁଛେ ଶଗଡ଼ ଚକା ------୫

ବରଗଡ଼
ମୋବାଇଲ୍ ନମ୍ବର୍ ୯୮୭୧୭୭୭୧୯୭
mallikb70@gmail.com

ISSN NO.
2582-208X



# ମାଁ'କର୍ ଆଁଖି ପାଏନ୍



ସୁନୀଲ କୁମାର ଅଗସ୍ତି

ଆ' ଦେ ଆର୍ ଦିନା ଗୃରେ ପାଁଚେ କେ ମାଁ' ଆଏବେ ନ'ଯେ ଅନମୁନଷିଆ ବିଟାଲ୍ ଆର୍ କେଚକେଗ୍ଣୃ ଚଲନର୍ ମାନେ ଯେତେକେ ସାବାଡ୍ କରବାର୍ ଲ୍ଗତି ପାନେ ଦେବାର୍ ଲ୍ଗତି।ସେ ସମିଆଁ ନେ ମାଁ' ଗ୍ଖସ୍ ମାନକୁଁ ପୋଟୋ ପାଟୋ ମାରି କରି ସେମାନକୁଁ ସାବାଡ୍ କରୁଥିଲେ।ଗୁଟେ କଥା ହେଇପାରେ ଆଗର୍ ସମିଆଁ ନେ ଗ୍ଖସ୍ କମ୍ ଥିଲେ ଆର୍ ସେମାନକଁର୍ 'ଗ୍ଖସ୍' ପେହେଗ୍ନ୍ ଥିଲ୍ ବଲିକରି ଲ୍ୋକମାନେ ସେ ଅମକା ଗ୍ଖସ୍ କେ ସାବାଡ୍ କର  ଗୋ ମାଁ' ବଲିକରି ମାଁ'କର୍ ଠାନେ ଅରଦଲି ଅରୁଥିଲେ ଆର୍ ମାଁ' ଗଲେ ସେ ତୁରୁତ୍ ଗ୍ଖସ୍ କେ  ପାନ୍ ପକଉ ଥିଲେ।ଆର୍ ଗୁଟେ କଥା ସେ ସମିଆଁ ନେ ଗ୍ଖସ୍ ମାନକଁର୍ ଚଲନ୍ ଏନତା କସମର୍ ଥିଲ୍ ଯେ ଲ୍ୋକ୍ ମାନେ ନାଁଇଁରେ ବୁଆ ଇଟା ଗ୍ଖସ୍ ପଟେ ଆଏ ବଲିକରି ତରକ ସାରି କେରେଇ ହେଇ ରହୁଥିଲେ।ଇହାଛିନର୍ ସମିଆଁ ଅଲଗ୍ ଆଏ,ଫିରଭି ସେ ମାଁ' ଅଛନ୍ ଆର୍ କେନ୍ କସମେ ଗ୍ଖସ୍ ମାନକୁଁ ସାବାଡ୍ ନ' କରି ପାରବାର୍ ଯେ ହଦର୍ ଲ୍ଗି ଯାଏସି।ଅସଲ୍ କଥା ହେଲ୍ ଇହାଛିନ୍ କେନଟା ମୁନୁଷ୍ ଆର୍ କେନଟା ଗ୍ଖସ୍ ମାଁ' ଗଲେ ଚହ୍ନ ନ' ପାରବାର୍ କ' ଗମି ଗଲେ ନ' ପାରବାର୍।ମୁନୁଷ୍ ଏନତା କସମର୍ ନାଟ୍ କରୁଛେ ସତେ ନ' ଇଟା ଆଏ 'ଗ୍ମ୍ ମାହାପୁରୁ' ହେଲେ କେତେବେଲେ 'ଗ୍ବଣ୍' ହେଇକରି ସୀତାକୁଁ ଧରି ଫେଗ୍ର୍ ମାରବେ କହି ନ' ହୁଏ।ଏନତା ଥିଁ ମାଁ' ଗଲେ ଗୁନ୍ଦଲେଇ ହି' ଯାଉଛନ୍।

ଇହାଛିନ୍ ତ' ଟିପି ନୁ ଲେଞ୍ଜ୍ ଗ୍ଖସ୍ ଆର୍ ଗ୍ଖସ୍,କାହାକେ ବଲି ମାଁ' ନଘା କରି ପାରବେ ? ତବଭି ବଛର୍ ଗୁଲ୍ ଖେପେକ୍ ବଲିକରି ଯାଉଁ ହେଲେ ମରତ୍ ଦେଶୁ ଘାଏ

ISSN NO.
2582-208X

କନ୍ଦରି ଆଏମା ବଲବାରଟା ମାଁ'କର୍ ଲାଗତି ସାର୍ ଆଏ।ହେଲେ ମରତ୍ ଦେଶ୍ କେ ଯିବାର୍ ଲାଗତି ମାଁ'କୁ ଭୋଲେନାଥଙ୍କର୍ ପାରମିସନ୍ ଦରକାର୍,ବାବା ଭୋଲେନାଥଙ୍କର୍ ପାରମିସନ୍ ବିନା ମରତ୍ ଦେଶ୍ କେ ଯିବାର୍ ଲାଇସେନ୍ସ କେହେନସି ଦେ' ଦେବତାକୁଁ ନ' ମିଲେ।କାଁ'ଯେ ବଏଲେ କ' ଆମର୍ ପୁରଥି ନେ ଏତେତୁଡେ ମୁନୁଷ୍ ଭେଷିଆ ରାଖସ୍ ଅଛନ୍ ଯେ ବାବା ଭୋଲେନାଥ୍ ଗଲେ ଆର୍ ଦେ' ଦେବତାକୁଁ ଆମର୍ ହାଲ୍ ଗାଲ୍ ବୁଝବାର୍ ଲାଗତି ମରତ୍ ଦେଶ୍ କେ ପଠାବାର୍ ରିସ୍କ୍ ନେବାର୍ ଲାଗତି ନ' ଚାଁହେବାର୍ ନ'।ଫିରଭି ମାଁ' ଦଶରା ଦଶମୀର୍ ଅଗଲା ପିଛଲା ଦିନା ଗାରେ ପାଁଚେର୍ ଲାଗତି ବାବା ଭୋଲେନାଥଙ୍କର୍ ଠାନୁ ପାରମିସନ୍ ଆର୍ ଲାଇସେନ୍ସ ପାଏଲେ।ପାରମିସନ୍ ଦେଲାବେଲେ ବାବା ଇ' ମରତ୍ ଦେଶର୍ ମୁନୁଷ୍ ଭେଷିଆ ରାଖସ୍ ମାନଙ୍କର୍ ସଙ୍ଗେ କେହେନସି କସମର୍ ଝମେଲା ଥିଁ ନ' ପଡବାର୍ ଲାଗତି ତାଗିଦ୍ କରିଥିଲେ ମାଁ'କୁଁ।ଇ'ଫାଲେ ମରତ୍ ଦେଶର୍ ହାଲ୍ ରକମ୍ କେ ଗମିକରି ସରଗର୍ କେତନକେତେ ଦେ'ଦେବତା ମାଁ'କୁଁ ଇ'ବଛର୍ ମରତ୍ ଦେଶ୍ କେ ନ' ଯିବାର୍ ଲାଗତି ଗୁହେର୍ କଲେ।ହେଲେ ମାଁ'କର୍ ଗୁଟେ ଜିଦ୍ ମୁଁଇଁ ଯିମି ଏକା ଯିମି,ମୋର୍ ଅସଲ୍ ଭକତ୍ ମାନଙ୍କର୍ ଭଲ୍ ମନ୍ଦ ବୁଝିକରି ଆଏମି।ଆର୍ ଫାଲେକେ କେତେ ଦେ'ଦେବତା ତାଁକର୍ ମନ୍ ବୁଝାବାର୍ ଲାଗତି କହୁଥିଲେ ଯେ 'ମାଁ' ଯିବେ ବଏଲେ ଯାଉନ୍ ନ'ଯେ,ହେନତା ଭି' ଭରଦର୍ ଦଶରା ସମିଆଁନେ ମୁନୁଷ୍ ଭେଷିଆ ରାଖସ୍ ମାନଙ୍କର୍ ଉତ୍ପାତ୍ ନ'ଥାଏ ଯହକ,କାଁ'ଯେ କ' ଇ' ଭେଁଡିଆ ମାନକୁଁ ଅନେ ପନେ ମିଲିଥିସି ଆର୍ ମିଲୁଥିସି ତ',ହେତିର୍ ଲାଗତି ଇ'କସମର୍ ଭେଷିଆ ମାନେ ଥାବେ ଥିସନ୍।

ଭରଦର୍ ଦଶରା, ଠିକ୍ ସମିଆଁନେ ମାଁ' ହାଜର୍ ହେଲେ।ଦଶରା ଦଶମୀର୍ ଅଗଲା ପିଛଲା ଦିନା ଗାରେ ପାଁଚେ ମାଁ' ମରତ୍ ଦେଶେ ରହେବେ,ତାଁକର୍ ନେ ସମିଆଁ ନା।ସେଥିର୍ ଲାଗି ଆଏଲା ଧାପ୍ କ' ମାଁ' ଗାରିକୁତି ଇଘା କରବାର୍ ଆରମ୍ କଲେ।ଦେଖଲେ ରାଖସ୍ ଚଲନର୍ ମୁନୁଷ୍ ଯେତେ ଥାବେ ଅଛନ୍,କଲ୍ କାଲ୍ ନ' ହେବାର୍ ମୁହୁଁ ଦଗ୍ ଦଗୁଛେ।ଗାରିଫାଲେ ହଁସା ଖେଲା ଉସତ୍ ଆନନ୍ଦର୍ ମାହୋଲ୍।ମାଁ' ସବୁ ଜାନ ଜାନକରି ନ' ଜାନଲା ବାଗିର୍ ଘବରେଇ ଯାଉଥାଆନ୍ ଆର୍ ଉପର୍ ମନକେ ତାଁକର୍ ଦେବୀ ସାଙ୍ଗ୍ ମାନଙ୍କର୍ ଆଘେ ଘବରାଲା ବାଗିର୍ ଭାବ୍ ଫୁଟଉ ଥାଆନ୍।ହଁ ଇଟା ଭିଲ୍ ସତ୍ ଆଏ ଯେ ଦେବୀ ଯେତେ ଗଲେ ସବୁ ରାଏ ରକମ୍ ଦେଖି ମାଁ'କଁର୍ ଭାବର୍ ଅନଜନେନ୍ ଅସଲ୍ ଭକତ୍ ମାନଙ୍କର୍

ISSN NO.
2582-208X

ଭିତରେ ନଜକେ ହଜେଇ ଦି' ସାରିଥିଲେ ନ' ଆର୍ ମନେ ମନେ ମରତ୍ ଦେଶର୍ ମୁନୁଷପନ୍କେ ଠଅଁରେଇ ନଉଥିଲେ।

ଅଷ୍ଟମୀ ନବମୀ ଦଶମୀ ଦିନ୍,ପୂଜା ପାଠ୍ ବଢେ ଘାଏ ଭ୍ଵବର୍ ଭକତି ନେ ଗ୍ଲୁଲିଛେ।ମାଁ' ଗୁଟେ ଜିନଷ୍ ନଘା କଲେ,ହେନତା ତ' ମାଁ ହର୍ ବଛର୍ ନଘା କରସନ୍ ଆର୍ ତାଁକର୍ ଭକତ୍ ମାନକଁର୍ ସଙ୍ଗେ ଭଲ୍ ମନ୍ଦ ହେସନ୍।ହେଲେ ଇ'ବଛରର୍ ନଘାର୍ ଉଧେ ମାଁ' ନ' ପଚରେଇକରି ନ' ରହିପାରଲେ ତାଁକର୍ ଭକତ୍ ଗୁଟେକେ ନଜର୍ ମନର୍ ଭ୍ଵବ୍ କେ।ମାଁ' ପଚର୍ଲେ 'ହଏରେ ବାବୁ ମୋର୍ ଲ୍ଗତି ଏତେ ତୁଢେ ଟଁକା ପଏସା ଖରଚ୍ କରୁଛ ସତ୍ ଆଏ,ହେଲେ ଇ' ଟଁକା ପଏସା କେ'ନୁ ଆନୁଛ ?ତମର୍ ଘରୁନୁ ତ' ତମେମାନେ ଖରଚ୍ କଲ୍ ବାଗିର୍ ମତେ ନ'ଲ୍ଗବାର୍।ହଁ, ମୋର୍ ଅସଲ୍ ଭକତ୍ ମାନେ ଦାନ୍ ଦପା ଦଉଛନ୍ ଯେ,ହେଲେ ଏତେ ତୁଢେ ଟଁକା ପଏସା କାଁ'ଯେ ଉହାତି ଉହାତି ବରବାଦ୍ କରୁଛ ଯେ ମୁଁଇଁ ଗମି ନ'ପାରୁଛେଁ ବାବୁ।ଭକତ୍ ବଏଲେ ହଁ ଠିକ୍ ଆଏ ଯେ ମାଁ,ବନେ କଥାଟେ ଉଖରେଇଛନ୍, ହେଲେ ଇ' ରକମ୍ ଆମର୍ ଉତରେନ୍ ଆଏ ଗୋ କାହିଁ ଦିନୁ ଚଲି ଆସୁଛେ।ଇଟାକେ କେନ୍ ବଦଲେଇ ନ' ପାରନ୍।ହଁ ହଁ ଠିକ୍ ଅଛେ ବୁଝି ପାରିଲିଁ ବାବୁ,ତମର୍ ଉତରେନ୍ କେ ବନେ ତୁଢେ ଗମିଛ ଆଏ।ଫେର୍ ମାଁ' ପଚର୍ଲେ ହଏରେ ବାବୁ ର୍ଖସ୍ ପନର୍ ମୁନୁଷ୍ ମାନେ କେନତା ସାଧୁ ପାଲଟିଛନ୍,ସଭେଁ ସୁତରେ ବତରେ ଅଛନ୍।ମୁଁଇଁ ଫିରିଗଲ୍ ଉତାରୁଁ ଫେର୍ ଯେନଟା କେ ସେଟା କାଏଁ ବାଗିର୍ ଲ୍ଗୁଛେ।ବାବୁ ଗଲ୍ ବଛରର୍ ର୍ଖସ୍ କତେଟା ନ' ଦିଶବାର୍ କାହିଁ ଗଲେ ଯେ ?ଆର୍ ଗୁଟେ କଥା ମୋର୍ ଆଏବାର୍ ଉଧେ ଯେନ୍ ଗ୍ନନ୍ଦା ଭେଦା ଟଁକା ପଏସା କରୁଛ ହର୍ ବଛର୍ ଦେଖୁଛେଁ ଇ' ଭେଲିର୍ ମୁଖିଆ ଯେତେ ନ' ବଦଲିବାର୍ ନ',ତାଁକର୍ ଚେଲ୍ ଯେତେ ବଦଲି ଯାଉଛନ୍।ଚେଲ୍ ବଏଲେ ଯେନମାନେ ଘର୍ ଘର୍ ବୁଲି ବୁଲି ଆର୍ ଛକ୍ କେ ଛକ୍ ଠାଓ୍ ହିଁ କରି ଗ୍ନନ୍ଦାର୍ ନା' ଥିଁ ଟଁକା ପଏସା ମାଗସନ୍।ମୋର୍ ଆଏବାର୍ ସମିଆଁ ନେ ତମକୁ ମାନକୁଁ ତ', ମୁଁଇଁ ଏତକରିକର୍ ଲମ୍ ଉସାର୍ ହେବାର୍ ଲ୍ଗତି ନ' କହେଁରେ ବାବୁ, ଫିରଭି ତମେମାନେ ତମର୍ ସଉକର୍ ଲ୍ଗତି ଏତେ ଚକମକ୍ କବାର୍ କରସ ବାଗିର୍ ଲ୍ଗୁଛେ।ତବଭି ଦେଖୁଛୁ ତ ବାବୁ ତମର୍ ର୍ଏଜର୍ ର୍ଖସ୍ ମାନକୁଁ ମୁଁଇଁ ସାବାଡ ନ' କରି ପାରବାର୍। 'ମହିଁଷାସୁର' ଗୁଟେ ବଲି ସିନେ ତାକେ ପାନେ ଦେଇ ପାରଲିଁ।ଇହାଛିନ୍ ତ' ତମର୍ ମାନକଁର୍ ହର୍ ଏକ୍ ଘରେ ଭିନେ ଭିନେ କିସମର୍ ର୍ଖସ୍ ଅଛନ୍।ଇ'ଫାଲେ ବାବା

ISSN NO.
2582-208X

ଭୋଲେ ଇ'କସମର୍ ଅନମୁନଷିଆ ମାନଙ୍କୁଁ ସାବାଡ୍ କରବାର୍ ପାରମିସନ୍ ନ' ଦେଇ ମତେ।ଆର୍ ଗୁଟେ କଥା ବେଟା,ତମର୍ ରାଏଜେ ତ' ଲୋକର୍ ଦରବାର୍ ଗୂଲିଛେ,ଇଠାନେ ତମେମାନେ ସାଁକାର୍ ଅ'।ହେଲେ ମୁଁଇଁ ଆଏଲ୍ ଧାପ୍ ପହେଲ୍ ଦିନେ ଏକା ସୋର୍ ପାଏଲିଁ ଯେ ତମର୍ ରାଏଜ୍ କେ ସାହେବ୍ ମାନେ ଚଲଉଛନ୍ ପରେ,ଇଟା କେନ୍ କସମର୍ ଦରବାର୍ ବୋ ?ମୁସକଲ୍ ଆଏ।ସାହେବ ମାନଙ୍କୁଁ ତମେ କଭେନୁଁ ରାଏଜ୍ ଚଲ୍‌ବାର୍ ଭାର୍ ଦେଲ।ତମେମାନେ ସାହେବ୍ ମାନଙ୍କୁଁ ଭୋଟ୍ ଦେଇକରି ପଠେଇଛ ଭାଏଲ?ଇ'ଧାର୍ ଯଦରବି ବନେ ତୁଡେ ବୁହିବାର୍ ଆରମ୍ କଲ୍ ତମର୍ 'ଗଣତନ୍ତ୍ର'ର୍ ମରନ୍ ଆର୍ ଯହ ଦିନ୍ ନେଇ ନ' ହୁସିଆର୍ ମୋର୍ ପୁତେ।ହଏବୋ ତମେ ମାନେ ଇ' ବିନ୍ ମେହେନତର୍ ହର୍ ଏକ୍ ଦରବ୍ କେ କାଁ'ଯେ ଆଶ୍ କରୁଛ ?ଇଥିର୍ ଲ୍‌ଗତି ଦରବାର୍ ବାଲେ ତମକୁଁ ରୁଟି ଗୁଟା ଗୂରେ ଫିଙ୍କ ଦି'କରି ମାହାଲିଆ ନା' ଥିଁ ସମକୁଁ ବେଡା ବନେଇଛନ୍।ଇ' ମାହାଲିଆ ବେପାର୍ ତମର୍ ଗୁଲ୍ ରାଏଜ୍ କେ ବେମରିଆ କରି ସାଏ'ଲ୍ ନ'।

ଆର୍ ଗୁଟେ କଥା ମୋର୍ ଭକତ୍ ମାନକର୍ ନୁ ଶୁନଲିଁ,ତମର୍ ରାଏଜର୍ ରାଜଧାନୀ ନେ' ହରଦିନ୍ ଲ୍‌ଖ୍ ମାଡେ ତମେମାନେ ଭିଡ୍ ଜମଉଛ ପରେ ନଜର୍ ହକ୍ ଲ୍‌ଗତି।ହଏରେ ବେଡାମାନେ ଇ' ସବୁକେ ମୁଁଇଁ ଇହାଛିନ୍ ଠାନେକେ ନଦାନେ ଖେଟେଇ ପାରତିଁ,ହେଲେ ମତେ ବାବା ଭୋଲେନାଥ୍ ଇଥିର୍ ଲ୍‌ଗତି ପାରମିସନ୍ ନ' ଦେଇ।ଫିରଭି ତମକୁଁ ମାନଙ୍କୁଁ ତମର୍ ହକ୍ କେ ଖେଟବାର୍ ଆଇଡିଆ ଦେଇ ପାରମି।ମନ୍ ଦେଇକରି ଶୁନ ମୋର୍ ଭକତ୍ ଜନ୍।ଇ' ଦରବାର୍ ତମର୍ ଟା ଆଏ,ତମେ ବନେଇଛେ।ଇ'ଦରବାର୍ କେ ଉଖଡେଇ କରି ଫିଙ୍କବାର୍ ଟା ତମର୍ ହାତେ ଅଛେ,କାଏଁ ଯେ ଗୁଲଗୁଲ୍ ପସର୍ ଥିଁ ଘାଁଟି ହେଉଛ।ଘାଏ ଅଁଟା ଥିଁ ବଫୁ କରି ଦେଖ।ହଁ' ଇ' ଆଇଡିଆ ମୁଁଇଁ ତମକେ ଦେଲିଁ ବଲିକରି ସୁରେ ସୁରେ ବାବା ଭୋଲେନାଥ୍ କୁଁ ନ' କହି ଦେବ ନ'।ହୁସିଆର୍ ମୋର୍ ପୁତେ।ନ' ହେଲେ ଆଏବର୍ ବଛର୍ ତମର୍ ମରତ୍ ରାଏଜ୍ କେ ଆଏବାର୍ ପାରମିସନ୍ ମତେ ଆର୍ ନ' ମିଲେ ନ'।ଫେର୍ ମୁଁଇଁ ଦେଖୁଛେଁ ତମର୍ ରାଏଜର୍ ଦରବାର୍ ଗୁନୀ ଜ୍ଞାନୀ ମାନଙ୍କୁଁ କେରେଇ ଦଉଛେ,ଯେନ୍ ସତ୍ କେ ଭଟା କେ ଉଖରେଇ ଦେଲ୍ ତାର୍ ଠାନ୍ ଦରବାର୍ ଥିଁ ନ' ନା।ଦେଶ୍ ରାଏଜ୍ ଲ୍‌ଗତି ଯେନ୍ ହରମିସା ମୁଡ୍ ଘୁରଉଛେ ତାକେ ଅରକଲେ ପକଉଛେ ଦରବାର୍।ତମର୍ ଦରବାରୀ ପାଠ୍ ପଢାର୍ ମୋଲ୍ କେତେ ଯେ ଆମର୍ ସରଗ୍ ନେ ଗଲେ କଥା ପଡସି,ସରଗର୍ ସବୁ ଦେ'ଦେବତା ଇ' ଚର୍ଚ୍ଚା କରି ହଁସି ହଁସି ଖୂଲ୍ ଖୂଲେଇ

ISSN NO.
2582-208X

ଯାଏସନ୍ ।ହେଲେ ବାବାକଁର୍ ଡରହେ ତୁମ୍ ପରିଥିସନ୍ ।ବିନ୍ ପଏସେ ତମର୍ କେହେନସି ଦରବାରୀ କବାର୍ ନ' ନପଟିବାର୍,ଇଟା ଗଲେ ଆମେ ସରଗର୍ ସଭେଁ ଜାନଛୁଁ ।କେତେ କଥାକେ ନଘା କରି ପାରମି ଇ' ଦିନା ଦୁ' ଥିଁ, ଆ'ଦେ ତମର୍ ମରତ୍ ଗ୍ଏଜର୍ ହାଲ୍ ହିସାବ୍ ନଘେନ୍ ଥିଁ ଦଶମୀ ଆଏଲା ନ',ଫିରବାର୍ ଲାଗତି ବାବା ଭୋଲେନାଥ୍ ମେସେଜ୍ କଲେ ନ'।

ହେଲେ ଗୁଟେ କଥା, ଆର୍ ଛନକେ ତ' ମତେ ପାନ ପକାବାର୍ କବାର୍ ଆରମ୍ କରବ କାଏଁ ଯେ ।ସତ୍ କହେବାକେ ଗଲେ ମୁଁଇଁ ଇହାଛିନ୍ ଛୁଗ୍ଗୁ ପୁଆଲ୍ ଆଏ ।ମୋର୍ ମନ୍ ଡାକୁଛେ ତମର୍ ଗ୍ଏଜର୍ ହର୍ ଏକ୍ ମହିଷାସୁର କେ ପାନ୍ ପକେଇ ଦେତିଁ ।ଗୁଟେ ଭିତରିଆ କଥା କହି ଦଉଛେଁ,ବାବା ଭୋଲେନାଥ୍ ମହା ହୁସିଆର୍ ।ମୋର୍ ଅସଲି ରୂପ୍ କେ ମରତ୍ ଦେଶ୍ କେ ନ' ପଠେଇ ।ମୋର୍ ଅରଦଲି ଲାଗତି ମୋର୍ ଛଁଏଁଗ୍ କେ ପଠେଇଛନ୍ ମୋର୍ ପୁତେ ।ଇହାଛିନ୍ ମୋର୍ ଠାନେ ଅସଲ୍ ପାଓ୍ବର୍ ନ'ନ ।ମୁଁଇଁ କଛି ନ' କରି ପାରେଁ ।ହେଲେ ମୁଁଇଁ ତମକେ କଥା ଦେଲିଁ,ଆଏବାର୍ ବଛର୍ ଅବଗି 'ମାଁ ଦୁର୍ଗା' ମରତ୍ ଦେଶ୍ କେ ଆଏବେ ।ଏବର୍ ନୁ ହୁସିଆର୍ ଥ ।ମାଁ'କଁର୍ ଆଁଏଖ୍ ନୁ' ପାଏନ୍ ନଥରୀ ଆଉ ଥାଏ ।ଭକତ୍ ଜନ୍ କାବା ହି'କରି ତୁମ୍ ପରି ମାଁ'କଁର୍ କଥା ଶୁନୁ ଥାଆନ୍ ।ଘଁଟ୍ ଶଁଖ୍ ବଜାର୍ ଶବଦ୍ ଭିତରେ ମାଁ' କାହିଁ ଗଲେ ମାଁ କାହିଁ ଗଲେ ବଲି ଭକତ୍ ଜନ୍ ଯେତେ ରଡି ଛାଡଲେ ।ହେଲେ ମାଁ ତ ଇହାଛିନ୍ ଅବଗି ପୁଆଲ୍ ଆ'ନ୍ ।

ଟିଟିଲାଗଡ଼, ବଲାଙ୍ଗୀର
ମୋ/୭୭୩୫୮ ୭୬୬୪୯

ISSN NO.
2582-208X

# ଶିଶୁ ବିଭାଗ



ISSN NO.
2582-208X

# ଶର୍କରାର ବୃକ୍ଷ



ଡ଼ଃ ରଞ୍ଜିତ କୁମାର ସାହୁ

ତନ୍ମୟ ବସିକି କକାଙ୍କ ଫୋଟୋ ସବୁ ଦେଖୁଥିଲା । କକା ବହୁତ ଦୂରରେ ଥିବା ଦେଶ, କାନାଡ଼ା ବୁଲିବାକୁ ଯାଇଛନ୍ତି । ଯେଉଁ ଫୋଟୋ ଉପରେ ଆଖି ପଡିଲା ଖାଲି ବରଫ ଆଉ ବରଫ ! ଏତେ ବରଫରେ ଲୋକେ କେମିତି ରୁହନ୍ତି କେଜାଣି । କିନ୍ତୁ କିଛି କିଛି ସ୍ଥାନରେ ବରଫ ତରଳିବାରେ ଲାଗିଥିଲା । ପ୍ରଚଣ୍ଡ ଶୀତ ପରେ ବସନ୍ତ ଋତୁର ପଦାର୍ପଣ ଉଷ୍ମତାର ବାର୍ତ୍ତା ଆଣିଥିଲା । କିନ୍ତୁ ଉତ୍ତର ମେରୁର ଅତି ନିକଟରେ ଥିବାରୁ ଶୀତର ପ୍ରଭାବ ବହୁତ ଦିନ ଯାଏଁ ରହେ ବୋଲି କକା ଲେଖିଥାଆନ୍ତି ତାଙ୍କ ବାର୍ତ୍ତାରେ । ତନ୍ମୟ ଲାଗି କକା, କକା କମ ଆଉ ବନ୍ଧୁ ଅଧିକ, ତେଣୁ କେତେବେଳେ କେମିତି ସମୟ ପାଇଲେ ତନ୍ମୟ ତାଙ୍କ ସହିତ ଚାଟ୍ କରେ । କକା ଫୋଟୋ ସହିତ ବେଳେ ବେଳେ ଭିଡ଼ିଓ କଲ ମଧ୍ୟ କରନ୍ତି । ଏବେ ହୁଏତ ବ୍ୟସ୍ତ ଥିବେ ତେଣୁ କେବଳ କିଛି ଫୋଟୋ ପଠେଇ ଦେଇଛନ୍ତି ।

ଗୋଟିଏ ଫୋଟୋ ଦେଖିକି ତନ୍ମୟ ବିସ୍ମିତ ହୋଇଗଲା । କକା ଗୋଟିଏ ଗଛ ପାଖରେ ଠିଆ ହୋଇଥାଆନ୍ତି ଏବଂ ଗଛ ଗଣ୍ଡିରେ ବାଲ୍ଟି ଭଳି ଗୋଟିଏ ପାତ୍ର ଟଙ୍ଗା ହୋଇ ଥାଏ । ଆଉ ଟିକିଏ ନିରେଖି ଦେଖିଲା ବେଳକୁ ଆଖ ପାଖରେ ଥିବା ପ୍ରତି ଗଛରେ ସେହି ପରି ଆକୃତିର ପାତ୍ର ସବୁ ଟଙ୍ଗା ହୋଇ ଥାଏ । ସବୁ ଗୁଡିକ ଗଛ ଏକ ପ୍ରକାରର ଭଳି ମଧ୍ୟ ମନେ ହେଉଥିଲା । ତନ୍ମୟର ମନେ ପଡିଗଲା ଥରେ କେରଳ ରାଜ୍ୟରେ ଭ୍ରମଣ କଲା ବେଳେ ସିଏ ରବର ଗଛରେ ପାତ୍ର ବନ୍ଧା ହୋଇ ରବର ସଂଗ୍ରହ ହେବାର ଦେଖିଥିଲା । କିନ୍ତୁ ଏ ଗଛ ଗୁଡିକ ରବର ଗଛ ଭଳି ଦେଖା ଯାଉ ନଥିଲା । ଏହା ବ୍ୟତୀତ ରବର ଏକ ବିଷୁବୀୟ

ISSN NO.
2582-208X

ଅଞ୍ଚଳର ବୃକ୍ଷ । ନାତିଶୀତୋଷ୍ଣ ଅଞ୍ଚଳରେ ତାହା ଦେଖା ଯିବାର ସମ୍ଭାବନା ବହୁତ କମ । କିଛି ଭାବି ତନ୍ମୟ କକାଙ୍କୁ ମେସେଜ କରିଦେଲା, ସିଏ ରାତ୍ରି ଭୋଜନ ପରେ ତାଙ୍କ ସହିତ କଥା ହେବ ।



ଭାରତରେ ସିନା ସେତେବେଳ ରାତି ହୋଇଥିଲା କିନ୍ତୁ କାନାଡ଼ାରେ ସେତେବେଳକୁ ଦିନ, ପୁଣି ରବିବାର । ତେଣୁ କକା ନିଶ୍ଚୟ କିଛି ସମୟ କଥା ହେବା ଲାଗି ମଙ୍ଗିବେ । ଅଳ୍ପ ସମୟ ପରେ କକାଙ୍କର କଲ ଆସିଲା । ତନ୍ମୟ କକାଙ୍କୁ ସେହି ବୃକ୍ଷ ବିଷୟରେ ପଚାରିଲା।

କକା କହିଲେ, ସେହି ବୃକ୍ଷ ଗୁଡିକର ନାମ ମାପେଲ । ସେହି ଗଛର ଗଣ୍ଡିରୁ ଏକ ପ୍ରକାର ରସ ଉତ୍ପାଦନ ହୁଏ । ଶୀତ ଦିନରେ ଏହି ବୃକ୍ଷ ସବୁ ନିଜ ଗଣ୍ଡିରେ ମଣ୍ଡ ରୂପରେ ଶର୍କରା ସଞ୍ଚୟ କରନ୍ତି । ବସନ୍ତ ଋତୁର ଆରମ୍ଭ ସହିତ ବୃକ୍ଷରେ ନୂଆ ଫୁଲ ଆଉ ପତ୍ର ଆସିଥାଏ ଯେଉଁଥି ଲାଗି ସଞ୍ଚିତ ଶର୍କରା କୁ ବୃକ୍ଷ ତାହାର ଶାଖା ପ୍ରଶାଖା କୁ ପଠେଇବାରେ ଲାଗେ । ଏହି ସମୟରେ ଗଛର ଗଣ୍ଡିରେ ଛେଦ କରି ସେହି ଶର୍କରା ପୂର୍ଣ୍ଣ ତରଳ ପଦାର୍ଥ କୁ ସଂଗ୍ରହ କରାଯାଏ । ଗଛରୁ ନିର୍ଗତ ରସରେ ପ୍ରାୟ 2% ଶର୍କରା ଥାଏ । ତାହାକୁ ଅଧିକ ଘନ କରିବା

ISSN NO.
2582-208X

ଲାଗି, ସେଥରେ ଥିବା ଜଳୀୟ ଅଂଶକୁ ବିଭିନ୍ନ ଉପାୟରେ ନିଷ୍କାସନ କରାଯାଏ, ଯେଉଁଥିରୁ ତାହାକୁ ଉତ୍ତପ୍ତ କରି ଜଳୀୟ ଅଂଶ ହ୍ରାସ କରିବା ଏକ ବ୍ୟପାକ ପ୍ରଣାଳୀ I ଏହା ପରେ ଯେଉଁ ଗାଢ଼ ତରଳ ପଦାର୍ଥ ପ୍ରାପ୍ତ ହୁଏ ତାହାକୁ "ମାପେଲ ସିରପ" କୁହ ଯାଏ I ବିଭିନ୍ନ କିସମର ମାପେଲରୁ ଉଦ୍ଧୃହୀତ ସିରପର ରଙ୍ଗ ଏବଂ ସ୍ୱାଦରେ ପାର୍ଥକ୍ୟ ଥାଏ I କୃଷ୍ଣ ମାପେଲ, ଲୋହିତ ମାପେଲ ଏବଂ ଶର୍କରା ମାପେଲ ଲୋକପ୍ରିୟ କିସମ I କିଛି ସିରପର ରଙ୍ଗ ଗାଢ଼ ନାରଙ୍ଗୀ ଆଉ କିଛିର ରଙ୍ଗ ହାଲୁକା ସୁନେଲି ମଧ୍ୟ ହୋଇଥାଏ I ଏହାକୁ ମୁଖ୍ୟତଃ ମହୁ ବଦଳରେ ବ୍ୟବହାର କରାଯାଏ I କାନାଡ଼ାର 'କେବେକ' ପ୍ରାନ୍ତରେ ପ୍ରାୟ 70-90% ମପେଲ ସିରପ ଉତ୍ପାଦନ ହୁଏ I ଏହା ବ୍ୟତୀତ କାନାଡ଼ାର ଅନ୍ୟ ପ୍ରାନ୍ତରେ ଏବଂ ଯୁକ୍ତରାଷ୍ଟ୍ର ଆମେରିକାର କିଛି ଉତ୍ତରୀୟ ପ୍ରାନ୍ତରେ ଏହାର ଉତ୍ପାଦନ ହୁଏ I ସିରପ୍ ରେ ଶର୍କରା ବ୍ୟତୀତ ରାଇବଫ୍ଲାବିନ, ମାଙ୍ଗାନିଜ, କାଲସିଅମ ଏବଂ ଜିଙ୍କ ଭଳି ଧାତୁ ଥାଏ I ଏହା ବ୍ୟତୀତ ଅନେକ ପ୍ରକାର ଜୈବିକ ରସାୟନ ଥାଏ ଯାହା ଏହାର ରଙ୍ଗ ଏବଂ ସ୍ୱାଦ ନିର୍ଦ୍ଧାରଣ କରେ I ୟୁରୋପିୟଙ୍କ ଆମେରିକା ମହାଦେଶରେ ପଦାର୍ପଣ ପୂର୍ବରୁ ସେଠାରେ ରହୁ ଥିବା ସ୍ଥାନୀୟ ଲୋହିତ ଭାରତୀୟ ମାନେ ମାପେଲ ରସ ସଂଗ୍ରହ କରି ତାହାକୁ ଖାଦ୍ୟରେ ବ୍ୟବହାର କରୁଥିଲେ I ଏହା ସହିତ ସେମାନଙ୍କର ଅନେକ ପର୍ବ ପର୍ବାଣି ମଧ୍ୟ ଜଡିତ ଅଛି I




ଶର୍କରା ଉତ୍ପାଦନ ବ୍ୟତୀତ ଏହି ବୃକ୍ଷକୁ ସୌନ୍ଦର୍ଯ୍ୟକରଣ ପାଇଁ ମଧ୍ୟ ବ୍ୟବହାର କରାଯାଏ I ଏହି ବୃକ୍ଷ ଘଞ୍ଚ ହୋଇଥିବାରୁ ଖରା ଦିନେ ଛାଇ ପ୍ରଦାନ କରେ I ପତ୍ରଝଡ଼ାରେ

ISSN NO.
2582-208X

ଏହାର ପତ୍ର ହଳଦିଆ, ନାରଙ୍ଗୀ, ଗୋଲାପୀ, ଲାଲ, ଇତ୍ୟାଦିରେ ପରିଣତ ହୋଇ ମନୋରମ ପରିବେଶ ସୃଷ୍ଟି କରେ ।



କକା ବୃକ୍ଷ ବିଷୟରେ ଅନେକ କିଛି କହିଲେ ଯାହାକୁ ଶୁଣି ତନ୍ମୟ କହିଲା,"ମପେଲ ବୃକ୍ଷ ଏତେ ମହତ୍ୱପୂର୍ଣ ହୋଇଥିବାରୁ ବୋଧେ ଏହାର ପତ୍ରକୁ କାନାଡ଼ାର ଜାତୀୟ ଚିହ୍ନ ଭାବରେ ମଧ୍ୟ ରଖା ଯାଇଛି । ମୋ ପାଇଁ ନିଶ୍ଚୟ ସିରପ ନେଇକି ଆସିବେ କକା," ତନ୍ମୟ କହିଲା ।

"ହଁ ମୁଁ ସେଇଟା ଆଗରୁ ଆଣିକି ରଖି ସାରିଛି," କହି କକା ତନ୍ମୟକୁ ଗୋଟିଏ କାଚ ପାତ୍ରରେ ଥିବା ମାପେଲ ସିରପ ଦେଖେଇଲେ । ବୋତଲର ଆକାର ମଧ୍ୟ ମପେଲ ପତ୍ର ଭଳି ଥିଲା । ତନ୍ମୟ ଖୁସି ହୋଇ ଚାଟ ଅଫ କଲା ଏବଂ ନିଜର ପାଠ ପଢ଼ାରେ ଲାଗିଗଲା ।

ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ନୂଆ ଇଂରାଜୀ ବରଷ



ଦୀନବନ୍ଧୁ ପୋଇ

ଆସୁଅଛି ନୂଆ ଇଂରାଜୀ ବରଷ
ପାଳିବାରେ ହୋଇ ଖୁସି
ନୂଆକୁ ସ୍ୱାଗତ ବିଦାୟ ଦେବାତ
ପୁରୁଣାକୁ ହସି ହସି ।
କେତେ ସଫଳତା ଆଉ ବିଫଳତା
ସ୍ମରଣ କରିବା କିଛି
ବିଫଳତା ଆଉ ନ ହୋଇବା ପାଇଁ
ଦୁର୍ଗୁଣକୁ ଦେବା ବାଛି ।
ସୁଗୁଣକୁ ଧରି କରିବା କରମ
ନୂଆ ଚିନ୍ତାଧାରା ନେଇ
ସଫଳ ହୋଇବା ଆଗକୁ ବଢ଼ିବା
ଶାନ୍ତି ବାଟ ଯିବା ପାଇ ।
ଭାଇ ଭାଇ ମିଶି ହାତେ ହାତ କସି
କରିବା ସରବେ ଭୋଜି
ନାଚଗୀତ ଗାଇ ଆମେ ଭୋଜି ଖାଇ
ଆନନ୍ଦରେ ଯିବା ଭିଜି ।

ISSN NO.
2582-208X

ରାମ ନାମ ଭଜି ସବୁ ଯାଇ ମଜି
ମନାସିବା ଆନ ହିତ
ମଣିଷ ପଣିଆ ଦେଖିଲେ କାଳିଆ
ଆମଠି ହୋଇବେ ପ୍ରୀତ ।
ରାଗ ଈର୍ଷା ହିଂସା ଦେବାକୁ ଦୂରେଇ
କରିବାରେ ଏଇ ବ୍ରତ
ଦେଶ ଦୁନିଆରେ ଶାନ୍ତି ଆସିବରେ
ଏକଥା ଅଟଇ ସତ ।

କରମୂଳ, ମହିମାଗାଦି, ଢେଙ୍କାନାଳ
ଦୂରଭାଷ_୯୯୩୮୮୦୨୪୧୨

ISSN NO.
2582-208X

# ଟିକି ଝରଣା



ଅମରନାଥ ବାରିକ

ଟିକି ଝରଣାରେ  ଟିକି ଝରଣା
ଶବଦ ତୋହର କି ମନ ଜିଣା ।
ପରବ କନ୍ଦରୁ ତୋହର ଜାତ
କାନନ ରାଣୀର ତୁହି ପଣତ  ।

ତୋ' ପାଇଁ ସୁନ୍ଦର ଏଇ ମରତ
ତୋ' ଶୀତଳ ଜଳ ମଧୁ ଅମୃତ ।
କାହିଁ କେତେ ଦୂର ତୁ ବୋହିଯାଉ
କେତେ ଜୀବଙ୍କର ତୃଷ୍ଣା ମେଣ୍ଟାଉ।

ଏହି ସକାଶରେ ତୋ'ର ଜନମ
ତୋ ପାଖରେ ନାହିଁ ଜାତି ଧରମ ।
ସେ ଲାଗି ଝରଣା କୋଟି ସଲାମ
ତେଣୁ ତୁ ପ୍ରାଣୀଙ୍କ ପରମ ପ୍ରେମ ।

ବୃକ୍ଷ ଲତା ରାଜି ତୋର ପରଶେ
ଦିଶନ୍ତି ସବୁଜ ସୁନ୍ଦର ବେଶେ ।

ISSN NO.
2582-208X

ନଦ ନଦୀ ନାଳ ଦେହରେ ଯାଇ
ମିଶୁ ସ୍ୱଚ୍ଛ ଜଳ ସମ୍ପଦ ବହି ।

ବିଧାତା ବିଶିଷ୍ଟ ଗୁଣଟି ଦେଇ
ଗଢିଛିରେ ତୋତେ ସଭିଙ୍କ ପାଇଁ ।
ଟିକି ଜୀବନେ ତୋ ବଡ଼ ପରାଣ
ସେଥିପାଇଁ ତୁହି କେଡେ ମହାନ ।

ଝରଣା ମାଳିନୀ ଭାରତ ମାଆ
ନଦନଦୀ ଯହିଁ ସୁନା ପାନିଆ ।
ଯାହା ନାହିଁ ଆମ ଭାରତ ଦେଶେ
ମିଳିବ କି କାହିଁ ଦୂର ବିଦେଶେ !

କୟାଁ, ମଙ୍ଗଳପୁର, ଦଶରଥପୁର, ଯାଜପୁର
ଓଡ଼ିଶା, ପିନ୍ ନଂ - ୭୫୫୦୧୧
ଦୂରଭାଷ - ୯୫୪୦୩୦୮୦୯୫

ISSN NO.
2582-208X

# ଜହ୍ନ ଆମର ମାମୁଁ



କାର୍ତ୍ତୀକେଶ୍ୱର ନାୟକ

କୋଳରେ ବସାଇ ମା, କହିଥାନ୍ତି
ଆରେ ସୁନା ପୁଅ ସୋନୁ
ସରଗ ର ଚାନ୍ଦ, ହସେ ମନ୍ଦ ମନ୍ଦ
ସେ ପରା ଆମର ମାମୁଁ...

କାହିଁ କେତେ କାଳୁ, ମନେ ରଖିଥିଲୁ
ଜହ୍ନ, ଆମର ମାମୁଁ
ଚନ୍ଦ୍ର ଯାନ ନେଇ, ସେଠି ପହଂଚିଲୁ
ଭୁଲିବା ସେ କଥା ମନୁ...

ସମୟ ବିତିଛି, ମାଆ ବଦଳିଛି
ଚନ୍ଦ୍ର ଯାନର ନିର୍ଣ୍ଣୟ
ମାଟି ପଥର ର, ପରିବେଶ ତା'ର
ଦେଲା ନୂଆଁ ପରିଚୟ...

ବଦଳିଲା ସ୍ୱର, ବିଶ୍ୱ ଜନତା'ର
ଜହ୍ନ ରେ କରିବା ଘର
କିଏ ବା କହିବ, ହେବକି ଦୁର୍ଲଭ
ଜହ୍ନ ନୁହଁ ମାମୁ ମୋର ?....

ISSN NO.
2582-208X

ମୋ ଜନମ ଭୂମି, ବଢ଼ାଇଛି ହାତ
ହେବକି ଆମର ମିତ
ନିଜ ଘର ଭାବି, ଚନ୍ଦ୍ରଯାନେ ଯିବି
ଭେଟିବି ସହି ସଂଗାତ.....

ସମୟ ବଦଳେ, ଆମେ ବଦଳିବା
ମାମୁଁ ନୁହଁ ଆମ ଜହ୍ନ
ବିଚିତ୍ର ସନ୍ଧାନ, ଜହ୍ନ ରେ ବିଜ୍ଞାନ
ଆଗାମୀ ପିଢ଼ିର ସ୍ଥାନ.....

ବେହାଲ୍ ହେଲାଣି, ବଢ଼ି ଜନ ସଂଖ୍ୟା
ବଦଳୁଛି ଜଳବାୟୁ
ପୃଥିବୀ ଛାଡ଼ିକି, ଜହ୍ନରେ ରହିବା
ପ୍ରକୃତି ସୁଯୋଗ ଦେଉ..

ବଦଳୁ ମୋ ଦେଶ, ବିଶ୍ୱ ପରିବେଶ
ଚନ୍ଦ୍ରହେଉ ପ୍ରାଣିମୟ
ଚନ୍ଦ୍ର ଅଭିଯାନ, ନିଜ୍ଞାନ ର ଦାନ
ସଫଳ ହେଉ ସନ୍ଦେହ....

ଶ୍ରୀବିହାର, ବୌଦ୍ଧ

ISSN NO.
2582-208X

# ଏଣ୍ଡୁରି



ପ୍ରଭାତ ନଳିନୀ ସାହୁ

ନାଆଁଟି ମୋର ଏଣ୍ଡୁରି
ଦୁଇ ତିନୋଟି ପାଟିରେ ଦେଲେ
ପେଟଟି ଯାଏ ପୂରି
ନାଆଁଟି ମୋର ଏଣ୍ଡୁରି।

ବିରି ଚାଉଳରେ ଗଢ଼ା ଶରୀର
ମହକୁଥାଏ ହଳଦୀ ପତର
ବରଷକରେ ପ୍ରଥମାଷ୍ଟମୀରେ
ମନେପଡେ ମୁଁ ଭାରି।
ନାଆଁଟି,,,,,

ନଡିଆ, ଛେନା, ରାଶିର ପୁର
ପେଟରେ ମୋର ଯେତେ ଭର
ଖାଇବାପାଇଁ ସେତେ ସୁଆଦ
ଉଦର ଯାଏ ପୂରି।
ନାଆଁଟି ମୋ,,,,,

ISSN NO.
2582-208X

ଆଉ ସବୁ ପିଠା ନଙ୍ଗା ଫକୀର
ହଳଦୀ ପତର ପୋଷାକ ମୋର
ପରଶଂସା କରି ଲୋକେ କହନ୍ତି
ତନୁ ପାତଳୀ ଗୋରୀ।
ନାଆଁଟି ମୋ,,,,,

ଧୋବ ଫରଫର ରୂପ ମୋହର
ଆଉ କିଏ ମୋ' ପରି ମନୋହର
ଖାଇବା ପାଇଁକି ବାଇଆ ସରବେ
ମୁଁ କିମିଆଁ ଦିଏ କରି।
ନାଆଁଟି ମୋର ଏଣ୍ଡୁରି।

ଛେଣ୍ଡ,ରାଉରକେଲା

ISSN NO.
2582-208X

# ମୋ ବିଦ୍ୟାଳୟ



ବିକାଶ କୁମାର ହୋତା

ସଅଳ ଶେଯ ପ୍ରଭାତୁ ଛାଡ଼ି
ନିତ୍ୟକର୍ମ ମୋ ସାରେ
ବ୍ୟାୟାମ କରି ଆଳସ୍ୟ ତେଜି
ନିତି ପ୍ରାର୍ଥନା କରେ ।।(୧)
ମାଆ ପରଶେ ଖୁସିରେ ଯାହା
ଦିଏ ତାହା ମୁଁ ଖାଇ
ଆନନ୍ଦ ମନେ ବାହାରି ପଡ଼େ
ପାଠ ପଢ଼ିବା ପାଇଁ ।।(୨)
ଘରଠୁ ଜମା ଅଳପ ଦୂରେ
ଅଛି ମୋ ବିଦ୍ୟାଳୟ
କେଡ଼େ ସୁନ୍ଦର ପରିବେଶ ତା
ଅତ୍ୟନ୍ତ ଲୋଭନୀୟ ।।(୩)
ବଗିଚାରେ ତା ଜାତି ଜାତିକା
ସୁନ୍ଦର ଫୁଲ ଫୁଟି
ଶୋଭା ବଢ଼ାଏ ବିଦ୍ୟାଳୟ ର
ସୁଗନ୍ଧ ଆସେ ଛୁଟି ।।(୪)

ISSN NO.
2582-208X

ଗୁରୁଜୀ ଆମ କରନ୍ତି ସ୍ନେହ
ପଢ଼ାନ୍ତି କେତେ ପାଠ
ଆକଟ କରି ଅବାଟୁ ଆଣି
ଦେଖାନ୍ତି ନୂଆ ବାଟ ।।(୫)
ଆସେନି ରାଗ ଗୁରୁ ଙ୍କ ମନେ
କେବେ ଆମରି ପାଇଁ
ସରଳ ଭାବେ ସବୁ ବୁଝାନ୍ତି
ମନେ ହରଷ ନେଇ ।।(୬)
ଖେଳିବା ପାଇଁ ଅଛି ପଡ଼ିଆ
ସଭିଏଁ ଖେଳୁ ମିଶି
ବାଛ ବିଚାର ନ ଥାଏ ଆମ
ଭିତରେ ଥାଏ ଖୁସି ।।(୭)
କେତେ ଯେ ଗୁରୁ ଶିଷ୍ୟ ଗଲେଣି
ରହିଛି ବିଦ୍ୟାଳୟ
କେତେ କାଳରୁ ଏଇଠି ଅଛି
ଦେଇଣ ପରିଚୟ ।।(୮)
ବିଦ୍ୟାଳୟ ମୋ ପାଇଁ ଗରବ
ଗରବିତ ମୋ ଗାଆଁ
ପାଠ ପଢ଼ିବି ମଣିଷ ହେବି
ରଖିବି ତା'ର ନାଆଁ ।।

ଦକ୍ଷିଣକାଳୀ ରୋଡ଼
ବିଦ୍ୟାନଗର ଢେଙ୍କାନାଳ
ମୋ: ୭୦୦୮୯୨୮୭୯୮

ISSN NO.
2582-208X

# ଚନ୍ଦ୍ର



ଆଦବିକା ପଟ୍ଟନାୟକ




ଦିଲ୍ଲୀ ପବ୍ଲିକ ସ୍କୁଲ, ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ବିଦେଶ ଖବର

ସାଉଦି ଆରବର ରିୟାଦରେ ରହୁଥିବା ଓଡିଆ ମାନଙ୍କୁ ନେଇ ଗଢି ଉଠିଥିବା ଓଡିଶା ସାମାଜିକ ଓ ସାଂସ୍କୃତିକ ସଂଗଠନ ବା ରୋଜା ତାର ୧୫ତମ ବାର୍ଷିକ ଉତ୍ସବ ୧୭ ନଭେମ୍ବର ୨୦୨୩ ରେ ପାଳନ କରିଅଛି । ଉକ୍ତ ଦିନ ଉତ୍ସବ ମୁଖର ପରିବେଶ ମଧ୍ୟରେ ଓଡିଶା ଆହାରେ ଏକ କ୍ଷୁଦ୍ର ଓଡିଶାର ଭ୍ରମ ସୃଷ୍ଟି ହୋଇଥିଲା । ଉତ୍ସବର ମୁଖ୍ୟ ଅତିଥି ଭାବେ ଭାରତୀୟ ଦୂତାବାସର ମିସନ୍ ଉପମୁଖ୍ୟ ଶ୍ରୀ ଆବୁ ମାଥେନ୍ ଜର୍ଜ ଯୋଗ ଦେଇଥିଲେ । ଅନ୍ୟ ସମ୍ମାନିତ ଅତିଥି ମଧ୍ୟରେ ଥିଲେ ପ୍ରଥମ ସଚିବ ଶ୍ରୀମତୀ ମନୁସମୃତି, ଦ୍ୱିତୀୟ ସଚିବ ମୋଇନ ଅଖତର ଓ ସଚିବ ଶରତ କୁମାର ନାୟକ ତଥା ଆସମାକ୍ ଗୃପ୍ ର ଚେୟାରମେନ ଡଃ ଦେବ ମହାନ୍ତି, ସିକ୍ୟୁଅରଆଇଜ୍ ଗୃପ୍ ର ପ୍ରତିଷ୍ଠାତା ଶ୍ରୀ ସୀମନ୍ତ ପଟ୍ଟନାୟକ ଏବଂ ସୁନାମଧନ୍ୟ ଗାୟିକ କଣ୍ଠଶିଳ୍ପୀ ଅନିନ୍ଦିତା ଦାସ ।

ରୋଜାର ସଭାପତି ସରୋଜ କୁମାର ପାଣିଗ୍ରାହୀ ଓ ପରାମର୍ଶଦାତା ଦେବାଶିଷ ରାଉତ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲା । ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ କାର୍ଯ୍ୟକ୍ରମ ର ଶୁଭାରମ୍ଭ ହୋଇଥିଲା । ସଙ୍ଗଠନର ମାର୍ଗଦର୍ଶକ ଡଃ ଦେବ ମହାନ୍ତି ଓଡିଆ ଅସ୍ମିତା ଓ ଗୌରବଗାଥାର ବାର୍ତ୍ତା ଦେଇଥିଲେ । କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀ ଫଜଲ ହକ୍ ରୋଜା ର ବିଭିନ୍ନ ବିଭବ ଉପରେ ଆଲୋକପାତ କରିଥିଲେ । ଏହି ପରିପ୍ରେକ୍ଷୀରେ ଉପସ୍ଥିତ ଅତିଥିଙ୍କ ହସ୍ତରେ ବାର୍ଷିକ ସ୍ମରଣିକା ଉନ୍ମୋଚନ ମଧ୍ୟ ହୋଇଥିଲା ।

ଉତ୍ସବରେ ଓଡିଶୀ, ସମ୍ବଲପୁରୀ, ଆଧୁନିକ ନୃତ୍ୟ ଓ ଅନ୍ୟାନ୍ୟ ପ୍ରଦର୍ଶନରେ ଶିଶୁ, ଯୁବା, ପ୍ରୌଢ ସଭିଏଁ ଭାଗ ନେଇଥିଲେ, ଯାହାକୁ ଉପସ୍ଥିତ ପ୍ରାୟ ୫୦୦ ଦର୍ଶକ ମନଭରି ଉପଭୋଗ କରିଥିଲେ । ନୃତ୍ୟ ନିର୍ଦ୍ଦେଶନାର ଭାର ସୁଚାରୁ ରୂପେ ତୁଲାଇଥିଲେ ଡଃ ଚନ୍ଦନା ପଟ୍ଟନାୟକ, ଦୀପିକା ପାଣିଗ୍ରାହୀ, ଦୀପିକା ପାତ୍ର ଓ ପ୍ରାରମ୍ଭିକ ମଞ୍ଚ ସଂଚାଳନା ର ନିର୍ଦ୍ଦେଶନା ଦେଇଥିଲେ ମେହେବିସ ଗିଲାନି । ନିମନ୍ତ୍ରିତ ଥିବା ସାଉଦି ଆରବର ଅନ୍ୟ ଦୁଇ ପ୍ରମୁଖ ସହର ଜୁବେଲ ଓଡିଆ ସଂଗଠନ ଉତ୍କଳିକା ଓ ଦମାମର ଓଡିଆ ସଂଗଠନ

ISSN NO.
2582-208X

କଲିଙ୍ଗନ୍ ମଧ୍ୟ ବନ୍ଧୁତ୍ୱ ସ୍ୱରୂପ ମନମୁଗ୍ଧକର ନୃତ୍ୟ ପରିବେଷଣ କରିଥିଲେ । ଅତିଥି ଗାୟିକା ସୁନାମଧନ୍ୟ ଶ୍ରୀମତୀ ଅନିନ୍ଦିତା ଦାସଙ୍କ ସୁଲଳିତ ଅଙ୍ଗୀତ ଉପସ୍ଥିତ ଶ୍ରୋତାଙ୍କୁ ଅଭିଭୂତ କରିଥିଲା ।

ମୁଖ୍ୟ ଅତିଥି ଶ୍ରୀ ଜର୍ଜ ଉତ୍କଳୀୟ ପରମ୍ପରାକୁ ନେଇ ରୋଜା ର ଏହି ପ୍ରୟାସକୁ ଭୂୟସୀ ପ୍ରଶଂଆ କରିଥିଲେ । କାର୍ଯ୍ୟକ୍ରମକୁ ସଫଳ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଯୁବ ସଦସ୍ୟ - ଶ୍ରୀ ବିଶ୍ୱଜିତ ଜେନା, ଶ୍ରୀ ବିବେକ ସିଲା, ଶ୍ରୀ ଏହରବୋର୍ଦ୍ଦିନ, ଶ୍ରୀ ହାଡୁ ବନ୍ଧୁ ସାହୁ, ଶ୍ରୀ ଆବୁ ସନ୍ନା ସୋଫି, ଶ୍ରୀ ନୃସିଂହ ଜେନା ଓ ଶ୍ରୀ ଅରୁଣ ନାୟକ; ପୁସ୍ତକ ଉନ୍ମୋଚନ ବିଭାଗରେ - ଶ୍ରୀ ଫଜଲ ହକ, ଶ୍ରୀ ସାମସର ଅଲି, ଶ୍ରୀ ଅନଓ୍ୱର ତରଫଦାର, ଶ୍ରୀମତୀ ବିଲଇସ୍ ଅଲି ଓ ଶ୍ରୀ ତୀର୍ଥବ୍ରତ ପଣ୍ଡା; ସାଂସ୍କୃତିକ ବିଭାଗରେ - ଶ୍ରୀ ସିମାଞ୍ଚଳ ସାହୁ, ଶ୍ରୀ ସୁକାନ୍ତ ପାତ୍ର, ଶ୍ରୀ ମାନସ ସ୍ୱାଇଁ, ଶ୍ରୀ ଆଶିଷ ମହାପାତ୍ର, ଜନ ସମ୍ପର୍କରେ - ଶ୍ରୀ ସିଦ୍ଧାର୍ଥ ତ୍ରିପାଠୀ, ସର୍ବ ବ୍ୟବସ୍ଥା ମାର୍ଗ ଦର୍ଶନରେ ସହ ଯୁଗ୍ମ ଉପସଭାପତି - ଶ୍ରୀ ପ୍ରବୀର ଦାସ ଓ ଶ୍ରୀ ଅଜିମ ଖାନ୍ ଏବଂ ମଂଚ ପରିଚାଳନାରେ ଶ୍ରୀ ବିବେକ ସିଲ୍ଲା, ଶ୍ରୀମତୀ ପୁରନ ସିଲ୍ଲା, ଶ୍ରୀମତୀ ଭାବନା ଜୈନ(ରାଉତ), ଶ୍ରୀ ଶିବାଶିଷ, ଶ୍ରୀ ଜ୍ୟୋତିର୍ମୟ, କୁମାରୀ ଅପ୍ସାନା ଓ ଶିଶୁ ପ୍ରତିଭା - କୁନମୁନ ଓ ତାନଭିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା ।



ISSN NO.
2582-208X






ISSN NO.
2582-208X

# ମତାମତ/ସମୀକ୍ଷା

## ବେଦାନ୍ତୀ -
## ଡିସେମ୍ବର ସମୀକ୍ଷା



ଦେବଯାନୀ ସ୍ୱାଇଁ

"ବେଦାନ୍ତୀ"ର ପ୍ରଚ୍ଛଦ ପୃଷ୍ଠାଟି ସବୁବେଳେ ଆକର୍ଷଣୀୟ। ଏଥରକ ମଧ୍ୟ ନୀଳ ଲୋହିତ ହାୟାସିନ୍ଥର ଏକ ମନଲୋଭା ପ୍ରତିଛବି ନେଇ ପଦାର୍ପଣ କରିଛି ଆମ ପ୍ରିୟ "ବେଦାନ୍ତୀ"।

ସଂପାଦକୀୟ ପୃଷ୍ଠାରେ ପ୍ରତିଷ୍ଠାତା "ଶ୍ରୀଯୁକ୍ତ ଅରବିନ୍ଦ ମିଶ୍ର", ନିଜର ମତ ପ୍ରକାଶ କରି କହିଛନ୍ତି- ଆଜିର ବ୍ୟସ୍ତବହୁଳ ଜୀବନରେ ଭାରାକ୍ରାନ୍ତ ହେଇପଡୁଥିବା ଆମର ମନକୁ ହାଲୁକା କରିବାକୁ ହେଲେ ଏକ ସକାରାତ୍ମକ ମନୋଭାବ ଏବଂ ଉନ୍ନତ ବିଚାରଧାରାର ପ୍ରୟୋଜନ। ଆଉ ଏହି ବିଚାରଧାରାକୁ ଆମ ଭାଷା, ସାହିତ୍ୟ ଓ ସଂସ୍କୃତି ନିୟନ୍ତ୍ରଣ କରିଥାଏ। ତେଣୁ ମନୁଷ୍ୟର ବୈଚାରିକ ସ୍ତରର ଉନ୍ନତି କରିବାକୁ ହେଲେ ଆମ ଶିକ୍ଷା, ସଂସ୍କୃତି ମୋଟାମୋଟି ଭାବେ ଶୈକ୍ଷଣିକ ସ୍ତରର ଉନ୍ନତି ଅତ୍ୟନ୍ତ ଜରୁରୀ।

ଭିତର ପୃଷ୍ଠାରେ ରହୁଥିବା "ବେଦାନ୍ତୀ"ର ନିୟମିତ ବିଭାଗ ବିଷୟରେ ଆପଣ ମାନେ ସମସ୍ତେ ଭଲ ଭାବରେ ପରିଚିତ ହେଇ ସାରିବେଣି। ତେଣୁ ବାରମ୍ବାର ଏହାକୁ ନ ଦୋହରାଇ ଆସନ୍ତୁ ପ୍ରଥମ ଆଲେଖ୍ୟଟିକୁ ପଢିବା।

ପ୍ରଥମ ଗଳ୍ପ, ଧାରାବାହିକ "ଡି. ଏଫ୍. ଓ. କ୍ୟାମ୍ପବେଲ୍ ବେ" ରେ, ପାଣ୍ଡାନାସ ବନର ପର୍ଣ କୁଟୀରରେ ସମୟ ଅତିବାହିତ କରୁଥିବା ବେଳେ ମ୍ୟାଡାମ୍ ଶୋଭନା ଖୁବ୍ ଭାବୁକ ହୋଇ

ISSN NO.
2582-208X

ଉଠିଛନ୍ତି ସୂର୍ଯ୍ୟାସ୍ତ ସମୟର ଲହଡି ଭଙ୍ଗା ସମୁଦ୍ର କୂଳର ମନୋହର ଦୃଶ୍ୟକୁ ଦେଖି। କୌଣସି କାମ, କୌଣସି ପେଶା ଛୋଟ ନୁହେଁ ଜାଣିକି ଭି ଆମେ ସବୁବେଳେ ଆମ ପିଲା ମାନଙ୍କୁ ଅନ୍ୟର ଉଦାହରଣ ଦେଇଥାଉ ଯେମିତିକି "ଲୋପାମୁଦ୍ରାର ଝିଅ"। "ସ୍ୱାତୀ"- ଏକ ନିଛକ ପ୍ରେମ କାହାଣୀ। ମୋର ପ୍ରିୟ ଧାରାବାହିକ ଗଳ୍ପ "ଉଠ୍ ପୁଟୁର୍"ରେ, ଧ୍ୟାନ ଓ ସାଧନ ବଳରେ ଅଭି ତାର ଚହଲି ଯାଇଥିବା କୋମଳ କିଶୋର ମନକୁ ଆୟତ୍ତ କରି ପାରିଛି।

ଶିକ୍ଷଣୀୟ ପ୍ରବନ୍ଧ- "ଜୀବନରେ କର୍ମର ମହତ୍ୱ"। "ମୁଁ କେମିତି ସ୍କଲାର୍ ହେଲି" ରେ ଲେଖକଙ୍କ ସଂଘର୍ଷମୟ କାହାଣୀ। "ଆଶା" ହିଁ ଜୀବନ ପଥକୁ ଅଗ୍ରସର କରାଇ ଥାଏ। "ଇମୋଜୀର ଲୁହ" ପରି ଦିଶୁଥିଲା, ଅନ୍ ଲାଇନ୍ ରେ ଟାଟା କାର୍ ଜିତିବାର ପ୍ରଲୋଭନରେ ଠକି ଯାଇଥିବା ଶକ୍ତି ଙ୍କର ମୁହଁ। କୁନି ପ୍ରତିଭା, ଚିତ୍ରର ଚିତ୍ରାଳୀ "ଦିବ୍ୟାଂଶୀ"କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା। ଧର୍ମ ପୂରାଣ ଆଧାରିତ, "ଶଙ୍ଖାସୁର ବଧ ଓ ବେଦ ଉଦ୍ଧାର" ଏବଂ "ଅଷ୍ଟଲକ୍ଷ୍ମୀ" ଓ "ଗଜ ଲକ୍ଷ୍ମୀ ପୂଜା"। ତଥ୍ୟ ସମ୍ବଳିତ, କବିବର ରାଧାନାଥ ରାୟଙ୍କ "ମହାଯାତ୍ରା : ଏକ ମହାନୁଶୀଳନ"। ଇତିହାସ ପୃଷ୍ଠାରେ "ଅନ୍ଧକାର ଅକ୍ଟୋପସ୍: ସେଲୁଲାର ଜେଲ୍" ଏବଂ "ମହାତ୍ମାଗାନ୍ଧୀ ଓ ସ୍ୱାଧୀନତା ସଂଗ୍ରାମ"। ଏମିତି ରହିଛି ଆହୁରି ଅନେକ କାହାଣୀ, ନାଟକ ଓ ଗଳ୍ପ।

କବିତାର ଗହଳିରେ ହଜି ଯିବା ପୂର୍ବରୁ ଚାଲନ୍ତୁ ନେବା ଟିକେ ପ୍ରଭୁଙ୍କ ନାମ। "ବ୍ରଜ ସୁନ୍ଦର ହେ ତୁମେ ଚିର ସୁନ୍ଦର"। ନୀଳମଣି ତୁମେ "ଜଗତର ମଣି", "କ୍ଷେତ୍ର ବର" ପୁଣି "ଭାବ ବିନୋଦିଆ ଠାକୁର"। "ତୋ ପାଦେ ଭରସି", ନିତ୍ୟ ଜପୁଥାଇ, "ଜୟ ଜୟ ଦେବ ହରେ"।

"ବାପା"- ଦିକ୍ ଦିକ୍ ଜଳି ଆଲୁଅ ଦେଉଥିବା ଦୀପଟିଏ, ସାହାସ ଓ ବିଶ୍ୱାସର ପ୍ରତୀକଟିଏ। "ବୋଉ"- ତୋ ପରି କେ ଅଛି ଏ ଜଗତେ ଆଉ !! "ମୋ ଦେଶ ମହାନ"-ଯିଏ ଜନମ ଦେଇଛି, ସୁବାସ ବୋଷ, ଶାସ୍ତ୍ରୀ, ନେହେରୁ ପରି ସନ୍ତାନ। "ହେ ବାପୁ... ଥରେ ଦେଖିଯାଅ ତୁମ ରାଇଜ"!! "ଆଜିକାଲିର ଏଇ ଦୁନିଆ"- ରାଜନୀତି ପାଇଁ ହେଲାଣି ବାୟା। "ସ୍ମୃତି ଏକ ଖିଆଲି ମନର"। "ଅବୁଝା ମନ"ର "ପ୍ରଶ୍ନ" ଥିଲା, ଚୁପ୍ ହେବା କଣ ସମର୍ପଣର ଭାଷା ନା ତୁମେ ଦେଇଥିବା ପ୍ରତାରଣାର ଉତ୍ତର!! "ପ୍ରେମ ଅଢେଇ ଅକ୍ଷର" ସିନା ତା' ଉପରେ ଧରା ତିଷ୍ଠିଛି, ତାକୁ ବାଦ ଦେଇ କେହି କଣ ସୁଖରେ ଜୀଇଁଛି !!

ISSN NO.
2582-208X

ଜନନୀ ଭଗିନୀ ତୁ "ନାରୀ", ଆଦିଶକ୍ତି ସ୍ୱରୁପିଣୀ "ଯାଃ ଦେବୀ ସର୍ବ ଭୂତେଷୁ..."। ଅଲୋଡା ନୁହେଁ, ବୋଝ ନୁହେଁ ଝିଅ, ଲକ୍ଷ୍ମୀ ଙ୍କ ଅବତାର ଭାବି ଝିଅକୁ ଆଦରି ନିଅ, "ବେଟୀ ବଚାଓ"।

"ମନ୍ଲୁ ଖୋଜୁଥିଲା ଯାହା"- ବଇଦ ବତେଇଲା ତାହା। "ରେଳ ଯାତରା, ଶିକ୍ଷା ପସରା", ଏସନ ବୁଲିବି "ବାଲିଯାତେରା..."। ଶରଦ ଯାଉଛି ମଉଳି, "ମା'ଙ୍କ ବିସର୍ଜନ"ରେ ଗୁମୁରି କାନ୍ଦଇ କାଶତଣ୍ଡୀ। "ଆସିଗଲା ଶୀତ ଋତୁ"- କୁହୁଡି କାକର ନେଇ, କେତେ ରକମର ପନିପରିବା ଆସିଲେଣି ସଜ ହେଇ। "ସମୟର କାଠଗଡା"ରେ- ବିପତ୍ତି ଆସେ ପଛିଲେ, ସତ୍ୟନ୍ୟାୟେ ଚାଲୁଥିଲେ ଅନ୍ୟାୟର ଫଳ କେବେ ନ ମିଳେ।

"ଦୀପାବଳି ଗଲାପରେ"- ଟିକେ ଆଦରରେ ଉଠାଅ ସେ କଳାଦୀପ, ଯିଏ ନିଜେ ଜଳି ରାତିସାରା କରିଛନ୍ତି ତୁମକୁ ଆଲୋକିତ। "ସମୟ ବଦଳି ଯିବ", ଚଲାପଥେ କେତେ ବୈଶାଖୀ ଉଠିବ ପୁଣି ଆପେ ଥମିଯିବ। ମଥା ଉଚ୍ଚା କରି ଚାଲିବା "ଶିଖ"। ଶିକ୍ଷାଦୀକ୍ଷା ଆଉ ନୈତିକତା ପରି କିଛି ଗୁଣ ଆପଣେଇ "ଅଭେଦ୍ୟ କବଚ"ରେ ନିଜ ସୁରକ୍ଷା କର। ଭିତରେ ବାହାରେ ଚାଲିଛି "ପରୀକ୍ଷା...", "ଗୀତ- ଗପ- ନାଚ"- ସହଜ ନୁହଁଇ, କହିଦେଲେ ହୁଏ ନାହିଁ,ସମୟ ସାଥିରେ ଅନୁଭବ ସହ, ସାଧନା ଲୋଡା ତା ପାଇଁ। ମନ ମୋହିନିଏ "ରୂପସୀ ନଈ", ଶାରଦୀୟ ପ୍ରକୃତିର "ରୋମାଞ୍ଚିତ ଆକର୍ଷଣ" ପୁଣି ଅଦଭୁତ ସେଇ ପ୍ରଶାନ୍ତ "ନୀଶାନ୍ତ"।

"କିଛି ଛାଡିଗଲ କି ପଛରେ?"- ସୁନ୍ଦର ଲେଖାଟିକୁ କିଏ ଲେଖିଛନ୍ତି ସତରେ, ବହୁ ଯାଗାରୁ ମୁଁ ପଢିଲିଣି ଏହା ଅଲଗା ଅଲଗା ନାମରେ !! ବନ୍ଧୁ, ଭୃତ୍ୟ ପରଖିବ "ବିପତ୍ତି ଠାରୁ"। ସେ ଅଟେ "ମଣିଷ"- ସଂସ୍କାର, ଆଚାର, ନମ୍ରତା ଯାହାର ଭୂଷଣ। ସ୍ୱର୍ଗପଥେ ରହି ପୁଣ୍ୟ ଆର୍ଯ୍ୟାବର୍ତ୍ତ "ଦିଅ ଏ ଆଶିଷ", ହେଉ ସତ୍ୟର ବିଜୟ, ଅଧର୍ମ ବିନାଶ। ଏଥରକ ଏତିକିରେ ରହୁ କବିତାର ପରଖ।

ସ୍ୱାସ୍ଥ୍ୟ ବିଭାଗରେ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା କରାଯାଇଛି, "ମାନସିକ ଅବସାଦରୁ ମୁକ୍ତି ପାଇଁ ପରିବାରର ଭୂମିକା"। ଏହା ସହିତ ରହିଛି "ବିଶ୍ୱ ମଧୁ ମେହ ଦିବସ" ଏବଂ "କାଶ, ଶ୍ୱାସ ରୋଗ ଓ ତାର ପ୍ରତିକାର"।

ISSN NO.
2582-208X

ଆମ ହାଣ୍ଡିଶାଳରେ, ଶୀତଦିନରେ ପ୍ରସମିତ ହେଉଥିବା ଥଣ୍ଡା କାଶକୁ ଆଖି ଆଗରେ ରଖି ପ୍ରସ୍ତୁତ କରାଯାଇଛି "ଅଦା ତୁଳସୀ କାଢା"। କାଢା ପିଉ ପିଉ ଶୁଣନ୍ତୁ ମସଲା ରାଜା ବୋଲାଉଥିବା "ତେଜପତ୍ର"ର ବେଦନା ଭରା କବିତା।

ଶିଶୁବିଭାଗରେ, ଆମର ପ୍ରଧାନ ଶିକ୍ଷକ ପିଲା ମାନଙ୍କୁ ଖୁବ୍ ସୁନ୍ଦର ଭାବରେ ଭୃଷୁଙ୍ଗ ପତ୍ରକୁ "ଖାଦ୍ୟରେ ଔଷଧ" କହି ଖୁଆଇବା ଶିଖାଇ ଦେଇଛନ୍ତି। ଏଥି ସହିତ ରହିଛି "ସଂଖ୍ୟା କ୍ରମରେ ଶିଖିବା", "ଜହ୍ନ ଆମର ମାମୁଁ", "ମାଉସୀ ଘରେ ଦୀପାଳି", ଭଳି ସୁନ୍ଦର କବିତା।

କୁନି ଆଦବିକା ତାର କୁନି ହାତରେ ଲଣ୍ଠନ ବଢାଇ ସମଗ୍ର ବିଶ୍ୱକୁ ଆଲୋକିତ କରିବାର "ଚିତ୍ର" ଅତ୍ୟନ୍ତ ହୃଦୟସ୍ପର୍ଶୀ।

ଶେଷରେ ପର୍ବପର୍ବାଣୀ ତାଲିକାରେ ରହିଛି ସବୁଠୁ ସ୍ୱାଦିଷ୍ଟ ପିଠା ବନୁଥିବାର ପର୍ବ ପ୍ରଥମାଷ୍ଟମୀ ଓ ଐଶ୍ୱର୍ଯ୍ୟମୟୀ ମା' ଲକ୍ଷ୍ମୀଙ୍କର ମାଣବସା ଗୁରୁବାର ଓଷା। କିମ୍ବଦନ୍ତୀ ଅଛି, ମାର୍ଗଶୀର ମାସ ଏହି ଗୁରୁବାର ଦିନ ମାନଙ୍କରେ ମା' ଲକ୍ଷ୍ମୀ ଘର ଘର ବୁଲିଥାନ୍ତି। ତେଣୁ ସବୁ ଓଡିଆଣୀ ମା' ଲକ୍ଷ୍ମୀ ଙ୍କୁ ସନ୍ତୁଷ୍ଟ କରିବା ଲାଗି, ପ୍ରାତଃକାଳରୁ ଉଠି ଘର ଦ୍ୱାର ଲିପା ପୋଛା କରି ଲକ୍ଷ୍ମୀଙ୍କ ପ୍ରିୟ ପଦ୍ମଫୁଲର ଚିତା ଆଙ୍କି ଘରକୁ ସଜାଇଥାନ୍ତି ଏବଂ ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ବ୍ୟଞ୍ଜନ ବନାଇ ପ୍ରସାଦ ବାଢିଥାନ୍ତି।

ମା' ଲକ୍ଷ୍ମୀ ଏମିତି ସବୁ ଘର ବୁଲି ସନ୍ତୁଷ୍ଟ ହୁଅନ୍ତୁ, ସୁଖ ସମୃଦ୍ଧିରେ ସବୁ ଘର ପୁରି ଉଠୁ। ଏଥିସହିତ ବଡଦିନ ପର୍ବର ଶୁଭେଚ୍ଛା ସମସ୍ତଙ୍କୁ।

ଜୟ 'ବେଦାନ୍ତୀ' , ଜୟ ପାଠକ ବୃନ୍ଦ।

ଗୋରେଗାଓଁ, ମୁମ୍ବାଇ

ISSN NO.
2582-208X

# ଜାନୁୟାରୀ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/୦୧/୨୦୨୪ | ଇଂରାଜୀ ନୂତନ ବର୍ଷ ସନ ୨୦୨୪ ମସିହା ଆରମ୍ଭ |
| ୦୪/୦୧/୨୦୨୪ | ପଠାଣି ସାମନ୍ତଙ୍କ ଜୟନ୍ତୀ |
| ୦୭/୦୧/୨୦୨୪ | ସଫଳା ଏକାଦଶୀ |
| ୧୧/୦୧/୨୦୨୪ | ବକୁଳ ଅମାବାସ୍ୟା |
| ୧୨/୦୧/୨୦୨୪ | ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ |
| ୧୪/୦୧/୨୦୨୪ | ନବାଙ୍କ ବେଢା, ଭୋଗି ଓ ମାସାନ୍ତ |
| ୧୫/୦୧/୨୦୨୪ | ଉତ୍ତରାୟନ ମକର ସଂକ୍ରାନ୍ତି, ପୋଙ୍ଗଲ |
| ୧୬/୦୧/୨୦୨୪ | ବରଗଡରେ ଧନୁଯାତ୍ରା |
| ୨୦/୦୧/୨୦୨୪ | ଶାମ୍ବ ଦଶମୀ ଓ ସୂର୍ଯ୍ୟଦେବଙ୍କ ପୂଜା |
| ୨୧/୦୧/୨୦୨୪ | ରବିନାରାୟଣ ବ୍ରତ, ସର୍ବସମ୍ମତ ପୁତ୍ରଦା ଏକାଦଶୀ |
| ୨୩/୦୧/୨୦୨୪ | ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ |
| ୨୫/୦୧/୨୦୨୪ | ଦେବାଭିଷେକ ପୂର୍ଣ୍ଣିମା, ପୌଷ ପୂର୍ଣ୍ଣିମା, ଗୁରୁ ପୂର୍ଣ୍ଣିମା |
| ୨୬/୦୧/୨୦୨୪ | ମାହ ବ୍ରତାରମ୍ଭଃ, ପୁଷ୍ୟାଭିଷେକ, ସାଧାରଣତନ୍ତ୍ର ଦିବସ |
| ୨୯/୦୧/୨୦୨୪ | ସଙ୍କଟ ଚତୁର୍ଥୀ ବ୍ରତ |
| ୩୦/୦୧/୨୦୨୪ | ମହାତ୍ମାଗାନ୍ଧୀଙ୍କ ତିରୋଧାନ ଦିବସ |

ISSN NO.
2582-208X

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା -vedantimagazine@gmail.com/ editor.vedantimagazine@gmail.com

## ଡିସେମ୍ବର ମାସର ବିଜେତାଙ୍କ ନାମ



ISSN NO.
2582-208X

ଆସ ବନାଇବା ରେ୍ସିପି
ଦେଶୀ ତରିକାରେ ଚୁଲ୍ହାରେ ବସାଇ
କାଠ ଜାଳ ନେଇ ତହିଁରେ ପକାଇ
ସଭିଏଁ ଖାଇବା ବସି
ଘରେ ଘରେ ଥିଲା ଚୁଲ୍ହାର ସଂପତ୍ତି
ଯାହା ଦେଉଥିଲା ଖାଦ୍ୟଦ୍ୱାରା ଆତ୍ମତୃପ୍ତି

ବିନୋଦ ସେଠୀ, ବାରିପଦା

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ। ପ୍ରଚ୍ଛଦପଟ୍ଟ ଚିତ୍ର ସମୟେ ସମୟେ ପାଠକପ୍ରେମୀଙ୍କ ଦ୍ୱାରା ପଠାଯାଇଥିବା ଚିତ୍ରକୁ ମଧ୍ୟ ବ୍ୟବହାର କରାଯାଇଥାଏ। ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ କରିଥିବା ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ। ଆମକୁ ସମ୍ପର୍କ କରିବାର ଠିକଣା ହେଲା -vedantimagazine@gmail.com

ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733/8828213733

**Website: www.vedantimagazine.com**

**Email ids:**

vedantimagazine@gmail.com /editor.vedantimagazine@gmail.com

ISSN NO.
2582-208X

## ବେଦାନ୍ତୀ ଇ-ପତ୍ରିକାକୁ ଲେଖା ପଠାଇବାକୁ ଚାହୁଁଥିବା ଓଡିଆପ୍ରେମୀଙ୍କ ପାଇଁ କିଛି ସନ୍ଦେଶ:

- ଲେଖାକୁ ଟାଇପ୍ କରି MS WORD ଫାଇଲରେ ଏବଂ ପି.ଡି.ଏଫ୍ ଫାଇଲରେ ପଠାନ୍ତୁ ।
- ଲେଖାକୁ ପ୍ରତି ମାସ ୫ ତାରିଖ ଭିତରେ ପଠାନ୍ତୁ ।
- ଏହି ପତ୍ରିକାରେ ଗଳ୍ପ ଏବଂ କବିତା ସମାନ ସଂଖ୍ୟାରେ ପ୍ରକାଶିତ କରାଯାଉଛି । ଯେହେତୁ ଅନେକ କବିତା ଆମପାଖକୁ ଆସୁଛି, ତେଣୁ ଏହାକୁ ପ୍ରକାଶ କରିବା ପାଇଁ କିଛି ସମୟ ଲାଗୁଛି । ଯଦି ଆପଣ ଲେଖା ପଠାଇଥିବା ମାସରେ ଏହା ନବାହାରିଲା, ତେବେ ଏହି ଲେଖା ଆସନ୍ତା ମାସରେ ପ୍ରକାଶ ପାଇବ ।
- ଚେଷ୍ଟା କରନ୍ତୁ ଲେଖାକୁ ଇ-ମେଲ୍ ଜରିଆରେ ପଠାନ୍ତୁ । ଆମ ଇ-ମେଲ୍ ହେଲା - Editor.vedantimagazine@gmail.com ଏବଂ vedantimagazine@gmail.com
- ମାସକୁ ଥରଟିଏ ହିଁ ଲେଖା ପଠାନ୍ତୁ ।ବାରମ୍ବାର ଅନେକ ଲେଖା ଇ-ମେଲ୍ ଜରିଆରେ ପଠାନ୍ତୁ ନାହିଁ ।
- ଲେଖା ସହିତ ଆପଣଙ୍କର ଠିକଣା ଏବଂ ଫଟୋ ମଧ୍ୟ ପଠାନ୍ତୁ ।
- ପ୍ରକାଶ କରିବା ପାଇଁ ଯେଉଁ ଲେଖା ପଠାଉଛନ୍ତୁ ତାହା ଆଉ କୌଣସି ଗ୍ରୁପରେ ପଠାନ୍ତୁନାହିଁ । ପ୍ରକାଶିତ ହେବା ପରେ ଏହାକୁ ପଠାଇପାରିବେ ।
- ବେଦାନ୍ତୀ ଇ-ପତ୍ରିକା ଏକ ସଂପୂର୍ଣ୍ଣ ମୁକ୍ତ ଏବଂ ପାରିବାରିକ ପତ୍ରିକା । ଏଥିପାଇଁ ଉପଯୁକ୍ତ ଲେଖା ହିଁ ପଠାନ୍ତୁ ।
- ପୁରୁଣା ସଂଖ୍ୟା ପଢିବା ପାଇଁwww.vedantimagazine.comକୁ ପଦାର୍ପଣ କରନ୍ତୁ ।

ISSN NO.
2582-208X

"ବେଦାନ୍ତୀ" ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛି ଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: vedantimagazine@gmail.com । ପ୍ରତ୍ୟେକ ମାସ ୫ ତାରିଖ ଭିତରେ ପ୍ରାପ୍ତ କରାଯାଇଥିବା ଲେଖାଗୁଡିକୁ ସେହି ମାସରେ ହିଁ ପ୍ରକାଶ କରାଯାଇଥାଏ । ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ (ସମସ୍ତ ସଂଖ୍ୟା) ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**